
ଫେବୃୟାରୀ ୨୦୨୩



**ISSN NO – 2582-208X**

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

# ସମ୍ପାଦକୀୟ



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ଓଡିଶା ର ନାମ ଆଜିକାଲି ସାରା ପୃଥିବୀରେ ହକି ଖେଳକୁ ପ୍ରୋତ୍ସାହିତ କରୁଥିବା ଏକ ପ୍ରଦେଶ ହିସାବରେ ପ୍ରସିଦ୍ଧ ହୋଇ ସାରିଲାଣି । ଆଗରୁ ଭଲ ଭଲ ଖେଳାଳୀ ଦେଉଥିବା ଆମ ଓଡିଶା ଏବେ ହକି ବିଶ୍ୱକପ୍ ର ପ୍ରୟୋଜକ ହିସାବରେ ଜଣାଶୁଣା ହେଲାଣି । ଏବେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍ ରେ ଚାଲିଛି ବିଶ୍ୱ କପ୍ ହକି ଆଉ ସେଇଥିପାଇଁ ଭୁବନେଶ୍ୱରର ରାସ୍ତାଘାଟକୁ ସଜାଇ ଦିଆଯାଇଛି । ଚାରିଆଡେ ଲାଇଟ୍, ପେଣ୍ଟିଙ୍ଗ୍ ଇତ୍ୟାଦି ଦେଖି ଭାରି ଖୁସିଲାଗୁଛି । ପୃଥିବୀର ଅନେକ ଦେଶର ଖେଳାଳି ମାନେ ଆଦରି ନେଇଛନ୍ତି ଓଡିଶାକୁ ବିଶ୍ୱ ମାନଚିତ୍ରରେ ହକି ପାଇଁ ଏକ ହବ୍ ହିସାବରେ । ଆଉ ଫେରିଲା ବେଳକୁ ସେମାନେ ନେଇଯିବେ ଅନେକ ଭଲ ସ୍ମୃତି  ଓଡିଶା ବିଷୟରେ ।

ଭାରତର ପ୍ରତିଟି ରାଜ୍ୟ ଖେଳପାଇଁ କିଛି ନା କିଛି ଅବଦାନ ଦେଇଥାଏ । ଯେପରିକି, ହରିୟାନାରୁ କୁସ୍ତି ଏବଂ ବକ୍ସର ଖେଳାଳି, ମଣିପୁରରୁ ଭାରତ୍ତୋଳଣ, ଦକ୍ଷିଣ ଭାରତରୁ ବ୍ୟାଡମିଣ୍ଟନ ଓ ସତରଞ୍ଜ, ରାଜସ୍ଥାନରୁ ପୋଲୋ, ମହାରାଷ୍ଟ୍ର ଓ

ISSN NO.
2582-208X

କର୍ଣ୍ଣାଟକ କ୍ରିକେଟ୍, ପଶ୍ଚିମ ବଙ୍ଗ ରୁ ଫୁଟବଲ୍ ପରି ପଞ୍ଜାବ ପରେ ଓଡିଶା ହକି ପାଇଁ ଏକ ହବ୍ ବନି ସାରିଲାଣି । ଅବଶ୍ୟ ଏଥିପାଇଁ ଆମ ରାଜ୍ୟର ସରକାରଙ୍କୁ ଧନ୍ୟବାଦ ଦେବାକଥା କାରଣ ସରକାରଙ୍କ ବିନା ଚେଷ୍ଟାରେ ଓ ବିନା ପ୍ରୋତ୍ସାହନ ରେ କୌଣସି ଖେଳ ଏପର୍ଯ୍ୟନ୍ତ ଆଗକୁ ଯାଇପାରି ନାହିଁ । ୧୯୧୮ ମସିହାରେ ସାହାରା ପରିବାରର ହକି ପ୍ରୟୋଜନ ରୁ ବିଦାୟ ନେଲାପରେ ଓଡିଶା ଏହା କରିବାକୁ ସଂକଳ୍ପବଦ୍ଧ ହୋଇଥିଲା ଏବଂ ହକି ଇଣ୍ଡିଆ ସାଙ୍ଗରେ ୧୫୦ କୋଟି ଟଙ୍କାରେ ଉଭୟ ଭାରତୀୟ ମହିଳା ଓ ପୁରୁଷ ହକି ଦଳକୁ ସ୍ପନସର୍ କରିବା ପାଇଁ ସ୍ଥିର କରିଥିଲା । ରାଉରକେଲା (ସୁନ୍ଦରଗଡ), ଯାହାକି ଭାରତୀୟ ହକିକୁ ଯୋଗାଇଦେଇଛି ଅନେକ ପ୍ରତିଭାବାନ ହକି ଖେଳାଳି, ଓଡିଶା ସରକାରଙ୍କ ଉଦ୍ୟମରେ ଏବେ ଉଦଘାଟନ ହୋଇସାରିଛି ବିର୍ସାମୁଣ୍ଡା ହକି ଷ୍ଟାଡିୟମ ଏବଂ ଏଥିରେ ୨୦୦୦୦ ଦର୍ଶକ ବସିବାର ବ୍ୟବସ୍ଥା ମଧ୍ୟ ରହିଛି । ସଂପ୍ରତି ଏହା ଗ୍ରୀନିସ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ସ୍ଥାନ ପାଇପାରିଛି ବିଶ୍ବର ସବୁଠାରୁ ବଡ ହକି ଷ୍ଟାର୍ଡିୟମ ହିସାବରେ, ଯାହାକି ଓଡିଶାକୁ ମଧ୍ୟ ଗୌରବାନ୍ୱିତ କରିଛି ।

ରାଜ୍ୟର ଏବଂ ରାଜ୍ୟବାସୀଙ୍କ ର ମିଳିତ ଉଦ୍ୟମ ଯୋଗୁଁ ନିଶ୍ଚୟ ଯେ ଆମ ଓଡିଶା କେବଳ ହକି ନୁହେଁ, ଅନ୍ୟ ଖେଳ କ୍ଷେତ୍ରରେ ଆଗକୁ ବଢିବ, ଏଥିରେ ସନ୍ଦେହ ନାହିଁ ।

ବନ୍ଦେ ଉତ୍କଳ ଜନନୀ ।

ଅରବିନ୍ଦ ମିଶ୍ର

ISSN NO.
2582-208X

# ଭିତର ପୃଷ୍ଠାରେ....


| | | |
|---|---|---|
| ଡି.ଏଫ.ଓ କ୍ୟାମ୍ପବେଲ ବେ | ଅଶୋକ ବିଶ୍ବାଳ | ୧୨ |
| ସମ୍ପୂର୍ଣ ରାମାୟଣ : ଏକ ବିହଂଗମ ଦୃଶ୍ୟ | ଇଂ. ସୁଶାନ୍ତ କଶୋର ବଳ | ୨୫ |
| ଭବତାରଣ | ଶାନ୍ତିଲତା ମିଶ୍ର | ୩୧ |
| ଈଶ୍ୱର ସବୁ ଦେଇ ପାର | ପୁଷ୍ପାଞ୍ଜଳି ପଣ୍ଡା | ୩୨ |
| ପଦେ କଥା | ଡକ୍ଟର ବିଜ୍ଞାନୀ ଦାସ | ୩୪ |
| ବାପା ବୋଉ ଦିହେଁ | ଶଶଧର ମହାପାତ୍ର | ୪୩ |
| ଅଦିନିଆ ବର୍ଷା | ଡଃ ମାଙ୍ଗଳିକା ମହାପାତ୍ର | ୪୬ |
| ଇସ୍ତାହାର | ଗୀତା ଷଡ଼ଙ୍ଗୀ | ୪୭ |
| ଗାଲୁଆଙ୍କ ଗୃହବାସ | ବଦ୍ରୀ ମହାନ୍ତି | ୪୯ |
| ପରିସ୍ଥିତିର ଦାସ | ଡ. ପ୍ରସନ୍ନ କୁମାର ବଳ | ୫୩ |
| ଜିଇଁବା କାଳରେ | ସଂଯୁକ୍ତା ସାହୁ | ୫୫ |
| ଜିଅନ୍ତା ଶବ | ଛବି ରାଣୀ ପତି | ୫୬ |
| ମଧ୍ୟବିତ୍ତ | ବିନୟ ମହାପାତ୍ର | ୫୮ |
| ବିମୁଦ୍ରୀ କରଣ : ଏକ ବିହଙ୍ଗାବଲୋକନ | ଅଳକା ରାୟ | ୬୧ |
| ଆମ ପରିବାର | ଦଣ୍ଡାସି ପ୍ରଧାନ | ୬୫ |
| ବିକଳ | ଡ. ଜ୍ଞାନେଶ୍ୱର ମିଶ୍ର | ୬୬ |
| ରାଧା ସ୍ୱାମୀ ଅନ୍ତର୍ଯ୍ୟାମୀ | ଜୟନ୍ତୀ ଦେବୀ | ୬୯ |
| ସମ୍ପର୍କ ଈଶ୍ୱରଙ୍କ ଦତ୍ତ | ଅମ୍ବିକା ସ୍ୱାଇଁ | ୭୦ |
| ଭିଜାମନ | ହରେରାମ ପଣ୍ଡା | ୭୩ |
| ଊର୍ମି ତୁମେ ମହୋଦଧିର ମହୁକା | ଝିଲିମିଲି ସାହୁ | ୭୫ |
| ମୋ ମାଟିର ବାସ୍ନା | ସ୍ୱର୍ଣ୍ଣପ୍ରଭା ଖଟୁଆ | ୭୭ |

ISSN NO.
2582-208X


| | | |
|---|---|---|
| ଉଠ୍ ପୁଟୁର୍ | ଆରତୀ ସାହୁ (ଆଶା) | ୭୯ |
| ଊର୍ଦ୍ଧ୍ୱମୁଖି ଚେତନାର ଉତ୍ସ | ଭାସ୍କର ଚନ୍ଦ୍ର ଖଣ୍ଡୁଆ | ୮୫ |
| ତ୍ରିରଙ୍ଗା ଉପର, ଗର୍ବ ଦେଶର | ପ୍ରଫେସର ଅନତା ପଣ୍ଡା | ୮୭ |
| ନୂଆବର୍ଷ | ସନାତନ ମହାକୁଡ଼ | ୮୯ |
| ଅତିଷ୍ଠ ବର୍ତ୍ତମାନ | ଶୁଭମ ଦାସ | ୯୦ |
| ବୟସର ଅପରାହ୍ନ ରେ | ଅଳକା ମହାନ୍ତ | ୯୧ |
| ତୁମେ ଗଲା ପରେ | ଡ଼ ପଲିମର ଦାଶ | ୯୫ |
| ବେଳ ଥାଉଁଥାଉଁ ହୁଅ ସାବଧାନ | ରଘୁନାଥ ତ୍ରିପାଠୀ | ୯୭ |
| ଜୀବନ  ପ୍ରତିଛବି | ଆଶୁତୋଷ ମେହେର | ୯୯ |
| ପାର୍ସିଙ୍କ ବିଶ୍ୱାସ ଓ ଜୀବନ ଦର୍ଶନ | ପ୍ରିୟବ୍ରତ ପାତ୍ର | ୧୦୦ |
| ଚିଠି | ସାଗରିକା ସାହୁ | ୧୦୪ |
| ପ୍ରେମ | ନିରୁପମା ପାଣି | ୧୦୫ |
| ସଜ ସକାଳେ ତୁମରି ମୁହଁ | ଦିବାକର ନାୟକ | ୧୦୮ |
| ଭଲ ପାଇବାରେ ମାନେ କ'ଣ | କୁଞ୍ଜ ବିହାରୀ ସାହୁ | ୧୧୦ |
| ଭକ୍ତ ପ୍ରହଲାଦ | ସୁବ୍ରତ କୁମାର ପ୍ରଧାନ | ୧୧୫ |
| ବୁଢା କୋଇଲିର କୁହୁ | ଶେଷଦେବ ପଣ୍ଡା | ୧୧୭ |
| ଭଲକାମ କରି ରଖିବି ନାମ | ବିନୋଦିନୀ ଦାଶ | ୧୧୮ |
| ଜୁଆନ | ପ୍ରଦୀପ କୁମାର ପଣ୍ଡା | ୧୨୧ |
| ଭଙ୍ଗା ହୃଦୟ | ବାଙ୍କାବିହାରୀ ମହାକୁର | ୧୨୫ |
| ପରିବାର | ରମେଶ ଚନ୍ଦ୍ର ବେହେରା | ୧୨୭ |
| ଭାତୃପ୍ରେମ | ବର୍ଷାରାଣୀ ମହାମଲ୍ଲିକ | ୧୨୯ |
| ମା' ତାରାତାରିଣୀ | ସୁଷମା ପରିଜା | ୧୩୧ |
| ମା ଙ୍କ ଚରଣେ | ନମିତା ଦାସ | ୧୩୭ |

ISSN NO.
2582-208X


| | | |
|---|---|---|
| ସିନ୍ଦୁର | ଏଲିନା ମହାନ୍ତ | ୧୩୮ |
| ସବୁଠାରୁ ବଡ଼ | ମାଳତୀ ଦେବୀ | ୧୩୯ |
| ଏକ ବ୍ରହ୍ମ | ଅଧ୍ୟାପିକା ରୋଜାଲିନ୍ ବାରିକ୍ | ୧୪୦ |
| ପ୍ରବନ୍ଧ - "ଅସହାୟ ତ୍ରିରଙ୍ଗା" | ରାଧାମୋହନ ପୂଜାହାରୀ | ୧୪୧ |
| ଅମାନିଆ ହେଲ୍ ଜଗା | ନନ୍ଦିନୀ ରାଉତ | ୧୪୩ |
| ତଅପୋଇ | ବାସନ୍ତୀ ଲତା ଜେନା | ୧୪୫ |
| ସାଇବର ଠକ, ସେ ପରା ଘାତକ | ଜୟ କୁମାର ମିଶ୍ର | ୧୪୮ |
| ଜଗନ୍ନାଥ ଦାସ ଙ୍କ ସାହିତ୍ୟ ରେ ଶ୍ରୀ ଜଗନ୍ନାଥ | ସ୍ୱାତୀ ସୁଚରିତା ପ୍ରିୟଦର୍ଶିନୀ | ୧୫୧ |
| ଆଜିର ଯୁବପିଢ଼ି ଓ ଭ୍ୟାଲେନଟାଇନ ଡେ | ଅମୃତ ନାରାୟଣ ଶତପଥୀ | ୧୫୫ |
| ଭକ୍ତକବି ମଧୁସୂଦନ ରାଓଙ୍କ ସ୍ମରଣେ | କୁଞ୍ଜବିହାରୀ ରାଉତ | ୧୫୭ |
| ଚଠି | ନରେନ୍ଦ୍ର ପ୍ରସାଦ ବେହେରା | ୧୫୯ |
| ସଂସ୍କୃତିର ସୁରକ୍ଷା ଦାୟିତ୍ୱ ଆମର | ଡକ୍ଟର ମନୋରଞ୍ଜନ ବିଷୋୟୀ | ୧୬୧ |
| ତବ ସ୍ୱାଗତେ | ତ୍ରିପତି ପ୍ରଧାନ | ୧୬୩ |
| ବେଦରେ ଗଣିତ | ଅକ୍ଷୟ ମହାନ୍ତ (ନିର୍ମାଲ୍ୟ) | ୧୬୬ |
| ନାରୀ ନୁହେଁ ସିଏ ନାରାୟଣୀ | ଝରଣା ବାରିକ | ୧୬୮ |
| ନାଟକ-ରାମ ରାବଣ ରାମାୟଣ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୭୦ |
| ଅମୋଘ ଅସ୍ତ୍ର | ଅଲେଖ ମେହେର | ୧୮୦ |
| ଅଚ୍ୟୁତ | ସତ୍ୟନାରାୟଣ ପ୍ରସାଦ ନାୟକ | ୧୮୨ |
| ଷଡ ଋତୁ ଷଡ଼ ଏକତା | ଅଧ୍ୟାପକ ଅବିନାଶ ବାରିକ୍ | ୧୮୪ |
| ବିଳାସର ହର୍ଷଧ୍ୱନୀ | ବିଜୟ କୁମାର ସାହୁ | ୧୮୫ |
| "ମୁଁ ବ୍ରାହ୍ମଣ : ଜେଏନୟୁ କାନ୍ଥର ଜବାବ" | ଅରୁଣ କୁମାର ତ୍ରିପାଠୀ | ୧୮୭ |
| କବିତା ମାଧୁରୀ | ବେଣୁଧର ସୂତାର | ୧୯୬ |
| ତୁମକୁ ମୁଁ ଖୋଜୁଛି | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୯୭ |

ISSN NO.
2582-208X


| | | |
|---|---|---|
| ତେବେ ଯାଇଁ ବୁଦ୍ଧ | ରାଜକିଶୋର ସ୍ୱାଇଁ | ୧୯୮ |
| ହଟହଟା ହେଲି ଶଶୁର ଘରେ | ଶିଶିର କୁମାର ପଣ୍ଡା | ୨୦୦ |
| ସବାରୀ ପାଲିଙ୍କି | ଅଧର ବିଶ୍ୱାଳ | ୨୦୧ |
| ନୂଆ ବର୍ଷ ତୁମ ପ୍ରତୀକ୍ଷା ରେ | ରୀତା ଅପରାଜିତା ମହାନ୍ତ | ୨୦୫ |
| ବିଶ୍ୱାସ | ଡ. ଅଭିମନ୍ୟୁ କାନୁନଗୋ | ୨୦୭ |
| ସୂର୍ଯ୍ୟ ଓ ମେଘ | ଡକ୍ଟର ଯୁଗଳ କିଶୋର ଷଡଙ୍ଗୀ | ୨୦୮ |
| ପିତା ମାତା | ଦ୍ରୌପଦୀ ମିଶ୍ର | ୨୧୦ |
| ପ୍ରୀତି ବରଷାର ଛିଟା | ଈଶ୍ୱରୀ ବେହେରା | ୨୧୧ |
| ମର୍ଣ୍ଣିଂୱାକ୍ | ପ୍ରଶାନ୍ତ କୁମାର ନାଥ | ୨୧୨ |
| ସଙ୍ଗାତ ଦେଖ ଶ୍ୟାମ ଘନଙ୍କୁ | ଅଳକା ବାରିକ୍ | ୨୧୫ |
| ପ୍ରକୃତ ବନ୍ଧୁ | ଅନନ୍ୟା ଅନଷା ଦେବତା | ୨୧୭ |
| ପ୍ରଜ୍ଞା ପୁରୁଷ | ଗୁପ୍ତେଶ୍ୱର ଗୁହ୍ | ୨୧୮ |
| ଆମ ଘରର ଡାକ୍ତର ବାବୁ | କୀର୍ତ୍ତି ଦେବୀ | ୨୨୦ |
| ରାମ ରାଘବ ରଘୁନନ୍ଦନ | ସୁହାସିନ ବାରିକ୍ | ୨୨୩ |
| ବଦଳି ଯାଇଛି ଗାଆଁର ଚିତ୍ର | ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ | ୨୨୪ |
| ଧନୁତୀର | ଦୀନବନ୍ଧୁ ବେଜ | ୨୨୫ |
| 'ବ୍ଲାକ ପର୍ଲ' ପେଲେ ଏକ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ | ଅସିତ ମହାନ୍ତ | ୨୨୭ |
| ଗାଁର ଡାକ | ଦୀପ୍ତିମୟୀ ସାହୁ | ୨୩୧ |
| ଧୋକା | କାଳପ୍ରସାଦ ମହାପାତ୍ର | ୨୩୩ |
| ଗାଆଁ ଧାନକଟା ଛବି | ପ୍ରଶାନ୍ତ କୁମାର ଦାଶ | ୨୩୫ |
| ଦୁର୍ନୀତିଗ୍ରସ୍ତ ଦେଶଦ୍ରୋହୀ | ଗଜାନନ ମିଶ୍ର | ୨୩୭ |

ISSN NO.
2582-208X




| | | |
|---|---|---|
| ଗୁରୁମହିମା | ମଞ୍ଜୁଲତା ନାୟକ | ୨୪୦ |
| ଭୋକ | ମହିମା ସାହୁ | ୨୪୧ |
| କୋଟି ଓଡ଼ିଆଙ୍କ ମଉଡ଼ ମଣି: ଶ୍ରୀଜଗନ୍ନାଥ | ବିକାଶ ନାୟକ | ୨୪୨ |
| ପ୍ରଳୟର ସମାଧି | ଅଜିତ ପାଢି | ୨୪୬ |
| ଜୀବ ଧର୍ମ | ମନୋରଞ୍ଜନ ସୁରୁଜାଲ | ୨୪୮ |
| ମୋବାଇଲ ମୋର ରୁଷିଛି | ଅପର୍ଣ୍ଣ ସେଠୀ | ୨୫୦ |
| ଗପ ହେଲେ ବି ସତ | ଅମରନାଥ ବାରିକ | ୨୫୩ |
| ଘର ଜୋଇଁଆର ଦୁଃଖ | ଜୟନ୍ତ କୁମାର ମଲ୍ଲିକ୍ | ୨୫୫ |
| ହେ କୃଷ୍ଣ | ଚୈତନ୍ୟ ବାଗ | ୨୫୬ |
| ଅଚହ୍ନା ବନ୍ଧନ(ଧାରାବାହିକ ) | ଜୟଲକ୍ଷ୍ମୀ ସେଠୀ | ୨୫୮ |
| ଅଗତି ଗତି ଦାୟକ କଳା ମୁଖ | ଦେବଜାନୀ ବାରିକ୍ | ୨୬୪ |
| ସୀତାଙ୍କ ରୋଦନ | କୁମରଲାଲ ରଣା | ୨୬୫ |
| ପ୍ରେମିକାର ଛାଇ | ପ୍ରଶାନ୍ତ ବ୍ରହ୍ମା | ୨୬୬ |
| ମାଟି ମମତା | ଦୁଷ୍ମନ୍ତ ବେହେରା | ୨୬୮ |
| ମଧ୍ୟବିତ | ସୂର୍ଯ୍ୟ ନାରାୟଣ ସାହୁ | ୨୭୧ |
| ଶେଲି ବୋଉଦି | ସଙ୍ଗୀତା ମହାନ୍ତ | ୨୭୫ |
| ଛଅଟି ଏକପଦୀ  କବିତା | ନରଞ୍ଜନ ସାହୁ | ୨୭୭ |
| ରାମ ରାଘବ ରଘୁନନ୍ଦନ | ସୁହାସିନୀ ବାରିକ୍ | ୨୭୯ |
| ଅପ୍ରିୟ ସତ୍ୟ | ଖଗେଶ୍ୱର ବାଗ | ୨୮୦ |
| କାହାଣୀ କହୁଛି ଚଲିକା ରାଣୀ | ଜନ୍ମଜୟ ନାୟକ | ୨୮୩ |
| ନୀଳ ଅଭିମାନ | ଦିନେଶ ଅଗ୍ରୱାଲ୍ | ୨୮୫ |
| ରାମନାମ ବସି ଭଜୁଥା | ସିଦ୍ଧେଶ୍ୱର ତ୍ରିପାଠୀ | ୨୮୬ |

ISSN NO.
2582-208X


| | | |
|---|---|---|
| ଦୁର୍ଲଭ ମାନବ ଜନ୍ମ | ଅଲେଖ ମେହେର | ୨୮୮ |
| ଜୀବିକା ଆଉ ଜୀବନ | ଶିବରାମ ଦଳେଇ | ୨୯୦ |
| ଶୁଭ ସକାଳ | ସ୍ମୃତି ରେଖା ନାୟକ | ୨୯୬ |
| ଚିଠି | ସୁହଂସ ଭୋଇ | ୨୯୮ |
| ହାରାକିରି ଦିଅ, ନେବୁ ବିଦାୟ | ଡୁଇଟ ଡେଭିଡ ଫୀଲପ | ୨୯୯ |
| ରାଜନୀତି ଗାଁ ର ସମ୍ପର୍କ ଭାଙ୍ଗୁଛି | ଅନନ୍ତ କୁମାର | ୩୦୦ |
| ସୁରେଇରୁ ସୁରା ସରିଯାଉ ପଛେ ସଞ୍ଜ ବୁଡ଼ି ହେଉ ରାତି | ତାରାପ୍ରସାଦ ଜେନା | ୩୦୨ |
| ସୋରିଷ ଫୁଲ | ରୋହିତ ସେଠୀ | ୩୦୪ |
| ବାପା | ଦୀପକ ନାୟକ | ୩୦୬ |
| ମଣ୍ଡେଇ ଆସିଲେ ମନେ ପଡନ୍ତି - ଡ: ଅରବିନ୍ଦ ପାଢୀ | ପ୍ରତାପ ଚନ୍ଦ୍ର ସାହୁ | ୩୦୮ |
| ନୂଆ ବରଷ ଆଇଲା | ପ୍ରକାଶ କୁମାର ଗୁନ୍ଦ | ୩୧୨ |
| ତୁମେ ଏତେ ଆପଣା | ନୀଳମଣି ଗୁନ୍ଦ | ୩୧୩ |
| ମୁଁ ନବବର୍ଷରେ ବଦଳିଛି | ନବକିଶୋର ଦୀପ | ୩୧୫ |
| ହକି ତାରକା : ଅମିତ୍ ରୋହିଦାସ୍ | ରାମ ଚନ୍ଦ୍ର ପ୍ରଧାନ | ୩୧୮ |
| ଜନନୀ, ତୁ ମୋର, ମୁଁ ହତଭାଗିନୀ | ମନୋରମା ମହାନ୍ତ | ୩୨୦ |
| ଆମ ଗାଁ | ମନୋଜ କୁମାର ଅଦା | ୩୨୧ |
| ତୁମେ କେଡ଼େ ମହାନ୍ | ବିଶ୍ୱଜିତ୍ ନାଥ | ୩୨୨ |
| ଅନୁତାପ | କ୍ଷାନ ମହାକୁର | ୩୨୪ |
| ଷ୍ଟାଟସ୍ | ରମେଶ ମେହେର | ୩୨୮ |
| ତୁମେ ଗଲା ପରେ ପରେ | ରଞ୍ଜନ କୁମାର ପ୍ରଧାନ | ୩୩୦ |
| ସେଦିନ ଜାଣିବ | ଆର୍ତ୍ତତ୍ରାଣ ଖୁର୍ଦିଆ | ୩୩୧ |
| କ୍ଷୁଦ୍ର ଆଲୋକର ଶିଖା | ବାଲ୍ମୀକ ନାୟକ | ୩୩୨ |

ISSN NO.
2582-208X


| | | |
|---|---|---|
| ମୁଁ ତୁମର ସାଥି | ଦୋଳନସ ରେହିଦାସ | ୩୩୪ |
| କବିତାର ଶେଷଧାଡି | ଏମ୍ ବିଜୟ କୁମାର | ୩୩୫ |
| ମାଆ ମୋର କେତେ ସୁନ୍ଦର | ଲକ୍ଷପତି ମଲ୍ଲିକ | ୩୩୬ |
| ଆସନ୍ନ ଜାଣିବା ଦୁଃଖ କାହିଁକି ଆସେ ବିଷୟରେ? | ନରେନ୍ଦ୍ର ପ୍ରସାଦ ବେହେରା | ୩୩୮ |
| ବିଚାର | ଆୟୁଷ ବଢ଼ାଇ | ୩୪୦ |
| ବିରହ ପ୍ରେମ | ଭବାନି ଶଙ୍କର ଦାଶ | ୩୪୨ |
| ବିଦାୟ ବରଷ (୨୦୨୨) | ବିଜୟ କୁମାର ନାଏକ | ୩୪୩ |
| ଅଳସୀ ମୋ ପ୍ରିୟା | ବିଶ୍ୱନାଥ ନାଏକ | ୩୪୪ |


## ସ୍ୱାସ୍ଥ୍ୟ ବିଭାଗ


| | | |
|---|---|---|
| ଶୀତଋତୁରେ ଚର୍ମ ରୋଗ ଓ ତାର ପ୍ରତିକାର | ଡାକ୍ତର ବସନ୍ତ କୁମାର ଷଡଙ୍ଗୀ | ୩୪୬ |
| କଲରାର ଉପକାରିତା | ଡାକ୍ତର ଅଭିମନ୍ୟୁ କାନୁନଗୋ | ୩୫୧ |


## ଆମ ହାଣ୍ଡିଶାଳ


| | | |
|---|---|---|
| ପାଳଙ୍ଗ ପକୁଡି | ଜୟନ୍ତୀ ଦେବୀ | ୩୫୪ |
| ଅମୃତଭଣ୍ଡା ଆଗ୍ରର | ଅଧ୍ୟାପିକା ରୋଜାଲିନ୍ ବାରିକ୍ | ୩୫୫ |
| ମସରୁମ୍ ପନୀର ପଲାଉ | ଅଳକା ବାରିକ୍ | ୩୫୬ |
| ସିମେଇ ପକୁଡି | ଲକ୍ଷ୍ମୀପ୍ରିୟା ବିଶ୍ୱାଳ (ପୂଜା) | ୩୫୮ |
| ଚିଲି ପନିର | ଦେବଯାନୀ ବାରିକ୍ | ୩୫୯ |

ISSN NO.
2582-208X


| ଆଞ୍ଚଳିକ | | |
|---|---|---|
| ନୂଆଁ ବରଷ୍ | ଶଶିକାନ୍ତ ମେହେର | ୩୬୧ |
| ଉପ୍'ରର୍ ଲୋକ୍ | ସୁନୀଲ କୁମାର ଅଗସ୍ତି | ୩୬୩ |
| କୋଶଲି/ସମଲପୁରୀ – ଲକ୍ଷ୍ମୀ ପୁରାନ୍ | ସତ୍ୟନାରାୟଣ ମିଶ୍ର | ୩୬୪ |
| ଶୀତ | ମାନସ ରଂଜନ ସାହୁ | ୩୭୬ |

| ଶିଶୁ ବିଭାଗ | | |
|---|---|---|
| ଭୂଇଁ ତଳର ଫଳ | ଡ଼ଃ ରଞ୍ଜିତ କୁମାର ସାହୁ | ୩୭୮ |
| ଗଛ ଲଗାଇବା ଆସ | ପ୍ରଜ୍ଞା ପରମିତା ଦାଶ | ୩୮୨ |
| କହିଲ ଦେଖି ? | ଦୀନବନ୍ଧୁ ପୋଇ | ୩୮୪ |
| ଗଛ ନୁହେଁ ପଛ | ଅମରନାଥ ବାରିକ | ୩୮୬ |
| ମାମୁଁ | ସତ୍ୟନାରାୟଣ ମିଶ୍ର | ୩୮୯ |
| ଚନ୍ଦ୍ର | ଆଦବିକା ପଟ୍ଟନାୟକ | ୩୯୧ |
| ସମୀକ୍ଷା /ମତାମତ | ଦେବଯାନୀ ସ୍ୱାଇଁ | ୩୯୨ |
| ଫେବୃୟାରୀ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୩୯୫ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୩୯୬ |


ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

ISSN NO.
2582-208X

ବେଦାନ୍ତି

# ଡି.ଏଫ.ଓ
# କ୍ୟାମ୍ପବେଲ ବେ



ଅଶୋକ ବିଶ୍ୱାଳ

## ୮-ଏକ ଚିତ୍ରିତ ମନୋହର କାଠଘର

କିନ୍ତୁ ଏକ ଜୀବନ୍ତ ତଥା ସୁନ୍ଦର ଦିଶୁଥିବା କୁକୁଡା ମାରିବା ପାଇଁ ଶୋଭନା କାହାକୁ କହିପାରିଲେ ନାହିଁ । ଏମିତି ଛୋଟ ନିରୀହ ପକ୍ଷୀକୁ କେମିତି ମାରିବେ, ସେ କଥା ମଧ୍ୟ ଅସୀମ ଭାବିପାରିଲେ ନାହିଁ । ଦୁହେଁ କାହାକୁ ମାରିବା ସପକ୍ଷରେ ନଥିଲେ । ତେଣୁ କୁକୁଡିଟି ନବ ଜୀବନ ପାଇଥିଲା । ତା'ପରେ ତା'ର ଘର ହୋଇଥିଲା ଆଉ ପରିବାର ବଢିଥିଲା । ସେମାନଙ୍କ ଘରେ ଅବଶ୍ୟ ଗଞ୍ଜା ନଥିଲା । କିନ୍ତୁ ମାଈ କୁକୁଡିର ପ୍ରେମରେ ଅନ୍ୟ କାହାର ଗଞ୍ଜା ଆକର୍ଷିତ ହୋଇଗଲା ଆଉ ବାଡ ନମାନି ସେମାନଙ୍କ ବାଡି ପଛପଟେ ବୁଲିବାକୁ ଲାଗିଲା । ଫଳରେ ମାଈ କୁକୁଡିଟି କିଛି ଦିନପରେ ଅଣ୍ଡା ଦେବାକୁ ଲାଗିଲା । ଯେଉଁଦିନ ଜୋକିମ କୁକୁଡି ଅଣ୍ଡା ଦେଇଥିବା କଥା କହିଥିଲା ସେଦିନ ଜାନକୀ ଆଉ ଶୋଭନା ଅଣ୍ଡା ଦେଖିବାକୁ ଦୌଡିଯାଇଥିଲେ । କୁକୁଡିର ଛୋଟ ଘରେ ଏକ ଧଳା ଅଣ୍ଡା ଆଉ କୁକୁଡିଟି ବାହାରେ ଗର୍ବର ସହ ବୁଲୁଛି । ତା'କୁ ଘରେ ବଳିଥିବା ଖାଇବା ଅଧିକ ପରିମାଣରେ ଦିଆଗଲା । ପରେ କୁକୁଡିଟି ଅଣ୍ଡା ପରେ ଅଣ୍ଡା ଦେବାକୁ ଲାଗିଲା ଆଉ ସେମାନଙ୍କର ୧୨ଟା ଅଣ୍ଡା ହୋଇଗଲା । ଏବେ ସମୟ ଥିଲା ଅଣ୍ଡା ଉଷୁମେଇବାର । କୁକୁଡିର ଅଣ୍ଡା ଦେବା ପର୍ବ ବନ୍ଦ ହୋଇଗଲା ଆଉ କିଛି ଖାଇଦେଇ କୁକୁଡିଟି ଅଣ୍ଡାକୁ ନିଜ ପକ୍ଷ ଭିତରେ ଘୋଡାଇ ନରମରେ ଅଣ୍ଡା ଉପରେ ବସି ରହୁଥିଲା । ବେଶି ସମୟ ଏହି ଅଣ୍ଡା ଉଷୁମେଇବା କାମ ଚାଲୁଥିଲା । ଦିନେ ସେ ଘରୁ ଏକ ପରେ ଏକ ହୋଇ ଅନେକ

ISSN NO.
2582-208X

କୁକୁଡା ଚଆଁ ବାହାରି ଆସିଲେ । ସେମାନଙ୍କ ଦେହରେ ପର ନଥିଲା ଆଉ ସେମାନେ ଢଳ ଢଳ ଗୁଲୁଥିଲେ । ମା' କୁକୁଡି ପଛରେ ଏକ ଧାଡି ଥିଲା ଚଆଁଙ୍କର । କୁକୁଡିଟି କେଉଁଠି କେଉଁଠି ନିଜ ଗୋଡରେ ମାଟି ଆଡେଇ ପକାଉଥିଲା, ତା' ଧାରୁଆ ନଖରେ ମାଟି ଖୋଳି ହୋଇଯାଉଥିଲା ଆଉ ତା' ଭିତରକୁ କୁକୁଡିଟି ଥଣ୍ଟ ମାରି ଛୁଆମାନଙ୍କୁ କିଛି ଇଙ୍ଗିତ କରୁଥିଲା ଓ ସେ ଭିତରୁ ଛୁଆମାନେ କିଛି ଖାଇବା ଖୋଜିନେଉଥିଲେ । ସେମାନଙ୍କ ବାଡି ପଟ ଚିଁ ଚିଁ ଆବାଜରେ ଭରିଯାଉଥିଲା । ଧିରେ ଧିରେ କୁକୁଡା ଛୁଆଙ୍କର ପର ଉଠିଲା, ସେମାନେ ବଡ ହେବାକୁ ଆରମ୍ଭ କଲେ । ଶୋଭନା ଏ ଛୁଆମାନଙ୍କୁ ଦେଖି ନିଜ ଭିତରେ ବଡ ଆତ୍ମସନ୍ତୋଷ ଅନୁଭବ କରୁଥିଲେ । ଏସବୁ ଛୋଟ ଛୋଟ କାମ କରି ଶୋଭନା ଖୁସି ଅନୁଭବ କରୁଥିଲେ ।

ଘରର ରୋଷେଇଆ ବାବୁରାଓ ବୟସରେ ଟୋକା । ଅସୀମ ପହଞ୍ଚିଲା ବେଳକୁ ସେ ବାହା ହୋଇନଥିଲା । ଆଗରୁ ବୋଟରେ ଖଲାସୀ ଥିଲା । ଖାଇବା ତିଆରି କରିବା ସେଇଠୁ ଶିଖିଛି । ଖାଇବା ତିଆରି ଷ୍ଟାଇଲ ହେଉଛି ଦକ୍ଷିଣ ଭାରତୀୟ । ବେଶ ରାଗୁଆ ଲଙ୍କାଦେଇ ଖାଇବା ତିଆରି କରେ । ଏମିତିଆ ରାଗ ଖାଇବା ବୋଧେ ତାମିଲ ଆଉ ତେଲୁଗୁ ଲୋକମାନେ ଭଲ ପାଆନ୍ତି । ଖାଇବାରେ ଖଟା ଟିକେ, ରାଗ ଟିକେ ହେବା ନିହାତି ଦରକାର । ବାବୁରାଓର ମାଛ ତରକାରୀ କିନ୍ତୁ ଅସୀମଙ୍କୁ ଭଲଲାଗେ । ଖଟା ଆଉ ରାଗ ଅଲଗା କଥା । କିନ୍ତୁ ସେ ଯେମିତି ଠିକ ଭାବରେ ଭାଜେ, ସେଇଥିରେ ରୋଷେଇ ଭଲଲାଗେ । ମାଛର ପ୍ରକୃତ ସ୍ୱାଦ ଜଣାପଡେ । ବେଶି ଭାଜିଦେଲେ ମାଛ କଡକଡିଆ ଲାଗେ ସିନା, କିନ୍ତୁ ପ୍ରକୃତ ସ୍ୱାଦ ଜଣାପଡେନା । ବେଳେବେଳେ ବାବୁରାଓ ସୁନ୍ଦରମର ସାହାଯ୍ୟ ନେଇ ନଡିଆରସ ମିଶା ମାଛ ତରକାରୀ କରେ । ଚିଙ୍ଗୁଡି ତରକାରୀ ବହୁତ ଭଲ ରାନ୍ଧେ । ବାବୁରାଓର ଏକ ଭଲଗୁଣ ଥିଲା । ଯେତେବେଳେ ଡାକ ପ୍ୟାଣ୍ଟ, ଶାର୍ଟ ପିନ୍ଧି ବାବୁରାଓ ଠିକ ସମୟରେ ହାଜର ହୋଇଯିବ ।

ଶୋଭନାଙ୍କର ରୋଷେଇ ଘରଟା ବେଶି ବଡ ନଥିଲା । ଆଗରୁ ରୋଷେଇ ହୋଇ କିଛି କଳା ପଡିଯାଇଥିଲା । ଏଠି କାଠରେ ରୋଷେଇ ହୁଏ । ଯେତେବେଳେ ଦେଖ ଚୁଲା ଉପରେ ଏକ ବଡ ଡସଲା ବସିଥିବ । ଶୁଖିଲା କାଠର ଅଭାବ ନାହିଁ । ସେ ଦିନମାନଙ୍କରେ କ୍ୟାମ୍ପବେଲ ବେରେ ଗ୍ୟାସ ଚୁଲା ନଥିଲା । ସମସ୍ତଙ୍କର କାଠ ଚୂଲା ।

ISSN NO.
2582-208X

ସେମାନଙ୍କ ଘରେ ସବୁବେଳେ ଚୂଲାରେ ନିଆଁ ଥାଏ । ରୋଷେଇ ସରିଗଲେ ବାବୁରାଓ ବଞ୍ଚିଥିବା ନିଆଁ ଉପରେ ପାଣି ତସଲାକୁ ରଖିଦିଏ । ପାଣି ଫୁଟେନା କିନ୍ତୁ ଉଷୁମ ରହେ । ସେମିତି ଗରମ ହୋଇ ହୋଇ ପାଣିରେ ବହଳିଆ ଧଳା ସର ପଡିଯାଉଥାଏ ଆଉ ତସଲାର ଧାରରେ ମୋଟା ଧଳା ପରସ୍ତ ବସିଯାଏ ।

ଶୋଭନାଙ୍କୁ ବେଳେବେଳେ ଖାଇବା ବନାଇବାକୁ ଇଚ୍ଛା ହୁଏ । କ୍ୟାମ୍ପବେଲ ବେ ରେ ଗ୍ୟାସ ରୋଷେଇ ନାହିଁ ଆଉ ତାଙ୍କୁ କାଠଚୂଲାରେ ରୋଷାଇ କରିବା ଆସେନା । ସେ ଗ୍ୟାସ ଚୂଲାରେ ରୋଷେଇ କିଛି କିଛି ଜାଣିଛନ୍ତି । ଆଞ୍ଚକୁ କମ ବେଶି ଗୋଟାଏ ନବ ବୁଲାରେ ହୋଇଯାଏ । କିନ୍ତୁ କାଠ ଚୂଲାରେ ଆଞ୍ଚ କମ ବେଶି କରିବା ସହଜ ନୁହେଁ । ଚୂଲାରେ ବେଶି ନିଆଁ କମ ନିଆଁ ହେବ । ତେଣୁ କେତେବେଳେ କାଠ ବେଶି ଦିଆଯିବ ବା କମ ଦିଆଯିବ କିମ୍ବା ପାଖରେ ଥିବା ସରୁଆ କାଠ ଛିଲକା ବା ପତ୍ର ଦେଇ ନିଆଁକୁ ବଢାଯିବ ସେଇଟା ସେ ସହଜରେ ଜାଣିପାରୁନଥିଲେ । ଏକ ଦକ୍ଷ ରୋଷେଇଆ ଏ କାମ ସହଜରେ କରିପାରେ, ଅନ୍ୟମାନେ ଟିକିଏ ଅସୁବିଧା ଅନୁଭବ କରିବେ । ଏ ଆଞ୍ଚ ବଢାଇବା କମାଇବା କାମ କରିବାରେ ବାବୁରାଓ ଶୋଭନାଙ୍କୁ ସାହାଯ୍ୟ କରୁଥିଲା । ଶୋଭନା ଧିରେ ଚୂଲାରେ ଆଞ୍ଚ ବଢାଇବା କମାଇବା କାମ ଆୟତ୍ତ କରିନେଲେ ।

ଶୋଭନା ଚୂଲା ରୋଷେଇ ସିନା ଜାଣିଗଲେ, କିନ୍ତୁ ରୋଷେଇ ଘରର ସବୁ କାମ ତାଙ୍କୁ ଠିକଭାବେ ଆସୁନଥିଲା । ଏ ଚୂଲା ଲଗାଇବାଟା ତାଙ୍କୁ ଅଦ୍ଭୁତ ଲାଗୁଥିଲା । ଏତେ ମୋଟ କାଠକୁ କେମିତି ଏକ ଦିଆସିଲ କାଠିରେ ଲଗାଯିବ, ସେଇଟା ଥିଲା ଏକ ବଡ ଚ୍ୟାଲେଞ୍ଜ । ଦିଆସିଲ କାଠି ବକଟେ, ଏଇ ନିମିଷକେ ନିଆଁ ଲିଭିଯିବ ଆଉ କାଠର ଏକ କୋଣ ଗରମ ତ ଛାଡ ଉଷୁମ ମଧ୍ୟ ହେବନି । ପ୍ରଥମେ ଶୋଭନା ଦିଆସିଲି କାଠି, କାଠ ଆଉ ଚୂଲାକୁ ଭଲଭାବେ ଅନାଉଥିଲେ । କାଠକୁ ଅବଶ୍ୟ କୁରାଢୀରେ ଫାଡି, ଠିକ ଭାବେ ଶୁଖାଇ ସାଇଜ କରି ରଖାଯାଇଥିଲା । କିନ୍ତୁ କାଠ ଜଳାଇବା କାମ ତାଙ୍କୁ ଜଟିଳ ଲାଗୁଥିଲା । ବାବୁରାଓ ଏ ଜଳାଇବା କାମଟା ଅନେକବାର ରିପ୍ଲେ କରିଥିଲା । ପ୍ରଥମେ ବାବୁରାଓ କିଛିଟା ବଡ କାଠ ଚୂଲା ଭିତରକୁ ପୁରାଇ ଦିଏ ଆଉ ତା' ଉପରେ ତଳେ ଛୋଟ ଛୋଟ କାଠର ଟୁକୁଡା ଆଉ କିଛି ଝାଉଁପତ୍ର ଦେଇଦିଏ । ପ୍ରାୟ କାଗଜ କଭର ମୋଟର ଏ କାଠ ଟୁକୁଡା ଗୁଡିକ ସହଜରେ ଜଳପାରେ । କିନ୍ତୁ ସେଇଟା ସବୁବେଳେ ସହଜ ହୁଏନି । ସେତେବେଳେ

ISSN NO.
2582-208X



ବାବୁର୍‌ଓ ପାଖରେ ଥିବା କଛି କରେ୍ସିନ ତେଲକୁ ଚୂଲ୍ ଭିତର କାଠ ଉପରେ ପକାଇଦିଏ ଆଉ ଦିଆସିଲିକୁ ଜଳାଇ କରେ୍ସିନରେ ଓଦାଥିବା କାଠ ଉପରକୁ ପକାଇ ଦିଏ । ଦୁକୁଦୁକୁ ନିଆଁ ଯାଗାରେ ସାର୍ ଚୂଲି ଭିତରେ କମଳା ରଙ୍ଗର ନିଆଁ ଭୁସ୍‌ଭୁସ୍ ହୋଇ କେଇ ମୁହୁର୍ତ୍ତ ଜଳେ । ସେ ଭିତରେ ତଳ କାଠ ଗରମ ହୋଇଯାଏ ଆଉ କାଠରେ ଆସ୍ତେ ନିଆଁ ଲ୍‌ଗିବା ଆରମ୍ଭ ହୋଇଯାଇଥାଏ । ତା'ପରେ ଛୋଟ ବଡ ଶୁଖିଲ୍ କାଠଦେଇ ଚୂଲ୍‌ରେ ନିଆଁ ଜଳାଇ ରଖିବାକୁ ହୁଏ । ବେଳେବେଳେ ବାବୁର୍‌ଓ ହାତରୁ ଅଧିକା କରେ୍ସନ ଢାଳ ହୋଇଯାଏ ଆଉ ସେଦିନ ଚୂଲ୍‌ରୁ ନିଆଁ ସତେ ଯେମିତି ଉପର ଆଜବେଷ୍ଟସ ଛାତ ଛୁଇଁଯାଏ । ତେଣୁ ଏମିତି ଚୂଲ୍ ଲଗାଇବାକୁ ଶୋଭନା ଟିକଏ ସଙ୍କୋଚ ରଖନ୍ତୁ । ତାଙ୍କ ହାତରୁ ବେଶି କମ କରେ୍ସିନ ପଡିଯିବ ବୋଲି ଡର ଥାଏ ।

ରେ୍ଷେଇ ସମ୍ବନ୍ଧୀୟ କାମରେ ବାବୁର୍‌ଓର ଦରକାର ସବୁବେଳେ ପଡୁଥାଏ । କାଠ ଚୁଲ୍‌ରେ ରେ୍ଷେଇର ସ୍ୱାଦ ଅଲଗା । ଲହ ଲହ ନିଆଁ କଡେଇକୁ ଘେରିଯାଏ । ନିଆଁ ବଡ ଦେଖାଗଲେ ମଧ୍ୟ ଏଥିରେ ଆଞ୍ଚ କମ । ସେଥିରେ ମଝିରେ ମଝିରେ ବାବୁର୍‌ଓ ନଡିଆ ପତ୍ର ବା ଝାଉଁ ପତ୍ରକୁ ଚୁଲିକୁ ଠେଲିଦିଏ । ନିଆଁ ଜୋରରେ ହୁତହୁତୁ ହୋଇ ଜଳଉଠେ । ତାଙ୍କ ହିସାବରେ ବାବୁର୍‌ଓ କଡେଇରେ କମ ବେଶି ତେଲ ମସଲ୍ ପକାଉଥିଲ୍ । ଏଠି ଭଲ ରେ୍ଷେଇର ଅର୍ଥ ହେଉଛି ବେଶ ତେଲ ମସଲ୍ ଦେଇ ରେ୍ଷେଇ କରିବା । ଶୋଭନା ତେଣୁ ନିଜ ହିସାବରେ କମ ତେଲ ମସଲ୍ ଦେଉଥିଲେ । ଏବେ ଧିରେ ଖାଇବା ଭଲ ହୋଇଆସିଲ୍ ।

ଶୋଭନାଙ୍କୁ ରେ୍ଷେଇ ଘର ବୁଲିଆସିଲେ ଖୁସି ଲ୍‌ଗେ । ଏକ କଳା ପଡିଯାଇଥିବା କୋଠରୀରେ ତାଙ୍କର ସଂମ୍ପୂର୍ଣ ଅଧିକାର । ଅସୀମ ଏ ଅଧିକାର ଉପରେ ନିଜର ଅଧିକାରକୁ ଜବରଦସ୍ତି ଥାପି ନଥାନ୍ତି । ସେ ଏ ରେ୍ଷେଇ ଘର ତାଙ୍କ ବାପଘର ରେ୍ଷେଇଘର ସହ ତୁଳନାରେ କରନ୍ତୁ । ଏଇ ଘରଟା ଛୋଟ । କିନ୍ତୁ ଘରଟା ତାଙ୍କୁ ବେଶି ନିଜର ନିଜର ଲ୍‌ଗେ । କାଠ ଚୂଲ୍‌ରେ ବହୁ ଅଧିକ ଧୂଆଁ ବାହାରେ । କଳା ଧୂଆଁ ଧିରେ ସବୁ ଜିନଷରେ କଳା ଆସ୍ତରଣ ବୁଲ୍‌ଇଦିଏ । ଶୋଭନା ରେ୍ଷେଇ ଘର ପରିଷ୍କାରର ବନ୍ଦୋବସ୍ତ ପ୍ରାୟ ନିୟମିତ କରନ୍ତୁ । ଝୁଲିପଡିଥିବା ଅଳନ୍ଧୁ, ଆଉ କଳା କଳା ପାଉଁଶର ଝାଡକୁ ଜାନକୀ ଆଉ ବାବୁର୍‌ଓ ଯତ୍ନରେ ଝାଡନ୍ତୁ । ତଥାପି ଯେତେ ଝାଡିଲେ ବି କଛି କଳା

ISSN NO.
2582-208X

ରହିଯାଏ । ବାସନ କୁସନ ମଧ୍ୟ ସାମାନ୍ୟ ତେଲିଆ ଆଉ କାଳଆ ହୋଇଯାଏ । ଗ୍ରେଷେଇ ପରେ ହାଣ୍ଡି କୁଣ୍ଡେଇ, ଡେକଚ ତଳେ ଚୁଲିର କଳା ମୋଟା ପରସ୍ତ ହୋଇ ବସିଯାଇଥାଏ । ଖାଲି ପାଣି ଢାଳଦେଲେ କଳା ଛାଡେନ । ତେଣୁ ବାହାରେ ନଡିଆ କତାରେ ବେଶ ଘଷାମଜା କରିବାକୁ ପଡେ । ଜାନକୀ ଆଉ ବାବୁରାଓ ବାସନକୁସନକୁ ପରିଷ୍କାର କରି ରଖନ୍ତୁ । ତଥାପି ପୁରୁଣା ବାସନରେ କଳା ବସିଥାଏ, ଯେତେ ମାଜିଲେ ମଧ୍ୟ ଛାଡେନାହିଁ । ଅପିସ ପିଅନ ସୁନ୍ଦରମ ବେଳେବେଳେ ଆସି ବାବୁରାଓକୁ ତାଗିଦ କରେ । ସୁନ୍ଦରମ ଅତି ପରିଷ୍କାର ପରିଚ୍ଛନ୍ନ ରହୁଥିବା ବୟସ୍କ ବ୍ୟକ୍ତି । ତାମିଲ ଲୋକ । ସେ ଅସୀମ ସକାଳୁ ଅଫିସ ଆସିବା ଆଗରୁ ସବୁ କିଛି ପରିଷ୍କାର ଭାବେ ପୋଛାଯାଇ ଠିକ ଜାଗାରେ ରଖିଦିଏ । ଅଫିସରେ ସେ ଏକ ଧୂପକାଠି ଲଗାଇଦେଇଥିବ ସତେ ଯେମିତି ଅଫିସ ଏକ କାର୍ଯ୍ୟାଳୟ ନୁହେଁ ଏକ ମନ୍ଦିର, ପୂଜାସ୍ଥଳ । ତା'ର ବ୍ୟବହାର ଅତି ଭଦ୍ର । କିଛି ମାଗିଲେ ଠିକ ସମୟରେ ମିଳିଯିବ । ପାଣି ଏକ ଗ୍ଲାସ ଠିକ ଭାବରେ ରଖାଯାଇଥିବ ସେ ସବୁ ଜିନିଷ ସଜାଇ ରଖିଥିବ । ତେଣୁ ଅଫିସ ଭଳି ଘର ମଧ୍ୟ ପରିଷ୍କାର ରହୁବୋଲି ସୁନ୍ଦରମ ଆଶା କରେ । ବାବୁରାଓ ସୁନ୍ଦରମର ତାଗିଦକୁ ମନରେ ନିଏନା । ନିଜ ହିସାବରେ ଯେତେ ସମ୍ଭବ ଠିକ ରଖେ ।

ସେମାନଙ୍କ କଲୋନୀର ଅଧିକାଂଶଙ୍କ ପାଇଁ ଓଭନ ଏକ ବିସ୍ମୟକାରୀ ଗ୍ୟାଜେଟ ଥିଲା ଆଉ ଓଭନରେ କେକ ତିଆରି କରିବା ଶୋଭନା ଆରମ୍ଭ କରିଥିଲେ । ଏଇଟା ନୂଆ । ଶୋଭନା ଅଣ୍ଡା, ମଇଦା ଇତ୍ୟାଦିକୁ ଫେଣ୍ଟି, ଠିକ ଭାବେ ଗରମ କରି ଅସୀମଙ୍କୁ ପ୍ରଥମ କେକ ଖାଇବାକୁ ଦେଇଥିଲେ । କେକର ବାହାର ଟିକେ କଳା ପଡିଯାଇଥିଲା, କିନ୍ତୁ ବେଶ ସ୍ୱାଦିଷ୍ଟ ଥିଲା । ଏଠି କ୍ୟାମ୍ପବେଲ ବେରେ ଶୋଭନାଙ୍କଠାରୁ ଏକ ନୂଆ ଜିନିଷ ଖାଇ ଅସୀମ ଖୁସି ହୋଇଯାଇଥିଲେ । ଶୋଭନାଙ୍କ ଗୁଣ ଥିଲା ସେ ହଜାରେ ଜିନିଷ ତିଆରି କରିବେ, ନିଜେ କମ ଖାଇବେ, ବାକି ଅନ୍ୟମାନଙ୍କୁ ଖୁଆଇବେ । ଏଠି ଶୋଭନା କିଛି ନୂଆ ଜିନିଷ ଅନ୍ୟ ଲୋକମାନଙ୍କୁ ଦେଖାଉଥିଲେ, କିଛି ନୂଆ କଥା ଅନ୍ୟମାନଙ୍କ ଠାରୁ ଶିଖୁଥିଲେ ।

କ୍ୟାମ୍ପବେଲ ବେରେ ରହି ଶୋଭନା ମାଛ ଆଚାର କଥା ଶୁଣିଲେ । ଏଇଟା ଏକ ନୂଆ କଥା। ତାଙ୍କ ଦେଶରେ ଆମ୍ବ, ଲେମ୍ବୁ ବା ଅତି ବେଶିରେ ଲଙ୍କାର ଆଚାର ହୁଏ । କିନ୍ତୁ ମାଛ ଆଚାର ତାଙ୍କ କାନ ନଶୁଣିବାର କଥା । ବୋଟମ୍ୟାନର ସ୍ତ୍ରୀ ବେଳେ ବେଳେ ଶୋଭନାଙ୍କ

ISSN NO.
2582-208X

ପାଖକୁ ବୁଲିଆସେ । ଫରେଷ୍ଟ ଡିପାର୍ଟମେଣ୍ଟରେ ଚାକିରୀ କରୁଥିବା ସବୁ ଲୋକଙ୍କର ପରିବାର ଶୋଭନାଙ୍କୁ ଅସୀମଙ୍କ ଅନୁପସ୍ଥିତିରେ ଦେଖା କରିବାକୁ ଆସନ୍ତି । ଏକେ ତ ଶୋଭନା ଏକ କଲେଜ ପଢୁଆ ସାନ ଝିଅ ପରି ଦେଖାଯାଆନ୍ତି ଆଉ ତାଙ୍କ ପାଖରେ ସାମାନ୍ୟ ଗର୍ବ ନଥାଏ । ସେଇଟା ସମସ୍ତଙ୍କୁ ଭଲଲାଗେ । କ୍ୟାମ୍ପବେଲ ବେରେ ସମସ୍ତେ ସାଧାରଣ ଘରର ମହିଳା । ଜୀବନରେ ଦୌଡିବାକୁ ଇଚ୍ଛା କାହାର ନଥାଏ । ଶୋଭନା ସମସ୍ତଙ୍କୁ ଉପଯୁକ୍ତ ସତ୍କାର କରନ୍ତି । ସେଇ କଥାବାର୍ତ୍ତାରୁ ସେ ମାଛ ଆଚାର ବିଷୟରେ ଶୁଣିଥିଲେ ।

“ମାଡାମ୍, ମାଛ ବଳ ପଡୁଛି । କିଛିଟା ଆଚାର କରନ୍ତୁ ।”- ସେ ତାଙ୍କୁ କହିଲେ ।

ସେଦିନ ଶୋଭନା ସେହି ମଧ୍ୟବୟସ୍କା ମହିଳାଙ୍କୁ ବଡ ବଡ ଆଖିରେ ଅନାଇଥିଲେ । ଘରେ ବହୁତ ଲୁଣି ମାଛ ଆସେ । କିଏ କିଏ ମଝିରେ ମାଛ ଦେଇଦିଅନ୍ତି । କ୍ୟାମ୍ପବେଲ ବେରେ ଘରେ ଘରେ ଉପହାର ହେଉଛି ମାଛ । ଶୋଭନା କିନ୍ତୁ ଏ ଲୁଣି ମାଛ ମୋଟେ ଖାଇ ପାରନ୍ତି ନାହିଁ । ତାଙ୍କୁ ଲୁଣିମାଛର ଗନ୍ଧ କେମିତି ଆଇଁଷିଣିଆ ଲାଗେ । ତାଙ୍କ ବାପଘରେ ସେ ମୋଟେ ଲୁଣିମାଛ ଖାଇନାହାନ୍ତି । ସେମିତି ବି ସେ ଆମିଷ ପ୍ରିୟ ନୁହଁନ୍ତି । ଅତି ବେଶିରେ ଖଣ୍ଡେ ବା ଦୁଇଖଣ୍ଡ ରୋହି ବା ଭାକୁରର ପେଟି ମାଛ ଖାଇଥାନ୍ତି । ଏଣେ ଅସୀମଙ୍କୁ ମାଛ ଭଲ ଲାଗେ ଆଉ ତାଙ୍କର ଲୁଣି ମାଛ ପ୍ରିୟ । ଘରେ ବଳୁଥିବା ମାଛକୁ ଶୋଭନା ବାଣ୍ଟନ୍ତି ତ କିନ୍ତୁ କିଛି ତଥାପି ରହିଯାଏ । ଘରେ ଫ୍ରିଜ ନାହିଁ । ତେଣୁ କିଛି ସାଇତି ରଖି ହେବନି । କ୍ୟାମ୍ପବେଲ ବେ ରେ ଯେତେବେଳେ ଘରେ ଫ୍ରିଜ ପାଇଲେନି ସେତେବେଳେ ସେ ଟିକିଏ ଘାବରେଇ ଯାଇଥିଲେ । ଏ ଦୁନିଆରେ ଏବେ ମଧ୍ୟ ଲୋକେ ରୋଷେଇ କରି ଗରମ ଗରମ ଖାଇବାକୁ ଭଲପାଆନ୍ତି । ତାହେଲେ କ୍ୟାମ୍ପବେଲ ବେ ରେ ଦୁନିଆ ଜୋରରେ ଦୌଡୁନି । ଏଠି ସମସ୍ତଙ୍କ ମୁଣ୍ଡରେ ଗରମ ଖାଇବା ଚିନ୍ତା । ତେଣୁ ଯେତେବେଳେ ଫ୍ରିଜ ବିନା ମାଛ ସାଇତି ରଖାଯିବା କଥା ଶୁଣିଲେ ଶୋଭନା ବହୁତ ଉତ୍ସାହିତ ହୋଇଉଠିଲେ ।

ଆଉ ତା’ପରେ ତାଙ୍କ ଘରେ ରୀତିମତ କିଛି ମାଛ ଆଚାର ତିଆରି ଚାଲିଲା । ମାଛକୁ ସଫା କରାଇ ଅନ୍ତ ନାଡି ଆଦି ବାହାର କରିଦିଆଗଲା । କିଛି ପରିମାଣରେ ଶୁଖାଇ ଦିଆଗଲା ।

ISSN NO.
2582-208X

ତା'ପରେ ତା'କୁ ଉଷୁମ ତେଲ, ମସଲା ଇତ୍ୟାଦି ଭିତରେ ରଖାଗଲା । ମାଛ ଭିତରକୁ ଧିରେ ତେଲ ମସଲା ପ୍ରବେଶ କଲା ଆଉ ମାଛ ଖଣ୍ଡମାନ କାଚ ଜାର ଭିତରୁ ଉଙ୍କି ମାରିଲା। କାଚ ବୋତଲକୁ ଖରାରେ ରଖାଗଲା, ସେ ଭିତରୁ ଧିରେ ଜଳୀୟବାଷ୍ପ ଆଉ ପାଣି ବାହାରିଗଲା । ଶୋଭନା ନିଜର ତିଆରି ଏକ ନୂଆ ଜିନିଷ ଦେଖି ନିଜକୁ ନିଜେ ସାବାସି ଦେଉଥିଲେ । ମଝିରେ ମଝିରେ ଜାରକୁ ହଲାଇ ମାଛ ଖଣ୍ଡକୁ ଉପର ତଳ କରୁଥିଲେ । ମାଛକୁ ନଭାଜି, ନ ରାନ୍ଧି କରି ଖାଇହୁଏ, ଏକଥା ତାଙ୍କୁ ବେଳେବେଳେ ଖୁସି ବା ଆଶ୍ଚର୍ଯ୍ୟ ଆଣି ଦେଉଥିଲା । ଯେଉଁଦିନ ଆମିଷ ନଥିଲା ସେଦିନ ସେ ମାଛ ଆଚାର ଅସୀମଙ୍କକୁ ପରଶି ଦେଉଥିଲେ । ଅସୀମଙ୍କୁ ମାଛ ସ୍ୱାଦ କମ, ବେଶି ମସାଲା ସ୍ୱାଦ ମିଳୁଥିଲା । ଏମିତି ସେମାନଙ୍କ ନୂଆ ନୂଆ ଖାଇବାର ଏକ୍ସପେରିମେଣ୍ଟ ଚାଲୁଥିଲା । ଶୋଭନା ଅସୀମଙ୍କ ଆଚାର ଖାଇବା ଧ୍ୟାନରେ ଦେଖୁଥିଲେ, କିନ୍ତୁ ନିଜେ ବୁନ୍ଦାଏ ହେବ ମସଲା ମଧ୍ୟ ପାଟିରେ ଲଗାଉନଥିଲେ । ତାଙ୍କୁ ମାଛଗୁଡା ଜାର ଭିତରେ ଜିଅନ୍ତା ଦିଶୁଥିଲେ। ଜିଅନ୍ତା ମାଛ କେମିତି ଖାଇବେ, ସେହି ବିଷୟ ହେଜି ହେଉଥିଲେ ।

ଏମିତି ମାଛସହ ଶୋଭନାଙ୍କ ବହୁ ଅଭିଜ୍ଞତା ଯୋଡି ହୋଇଗଲା । ଯଦିଓ ସେ ମାଛ ଖାଉନଥିଲେ, କିନ୍ତୁ ସେ ବେଶ ଭଲ ଘରଣୀ ଥିଲେ । ସମସ୍ତଙ୍କ ପେଟର ଧ୍ୟାନ ରଖିଥିଲେ। ବାବୁରାଓ, ଜୋକମ, ଜାନକୀ ଆଦିଙ୍କ ପେଟ ଯେମିତି ଖାଲି ନହୁଏ ସେ ଉପରେ ତାଙ୍କର ନଜର ଥିଲା । ମାଛ ଅଧିକା ହେଲେ ସେ ସମସ୍ତଙ୍କ ଘରେ ବାଣ୍ଟି ଦେଉଥିଲେ । ଆଉ ଥରେ ବହୁତ ମାଛ ଧରା ହେଲା । କଥାଟା ଥିଲା ଲୋକଙ୍କୁ ମାଛ ତେଲ ଦିଆହେବ ?

ମାଛ ତେଲ କଥା ଶୁଣି ନିଜେ ଶୋଭନା ଚମକ ପଡିଥିଲେ । ଆଉ ମାଛରୁ କେମିତି ତେଲ ତିଆରି ହେବ ଭାବି ହେଉଥିଲେ । ମାଛରେ ବଡ ଛୋଟ କଣ୍ଟା । ସେଗୁଡାକ ତଣ୍ଟିରେ ଲଗିଯିବ । ମାଛ ଖାଇବାକୁ ହେଲେ ବାଛି ଖାଇବାକୁ ହୁଏ । ତେଲରେ ତ କିଛି ଦେଖାଯିବନି । ତା'ପରେ ଏହାର ଏକ ଉତ୍ତର ଖୋଜାଗଲା । ଉତ୍ତର ଖୋଜିବାରେ ଅସୀମ, ବାବୁରାଓ, ସୁନ୍ଦରମ, ଜୋକମ, ଜାନକୀ ଆଦି ସାହାର୍ଯ୍ୟ କରିଥିଲେ । ବଡମାଛକୁ ଆଣି, କାଟି ପାଣିରେ ସିଝାଇ ଦିଆଯିବ । ଫଳରେ କଣ୍ଟାକୁ ବାହାର କରିବା ସହଜ ହୋଇଯିବ । କ୍ୟାମ୍ପବେଲ ବେରେ ମିଳୁଥିବା ବଡ ମାଛରେ କଣ୍ଟା କମ । ଆଉ ସେଇଆ ହେଲା । ଡିଙ୍ଗିରେ ଯାଇ କଣ୍ଟା ପକାଇ ଦଶ ପନ୍ଦର କିଲୋ ମାଛ ଧରାହେଲା । ମାଛରୁ କଣ୍ଟା

ISSN NO.
2582-208X

ବାହାରକରି ମସଲା ଦେଇ ସାମାନ୍ୟ ଭଜାଗଲା । ତା'ପରେ ଟମାଟୋ ଶସ ଆଦି ପକାଇ ମଇଦାରେ ବଡ ବଡ ରୋଲ ତିଆରି କରାଗଲା । ସନ୍ଧ୍ୟାବେଳେ କଲୋନୀର ସମସ୍ତଙ୍କୁ ଆଗରୁ ଆମନ୍ତ୍ରିତ କରାଯାଇଥିଲା । ସମସ୍ତେ ଶୋଭନା ମାଡାମ୍‌ଙ୍କ ହାତରୁ ମାଛ ରୋଲ ଖାଇଲେ । ଏହା ବେଶ ସ୍ୱାଦିଷ୍ଟ ଥିଲା ଆଉ ଶୋଭନାଙ୍କୁ ବହୁତ ପ୍ରଶଂସା ମିଳିଲା ।

ଶୋଭନାଙ୍କ ଛୋଟ ଜୀବନ ସେମିତି କ୍ୟାମ୍ପବେଲ ବେରେ କଟିଯାଉଥିଲା । କଥା କହିବାକୁ ବେଶି ଲୋକ ନାହାନ୍ତି, ବୁଲିବାକୁ ସେମିତି କିଛି ଜାଗା ନାହିଁ । କେବଳ ସମୁଦ୍ରକୂଳ ଆଉ ପାଣି ଦେଖିଦେଖି ମନ ଚିଟା ଧରିଯିବା କଥା । କିନ୍ତୁ ସେ ଏ ଭିତରେ କଥା ହେବାକୁ କିଛି ନନ୍ ପାଇଯାଇଥିଲେ । ନନ୍‌ମାନେ ସେମାନଙ୍କ ଘରର ଠିକ ପଛରେ ସେମାନଙ୍କ ଘରେ ରହୁଥିଲେ । ସେମାନଙ୍କର ଏକ ଶିକ୍ଷାନୁଷ୍ଠାନ ଥିଲା ଆଉ ସେଠାରେ ଛୋଟ ପିଲାମାନେ ପାଠ ପଢୁଥିଲେ । ନନ୍‌ମାନେ ଅତି ପରିଷ୍କାର ରହୁଥିଲେ ଆଉ ସେମାନଙ୍କର ବ୍ୟବହାର ଅତି ମାର୍ଜ୍ଜିତ ଥିଲା । ସେମାନଙ୍କ ରହିବା କ୍ୱାଟର୍ସରେ ସବୁ ଜାଗା ପରିଷ୍କାର ପରିଚ୍ଛନ୍ନ ରହୁଥିଲା । ଶୋଭନା ସେଠାକୁ ବେଳେବେଳେ ଗ୍ଲିଯାଆନ୍ତି । ସେଠାରେ ଜଣେ ଓଡିଆ ନନ୍ ଥିଲେ । ସେ କେମିତି ଏଠି ପହଞ୍ଚିଲେ ବୋଲି ଶୋଭନା ଆଶ୍ଚର୍ଯ୍ୟ ହୋଇଥିଲେ । କଥାରୁ ଜଣାଯାଇଥିଲା ଯେ ସେ ବାର ବର୍ଷ ବୟସରେ ଏଠାକୁ ଆସିଲେ । ତାଙ୍କୁ ଇଂରାଜୀ ମୋଟେ ଆସୁନଥିଲା । ଅନ୍ୟ ଭାଷା ଯଥା ମାଲୟାଲୀ ତ ଦୂରର କଥା । କନ୍ତୁ ଧିରେ କଥା ଶିଖିଲେ । ଏବେ ଭଲ କରି ଇଂରାଜୀ କହିପରନ୍ତୁ । ମାଲୟାଲୀ ମଧ୍ୟ ଟିକେ ଟିକେ ଆସେ। ପାଖରେ ରହିଲେ କେତେ ଉନ୍ନତି ଘଟିଯାଏ । ଶୋଭନା ତାଙ୍କ ସହ କଥା ହେଲେ ନଜକୁ ନଜ ଜାଗାରେ ଥିବା ଭଳ ମନେକରନ୍ତୁ । ବେଳେବେଳେ ନନ୍‌ମାନେ ଶୋଭନାଙ୍କ ଘରକୁ ବୁଲି ଆସନ୍ତୁ । ଶୋଭନାଙ୍କ ସହ କଛି କଛି ଜାଗା ବୁଲି ମଧ୍ୟ ଯାଆନ୍ତୁ ।

ଶୋଭନାଙ୍କ ସମୟ ଏମିତି ଦେଖୁଦେଖୁ ଗଡିଯାଉଥିଲା । ତାଙ୍କୁ ଏକ ବନ୍ଧୁ ମଧ୍ୟ ମିଳଯାଇଥିଲା । ସେ ଥିଲେ ଇଣ୍ଟେଲିଜେନସ ଇନସ୍ପେକ୍ଟରଙ୍କ ସ୍ତ୍ରୀ । ସେମାନେ ବୋଧେ ମାଲୟାଲୀ । ଦୁହେଁ ପ୍ରେମ ବିବାହ କରିଥିଲେ । ସ୍ତ୍ରୀଙ୍କର ବୟସ କମ ଆଉ ତାଙ୍କର ଏକ ସୁନ୍ଦର କୁନ ଝିଅ ଥିଲା । ସେ ଶୋଭନାଙ୍କ ସହ ଗପନ୍ତୁ ଆଉ ଶୋଭନା ବେଳେବେଳେ ତାଙ୍କ ଘରକୁ ଡ୍ରଇଂ ଶିଖିବାକୁ ଯାଆନ୍ତି । ଦୂର ଜାଗାରେ ନିଜ ଚାରିପାଖେ ଦରଦୀ ମଣିଷଟିଏ ଥିଲେ ଜାଗା ଭଲଲାଗେ । ତାଙ୍କ ସହ ଗପିବାରେ ଶୋଭନାଙ୍କୁ ଖୁସି ଲାଗେ ।

ISSN NO.
2582-208X

ଶୋଭନା ଶୁଣନ୍ତୁ ଆଣ୍ଡାମାନରେ ମଣିଷର ଏକାନ୍ତ ନିଜକଥା । ଏମିତି ତାଙ୍କ ସମୟ ବିତିଯାଉଥିଲା ।

ହୋଲିଦିନ ସେମାନଙ୍କ ଘରେ ଏକ ଆସର ଜମିଥିଲା । ବହୁତ ଲୋକ ଏକାଠି ହୋଇଯାଇଥିଲେ । କ୍ୟାମ୍ପବେଲ ବେ ରେ ହୋଲି ହୋଇପାରେ ବୋଲି ଶୋଭନା ଆଉ ଅସୀମ ଭାବିନଥିଲେ । ଏଇ କେଇ ହଜାର ଲୋକ ସମୁଦାୟ । ଅନେକ ଜାତି, ଅନେକ ପ୍ରାନ୍ତର ଲୋକ । ତେଣୁ କିଛି ପର୍ବ ଲୋକମାନଙ୍କୁ ଏକାଠି କରିପାରୁଥିବ ବୋଲି ସେମାନେ ଭାବୁନଥିଲେ । କିନ୍ତୁ ହୋଲି ତାଙ୍କ ଭାବନାକୁ ବଦଳାଇଦେଲା । ଅନେକ ଚହ୍ଲା ଅଚହ୍ଲା ଲୋକ । ମେନଲାଣ୍ଡରେ ଲୋକେ ହୋଲି ଖେଳିଲା ଭଳିଆ ହୋଲି ଖେଳୁଛନ୍ତି, ଦେହରେ ଅଛି ପ୍ୟାଣ୍ଟ, ଶାର୍ଟ, ସେଥିରେ ରଙ୍ଗ ବେରଙ୍ଗୀ ପାଣି ଢଳା ହୋଇଛି । ଲୋକେ କେତେ ରଙ୍ଗର ପାଣି ଢାଳି ହୋଇଛନ୍ତି, ମୁହଁରେ ଅଭିର, ନହଲେ ରଙ୍ଗ ମାଖି ହୋଇଛନ୍ତି ଆଉ ସମସ୍ତେ ଖୁସିରେ କହୁଛନ୍ତ 'ହୋଲି ହୈ' । ସେମାନଙ୍କ ଅଜଣା ଲୋକମାନଙ୍କର ଗୀତରେ କମ୍ପି ଉଠୁଛି । ଏତେ ଦୂରରେ ଲୋକେ ତାହେଲେ ନିଜ ହିସାବରେ ଖୁସି ଖୋଜିନେଇଛନ୍ତି । ଅସୀମଙ୍କ ମୁହଁ ଖୁସିରେ ଝଲସି ଉଠୁଥିଲା । ହାତ ଉଠାଇ ମଝିରେ ମଝିରେ ଜୋରରେ କହି ଉଠୁଛନ୍ତି 'ହୋଲି ହୈ' ଆଉ ତା'ପରେ ଖୁସିରେ ନାଚୁଛନ୍ତି । ବାବୁରାଓର ମୁହଁରେ ଖୁସି। ସେ ସମସ୍ତଙ୍କୁ ଶୋଭନାଙ୍କ ନିର୍ଦ୍ଦେଶ ପାଇବା ଆଗରୁ ନିଜ ହିସାବରେ ଘରେ ଯାହା ଅଛି ଆଣି ବାଣ୍ଟୁଛି । ସେ ଜାଣେ ମାଡାମ୍ କିଛି କହିବେନି ଆଉ ସତକୁ ସତ ମାଡାମ୍ ମୋଟେ ନିଜ ଲୋକଙ୍କୁ ଦାଣ୍ଡନ୍ତିନି । ଲୋକମାନେ ଖୁସି ହୁଅନ୍ତୁ । ତାହା ବେଶି ମହତ୍ତ୍ୱପୂର୍ଣ୍ଣ । ତା'ପରେ ସେମାନେ ସମସ୍ତେ ମିଶି 'ଭିଗେ ଚୁନବାଲୀ ରଙ୍ଗ ବରଷେ' ଗୀତ ଗାଇବାକୁ ଲାଗିଲେ । ସେ ଭିତରେ କିଏ ଏକ ବାଜା କେଉଁଠୁ ଯୋଗାଡ କରିନେଇ ଆସିଥିଲା । ସୋମନେ ଗୀତ ଗାଇ ନାଚିବାର ଲାଗିଗଲେ । ଅଧିକାଂଶ ହାତତାଳି ଦେଇ ଝୁଲିଝୁଲି ମୁଖ୍ୟ ବାଦକର ଗୀତକୁ ପାଳି ଧରିଥିଲେ । ସେମାନେ ସୁନ୍ଦର ବାବେ ନାଚୁଥିଲେ । ପତଳା ପତଳା ଶରୀରରେ ଖୁସି ଦିଶୁଥିଲା, ମନରେ ଖୁସି ଭରିଯାଇଥିଲା । ହୋଲି ମନରେ କେତେ ଖୁସି ଆଉ ଉତ୍ସାହ ନେଇଆସେ । ନିଜ ରୁଟ ବା ମୂଳଠାରୁ କେତେ କେତେ ଦୂରରେ ଅଛନ୍ତୁ ଏହି ଲୋକମାନେ । ଅଧିକାଂଶ ତ ନିଜ ପୂର୍ବ ପୁରୁଷଙ୍କ ଭିଟାମାଟି ମଧ୍ୟ ଦେଖିନଥିବେ । ସେମାନେ ବାପା ମାଙ୍କ ଠାରୁ ଶୁଣିଥିବେ ବିସ୍ତୀର୍ଣ୍ଣ କ୍ଷେତର କାହାଣୀ, ଜମିରେ ସବୁଜ ଫସଲ

ISSN NO.
2582-208X

ଭରିଯାଇଛି, ଫସଲ ପାଚଲେ ସେମାନେ ଅମଳ କରି ଘରକୁ ଆଣୁଛନ୍ତୁ । ଖାଇବାର କଷ୍ଟ ରହିବା ଆଉ ନାହିଁ । ଆଉ ବସନ୍ତ ଆସିଛି । ମୃଦୁ ମଳୟ । ଏବେ ହେଉଛି ଆନନ୍ଦର ସମୟ । ସେମାନେ ମନେ ପକାଉଛନ୍ତୁ ନଜ ପୂର୍ବପୁରୁଷମାନଙ୍କ ଉତ୍ସାହର, ଖୁସିର ଦିନ । ସେହି ଦିନକୁ ସେମାନେ ନେଇଆସିଛନ୍ତୁ ଏ ଦ୍ୱୀପକୁ । ଏକ ଆନନ୍ଦ ବାଣ୍ଟିବାର ପର୍ବ ସମସ୍ତଙ୍କ ମନରେ ଅମାପ ଖୁସି ଭରି ଦେଉଛି । ଗୀତ ବାଜାର ଭିତରେ ସେମାନଙ୍କ ଅଗଣା ଲୋକଙ୍କ ଗାନାରେ, ହସରେ ପୁରି ଉଠୁଥିଲା ।

ଶୋଭନାଙ୍କ ଏକ ଭଲଗୁଣ ଥିଲା କେଉଁ ଜିନଷକୁ ନଷ୍ଟ ନକରିବା । ନଜ ପାଖକୁ ବହୁ ଜିନଷ ଆସିଲେ ତା'କୁ ସମସ୍ତଙ୍କ ମଧ୍ୟରେ ବାଣ୍ଟିଦେବା । ଥରେ ଉଦୟଗ୍ରଜ ସେମାନଙ୍କ ପାଖକୁ ପ୍ରାୟ ବସ୍ତାଏ ଲୋବଷ୍ଟାର ପଠାଇଲେ । ଲୋବଷ୍ଟାର ହେଉଛି ଏକ ବଡ ଚଙ୍ଗୁଡି । ଓଡିଶାର ବାଗଦା ଚଙ୍ଗୁଡି ଠାରୁ ବଡ । ଗୋଟାକର ଓଜନ ତିନ ଶହ ଗ୍ରାମରୁ ଉର୍ଦ୍ଧ୍ୱର ହୋଇପାରେ । ସେମାନଙ୍କର ବଡ ବଡ ନଶ ଆଉ ଦେହରେ ରଙ୍ଗୀନ ଖୋଳପା । ସେହି ଖୋଳପାଗୁଡିକୁ ସୁନ୍ଦର ଭାବେ ସଜାଇ ଦେଇହେବ । କ୍ୟାଲସିଅମ, ତେଣୁ ସହଜରେ କ୍ଷୟ ହେବନ ।

"ଅସୀମ ଦେଖୁଛ ତ । ଚଙ୍ଗୁଡି ଆମ ଘରେ ବସା ବନାଇଲାଣି ।"-ଶୋଭନା ଗୋଟାଏ ଲୋବଷ୍ଟାରକୁ ଟେକ ଅସୀମକୁ ଦେଖାଇଲେ । ରଙ୍ଗ ନଗୁଲିଗଲେ ଲୋବଷ୍ଟାରର ଖୋଳପା ଦେଖିଲେ ଲାଗିବ ଘରେ ଏକ ବିରାଟ ଚଙ୍ଗୁଡି ଶୋଇଛି । ଅସୀମ ଏହି ଲୋବଷ୍ଟାରମାନଙ୍କ କଥା ଭାବୁଥିଲେ । ୩୫ କମି ଆଡକୁ ପଥୁରିଆ ସମୁଦ୍ରକୂଳରେ ବେଶି ପରିମାଣରେ ମିଳନ୍ତୁ। କ୍ୟାମ୍ପବେଲ ବେ ଜେଟି ଆଡକୁ ପ୍ରାୟ ନଥାନ୍ତୁ । ସେମାନେ ଦିନରେ ପଥର ସନ୍ଧିରେ ଲୁଚିଥାନ୍ତି ଆଉ ରାତିରେ ଖାଇବା ସଂଗ୍ରହ କରିବାକୁ ବାହାରନ୍ତି । ରାତିରେ ଲୋକେ ଆଣ୍ଠୁଏ ପାଣିରେ ପଶି ଏହି ଲୋବଷ୍ଟାରମାନଙ୍କୁ ଖୋଜନ୍ତି । ଟର୍ଚ୍ଚଲାଇଟ ପାଣି ଦେଇ ତଳ ପଥର ଚଠାଣ ଆଉ ବାଲିକୁ ଉଜ୍ଜ୍ୱଳ କରିଦିଏ । ଲୋବଷ୍ଟାର ଏମିତି କିଛି ଆଲୁଅ ଦେଉଥିବା ଜିନିଷକୁ ଖାଦ୍ୟ ଭାବି ବାହାରି ଆସେ ଆଉ ଏମାନେ ଲୋବଷ୍ଟାରକୁ ଲୁହାର ବଙ୍କୁଲି ବାଡିରେ କାଇଦାରେ ଧରି ନିଅନ୍ତି । ମଣିଷ ଝୋଲାକୁ ଏକ ସୁନ୍ଦର ତଥା ବିରାଟ ଚିଙ୍ଗୁଡି ଆସିଯାଏ ।

ISSN NO.
2582-208X

"ଘରଟା ଆମର ସମୁଦ୍ରକୂଳିଆ ନା, ସେଇଥି ପାଇଁ ସମୁଦ୍ରରୁ ଚିଙ୍ଗୁଡିମାନେ ଉଠିଆସିଛନ୍ତି।"- ଅସୀମ କହି ଟିକେ ହସିଦେଲେ ।

"ଘରଟାକୁ ତୁମେ ତା'ହେଲେ ସମୁଦ୍ରର ଚଟାଣ କରିଦେଲଣି ।"- ଶୋଭନା କହିଲେ ।

"ଆଉ ତୁମେ ଫୁଲର ବଗିଚ୍ଚ ବି ତ କରିଦେଇଛ ।"- ଅସୀମ କହିଲେ ଆଉ ଦୁହେଁ ହସିଉଠିଲେ ।

"କୂଳରେ ଭାଙ୍ଗି ପଡୁଥିବା ସମୁଦ୍ରର ସେଇ ଛୋଟ ଢେଉମାନ ?"- ଶୋଭନା ପଚ୍ଚରିଲେ ।

"ତୁମର ଛୋଟ ହସ । ଓଠରେ ଫୁଟି ପୁଣି ମିଳେଇ ଯାଉଛି ।"- ଅସୀମ କହିଲେ । ଶୋଭନାଙ୍କ ଛାତି ପବନରେ ଭରିଗଲ୍ । ତାଙ୍କୁ ଲ୍ଗିଲ୍ ସେମାନେ ହାତ ଧରି ସମୁଦ୍ରକୂଳରେ ଚ୍ଲୁଛନ୍ତୁ । ପଛରେ ସେମାନଙ୍କ ପାଦ ଛାପ ରହିଯାଉଛି । ଏକ ଛୋଟ ଜେଟିରେ ବସି ମାଛ ଧରୁଛନ୍ତୁ । ସେଠି ବଡ ମାଛ ନାହାନ୍ତୁ । ପାଣିରେ ଅସଂଖ୍ୟ ମାଛ ଖେଳୁଛନ୍ତୁ । କେତେ ସୁନ୍ଦର ରଙ୍ଗୀନ କୋର୍‌ଲ ଫିଶମାନ । ସେମିତିଆ ପ୍ରକୃତିର ବିଶାଳ ଆକ୍ୱାରିଅମ ସେ କେବେ ତିଆରି କରିପାରିବେନ । ସେ ମାଛରୁ କେତେଟା ସେମାନେ ଧରିନେଉଛନ୍ତୁ । ଶୋଭନାଙ୍କ ମୁହଁରେ ଖୁସି ଫୁଲ ଭଳ ଫୁଟି ମଉଳ ପୁଣି ଫୁଟି ଉଠୁଥିଲ୍ ।

ସେହି ଚଙ୍ଗୁଡିର ଖୋଳପାକୁ ଅବଶ୍ୟ ସେ ସଫା କରି ପରେ ନଜର ଖାଇବା ଘରେ ଲଗାଇଥିଲେ । ଦେଖିବାକୁ ଅତି ସୁନ୍ଦର ଲ୍ଗୁଥିଲ୍ । ସେମିତି ବି ନଜର ଡ୍ରଇଁ ରୁମରେ ସେମାନେ କେବଳ ଜଙ୍ଗଲ ଆଉ ସମୁଦ୍ର ଜାତ ପଦାର୍ଥକୁ ସଜାଇଥିଲେ । ସମୁଦ୍ରକୂଳରୁ ମିଳୁଥିବା ବଡ ସେଲ, ବଡ କଉଡି, ଭଙ୍ଗା ପଥର ଖଣ୍ଡ ଆଉ ଭଙ୍ଗା କୋର୍‌ଲକୁ ସେମାନେ ସୁନ୍ଦରଭ୍‌ବେ ସଜାଇ ଦେଇଥିଲେ । ସମୁଦ୍ରକୂଳରେ ବୁଲିଲ୍‌ବେଳେ ସେମାନଙ୍କ ଆଖି ଏମିତି ସୁନ୍ଦର ସୁନ୍ଦର ଜିନଷ ଉପରକୁ ଚ୍ଲିଯାଏ । ପ୍ରକୃତିର ଅବକ୍ଷୟ, ଏକ ଜୀବର ଖୋଳପା । ସେତିକରେ ସେମାନଙ୍କର ଘର ସୁନ୍ଦର ଭ୍‌ବେ ସଜାଇ ହୋଇଯାଏ । ବେଳେବେଳେ ସମୁଦ୍ରକୂଳରୁ ସି ଫର୍ଣ ମିଳେ, ଦେଖିବାକୁ ଗଛ ଭଳ । ସେଗୁଡିକ ସଜାଇଲେ ଘରେ ଏକ ଗଛ ଥିବାପରି ଜଣାଯାଏ । ଏ ଭିତରେ ମିଳଥିବା ଲ୍‌ବଷ୍ଟାରର ଖୋଳପା ତାଙ୍କ ଘରର ଶୋଭ୍‌ ବର୍ଦ୍ଧନ କରିଥିଲ୍ ।

ISSN NO.
2582-208X

ଶୋଭନା କିନ୍ତୁ ଏତେ ଲୋବଷ୍ଟାରକୁ ଘରେ ରଖିଲେ ନାହିଁ, ଫ୍ରିଜ ମଧ୍ୟ ନାହିଁ । ସେ ଅସୀମ, ବାବୁରାଓ ଓ ସୁନ୍ଦରମଙ୍କ ପାଇଁ ତିନି ଗୁରିଟି ଲୋବଷ୍ଟାର ରଖି ବାକି ସବୁକୁ ନିଜ କଲୋନୀରେ ବାଣ୍ଟିଦେଲେ । କଛିଟା ନନ୍‌ମାନଙ୍କ ଘରକୁ ମଧ୍ୟ ଉପହାରରେ ପଠାଇ ଦିଆଯାଇଥିଲା । ଶୋଭନାଙ୍କ ବଦାନ୍ୟତାରେ ସମସ୍ତେ ଖୁସିହେଲେ । ଲୋବଷ୍ଟାରକୁ ଅସୀମ ଅବଶ୍ୟ ଏକ ଥରେ ଖାଇ ପାରିନଥିଲେ । ବଡ ଚଙ୍ଗୁଡିକୁ ଖାଇବାକୁ ଅସୀମଙ୍କୁ ଦୁଇଓଳ ଲାଗିଥିଲା । ଶୋଭନା ଆଗଭଳି ଲୁଣି ମାଛ ଭଳି ଲୋବଷ୍ଟାରର ସ୍ୱାଦିଷ୍ଟ ଖଣ୍ଡକୁ ମଧ୍ୟ ନାକପାଖକୁ ନେଇପାରିନଥିଲେ ।

ଏତେ ପାଖ ଲୋକଙ୍କ ଭିତରେ ଜାନକୀ ସହ କଥାହେଲେ ଶୋଭନାଙ୍କୁ ଭଲଲାଗେ । ଜନାକୀ କାଳେ ପଇସା ଜମାଉଛି ନିଜ ସ୍ୱାମୀର ଶ୍ରାଦ୍ଧକ୍ରିୟା ଭଲଭାବରେ କରିବ । କେତେ ଭଲକଥା । ଏଇଟାତ ସ୍ୱାମୀ ସ୍ତ୍ରୀଙ୍କ ପ୍ରକୃତ ପ୍ରେମକୁ ଦେଖାଏ । ନହେଲେ ବଞ୍ଚିଥିବାବେଳେ ଜଣେ ଜଣଙ୍କର ଦୋଷ ଦେଖିବାରେ ତ ସମୟ କଟାନ୍ତି । କିନ୍ତୁ ମରିଗଲାପରେ ଜଣେ ଜଣଙ୍କର ଅନୁପସ୍ଥିତିକୁ ଅନୁଭବ କରନ୍ତି । ଏଇଆତ ମଣିଷ ଜୀବନ । ପାର୍ଟନର ପାଇଁ ପ୍ରେମ ଆଉ ସହାନୁଭୂତିର ଆବଶ୍ୟକତା ଅଛି ।

ଅସୀମ ଆଉ ଶୋଭନଙ୍କ ଘରକୁ ପ୍ରାୟ ଅନେକ ଅତିଥି ଆସନ୍ତି । ବେଶି ଲୋକହେଲେ ସେମାନେ ନିଜର ବଡ ହଲରେ କାନ୍ଥ ଆଡକୁ ଚେଆର ପକାଇ ଦିଅନ୍ତି । ନନ୍‌ମାନେ ପ୍ରାୟ ଆସନ୍ତି । ସେମାନେ ଶୋଭନାଙ୍କ ସ୍ୱାର୍ ସଂଗୃହୀତ କାନ୍ଥରେ ଲାଗିଥିବା ଡ୍ରିଫ୍ଟଉଡକୁ ଦେଖନ୍ତି ଆଉ ଶୋଭନାଙ୍କ ସଜାଇବା ଶୈଳୀକୁ ପ୍ରଶଂସା କରନ୍ତି । ଶୋଭନାଙ୍କୁ ସେମାନେ ଭଲଲାଗନ୍ତି । ସେମାନେ ସବୁଦିନଆ ଭଳି ଘିଅ ରଙ୍ଗର ଶାଢୀ ଆଉ ବ୍ଲାଉଜ ପିନ୍ଧି ଆସନ୍ତି । ଏମିତି କିଛି ସନ୍ଧ୍ୟା ହେଲେ ପଦ୍ମଶିବଙ୍କର କୁନି କୁନି ପୁଅ ଝିଅ ବେଶ ଖୁସି ହୋଇଯାଆନ୍ତି। ଝିଅ ତ ଡେଇଁ ବୁଲି ନାଚୁଥାଏ । ଛୁଆମାନଙ୍କୁ ଖେଳିବା ବୁଲିବା ସବୁବେଳେ ଭଲଲାଗେ । ସମସ୍ତେ ତା'କୁ ଦେଖି ଖୁସି ହୁଅନ୍ତି । ଝିଅଟି କେତେବେଳେ ଚେଆରକୁ ତଳେ ପକାଇ ଦିଏ ତ କେତେବେଳେ ଉଠାଇ ଠିକଠାକ ସଜାଇ ଦିଏ, ସେ ନିଜ ପାଇଁ ସବୁବେଳେ କିଛି ଖେଳିବା ଜିନିଷ ଯୋଗାଡ କରିନିଏ । ଆଉ ସେମାନଙ୍କ ପାଇଁ ବାହାରେ ଆକାଶରେ ଥାଏ ଉଜ୍ଜ୍ୱଳ ଜହ୍ନ । ନଡିଆଗଛ ପଛରେ ଅଳ୍ପ ଅଳ୍ପ ଦିଶେ । ଅସୀମ ବାହାରକୁ ଚାଲିଯାଆନ୍ତି । ଜହ୍ନର ତୋଫା ଆଲୋକରେ ସବୁକିଛି ସୁନ୍ଦର ଲାଗୁଥାଏ ।

ISSN NO.
2582-208X

କ୍ୟାମ୍ପବେଲ ବେର ମେଘୁଆ ଆକାଶରୁ ପ୍ରାୟ ଝରିପଡେ ବର୍ଷା । ବର୍ଷା ସହ ରୁଣୁଝୁଣୁ ଶବ୍ଦକରି ଆବେଗର ମୁହୁର୍ତ୍ତମାନ ଘର ଭିତରକୁ ଦୁଆର ଖୋଲି ଆସିଯାଆନ୍ତୁ । ବର୍ଷା ସେମିତି ବନ୍ଦ ହୁଏନ । ଅଳ୍ପ ଅଳ୍ପ ପାଣି ବାହାରେ ଜମିଯାଏ । କନ୍ତୁ ବାଲିଆ ଜାଗା ହୋଇଥିବାରୁ ପାଣି କଛି ସମୟପରେ ଝରି ସମୁଦ୍ରକୁ ବା ବେଶି ଖାଲୁଆ ଜାଗାକୁ ବୋହିଯାଏ । ବର୍ଷାର ମଧୁର ସଙ୍ଗୀତ ଶୁଣିବାକୁ ଭଲଲାଗେ । ସେ ସମୟରେ ପକ୍ଷୀମାନେ ଚୁପଚାପ ଡାଳରେ ବସି ଓଦା ହେଉଥାନ୍ତୁ । ପତ୍ର ସବୁ ପକ୍ଷୀ ବା ପବନ ବିନା ମଧ୍ଯ ହଲୁଥାଏ ।

"ଲୁଚି ନଯାଉ ମୋର ପାଦଛାପ, ସଂନ୍ଧ୍ୟାର ସେଇ ପ୍ରଣୟ ଆବଦ୍ଧ, ହୃଦୟରେ ଝରଣା ହୋଇ ବୋହିଯାଉଥିଲା, ତାରା ହୋଇ ଫୁଟୁଥିଲା ମୋର ଆକାଶରେ, ସୁଗନ୍ଧିତ ବାସ୍ନା ହୋଇ ଛୁଉଁଥିଲା ହୃଦୟର କନ୍ଦରକୁ । କାଲି ବର୍ଷାରେ ହଜି ତ ନଯାଉ, ସେଇମିତି ପଥରରେ ଛାପହୋଇ ରହୁ ମୋ ଫେରିବା ପର୍ଯ୍ୟନ୍ତ ।"

-୦-

କ୍ରମଶଃ.....

ସେକ୍ଟର-୩, ସଲ୍ଟଲେକ, କଲିକତା

ISSN NO.
2582-208X

# ସମ୍ପୂର୍ଣ୍ଣ ରାମାୟଣ : ଏକ ବିହଂଗମ ଦୃଶ୍ୟ



ଇଂ. ସୁଶାନ୍ତ କିଶୋର ବଳ

*ଯେଯାଏ ଥିବ ପର୍ବତ, ସାଗର, ନଦୀ*
*ସେଯାଏ ରହିଥିବ ଆମ ସ୍ନାୟୁରେ ଛଂଦି.*
*ମହର୍ଷୀ ବାଲ୍ମିକୀ 'ଚବିଶ ହଜାର' ଛଂଦେ*
*ଗାଇଥିଲେ ରାମାୟଣ ପ୍ରଭୁ- ଆଶ୍ରୀତେ .*
*ଏହି ରାମାୟଣ କାହାଣୀ ବହୁ ପୁରାତନ;*
*ଖ୍ରୀଷ୍ଟଜନ୍ମର ଦୁଇଶତ ବରଷଆଗ ବର୍ଣନ;*
*ଅଯୋଧ୍ଯା ରାଜକୁମାର ଶ୍ରୀରାମଚଂଦ୍ରଂକ ସାଥେ*
*ବିବାହ ବଂଧନେ ଯୋଡିତ ଥିଲେ,*
*ମିଥିଳାକୁମାରୀ ଜନକ ନଂଦିନୀ;*
*ଯାହାଆଜି ଅଟେ ନେପାଳଦେଶର ଅଂଗ;*
*ବିବାହ ଉପରାନ୍ତ ରାମଚଂଦ୍ର ଆଉ ସୀତା*
*ନେପାଳଦେଶର ଲୁମ୍ବିନୀବାଟେ ଫେରି*
*ଆସିଥିଲେ ଅଯୋଧ୍ଯା ସସ୍ତ୍ରୀକେ.*

*ଚଉଦ ବରଷ ବନବାସ ସମୟେ,*
*ରାମଚଂଦ୍ର କରିଥିଲେ ଭ୍ରମଣ ସଂମଗ୍ର ଭାରତବର୍ଷ; ଅଯୋଧ୍ଯାଠାରୁ ନେଇ*
*ରାମେଶ୍ଵରମ ଯାଏ; ଯାହା ୧୧୪ଟି*
*ପବିତ୍ର ତୀର୍ଥସ୍ଥଳୀରୂପେ ଆଜିବିପାଏ ପୂଜା.*

ISSN NO.
2582-208X

*ସରଯୁ(ଘାଗର) ନଦୀର ଦକ୍ଷିଣଭାଗେ ଅଯୋଧ୍ୟା ପ୍ରାନ୍ତ,
ଯହିଁ ପ୍ରଭୁ ରାମଂକର ଅଟଇ ଜନ୍ମସ୍ଥଳ.*
*ଏହା ଆସିଥାଏ ଲକ୍ଷ୍ନୌ-ବନାରସ ରେଳ*
*ରାସ୍ତା ମଧ୍ୟେ ପ୍ରସିଦ୍ଧ ଅଯୋଧ୍ୟାସ୍ଥଳ .*
*ରାମ, ସୀତାଂକୁ ରଥାରୁଢକରି* *ଗଂଗାକୂଳକୁ ଆଣିଥିଲେ ନୟନତାରା ;*

*କୈକେୟୀଂ ଦୂରଭିସଂଧି ପରିଣାମ ସ୍ୱରୂପ*
*ବନବାସ ଆପଣେଇଲେ ଚଉଦବରଷ,
ପ୍ରଭୁ ରାମଚଂଦ୍ର ସୀତାମାୟୀ ଆଉ ଅନୁଜ ଲକ୍ଷ୍ମଣଂକ ସାଥେ ଘୋର ବନସ୍ତେ.*
*ଅଯୋଧ୍ୟା ଠାରୁ ପ୍ରଭୁ ବାହାରିଲେ* *ବନବାସେ ଗଂଗାନଦୀ କୂଳେକୂଳେ;*
*ଯାଇ ପହଂଚଲେ 'ତମସାନଦୀ ତଳ'*
*ଅଯୋଧ୍ୟାଠାରୁ ଦଶକୋଶ ଦୂରତ୍ୱେ.*
*ଗୋମତୀ ନଦୀ ପାରହୋଇ ଉପନୀତ*
*ହେଲେ ଆହଲ୍ଲାବାଦଠାରୁ ଦଶକୋଶ ଦୂରେ ସିଂଗୁରାରର
'ନୀଷାଦରାଜ ଗୁହ' ରାଜ୍ୟ ପାଶେ;
ଏହିନଦୀ ପାରବେଳେ ନୀବାରଣ କଲା ନାଆର ନାବିକ
ନେବାପାଇଂ ପ୍ରଭୁଂକୁ ନଜ ନାବେ !*
*କାରଣ ସେତେବେଳର ପ୍ରଚଳତ କମ୍ବଦନ୍ତୀ ଅନୁସାରେ
ରାମଚଂଦ୍ରଂକର ଯହିଁ ହେବ ପଦସ୍ପର୍ଶ,
ତାହା ତ୍ବଚ ୟଣ ହୋଇଯିବ ଏକ ମାନବଦେହୀ 'ନାରୀ' !*

*ତେବେ ଯାହାହେଉ ଯେନତେନପ୍ରକାରେଣ*
*ଗଂଗା ପାରହୋଇ ପ୍ରଭୁ ପହଂଚଲେ*
*ତ୍ରୀବେଣୀ ଘାଟେ, ଯାହା ଅଟେ*
*ଗଂଗା, ଯମୁନା, ସରସ୍ୱତୀ ନଦୀଂକର ପବିତ୍ର ସଂଗମସ୍ଥଳ.*
*ତତପରେ ବିଜେକଲେ ମୁନୀ ଭରଦ୍ୱାଜଂକ ଆଶ୍ରମ,
ଯେ ଉପଦେଶ ଦେଲେ, ଚତ୍ରକୂଟ ବନସ୍ତେ ଯାଇ ସ୍ଥାପିବାକୁ କୁଟୀର.*

ISSN NO.
2582-208X

*ଯମୁନା ସଂଗମ ପାରହୋଇ ପହଂଚଲେ*
*ଚନ୍ଦ୍ରକୂଟେ ଯାଇ, ଯାହା ଥିଲ୍* *ଉତ୍ତରପ୍ରଦେଶ ଏବଂ ମଧ୍ଯପ୍ରଦେଶର*
*ସୀମାରେଖା ପାଶେ.*
*ଏହିଠାରେ ମିଳଲ୍ ଦର୍ଶନ* *ବାଲ୍ମିକୀଆଶ୍ରମ,*
*'ମାନଡଭ୍ୟ' ଆଶ୍ରମ' ଆଉ 'ଭ୍ରତ କୂପ' ,*
*ଯାହା ଅଦ୍ୟାବଧି ବି ଅଛି ଅକ୍ଷ୍ୟୁର୍ଣେ ବିଦ୍ୟମାନ.*

*ଏହିଠାରେ ନଦୀକୂଳେ ଭ୍ରାତା ଲକ୍ଷ୍ମଣ ସ୍ଥାପନକଲେ ପର୍ଣକୁଟୀର ନଜବସତି ପାଇଂ.*
*ଚନ୍ଦ୍ରକୂଟ ଠାରୁ ରାମ ପହୁଂଚଲେ ସାତନା(ମଧ୍ଯପ୍ରଦେଶ) 'ଅତ୍ରୀ ଆଶ୍ରମ' .*
*ତତପରେ ଛତିଶଗଡ ଆଉ  ମଧ୍ଯପ୍ରଦେଶର ନୀଘଂଚ ବନାନୀ
ଅତିକ୍ରମ କରି ଯାଇ ପହୁଂଚଲେ ଦଣ୍ଡକାରଣ୍ୟ .*
*ଏଠାରେ ସାନ୍ନୀଧ ପାଇଲେ 'ସର୍ବାଂଗ' ଆଉ  ମୂନୀ 'ସତିକସାନଂକ' ଆଶ୍ରମ .*
*ଦଣ୍ଡକାରଣ୍ୟ ଏକ ବିସ୍ତୃତ ଅଂଚଳ ଯାହା ମଧ୍ଯପ୍ରଦେଶ,ଆଂଧ୍ରପ୍ରଦେଶ,
ମହାରାଷ୍ଟ୍ର ଏବଂ ଉତ୍ତରପ୍ରଦେଶର କଛିକଛି*
*ଅଂଶନେଇ ଗଢା ;*
*ଯାହାର ଭୌଗଳକ ସୀମା ଆବଦ୍ଧ ଥିଲ୍*
*ଉତ୍ତରେ ବିଂଧ ପରବତ, ଦ୍କ୍ଷି ଣେ କ୍ରୀଷ୍ଣା ନଦୀ,
ପୂରବେ ଗୋଦାବରୀ* *ନଦୀମୁହାଣ .*

*ତତପରେ ଗଭୀର ଜଂଗଲମଧ୍ଯେ ପଶି ପହୁଂଚଲେ
ଯାଇ ଋଷି ଅତ୍ରୀଂକର ଆଶ୍ରମେ;
ଏଠାରେ ମୂନୀଂକର ପତ୍ନୀ ଅନୁସୂୟା ସୀତାଂକ ହସ୍ତେ
ତୋଳଦେଇଥିଲେ ନଜର କଛି ବହୁମୂଲ୍ୟ ସ୍ଵର୍ଣାଳଂକାର .*
*ଏହି ଆଭୂଷଣକୁ ସତୀସୀତା ଫିଗିଦେଇ ଥିଲେ କସ୍କିଂଧା ରାଜ୍ୟପରେ,
ଯେବେ ତାଂକୁ ପୁଷ୍ପକ ବିମାନେ ଆକାଶ ଯାତ୍ରାରେ*
*ବଂଦୀକରି ନେଉଥିଲ୍ ଦୈତ୍ୟାସୁର ରାବଣ.*

ISSN NO.
2582-208X

*ତାହା ଆଗୁ ତାଂକେ ଯାତ୍ରାକରିଥିଲେ*
*ନର୍ମଦା ଆଉ ମହାନଦୀ କୂଳର ବିଭିନ୍ନ ଆଶ୍ରମ,
ତନ୍ମଧ୍ୟରୁ ଥିଲା 'ସତିକସାନ' ଆଶ୍ରମ;*
*ଅନେକ ସ୍ମୃତିସୌଧ ଆଜି ଦେଖିବାକୁ*
*ମିଳେ ପୌନ,ରାୟପୁର, ଜଗଦଳପୁର*
*ଠାରେ ଯାହା ବହନକରେ ମାନଣ୍ଡବ୍ୟ,
ଶ୍ରୀଂଗାରୀ, ରାମଲକ୍ଷ୍ମଣ ମଂଦିରର ସ୍ମୃତି.*

*ପରିଶେଷେ ପଦାର୍ପଣ କଲେଯାଇ*
*ଅଗସ୍ତ୍ୟା ଆଶ୍ରମ ଯହିଂ ଅଗସ୍ତ୍ୟା ମୂନୀ ରାମଂକ ହସ୍ତେ*
*ତୋଳଦେଲେ ନିଜ 'ଅଗ୍ନୀଶାଳେ' ପ୍ରସ୍ତୁତ ଯୁଦ୍ଧର ଅମୋଘ ଅସ୍ତ୍ର,ଶସ୍ତ୍ର .*
*ଅଗସ୍ତ୍ୟାରୁ ଗମନକଲେ ପଂଚବଟୀବନ,
ଯେଉଂଠାରେ ରାବଣର କୂଅଂଗୀ ଭଗ୍ନୀ*
*ସୂର୍ପଣଖା, ସୂବର୍ଣ ମାୟା ମିରିଗ ହୋଇ
ଆକର୍ଷିତ କରିଥିଲା ପ୍ରଭୂରାମଂକୁ ଦୂରେଇ ନେଇଥିଲା ତାଂକୁ,
ସୀତାମାୟାଂକ ଠାରୁ ବହୁଦୂରେ.*
*ପ୍ରକାଶଥାଉକ ଗୋଦାବରୀ ନଦୀର ଉତ୍ପତ୍ତିସ୍ଥଳ
ପଶ୍ଚିମଘାଟ ପର୍ବତମାଳାର ତ୍ରୀୟାମବକମ ଠାରୁ;*
*ଯାହା ଆଧୂନକ ନାସିକ ସହରର ଅନତିଦୂରେ ;*
*ପଂଚବଟୀର ଅବସ୍ଥିତି ଭଦ୍ରାଚଳମର  ଗୋଦାବରୀ କୂଳେ,
ବଂଗୀୟସାଗର ପାଶେ .*
*ସେଥିପାଇଂ ନାସିକ ଅଂଚଳେ ଭରା ସ୍ମୃତିମଂଦିର ମ୍ରିଗୟାଶ୍ୱର,
ବନେଶ୍ୱର, ସୀତା ସରୋବର, ରାମକୁଂଣ୍ଡ .*
*ସର୍ବତୀର୍ଥ ମଂଦିର, ନାସିକଠାରୁ ଛପନ କୋଶଦୂରେ,
ତାକଡ୍ ଗ୍ରାମେ ଆଜିବି ଅକ୍ଷ୍ୟର୍ଣେ ସଂରକ୍ଷିତ ;*

ISSN NO.
2582-208X

*ଇତିହାସ କହେ ଭଦ୍ରାଚଳମର ସଂଯୋଗ*
*ରାମଂକ ଯୁଗରୁ; ଯେଉଁଠାରେ ବସତି ସ୍ଥାପନ କରି ବନବାସ କାଟିଥିଲେ
ରାମ, ଲକ୍ଷ୍ମଣ ଓ ଦେବୀସୀତା ପୂର୍ବ ଚଉଦ ବରଷ ;*
*ଏଠିର ପର୍ଣଶାଳାରେ ଭରା ସ୍ୱର୍ଣମିରିଗ ;*
*ଯାହାର ଅନତିଦୂରୁ ରାବଣ କରିନେଇଥିଲା ସତୀସୀତାଂକୁ ହରଣ,*
*ବସାଇ ନିଜ ସ୍ୱପ୍ନୀଳ କୁହୁକ ବିମାନେ ସ୍ୱର୍ଣମୟୀ ଲଂକାଦେଶେ.*

*ତୁଂଗଭଦ୍ରା ନଦୀର ଇତିହାସ*

*ତୁଂଗଭଦ୍ରା ଆଉ କାବେରୀ ନଦୀର କୂଳେକୂଳେ ଯାତ୍ରାସମୟେ ଭ୍ରାତାଦ୍ୱୟ*
*ଭେଟି ଜଟାୟୁ ଏବଂ କବଂଧକୁ, ଗ୍ଲଲେ*
*ଦ୍କ୍ଷି ଣେ ରିଶ୍ୟମୁଖ ପରବତ;*
*ସୀତାଂକ ହରଣପରେ ଭ୍ରାତାଦ୍ୱୟ ଖୋଜିଲେ,
ଘୁରିଲେ ଚଉଦିଗ ସୀତାଂକ ସଂଧାନେ;
ଖୋଜିଖୋଜି ପହୁଂଚଲେ ଯାଇ କସ୍କିଂଧାର ପର୍ବତମାଳେ,
ହାମ୍ପି ନିକଟେ, ତୁଂଗଭଦ୍ରା ନଦୀଧାରେ .*
*ରାସ୍ତାରେ ଯାତ୍ରାସମୟେ ତାଂକେ*
*ଦରଶନ କଲେ 'ପମ୍ପା ସରୋବର' କୂଳେ ସାବରି ଆଶ୍ରମ;
ତତପରେ ଯାତ୍ରାବେଳେ ଭେଟକଲେ ଶ୍ରୀ ହନୁମାନ
ଆଉ ଭ୍ରାତା ସୁଗ୍ରୀବଂକ ସାଥେ; ହୋସପେଟର*
*ଅନଂଜାଦ୍ରିରେ* ହୋଇଥିଲା* *ଶ୍ରୀହନୁମାନଂକ ଜନମ ;*
*ସୁଗ୍ରୀବଂକ ସେନା ସାହାର୍ଯ୍ୟେ,* *ରାବଣର ଭ୍ରାତା ବାଳୀଂକୁ ହତ କରି,
ପହୁଂଚଲେ ଯାଇ ଭରତର ସର୍ବଦ୍କ୍ଷି ଣ*ପ୍ରଣାଳୀ* ପାଶେ.*
*ଶ୍ରୀ ହନୁମାନ ଉଡିଉଡି ଯାଇ ଠାବ କରିଥିଲେ
ସୀତାଦେବୀଂକୁ ଲଂକାର ଅଶୋକାବନେ;*
*ଏହି ବହୁଉପଯୋଗୀ ଖୁସି ଖବର*
*ପ୍ରାପ୍ତେ, ଭ୍ରାତୃଦ୍ୱୟ ତତଖ୍ୟଣ ପହୁଂଚ*

ISSN NO.
2582-208X

*ସେହି ଭାରତ ଭୂଖଣ୍ଡଶେଷେ, ସାଗର ପାଶେ ସ୍ଥାପିଦେଲେ ନିଜ ଧନୁଷ୍ ଟି;*
*ଯାହା ପରେ ବିଦିତହେଲା ନାମେ *ଧନୁଷକୋଟୀ.*
*ସ୍ଥାପିଲେ ପ୍ରଭୁରାମ ତହିଁ ଶିବଲିଂଗ ଏକ;*
*ସାଷ୍ଟାଂଗେ ପ୍ରଣିପାତେ ଧର୍ମଲିଂଗ ସମ୍ମୁଖେ,*
*ଆରମ୍ଭ କରିଥିଲେ ରାମସେତୁର ନୀର୍ମାଣ,*
*ଶତ ବାନରସେନାଂକ ସାହଚର୍ଯ୍ୟେ .*
*ବାସ୍ କଛିଟିଦିନେ ଶେଷହୋଇଗଲା ସେତୁ;
ସଦଳବଳେ ସୈନ୍ୟସରଂଜାମ ସାଥେ ଶକ୍ତ,ସୌର୍ଯ୍ୟ,ମନୋବଳ ସାଥେ.*
*ଘମାସାନ ଯୁଦ୍ଧର ବିଭିଷୀକା ରଚଗଲା,*
*ହତାହତହେଲେ କୋଟି ରାବଣ ଅନୁଚର,*
*ଲୋଟିଗଲା ବହଳଆ ଲହୁ ଚଉଦିଗେ .*
*ହୋଇଲା ପାପିଷ୍ଠ ରାବଣର ବଧ୍ୱ ;*
*ଲେଲିହାନ ଅଗ୍ନୀରେ ହୁତାସନ ହେଲା*
*ସୁଂଦର ସବୁଜ ଅଶୋକାବନ ଉଧ୍ୱାରିଲେ*
*ଲଜ୍ଜ୍ୟାଶୀଳ ସତୀ ଅସ୍ମୀତାର ସାଥେ ;*
*ଘେନ ସୀତାମାୟାଂକୁ ସାଥେ, ବାହୁଡିଲେ*
*ଅନୁଜଂକୁ ଧରି ଅଯୋଧ୍ୟାପୁରେ ;*
*ଭାତୃପ୍ରୀୟ ଭରତ ଅଚରେ ତ୍ୟାଗୀ*
*ସିଂହାସନ, ସ୍ଥାପିଲେ ଅଗ୍ରଜଂକୁ ରାଜ୍ୟାଧିଶ କରି, ଫେରାଇ ଆଣି ସ୍ଥିରତା;*
*ଆୟମାରମ୍ଭ ହେଲା ରାଜ୍ୟେ ସୁଶାସନ;*
*ଯାହା ରାମରାଜ୍ୟ ନାମେ ଆଜିବି ବିଦିତ*
*ଧରାର କୋଣେ ଅନୁକୋଣେ;*
*ଅଦ୍ରୁଷ୍ଟପୂର୍ବ, ଅଶ୍ରୁତପୂର୍ବ, ପଟାନ୍ତରହୀନେ !*
*ଅତୁଳ, ଅତୌଲ୍ୟ, ପରିସୀମାହୀନେ.*

କଟକ

ISSN NO.
2582-208X

# ଭବତାରଣ



ଶାନ୍ତିଲତା ମିଶ୍ର

ଆଜି ଅଭିଯୋଗ ନୁହେଁ ଅନୁରୋଧ କରିବାକୁ ଆସିଛି
ଏତେ ଦିନ ହାତ ଧରି ବାଟ କଢେଇ ଆଣିଲ
ଆଉ କିଛି ବାଟ ମାତ୍ର ଅଛି ।।
ଦୟାର ଦ୍ୱାର ରଖିବ ମୋ ପାଇଁ ଉନ୍ମୁକ୍ତ
ଯଦିଓ ଜାଣେ ମୁଁ ନୁହଁ ତୁମ ଶ୍ରେଷ୍ଠ ଭକ୍ତ ।।
ଅଧାରୁ ଅଧିକ ପଥ କରି ସାରିଲିଣି ଅତିକ୍ରମ
ଅବ୍ୟାହତ ରହୁ ଦୟା ପ୍ରଦର୍ଶନ ନହେଉ ହେ ବ୍ୟତିକ୍ରମ ।।
ଅନୁସରିତରେ ଅନୁକଂପା କରି ଆଗକୁ ଆଗେଇ ନେବ
କପଟ ଆଚରି ଅଧା ରାସ୍ତାରେ ହାତ ଛାଡି ନାହିଁ ଦେବ ।।
ଦିନ ବଦଳିବ, ମାସ ବଦଳିବ, ବର୍ଷ ବି ବଦଳି ଯିବ
କିନ୍ତୁ ତୁମେ ବଦଳିଲେ ଦୁଃଖ ଦଶ ଗୁଣ ହୋଇ ଯିବ ।।
ନା ମନ୍ଦିର ଯିବି ନା ତୁମକୁ ପୂଜିବି ବ୍ୟର୍ଥରେ ସମୟ ଯିବ
ଲୁହ ଢାଳିବାରେ ବ୍ୟସ୍ତ ରହିବି ମୁଁ ତମେ ହସି ହସି ଗଡୁଥିବ ।।
ଅନ୍ତେ ପଦପ୍ରାନ୍ତେ ମିଳିବ ସ୍ଥାନ ପ୍ରାର୍ଥନା ଏ ନିରନ୍ତର
ଏ ଛୋଟ କାମନା ଲୁକ୍କାୟିତ ହୋଇ ରହିଛି ଅନ୍ତର ସ୍ଥଳ ।।
ଅଳି ଭାବ ଅବା ଗୁହାରି ଭାବ ଘେନିବାକୁ ଅନୁରୋଧ
ସହାସ୍ୟ ବଦନେ ଗ୍ରହଣ କରିଲେ ହେବ ଅଧମର ମନବୋଧ ।।

ରଚେଷ୍ଟର, ମିନେସୋଟା, ଆମେରିକା

www.vedantimagazine.com

ISSN NO.
2582-208X

# ଈଶ୍ୱର ସବୁ ଦେଇ ପାର



ପୁଷ୍ପାଞ୍ଜଳି ପଣ୍ଡା

କହିବାକୁ ଦରକାର ପଡେନି
ତୁମେ ଈଶ୍ୱର, ସବୁ ପାର ।।
ଏମିତି କିଛି କଥା ନାହିଁ ଯାହା
ତୁମକୁ ଅଜଣା।
ସବୁଠି ତୁମେ ଭରପୁର।।
ଏ ପୃଥିବୀ ରେ, ଆକାଶ ରେ
ଜଳରେ, ସ୍ଥଳରେ, ପବନ ରେ ।।
ହେଲେ କେମିତି ବଞ୍ଚିବି  ଯେ!!
କରୁଣାଦ୍ର  କରୁନାହଁ
ଶୁଷ୍କ ଏଇ ଜୀବନ ପାତ୍ରରେ
ନିଃଶ୍ୱାସ ଚାଲୁନାହିଁ
ମୁହୂର୍ତ୍ତେ ଶାନ୍ତିରେ ।।
ତୁମେ ନଚାଉଛ ଅହର୍ନିଶି
ଅଥଚ ଛନ୍ଦହୀନ ଗତିରେ ଗଡୁଛି
ସଂସାର ଷଡ ରସ ରେ ଜୁଡୁବୁଡୁ
ହେଲେ ସ୍ୱାଦହୀନ ଲାଗୁଛି ସମୟ

ISSN NO.
2582-208X

ଏବେଖାଲି  ଅପେକ୍ଷା କରୁଛି କାଟିବାକୁ ମାୟା
ବଳକା ଆୟୁଷ ସାରୁଅଛି ଯାହା।
ଆଉ ସୁଖ ଲୋଡା ନାହିଁ
ସମ୍ପଦ  ମାଗୁନାହିଁ
ଏବେ ଖାଲି ନିଦ୍ରା ଲୋଡା
ନିଆଁ ଲୋଡା
ମାଟି ଲୋଡା
ତୁମେ ତ ଈଶ୍ୱର
ସବୁ ଦେଇ ପାର।।

ଷ୍ଟାଟିଷ୍ଟିକାଲ ଅଫିସର, କେନ୍ଦ୍ରାପଡ଼ା

ISSN NO.
2582-208X

# ପଦେ କଥା



ଡକ୍ଟର ବିଜ୍ଞାନୀ ଦାସ

ପଦେ କଥା କହିଦେଇଥିଲେ କଣ ହୋଇଯାଇଥାଆନ୍ତା ? ହେଲେ ସିଏ କିଛି କହିଲେନ । ଗାଡିରୁ ଓହ୍ଲେଇ ଦୁଇ ପଟରେ ଫୁଲ ଓ ଆଲୋକମାଳାରେ ସୁସଜ୍ଜିତ ହୋଇଥିବା ପଥ ଦେଇ ସିଏ ସିଧା ନବନିର୍ମିତ ହଷ୍ଟେଲ୍‌ର ମୁଖ୍ୟ ଦ୍ୱାରଦେଶକୁ ଗଲେ, ସେଠି ଫିତାକାଟି ଦେଇ, କ୍ୟାମେରାମ୍ୟାନ୍ ମାନେ କିଛି ଫଟୋ ଉଠାଇ ସାରିବା ପରେ ସିଏ ଗାଡି ପାଖକୁ ଫେରିଆସିଲେ, ଗାଡିରେ ବସିଲେ ଓ ଚ୍ଲିଗଲେ । ପ୍ରତିମା, ଯିଏକି ଆମେରିକାରୁ ଯାଇଥିଲା ଓ ଏ ଉଦ୍‌ଘାଟନ ସମୟରେ କେତେକଣ ହେବ ବୋଲି ମନେମନେ ଭାବି ନେଇଥିଲା, ମୁଖ୍ୟମନ୍ତ୍ରୀଙ୍କର ଏମିତି ଆଚରଣ ଦେଖି ଆଶ୍ଚର୍ଯ୍ୟ ହୋଇଗଲା । ଗୋଟିଏ ଉଦ୍‌ଘାଟନ ପର୍ବ ଏମିତି ନୀରସ ହେବ ବୋଲି ତାର କଳ୍ପନାର ବାହାରେ ଥିଲା । ମୁଖ୍ୟମନ୍ତ୍ରୀ ଚ୍ଲିଯିବା ପରେ କେବଳ ପ୍ରତିମା ନୁହେଁ, ଅନ୍ୟ ସମସ୍ତ ଉପସ୍ଥିତ ଛାତ୍ରଛାତ୍ରୀ, ଅନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀ ମଧ୍ୟ ବିସ୍ମିତ ହେଲେ ।

ଉଦ୍‌ଘାଟନ ଉତ୍ସବ କଣ ଏମିତି ହୁଏ ? ପ୍ରତିମାର ଜୀବନରେ ସିଏ ଏମିତି ରକମର ଉଦ୍‌ଘାଟନ ଉତ୍ସବ ଦେଖିନ । ଏ ଉତ୍ସବରେ ଅନେକ ବକ୍ତା ରୁହନ୍ତି । ସେମାନେ ଉଦ୍‌ବୋଧନ ଦିଅନ୍ତି । ଉଦ୍‌ଘାଟନ କରୁଥିବା ବିଷୟକୁ ବ୍ୟାଖ୍ୟା କରନ୍ତି । ଅବଶ୍ୟ ଇଏ କରୋନା ପରର ଉଦ୍‌ଘାଟନ ଉତ୍ସବ । ହେଲେ ବି ଏମିତି ଉଦ୍‌ଘାଟନ ? ମୁଖ୍ୟମନ୍ତ୍ରୀ କିଛି ନ କହିଲେ ନାହିଁ, ଅନ୍ୟ ଯେଉଁ ମନ୍ତ୍ରୀ ଓ ସେକ୍ରେଟେରୀ ମାନେ ସେଠାରେ ଉପସ୍ଥିତ ଥିଲେ, ସେମାନେ ହେଲେ କିଛି କହିଥାଆନ୍ତେ । ସମସ୍ତେ ମୁଖ୍ୟମନ୍ତ୍ରୀଙ୍କ ସହିତ ଉପରକୁ

ISSN NO.
2582-208X

ଯାଇଥିଲେ ଓ ତାଙ୍କ ସହିତ ତଳକୁ ମଧ୍ୟ ଅବତରଣ କଲେ । ମୁଖ୍ୟମନ୍ତ୍ରୀ ଗାଡିରେ ବସିବା ପରେ, ସେମାନେ ବାମ ଦିଗକୁ ଚାଲିଲେ ଓ ହଷ୍ଟେଲ୍‌ର ଅନ୍ୟ ଦ୍ୱାର ଦେଇ କୋଠରି ସବୁ ଦେଖିବାକୁ ଗଲେ ।

ହଷ୍ଟେଲ୍‌ର ଅନ୍ୟ ଦ୍ୱାର ପାଖରେ ଜଳଖିଆ ପ୍ୟାକେଟ୍ ସବୁ ବଣ୍ଟାଗଲା । ଛାତ୍ରଛାତ୍ରୀ ଯିଏ ସବୁ ଉପସ୍ଥିତ ଥିଲେ, ସେମାନେ ଜଳଖିଆ ପ୍ୟାକେଟ୍ ନେଇ ଖାଇଲେ । ଖାଇସାରି ହଷ୍ଟେଲ୍‌ର ମୁଖ୍ୟଦ୍ୱାରର ସେ ସୁସଜ୍ଜିତ ପଥ ଏବଂ ଆଲୋକମାଳା ସହିତ ସେଲ୍‌ଫି ଉଠେଇବାରେ ଲାଗିଲେ ।

ଏଇଟା ଥିଲା ଭୁବନେଶ୍ୱରର ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନର ନୂତନ ଛାତ୍ରାବାସର ଉଦ୍‌ଘାଟନ ଉତ୍ସବ । ୨୦୨୨ ମସିହା, ଅକ୍ଟୋବର ୧୫ ତାରିଖ, ଶନିବାର । ଉଦ୍‌ଘାଟନ ପାଇଁ ଅନେକ ଦିନରୁ ପ୍ରସ୍ତୁତି ଚାଲିଥିଲା । ସେଇ ପ୍ରସ୍ତୁତି ପାଇଁ ପ୍ରତିମାର ଭାଇ ପ୍ରମୋଦ, ଗତ କିଛିଦିନ ଧରି ବ୍ୟସ୍ତ ରହୁଥିଲା । ଏ ଉଦ୍‌ଘାଟନ ଉତ୍ସବ କେମିତି ହେବ, କିଏ ସବୁ ଆସିବେ, ସାଜସଜ୍ଜା କେମିତି ହେବ, ଅନୁଷ୍ଠାନର ସମସ୍ତ ରାସ୍ତା ଇତ୍ୟାଦିକୁ ସଫା କେମିତି କରାଯିବ, ଆଉ ବିଶେଷ କରି କାର୍ଯ୍ୟକ୍ରମ କାହାପରେ କଣ ସବୁ ହେବ, ସେଇ ବିଷୟ ନେଇ ଯୋଜନା ଓ ଆଲୋଚନାରେ ବ୍ୟସ୍ତ ହୋଇଯାଉଥିଲା । ଯେହେତୁ ସିଏ ଅନୁଷ୍ଠାନର ମୁଖ୍ୟ ଥିଲା, କୌଣସି କ୍ଷେତ୍ରରେ ବିଶୃଙ୍ଖଳା ହେଲେ, ତା ଉପରେ ଆକ୍ଷେପ ଲାଗିବ । ହେଲେ ଏତେ ସବୁ ପରିଶ୍ରମର ଫଳ କ୍ଷଣକରେ ମାଟିରେ ମିଶିଯିବା ଭଳି ଲାଗିଲା ।

ପ୍ରତିମା, ତା' ଭାଉଜ ମୁନୁ ଓ ଅନୁଷ୍ଠାନର ଆଉ କେତେକ ଶିକ୍ଷୟିତ୍ରୀଙ୍କ ସହିତ ଫଟୋ ଉଠାଇବାକୁ ସଜା ହୋଇଥିବା ସ୍ଥାନକୁ ଆସିଲା । କିଛି ସମୟ ପରେ ତାକୁ ଜଣେ ଛାତ୍ର ଆସି ଜଣେଇଲା ଯେ, ଶିକ୍ଷାମନ୍ତ୍ରୀ ତା' ସହିତ କଥାହେବାକୁ ଚାହୁଁଛନ୍ତି ଓ ସେମାନେ ଡାଇରେକ୍ଟର୍‌ଙ୍କର ସଭାଗୃହରେ ଅପେକ୍ଷା କରିଛନ୍ତି । ପ୍ରତିମା ଓ ମୁନୁ ସଭାକକ୍ଷକୁ ଆସିଲେ । ସେଠାରେ ଅନେକ ଦାୟିତ୍ୱବାନ ସରକାରୀ ଅଧିକାରୀ ସମସ୍ତେ ଉପସ୍ଥିତ ଥିଲେ। ପ୍ରତିମାକୁ ଦେଖି ଶିକ୍ଷାମନ୍ତ୍ରୀ ମିଷ୍ଟର୍ ପଣ୍ଡା ସ୍ୱାଗତ କଲେ । ସେଇଠି ଓଡିଶାର ବର୍ତ୍ତମାନର ଶିକ୍ଷାନୁଷ୍ଠାନ ସଂପର୍କୀୟ ସମସ୍ତ ବିଷୟରେ ଆଲୋଚନା ହେଲା । ତେବେ

ISSN NO.
2582-208X

ଆଲୋଚନା ପୂର୍ବରୁ ପ୍ରତିମା ପଚାରିଲା, "ମୁଖ୍ୟମନ୍ତ୍ରୀ କଣ ସମସ୍ତ ଉଦ୍‌ଘାଟନ ଏଇରୂପେ କରନ୍ତି ? ୧୦ ମିନଟ୍ ରେ ସବୁ ଶେଷ । ପଦେ କଥା ବି କହନ୍ତିନ ?'

ମିଷ୍ଟର୍ ପଣ୍ଡା କହିଲେ, "ସିଏ କରୋନା ପରେ ଟିକେ କଥାବାର୍ତ୍ତା କମ କରିଦେଇଛନ୍ତି । ଜନତାଙ୍କ ଗହଳ ଭିତରେ ସିଏ ଦୂରତା ରକ୍ଷା କରୁଛନ୍ତି ଓ କଥାବାର୍ତ୍ତା ବି କରୁନାହାନ୍ତି ।'

"ତେବେ ଆଉ କଏ ହୁଏତ କିଛି କହିପାରିଥାନ୍ତେ । ଆପଣ କମ୍ପା ମୁଖ୍ୟ ସଚିବ କିଛି ବି କହିପାରିଥାନ୍ତେ । ଛାତ୍ରଛାତ୍ରୀମାନେ ଟିକେ ପ୍ରେରଣା ପାଇଥାଆନ୍ତେ । ହେଲେ କିଛି ନାହିଁ । ସିଏ ଆସିଲେ, ସିଧା ଯାଇ ଫିତା କାଟିଲେ, ତାପରେ ଚାଲିଗଲେ । ସେ ଦଶ ମିନଟ୍ ପାଇଁ ଆପଣ ମାନେ ଏତେ ଆୟୋଜନ କଲେ । ଏତେ ପୋଲିସ୍, ଏତେ ଅଧିକାରୀ, ସମସ୍ତେ କିଏ କେଉଁଠି ସ୍ଥାପିତ ହେବେ, କିଏ କେମିତି ବ୍ୟବହାର କରିବେ, କେମିତି ପ୍ୟାରେଡ୍ କରିବେ, ଏ ସବୁ ବି ଅଭ୍ୟାସ କଲେ । ତାପରେ ଦଶ ମିନଟ୍‌ରେ ସବୁ ଶେଷ । ମତେ ବଡ ଅଜବ ଲାଗିଲା ।'

"ସିଏ କଣକ, ମୁଖ୍ୟମନ୍ତ୍ରୀଙ୍କର ଅନ୍ୟ ସବୁ ମିଟିଙ୍ଗ୍ ଥିଲା । ସିଏ ଫେରିବାକୁ ଚାହିଁଲେ । ତେଣୁ ତାଙ୍କ ଫେରିବାକୁ ନେଇ ସମସ୍ତ ଷ୍ଟାଫ୍‌ଙ୍କୁ ବି ସଂପୃକ୍ତ ରହିବାକୁ ପଡିଲା । ଆଉ କିଛି କାର୍ଯ୍ୟକ୍ରମ ରଖିହେଲାନି ।'

ମିଷ୍ଟର୍ ପଣ୍ଡାଙ୍କର ଉପରୋକ୍ତ ସ୍ପଷ୍ଟୀକରଣରେ କିନ୍ତୁ ପ୍ରତିମା ସନ୍ତୁଷ୍ଟ ହୋଇପାରିଲାନି । "ଆପଣ ତ କିଛି କହିପାରିଥାନ୍ତେ । ଯଥା, ଏ ନୂଆ ହଷ୍ଟେଲ୍ ଦ୍ୱାରା ଛାତ୍ରଛାତ୍ରୀମାନେ କେମିତି ଉପକୃତ ହେବେ । ଏହା କେମିତି ଅନୁଷ୍ଠାନଟିକୁ ଏହାର ଉଦ୍ଦେଶ୍ୟ ସାଧନ ଦିଗରେ ସାହାଯ୍ୟ କରିପାରିବ । ସରକାରଙ୍କର ଏ ନୂଆ ହଷ୍ଟେଲ୍ ତିଆରି କରାଇବାର ଦୃଷ୍ଟିକୋଣ କେମିତି ଛାତ୍ରଛାତ୍ରୀ ମାନଙ୍କର ସମସ୍ୟା ସମାଧାନ କରାଇବାରେ ସାହାଯ୍ୟ କରିବ ଇତ୍ୟାଦି ଇତ୍ୟାଦି । ଆଉ ଇଏବି ଗୋଟିଏ ସୁଯୋଗ ଥିଲା ଛାତ୍ରଛାତ୍ରୀ ମାନଙ୍କୁ ପ୍ରେରଣା ଯୋଗାଇବାର । ହେଲେ ଆପଣମାନେ ସେ ସୁଯୋଗ ନେଲେନି ।'

ISSN NO. 2582-208X



ପ୍ରତିମାର ସେଇ ମନ୍ତବ୍ୟ ହିଁ ବର୍ତ୍ତମାନର ଶିକ୍ଷା ବିଭାଗ ସହିତ ସଂପୃକ୍ତ ସମସ୍ତ ସମସ୍ୟା ବିଷୟରେ ଆଲୋଚନା କରିବାର ଉପାଦାନ ଯୋଗାଇଲା । ପ୍ରତିମା ଯାହା ବୁଝିଲା, ସରକାର ଅନେକ କାମ କରୁଛନ୍ତି । ଅନେକ ସ୍କୁଲ୍, କଲେଜ ସବୁକୁ ନୂଆରୂପ ଦେବାକୁ କୋଟିକୋଟି ଅର୍ଥ ବ୍ୟୟ କରୁଛନ୍ତି । ସେମିତିରେ ଅନେକ ସ୍କୁଲ୍‌ର ରୂପରେଖ ବଦଳ ଯାଇଛି । ହେଲେ, ଯେଉଁ ମୁଖ୍ୟ କାର୍ଯ୍ୟ ପାଇଁ ଶିକ୍ଷାନୁଷ୍ଠାନ ମାନଙ୍କର ସୃଷ୍ଟି, ସେହି ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ । କାରଣ ସ୍କୁଲ୍ ରେ ସ୍ଥାୟୀ ଶିକ୍ଷକ, ଶିକ୍ଷୟିତ୍ରୀଙ୍କର ଅଭାବ । ଅସ୍ଥାୟୀ ଭାବରେ ଯେଉଁମାନେ ଅଛନ୍ତି, ସେମାନଙ୍କର ଏତେଟା ନିଷ୍ଠା ରହୁନି । ତାପରେ ସ୍କୁଲ୍ ରେ ଯେଉଁ ରୋଷେଇ, ଖିଆପିଆ ଇତ୍ୟାଦି ଚାଲିଛି, ସେସବୁ ସମ୍ଭାଳିବାରେ ଏତେ ସମୟ ବିତୁଛି ଯେ, ଶିକ୍ଷାଦାନର ସମୟ ଠିକ୍ ଭାବେ ନିୟନ୍ତ୍ରଣ କରିହେଉନି ।

"କାହାର ଭୁଲ୍ ? ଏ ସମସ୍ୟାର ସମାଧାନ କଣ ? ସରକାରଙ୍କର କିଛି କମିଟି ତ ସେଥିପାଇଁ ଥିବ ? ଏସବୁ ବିଷୟରେ ଭାବିବା ପାଇଁ, ଯୋଜନା କରିବା ପାଇଁ, ଓ ସମାଧାନ କରିବା ପାଇଁ କିଛି ତ ନିୟନ୍ତ୍ରଣ ପ୍ରଣାଳୀର ବ୍ୟବସ୍ଥା ରହିଥିବ ।'

ସେଠି ଜଣେ ଅବସରପ୍ରାପ୍ତ ଅଧ୍ୟାପକ ଥିଲେ । ସିଏ ଏବେ ସ୍ୱେଚ୍ଛାସେବୀ ଭାବେ ବିଜ୍ଞାନ ସମିତିର ଦାୟିତ୍ୱରେ ଅଛନ୍ତି । ସିଏ କହିଲେ, "ସବୁ ଅଛି । ହେଲେ, ଛାମୁ ଯାହା ଦେଲେ ହରଷେ, ପାଉପାଉ ଗଲା ବରଷେ । ସେଇ ପ୍ରକ୍ରିୟାରେ ସମସ୍ତ କାମ ଠିକ୍ ସମୟରେ ହୋଇପାରୁନି । ଅନୁଷ୍ଠାନର ରୂପରେଖ ବଦଳୁଛି । କିନ୍ତୁ, ସେସବୁର ରକ୍ଷଣାବେକ୍ଷଣ ଠିକ୍‌ଭାବେ ହୋଇପାରୁନି । ଧରନ୍ତୁ, ସରକାର ପାଇଖାନା କରେଇଦେଲେ, ହେଲେ ସେ ପାଇଖାନାକୁ ସଫା କରିବ କିଏ ? ଛାତ୍ରଛାତ୍ରୀ ମାନେ କଲେ, ସେଠି ଯାଇ ମିଡିଆ ପହଞ୍ଚିଯିବ, କଣନା, ଛାତ୍ରଛାତ୍ରୀ ମାନଙ୍କୁ ପାଇଖାନା ସଫା କାର୍ଯ୍ୟରେ ଲଗାଯାଉଛି ଓ ସବୁ ବଦ୍‌ନାମ ଶିକ୍ଷକ ମାନଙ୍କ ଉପରେ ପଡିବ । ଆଉ ଯଦି କିଏ ନ ମିଳିଲେ, କୁହନ୍ତୁ ତ ବିଚରା ଶିକ୍ଷକ ଉପରେ ପାଇଖାନା ସଫା କାମ ପଡିବ । ଏସବୁ କଣ ଉଚିତ ? ଉଚିତ ହୁଅନ୍ତା, ଯିଏ ପାଇଖାନା ବ୍ୟବହାର କଲେ, ନିଜେ ସଫା କରି ରଖିବେ । ହେଲେ ସେମିତି ତ ହେଉନି ।'

ISSN NO.
2582-208X

ଏହା ପରେ ଆଲୋଚନା ହେଲା କଲେଜ ଓ ବିଶ୍ୱବିଦ୍ୟାଳୟ ଭଳି ଶିକ୍ଷାନୁଷ୍ଠାନ ଉପରେ । ସେଠିବି ସେମିତି ଅବସ୍ଥା । ସବୁଠି ଶିକ୍ଷକଙ୍କ ଅଭାବ । ଅନୁଷ୍ଠାନର ଅଧ୍ୟାପକ ସୁଦାମ ବାବୁ କହିଲେ, "ଦେଖନ୍ତୁ, ଗଣିତରେ ଯଦି ଜଣେ ମାଷ୍ଟର୍ସ୍ କରି, କଂପ୍ୟୁଟରରେ ଏମ୍.ସି.ଏ. ସାରିଦେବ, ତାକୁ ଭଲ ସ୍ଥାୟୀ ଚାକିରିରେ ନିଯୁକ୍ତି ମିଳିବାରେ କିଛି ଅସୁବିଧା ହେବନି । ସେ ସ୍ଥଳେ କିଏ କାହିଁକି ଅସ୍ଥାୟୀ ଚାକିରିରେ ରହି ଶିକ୍ଷକତା କରିବାକୁ ଚାହିଁବ କୁହନ୍ତୁ ତ ?
'

ପ୍ରତିମା ମୁଣ୍ଡରେ କିଛି ପଶୁନଥିଲା । ଏ ସମସ୍ୟାର ସମାଧାନ ତା' ପାଖରେ ନଥିଲା । ତେବେ ତା' ମନରେ ପ୍ରଶ୍ନ ଉଠିଥିଲା, "ପ୍ରାଇଭେଟ୍ ଅନୁଷ୍ଠାନ ସବୁ ଏତେ ଭଲ କରୁଛନ୍ତି କେମିତି ? ସେମାନଙ୍କୁ ତ ଶିକ୍ଷକ ନିଯୁକ୍ତି ଦେବାରେ ହଇରାଣ ହେବାକୁ ପଡୁନି । ହେଲେ ସରକାରୀ ଅନୁଷ୍ଠାନରେ ଏସବୁ ସମସ୍ୟା କାହିଁକି ?'

ଯାହାବି ହେଉ, ପ୍ରତିମା ଯେ ନିଜର ମନର କଥା, ସମସ୍ୟାର ସମାଧାନ ବିଷୟରେ ନିଜର ଚିନ୍ତା ଓ ଯୁକ୍ତି ସମସ୍ତଙ୍କ ଆଗରେ ଉପସ୍ଥାପିତ କରିପାରିଛି, ସେ ନେଇ ଖୁସିଥିଲା । କିଏ ଗ୍ରହଣ କରୁ କି ନକରୁ, ତା' କର୍ତ୍ତବ୍ୟ ସିଏ କରିଛି । ଅନ୍ତତଃ ସେମାନଙ୍କ ମନରେ ଏସବୁ ବିଷୟରେ ଟିକେ ତ ଚିନ୍ତା ପଶିବ ?

ହେଲେ, ମୁଖ୍ୟମନ୍ତ୍ରୀ ଯେ ପଦେ କଥା ନ କହି ଉଦ୍‌ଘାଟନ କରି ଚାଲିଗଲେ, ସେକଥାଟା ପ୍ରତିମା ହଜମ କରିପାରୁନଥିଲା ଓ ବାରମ୍ବାର ସେଇ କଥା ସମୟ ସମୟରେ ଦୋହରାଉଥିଲା ।

ଆଜି କେତେ ଉତ୍ସାହରେ ପ୍ରତିମା ଓ ତା' ଭାଉଜ ମୁନୁ ଏ ଉଦ୍‌ଘାଟନ ଉତ୍ସବରେ ଯୋଗ ଦେବାପାଇଁ ଘଣ୍ଟାଏ ଆଗରୁ ପହଞ୍ଚିଯାଇଥିଲେ । ଉଦ୍‌ଘାଟନ ହେବାର ନିର୍ଦ୍ଧାରିତ ସମୟ ଥିଲା ଅପରାହ୍ନ ପାଞ୍ଚଟା । ସେମାନେ କିଛି ସମୟ କନ୍‌ଫରେନ୍ସ୍ ରୁମ୍ ରେ ଶିକ୍ଷା ବିଭାଗର ଉପସ୍ଥିତ ସମସ୍ତ କର୍ମକର୍ତ୍ତାଙ୍କ ସହିତ କଥୋପକୋଥନରେ ଯୋଗଦେଲେ । ତାପରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାଗତାର୍ଥେ ନୂଆ ଛାତ୍ରାବାସ ନିକଟରେ ଅପେକ୍ଷା କରିରହିଲେ । ମୁଖ୍ୟମନ୍ତ୍ରୀ ଆସୁଛନ୍ତି । କିଛି ଛୋଟ କଥା ନୁହେଁ । ରାଷ୍ଟ୍ରର ମୁଖ୍ୟ ସିଏ । ଆଜି ଯେତେବେଳେ ପ୍ରତିମା ଓ ମୁନୁ କାରରେ ଆସୁଥିଲେ, ଖଣ୍ଡଗିରି-ଚନ୍ଦକା ରାସ୍ତା ସାରା ଏ ନୂତନ ଛାତ୍ରାବାସର

ISSN NO.
2582-208X

ଉଦ୍‌ଘାଟନ ଖବର ସହିତ ମୁଖ୍ୟମନ୍ତ୍ରୀ ଓ ତାଙ୍କ ରାଜନୈତିକ ଦଳର ପୋଷ୍ଟର ଲାଗିଥିଲା । ଯେମିତି ମନେ ହେଉଥିଲା ଗୋଟିଏ ବଡ ଧରଣର କିଛି ଗୋଟିଏ ଘଟଣା ଘଟିବାକୁ ଯାଉଛି। ପ୍ରତିମା ଓ ମୁନୁ ମଧ ବହୁତ ଆଗ୍ରହରେ ଅପେକ୍ଷା କରି ରହିଥିଲେ । ଏମିତି ଏକ ଐତିହାସିକ ଘଟଣା ସ୍ୱଚକ୍ଷୁରେ ଦେଖିବାର ସୌଭାଗ୍ୟ ପାଇଥିବାରୁ ନିଜକୁ ଧନ୍ୟ ମନେ କରୁଥିଲେ ।

ଏହି ସମୟରେ ଖବର ପହଞ୍ଚିଲା କି ମୁଖ୍ୟମନ୍ତ୍ରୀଙ୍କର ଆସିବାରେ ଘଣ୍ଟାଏ ବିଳମ୍ବ ହେବ । ସମସ୍ତେ ଟିକେ ନିରୁତ୍ସାହିତ ହେଲେ ମଧ ଆଗ୍ରହରେ ଅପେକ୍ଷା କରିରହିଲେ । ନିଜନିଜ ଭିତରେ କଥୋପକୋଥନରେ ସମୟ ଅତିବାହିତ କଲେ । ମୁଖ୍ୟମନ୍ତ୍ରୀଙ୍କ ପହଞ୍ଚିବାର ଦଶମିନଟ୍ ପୂର୍ବରୁ ସମସ୍ତେ ପୁଣି ସଜାଗ ହୋଇଗଲେ । ମୁଖ୍ୟମନ୍ତ୍ରୀଙ୍କର ଗାଡି ପହଞ୍ଚିବା ପରେ ସିଏ ନିଜ ମୁଖ୍ୟ ସଚିବଙ୍କ ସହିତ ମିଶି ଗାଡିରୁ ବାହାରିଲେ । ସିଏ ମୁହଁରେ ମୁଖାବରଣ ପିନ୍ଧିଥିଲେ । ପୂର୍ବ ପ୍ରସ୍ତୁତି ଅନୁଯାୟୀ ମୁଖ୍ୟମନ୍ତ୍ରୀଙ୍କୁ ଅଭିବାଦନ ଦିଆଯିବା ପରେ ଶିକ୍ଷାବିଭାଗର ଅନ୍ୟ ସମସ୍ତ କର୍ମକର୍ତ୍ତା ଓ ଅନୁଷ୍ଠାନର ଡାଇରେକ୍ଟର୍ ପ୍ରମୋଦ ସହିତ ସୁସଜ୍ଜିତ ପଥ ଦେଇ ସିଏ ପ୍ରଥମ ମହଲାକୁ ଗଲେ । ସମସ୍ତଙ୍କର ଅଭିବାଦନର ବଦଳରେ ସିଏ ହାତଯୋଡି ନମସ୍କାର ମୁଦ୍ରାରେ ପ୍ରତିଅଭିବାଦନ ଜଣାଉଥିଲେ । ବାତାବରଣରେ କରୋନା ମହାମାରୀର ଭୟ ତଥାପି ରହିଥିଲା । ତେଣୁ ମୁଖ୍ୟମନ୍ତ୍ରୀଙ୍କର ଏ ସଚେତନତା ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇ ରହିଥିଲା । ହେଲେ ସିଏ ଗୋଟିଏ ମିନଟରେ ଫିତା କାଟିଦେଇ କାମ ସାରିଦେଲେ ଓ ପ୍ରତ୍ୟାବର୍ତ୍ତନ କଲେ । ଦଶମିନଟ୍ ଭିତରେ ସବୁ ସରିଗଲା । ମୁଖ୍ୟମନ୍ତ୍ରୀ ତାଙ୍କ ଗାଡିରେ ବସି ଚାଲିଗଲେ ।

ସେଇକଥାଟା ହଜମ ହେଉନଥିଲା ପ୍ରତିମାର । କ୍ଷମତାରେ ଥିବା ବ୍ୟକ୍ତିମାନଙ୍କର ସମସ୍ତ କଥା ସାଧାରଣ ଜନତା ପାଇଁ ବିଶିଷ୍ଟ ହୋଇ ରହେ । ସେଥିପାଇଁ କ୍ଷମତାସୀନ ବ୍ୟକ୍ତିମାନେ ଜନତାଙ୍କୁ ପ୍ରେରଣା ଦେବାପାଇଁ ଉପଯୁକ୍ତ ସମୟରେ ଉପଯୁକ୍ତ କଥା କହିବା ପାଇଁ ପ୍ରସ୍ତୁତି କରିଥାନ୍ତି । ସେମାନଙ୍କର କଥାକୁ ଶୁଦ୍ଧ ଓ ସଚ୍ଚୋଟ ମନରେ ଗ୍ରହଣ କରିନଥାନ୍ତି ସାଧାରଣ ଜନତା । ଯଦିଓ ବିରୋଧି ଦଳର ବ୍ୟକ୍ତିମାନେ ସେସବୁର ଅନ୍ୟ ରକମର ଅର୍ଥ ବାହାର କରନ୍ତି, ହେଲେ ବି ସେସବୁ କଥା ଅତ୍ୟନ୍ତ ମୂଲ୍ୟବାନ । ସେମିତି

ISSN NO.
2582-208X

ଏକ ମୂଲ୍ୟବାନ କଥା ଶୁଣିବାର ଉତ୍ସାହ ନେଇ ଆସିଥିଲା ପ୍ରତିମା । ହେଲେ କଥା ବଦଳରେ ସେଠି ରହିଗଲା ଖାଲି ଶୂନ୍ୟତା ।

ପ୍ରତିମାର ମନେ ପଡୁଥିଲା, ପଦେ କଥା କହିଥିଲେ ତାର ଗଣିତ ଶିକ୍ଷୟିତ୍ରୀ । ସେଦିନ ସିଏ କଣପାଇଁ କେଜାଣି ଘରଲୋକଙ୍କ ଉପରେ ଅନେକ ରାଗିଥିଲା । ସେତେବେଳେ ସିଏ ସପ୍ତମ ଶ୍ରେଣୀରେ ପଢୁଥିଲା । ଅନେକ ରାଗୀ ଥିଲା ଓ ଅନ୍ୟାୟରେ କେହି ପଦେ କହିଦେଲେ ଜମା ବି ସହୁନଥିଲା । ଘରଲୋକଙ୍କ ଉପରେ ରାଗି ସେଦିନ ସିଏ ସବୁ ବାସନ ଲୁଚେଇ ସେ ଘରେ ତାଲା ଲଗେଇ ସ୍କୁଲ୍ ଗ୍ଲିଗଲା । ଘରେ ସମସ୍ତେ ଆଉ ଖିଆପିଆ କେମିତି କରିବେ ? ହାଣ୍ଡି କଡେଇ ନଥିଲେ ରୋଷେଇ କେମିତି କରିବେ ? ବାଧ ହୋଇ ପ୍ରତିମାର ଜେଜେମା ସ୍କୁଲ୍‌ର ପହଞ୍ଚିଲା ଓ ସମସ୍ତ କଥା ଜଣେଇଲା । ମାଡାମ୍ କହିବାରୁ ଜେଜେମାକୁ ତାଲା ଗ୍ଭବି ଦେଲା ପ୍ରତିମା । ମାଡାମ୍ କହିଥିଲେ, "ସପ୍ତମରେ ବୃତ୍ତି ପାଇଲେ ତୁ ତ ବାହାରେ ପଢିବାକୁ ଯିବୁ । ଏଠି ନିଜ ଲୋକଙ୍କ ଉପରେ ତୁ ଏତେ ରାଗୁଛୁ, ସେମାନେ ସହୁଛନ୍ତି । ହେଲେ ବାହାର ଲୋକ କଣ ସହିବେ ? ସେମାନଙ୍କ ଉପରେ ରାଗିଲେ ସେମାନେ ତତେ ଗ୍ରହଣ କରିବେନି । ତୋ ଉପରେ ଆକ୍ରୋଶ ରଖିବେ ଓ ପ୍ରତିଶୋଧ ନେବେ । ତେଣୁ ରାଗକୁ ଆୟତରେ ରଖ ।'

ପ୍ରତିମା ସେକଥା ଶୁଣିଥିଲା ଓ ସେଦିନରୁ ସିଏ ସହିବା ଶବ୍ଦ ସହିତ ପରିଚିତ ହୋଇଗଲା ।

ହେଲେ ପ୍ରତିମାର ମନେ ଅଛି, କଲେଜରେ ପଢୁଥିବା ସମୟରେ ସିଏ ଅନେକ ସମୟରେ ଉଦାସ ରହୁଥିଲା । ଭାବୁଥିଲା, ତାକୁ ଯଦି କିଛି ଛୋଟମୋଟ କାମ ମିଳନ୍ତା ଓ ସିଏ ନିଜେ ରୋଜଗାର କରିପାରନ୍ତା, ତେବେ ତାର କଲେଜ ଖର୍ଚ୍ଚ ନେଇ ଘର ଉପରେ ଏତେଟା ଗ୍ଭପ ପଡନ୍ତାନି । ତା' ପାଖରେ ସମୟ ଥିଲା ଓ ତାର ଅନେକ କିଛି କାମରେ ସାହାଯ୍ୟ କରିବାର କ୍ଷମତା ମଧ୍ୟ ଥିଲା । ହେଲେ ଓଡିଶାରେ ସେମିତି ସୁବିଧା ନଥିଲା । ଏବେ ବି ଅଛି ବୋଲି ତାର ମନେହୁଏନି । କିନ୍ତୁ ଆମେରିକାରେ ସେ ସୁଯୋଗ ଓ ସେ ସ୍ୱାଧୀନତା ଛାତ୍ରଛାତ୍ରୀ ମାନଙ୍କୁ ମିଳୁଛି । ସେଇ ଉଦାସ ମଧ୍ୟରେ ବେଳେବେଳେ ଅନେକ ଅଜବ ରକମର ଚିନ୍ତା ଗ୍ରାସ କରୁଥିଲା । ନିଜର ସେଇ ସମୟର ଭାବନା ମନେପଡିଲେ ସିଏ ଅଠର ବର୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ମନଭାବକୁ ପଢିପାରେ, ସେମାନଙ୍କ ଇଚ୍ଛା, ଦ୍ୱନ୍ଦ୍ୱ, ଦୁଃଖ, ଆଶା, ନିରାଶାକୁ

ISSN NO.
2582-208X

ବୁଝିପାରେ । ଅର୍ଥର ଆବଶ୍ୟକତା ସବୁଠାରେ ରହିଛି । କଏ ଜାଣେ କଏ କେଉଁ ଭଲ ପରିବାରରୁ ଆସି ପଢୁଛି । ସେମାନଙ୍କ ଭବିଷ୍ୟତ ପାଇଁ ତାଙ୍କ ପରିବାରର ଅନ୍ୟ ସବୁ ସଦସ୍ୟ କଣ ସବୁ ବଳଦାନ ଦେଉଛନ୍ତି ?

ଭବିଷ୍ୟତକୁ ନେଇ ଚନ୍ତା ସମସ୍ତଙ୍କର ରହିଛି । ସେଇ ସମୟରେ ଆଶାର କଛିଟା ବାକ୍ୟ କାହାଠାରୁ ଶୁଣିଦେଲେ ଭଲଲାଗେ । ମନରେ ନୂଆ ପ୍ରେରଣା ଜାଗ୍ରତ ହୁଏ । ଯେମିତି ପ୍ରତିମାକୁ ସେ ପ୍ରେରଣା ମିଳଥିଲା । ସିଏ ଯେତେବେଳେ ଗଣିତ ଅନର୍ସ ରଖିଲା, ମନରେ ପ୍ରଶ୍ନ ଥିଲା, "ଗଣିତ ଅନର୍ସ ରଖି କ ଭବିଷ୍ୟତ ଗଢିପାରିବି ? ଫିଜିକ୍ସ୍ କ କେମିଷ୍ଟ୍ରି ରଖିଲେ ହେଲେ ବି.ଏସ୍.ସି. ପରେ ଲାବୋରେଟୋରୀ ଆସିଷ୍ଟାଣ୍ଟ କାମ ମିଳଯିବ । ହେଲେ ଗଣିତ ପଢିଲେ ଜଣେ କଣ  କରିବ ?' କନ୍ତୁ ଗଣିତ ବିଷୟଟି ପ୍ରତିମାକୁ ଭଲ ଲାଗୁଥିଲା । ପ୍ରଶ୍ନ ଓ ସମାଧାନ । ପ୍ରଶ୍ନ ଯେତେ ଜଟିଳ ହେଉଥିଲା, ସେସବୁକୁ ସମାଧାନ କରିବାରେ ସେତେ ମଜା ଆସୁଥିଲା । ସେଥିରେ ସିଏ ଆନନ୍ଦ ପାଉଥିଲା । ପ୍ରତିଭା ମାଡାମ୍ କହିଥିଲେ, "ଗଣିତର ଅନେକ ଉପଯୋଗିତା ରହିଛି । ବିଶେଷତଃ ତମେ ଯଦି ଏମ୍.ଏ.ସି.ରେ ଫ୍ଲୁଇଡ୍ ଡାଇନାମିକ୍ସ୍ ଓ ନ୍ୟୁମରିକାଲ୍ ଆନାଲିସିସ୍ ରଖିବ, ତେବେ ସେସବୁର ଉପଯୋଗିତା ସବୁଠାରେ, ଏରୋଡାଇନାମିକ୍ସ୍‌ରୁ ଆରମ୍ଭ କରି ସମସ୍ତ ଇଞ୍ଜିନୟରିଙ୍ଗ୍ ବିଷୟରେ ତୁମର ଦକ୍ଷତା ରହିପାରିବ ।' ସେସବୁ କଥା ପ୍ରତିମାର ଜୀବନରେ ଜୀବନ୍ତ ହୋଇଛି ।

ସେଥିପାଇଁ ପ୍ରତିମା ଭାବେ, ସବୁ ସମୟରେ ଛାତ୍ରଛାତ୍ରୀ ମାନଙ୍କୁ ପ୍ରେରଣା ଦେବାର ଆବଶ୍ୟକତା ରହିଛି । ଆଜି ସେ ସୁଯୋଗ ଥିଲା । ହେଲେ ....?

ପ୍ରେସିଡେଣ୍ଟ କେନେଡିଙ୍କର ବାକ୍ୟର ପ୍ରେରଣାରେ ଆମେରିକା ଚନ୍ଦ୍ରକୁ ଯିବାକୁ ଯୋଜନା କରିପାରିଲା । ଉଇନ୍‌ଷ୍ଟନ୍ ଚର୍ଚ୍ଚିଲ୍‌ଙ୍କର ବାକ୍ୟର ପେରଣାରେ ୟୁରୋପ୍‌ର ଅନେକ ଦେଶ ସବୁ ଜର୍ମାନ୍ ବିରୁଦ୍ଧରେ ଏକତ୍ରିତ ହୋଇ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ମିଳତ ଶକ୍ତକୁ ବିଜୟୀ କଲେ।

ମହାତ୍ମା ଗାନ୍ଧୀଙ୍କର ବାକ୍ୟର ପ୍ରେରଣାରେ ମଣିଷ ମନରେ ପ୍ରକୃତ ବିଜୟର ଅର୍ଥ ବଦଳଗଲା ।

ISSN NO.
2582-208X

ସେମିତି କଛି ବାକ୍ୟ, କଛି ପଦ କଣ କହିପାରିନଥାନ୍ତେ ମୁଖ୍ୟମନ୍ତ୍ରୀ ?

ଆଜି ଏତେ ବଡ ସୁଯୋଗ ଥିଲା । ଆଜିର ଛାତ୍ର, ଏ ରାଜ୍ୟର ଭବିଷ୍ୟତ । ତାକୁ ସାହାଯ୍ୟ କରିବାର ଆବଶ୍ୟକତା ରହିଛି । ତାକୁ ପ୍ରେରଣା ଯୋଗାଇବାର ଆବଶ୍ୟକତା ରହିଛି । ତା ମନରେ ଉତ୍ସାହ ଦେବାର ଆବଶ୍ୟକତା ରହିଛି ।

ଖାଲି ଫିତା କାଟିଦେଲେ ଉଦ୍‌ଘାଟନ ହୁଏନ । ପ୍ରକୃତ ଉଦ୍‌ଘାଟନ ହୁଏ, ସେଠି ଉପସ୍ଥିତ ଥିବା ଜନତାଙ୍କ ସହିତ ସଂପର୍କ ସ୍ଥାପନ କଲେ । ସଂପର୍କ ସ୍ଥାପନ ପାଇଁ କଥାର ତ ଆବଶ୍ୟକତା ରହିଛି ।

ଫେରିବା ବେଳେ ଏଇ ସବୁ ଘଟଣା ଆଲୋଚନା କରୁଥିଲେ ପ୍ରତିମା ଓ ମୁନୁ । ଏବେ ପ୍ରମୋଦ ମଧ ସେମାନଙ୍କ ସାଙ୍ଗରେ ଫେରୁଥିଲା । ମୁନୁ ତାକୁ ଖୁଣ୍ଟା ଦେବା ଭଳ କହିଲା, "ଏଇ ଭଳଆ ଉଦ୍‌ଘାଟନ ପାଇଁ ତମେ ଏତେଦିନ ଧରି ଏମିତି ଗଧ ଭଳ ଖଟୁଥିଲ ?'

ରଦରେ୍‌ଫାର୍ଡ ଓ୍ୱେ, ଡେଟନ୍, ମେରୀଲାଣ୍ଡ୍,
ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ବାପା ବୋଉ ଦିହେଁ



ଶଶଧର ମହାପାତ୍ର

ବାପା ବୋଉ ଦିହେଁ ଗୋଟିଏ ମୁଦ୍ରାର
ଦିଓଟି ପାର୍ଶ୍ୱ ପରି
ଧନ୍ୟ କରିଛନ୍ତି ଆମ ଜୀବନକୁ
ଆମକୁ ଜନ୍ମ କରି ।।

ବୋଉ ଆମଘର ଲକ୍ଷ୍ମୀ ଠାକୁରାଣୀ
ବାପା ହେଲେ ଜଗନ୍ନାଥ
ବୋଉ କାମ କରେ ଘର ଭିତରେ
ବାହାରେ ବାପାଙ୍କ ହାତ ।।

କଥାରେ କାମରେ ଷ୍ଟାଇଲ ଅଲଗା
ନରମ ଗରମ ଲାଗେ
ବୋଉ ଭକଭକ ଓଗାଳି ଦିଏ ତ
ବାପା ହିଁ ହିସାବ ମାଗେ ।।

ଶ୍ରଦ୍ଧା ମମତାର ପ୍ରତିମୂର୍ତ୍ତି ବୋଉ
ତ୍ୟାଗର ନମୁନା ବାପା

ISSN NO.
2582-208X

ବାପା ସବୁବେଳେ ସ୍ଥିତପ୍ରଜ୍ଞ ଥିଲେ
ବୋଉ କେବେ ହୁଏ ଖପ୍‌ପା ।।

ପିଲାମାନେ ଯେବେ ଅବୁଝା ହୁଅନ୍ତି
ବୁଝାଇବା ହୁଏ କଷ୍ଟ
ବାପା କହିଥାନ୍ତି ତୁମେ ପିଲାମାନେ
ବୋଉ ଯୋଗୁ ହେଲ ନଷ୍ଟ ।।

ବୋଉ ଦୋଷଦିଏ ବାପାଙ୍କୁ କେବଳ
କହେ ହୁଅ ସାବଧାନ
ବାପା ହିଁ ସବୁର ମୂଳ ଜାଣିଥାଆ
କରନ୍ତିନି ସମାଧାନ ।।

ବୋଉ ଦେଉଥାଏ ଆଶା ଓ ବିଶ୍ୱାସ
ବାପାଙ୍କ ପାଖରେ ଚାବି
ବୋଉ ଘାରିହୁଏ ଦୁଃଖ ଯନ୍ତ୍ରଣାରେ
ବାପା ଗଲେ ଟିକେ ରାଗି ।।

ବୋଉକୁ ମନେଇ କାମ ହେଇଯାଏ
ବାପା ଲୁହା ଭଳି ଟାଣ
ବୋଉକୁ ଫର୍ମୁଲା ଜଣାଥାଏ ବୋଲି
ଫୁରୁସି ଯାଏ ସେ ବାଣ ।।

ଶେଷରେ ହୁଅନ୍ତି ଦିହେଁ ସହମତ
ଭଲ ବୁଝାମଣା ଥିଲେ
ଜଣେ ଜଣଙ୍କର ପରିପୂରକ
ମନକଥା କହିଦେଲେ ।।

ISSN NO.
2582-208X

ପ୍ରେମର ନଈରେ ବାପା ଏପଟରେ
ବୋଉ ଆରପାରି ଧାର
ବାହାରକୁ ସିନା ଗମ୍ଭୀର ଦିଶନ୍ତି
ଭିତରେ ଅମୃତ ଝର ।।

(ଯେଉଁ ବାପା-ମା'ଙ୍କ ପାଇଁ ଆମରି ସୃଷ୍ଟି, ସେମାନଙ୍କୁ ହର୍‌ାଇଲେ କେତେ ଯେ କଷ୍ଟ ହୁଏ ତାହା ଆମେ ବାପା-ମା' ହେବାପରେ ଜାଣୁଛନ୍ତ । ସେମାନଙ୍କର ବଳଦାନ ପିଲ୍‌ମାନଙ୍କ ପାଇଁ ଅତୁଳନୀୟ । ସେମାନେ ଆଜି ସ୍ୱର୍ଗପୁରରେ । କନ୍ତୁ ସବୁବେଳେ ଆମ ହୃଦ କନ୍ଦରରେ ବିଜେ କରୁଛନ୍ତୁ ।)

ହିଡେନ୍ ଭ୍ୟାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ,ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ଅଦିନିଆ ବର୍ଷା



ଡଃ ମାଙ୍ଗଳିକା ମହାପାତ୍ର

ବେଳେ ବେଳେ ଭାବେ
ଯଦି ଏ ବର୍ଷାରେ ତୁମେ
ମୋ ପାଖରେ ଥାଆନ୍ତ...
ମିଶିକ ବର୍ଷାରେ ଭିଜିଥାନ୍ତେ
ମୌସୁମୀର ଭରପୁର ମଜା ନେଇଥାନ୍ତେ..

ଓଦା ଲୁଗାରେ ଘରକୁ ନ ଫେରି
ବାଟରେ ଲୁଗା ଶୁଖେଇଥାନ୍ତେ..
ନୀଳ ଆକାଶର ବାଦଲଭରା ମେଘକୁ
ମନଭରି ଉପଭୋଗ କରିଥାନ୍ତେ...

ପତ୍ରରୁ ଝରିପଡୁଥିବା ବିନ୍ଦୁ ବିନ୍ଦୁ ଜଳକୁ
ହାତ ପାପୁଲିରେ କୋଳେଇ ନେଇଥାନ୍ତେ
ଛତାର ଆବଶ୍ୟକତାକୁ
ମନେ ବି ପକେଇ ନଥାନ୍ତେ...

ସଦ୍ୟ ସ୍ନାତା ଘାସ ବୁଦାରେ
ଲାଲ୍ ଟୁକୁ ଟୁକୁ ସାଧବ ବୋହୂକୁ
ମନଦେଇ ଖୋଜିଥାଆନ୍ତେ....
ସତରେ କେତେ ମଜା ଲାଗିଥାନ୍ତା
ଯଦି ଏଇ ବର୍ଷାରେ କେବେ
ଆମର ଦେଖା ହେଇଥାଆନ୍ତା...!!!

ରେଭେନସା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ଇସ୍ତାହାର


ଗୀତା ଷଡ଼ଙ୍ଗୀ

ଟୁକୁଡ଼ାଏ ଜୀବନ ଟଳମଳ
ପଦ୍ମ ପତ୍ରରେ
କେବେ ଖସି ପଡିବ
ଅଥଳ ପାଣିରେ ଜାଣେନା
ତଥାପି ସମୟ ସ୍ରୋତରେ
ବିନ୍ଧାଣି ସାଜି ଆଙ୍କି ଚାଲିଛି
ଜୀବନ ର ନୀଳ ନକ୍ସା
ହେଲେ କୋଉ ଜୀବନ ରହସ୍ୟ ର
ଅସଲ ଗଣ୍ଠି ଫିଟାଇ ପାରୁଛି
ଯେତେ ଯେତେ ଫିଟାଇବାର
ଚେଷ୍ଟା କରୁଛି
ସେତେ ସେତେ ଅଡୁଆ ସୂତାରେ
ଛନ୍ଦି ହୋଇ ପଡୁଛି ।
ଅମୃତ ଫଳ ଆଶାରେ
ଅନବରତ ଧାଇଁଛି ସିନା
ହେଲେ କୋଉ ଉତ୍ତରଣର
ମାର୍ଗ ପାଇ ପାରୁଛି ?

ISSN NO.
2582-208X

ପ୍ରୀତିପଦ ପରିମଣ୍ଡଳ
ହୋଇ ନାହିଁ ଆଉ
ଆଜିର ଏ ପୃଥିବୀ
ନୈତିକତା ର ନିର୍ମାଲ୍ୟ
ନଷ୍ଟ ହୋଇଗଲାଣି କେବେଠୁ
କୁଟିଳ କୁରୁକ୍ଷେତ୍ର ଏବେ
ଲାଗି ରହିଛି ସବୁଠି
ତେବେବି ବିଜୟ ପର୍ବର
ଇସ୍ତାହାର ଲେଖିବା ପାଇଁ
ମୁଁ ଉଦ୍ୟମ ଜାରି ରଖିଛି ।

ବ୍ୟୋମ୍-ଡି-୧୧୦୩
ଜେଡ୍ ୱାନ, ପଟିଆ
ଭୁବନେଶ୍ୱର -୭୫୧୦୨୪
ମୋ-୯୫୯୪୭୦୫୭୩୫

ISSN NO.
2582-208X

# ଗାଲୁଆଙ୍କ ଗୃଷବାସ



ବଦ୍ରୀ ମହାନ୍ତ

ଆଖି ପହଁରେଇ ଆଣିଲେ ବିବିଧ ମଣିଷ ମେଳରୁ ଚରକାଳ ସଫଳତା ଓ ବିରଳ ପ୍ରାପ୍ତିର ସନ୍ଧାନ କରୁଥିବା ଚତୁର ପ୍ରାଣୀଙ୍କୁ ଠାବ କରିବା ସହଜ ହୋଇଉଠେ । ଅତି ସନ୍ତର୍ପଣରେ ଗୋପନରେ ଓ ଯୋଜନାବଦ୍ଧ ଭାବରେ ସେମାନେ ରୂପ ଦିଅନ୍ତି ନିଜର କଳ୍ପନା ମାନଙ୍କୁ । ପ୍ରାପ୍ତି ଅପ୍ରାପ୍ତି, ସନ୍ତୋଷ ଅସନ୍ତୋଷରେ ପ୍ରତିକ୍ରିୟାଶୀଳ ନ ହୋଇ ଲାଗି ରହନ୍ତି ଶେଷ ବିନ୍ଦୁଟିକୁ ସ୍ପର୍ଶ କରିବା ପର୍ଯ୍ୟନ୍ତ । ତୀବ୍ର ମାନସିକ ଓ ଶାରୀରିକ ଅବସାଦ ଅଥବା ଆକ୍ରମଣ ସେମାନଙ୍କୁ, ସେମାନଙ୍କ ମନଃସ୍ଥିତି ଉପରେ କୌଣସି ରୂପେ ପ୍ରଭାବ ପକାଇ ପାରେନାହିଁ । ଏ ଜାତୀୟ ବ୍ୟକ୍ତି ଉପରକୁ 'ସାମାନ୍ୟ ଓ କିଛି ନହୋଇଥିବା' ଦର୍ଶାଇ ନୂଆ ନୂଆ ଯୋଜନକୁ ଖୋଳ ତାଡ଼ କରୁଥିବାରୁ ସଭିଏଁ ଜାଣନ୍ତି ଗାଲୁଆ ରୂପେ । ଏମାନଙ୍କ ରୂପ ଭେକ ଚାଲି ଚଳଣ ଅଙ୍ଗ ଭଙ୍ଗୀରେ ଥାଏ ଚଞ୍ଚକତା, ଭାଷା ଶବ୍ଦ କଥା କଥନୀରେ ପୁରି ରହିଥାଏ ନମ୍ରତା ଓ ସବଜାନତାର ମିଶ୍ରିତ ଅହଙ୍କାର । ବ୍ୟକ୍ତି ଆବଶ୍ୟକତା ଓ ପରିସ୍ଥିତି ଅନୁଯାୟୀ ସମୟର ଉପଯୋଗ କରିଥାନ୍ତି ବୋଲି ଅନେକ ଏମାନଙ୍କୁ ସଫଳ କୃତବିଦ୍ୟ ରୂପେ ବିଚାର କରିଥାନ୍ତି । ମାତ୍ର ଯଥାର୍ଥରେ ତହାନୁହଁ । ସେମାନଙ୍କୁ ଖୋଳ ତାଡ଼ କରି ଦେଖିଲେ ଜାଣିହେବ ସେମାନଙ୍କ ଦୟନୀୟତା ଅସହାୟତା ଅନ୍ତର୍ଦାହ ଓ ଯନ୍ତ୍ରଣାସିକ୍ତ ଜୀବନ ପ୍ରଣାଳୀ ।

ISSN NO.
2582-208X

ବୃତ୍ତିଗତ ଜୀବନରେ ସଫଳତା ହାସଲ କରିବା ପାଇଁ ଗାଲୁଆମିର ପ୍ରୟୋଗ ଯେତେ ହୋଇଥାଏ, ତା' ଠୁ ଅଧିକ ବ୍ୟବହୃତ ହୁଏ କୌଣସି ତ୍ରୁଟିକୁ ଲୁଗ୍ଡଇବା ପାଇଁ ବା ଆସନ୍ନ ବିପଦରୁ ମୁକ୍ତ ହୋଇ ଏକ ଶୁଦ୍ଧ ନିର୍ଭେଜାଲ ଚରିତ୍ର ଉପସ୍ଥାପନ ନିମନ୍ତେ। ନିଜକୁ ସତ୍ୟନିଷ୍ଠ ଅସକ୍ତ ବିହୀନ ପରୋପକାରୀ ଚିନ୍ତାଶୀଳ ଜ୍ଞାନୀ ବିବେକବନ୍ତ ସେବାକାରୀର ଭ୍ରମ ସୃଷ୍ଟି କରି ଗ୍ଭରି ପାଖରୁ ସମବେଦନା ପ୍ରଶଂସା ଓ ସହାନୁଭୂତି ସାଉଁଟିବା ସହ ପୁରସ୍କାର ପ୍ରାପ୍ତି ଲକ୍ଷ୍ୟରେ ଗଲୁଆଙ୍କ କର୍ମଭୂମି ଚଲାପଥ ଓ ଚାଷ ବାସ ହୋଇଉଠେ ବେଶ୍ ବିସ୍ତୃତ। ପ୍ରାଧାନ୍ୟ ବିସ୍ତାର କରିବା, ନିଜ ବିଚାରକୁ କାୟମ ରଖିବା ନିମନ୍ତେ କୌଣସି ସ୍ତରକୁ ଅନାୟସରେ ସେମାନେ ଓହ୍ଲେଇ ଯାଆନ୍ତି। ପ୍ରକାଶ୍ୟରେ ଧନ ସମ୍ପତ୍ତି ଠୁଳ କରିବା ପାଇଁ ସେମାନଙ୍କୁ ବିକଳ ହେବାର ଦେଖାଯାଏ ନାହିଁ। ପ୍ରତିଦ୍ୱନ୍ଦୀଙ୍କୁ ସହଜରେ ବିଜୟ ମୁକୁଟ ପିନ୍ଧିବାକୁ ଦିଅନ୍ତି ନାହିଁ। ହାସଲ କରିବାର କଳା ଓ କୌଶଳ ଜଣା ଥିବାରୁ ସହଜ ହୋଇ ପଡେ ଜୟଯୁକ୍ତ ହେବା ସେମାନଙ୍କ ପାଇଁ।

ସମାଜର ବିଭିନ୍ନ ବର୍ଗର ବ୍ୟକ୍ତ ବିଶେଷଙ୍କ ମଧ୍ୟରେ ଗାଲୁଆ ପରିଦୃଷ୍ଟ ହୁଅନ୍ତ। ଡାକ୍ତର ଇଞ୍ଜିନିୟର ସାଧୁ ସନ୍ଥ ବୈଜ୍ଞାନିକ ଶିକ୍ଷକ ଲେଖକ ଅଧିକାରୀ କର୍ମଗ୍ଭରୀ କୃଷକ ସଭିଙ୍କ ମଧ୍ୟରେ ଅବସ୍ଥାନ କରନ୍ତ ଗାଲୁଆ। ସଂଖ୍ୟା ଦୃଷ୍ଟିରୁ ରାଜନେତା ବ୍ୟବସାୟୀ ଓ ଠିକାଦାର ଶ୍ରେଣୀରେ ଏତେ ପରିମାଣରେ ଅଛନ୍ତ ଯେ, ଅନେକ ଏହାକୁ ସେମାନଙ୍କ ଚରିତ୍ର ଓ ଗୁଣର ଏକ ଅନିର୍ବାଯ୍ୟ ଆବଶ୍ୟକତା ବୋଲି ମନେ କରି ନେଇଛନ୍ତ। ସତେ ଯେପରି ଗାଲୁଆମି ବିନା ସେମାନଙ୍କ ଜୀବନ ଠପ୍ ହୋଇଯିବ ଏବଂ ସମାଜର ବୃହତ୍ତର ଅଂଶଟିଏ କ୍ଷତିଗ୍ରସ୍ତ ହୋଇଯିବ! ତେଣୁ ସେମାନଙ୍କ ପରିବ୍ୟାପ୍ତ କ୍ଷେତ୍ର ଓ ବାରବାଟୀ ଗ୍ଭଷବାସ ଅନୁକୂଳ ରଖିବା ନିମନ୍ତେ ଜଳ ବାୟୁ ଉତ୍ତାପ ସୁଦ୍ଧା ଠିକ୍ ଠାକ୍ ରଖିବାକୁ ସର୍ବଦା ଯତ୍ନଶୀଳ ହୋଇଥାନ୍ତ ଉପରୋକ୍ତ ଶ୍ରେଣୀ। ଜମିର ଉର୍ବରତା ସହିତ ପୋକ ଜୋକ ନାମକ ଶତ୍ରୁ ମାନଙ୍କ ଠାରୁ ନିଜକୁ ଦୂରରେ ରଖିବା ଦ୍ୱାରା ସୁଗମ ହୋଇ ଉଠେ କାର୍ଯ୍ୟ ସାଧନ ଓ ଫଳପ୍ରାପ୍ତି ।

ବ୍ୟକ୍ତିତ୍ୱ ସଦାଗ୍ଭର ଗାମ୍ଭୀର୍ଯ୍ୟ ବୋଲି କିଛି ବି ନଥାଏ ଗାଲୁଆଙ୍କ ଅଭିଧାନରେ। ଅତ୍ୟନ୍ତ ସରଳ ନିଷ୍ପାପ ପରୋପକାରୀ ତ୍ୟାଗୀ ରୂପେ ଅନ୍ୟ ସାମ୍ନାରେ ଯେତେ ପ୍ରଦର୍ଶିତ କରିବାକୁ ଉଦ୍ୟମ କଲେ ସୁଦ୍ଧା ଆବଳୀଳା କ୍ରମେ ବାଦ ଯାଇ ପାରନ୍ତ ନାହିଁ ଅନ୍ୟ ଆଖିରୁ। ସଂସାର

ISSN NO.
2582-208X

ହାତ ମୁଠାରେ ରଖି ଅନୁଭବର ଗନ୍ତାଘର ରୂପେ ପ୍ରକାଶ କରିଥାନ୍ତି ନିଜକୁ । କେହି ତାଙ୍କୁ ମନରେ ହୃଦୟରେ ବା ଶରୀରରେ ଆଘାତ ଦେଲେ ତାହାକୁ ଅତି ସାଧାରଣ ବୋଲି ତତ୍କାଳ ଗ୍ରହଣ କରି ନିଅନ୍ତି ସତ, ମାତ୍ର ଭିତରେ ଭିତରେ ପ୍ରତିଶୋଧ ପରାୟଣ ହୋଇ ଉଠନ୍ତି ଏବଂ ସୁଯୋଗ ଉଣ୍ଡି ତାର ହିସାବ ନିକାଶ କରନ୍ତି ନିଜ ଶୈଳୀରେ ।

କପଡା ବଦଳାଇଲା ପରି ବାରମ୍ବାର ନିଜର ମତ ପରିବର୍ତ୍ତନରେ ସକ୍ଷମ ଗାଲୁଆମାନେ ସୁଖୀ ସମ୍ପନ୍ନ ଓ ଆନନ୍ଦମୟ ସଂସାରରେ ବିଚରଣ କରୁଛନ୍ତି  ବୋଲି ବାହାରକୁ ଯେତେ ଦେଖେଇହେଲେ  ମଧ ଅସରନ୍ତି ଦୁଃଖ ଅସହାୟତା ଓ ଶୂନ୍ୟତା ସେମାନଙ୍କ ଜୀବନର ନିର୍ଦ୍ଧାରିତ ସତ୍ୟ । ମନେକରନ୍ତି  ଦୈତ୍ୟ ଅଭିନୟ କେହି ହେଲେ ପ୍ରତ୍ୟକ୍ଷ କରି ପାରୁ ନାହାନ୍ତି, କୌଣସି ବିଜ୍ଞ ଆଖିରେ ଏହା ଧରା ପଡୁନାହିଁ । ପ୍ରତିକ୍ରିୟା ଜାଣିବା ଅଥବା ଶୁଣିବାର ଅବକାଶ ମିଳେନାହିଁ । ଭାଷା ଶବ୍ଦ ଓ ଅଙ୍ଗଭଙ୍ଗୀର ଇନ୍ଦ୍ରଜାଲରେ ବାନ୍ଧିବା ଏବଂ ମିଥ୍ୟା ମାନଙ୍କୁ ନିରୋଳା ସତ୍ୟ ରୂପେ ଉପସ୍ଥାପିତ କରି ସାମୟିକ ସଫଳତା ହାସଲ କରୁଥିବା ଗାଲୁଆଙ୍କୁ ସମୟଚକ୍ର ସରଳ ରାସ୍ତାରେ ଯିବାକୁ ଦେଇନାହିଁ । ଖୁବ୍ ହନ୍ତସନ୍ତ କରିଛି । ଗୋଟାଏ ଗାଲରେ କେହି ଶକ୍ତ ଥାପଡ ଟିଏ ଦେବାପରେ କହନ୍ତି,' ଆଉ ଥରେ ଦେଲୁ ଦେଖିବା ।' ପୁନଶ୍ଚ ଅନୁରୂପ ଥାପଡ଼ ପାଇବା ପରେ ମଧ୍ୟ ସେମାନେ ପଡିଆ ଛାଡନ୍ତି ନାହିଁ ବା ସଠିକ ପ୍ରତ୍ୟୁତ୍ତର ଦିଅନ୍ତି ନାହିଁ । ବରଂ ହସି ହସି ସହି ନେଇ ସେ ମୁହୂର୍ତ୍ତକୁ ହାଲକା କରି ଅପେକ୍ଷା କରନ୍ତି ମହାର୍ଘ୍ୟ ସୁଯୋଗକୁ ସୁଧ ମୂଳ ହାସଲ କରିବା ପାଇଁ । ସାଧାରଣରେ ମନେକରଯାଏ ଏହା ଗାଲୁଆଙ୍କ ଲକ୍ଷଣ ବା ଚରିତ୍ରର ବିଶେଷ ଦିଗ । ମାତ୍ର ଏହା ଅସତ୍ୟ । ନିଜର ନମ୍ରତା ସହନଶୀଳତା ପଶ୍ଚାତରେ ଲୁଚି ରହିଥାଏ ଗୋପନ ଅଭିସନ୍ଧି । ସୌଜନ୍ୟ ଓ ଶାଳୀନତା ପ୍ରଦର୍ଶନ ଅଭିନୟର ଏକ ଅଂଶ ଏବଂ ଏହାକୁ ଅତି ସତର୍କତାର ସହ ପ୍ରଦର୍ଶନ କରନ୍ତି ଗାଲୁଆ ବାପୁଡ଼ା ।

ଆମ ଚାରିପାଖରେ ବ୍ୟବସ୍ଥାର ଗଣ୍ଡି ଭିତରେ ଆତଯାତ ହେଉଥିବା ଗାଲୁଆ ରୂପକ ଚରିତ୍ରଙ୍କ କର୍ମକାଣ୍ଡ ଯୋଗୁଁ ବ୍ୟକ୍ତି ବିଶେଷଙ୍କ ସହିତ ଅନେକ ଅନୁଷ୍ଠାନ ଖୁବ୍ କ୍ଷତି ସହ୍ୟ କରୁଛନ୍ତି । ଗାଲୁଆଙ୍କୁ ଆପଣାର କରି ବିଶ୍ୱାସ କରିବା ଅଥବା ଅନୁଷ୍ଠାନ ଟିଏ ଗାଲୁଆଙ୍କୁ ନେଇ  ପରିଚାଳିତ ହେବା ଦ୍ୱାରା ଯେଉଁ ବିପଦକୁ ସାମ୍ନା କରନ୍ତି, ଯାହା ହରାଇ ବସନ୍ତି,

ISSN NO.
2582-208X

ତାହା କୌଣସି କାଳେ ଭରଣା କରିବା ସମ୍ଭବ ହୁଏନା । ତେଣୁ ବାଇ ମହାନ୍ତି କହନ୍ତି, 'ହେ ପ୍ରିୟ ଗାଲୁଆ ବାପୁଡ଼ା! ବିଧାତା ତୁମକୁ ସେମିତି ଗଢିଛି ଅଥବା ଇଚ୍ଛାକୃତ ଭାବେ ଯେଉଁ ଚିତ୍ର ଓ ଚରିତ୍ର ପ୍ରଦର୍ଶନ କରୁଛ, ତାହା ଆମକୁ ଜଣାନାହିଁ ସତ, ମାତ୍ର ନିଜର ସାମାନ୍ୟ ସ୍ୱାର୍ଥ ସିଦ୍ଧି ପାଇଁ ଯେଉଁ କଳା କୌଶଳକୁ ଆଧାର କରି ଆମ ଭିତରେ ଆତଯାତ ହେଉଛ, ତଥାକଥିତ ସଫଳତାର ଶୀର୍ଷ ଛୁଇଁଛ ବୋଲି ଡିଣ୍ଡିମ ପିଟୁଛ ତାହା କଣ ତୁମକୁ ଓ ତୁମ ପ୍ରାଣକୁ ସ୍ୱର୍ଗୀୟ ଆନନ୍ଦରେ ଭାରି ଦେଉଛି? ଥରୁଟିଏ ଫେରି ଚାହିଁ ଦେଖ ତୁମ ଗାଲୁଆମି କାହାକୁ କେତେ କପରି କାନ୍ଦଉଛି ଅହରହ ତୁମ ଆପଣାର ମଣିଷକୁ, ସଳଖ ସୁନ୍ଦର ଅନୁଷ୍ଠାନକୁ! ସତରେ କଣ ତୁମେ ଗ୍ଭଲି ପାରିବ ନାହିଁ ନର୍ଦ୍ଦମା ରାସ୍ତାରେ ଅନ୍ୟ ଅନେକଙ୍କ ପରି !'

ବି 10/154,କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO. 2582-208X

# ପରିସ୍ଥିତିର ଦାସ



ଡ. ପ୍ରସନ୍ନ କୁମାର ବଳ

ସ୍ରଷ୍ଟାଙ୍କ ସୃଷ୍ଟିର ପ୍ରତ୍ୟେକ ଜିନଷ କ ମଧୁର ଅଟେ ସତେ,
ଏ ଧର୍‌ଧାମରେ ଯିଏ ଜନ୍ମିଛି ନଜ ଗୁଣରେ ପ୍ରପଟେ ।୧।
ପଶୁ, ପକ୍ଷୀ ଭର୍‌ ଏ ସାର୍‌ ଦୁନଆଁ ସର୍ବେ କରେ ନଜ ଲୀଳା,
ନଜ ବୁଦ୍ଧି ଦ୍ୱାର୍‌ ପସର୍‌ ମେଲ୍‌ଏ ଚଲ୍‌ଏ ଜୀବନ ଭେଳା ।୨।
ଯେତେବେଳେ ଯେଉଁ ପରିସ୍ଥିତି ଆସେ କରେ ତାର ମୁକାବିଲ୍‌,
କେତେ ଯେ ଆନନ୍ଦ ମିଳଇ ଜୀବନେ ଉନ୍ନତିର ପଥେ ପର୍‌ ।୩।
ବ୍ୟବସାୟୀଟିଏ ଜୀବନ ପଥରେ କେତେ ଯେ ସଂଗ୍ରାମ କରେ,
ସଂସାର ଯାକର ପରିସ୍ଥିତି ପୁଣି ତା ଭ୍‌ଗ୍ୟ ନର୍ଣ୍ଣୟ କରେ ।୪।
ଯେତେ ପାରିବାର ହୋଇଥାଉ ପଛେ ସବୁ କରିପାରେ ନାହିଁ,
ପରିସ୍ଥିତି ତାର ଭ୍‌ଗ୍ୟକୁ ସର୍ବଦା ସାହା ଦେଇ ପାରେନାହିଁ ।୫।
ଯେତେ ବିଦ୍ୟାବୁଦ୍ଧି ଥାଉ ନା କାହିଁକ ସବୁ ହୁଏତ ଅସାର,
ଅସହାୟ ଲ୍‌ଗେ ପରିସ୍ଥିତି ଆଗେ ଲ୍‌ଗେ ଜୀବନ ଅସାର ।୬।
ର୍‌ଜନୀତି କରେ ଏ ମଣିଷ ପୁଣି ନଜ ବିଦ୍ୟା ବୁଦ୍ଧି ବଳେ,
ଭ୍‌ବେ ସେ ନଜକୁ ସର୍ବଜ୍ଞ ବୋଲି ଅନ୍ୟକୁ ତ ହେୟ କରେ ।୭।
ହେଲେ ସେ ଜାଣେନା ପ୍ରକୃତି ଆଗର ଅସହାୟ ଆମେ କେତେ,
ଆଜି ଯିଏ ର୍‌ଜା, କାଲି ସେ ଫକୀର ପରିସ୍ଥିତି କରେ ସତେ ।୮।
ଗ୍ରକରୀଆ ଟି ବି ନଜ କର୍ମ କ୍ଷେତ୍ରେ କରଇ ଅନେକ କର୍ମ,
ନଜେ ଯେତେବେଳେ ଉପରକୁ ଉଠେ କରେ ବହୁ ଅଭିମାନ ।୯।

ISSN NO.
2582-208X


ଚାକିରୀ ଶିଡିରେ ଉପରକୁ ପୁଣି କ୍ରମେ ଉଠି ଉଠି ଯାଏ,
ଶିଖର ଯାଗାରେ ପହଞ୍ଚିଲ୍ ପରେ ପଛ କଥା ଭୁଲିଯାଏ ।୧୦।
ଭାବି ସେ ପାରେନା ଏହି ସୋପାନକୁ ଦିନେ ସେ କରିଛି ପାର,
ତଳ ଲୋକଙ୍କୁ ସେ ନଜର ସ୍ଥାନରୁ କରଇ ତ ହତାଦର ।୧୧।
ନିଜେ ସେ ଭାବଇ ଅନ୍ୟମାନେ ସବୁ ତାର ସରି ପୁଣି ନୁହଁ,
ଅହଂ ଭାବ ଏତେ ବଢିଯାଏ ଭାବେ ସର୍ବ ଶକ୍ତିମାନ ପ୍ରାୟ ।୧୨।
ଆଜି ଯେବେ ତାର ସ୍ଥାନ ଚାଲିଯାଏ, ଏତେ ଅସହାୟ ଭାବେ,
ମୁହଁଟି ତାହାର ଦେଖିଦେଲ୍ ପରେ ଦୟା ଆସିଯାଏ ଆପେ ।୧୩।
ଭାବେ ନାହିଁ ସିଏ ଏ ସ୍ଥାନଟି ପାଏ କେତେ ପୁଣ୍ୟ କାମ କଲେ,
ନିଜର ସ୍ୱଭାବ ସଠିକ୍ ରଖିଲେ ସର୍ବ ଶୁଭାଶିଷ ମିଳେ ।୧୪।
ଏହି ତ ପଦବୀ, କ୍ଷମତା ସବୁତ ଅଟଇ କ୍ଷଣିକ ପାଇଁ,
ନିଜ ବ୍ୟବହାର ଅନ୍ୟକୁ ଆଦର ଅଟଇ ତ ଚିରସ୍ଥାୟୀ ।୧୫।
ଗିରିମେଲିୟନ୍ ପରି ନହୋଇ ସମସ୍ତେ ଅସଲ ରୂପକୁ ଆସ,
ଭାବ ନାହିଁ ନିଜେ ନିଜକୁ ହିଁ ବଡ ସର୍ବେ ପରିସ୍ଥିତି ଦାସ ।୧୬।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରି, ଭୁବନେଶ୍ୱର

ISSN NO.
2582-208X

# ଜିଇଁବା କାଳରେ



ସଂଯୁକ୍ତା ସାହୁ

ଜନ୍ମ ମୃତ୍ୟୁର ଛାଇ ଆଲୁଅରେ
ଜୀବନ ଯମୁନାର ଗଭୀର ସୁଅରେ
ଅନେକ ଘାତ ପ୍ରତିଘାତ ଭିତରେ
ଆଶା ନିରାଶାର ବାଲିଘରରେ
ବିଶ୍ୱାସ ଅବିଶ୍ୱାସର ଚୌହଦିରେ
କଷ୍ଟ, ଯନ୍ତ୍ରଣାର ଜଉ ଘରରେ
ସ୍ମୃତି, ଅନୁଭୂତିର ମାନସପଟରେ
କେତେବେଳେ ଅସହାୟ ଅବସ୍ଥାରେ
ପୁଣି ଖୁସି, ସୁଖର ବେଳାଭୂମିରେ
ହଜାଇ, ପାଇବାର ଛକାପଞ୍ଝାରେ
କେବେ ବୈଶାଖର ନିଦାଘ ତାତିରେ
ପୁଣି ଘନ କୁହୁଡ଼ିର ଆଚ୍ଛାଦନରେ
କିଏ ବୁଡ଼େ ଦରିଦ୍ର କଷାଘାତରେ
କିଏ ଭିଜୁଥାଏ ଖିରି ପୁରୀରେ
ହାରିବା, ଜିତିବାର ପଶା ପାଲିରେ
ଲୋଭ, ମୋହର ମାୟା ମରୀଚିକାରେ
କେବେ କଟୁଥାଏ ଗଭୀର ତୃଷାରେ
ଏ ନିଃସ୍ୱ ମଣିଷ ଭିଜେ ପ୍ରତି ମୁହୂର୍ତ୍ତରେ
ଏଇ ତ ଜୀବନର ଜିଇଁବା କାଳରେ ।

ଗହାମା, ଜଗତସିଂହପୁର

ISSN NO.
2582-208X

# ଜିଅନ୍ତା ଶବ



ଛବି ରାଣୀ ପତି

ପ୍ରୀତି ପ୍ରତ୍ୟାସା ର ଉପହାର ଦେଇ
ଅସ୍ତଗତ ସୂର୍ଯ୍ୟେ ଗଲା ସେ ଲୁଚ
ପୀତ ଲୋହିତର ଗୋଧୂଳି ବେଳାରେ
ଉବୁଟୁବୁ ଲୁହ ପ୍ରବାହେ ପ୍ରାଚୀ ।

ଭାବ ତନ୍ମୟ ର ମାଦକ ବିହ୍ୱଳେ
ଅନ୍ତରୁ ଉଠିଲା ନରୋଳା ଜ୍ୱାଳା
ଭିତର ବାହାର ସେ ଅଶାନ୍ତ ଝଡେ
ଜିଅନ୍ତା ଶବ ମୋ କଳଙ୍କ ବୋଳା ।

ଅଲୋଡ଼ା ଆଖୋଜା ଚଳନ୍ତ ଶବ ମୁଁ
ପ୍ରୟୋଜନ ନାହିଁ ସମାଜେ ଜାର
ଉପେକ୍ଷାରେ ବୃହେ ଶ୍ରମ ଝାଳ ଖାଲି
ଜୀବନେ ଆଦର ନଥାଏ କାର ।

ବକେୟା ରହିତ ପ୍ରାରବ୍ଧର ଫଳ
ଯାହା ଶେଷ ଦୃଶ୍ୟ ଅଛି ବାକ
ସରିଗଲେ ଆୟୁ ଉଡ଼ିଯିବ ବାୟୁ
ଅଭିନୟ ସବୁ ପଡ଼ିବେ ଥକ ।

ISSN NO.
2582-208X

ସୈତାନ ବୁଦ୍ଧିର ହୋଇ ପାରିଲିନ
ସ୍ୱାର୍ଥ ସିଦ୍ଧ ପ୍ରତିହିଂସା ରେ ମତ୍ତ
ଚକ୍ରବିହ୍ବ ର ବିବାଦ ଘେରରେ
ହେଲା ମୋ ମଣିଷ ପାଣିଆ ହତ ।

ଘୃଣା ତିରସ୍କାର ଅମର୍ଯ୍ୟାଦା ଧରି
ଜିଉଁଥିଲି ଯାହା ଏଯାଆବତ
ଅହଲ୍ୟା ନହୋଇ ଅଭିଶପ୍ତ ହେଲି
ସଜାଇ ଦେଲା ଯେ ଥିଲା ମୋ ମିତ ।


ଅପମାନ ଭରା ଗରଳ ପିଇ ଯା
ସହି ଗଲେ ସିନା ଯମ ଯନ୍ତ୍ରଣା
କଂକର୍ତ୍ତବ୍ୟ ବିମୁଢ଼ ଅସହାୟ ପ୍ରାୟ
ନର୍ବାକ ରେ ଶୁଣୁଥାଏ ଗଞ୍ଜଣା ।

ଜୀବନ ଜୁଇ ରେ ପ୍ରତି ମୁହୂର୍ତ୍ତରେ
ନଜ ଲୋକ ହାତେ ଖାଇ ମୁଁ ଖେଞ୍ଚା
ବିନା ପ୍ରତିବାଦେ ସଦା ଝୁଲସେରେ
ନଃସ୍ପନ୍ଦ ଯେସନେ ମଣିଷ ଚଞ୍ଚା ।

ମଧ୍ୟ ଶାସନ
ବିରିଡ଼ି, ଜଗତସିଂହପୁର
ଫୋନ୍ -୯୩୩୭୯୭୦୦୬

ISSN NO.
2582-208X

# ମଧ୍ୟବିତ୍ତ



ବିନୟ ମହାପାତ୍ର

ମୁଁ ଧନୀ ବଣିକ ନଥିଲି
ତଥାପି, ନିଜ ବୋଝ ଉଠାଇ
ଚାଲିବାର ସାହସ ରଖିଥିଲି,
ହେଲେ ରାଜା ରକ୍ତ ଶୋଷି ନେଲା
ମୁଁ ମଧ୍ୟମ ବର୍ଗ,
ମଝି ରାସ୍ତାରେ ହନ୍ତସନ୍ତ ହେଲି,
ତଥାପି ନିଜ ବୋଝ ଉଠାଇ
ଚାଲିବାର ସାହସ ରଖି ଥିଲି ।
ମୁଁ ଗରୀବ ନଥିଲି,
ଦୟା ଅନୁକମ୍ପା ପାଇବାରୁ ବଞ୍ଚିତ ଥିଲି
ପେଟର ଭୋକ ଦେଖାଇବାକୁ ଲାଜ ଲାଗେ
ତଥାପି ଅଧା ଖାଇ, ଅଧା ଜିଇଁ
ପେଟ ପଡି କାଟି,
ସରକାରୀ ଟ୍ରେଜେରୀ ଭରୁ ଥିଲି,
ମୁଁ ଧନୀ ବଣିକ ନଥିଲି
ତଥାପି ନିଜ ବୋଝ ଉଠାଇ
ଚାଲିବାର ସାହସ ରଖି ଥିଲି ।

ISSN NO.
2582-208X

ମୁଁ ମଧ୍ୟବିତ୍ତ,
ଆଲୋ ସଖି
ଆପଣା ମହତ ଆପେ ରଖି
ଶୁଣି ସବୁ ବୁଝି ଯାଏ,
ମୋ ଦାରିଦ୍ରତା ଉପରେ
ଲାଜର ପଣତ ଘୋଡାଇ ଦିଏ,
ଭୋକରେ ପେଟ ଜଳେ
ତଥାପି ମରମେ ଲୁଚାଇ ରଖେ
ରାଜାର କୋରଡା ଖାଏ
ଯନ୍ତ୍ରଣା ତ ହୁଏ,
କିନ୍ତୁ ଆଖି ଲୁହ ନିରବରେ ପିଇ ଯାଏ,
ମୁଁ ଧନୀ ବଣିକ ନଥିଲି
ତଥାପି ନିଜ ବୋଝ ଉଠାଇ
ଚାଲିବାର ସାହସ ସର୍ବଦା ରଖି ଥାଏ ।
ମୁଁ ମଧ୍ୟବିତ୍ତ, ଦାନବୀର ବଳିରାଜା,
ଛଳନାରେ ବିଶ୍ୱାସ କରେ
ସତ୍ତାଲୋଭୀ ବାମନ ଆଗରେ
ଭକ୍ତିରେ ମଥା ପାତି ଦେଇ,
ବିଶ୍ୱାସରେ ପରାଣ ସମର୍ପି ଦିଏ ।
ତେଜପତ୍ର ପରି,
ବ୍ୟଞ୍ଜନର ମହକ ବଢାଏ ସିନା
କିନ୍ତୁ ଖାଇବା ଥାଳିରୁ
ବାଛି ବାଛି ମୋତେ
ପ୍ରଥମେ ଫୋପଡା ଯାଏ ।
ତଥାପି ନିଜ ବୋଝ ଉଠାଇ
ଚାଲିବାର ସାହସ
ଜୀବନର ଯନ୍ତ୍ରଣାରୁ ଶିଖି ଯାଏ ।

ISSN NO.
2582-208X

ମୁଁ ମଧ୍ୟମ ବର୍ଗ
ଅବହେଳିତ ଲାଞ୍ଛିତ ସଦା
କେହି କେବେ
ମୋ କଥା ଶୁଣିବ କି ଥରେ ?
ମହୁମାଛି ପରି ଲକ୍ଷ କୁସୁମରୁ
ଟୋପା ଟୋପା ମହୁ ବୋହି ଆଣେ
ମୋ ମହୁ ଫେଣାରେ
ବଡ ସରାଗେ ସାଇତି ରଖେ,
ଜାଣେ, କିଏ ସବୁ ମହୁ ଲୁଟି ନିଏ,
ଟୋପାଏ ବି ଛାଡି ଯାଏ ନାହିଁ
ମୁହଁ ମିଠା କରିବାକୁ,
ସବୁ ଜାଣେ, ତଥାପି ଅଜଣା ରହେ,
କାରଣ, ମୁଁ ମଧ୍ୟବିତ୍ତ
ସବୁ ବିଘ୍ନ ସତ୍ୱେ ନିଜ ବୋଝ ଉଠାଇ
ଚାଲିବାରେ ବିଶ୍ୱାସ ମୋ ଥାଏ ।

ପଟିଆ, ଭୁବନେଶ୍ୱର

ISSN NO.
2582-208X

# ବିମୁଦ୍ରୀ କରଣ : ଏକ ବିହଙ୍ଗାବଲୋକନ



ଅଳକା ରାୟ

ବିମୁଦ୍ରୀକରଣ ନଷ୍ପତି କେତେ ଠିକ୍ ଓ କେତେ ଭୁଲ୍ ତାହା ଆମ ଦେଶର ନାଗରିକ ମାନେ ଅଙ୍ଗେ ନଭିଇ ସାରିଛନ୍ତି। ସାଧାରଣ ଲୋକ ଏହି ନଷ୍ପତି ଯୋଗୁଁ କପରି ଅସୁବିଧାର ସମ୍ମୁଖୀନ ହୋଇଥିଲେ ତାହା ସଭିଁଙ୍କୁ ଜଣା। ଦୀର୍ଘଦିନ ଧରି ଲୋକମାନେ ବ୍ୟାଙ୍କ ଏଟିଏମ ଆଗରେ କାମଧନ୍ଦା ଛାଡ଼ି ବହୁ ସମୟ ଧରି ଲାଇନ ଲଗାଇବାକୁ ବାଧ ହୋଇଥିଲେ। ଖୋଦ ପ୍ରଧାନମନ୍ତ୍ରୀଜୀଙ୍କ ଶତାୟୁ ମାତାଙ୍କୁ ମଧ୍ୟ ଏଟିଏମ ଆଗରେ ଲାଇନରେ ରହିଥିବାର ଦେଖିବାକୁ ମିଳଥିଲା। ଟଙ୍କା ଉଠାଣ ପାଇଁ ଆସିଥିବା ଲୋକଙ୍କ ମଧ୍ଯରୁ ୧୨୦ ଜଣଙ୍କ ମୃତ୍ୟୁ ମଧ ଘଟିଥିଲା। କନ୍ତୁ ଯେତେ ଖରାପ ହେଲେ ମଧ ତାହାକୁ ହଜମ କରିଦେବା, ପିଠେଇ ଦେବା ଓ ଭୁଲିଯିବା ଆଦି ପରମ୍ପରାର ଏକ ଅଙ୍ଗ ଭଳ ଭାରତୀୟଙ୍କ ଭିତରେ ଏହି ଗୁଣ ଖୁନ୍ଦି ହୋଇରହିଛି। ନହେଲେ କଣ ସିମାରେ ପଡ଼ୋଶୀ ଦେଶ ପାକିସ୍ଥାନର ସୈନିକ ମାନେ ଆମ ଭାରତୀୟ ସୈନିକ ମାନଙ୍କ ସଙ୍ଗରେ କରିଥିବା ବର୍ବରତା ଯଥା- ମୁଣ୍ଡ କାଟିନେବା ଓ ଅଙ୍ଗପ୍ରତ୍ୟଙ୍ଗ କାଟି ବାକ୍ସରେ ପୁରାଇ ପଠାଇବା ଓ ଏପରି ବର୍ବରତା ବାରମ୍ବାର କରିବା ଓ ଚୀନ ର ସୈନିକ ମାନେ ବାରମ୍ବାର ଏଲଓସି ଅତିକ୍ରମ କରି ଗଣ୍ଡଗୋଳ ସୃଷ୍ଟି କରିବା ଆଦି ଘଟଣାମାନ ଭାରତର ରାଜନେତା, ନେତା ଓ ନାଗରିକମାନେ ହଜମ କରିପାରନ୍ତେ! କିନ୍ତୁ ଆମ ଲୋକଙ୍କ ପାଇଁ ଏସବୁ ଦେହସୁହା ହୋଇଗଲାଣି। ଠିକ୍ ସେହିପରି ବିମୁଦ୍ରୀକରଣ ନିଷ୍ପତି ଉପରେ ଆଉକେହି ଆଲୋଚନା କରିବାକୁ ଚାହୁଁନାହାନ୍ତି। ଯୋ ବିତ୍ ଗୟା, ସୋ ବିତ୍ ଗୟା ନିତିରେ ସମସ୍ତେ ଅଭ୍ୟସ୍ତ ହୋଇସାରିଲେଣି। କିନ୍ତୁ ଗୋଟିଏ କଥା ମାନିବାକୁ

ISSN NO.
2582-208X

ପଡ଼ିବ ଯେ ଏହି ସାଧାରଣ ଲୋକଙ୍କ ତ୍ୟାଗ ଓ ସହିଷ୍ଣୁ ଗୁଣ ଯୋଗୁଁ ୨୦୧୯ – ୨୦ ରେ ବିମୁଦ୍ରୀକରଣ ଯୋଗୁଁ ୪% କୁ ଖସିପଡିଥିବା ଦେଶର ମୋଟ ଘରୋଇ ଉତ୍ପାଦ କୋଭିଡ ଭଳି ମହାମାରୀ କୁ ଅତିକ୍ରମ କରି ବର୍ତ୍ତମାନ ୬.୯ % କୁ ଉନ୍ନତି କରିପାରିଛି। ତେବେ କେନ୍ଦ୍ର ସରକାରଙ୍କ ବିମୁଦ୍ରୀକରଣ ନିଷ୍ପତି ବିରୋଧରେ ଦାଖଲ ପିଟିସନ ଗୁଡିକର ଶୁଣାଣି କରି ସୁପ୍ରିମକୋର୍ଟ ଆଉ ଏକ ଐତିହାସିକ ରାୟ ପ୍ରକାଶ କରିଛନ୍ତି। ତା ୨.୧.୨୦୨୩ ରେ ୪:୧ ବହୁମତରେ ବିମୁଦ୍ରୀକରଣ ନିଷ୍ପତି ସହ ଜଡ଼ିତ ପ୍ରକ୍ରିୟା ଆଇନଗତ ଥିଲା ବୋଲି ରାୟ ଦେଇଛନ୍ତି। ସୁପ୍ରିମକୋର୍ଟ କେବଳ ବିମୁଦ୍ରୀକରଣର ଆଇନଗତ ଓ ବୈଷୟିକ ଦିଗକୁ ବିଶ୍ଳେଷଣ କରିଛନ୍ତି। ୪ଜଣ ବିଚାରପତି ଏହି ପଦକ୍ଷେପକୁ ପ୍ରାସଙ୍ଗିକ ଦର୍ଶାଇ ଥିବା ବେଳେ ଜଷ୍ଟିସ୍ ନାଗରତ୍ନା ଏହାକୁ ବେଆଇନ ବୋଲି ଦର୍ଶାଇଛନ୍ତି।ତେବେ କେନ୍ଦ୍ର ସରକାର, ବିମୁଦ୍ରୀକରଣ, ରାୟ ଓ ବିରୋଧ ରାୟ ଉପରେ ଏକ ବିସ୍ତୃତ ଆଲୋଚନା ଆଜି ଆଲେଖ୍ୟର ବିଷୟ।

ନଭେମ୍ବର ୮, ୨୦୧୬ ମଧ୍ୟରାତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ସମ୍ବୋଧିତ କରି ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ବ୍ୟାନ ବୋଲି ଘୋଷଣା କରିଥିଲେ। ଏଭଳି ଘୋଷଣା ପଛରେ ଉଦ୍ଦେଶ୍ୟ ଦେଶରେ ଥିବା କଳାଧନ ର ସମସ୍ୟା, ଭେଜାଲ ନୋଟ୍ ସମସ୍ୟା, ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ, ରପ୍ତାନି ଓ ଆମଦାନୀର ସଠିକ୍ ତଥ୍ୟ ସଂଗ୍ରହ ଆଦି ବିଷୟ ଉପରେ ନିଷ୍ପତି ନିଆଯାଇଥିଲା। ଏଥି ସହିତ ଦେଶର ଡିଜିଟାଲାଇଜେସନ ପେମେଣ୍ଟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ମଧ୍ୟ ପ୍ରମୁଖ ଉଦେଶ୍ୟ ଥିଲା। ଏବଂ ଏହା ବହୁମାତ୍ରାରେ ମଧ୍ୟ ସଫଳ ହୋଇଛି। ତେବେ ଯେଉଁ ସମୟରେ ବିମୁଦ୍ରୀକରଣ ନିଷ୍ପତି ନିଆଯାଇଥିଲା, ସେ ସମୟରେ ଦେଶରେ ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ର ପରିମାଣ ୮୬% ଥିଲା, ଫଳରେ କିଛି ଆର୍ଥିକ ବିଶେଷଜ୍ଞ ମାନେ ଏହାର ବିରୋଧ କରିଥିଲେ ଓ କହିଲେ ଏହି ନିଷ୍ପତି ସାମାଜିକ, ରାଜନୈତିକ ଓ ଆର୍ଥିକ ସ୍ତରରେ ଦେଶକୁ ଓ ସାଧାରଣ ନାଗରିକଙ୍କୁ ପ୍ରଭାବିତ କରିବ ଓ ଏହାର ପରିଣାମ ସ୍ୱରୂପ ଦେଶର ସାଧାରଣ ନାଗରିକ କେତେ କଷ୍ଟ ସ୍ୱୀକାର କଲେ ତାହା ସମସ୍ତଙ୍କୁ ଜଣା। କିଛି ଛୋଟ ବ୍ୟବସାୟୀ ଙ୍କୁ ତାଙ୍କର ବ୍ୟବସାୟ ବନ୍ଦ କରିବାକୁ ପଡ଼ିଲା ଓ ଏହାଦ୍ୱାରା ଦେଶର ଅର୍ଥବ୍ୟବସ୍ଥା ମଧ୍ୟ ବହୁମାତ୍ରାରେ ପ୍ରଭାବିତ ହୋଇଥିଲା। ଫଳରେ କେନ୍ଦ୍ର ସରକାରଙ୍କ ବିରୋଧରେ ୫୮ଟି ପିଟିସନ ଦାଖଲ କରାଯାଇଥିଲା। ତେବେ ସୁପ୍ରିମକୋର୍ଟ ବିମୁଦ୍ରୀକରଣ

ISSN NO.
2582-208X

ପ୍ରଭାବ ଓ ପରିଣାମ ଉପରେ କିଛି ମନ୍ତବ୍ୟ ଦେଇନାହାନ୍ତି କିନ୍ତୁ ଏହାର ପ୍ରକ୍ରିୟା, ବୈଧତା ଓ ଆଇନଗତ ଦିଗ ଉପରେ ନିର୍ଣ୍ଣୟ ନେଇଛନ୍ତି। ଆଇନ ଅନୁଯାୟୀ ରିଜର୍ଵ ବ୍ୟାଙ୍କ କେନ୍ଦ୍ର ସରକାରକୁ ପରାମର୍ଶ ଦେବା ବିଷୟରେ ବର୍ଣ୍ଣନା କରାଯାଇଅଛି ଯାହାକି କେନ୍ଦ୍ର ସରକାର ପୂରଣ କରିନାହାନ୍ତି ବୋଲି ପିଟିସନରେ ଦାଖଲ କରାଯାଇଅଛି ଓ ଏହା ତରବରିଆ ଭାବରେ ପ୍ରସ୍ତୁତ କରାଯାଇଅଛି ବୋଲି ମଧ୍ୟ କୁହାଗଲା। ଏଣୁ ୫ ଜଣିଆ ଖଣ୍ଡପୀଠରେ ୪ ଜଣ ବିଚାରପତି ରିଜର୍ଵ ବ୍ୟାଙ୍କ ଦାଖଲ କରିଥିବା ତଥ୍ୟ ଅନୁଯାୟୀ କେନ୍ଦ୍ର ସରକାରଙ୍କ ବିମୁଦ୍ରୀକରଣ ନିଷ୍ପତିର ପ୍ରକ୍ରିୟାକୁ ଆଇନଗତ ଓ ତରବରିଆ ନୁହେଁବରଂ ଏଥିପାଇଁ କେନ୍ଦ୍ରୀୟ ବ୍ୟାଙ୍କ ଓ କେନ୍ଦ୍ର ସରକାର ମଧ୍ୟରେ ଲମ୍ବା ଆଲୋଚନା ହୋଇଥିବା ଦର୍ଶାଇ, ଆସିଥିବା ସମସ୍ତ ଆବେଦନକୁ ଖାରଜ କରିଛନ୍ତି। ତେବେ ଜଷ୍ଟିସ ନାଗରତ୍ନା କିନ୍ତୁ ବିମୁଦ୍ରୀକରଣ ପ୍ରସ୍ତାବ ଉପରେ ନକରାତ୍ମକ ଟିପ୍ପଣୀ ଦେଇଛନ୍ତି। ତାଙ୍କ ମତରେ ଏହା ଆଇନଗତ ନୁହେଁ ଓ ଏହା ଉପରେ ସଂସଦରେ ଆଲୋଚନା କରିବା ଉଚିତ ଥିବା ଦର୍ଶାଇ ଥିଲେ। ଇନ୍ଦିରା ଗାନ୍ଧୀଙ୍କ କାର୍ଯ୍ୟକାଳରେ ସଂସଦରେ ୧୦୦ ଟଙ୍କିଆ ନୋଟ୍ ଅଚଳ କରିବା ପାଇଁ ଆଲୋଚନା ହୋଇଥିଲା ଓ ଏହାଦ୍ୱାରା ସାଧାରଣ ଲୋକେ ଅସୁବିଧା ରେ ପଡିବେ ବୋଲି ବିଚାର କରାଯାଇ ଅଚଳ ନ କରିବାର ନିଷ୍ପତି ନିଆଯାଇଥିଲା। ପରେ ୧୯୭୮ ମସିହାରେ ମୋରାରଜୀ ଦେଶାଇ ଙ୍କ ସରକାର ସମୟରେ ୧୦୦୦, ୫୦୦୦ ଓ ୧୦୦୦୦ ଟଙ୍କାର ନୋଟକୁ ଅଚଳ କରାଯାଇଥିଲା। କିନ୍ତୁ ସେ ସମୟରେ ମଧ୍ୟ ଏହା (ବିମୁଦ୍ରୀକରଣ) ଅସଫଳ ବୋଲି ସାବ୍ୟସ୍ତ ହୋଇଥିଲା। ସେ ସମୟରେ ଅଚଳ ମୁଦ୍ରାର ପରିମାଣ ୧% ଥିଲା କିନ୍ତୁ ୨୦୧୬ ରେ ଅଚଳ ମୁଦ୍ରାର ପରିମାଣ ୮୬% ଥିଲା। ଜଷ୍ଟିସ ନାଗରତ୍ନା ରିଜର୍ଵ ବ୍ୟାଙ୍କ ର ସ୍ୱାୟତତ୍ୱ ଉପରେ ପ୍ରଶ୍ନ ଉଠାଇଛନ୍ତି। ତାଙ୍କ ମତରେ କେନ୍ଦ୍ରୀୟ ବ୍ୟାଙ୍କ ସରକାରଙ୍କ ଇଛା ଅନୁସାରେ କାମକରିଛନ୍ତି, କାରଣ ଏହାର ଶକ୍ତି ଅନୁଯାଇ କୌଣସି ମୁଦ୍ରାର ସବୁ ସିରଜକୁ ବ୍ୟାନ କରାଯାଇ ପାରିବ ନାହିଁ। ତାଙ୍କ ମତରେ ସବୁ ନୋଟକୁ ଅଚଳ କରିବାର ଶକ୍ତି ସରକାରଙ୍କ ପାଖରେ ଅଛି, ରିଜର୍ଵ ବ୍ୟାଙ୍କ ପାଖରେ ନୁହେଁ। ତେଣୁ କେବଳ କେନ୍ଦ୍ରୀୟ ବ୍ୟାଙ୍କର ର ରାୟ ମହତ୍ୱ ପୂର୍ଣ୍ଣ ନୁହେଁ ସଂସଦର ରାୟ ଦେବାବି ମହତ୍ୱପୂର୍ଣ୍ଣ ଥିଲା।

ତେବେ ଉପରୋକ୍ତ ଆଲୋଚନାରୁ ଏଇ ନିଷ୍କର୍ସ ବାହାରିଲା କି ବିମୁଦ୍ରୀକରଣର ଆଇନଗତ ଦିଗ ଉପରେ ସପକ୍ଷ ଓ ବିପକ୍ଷ ରାୟ ଜନସାଧାରଣଙ୍କ ସମ୍ମୁଖକୁ ଅଣାଯାଇ ଅଛି। ଏହାର

ISSN NO. 2582-208X


ପ୍ରଭାବ ଓ ପରିଣାମ ଦିଗକୁ ବିଚାର କରାଯାଇ ନାହିଁ ଏବଂ ବିଚାରରେ ଅସହମତି ଓ ଅନିୟମିତତା ଆଡ଼କୁ ଆଙ୍ଗୁଳି ଉଠୁଛି। ଦୀର୍ଘ ଛଅ ବର୍ଷ ଅତିକ୍ରାନ୍ତ କରିଯାଇଥିବାରୁ ଭାରତୀୟ ସମାଜ ଏହାକୁ ହଜମ କରିସାରିଛି ଓ ଏହି ରାୟ ଯେ କେବଳ ବିଜ୍ଞ ଲୋକମାନଙ୍କ ମଧ୍ୟରେ ଡିବେଟର ସ୍ଥାନ ନେବ ଓ ସାଧାରଣ ଜନତାଙ୍କର ଏଥିରେ କିଛି ଯାଏ ଆସେ ରହିବ ନାହିଁ। ତେବେ ସୁପ୍ରିମକୋର୍ଟ ର ଏହି ରାୟ ଦ୍ୱାରା ଭବିଷ୍ୟତରେ ସରକାର କୌଣସି ନିର୍ଣ୍ଣୟ ନେବା ପୂର୍ବରୁ କିପରି ପଦକ୍ଷେପ ନେବ ସେଥିରେ ସାହାଯ୍ୟ କରିପାରେ। କାରଣ ସବୁ ପିଠେଇ ନେଉଥିବା, ହଜମ କରିପାରୁଥିବା ଜନତାଙ୍କ ପାଇଁ କୌଣସି ନିର୍ଣ୍ଣୟ, ପଦକ୍ଷେପ ଓ ପରିଣାମ ର କୌଣସି ପ୍ରଭ୍ବ ପକାଇ ପାରିବ ନାହିଁ।

ନୟାପଲ୍ଲୀ, ଭୁବନେଶ୍ୱର
୭୯୭୮୩୩୨୦୭୧

ISSN NO.
2582-208X

# ଆମ ପରିବାର



ଦଣ୍ଡାସି ପ୍ରଧାନ

ଆମ ଘର ଅତି ସୁନ୍ଦର -
ବାପା ମାଁ ଭାଇ ଭଉଣୀ ସଙ୍ଗତେ
ଘର ନୁହେଁ ଆମ ମନ୍ଦିର।

ଆମ ସେନେହ ଶରଧା ବନ୍ଧେ-
ସଞ୍ଜରୁ ସକାଳ ଖୁସି ବରଷଇ
ଭରପୂର ପ୍ରୀତି ଛନ୍ଦେ।

ଆମ ନିର୍ମଳ ହୃଦୟ ମନ -
ସ୍ୱଚ୍ଛ ଶୀତଳ ବିଚ୍ଛୁରିତ ଜ୍ୟୋସ୍ନା
ଶରତେ ପୁନିଅ ଜହ୍ନ।

ଆମ ସମ୍ପର୍କ ଏକତା ଡୋର -
ସକାଳ ଅରୁଣ ଅରୁଣିମା ଆଭା
ବାସନ୍ତି କୋକିଳ ସ୍ୱର।

ISSN NO.
2582-208X

ଆମ ବୁଝାମଣା ସୁଅ ଧାର -
ସରିତ ସାଗର ସମ୍ବନ୍ଧ ସମାନ
କାହିଁ ତାର ପଟ୍ଟାନ୍ତର ?

ଆମ ସଂସ୍କାର ଚଳନି ଗୀତି -
ପୁରାଣ ପୋଥିର ସମନ୍ୱୟ ଘେନି
ଗୌରବେ ଫୁଲାଏ ଛାତି ।

ସାହିତ୍ୟ ସମ୍ପାଦକ
ଉପାନ୍ତ ସାହିତ୍ୟ ସଂସ୍କୃତିକ ସେବା ସଂସଦ
ପାତ୍ରପୁର, ଗଞ୍ଜାମ
ଭ୍ରାମ୍ୟଭାଷ୍ୟ8660194967/ Dpradhan@gmail.com

ISSN NO.
2582-208X

# ବିକଳ



ଡ. ଜ୍ଞାନେଶ୍ୱର ମିଶ୍ର

ବିକଳ କବଳ କରିଛି ବିଶାଳ ବିଶ୍ୱକୁ
ଶିଶୁଠାରୁ ବୁଢା, ଗ୍ରାମଦେଶ ଛାଡିନି କାହାକୁ
ଶିଶୁଟିଏ ବିକଳ ପିଇବାକୁ ନିଜ ମା କ୍ଷୀର
ବିକଳ ଦୋକାନେ ଖେଳନା ସବୁ ହୁଅନ୍ତା ତାହାର
କିଶୋରଟିଏ ବିକଳ ଭଲ ପାଠପଢିବାକୁ
ବୁଲି ଦେଖନ୍ତା ଦେଶ ବିଦେଶ ସାର୍ ଦୁନିଆକୁ
ଯୁବକଟିଏ ବିକଳ କରିବାକୁ ଅର୍ଥ ରୋଜଗାର
ବିକଳ ବିପରି ଗଢିବ ସୁଖ ଶାନ୍ତ ପରିବାର
ବୁଢାଟିଏ ବିକଳ ତା ଅନ୍ତେ କିଏ ଭୋଗିବ ସଂପତ୍ତି ତାହାର
ପୂଜାପାଇଁ ଧାଇଁଥାଏ ମସଜିଦ୍, ଗୀର୍ଜା ବା ମନ୍ଦିର
ଗୋଟେ ରାଷ୍ଟ୍ର ବିକଳ ଅନ୍ୟ ରାଷ୍ଟ୍ରକୁ କରିବ କବଳ
ସେଥିପାଇଁ ରଚେ କେତେ ଯୁଦ୍ଧ କୋଳାହଳ
ନେତାଟିଏ ବିକଳ କିପରି ଭୋଟରେ ଜିତିବ
ତାପରେ ବିକଳ କିପରି ମନ୍ତ୍ରୀଟିଏ ହେବ

ISSN NO.
2582-208X


ମନ୍ତ୍ରୀଟିଏ ହେଲ୍‌ପରେ ବିକଳ ଆହୁରି ବଢ଼ିବ
ବଂଶଧର ପାଇଁ ସମ୍ପତ୍ତି ଠୁଳ କରିଯିବ
ଆଜନ୍ମ ମରଣ ଯଦି ହୁଅ ବିକଳ, ବିକଳ
ଜୀବନ କାଳ ହୋଇବ ବ୍ୟର୍ଥ ଓ ବିଫଳ
ବିକଳ କବଳେ ନପଡି ସତକର୍ମ ଯାଅ କରି
ମୃତ୍ୟୁପରେ ଏ ସମାଜ ହେଉଥିବ ଝୁରି ॥

ଖିଦିରପୁର, କୋଲକୋତା ୭୦୦୦୨୩

ISSN NO.
2582-208X

# ରାଧା ସ୍ୱାମୀ ଅନ୍ତର୍ଯ୍ୟାମୀ



ଜୟନ୍ତୀ ଦେବୀ

ଜୟ ରାଧା ସ୍ୱାମୀ ପ୍ରଭୁ ଅନ୍ତର୍ଯ୍ୟାମୀ ନୀଳ କନ୍ଦରର ବଡ଼ ଠାକୁର ।
ଯଶୋଦା ନନ୍ଦନ କୃଷ୍ଣ ଶ୍ୟାମ ଘନ ନୀଳାଚଳେ ଲଗାଇଛ ହୁନ୍ଦ ।୧।

ରାମ ହରି ଭଜ ଭବ ତାପ ଗଞ୍ଜ ଏ ଭବ ସାଗରୁ ହୋଇବ ପାର ।
ଧାତ୍ରୀ ପଣ କରି ପୁତନା ତରିଲା ବଧ କଲ ଅଷ୍ଟ ମଲ୍ଲ ଚାନୁର ।୨।

ସ୍ୱାଧିନ ତୁ ଭକ୍ତ ପରାଧୀନ ହରି ପାଳନ କରୁଛୁ ସାରା ସଂସାର ।
ମୀନ କଛପ ବରାହ ବାମନାଦି ଯୁଗେ ଯୁଗେ ତୋ ଦଶ ଅବତାର ।୩।

ମହୁ, ଆଳ, କେନ୍ଦ୍ରାପଡା
ଦୂରଭାଷ-୮୮୯୫୪୫୦୧୧୦

ISSN NO.
2582-208X

# ସମ୍ପର୍କ ଈଶ୍ୱରଙ୍କ ଦତ୍ତ......



ଅମ୍ବିକା ସ୍ୱାଇଁ

ସମ୍ପର୍କ ବି ଏମିତି ତିଆରି ହୁଏ !!!!! ସେ ସଂପର୍କ ବନ୍ଧନ ର ଡୋର ଏତେ ଶକ୍ତ ହୋଇ ଯାଏ ଯେ, ନା ତାକୁ ଛିଡାଇ ହୁଏ...ନା ସେ ଆପେ ଛିଡି ଯାଏ....

ସେ ସେମିତି ଦୃଢ ଶକ୍ତ ହୋଇ ଜୀବନ ର ଶେଷ ଯାଏ ରହି ଥାଏ । ନିଜର ଆତ୍ମୀୟ ପାରିବାରିକ ବନ୍ଧୁବାନ୍ଧବ କୁ ଛାଡ଼ିଦେଲେ ଏମିତି କି ରାସ୍ତାରେ ବାଟ ଚାଲୁ ଚାଲୁ ଅନେକ ସମ୍ପର୍କ ତିଆରି ହୁଏ କିଛି ସମ୍ପର୍କ ମନ ଭିତରେ ଝାପସା ହୋଇ ରହିଥାଏ, କିଛି ମଧ୍ୟ ମନରୁ ଅନ୍ତର ହୋଇ ଯାଏ । ଆଉ କିଛି ସମ୍ପର୍କ ଏମିତି ଦୃଢ ହୋଇ ରହିଥାଏ, ନା ତାକୁ ଭୁଲି ହୁଏ ନା ତାକୁ ଭୁଲାଇ ହୁଏ !!!!

ସେମିତି ଏକ ଅଭୁଲା ଅବିସ୍ମରଣୀୟ ସମ୍ପର୍କ ମୋ ଜୀବନରେ ଅଚାନକ ଆସିଥିଲା, ଯାହା କି ଦୀର୍ଘ କୋଡିଏ ବର୍ଷ ହେଲାଣି ସେମିତି ଶକ୍ତ ହୋଇ ରହିଛି ଏତେ ଆତ୍ମୀୟତା ପଣ ଏତେ ସ୍ନେହ ମମତା ଭଲ ପାଇବା ଯାହା କି ସେ ଅମୂଲ୍ୟ ଅନୁଭବ କୁ ଓ ଅନୁଭୂତି କୁ ଭାଷା ରେ ପ୍ରକାଶ କରିବା ପାଇଁ ମୁଁ ଅକ୍ଷମ ।

କେମିତି ତିଆରି ହେଲା ଏ ଦୃଢ ସମ୍ପର୍କ..... ଏମିତି ଦିନେ ମୁହଁ ସଂଜ ରେ ରାସ୍ତାରେ ଚାଲୁ ଚାଲୁ ଦେଖା ହୋଇ ଥିଲା ଉକ୍ତ ପିତୃ ପ୍ରତିମ ପିତା ଙ୍କ ସହ.... ଭାରି ସ୍ନେହ ରେ ପଚାରି ଥିଲେ ମା" ତୁ ସବୁ ଦିନ କୁଆଡେ ଯାଉଚୁ ? ମଉସା ଆପଣ କେମିତି ଜାଣିଲେ ମୁଁ ସବୁଦିନ ଯାଉଛି ବୋଲି ? ଆରେ ତୁ ପରା ଆମ ଘର ଆଗ ଦେଇ ଯାଉଚୁ ମୁଁ ଜାଣିବିନି କେମିତି !!!! ସେଦିନ ସେ ବି ମାର୍କେଟ ରୁ ଫେରୁ ଥାନ୍ତି, ମୁଁ ବି ମୋ କାର୍ଯ୍ୟସ୍ଥଳୀ ରୁ ଘରକୁ ଫେରୁଥାଏ ।

ISSN NO.
2582-208X

ତୁ କଣ କରୁ ମା? ମୁଁ ସିଦ୍ଧ ଚିକିତ୍ସା କରେ ତ ସେଥିପାଇଁ ସବୁଦିନ ସିଦ୍ଧ ଚିକିତ୍ସା କେନ୍ଦ୍ର କୁ ଯାଏ, Patient ମାନଙ୍କୁ treatment କରେ ।

କହିଲେ, ଆରେ ବଢ଼ିଆ କାମ କରୁଚୁ ମା । ମୋ ଝିଅ ମାମା ବି ଆଗରୁ ରେକି ଚିକିତ୍ସା କରୁଥିଲା, ମୋ ଝିଅ ଜ୍ୱାଇଁ ଦୁଇ ଜଣ ଯାକ ଡକ୍ଟର ଓ ଯୋଗ ଟ୍ରେନିଂ ମଧ୍ୟ ଦିଅନ୍ତି । ଏମିତି କଥା ବାର୍ତ୍ତା ହୋଇ ଚାଲୁ ଚାଲୁ ତାଙ୍କ ଘର ପଡ଼ିଲା, କହିଲେ ଆସୁନୁ ମା ଆମ ଘରକୁ ମାଉସୀ ଦେଖିଲେ ତୋତେ ଖୁବ୍ ଖୁସି ହେବ । କଣ କରିବି ଏତେ ସ୍ନେହରେ ଡାକିଲେ ଯେ ମନା କରି ପାରିଲିନି,ଘର୍ ଭିତର କୁ ପସୁ ପସୁ ମାଉସୀ ଙ୍କୁ ଡାକ ପକାଇ କହିଲେ, ଆରେ ଦେଖ କିଏ ଆସିଛି !!! ମାଉସୀ ରୋଷେଇ ଘରୁ ହସି ହସି ବାହାରି ଆସିଲେ କହିଲେ ଆରେ ଝିଅ ? ତୁ ସବୁ ଦିନ ଏହି ପଟେ ଯାଉଛୁ ଆମେ ତୋତେ ସବୁଦିନ ଦେଖୁ ଓ ତୋ କଥା ହେଉ, ଆଜି କିନ୍ତୁ ଘର କୁ ଆସିଲୁ ଖୁବ ଖୁସି ଲାଗୁଚି । ମାଉସୀ ଙ୍କ ହସ ହସ ମଧୁର କଥାରେ ମୋ ମନ ମୋହିଗଲା। ପାଦ ଛୁଇଁ ପ୍ରଣାମ କଲି । ସୋଫା ଉପରେ ବସି ମଉସା ଙ୍କ ସଙ୍ଗେ ଗପୁ ଗପୁ ତାଙ୍କ ବଡ଼ ଝିଅ ମାମା ତା ଅଢେଇ ବର୍ଷର କୁନି ପୁଅ ଆଦି କୁ ଧରି ଆସି ପହଞ୍ଚିଲା । ସେ ବି ମୋତେ ଦେଖି ଖୁବ୍ ଖୁସି ହେଲା, ବସି ଗପୁ ଗପୁ ମାଉସୀ ପକୁଡ଼ି ଛାଣି ଆଣି ଆଗରେ ଥୋଇ ଦେଲେ। ସମସ୍ତେ ମିଶି ଖାଇଲୁ। ସେହି ଦିନ ହିଁ ଏକ ଅନାବିଳ ସ୍ନେହ ସମ୍ପର୍କ ର ମୂଳଦୂଆ ପଡ଼ିଲା । ସେହି ଦିନ ଠାରୁ ମୁଁ ତାଙ୍କର ବଡ଼ ଝିଅ ହୋଇଗଲି। ତରକାରୀ ଦିଆ ନିଆ, ଯିବା ଆସିବା ଲାଗିଲା । ମୁଁ ମୋ କାମ ରୁ ଫେରିଲା ବେଳେ ଦିନେ ଅଧେ ମଝିରେ ମଝିରେ ଛାଡି ପ୍ରାୟତଃ ସବୁ ଦିନ ତାଙ୍କ ଘରେ ୫/ ୧୦ ମିନିଟ୍ ବସି କି ଆସେ । ମାଉସୀ ଯାହା ଭଲ ଭଲ ଖାଇବା କରିଥାନ୍ତି, ମୋର ଭାଗ ସେଥିରେ ନିଶ୍ଚୟ ଥାଏ । ଏମିତି କି ମଉସା ଫୋନ କରି ଆଗୁଆ କହି ଥାନ୍ତି ଅମ୍ବିକା ଆଜି ଫେରିଲା ବେଳେ ଘରକୁ ନିଶ୍ଚୟ ଆସିବୁ । ନ ହେଲେ ତୋ ଭାଗ ବୁଡିବ ସେ କଥା ପଦରେ ଯେଉଁ ଆତ୍ମୀୟତା ଭରି ଥାଏ ମୁଁ ନ ଯାଇ ରହି ପାରେନି । ମୁଁ ବି ଶ୍ରଦ୍ଧା ସ୍ନେହରେ ପିଠା ପଣା ଭଲ ମନ୍ଦ ଯାହା କରେ ଦେବାକୁ ଭୁଲେ ନାହିଁ। ଏମିତି ଧିରେ ଧିରେ ସମ୍ପର୍କ ଏତେ ଦୃଢ ହେଲା ଯେ ବିବାହ, ବ୍ରତ, ଜନ୍ମ ଦିନ ସବୁଥିରେ ଖୋଜା ଲୋଡା ଚାଲିଲା ଓ ଆଜି ଯାଏ ଚାଲିଛି । ସେତିକିରେ କଥା ଅଟିକିନି । ଦୀର୍ଘ ୨୦ ବର୍ଷ ର ସମ୍ପର୍କ ଭିତରେ, ଝିଆରୀ ପୁତୁରା "ଆଦି" ରିଦ୍ଧୀ ଜନ୍ମ ଦିନ ଠାରୁ ଭାଇ ଭଉଣୀ ଙ୍କ ବ୍ରତଘର ବିଭାଘର ଯାଏ ଅନେକ ସୁଖଦ ଘଟଣା ଘଟିଛି। ମଉସା ମାଉସୀ

ISSN NO.
2582-208X

ତାଙ୍କ ବନ୍ଧୁ ବାନ୍ଧବ ସମ୍ପର୍କୀୟ ନ ଙ୍କ ସାମନାରେ ମୋତେ ସବା ବଡ଼ ଝିଅ ର ପରିଚୟ ରେ ପରିଚିତ କରାଇଛନ୍ତି । ଅନ୍ୟ ଚାରି ଭାଇ ଭଉଣୀ ମାମା, ମନୋଜ କକୁନି, ଦିପୁ ଓ ଜ୍ୱାଇଁ ରାକେଶ ଓ ଅଭିଷେକ ମୋତେ ବଡ଼ ଭଉଣୀ ର ସମ୍ମାନ ଦେଇ ଆସିଛନ୍ତି..ଦିଦି ବୋଲି ଡାକନ୍ତି । ଯେତେବଳେ ଘରକୁ ଯାଏ ରୋଷେଇ ଘରଠୁ ଲକର୍ ଯାଏ କୌଣସି ରେ ମୋ ପାଇଁ ପ୍ରତିବନ୍ଧକ ନ ଥାଏ । ଦୀର୍ଘଦିନ ର ସମୟ ସାଥିରେ ଅନେକ କିଛି ବଦଳି ଯାଇଛି, ବୟସ ବଢ଼ିଛି, ଚେହେରା ସମସ୍ତଙ୍କ ର କିଛି ବଦଳିଛି, କୁନି ପିଲା ମାନେ ବଡ଼ ହୋଇ ଗଲେଣି । ହେଲେ ସମ୍ପର୍କ ଯେମିତି ଥିଲା ସେମିତି ହିଁ ରହିଛି । ସମସ୍ତେ ଏତେ ଭଲ କଣ କହିବି ...କେମିତି କହିବି ଭାଷା ପାଉନି । ମଉସା, ମାଉସୀଙ୍କ ପରି ମଣିଷ ଦୁନିଆରେ ବିରଳ । ଯେତେବଳେ ଘରକୁ ଯାଏ ମାଉସୀଙ୍କ କଣ୍ଠରୁ ସୂଳତିତ ସଙ୍ଗୀତ ଓ ମଉସାଙ୍କର ଆଧ୍ୟାତ୍ମିକ ଚର୍ଚ୍ଚା ମୋତେ ବାନ୍ଧି ରଖେ ।ବି ନା ପିଆଜ ରସୁଣ ରେ ଖାଆନ୍ତି । ସେମାନେ ବ୍ରାହ୍ମଣ, ଆମେ କ୍ଷତ୍ରିୟ ମୁଁ ଜାତିଭେଦ ର ବହୁତ ବିରୋଧୀ । ଯୋଗ କୁ ମଉସା ବି ବହୁତ ବଡ ଅବସର ପ୍ରାପ୍ତ ଇଂଜିନିୟର । ତାଙ୍କର ବଡ଼ ପୁଅ ମୋର ଭାଇ ହେବ ମନୋଜ, ଇଂରେଜି ଝିଅ କୁ ବିବାହ କରିଛନ୍ତି । ସେମାନେ ଅଷ୍ଟ୍ରେଲିଆ ରେ ରହୁଛନ୍ତି । ସେମାନେ ମୋ ହାତ ରନ୍ଧା କୁ ଖୁବ୍ ପସନ୍ଦ କରନ୍ତି, ମୋତେ ବହୁତ ଭଲ ପାଆନ୍ତି ।

ସତରେ...କି ମଧୁର ମିଠା ପବିତ୍ର ସମ୍ପର୍କ...

ଯେଉଁଥିରେ ନାହିଁ ଛଳନା କପଟ, ମାୟା ଛନ୍ଦ । କେବଳ ସ୍ନେହ, ପ୍ରେମ, ଭଲ ପାଇବା ରହିଛି। ଆପଣାର ନ ହୋଇ ବି ଖୁବ୍ ଆପଣାର, ରକ୍ତର ନ ହୋଇ ବି ଭାଇ ଭଉଣୀ ର ସୃଢ଼ୁଡ ସମ୍ପର୍କ ବନ୍ଧନ । ଜନ୍ମ ନ ଦେଇ ବି ବାପା ମା ପରି ଅନାବିଳ ସ୍ନେହ ପ୍ରେମ ଭଲପାଇବା ଆଶୀର୍ବାଦ ର ଅସରନ୍ତି ଗନ୍ତାଘର ।! ଅନେକ ଖୁସି ପାଇଛି, ଏମିତି ବ୍ୟକିତ୍ୱ ସ୍ନେହୀ ପରିବାର ମୋ ଜୀବନର ପ୍ରଥମ ଅନୁଭୂତି, ସେ ଅନାବିଳ ଅନୁଭୂତି ସ୍ୱର୍ଗୀୟ । ଯାହା କି ଶବ୍ଦରେ ପ୍ରକାଶ ଅସମ୍ଭବ । ୨୦ ବର୍ଷ ତଳୁ ଜନ୍ମ କଲା ବାପା ମା ଙ୍କୁ ହରେଇ ସାରିଛି, ସେ ବଦଳରେ ପିତୃ ମାତୃ ପ୍ରତିମ ବାପା ମା ପାଇଛି। ସ୍ୱର୍ଗୀୟ ଅପାର ଆନନ୍ଦ ଅନୁଭବ କରିଛି । ବୋଧ ହୁଏ ଈଶ୍ୱରଙ୍କ ଦତ୍ତ ର ପ୍ରାପ୍ତି ବୋଲି ସ୍ୱୀକାର କରୁଛି ।

ଶ୍ୟାମପୁର, ଭୁବନେଶ୍ୱର, ଓଡ଼ିଶା
୯୭୭୭୫୯୯୭୯୫

ISSN NO.
2582-208X

# ଭିଜାମନ


ହରେରାମ ପଣ୍ଡା

( ୧ )
ପୋହଳାଦ୍ୱୀପର ରାଜ କୁମାରୀ ତୁ
ଛାତିରେ ଛାତିଏ ଛାତିଏ ତାତି,
ଫୁଲ ଫଗୁଣକୁ ଅନେଇ ବସିଛୁ
ମୁଁ ଯେ ଆଷାଢ଼ର ରାତି ।
( ୨ )
ଭଲ ପାଉଥିଲି ବୋଲି ତତେ ମୁହିଁ
ମୂଲ କେବେ ମାଗିନାହିଁ,
କହୁଛୁ ଖାଲି ତୁ ଆଖିର ଲୁହରେ
ମୋ ମୂଲ ଦେବୁ ଶୁଝେଇ ।
( ୩ )
ଚାହାଣୀ ତୋହର କାହାଣୀ କହୁଛି
ଭିଜି ଯାଉଛି ମୋ ମନ,
ଆଖିର ଲୁହକୁ ପିଇଯାଏ ଓଠ
ଖୋଜୁଛି ପୁରୁଣାଦିନ ।
( ୪ )
ରାତି ପାହାନ୍ତାର ମଲା ଜହ୍ନଟେ ମୁଁ
କଇଁକୁ ପାଉନି ଖୋଜି,

ISSN NO.
2582-208X

କଇଁରାଣୀ କାଳେ ତୁମ ଗାଡ଼ିଆରେ
ଯାଇଛି କୁଆଡ଼େ ହଜି ।

( ୫ )

ଜାଣିନି କେତେ ତୁ ଭଲପାଉ ମତେ
କାଳେ ଜାଣିଥିବୁ ତୁହି,
ମୋ ଆଖିରେ ଆଖି ମିଶେଇ ଦେଇକି
ଥରୁଟେ ଦେଏ ତୁ କହି ।

( ୬ )

ତୋ ପାଇଁ ପିଉଛି ପିଇ କି ଜୀଉଛି
ତଥାପି ବୁଝେନା ମନ,
ଭାବୁଛି ଏବେ ତୋ ଖିଆଲୀ ନିଶାରେ
ବୁଡ଼ିଯିବି କେଉଁଦିନ ।

କୁଆଁସ, ମେର୍ଦ୍ଧା କାଟିଆଛକ, ଯାଜପୁର
ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ
ଭ୍ରାମ୍ୟଭାଷ -୯୪୬୮୦୬୫୧୯୫

ISSN NO.
2582-208X

# ଊର୍ମି ତୁମେ ମହୋଦଧିର ମହୁକା



ଝିଲିମିଲି ସାହୁ

ଊର୍ମି ତୁମେ........
ସର୍ବଦା ସଜଳା ସଂସୃଷ୍ଟା
କବି ସୃଜନୀର ଅପରୂପ ନାୟିକା
ଉତ୍ତାଳତା ତବ ତରଙ୍ଗିତ କରେ
ଯେସନ ପ୍ରୀତି ନିମଗ୍ନା ପ୍ରେମିକା। ।୧ ।

ଊର୍ମି ତୁମେ.....
ରୂପଶ୍ରୀ ସତ୍ୱର ସଜନୀ
ଅସଂଖ୍ୟ ପାପ/ପୂଣ୍ୟର  ମୂକ ସାକ୍ଷୀ
କେବେ ଅମା ଅନ୍ଧକାରେ ଅଧିରା ତ,
ପୁଣି କେବେ ପୂର୍ଣ୍ଣିମା ରାତ୍ରରେ ସଂକୀର୍ଣ୍ଣା। ।୨ ।

ଊର୍ମି ତୁମେ........
ନିଃଶବ୍ଦେ ଅନୁଭବିଛ ଅନେକ ଦୁଃଖସୁଖ
ମୌନେ ଆବୋରି ନେଇଛ ଅଶ୍ରୁତ ଲୋତକ ଧାର

ISSN NO.
2582-208X

ସାଉଁଟିଛ ସାଗର ବୁକୁର ଅକଳିତ ଆବେଗ
ସାଜିଣ ସମୁଦ୍ର ଓ ବେଳାଭୂମିର ନିରନ୍ତର ସମ୍ମୋହକ। ।୩ ।

ଊର୍ମି ତୁମେ.......
ସଂକ୍ଷିପ୍ତେ ସୁଢଳା ସଜ୍ଜୀକୃତା
ପୂଣ୍ୟ ବେଳାଭୂମି ସ୍ପର୍ଶ ବ୍ୟତିରେକ
ନାହିଁ କେବେ ତୁମ ସିଦ୍ଧତା....
ଊର୍ମି ତୁମେ.. ମହୋଦଧିର ମହୁକା। ।୪ ।

ଶିକ୍ଷୟିତ୍ରୀ, ନୟାଗଡ଼

ISSN NO.
2582-208X

# ମୋ ମାଟିର ବାସ୍ନା



ସ୍ୱର୍ଣ୍ଣପ୍ରଭା ଖଟୁଆ

କଅଁଳ ଛନଛନ ନରୀହ ହରିଣୀ ଆଖି ଯୋଡିକ
ସତେ ଯେପରି କେଉଁ ଦେବାଦେବୀଙ୍କ
ହାତ ଗଢା କଣ୍ଢେଇଟିଏ
ଦଶମାସ ଦଶଦିନ ପ୍ରସବର ଯନ୍ତ୍ରଣା
ସହ୍ୟ କରିବା
ଫୁଲକୁ ଫଳରେ ପରିଣତ କରି
ପିତା କଣାର ପରିଚୟ ଦେବା
କାହାର ସ୍ୱାଦିଷ୍ଟ
ଆହର ବନେଇବା
କଣ ବିଶାଳ ପର୍ବତକୁ
ଟୁକୁର୍ ଟକୁର୍ କରିବାଠାରୁ
ପରିଶ୍ରମ ନୁହଁକି ।

ପରିଶ୍ରମର ମୂଲ୍ୟ ତ
କଂସ କଂସା ଝାଳର ଧାର
ବହିଆସୁଥିବା ଲୁଣିଆ ଝାଳର

ISSN NO.
2582-208X



ବୃନ୍ଦାକୁ ଓଠରେ ପିଇଲା ବେଳେ
ଦୁହେଁ ଅନୁଭବ କରନ୍ତୁ
ହାତ ତିଆରି କଣ୍ଢେଇଟି
ସମାଜରେ କେଉଁ ପରିଚୟରେ ପରିଚତ
କନ୍ୟା ନା ସୁକନ୍ୟା
ଯୋଗ୍ୟା  ନା ଅଯୋଗ୍ୟା
ଅବଳା  ଦୁର୍ବଳା ନା ସବଳା
ପ୍ରେମିକା ପତ୍ନୀ ନା ପତିତା  ।

ପ୍ରଭାତର କାକର ସ୍ପର୍ଶ
ସୂର୍ଯ୍ୟଙ୍କର କରଣରେ
ତାର ସୌନ୍ଦର୍ଯ୍ୟକୁ ଖିନଭିନ କଲାପରି
କେହିଯଦି ଆଙ୍କିଦେଲା
ନା ଲାଲଟୁକଟୁକ ଶରୀରରେ
କଳଙ୍କର କାଳିମାର ଚହ୍ନ  ।

ସ୍ୱଛ ନୟନରେ
ଲୋତକର ପହଣ୍ଡି ବିଜେ
କେତେ ହୃଦୟ ବିଦାରକ
ସେତ ଅନୁଭବ କରିପାରେ
ଯେ ଜଗ୍‌ଟ ଅନ୍ଧାର ଭିତରେ
ଦାରୁ ଗଢିବାର ନଷ୍ଟାପରତାକୁ
ବଜାୟ ରଖିଥାଏ  ।

ଚଣ୍ଡିଖୋଲ, ଯାଜପୁର

ISSN NO.
2582-208X

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

(ଭାଗ – ୧୭ )

ଗୋଟିଏ ବଡ଼ କୁଣ୍ଡ କରି ସେଥିରେ ଇଟା ସବୁ ଭିଜା ହେଲା । କଛି ଇଟା ବତୁରି ଯାଉଥିଲା ପାଣି ବାଜି । ଯେଉଁ ଇଟା ପକ୍କା ହେଇ ପୋଡ଼ି ହେଇଥିଲା ସେଗୁଡ଼ିକ ଆହୁରି ମଜବୁତ ହେଲା । ଯେମିତି ବିବେକା ମାଷ୍ଟରଙ୍କ ଛାଟ ମାଡ଼ରେ ଚଉ ହେଇଗଲା ଗଣ୍ଡ ମୂର୍ଖ ଆଉ ସେହି ଛାଟ ମାଡ଼ରେ ମୁଁ ପଢ଼ିଲି ଜିଲ୍ଲା ସ୍କୁଲରେ ।

ବାଲିକୁଦାରେ ଇଟା ଗାହ୍ଣନରେ ଆମର ଡିଆଁଡେଇଁ ଖେଳ, ଭାଲୁ କୁକୁରର ଲାଙ୍ଗୁଡ଼କୁ ପୋତି ସଳଖା କରିବାର ଖେଳ, ପାଦ ଉପରେ ବାଲି ଥାପି ଗୁମ୍ଫା, ବରଫଘର କରିବାର ଖେଳ, ସେଫ୍ଟିପିନ୍ ଲୁଗ୍ଗଲୁଚ ଖେଳ ଭଲ ଜମିଲା ।

ଅଧା ଅଧା କାନ୍ଥ ହେଇଥିଲା ବେଳେ ଲୁଗ୍ଗଲୁଚ ଖେଳ ବି ହେଲା । ବଖର୍ ମାନଙ୍କରେ ତଳେ ପଡିଥିବା ବାଲିରେ ଗୋଲେଇ କର୍ସିନ ଚୁଙ୍ଗା (ଫନେଲ୍)ପରି ଘର କରିଥିବା ଗୁଣ୍ଡୁରି ପୋକକୁ ପିମ୍ପୁଡ଼ି ଆଧାର ଦିଆ ହେଲା । ଗାତ ମଝିରେ ଲୁଚ ବସିଥାଏ ଗୁଣ୍ଡୁରି ପୋକ । ପିମ୍ପୁଡ଼ି ଟିଏ ପକେଇ ଦେଲେ ଖପ୍ କନା ମାଡ଼ି ବସି ଗାତ ଭିତରେ ଅଦୃଶ୍ୟ ହେଇଯାଏ ।

ISSN NO.
2582-208X

ଏଇ ଯେମିତି ବୁଢ଼ିଆଣୀ ଜାଲରେ ମାଛି କ ମଶାଟିଏ ଲାଖିଗଲେ ଖାପୁକନ ଧରି ପକାଏ ସେ ନଜର ଶିକାର । ଆଉ ପୁଣି ନଈରେ ଯେମିତି ପାଣି ତଳେ ପଥର ଖୋଲ ଥିଲେ ତିଆରି ହେଇଥାଏ ଭଉଁରି। କାଗଜ ପତ୍ର କ କାଠି କୁଟା ଟିଏ ପଡ଼ିଲେ ବୁଲେଇ ବୁଲେଇ ଟୁପୁସ୍ କନା ଗିଳ ଦିଏ । ଯେମିତି ଆମର ଭୂର୍ଷାପାଟର ବଡ଼ ଭଉଁରିଟି ଗିଳ ଦେଇଥିଲା ଭଅଁରେଇ ଭଅଁରେଇ ବିର ଭଣ୍ଡାରୀକୁ । ତା ପରଦିନ ଭାସୁଥିଲା ତାର ନର୍ଜିବ ସିଠା ଦେହଟା ।

ଗୁଣ୍ଡୁରି ପୋକ ଭାରି ସିଆଣିଆ । ପିମ୍ପୁଡ଼ି କ ପୋକ ଦେଲେ ଟାଣି ନେବ । ଆଙ୍ଗୁଳ ପୁରେଇଲେ କୁଆଡ଼େ ନୁଚବ । ବେଳେ ବେଳେ ଆମେ ମଜା ଦେଖିବାକୁ କାଗଜକୁ ଟିକ୍ ଟିକ୍ କରି ପକେଇ ଦେଉ ତା ଗାତରେ । ସଟ୍ କନ ସେ ତାକୁ ଉପରକୁ ଫୋପାଡ଼ି ଦିଏ ବାଟୁଳ ପରି ।

ଛାତ ଫଲ୍ସ ହେଇଗଲା । ପାହାଚ ବି ତିଆରି ହେଲା । ମୁଁ ଏଇ ଦ୍ୱିତୀୟ ଥର ପାଇଁ ଏତେ ବେଶି ପାହାଚ ଚଢ଼ିଲି ଜିଲ୍ଲା ସ୍କୁଲ୍ ପରେ । ଚଇନୁ, ମଇନୁ, ବାଙ୍କ, ଚଉ ହେରିକାଙ୍କର ତ ଏଇ ପ୍ରଥମ ରୋମାଞ୍ଚକାରୀ ପାହାଚ ଚଢ଼ା । ଆମେ ଧାଇଁ ଧାଇଁ ଚଢ଼ି ଯାଉଥାଉ ପୁଣି ଧାଇଁ ଧାଇଁ ଓହ୍ଲେଇ ଆସୁଥାଉ । ଛାତରେ ଠିଆ ହେଇ ତାଟକା ହେଇ ଦେଖୁଥାଉ । ମଣିଷର ଦୃଷ୍ଟି ପୁଣି ଏତେ ଦୂରକୁ ଖେପି ଯାଇପାରେ ?

- ଏବେଇ, ଦେଖଲୁନ ? ଛାତ୍ ରୁ ବଡ଼ ନଦୀଟା ଭି ଦିଶୁଛି ବେଇ । ଏଇ ଦେଖ୍ ଏଇ ଦେଖ୍ ବାଲିଗା କେମତି ଝଟକୁଛି ।

- ଆମର୍ ବିଲ୍ ଗା ଭି ତ ଦିଶୁଛି, ହାଇ ଦେଖ୍ ତୋର୍ ବାପା, ହାଇ ସେଇଠେ ନୁଇଁଛନ୍, ଆଉ ଦେଖ୍ ଚଉର୍ ବାପା କେମତି ଗାମଛାଟାକୁ ମୁଣ୍ଡ ଉପରେ ଉଡେଇ ଉଡେଇ ଆସୁଛନ୍ ପତକା ରକମ୍, ହେ ହେ ।

ISSN NO.
2582-208X

- ଦେଖ୍ ଦେଖ୍, କଳାକର ଜେଠା କେମତି ସିଜୁବାଡ଼ ସାଇଡରେ ମୁତତେ ବସଲେ ନ । ବାବାରେ, ଏବେଇ ଦେଖିଦେଲେ ବେଇ ! ଆଜ୍ ବାଇସ ଥୁଇବେ ଆମର୍ । ଚଲ ଚଲ ।

- ରହ ରହ, ଦେଖ୍ ତ, ଆଉ ମୋର୍ ଜିଲ୍ଲା ଇସକୁଲ୍ ଦିଶୁଛି କବେଇ ?

- ଏନଗି ଆସିକରି ସାତ ପୁରଷି ଉଦ୍ଧାର କରିଦେବେ ଜେଠା । ଆଉ ତୋତେ ତୋର୍ ଇସକୁଲ୍ ଦିଶୁଛି ।

ଛାତ ପଡ଼ିଲ୍ ଦିନ ଗାଁଟା ସାର୍ ଭୁତ ମାଛ ଉଡେଇଲେ । ନଈରୁ, ବିଲରୁ , ବନ୍ଧରୁ କଲେ କଲେ ମାଛ ଧର୍‌ହେଲ୍ । ଆମେ ବି ଘୁଗି, ବଜା, ବନ୍ସ ପକେଇ ଗୁଣ୍ଡୁଚ ଭାଗ ଦେଲୁ । ଆଉ ? ଗାଁରେ ପ୍ରଥମ କୋଠାଘର ହେଉଛି ଯେ ? ମାଛ ଝୋଳ, ମାଛ ସୋରିଷ , ମାଛ ବନ୍ଧାକୋବି ଛେଞ୍ଚଡ଼ା । ଭିତର ଭୁଇଁ ପକ୍କା ହେବା ଆଗରୁ ଟୁକୁଡ଼ା ଇଟାଖଣ୍ଡକୁ ଆମେ ପିଲ୍ ମାନେ ହିଁ ଧୁରମୁସେଇ ଦେଲୁ । ଏଇ କାମରେ ଏତେ ଅଧିକ କମିଆ, କାମଣି ଦରକାର ପଡ଼ିଲେ ନାହିଁ ।

ବାଃ, କ ସୁନ୍ଦର ଘର । କଳା ମୁଚୁମୁଚୁ ପଲସ୍ତର୍ ସହିତ ଲାଲ୍ ରଙ୍ଗର ଧଡ଼ି ପରି ଚଉଡ଼ା ଜିଅର, କାନ୍ଥ ଧାରେ ଧାରେ । ଓଳମ ସୂତା ଦ୍ୱାର୍ ଘର ମଝିରେ ଗୋଟାଏ ପଦ୍ମ ପାଖୁଡ଼ା ପରି ସୁନ୍ଦର ନାଲିଆ ଫୁଲ । ପଲସ୍ତର୍‌କୁ ଶକ୍ତ କରିବା ପାଇଁ ପାଣି ପଟେଇବା କାମ ବି ଆମର ଥିଲ୍ । ବଡ଼ ଉତ୍ସାହରେ କୁଜି ଗଡ଼ିଆରୁ ଗରିଆ ଗରିଆ ପାଣି ଆଣି ଢାଳୁଥିଲୁ ସମସ୍ତେ ଗଣି ଗଣି ।

- ଦେଖିବା, କଏ କେତେ ଗରିଆ ଆଣି ପାରିବ ? ଯିଏ ବେଶି ଆଣିବ ତାକୁ ଦଶ ପଇସା ଦିଆ ଯିବ ।

ଗଣିଆ ଭାଇ କହନ୍ତୁ ସିନା, କହିବା ବାହୁଲ୍ୟ ଗଣିଆ ଭାଇ ଦିନ ଶେଷରେ ପୁର୍ ବାନରସେନା ପାପୁଲିରେ ଦଶ ପଇସା ପାଞ୍ଚ ପଇସା, ତିନ ପଇସା ଲେଖା ଥୋଉଥିଲେ । ମୋ ପଇସା ଯାଉଥିଲ୍ ଭୁଇଁତଳ ଢୁଣ୍ଡି ଭିତରକୁ । ଆଉ ସମସ୍ତଙ୍କ ପଇସା ସିଡୁ

ISSN NO.
2582-208X

ଦୋକାନରେ ଜମା ହେଉଥିଲା । ମୋତେ କେତେବେଳେ କାହାର ଦୟାରୁ ଲେବେନଚୁସ୍ କ ମଟର ଚଣା ମୁଠେ ମିଳ ଯାଉଥିଲା ତ କେତେବେଳେ କାମ୍ପିର ଉପାଧି ଭି ମିଳୁଥିଲା ।

- ନଜର୍ ପଇସାଗା ସାବତି ଦେଉଛି, ଆଉ ଆମରଠୁ ହାତ ପତଉଛି ।

ତାଙ୍କର ପ୍ରଥମ କୋଠରୀ ପ୍ରସ୍ତୁତ ହେଇଗଲା, ଆମେ ସେଇ ଦିନ ଦୁଇ ପହରେ ଖରକା ଖରକ କରି ଗଡ଼ି ପଡ଼ିଲୁ । ଓଃ କ ଥଣ୍ଡା ଭୁଇଁ ? ନଦ ଲାଗିଗଲା, କେବେ ଖରାବେଳେ ନ ଶୋଇବା ଉଦୁର୍ଛିଆ ଛୁଆ ମାନଙ୍କୁ ଭି । ସେଇ ଘରେ ଫୁଲଖଡ଼ିରେ ଘର କାଟି ଗୁଲିଲା ଖେଳ, କଉଡ଼ି, ବାଘ ଚଲାଣୀ । ଅନ ନାନୀ ଭି ଦୁଇଥର ଆସି ଖେଳଥିଲେ । ସେ ବେଶି ଆସନ୍ତୁ ନାହିଁ, ଯେବେକ ତାଙ୍କ ଘର ଆଉ ଚଇନୁ ଘର ଲଗାଲଗି ।

ଆସିଲେ ଭି ଚଙ୍ଗ୍ ଚଙ୍ଗ୍ ହୁଅନ୍ତୁ । ଖେଳରେ ତାଙ୍କର ମନ ନଥାଏ । କନ୍ କନ୍ ହେଇ ଇଆଡେ ସିଆଡେ ଅନାନ୍ତୁ ।

- ନାନୀ, ପକାଅ ଗୋ କଉଡ଼ି, ଏନଗି ତୁମର ପାଳ ପିବା ।

ଗଣିଆ ଭାଇ, ମୋତେ ଲାଗେ ଜାଣି ଜାଣି ପଶି ଆସନ୍ତୁ । ଆଉ ଅନ ନାନୀ ଆଡ୍ ଆଡ୍ ହେଇ କାନଟାକୁ ଆଉ ଟିକେ ଦେହ ଉପରକୁ ଟାଣି ଆଣନ୍ତୁ । ତାଙ୍କର ହାତରୁ କଉଡ଼ି ଛତରଛିନ୍ ହେଇ ପଡ଼ନ୍ତୁ । ଦାନ ଗଣି କଉଡ଼ି ଚଲେଇବାରେ ବାରମ୍ବାର ଭୁଲ୍ କରନ୍ତୁ ।

- ନାନୀ, ଗେଭରିଆ (ଗୋଳେଇବା) ଖେଲ ନାଇଁ ହେବ । ଚଉକ ପଡ଼ିଥିଲା ତୁମର୍ । ଆଉ ଅଷ୍ଟା ଚଲଉଛ ?

- ଯା ଯା, ମୁଇଁ ନାଇଁ ଖେଳବି । ବେଡେ ଗେମାଣ୍ଡି କରୁଛ ।

ଓଲଟା ଆମ ଉପରେ ଦୋଷ ନଦି ପଳେଇ ଯାଆନ୍ତୁ ସିଏ ମୁଣ୍ଡ ତଳକୁ, ଆଖି କୋଣକୁ କରି, ଆଡ୍ ଆଡ୍ ହେଇ ।

ISSN NO.
2582-208X

ଗଣିଆ ଭାଇଙ୍କ ଦୃଷ୍ଟି ତାଙ୍କୁ ଅନୁସରଣ କରେ । ବାଡ଼ ଡେଇଁ ନାନୀଘର ବାଡ଼ି ଦୁଆର ଯାଏ। ନାନୀ ବାଡ଼ି ଦୁଆରେ ପଶି ଯାଉ ଯାଉ ଫେରି ଅନାନ୍ତି ଥରେ ।

ନିରୀହ ସମୟର ନିରୀହ ମଉନ ପ୍ରେମ ଥିଲା ବୋଧେ ଦୁହିଁଙ୍କ ମଧ୍ୟରେ । ପ୍ଲେଟୋନିକ୍ ଲଭ୍ । ଯାହାକୁ ସେ ସମୟରେ ଗଳା ଚିପି ମାରି ଦିଆ ଯାଉଥିଲା ଖୋଦ୍ ପ୍ରେମିକ, ପ୍ରେମିକାଙ୍କ ଦ୍ଵାରା । ଜଣାଥିଲା ତାଙ୍କୁ ଲକ୍ଷଣ ରେଖା । ଜଣାଥିଲା ଜାତିଗତ ପ୍ରଭେଦର ସୀମାରେଖା । ତାକୁ ଟପିବା ସମ୍ଭବ ନଥିଲା ସେ ସମୟରେ ।

ଅନି ନାନୀ ମୋତେ ସାହିତ୍ୟ ପଢ଼ାଉଥିଲେ । ବିବେକା ମାଷ୍ଟରଙ୍କ ସୁପୁତ୍ରି ସିଏ । ଅତ୍ୟନ୍ତ ପୋଖତ ତାଙ୍କର ଭାଷା ସାହିତ୍ୟ । ଶବ୍ଦ ମାନଙ୍କର ଏମିତି ଗନ୍ତାଘର ଯେ ମୁଁ ଆଶ୍ଚର୍ଯ୍ୟ ହୁଏ। ଭଞ୍ଜଙ୍କ ପରେ ବୋଧେ ତାଙ୍କରି ନାମ ଆସିଥାନ୍ତା । ଯେ କୌଣସି ଶବ୍ଦର ଦଶ ବାରଟା ଲେଖା ପର୍ଯ୍ୟାୟବାଚୀ ସେଇଠି ବସି ବସି କହିଦେବେ । ବିଦୁଷୀ ଅନି ନାନୀ । ମୋର ସାହିତ୍ୟରେ ଯଦି ପଅଁଷଠି ନମ୍ବର ଆସୁଥିଲା ତାର ଶ୍ରେୟ ମୁଁ ନାନୀଙ୍କୁ ଦେବି । ସରଳାର୍ଥ ଓ ନିବନ୍ଧ ସେ ହିଁ ଲେଖି ଦେଉଥିଲେ । ମୁଁ ଖାଲି ଘୋଷିଦେଇ ଲେଖି ଆସୁଥିଲି ।

ଦିନେ ସରଳାର୍ଥ ଲେଖୁ ଲେଖୁ, ଆଉ କଣ ଗୋଟେ ଲେଖି ଦେଇଥିଲେ ମୋ ଖାତାରେ । ମୁଁ ପଢୁ ପଢୁ ସେ ଜାଗା ଖାପଛଡ଼ା ଲାଗିବାରୁ ମୁଁ ପଚାରି ଦେଇଥିଲି, - ନାନୀ, ଏସବୁ କଣ ଲେଖିଛ ? ମୋତେ ବୁଝି ଆସୁନାହିଁ ।

କିନ୍ତୁ ମୁଁ ଠିକ୍ ବୁଝିଥିଲି । ପ୍ରେମ କବିତା ଥିଲା ସେଇଟା । ମେହେର ଶୈଳୀରେ ଲେଖା । କାଳିଦାସଙ୍କ ଭାବରେ । ତାଙ୍କର କବି ପ୍ରତିଭାର ପ୍ରାକ୍ ପରିଚାୟକ । ମେଘଦୂତ ଲେଖିଥିଲେ କାଳିଦାସ, ତପସ୍ଵିନୀ ଲେଖିଥିଲେ ମେହେର । କବି ଅନ୍ନପୂର୍ଣ୍ଣା ଲେଖିଥିଲେ ସୂର୍ଯ୍ୟ କିରଣକୁ ବାହକ କରି ନିଷ୍କଳ ପ୍ରେମ କବିତା । ମୁଁ ଠିକ୍ ବୁଝିଥିଲି । ସେଇଟା ଗଣନାଥ ଭାଇଙ୍କ ଉଦ୍ଦେଶ୍ୟରେ ହିଁ ଲେଖା ହୋଇଥିଲା । କବିତାଟି ସେହି ମୋର ଘର ରଫ ଖାତାରେ ଥିଲା, ନାନୀ ତାକୁ ଚିରି ନଦେଇ, ମୋ ପାଇଁ ଆଉ ଗୋଟାଏ ଫର୍ଦ୍ଦରେ ଲେଖି ଦେଇଥିଲେ ସରଳାର୍ଥ । ମୁଁ ଜାଣି ପାରିଥିଲି କଣ ପାଇଁ ।

ISSN NO.
2582-208X

ଗଣିଆ ଭାଇ ମୋର ଇଂରାଜୀ ଦେଖୁଥିଲେ । ଏସ୍ ଲାଲ୍ ଙ୍କ ଟ୍ରାନ୍ସଲେସନ୍ ବହିରୁ ଅଭ୍ୟାସ କରାଉଥିଲେ । ଖାତା ମଝିର ଗୋଟିଏ ଫର୍ଦ୍ଦକୁ ତିନ କୋଣିଆ ଭାଙ୍ଗି ପୃଥକ୍ କରା ଯାଇଥିଲା, ଓଡ଼ିଆ ଆଉ ଇଂରାଜୀ । ଅନ ନାନୀ ବୋଧେ ଗାହୁଁଥିଲେ  ଗଣିଆ ଭାଇ ଦେଖନ୍ତୁ ସେହି କବିତା ।

ମୋତେ ନାନୀ ବାଆଁରେଇ, ଫଟରେଇ  ପଗାରୁଥିଲେ, - ଆଜି ଇଂଲିସ୍ ପଢ଼ାଲୁ ? କ ପଢ଼ାଲୁ ?

ଫର୍ଦ୍ଦ ସବୁ ଓଲଟେଇ କଣ ଦେଖନ୍ତୁ କେଜାଣି । ମୁଁ ବେଳେବେଳେ ଭାବେ ଭାଇଙ୍କୁ ଦେଖେଇଦେବି କ କବିତାଟା । ମୋର ମଧ ସେହି ଘଡ଼ିସନ୍ଧି ବୟସଟା କୁତ୍ କୁତ୍ କରେ ମଝିରେ ମଝିରେ । ଛାତି ତଳେ କଣ ସବୁ ମନ୍ଥି ହୁଏ । କବିତାଟିର ପରିଣତି ଦେଖିବାକୁ ମନ ଛଟ୍ ପଟ୍ ହୁଏ । ମୁଣ୍ଡ ଭିତରେ  ଅନାବନା ଭାବନା ସର୍ର ସର୍ର ଧାଆଁନ୍ତି ।। ଅନି ନାନୀ ଓ ଗଣିଆ ଭାଇଙ୍କର  ଆକୁଳ  ଚୋର ଦୃଷ୍ଟି ମନେ ପଡେ । ଦେଖେଇ ଦେବି କି ?

ତାପରେ ପୁଣି ଭୁଲି ଯାଏ । ଭାଇ ମଧ୍ୟ କେବେ ଦେଖନ୍ତି ନାହିଁ । ମୋର ଖାତା ସରିଯାଏ। ମୁଁ ଶବ୍ଦ ବ୍ୟବହାରରେ ପଟୁ ହେଇ ଯାଏ । ବହୁତ ବଡ଼ ବଡ଼ ଓଡ଼ିଆ ଅନୁଚ୍ଛେଦକୁ ଇଂରାଜୀରେ ଅନୁବାଦ କରି ପକାଏ ।

ମୋ ଖାତା ଦିନେ ସିଦ୍ଧୁ ଦୋକାନରେ, ବୁଟ, ମଟର ପୁଡ଼ିଆ ହେଇ ସରିଯାଏ । ପ୍ରେମ କବିତା ହଜି ଯାଏ ଜୀବନର କାଟ୍ କୁଟ୍ ହେଇଥିବା ଛକ ମାନଙ୍କରେ ।

ମୁଁ ବର୍ତ୍ତମାନ ନଜକୁ ନଜେ ଶାବାସୀ ଦିଏ, ଯେ ମୁଁ ଗଣିଆ ଭାଇଙ୍କୁ ଦେଖେଇ ନଥିଲି ଅନ ନାନୀଙ୍କ କବିତା, ନହେଲେ ......

କ୍ରମଶଃ .....

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ଊର୍ଦ୍ଧମୁଖି ଚେତନାର ଉତ୍ସ



ଭାସ୍କର ଚନ୍ଦ୍ର ଖଣ୍ଡା

ଅଦୃଶ୍ୟ ଚିନ୍ତାଧାରା
ହୁଏ ଯେତେବେଳେ ଉତ୍ପତ୍ତି
ମାନସିକ ସ୍ତରରେ
ଊର୍ଦ୍ଧମୁଖି ଆଉ ଅଧୋମୁଖିର ଦ୍ୱନ୍ଦରେ
ଉତ୍ତାଳ ତରଙ୍ଗ ସବୁ
ଏକତ୍ରୀତ ହୋଇ ପଂଚମୁଠିରେ
ଭାଂଗି ଦିଏ ଅଧୋମୁଖିର ବାସନା ସବୁ ।୧।

ଭରିଦିଏ ଉତ୍ସାହ
କରିବା ପାଇଁ କିଛି
ବଢିବା ପାଇଁ ଆଗକୁ
ହୁଏ ଅଗ୍ରସର ସିଏ ଦୁନିଆ ବୁକୁରେ
ନ ଥାଏ ସଳଖ ମାର୍ଗ ଜୀବନ ପଥରେ
ସେଇ ଅଙ୍କାବଙ୍କା ଦୁର୍ଗମ ପଥ ଦେଇ
ଗତି କରିବାକୁ ହୁଏ ତାକୁ ।୨।

ISSN NO.
2582-208X

ଜନ୍ମ ନିଅନ୍ତି ପୁଣି
ସେଇ ଚେତନାର ଉତ୍ସ
କରି ନିଜର ଅହମିକା କୁ ତ୍ୟାଗ
କରେ ଯଦି ସମ୍ପୂର୍ଣ୍ଣ ସମର୍ପଣ
ସେଇ ବିଶ୍ୱନିୟନ୍ତାଙ୍କୁ
ଦ୍ରୌପଦୀଙ୍କ ଲଜ୍ଜା ନିବାରଣ ପରି
ଦିଅନ୍ତି ବୁଣି ଆଶାର କିରଣ ରେଣୁ
ହୁଅନ୍ତି ପରାସ୍ତ ଅଧୋମୁଖି ଚିନ୍ତାଧାରା ।୩।

କରିବାକୁ ହେବ ପ୍ରତୀକ୍ଷା ତାକୁ
ତ୍ୟାଗ କରୁ ମୁଁ କରୁଛି ବୋଲି
ଭାବନାର ଉତ୍ସକୁ
ପ୍ରାପ୍ତି ହେବ ଆଶୀଷ
ସେଇ ଦୟାମୟଙ୍କର
ହେଉ ଜାଗ୍ରତ ସେଇ
ଉର୍ଦ୍ଧମୁଖି ଚେତନାର ଉତ୍ସ ।୪।

ଫ୍ଲାଟ୍ ନଂ ବି ୩୦୧, ଗୌରୀଶଙ୍କର ରେସିଡ଼େନ୍ସ
କେଶୁରା, ଭୁବନେଶ୍ୱର (ମୋ) ୯୪୫୫୭୧୭୫୦୭

ISSN NO.
2582-208X

# ତ୍ରିରଙ୍ଗା ଉପର, ଗର୍ବ ଦେଶର



ପ୍ରଫେସର ଅଜିତା ପଣ୍ଡା

ତ୍ରିରଙ୍ଗା ଉର୍ଦ୍ଧ୍ୱରେ, ଗୌରବ ବିଛାଡେ
ନଜାଣେ ବା କିଏ ଏହା !
ଆଗାମୀ ପିଢୀର ଅବଗତ ପାଇଁ
ଦି ପଦ ବଖାଣେ ଯାହା ।

ଜାତି, ଧର୍ମ, ବର୍ଣ୍ଣ ସରବେ ସମାନ
ବାନ୍ଧିଛି ଏକ ସୂତ୍ରର,
ଏଇପା ଆମରି ଜାତୀୟ ପତାକା
ଉଡାଇବୁ ଘରେ ଘରେ ।

ସ୍ମୃତିରେ ଆସନ୍ତି, ସେ ମହାପୁରୁଷ
ଯାହାର ପରିକଳ୍ପନା,
ନିଆରା ପତକା ଦେଶ ଦେଶ ପାଇଁ
ମହତ୍ତ୍ୱ ବଢିବ ସିନା ।

ସେ ଚିନ୍ତାଧାରାଟି ରୂପ ନେଇଥିଲା
ଉଣେଇଶ ପାଆଁଚରେ
ଗଢିବା ପାଇଁକି ଭଗ୍ନୀ ନିବେଦିତା
କରିଲେ ପାଦ ଆଗରେ ।

ପିଙ୍ଗଳି ଭେଙ୍କୟା, ଥିଲେ ଅନୁଗତ
ଆମ ଜାତି ପିତାଙ୍କର,

ISSN NO.
2582-208X

ଦେଶ ଭାବନାକୁ ଜାତୀୟ ଧ୍ୱଜାରେ
ପ୍ରୟାସ ଥିଲା ତାଙ୍କର ।

ମନୋଭାବନାଭ ପୁସ୍ତକ ଆକାରେ
ବାପୁଜୀଙ୍କୁ ସମର୍ପିଲେ,
ଗବେଷଣା ଭରା ପୁସ୍ତକଟି ଦେଖି
ଗାନ୍ଧିଜୀ ପ୍ରୀତ ହୋଇଲେ ।

ଧର୍ମର ପ୍ରତୀକ ସବୁଜ ଓ ଲାଲ
ହିନ୍ଦୁ ମୁସଲମାନର,
ଦୁଇଟି ମଧ୍ୟରେ ରଖି ଧଳା ରଙ୍ଗ
ଅନ୍ୟ ଧର୍ମ ସ୍ୱଷ୍ଟ କର ।

ରଙ୍ଗମାନ ସବୁ ହେଲା ପ୍ରତିଷ୍ଠିତ
ଉନ୍ନୀସ ଏକତ୍ରିଶରେ,
ଦେଶ୍ୱାସୀ ସୋର୍ଯ୍ୟ ଆଉ ବୀରତ୍ୱର
କେଶର ସୂଚିତ କରେ ।

ଧଳା ରଙ୍ଗ ପରା ଅଟଇ ପ୍ରତୀକ
ସତ୍ୟ ଆଉ ସୁଶାନ୍ତିର,
ଭାଇ ଭାଇ ଭାବ ଭାବନାର ଉତ୍ସ
ପୂର୍ଣ୍ଣ ରୂପେ ସବୁଜର ।

ଅରଟ ଚିହ୍ନରୁ ଅଶୋକ ଚକ୍ରର
ହେଲା ମଧ୍ୟରେ ସ୍ଥାପନ,
ଫରହର ହୋଇ ତ୍ରିରଙ୍ଗା କରଇ
ଦେଶ ଭକ୍ତି ଗୁଣଗାନ ।

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# ନୂଆବର୍ଷ



ସନାତନ ମହାକୁଡ଼

ହେଉ ଜାନୁଆରୀ ଅବା ଚଇତ
ଆସୁ ନୂଆବର୍ଷ
ଧରଣୀ ପୃଷ୍ଠରେ,
ସ୍ୱାଗତ କରିବା ଆମେ
ନେଇ ଆଶା ଉଦ୍ଦୀପନା ,
ରଖି କିଛି ସଂକଳ୍ପ
ମନ ଆଉ ହୃଦୟରେ ।

ଆସୁ ନୂଆବର୍ଷ
ଆମେ ସବୁ ପାଳିବା
ନିଆରା ଢଙ୍ଗରେ
ଆମ ସଂସ୍କାର , ସଂସ୍କୃତି
ପରିବେଶ ଭିତରେ ।

ନୂଆବର୍ଷ ଆସୁଥିଲା
ଆସୁଛି ଆସିବ
ଏବେ କିନ୍ତୁ ଭାବିବାକୁ ହେବ
ଅତୀତ ସଂସ୍କୃତିକୁ ନେଇ
ଭବିଷ୍ୟର ସମ୍ଭାବନା ପାଇଁ
କିଛି କରିବାକୁ ହେବ ।

ଗ୍ରାମ/ପୋ.ଅ- ବେରୁଆଁବାରୀ
ଜିଲ୍ଲା-ନୟାଗଡ-୭୫୨୦୮୨, ଓଡ଼ିଶା
ଦୂରଭାଷ:୦୯୩୩୯୬୧୦୧୬୮
ଇ-ମେଲ-sanmahakud@gmail.com
ୱେବସାଇଟ: www.sanatanmahakud.in

ISSN NO.
2582-208X

# ଅତିଷ୍ଠ ବର୍ତ୍ତମାନ



ଶୁଭମ ଦାସ

ଭେକ ଭେକ ବୋଲି କେତେ ଯେ ଡାକଲି,
ଭେକଲ୍ ପେଟରେ ମୁହିଁ ।
ବଲ ବଲ ହୋଇ ସଭିଏଁ ଚାହିଁଏ,
କେହିତ ଶୁଣିଲେ ନାହିଁ ।
ତର ତର ହୋଇ ସମସ୍ତେ ଚାଲନ୍ତୁ
ଅନ୍ୟକୁ ଅଜଣା ଭାବି,
ତ୍ରାହି ତ୍ରାହି ବୋଲି ବୟସ୍କେ ଡାକନ୍ତୁ
ଏ ସଂସାରୁ ମୁକ୍ତ ପାଇଁ ।
ଭଲ ମନ୍ଦ ଏଠି ବୁଝିବ ବା କଏ
ସମୟ କା ପାଖେ ନାହିଁ,
ଗରିବଟିଏ ମରିଯାଏ ଯଦି
କବା ପଚାରିବ କାହିଁ ।

ISSN NO.
2582-208X

# ବୟସର ଅପରାହ୍ନ ରେ...



ଅଳକା ମହାନ୍ତ

ଦୀର୍ଘ ୨୪ ବର୍ଷ ପରେ କୁନି ନାନୀ ଙ୍କୁ ଏକ ସ୍ଥାନୀୟ ସ୍କୁଲ ରେ ହେଉଥିବା ପରିବେଶ ସୁରକ୍ଷା ଦିବସ ପାଳନ ଉପଲକ୍ଷେ ମଞ୍ଚାସୀନ ହୋଇଥିବା ଦେଖି ମୋତେ ଦୌଡ଼ି ଯାଇ କହିଦେବକୁ ମନେ ହେଇଥିଲା, "ନାନୀ ମୁଁ ଏବେ ସ୍ୱାବଲମ୍ବୀ, ସ୍ୱାଧୀନ!"

ମନେ ପଡୁଛି,ସେଦିନ ମୁଁ ଭୁବନେଶ୍ୱର ରେ ୟୁନିଟ୍ -୮ ରୁ ଝିଅ କୁ କାଖେଇ ସ୍ୱାମୀ ଙ୍କ ସହିତ ବସ୍ କି ରିକ୍ସା ପାଇଁ ଅପେକ୍ଷା କରିଥାଏ। ହଠାତ୍ କୁନି ନାନୀଙ୍କୁ ଦେଖି ପାଖକୁ ଯାଇ କହିଲି, ନାନୀ, ଚିହ୍ନି ପାରୁଛ ? ମୁଁ ମାନା।

କୁନି ନାନୀ ମୋତେ ଦେଖି ଆଶ୍ଚର୍ଯ୍ୟ ହୋଇ ଗଲେ, ତୁ ଏଇଠି କଣ କରୁଛୁ ? ଇୟେ କଣ ତୋ ଝିଅ ? ତୁ ଗୋଟେ ବଡ଼ ଅଫିସର ବାହା ହୋଇଛୁ ବୋଲି ଗାଁ ରୁ ଶୁଣିଥିଲି। ତୁ କଣ କରୁଛୁ ?

-- ମୁଁ କିଛି କରୁନି ନାନୀ, ଝିଅ ଛୋଟ, କେହି ଦେଖା ଶୁଣା କରିବାକୁ ନାହାନ୍ତି। ତେଣୁ ଚାକିରୀ କରୁନି। ସ୍ୱାମୀ ଜଣେ ବଡ଼ ଅଫିସର, ତାହା ସତ।

- ଆରେ, ତୁ ଏତେ ଭଲ ପାଠ ପଢ଼ି ଘରେ ବସିଛୁ!! ମୁଁ ତ ବିଶ୍ୱାସ କରି ପାରୁନି। ତୁ ସ୍କୁଲ ରେ ପଢିଲା ବେଳେ ଯାହା ତୋତେ ଦେଖିଥିଲି। ତାପରେ ମୋ ବାହାଘର ହୋଇଗଲା। ଏମ୍ ଏସ ସି ପରେ ମୁଁ ବାହା ହୋଇଗଲି। ତାପରେ ଗୋଟେ ଘରୋଇ କଲେଜ ରେ ଅଧ୍ୟାପକ ହୋଇ ଜୟେନ କରିଥିଲି। ପଢା ପଢ଼ି କରି ଓଏସ୍ ଟା ପାଇଗଲି। ଏବେ ଏଇ

ISSN NO.
2582-208X

ଭୁବନେଶ୍ୱର ରେ ଚାକିରି କରୁଛି। ଶୁଣିଥିଲି ସେ ପୋଲ୍ୟୁସନ କଣ୍ଟ୍ରୋଲ ବୋର୍ଡ଼ ରେ ଡାଇରେକ୍ଟର ଅଛନ୍ତି।

ମୁଁ ସବୁ ଶୁଣିଲି। ମନଟା ବହୁତ୍ ଲାଜ, ଅପମାନ ର ଭାରରେ ମୋର ମସ୍ତକ କୁ ତାଙ୍କ ସମ୍ମୁଖ ରେ ନୁଆଁଇ ଦେଉଥାଏ। ସେ ବି କ୍ଲାସ୍ ରେ ଫାଷ୍ଟ୍ ହେଉଥିଲେ। ମୁଁ ବି। ହେଲେ ଭାଗ୍ୟ ର ବିଡମ୍ବନା। ନା ବାପା ଭାଇ ଟିକେ ସାହସ, ସହଯୋଗ କଲେ ଆଗକୁ ବଢ଼ିବାକୁ, ନା ସ୍ୱାମୀ ଶ୍ୱଶୁର। ସମସ୍ତଙ୍କ ମୁହଁରେ ସେଇ ଗୋଟିଏ କଥା "ତୁ କଣ ଚାକିରି କରି ଆମକୁ ପୋଷିବୁ ?!"

ସେତେବେଳ ନା ଦେଶ ଦେଖିଥିଲି ନା ବିଦେଶ। ଦୁନିଆଁ କଣ ଜାଣି ନଥିଲି। କେହି ଗୋଟେ ପଥ ପ୍ରଦର୍ଶକ ଥିଲେ ନା ପ୍ରେରଣା ଦାୟୀ ଥିଲେ। ଝିଅ ପିଲା କେବଳ ଶିକ୍ଷିତା ହେବେ, ହେଲେ ଘରେ ରହି ଘର ଆଉ ପିଲା ସମ୍ଭାଳିବେ। ବୋଧହୁଏ କେବଳ ମୋରି ଘରେ ଏହି ବିଚାର ଥିଲା। ମନରେ ପ୍ରବଳ ଆଗ୍ରହ ଆହୁରି ପଢ଼ିବି। ଭଲ ଚାକିରୀ ଟିଏ କରିବି। କି କିଛି ବ୍ୟବସାୟ କରିବି ଘରେ ବସି। ଯେମିତି ହେଉ ଆତ୍ମନିର୍ଭର ହେବି ଏମିତି ଭାବି ଭାବି ଦିନ କାଟି ଚାଲି ଥାଏ। କୁନି ନାନୀ ଙ୍କ ଏହି ଗୋଟିଏ କଥା ହୃଦୟ ବିଦାରକ ଥିଲା। "ତୁ ଏତେ ପାଠ ପଢ଼ି ଘରେ ବସିଛୁ" ଏହି ବାକ୍ୟ ମୋତେ ଆଜି ପର୍ଯ୍ୟନ୍ତ ଶାନ୍ତି ରେ ଶୁଆଇ ଦିଏନି। ତା ଭିତରେ ମୁଁ ଘରେ ଟିଉସନ କରିବା, ଆର୍ଟ କ୍ଲାସ୍ ଚଲାଇବା, କିଛି ବିଜନେସ କରି ଅନେକ ଚେଷ୍ଟା କରିଛି ନିଜକୁ କିପରି ପ୍ରତିଷ୍ଠିତ କରିବି। ହେଲେ ମୋତେ କେବେ ବି କେଉଁଥିରେ ଆତ୍ମ ସନ୍ତୋଷ ମିଳି ନଥିଲା। ତା ଭିତରେ ଅନେକ ବର୍ଷ ବିତି ଯାଇଥାଏ। ମୋର ସମସ୍ତ ଜ୍ଞାନ, ଗାରିମା ଯେମିତି ମୁଁ ମୋ ଝିଅ କୁ ସବୁ ଦାନ କରି ଦେଇଥାଏ। ଈଶ୍ୱର ଙ୍କ ଅପାର କରୁଣା ରୁ ଝିଅ ସରକାରୀ ଅନୁଦାନ ପାଇ ବିଦେଶ ପଢ଼ିବାକୁ ଚାଲିଯାଇଥାଏ। ମୋତେ ସେତେବେଳକୁ ପ୍ରାୟ ବୟସ ୪୦ରୁ ଊର୍ଦ୍ଧ୍ୱ। କି ଚାକିରି ବା ମିଳିବ। ସଙ୍କଳ୍ପ ରେ ସିଦ୍ଧି ହୁଏ ବୋଲି ଶୁଣିଥିଲି, ହେଲେ ମୋତେ ମୋର ଅଭିଷ୍ଟ ପ୍ରାପ୍ତ ହେବ ତାହା ମୁଁ ସ୍ୱପ୍ନ ରେ ଭାବି ନଥିଲି।

ଥରେ ଏମିତି ମୁମ୍ବାଇ ରେ ମୋର ଏକ ସାଥୀ ଲୁସି ସହିତ ବୁଲୁ ବୁଲୁ ଗୋଟେ ପ୍ରାଇଭେଟ୍ ଡିଗ୍ରୀ କଲେଜ୍ ରେ ନଜର ପଡ଼ିଲା। ମୋ ସାଙ୍ଗ କହିଲା" ଚାଲ୍ ପଚାରିବା, କିଛି ଆମପାଇଁ ଜାଗା ଖାଲି ଅଛି କି। ମୁଁ ମନା କରୁଥିଲି, ହାତ ଧରି ଭିଡ଼ି ନେଲା ସେ ମୋତେ। ଅଧ୍ୟକ୍ଷା

ISSN NO.
2582-208X

ଙ୍କ ଅନୁମତି ନେଇ ମୋତେ ମିଳାଇ ଦେଲା, କହିଲା ସେ ମାଷ୍ଟର ଡିଗ୍ରୀ କରିଛି। କିଛି ଭାକାନ୍ସି ଅଛି କି? ସେ ମୋ ବିଷୟ ପଚାରିଲେ ଆଉ ମୋତେ ତା ପର ଦିନ ସମସ୍ତ ଡକ୍ୟୁମେଣ୍ଟ ସହିତ ଆସିବାକୁ କହିଲେ।

ମୋ ଭିତରେ  ଗୋଟେ ଆଶା ର କିରଣ ଖେଳିଗଲା ପରି ଲାଗିଲା। ହେଲେ ମୁଁ ବିବାହ ର ୧୫ /୧୬ ବର୍ଷ ପରେ ପାଠ କିଛି ମନେ ଥିବ ବୋଲି ଭାବି ପରୁ ନଥାଏ, କି ମୋତେ ଚାକିରୀ ମିଳିବ ? ତଥାପି ଲୁସି କଥା ମାନି ତା'ପର ଦିନ ସମସ୍ତ ଆବଶ୍ୟକୀୟ ଡକ୍ୟୁମେଣ୍ଟ ଜମା କଲି। ସେଠାରେ ମୋ  ବିଷୟ ର କେହି ବ୍ୟକ୍ତି ଅଳ୍ପ ଦରମା ରେ ରହିବାକୁ ରାଜି ହେଉ ନଥିବେ ବୋଧହୁଏ। ତେଣୁ ସେ ମୋତେ  କହିଲେ ଏବେ ନୂଆ କଲେଜ୍। ଆମେ ପ୍ରଥମେ ୫ ହଜାର ଦେବୁ। ତାପରେ ବଢ଼ାଇବୁ। ମୋତେ ତ ସ୍ୱର୍ଗ ପାଇଲା ପରି ଲାଗିଲା। ଘରେ ଏକା, ଝିଅ ବାହାରକୁ ଯାଇଛି, ସ୍ୱାମୀ ଅଫିସ ଗଲାପରେ ସମୟ କାଟିବା ଆତ୍ୟନ୍ତ କଷ୍ଟକର ମନେ ହେଉଥାଏ। ସେହି କଲେଜ ର ଅଧ୍ୟକ୍ଷା ଙ୍କ ନିର୍ଦ୍ଦେଶ ରେ ମୋତେ ଚାକିରୀ କରିବାର ସୁଯୋଗ ମିଳିଲା । ଯେପରି ଈଶ୍ୱର ମୋତେ  ଲୁସି ରୂପରେ ଟାଣି ନେଇ ଚାକିରି ଟିଏ ଦେଇଛନ୍ତି ଭାବି ଅତ୍ୟନ୍ତ ଆନନ୍ଦ ର ସହକାରେ ସେହିଠାରେ ଜଏନ କରିଲି। ମୋ ଜୀବନରେ ପ୍ରଥମ କରି କଲେଜ୍ ର ଅଧ୍ୟାପିକା ପଦବୀ ରେ ଆସିନ ହେଲି। ମୁଁ ବିଶ୍ୱାସ କରି ପାରୁ ନଥାଏ। ତଥାପି ଅଧ୍ୟୟନ, ଅଧ୍ୟାପନା କରି ମୋର ଏତେ ଲୋକପ୍ରିୟତା ବଢ଼ିଗଲା ଯେ ତା ମଧ୍ୟରେ ଉଚ୍ଚତମ ଡ଼ିଗ୍ରୀ ପ୍ରାପ୍ତ କରି ମୁଁ ଅଧ୍ୟକ୍ଷା ପଦବୀ ମଧ୍ୟ ପାଇ ସାରିଲିଣି। ଏହା ମଧ୍ୟରେ ଲୁସି ବି ଅନେକ ଦୂରରେ ଚାକିରୀ କରୁଥାଏ। ମୁଁ ଦୁଇ ତିନୋଟି କଲେଜ ପରିବର୍ତ୍ତନ କରି ନିଜ ସହର କୁ ଗୋଟେ ଘରୋଇ ଆଉ ପ୍ରତିଷ୍ଠିତ କଲେଜ ରେ ପ୍ରିନ୍ସିପଲ୍ ହୋଇ ଆସି ଥାଏ।

ସେଦିନ କାର୍ଯକ୍ରମ ରେ ଯୋଗ ଦେବାକୁ ମୁଁ ମଧ୍ୟ ମୋ ବିଷୟ ଆଧାର ରେ କିଛି ପ୍ରେରଣତ୍ମକ ଭାଷଣ ଦେବାକୁ ନିମନ୍ତ୍ରିତ ଅତିଥି ହୋଇ ଆସିଛି। ଯଦିଓ କୁନି ନାନୀ ମୋତେ ଚିହ୍ନି ପାରୁ ନଥାନ୍ତି ଆଉ ମୁଁ ବିଦେଶ ରେ ରହିବା ଲୋକ ଭୁବନେଶ୍ୱର ଆସିବି କାହିଁକି ଭାବି ସେ ମୋତେ ନଜର ବି  କରୁ ନଥାନ୍ତି। ହେଲେ ମୁଁ ମୋ ସ୍କୁଲ ର, ମୋର ବଡ ଭଉଣୀ ପରି  କୁନି ନାନୀ ଙ୍କୁ କିପରି ଭୁଲିବି।

ISSN NO.
2582-208X

କାର୍ଯ୍ୟକ୍ରମ ଶେଷରେ ଅତିଥି  ମାନଙ୍କ କିଛି ଜଳ ଯୋଗ ର ବ୍ୟବସ୍ଥା ଥିଲା। ସେହିଠାରେ ମୁଁ କୁନି ନାନୀ ଙ୍କ ପାଖକୁ ଗଲି କହିଲି, ନାନୀ ମୁଁ ମାନା, ତୁମ ସ୍କୁଲ ର ତୁମ ଗାଁ ର ଝିଅ। ଚିହ୍ନି ପରୁଛ ? ମୋ ନାଆଁ ମନେ ରଖି ଥିଲେ। ହେଲେ ମୋତେ ଚିହ୍ନି ପାରିଲେନି। ମୁଁ ବି ବୟସର ଅପରାହ୍ନ ରେ ସେ ବି ଆଉ କେଇ ପଦ ଆଗେଇ ଯାଇଛନ୍ତି। ହେଲେ ନାଁ ଟା ଶୁଣି ସ୍ନେହରେ ଛାତିରେ ଆଉଜାଇ ନେଲେ। କହିଲେ,---

-ତୁ କେବେ ଚାକିରି କଲୁ? ଦେଖି ଖୁସି ଲଗୁଛିରେ। ତୋ ପରି ଝିଅ ମାନେ ତାଙ୍କ ଜ୍ଞାନ ବାଣ୍ଟିବା କଥା। ବହୁତ୍ ଭଲ କରିଛୁ।

- ନାନୀ, ପଢ଼ିବା ବେଳେ ତୁମେ ମୋର ପ୍ରେରଣା ର ଉତ୍ସ ଥିଲ, ପରେ ବି। ତୁମର ସେଇ ଗୋଟିଏ ବାକ୍ୟ ଆଜି ମୋର ଜୀବନ ବଦଳାଇ ଦେଇଛି ନାନୀ। ମୁଁ ସତରେ ଆଜି ସ୍ୱାବଲମ୍ବୀ ଆଉ ସ୍ୱାଧୀନ। ଆଉ ମାନା କେବଳ  କାହାର ସ୍ତ୍ରୀ, ମାଆ, ଝିଅ କି ଭଉଣୀ ହୋଇ  ନାହିଁ ।  ଈଶ୍ୱର ତାଙ୍କ ଯୋଜନା ଅନୁସାରେ ମୋତେ ଏହି ସ୍ଥାନରେ ଅଳଙ୍କୃତ କାରାଇଛନ୍ତି।

ନାନୀଙ୍କ ହସରେ ଥିଲା ଆତ୍ମସନ୍ତୋଷ ର ଆଭାସ।....

ନଭି ମୁମ୍ବାଇ, ମହାରାଷ୍ଟ୍ର
ମୋ: ୭୩୦୩୨୬୪୩୭୭

ISSN NO.
2582-208X

# ତୁମେ ଗଲା ପରେ



ଡ଼ ପଲିମର ଦାଶ

ତୁମେ ଗଲା ପରେ,
ଶୁଖିଲା ପତ୍ର ପରି ମନ ଯେ ଥମି ଗଲା
ଯେପରି ଶୀତର କାକର ବିନ୍ଦୁ
କ୍ଷଣକ ଜୀବନ ପରି ତା ମନ
ଗାଡି ସବାରୀପରି ମନର ମଣିଷ ଯାଇପାରେ....

ତୁମେ ଗଲାପରେ,
ଖାଁ ଖାଁ ଲାଗେ
ରାସ୍ତାର ସବୁକିଛି ଅଚିହ୍ନା
ନୁଆଁ ରାଇଜକୁ ଆସିଲା ପରି
ସଭେ ଲାଗନ୍ତି ଅଚିଂହା ।

ତୁମେ ଗଲା ପରେ,
ଭିଡରେବି ଏକା ଲାଗେ
ଦୁନିଆଁର ସବୁ ନିତି ଯେ ଏହା
ଇଚ୍ଛା କେବେ ଯେ ସତ ହୁଏନା

ISSN NO.
2582-208X

ସତ ଯେ ସଦା କଷ୍ଟଦିଏ
କଷ୍ଟ ବିନା ଜୀବନ ଅସତ୍ୟ ।

ତୁମେ ଗଲାପରେ,
ଯେବେ ଲାଗେ ତୁମେ ଥିଲେ ପାଖେ
କଣ୍ଟା ବି ଲାଗେ କୋମଳ
ଲୁହ ଯେ କୁହେ ତୁମେ ହିଁ ମୋର ।

ତୁମେ ଗଲା ପରେ...ତୁମେ ଗଲା ପରେ.....

ଝାରସୁଗୁଡା

ISSN NO.
2582-208X

# ବେଳ ଥାଉଁଥାଉଁ ହୁଅ ସାବଧାନ



ରଘୁନାଥ ତ୍ରିପାଠୀ

ଆମ ଦେଶ ପରା ସ୍ୱାଧୀନ ଭାରତ
କାଗଜ ପତରେ ଇଣ୍ଡିଆ
ଏ ଦେଶେ ଜନମି ଚିହ୍ନି ପାରୁନାହୁଁ
ଧାନ ଗହମ କି ମାଣ୍ଡିଆ ।
ଆମ ରାଇଜର ନାମଟି ଓଡିଶା
ଭାଷାଟି ଆମର ଓଡ଼ିଆ
ଭାଷା ଆମ ଗଲେ ଉନ୍ନତି ପଥରେ
ଲାଗିବଟି ସିନା ବଢ଼ିଆ ।
ଇଂରେଜ ଶାସନ ଭେଳିକିରେ ପଡି
ଇଂରାଜୀକୁ ଭଲ ପାଉଛୁ
ବାପା ବୋଉ ବୋଲି ଡାକିଦେଲେ ପିଲେ
ସରମରେ ସରି ଯାଉଛୁ ॥
ଡାଡି ମମି ବୋଲି ଡାକ ଶୁଣିଦେଲେ
ମନେ ଖେଳିଯାଏ ଆନନ୍ଦ
ଓଡ଼ିଆ ମାଧ୍ୟମ ବିଦ୍ୟାଳୟ ପରା
ଆମର ହେଉନି ପସନ୍ଦ ।
ଇଂରାଜୀରେ ଶିଖି ଆମ ପିଲାମାନେ
ସମ୍ପର୍କକୁ ଭୁଲିଗଲେଣି

ISSN NO.
2582-208X

ମାମୁଁ ପୁଅ ଆଉ ପିଉସୀଙ୍କ ପୁଅ
କକା ପୁଅ ହେଲେ କଜିନି ।
ମଉସା ପିଉସା ମାମୁଁ ଓ ଦାଦା ବି
ସମସ୍ତେ ହୋଇଲେ ଅଙ୍କଲ
ମାଉସୀ ପିଉସୀ ଖୁଡୀ ସଭିଏଁଙ୍କୁ
ଆଣ୍ଟି ଡାକିବାକୁ ସରଳ ।
ପରିବାର ବୋଲି ପିଲାତ ଜାଣିଲେ
ବାପା ମାଆ ଭାଇ ଭଉଣୀ
ଆଉ ଯେତେ ସବୁ ରକତର ଛନ୍ତି
ସେମାନେ ମନରୁ ଗଲେଣି ।
ଆମେ ଶିଖେଇଲେ ପର ପିଢ଼ି ପରା
ତାଙ୍କଠାରୁ କିଛି ଶିଖିବ
ତାହା ହେଲେ ସିନା ପରିବାର ଆଉ
ସମ୍ବନ୍ଧକୁ କିଏ ଯୋଡ଼ିବ ॥
ସମ୍ପର୍କର ମୂଳ ବୁଝିବେନି ପିଲେ
ମାତୃଭାଷାଠାରୁ ଦୂରେଇ
ବେଳ ଥାଉଁଥାଉଁ ହୁଅ ସାବଧାନ
ପିଲାଙ୍କୁ ସେସବୁ ଶିଖେଇ ।

ବାଲିସାହି, ମଧୁପାଟଣା,
କଟକ8763343263

ISSN NO.
2582-208X

# ଜୀବନ ପ୍ରତିଚ୍ଛବି



ଆଶୁତୋଷ ମେହେର

ଜୀବନ ଟା ଲାଗେ କାହାଣୀ ସେ ଛୋଟ, କେବେ ଅବା ଟିକେ ବଡ,
ନିରାଶା ଆଶାର ସୁଖଦୁଃଖେ ଲେସା ସୁନ୍ଦର ଲଳିତ ଗଡ।
କେତେ ରଙ୍ଗ ଭରା ଆକାଶର ଛାଇ, ଧୂସର ମଳିନ କେବେ,
ଯାତ୍ରାପଥ ସିଏ ସୁବାସିତ ହୁଏ ମରମ ର ଅନୁଭବେ।।

ସ୍ନେହ ପ୍ରେମଭରା ଶୀତଳ ନିର୍ଝର ହସଭରା ଚଉହଦେ
କେବେ ବାଟହୁଡି ଉଗାଳେ ଜୀବନ ବିଷାଦର ପରମାଦେ।
କଳାମେଘ ଘୋଟି ଅଦିନେ ବରଷେ, ଆର ଘଡିକରେ ଖରା
ଏଇମିତି ଖେଳ ଆଗେ ବଢୁଥାଏ କେତେ ଜଞ୍ଜାଳ ଭରା।।

ଇନ୍ଦ୍ରଧନୁ ନାଚେ ଖେଳ ସେ ଜମାଏ ପରିମିତି ଚଉହଦ
କଳି ହୁଏ ନାହିଁ ଆଗେ କଣ ଲେଖା, ସୁଖ ଅବା ପରମାଦ।
ଉଠା ପକା ଖେଳ ଉପରକୁ ତଳ ଉଚ୍ଚ ନୀଚ ଉପତ୍ୟକା
ସଭିଏଁ ନିଜର ତଥାପି ଏଇଠି, ଚାଲିବାକୁ ପଡେ ଏକା।।

ବର୍ଣ୍ଣାଳୀ ବିଭୋର ଖେଳ ଘର ଏ' ତ, ଜୀବନର ପ୍ରତିଛବି
ଯୋଗ ବିୟୋଗର ଉଠାପକା ଧାରେ, କସରତେ ଅନୁଭବୀ।।

୫୪ ଆର୍ଯ୍ୟପଲ୍ଲୀ, କଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪/ଦୂରଭାଷ 9437085396

ISSN NO.
2582-208X

# ପାର୍ସିଙ୍କ ବିଶ୍ୱାସ ଓ ଜୀବନ ଦର୍ଶନ

ପ୍ରିୟବ୍ରତ ପାତ୍ର

(ଶେଷ ଭାଗ)

ଏହି ଧର୍ମ ଅନୁଯାୟୀ AHURA MAZDA ହେଉଛନ୍ତି ସବୁ ସୃଷ୍ଟିର ମୂଳ ଉତ୍ସ ଓ ସର୍ବଜ୍ଞାନର ଅଧୀଶ୍ୱର ଭଗବାନ। ତାଙ୍କଠାରୁ ଉଭୟ ଭଲ ଓ ମନ୍ଦ ସୃଷ୍ଟି ହୋଇଛନ୍ତି। ପବିତ୍ର ଓ ସତ୍ୟକୁ ସମର୍ଥନ କରୁଥିବା ସତ୍ତା ହେଲା SPENTA MAINYU ଏବଂ ଠିକ୍ ତାର ବିପରୀତ ଦୁଷ୍ଟ ଅନ୍ଧକାର ଶକ୍ତିକୁ ସମର୍ଥନ କରୁଥିବା ସତ୍ତା ହେଲା ANGHRA MAINYU । ସର୍ବଜ୍ଞାତ ଭଗବାନ ତାଙ୍କଠାରୁ ସୃଷ୍ଟ ଅନ୍ଧକାର ସତ୍ତାର ଶକ୍ତି, ସାମର୍ଥ୍ୟ ଓ ସୀମା ଜାଣନ୍ତି ଏବଂ ମନ୍ଦ ଶକ୍ତିକୁ ନିଜ କର୍ତ୍ତୃତ୍ୱ ଭିତରକୁ ଆଣିବା ପାଇଁ ସାତଟି ଜ୍ଞାତ ବସ୍ତୁ ନିର୍ମାଣ କଲେ। ତାହା ହେଲା, ଆକାଶ, ପାଣି, ପୃଥିବୀ, ବୃକ୍ଷରାଜି, ଗୃହପାଳିତ ପଶୁ, ମାନବ ଓ ଅଗ୍ନୀ। ଅନ୍ଧକାର ଶକ୍ତି ନିଜର ପ୍ରକୃତିଗତ ଧ୍ୱଂସାତ୍ମକ ଅଭ୍ୟାସରେ ପୃଥିବୀରେ ଭରିଦିଏ ଅସଙ୍ଗତି, ମିଥ୍ୟା, କପଟତା, ଦୁଃଖ, ନିଷ୍ଠୁରତା, ରୋଗ, ଶୋକ ଯନ୍ତ୍ରଣା ଓ ମୃତ୍ୟୁ। ଏହି ଧର୍ମଗୁରୁଙ୍କ ମତରେ ମାନବ ହେଉଛି ଭଗବାନଙ୍କ ଶ୍ରେଷ୍ଠ ସୃଷ୍ଟି, ଯାହାକୁ କେନ୍ଦ୍ର କରି ସତ୍ ଓ ଅସତ୍ ଭିତରେ ଚାଲିଥିବା ଅନନ୍ତକାଳର ସଂଘର୍ଷ ଏକଦା ନିର୍ଣ୍ଣାୟକ ମୋଡରେ ପହଞ୍ଚିବ। ମଣିଷକୁ ଏଥିପାଇଁ ବାଧ୍ୟ କରାହେବ ନାହିଁ ବରଂ ସ୍ୱାଧୀନ ଭାବରେ କୌଣସି ଏକ ପକ୍ଷକୁ ସମର୍ଥନ କରି ଭଗବାନଙ୍କର ଉଦ୍ଦେଶ୍ୟ ପୂରଣ କରିବାକୁ କୁହାଯାଉଛି। ଶୁଦ୍ଧମନ, ମଙ୍ଗଳ ଭାବନା, ସତ୍ୟ, ଶକ୍ତି, ସମର୍ପଣ, ପୂର୍ଣ୍ଣାଙ୍ଗ ଓ ଅମରତ୍ୱର ମାଧ୍ୟମରେ ମଣିଷ ସତ୍ୟର ପକ୍ଷ ନେଇ ଲଢିବ ଏବଂ ଜଗତରୁ ମନ୍ଦ ପ୍ରଭାବ ଲୁପ୍ତ ହେବ। ସାତଟି ସୃଷ୍ଟି ମଧ୍ୟରୁ ଅଗ୍ନି ହେଉଛି ଶକ୍ତିର ପ୍ରତୀକ ଯାହା ଦ୍ୱାରା ଅନ୍ୟ ୬ଟି ସୃଷ୍ଟି ନିଜର ପ୍ରକ୍ରିୟା ସମ୍ଭବ କରିଥାନ୍ତି। ଅଗ୍ନି ହେଉଛି ସଂହତି, ସତ୍ୟ ଓ ନିର୍ଭୁଲତାର ପ୍ରତୀକ, ଏବଂ ଆଲୋକ, ଉତ୍ତାପ ଓ ଜୀବନୀ

ISSN NO.
2582-208X

ଶକ୍ତିର ଉତ୍ସ ।ପ୍ରଭୁଙ୍କ ଅନ୍ୟ ୬ଟି ସୃଷ୍ଟିକୁ ଏହା ଜୀବନ୍ତ ଓ ଗତିଶୀଳ କରାଇଥାଏ । ତେଣୁ ସମସ୍ତ ଧାର୍ମିକ କାର୍ଯ୍ୟରେ ଅଗ୍ନିକୁ ଆବାହନ କରାଯାଏ, ନିବେଦନ କରାଯାଏ ଏବଂ ସାକ୍ଷୀ ରଖାଯାଏ । ପାର୍ସିମାନଙ୍କ ସମସ୍ତ ମନ୍ଦିରକୁ ଅଗ୍ନି ମନ୍ଦିର କୁହାଯାଏ ଏବଂ ସେଠାରେ ଅଗ୍ନିଙ୍କ ପୂଜା କରାଯାଏ ।

ମୃତ୍ୟୁ ଚିନ୍ତନ ଓ ମୃତ୍ୟୁ ପରର ଜୀବନ: ମଣିଷର ମୃତ୍ୟୁ ପରେ ଜଡ ଦେହ ପୃଥିବୀରେ ରହିଯାଏ ଓ ଆତ୍ମାର ବିଚାରଣ ହୁଏ । ମୃତ୍ୟୁ ହେଉଛି ମନ୍ଦ ଶକ୍ତିର ଏକ ସାମୟିକ ବିଜୟ । ମଣିଷର ଚିନ୍ତା, କାର୍ଯ୍ୟ ଓ କଥନକୁ ନେଇ ବିଚାରଣ ହୁଏ ଏବଂ ତଦନୁସାରେ ସ୍ୱର୍ଗ ବା ନର୍କ ପ୍ରାପ୍ତ ହୋଇଥାଏ । ସ୍ୱର୍ଗରେ ଅହରହ ସୁନ୍ଦର ସଂଗୀତର ଗାନ ହେଉଥାଏ, ଖାଦ୍ୟପେୟ ଠାରୁ ଆରମ୍ଭ କରି ଖଜୁରୀ ରସ, ଅଙ୍ଗୁର ରସର ମଦିରାର ଅଭାବ ନଥାଏ । ସମସ୍ତ ପ୍ରାଚୁର୍ଯ୍ୟ ଭିତରେ ଦୁଃଖ, ଯନ୍ତ୍ରଣାର ଅନୁପସ୍ଥିତିରେ ତଥା ରମ୍ଭା ଉର୍ବଶୀ ଭଳି ନର୍ତ୍ତକୀଙ୍କ ଗହଣରେ ଜୀବନରେ ଖାଲି ଆନନ୍ଦ ହିଁ ଥାଏ -ଯାହାକି ସ୍ୱର୍ଗଲୋକରେ କେବଳ ସତଲୋକଙ୍କୁ ପ୍ରାପ୍ତ ହୋଇଥାଏ । ଏପଟେ ନର୍କଗାମୀ ମନ୍ଦଲୋକମାନେ ନିଜ ନିଜର କୃତକର୍ମାନୁସାରେ କଷଣ ଭୋଗକରନ୍ତି ଓ ତାହା ଦ୍ୱାରା ଧିରେ ଧିରେ ନିର୍ମଳ ଓ ପବିତ୍ର ଦିଗେ ଅଗ୍ରସର ହୁଅନ୍ତି । ଏହି ଧର୍ମରେ ଅନନ୍ତ କାଳ ପାଇଁ ଶାସ୍ତି ବା ନର୍କର ଭୟ ନାହିଁ । କାରଣ ଜଣକ ପରେ ଜଣେ ମହାପୁରୁଷ ପୃଥିବୀରେ ଅବତରଣ କରିବେ ଏବଂ ଅନ୍ଧକାର ଉପରେ ଆଲୋକର ବିଜୟ କରାଇବେ । ପୃଥିବୀରେ ଯେବେ ଅନ୍ଧକାର ଓ ମନ୍ଦଶକ୍ତିର ସଂପୂର୍ଣ୍ଣ ପରାଭବ ଘଟିବ, ତେବେ ଯାଇ ଭଗବାନ ସର୍ବବ୍ୟାପୀ ହୋଇ ପ୍ରକାଶ କରିବେ । ସେତେବେଳେ ଶେଷ ବିଚାରଣ ବା ମହାକାଳ ଉପନୀତ ହେବ ଏବଂ ସବୁ ମୃତ ସେମାନଙ୍କ ସ୍ଥୁଳ ଶରୀର ଫେରି ପାଇବେ । ଶରୀର ସହ  ସ୍ୱର୍ଗ ବା ନର୍କଗାମୀ ଆତ୍ମା ମିଳନ ଘଟିବ ଏବଂ ସମସ୍ତେ ମୃତ୍ୟୁହୀନ, ଶୋକହୀନ ଭଗବାନଙ୍କ ରାଜ୍ୟରେ ପରମ ସଙ୍ଗତିରେ ଅବସ୍ଥାନ କରିବେ । ସେତେବେଳେ ସମୟ ଆଉ ଗତିଶୀଳ ନଥିବ କି ପୃଥିବୀ ମନ୍ଦଶକ୍ତିର ପ୍ରଭାବରେ ଦୁଃଖପୂର୍ଣ୍ଣ ନଥିବ । ଏହି ମୃତ୍ୟୁ ଚିନ୍ତନ ଅନେକ ମାତ୍ରାରେ ଇହୁଦୀମାନଙ୍କ ମାଧ୍ୟମରେ ମୁସଲମାନ୍ ଓ ଖ୍ରୀଷ୍ଟିଆନ ମାନଙ୍କୁ ପ୍ରଭାବିତ କରିଛି ।

ISSN NO.
2582-208X

ପାର୍ସିମାନେ ଶବକୁ ହିନ୍ଦୁଙ୍କ ପରି ଅଗ୍ନିରେ ଦାହ କରନ୍ତି ନାହିଁ କି ମୁସଲମାନ୍ ବା ଖ୍ରୀଷ୍ଟିଆନ୍ ଙ୍କ ଭଳି କବର ଦିଅନ୍ତି ନାହିଁ । ସେମାନେ ଶାଗୁଣା ପକ୍ଷୀକୁ ପବିତ୍ରତମ ପକ୍ଷୀ ବୋଲି ମାନ୍ୟ କରନ୍ତି ଓ ସ୍ୱର୍ଗ ଦୂତ ରୂପେ ସମ୍ମାନ ଦିଅନ୍ତି । ଉଚ୍ଚା ଉଚ୍ଚା ଜାଗା ଦେଖି ସେମାନେ ପାଚେରୀ ଘେରା ଶବ ସତ୍କାର ଗମ୍ବୁଜ ସବୁ ନିର୍ମାଣ କରନ୍ତି ଏବଂ ପରିବେଶକୁ ଯେତେ ପାରୁ ନୀରବ, ନିସ୍ତବ୍ଧ କରି ରଖନ୍ତି । ମୃତ ଶରୀରକୁ ଶାଗୁଣାଙ୍କ ନିମନ୍ତେ ସେହି ଉଚ୍ଚା ଜାଗାରେ ଖୋଲା ଛାଡି ଦିଆଯାଏ ଏବଂ କିଛି ସପ୍ତାହ ପରେ ଶୁଖିଲା ଅସ୍ଥି ସବୁ କେନ୍ଦ୍ରସ୍ଥ ଏକ କୂପରେ ଗଚ୍ଛିତ ହୋଇ ରହେ । ଦୀର୍ଘ ଦିନ ପରେ ଖରା ବର୍ଷା ଓ ଉତ୍ତପ୍ତ ପବନରେ ଅସ୍ଥି ସବୁ ଧୂଳି ପରି ଗୁଣ୍ଡ ହୋଇ ବର୍ଷା ଜଳରେ ମିଶି, ଭୂଗର୍ଭସ୍ଥ ନାଳ ଦେଇ ଅନ୍ୟ ଏକ ଗର୍ତ୍ତରେ ପଡିଥାଏ । ଏହା ଦ୍ୱାରା ଶବର ବିଘଟନ ପୋକ ଜୋକ ଓ କୀଟପତଙ୍ଗ ଦ୍ୱାରା ହୋଇ ନଥାଏ । ଦୁର୍ଗନ୍ଧ ସୃଷ୍ଟିର ଅବକାଶ ନଥାଏ, ପରିବେଶ ପ୍ରଦୁଷଣ ହୋଇ ନଥାଏ, ଶବ ସତ୍କାର ପାଇଁ ଖର୍ଚ୍ଚାନ୍ତ ବା ନୂଆଁ ନୂଆଁ ଜାଗାର ଆବଶ୍ୟକତା ପଡିନଥାଏ । ଏହି ନୀରବ ଗମ୍ବୁଜ ସବୁକୁ "ଡୋଖମା" କୁହାଯାଏ ଏବଂ ପ୍ରତି ପାର୍ସିଙ୍କ ପାଇଁ ଏହା ଏକ ପବିତ୍ର ଜାଗା ।

ଆଜିକାଲି କୌଣସି ଏକ ଅଜଣା ରୋଗରେ ଆକ୍ରାନ୍ତ ହୋଇ ବା ପରିବେଶ ପ୍ରଦୂଷଣରେ ଶିକାର ହୋଇ ଏହି ଶାଗୁଣାମାନେ ଭାରତ ବର୍ଷରୁ ଲୋପ ହେବାକୁ ବସିଲେଣି । ତେଣୁ ପ୍ରଦୂଷଣ ନକରି ମଣିଷ ଶବକୁ ବିଘଟନ କରିବା ପାଇଁ ନୂତନ ବୈଜ୍ଞାନିକ ଉପାୟ ଅବଲମ୍ବନ କରାଯାଉଛି । କାନ୍ଥ ଉପରେ ବଡ ବଡ ଅବତଳ ଦର୍ପଣ ରଖାଯାଇ ସୂର୍ଯ୍ୟଙ୍କ ଗତି ଅନୁସାରେ ସେସବୁକୁ ଯନ୍ତ୍ର ମାଧ୍ୟମରେ ଗତିଶୀଳ କରାଯାଉଛି । ଦର୍ପଣ ନିର୍ଗତ କେନ୍ଦ୍ରୀଭୂତ ସୂର୍ଯ୍ୟାଲୋକକୁ ସଦ୍ୟ ଅଣାଯାଇଥିବା ଶବ ଉପରେ ନିକ୍ଷେପ କରାଯାଇ ବିଘଟନକ୍ରିୟା କରାଯାଉଛି । ଶାଗୁଣା ପଲ ଯାହା କରିଥାନ୍ତେ, କେନ୍ଦ୍ରୀଭୂତ ଉତ୍ତପ୍ତ ରଶ୍ମି ସେ କଥା କରୁଛି । ଏ ସବୁ ସତ୍ତ୍ୱେ ସାରା ପୃଥିବୀରୁ ପାଣ୍ଠି ସଂଗ୍ରହ କରାଯାଇ, ଜନ ସଚେତନତା ବୃଦ୍ଧି କରାଯାଇ ଶାଗୁଣା ବଂଶର ପୁନରୁଦ୍ଧାର ପାଇଁ ଗବେଷଣା ଚାଲିଛି ।

ପ୍ରଭୁଙ୍କ ଦ୍ୱାରା ସୃଷ୍ଟ ପ୍ରକୃତି ମୂଳତଃ ମଙ୍ଗଳମୟ - ଏକଥା ଅନ୍ତରରେ ସହ ବିଶ୍ୱାସ କରିବା ହେଉଛି ଜଣେ ସଚ୍ଚା ପାର୍ସିର ଜୀବନୀ । କୌଣସି ବିଷୟରେ ଅତିରିକ୍ତତା ତ୍ୟାଗ ପୂର୍ବକ

ISSN NO.
2582-208X


ମଧ୍ୟମ ପନ୍ଥା ଅବଲମ୍ବନ କରି ପ୍ରକୃତିର ଦାନକୁ ଆନନ୍ଦରେ ଉପଭୋଗ କରିବା ଦରକାର । ଗୋଟିଏ ସୁସ୍ଥ ଓ ପ୍ରଗତିଶୀଳ ଜୀବନ ପ୍ରତି ବିତୃଷ୍ଣା, ଅବିବାହିତ ରହିବା, ଉପବାସ କରିବା, ଇନ୍ଦ୍ରିୟ ସକଳକୁ ଅବଦମିତ କରିବା ଆଦି ଧର୍ମ ବିରୁଦ୍ଧ । ଏସବୁ ମଣିଷକୁ ଦୁର୍ବଳ କରିଦିଏ, ଫଳରେ ମନ୍ଦ ସହ ଲଢିବାର ସାମର୍ଥ୍ୟ ହଜିଯାଏ । ଧର୍ମଗୁରୁଙ୍କ ମତରେ ନୈରାଶ୍ୟବାଦୀ ହେବା ଓ ହତାଶ ହେବା ଏକମାତ୍ର ପାପ । ମଣିଷକୁ ଚଳଚଞ୍ଚଳ, ଉଦ୍ୟୋଗୀ, ବ୍ୟବସାୟରେ ସାଧୁ ଏବଂ ସର୍ବୋପରି ସୁଖୀ ଓ ପରୋପକାରୀ ହେବା ଦରକାର ।

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

((()))

ISSN NO.
2582-208X

# ଚିଠି....



ସାଗରିକା ସାହୁ

ଚଠି ମୋର ଯେବେ ଦେଉଥିଲି
ତୋର ସଙ୍ଗାତ ହାତରେ ଦେଇ,
ସଙ୍ଗାତ ତୋର ଯାଇ ଦେଉଥିଲା
ହାତରେ ତୋର ବଢେଇ ।।

ନଥିଲା କଛିରେ ମନରେ ସଙ୍କଟ
ପଢି ହେଉଥିଲୁ ଖୁସି,
ଦେଉଥିଲୁ ପୁଣି ତୋ ଆଡୁ ପତର
ଦେଖୁଥିଲି ମୁହିଁ ବସି ।।

ଛବିଟିଏ ତୋର ଦେଖିବି ବୋଲି ମୁଁ
ଲେଖିଥିଲି ପତରରେ,
କହିଥିଲୁ ଧନ କେତେଦିନ ପରେ
ଆସିବି ତୁମରି ଗାଁରେ ।।

ମନ ମାନେ ନାହିଁ କେତେଦିନ ଆଉ
ଅପେକ୍ଷା କରିବି ତତେ,
ଚଠି ମୋର ପଢି ଆସିବୁ ଦଉଡ଼ି
ମନ ମୋ ଖୋଜୁଛି ସତେ ।।

ଗିଧମାଲ, ଗାଇସିଲେଟ, ବରଗଡ଼

ISSN NO.
2582-208X

# ପ୍ରେମ



ନିରୁପମା ପାଣି

ଇଚ୍ଛାହେଲା ଦିନେ
ପ୍ରେମ କରିବାକୁ
ଥିଲି ଛୋଟ ଯେତେବେଳେ
ପଚାରି ବୁଝିଲି
ପ୍ରେମ କେମିତିକା
ବାପା ଟାଣିନେଲେ କୋଳେ ।

ମନେ ଭରିଗଲା
ଆନନ୍ଦ ଲହରୀ
ହୃଦୟ  କମ୍ପନ ହେଲା
ପ୍ରେମର ସୁଆଦ
କେତେ ଯେ ମଧୁର
ଖୁସି ମୋର କହୁଥିଲା ।

ବୋଉକୁ କହିଲି
ଭଲପାଏ ତୋତେ
ବୋଉ ହସି ଗଡିଗଲା
ନିଜ ଲୋକ କିବା
ଖରାପ ପାଆନ୍ତି
ସମସ୍ତେ ନିଜର ପରା ।

ISSN NO.
2582-208X

ଜନ୍ମର ବନ୍ଧନ
ପରିବାର ଆମ
କେହି ନୁହେଁ ଏଠି ପର
ସଭିଏଁ ସଭିଙ୍କ
ମମତାରେ ବନ୍ଧା
ନିଜଠୁ ବଳି ନିଜର ।

ଖୁସି ଲାଗିଥିଲା
ବୋଉ ଯା 'କହିଲା
ହୃଦୟେ ସମ୍ମତ କଲି
ବାଲ୍ୟକାଳ ପ୍ରେମ
ଥିଲା ଛଳ ଶୂନ୍ୟ
ଆଜି ମୁଁ ବୁଝି ପାରିଲି ।

ଯୌବନରେ ପ୍ରେମ
ସ୍ୱାର୍ଥରେ ଜଡିତ
ଆଜି ମୁ  ପାରୁଛି ବୁଝି
ରୁପ ଦେଖି ଲୋକ
ପ୍ରେମ କରୁଛନ୍ତି
ନକଲି ପ୍ରେମିକ ସାଜି ।

କଥାରେ ଭୁଲାଇ
ମନ ନେଇ ମୋହି
ଅଧାବାଟେ ଛାଡୁଛନ୍ତି
କିଏ ବି ପ୍ରେମରେ
ମାରି ହାଣି ପୁଣି
ବାଟ ସଫା କରିଥାନ୍ତି ।

ISSN NO.
2582-208X

ସ୍ୱାର୍ଥ ସରିଗଲେ
ଝିଅ ବି ପଳାନ୍ତି
ଧନୀକ ପୁଅ ସହିତ
ପୁଅ କେହି ଏଠି
ପ୍ରେମିକାକୁ ବିକି
ହାସଲ କରୁଛି ଅର୍ଥ ।

ପ୍ରେମ ଆଜି ସାଜେ
ସମାଜେ ଘାତକ
ଅର୍ଥ ଆଉ ସ୍ୱାର୍ଥ ମୂଳ
ପ୍ରେମ ସହ ଧୋକା
ଯୋଡି ହୋଇରହି
ସାଜୁଛି ପ୍ରେମରେ କାଳ ।

ବିନତର୍, ଗୁନ୍ଦବାଲି, ଭଦ୍ରକ

ISSN NO.
2582-208X

# ସଜ ସକାଳେ ତୁମରି ମୁହଁ



ଦିବାକର ନାୟକ

ସଜ ସକାଳର ସୁନେଲୀ କିରଣ
ଚିକିମିକି ଦିଶେ ତୁମରି ମୁହେଁ
ସାରା ଦିନଟାର କୁଶଳ କାମନା
ହୋଇଗଲା ସତେ ମୋ ମନ କହେ (୦)

ହାତ ପାପୁଲିରେ ଦେଖିଲି ପ୍ରଥମେ
ସଜଫୁଲ ପରି ହସୁଛ ଭାରି
ସୁପ୍ରଭାତ ମୋତେ ଜଣାଉଛ ସତେ
ବ୍ରାହ୍ମ ମହୂରତେ ଆଖିରେ ଠାରି

କେତେ ରଙ୍ଗ ଫୁଲେ ମଥାର ଓଢଣୀ
ଉପବନ ସମ ହୃଦୟ ମୋହେ..
ସଜ ସକାଳର ସୁନେଲୀ କିରଣ
ଚିକିମିକି ଦିଶେ ତୁମରି ମୁହେଁ (୧)

ISSN NO.
2582-208X

ତରଳ ସରଳ ରୂପସୀ କମଳ
ସୁକୋମଳ ତନୁ ଲାଜୁକୀ ମୁହଁ
ମୁଖ-ମୁଖବନ୍ଧ ପଢିଛି ଯେ ଥରେ
କେମିତି ଭୁଲିବ ଥରୁଟେ କୁହ

ପାହାନ୍ତି ସପନ ସତ ହେଲା ଭଳି
ସବୁ ସତ ହେବ ଅନ୍ତର କହେ..
ସଜ ସକାଳର ସୁନେଲୀ କିରଣ
ଚିକିମିକି ଦିଶେ ତୁମରି ମୁହେଁ (୨)

ଆକାଶବାଣୀ ଗୀତିକାର
ପାଟପୁର, କଳସି-୭୬୧୦୦୮
ଗୋଳନ୍ଥର୍, ଗଞ୍ଜାମ, ମୋ-୯୯୩୮୭୧୯୯୮୧

ISSN NO.
2582-208X

# ଭଲ ପାଇବାରେ ମାନେ କ'ଣ..



କୁଞ୍ଜ ବିହାରୀ ସାହୁ

ନୀତା ବିଶ୍ୱାସ ଆଉ ରିଜୁ ଚଇନ ପରସ୍ପର ସାଇକୋଲୋଜିରେ ପି.ଜି. କରୁଥିଲେ ବାଣୀବିହାରରେ । ପାଠପଢାରେ ଯେମିତି ଆଗୁଆ ଖେଳକୁଦରେ ବି ସେମିତି ସମସ୍ତଙ୍କୁ ପଛରେ ପକେଇଦେଉଥିଲେ । ଦୁହେଁ ନିଜ ନିଜ କାମରେ ଜିଦ୍ଧି ଧରି ଆଗେଇଯାଉଥିଲେ । ଏକାଠି ପାର୍କରେ ବୁଲିବା, ମାର୍କେଟିଂ କରିବାକୁ ଖୁବ୍ ପସନ୍ଦ କରୁଥିଲେ । ପ୍ରଫେସରମାନଙ୍କ ସହ ପାଠ ବିଷୟରେ ଆଲୋଚନା କରୁଥିଲେ । ପାଠକୁ ଆୟତ୍ତ କରିବା ଗୋଟେ ହବି ଥିଲା ଦୁହିଁଙ୍କର । ହଷ୍ଟେଲରେ ସହକର୍ମୀମାନଙ୍କ ସହ ଅନୁବନ୍ଧିତ ରହୁଥିଲେ । ଅବାଧ ମିଳାମିଶାରେ ସମସ୍ତେ ବାଃ ବାଃ କରୁଥିଲେ ।

ନିତା ଉପରେ ଭରସା ଥିଲା ରିଜୁର । ହଷ୍ଟେଲରେ ଏକାଠି ଖାଇବା ସମୟରେ ହସଖୁସିରୁ ଜଣାପଡୁଥିଲା ସେ ଦୁହିଁଙ୍କର ଅତୁଟ ବନ୍ଧୁତା । ଦୁଇଜଣଙ୍କର ଖଟ ଖୁବ୍ ପାଖାପାଖି । ରିଜୁର ଫୁଲକା ଫୁଲକା ଗାଲ ଆଉ ପୋଟଳଚର୍ ଆଖିକୁ ଗୋଟାପଣେ ନଜର ରଖୁଥିଲା ନିତା । ଦେହର ଭୌଗଳିକ ମାନଚିତ୍ରକୁ ଦେଖି ଅସମୟରେ ନିତା ଅଜାଡି ପଡୁଥିଲା ରିଜୁ ଉପରେ । ରିଜୁର ଆଖିଥିଲା ନିତାର ବଳିଷ୍ଠ ବାହୁ ଉପରେ । କାରଣ ନିତା ଥିଲା ଭଲ ସ୍ପ୍ରିଣ୍ଟର । ତେଣୁ ମାଂସପେଶୀଗୁଡାକ ପୁରୁଷର ମାଂସପେଶୀ ପରି ଝଲସି ଯାଉଥିଲା । ସେଥିପାଇଁ ବୋଧେ ବକ୍ଷୋଜ ପଦ୍ମକଢ ପରି ଜଣାପଡୁଥିଲା । ପରସ୍ପର ସ୍ନାନ ସମୟରେ ନିଜକୁ ନିଜେ ଆଇନାରେ ଦେଖି ଚମକ ଯାଉଥିଲେ । କିଏ କେଉଁ ଡ୍ରେସ୍ ପିନ୍ଧିଲେ ସୁନ୍ଦର ଦିଶିବ, ଚୟନ କରୁଥିଲେ । ରିଜୁ ଆଇନା ଆଗରେ ମେକ୍ ଅପ୍ ନେଲାବେଳକୁ ନିତା ପଛରେ ଠିଆ ହେଇ ରିଜୁର ଗାଲଟିକୁ ଚିପି ଦେଉଥିଲା। ତା ପିନ୍ଧା ଟି ସାର୍ଟକୁ ସାଇଜ୍

ISSN NO.
2582-208X

କରିବା ବାହାନାରେ ଗୋଲ୍‌କାର ବକ୍ଷୋଜ ଦୁଇଟିରେ ଟିପ ମାରିଦେଉଥିଲା । ରିଜୁ ବି ଏକ ଅନ୍ତରଙ୍ଗ ବନ୍ଧୁତାରେ ବୁଲିପଡି ନତାର ଦୁଇ ହାତଟିକୁ ଧରିପକାଉଥିଲା । ତା ଜିନସ୍ ପ୍ୟାଣ୍ଟରେ ହାତ ମାରି ଶିହରି ଉଠୁଥିଲା । ହସୁଥିଲେ ଦୁହେଁ ଭିନ୍ନ ଆବେଗରେ ।

ୟୁରେକା...ୟୁରେକା..ସତେ ଅବା କଛି ପାଇଯାଉଥିଲେ ବୋଧହୁଏ । ମନର କଥାକୁ ଖୋଲି କହିପାରୁ ନଥିଲେ ବି ଦେହ ସହ ମିଶିଯିବାର ଅହେତୁକ ଲାଳସା ମନ ଭିତରେ ଆତଯାତ ହେଉଥିଲା ଦୁହିଁଙ୍କର। ଦୁହେଁ ଦୁହିଁଙ୍କୁ ନଜର କରୁପାରୁଥିଲେ ସହଜରେ । ଗୋଟିଏ ବଖରାରେ ଦୁଇଜଣ ସମୟକୁ ଠିକ୍ ଠାକ୍ ବିନଯୋଗ କରି ବିନ୍ଦାସରେ ରହୁଥିଲେ। ବାଲକୋନରେ ଠିଆ ହୋଇ ସାମ୍ନାପଟର ପ୍ରାକୃତିକ ଶୋଭାକୁ ଅନୁଭବ କରୁଥିଲେ । କଲେଜ ପିଲାଙ୍କ ସୁନ୍ଦର ଚେହେରା ଓ ଡ୍ରେସକୁ ଗୁହିଁରହୁଥିଲେ ଏକ ଲୟରେ । ମନର ଭାବନାକୁ ପରିପ୍ରକାଶ କରୁଥିଲେ ଆପଣାଛାଏଁ ।

ନତା ଗରିବ ଘରର ଝିଅ । ଘର ତା'ର ବାଉଁଶିଆ ଗାଁରେ । ବିଲବାଡିରେ ମୂଲ ଲାଗି ପେଟ ପୋଷୁଥିଲେ ନତାର ବାପା । ସରକାରଙ୍କ ଏମ.ଜି.ଏନ.ଆର.ଜି.ଏସ. କାର୍ଯ୍ୟକ୍ରମରେ ହେଉଥିବା କ୍ଷେତପୋଖରୀ କାମ କରି ବେଶ୍ କଛି ରୋଜଗାର କରୁଥିଲେ । ହିଡ଼ ଉପରେ ପରିବା ଗୃଷ ଆଉ ପୋଖରୀରେ ମାଛ ଗୃଷ କରି ଲାଭବାନ ହେଉଥିଲେ । ଗାଁର ସଫଳ ଗୃଷୀ ତଥା ହିତାଧିକାରୀ ବୋଲି ନାଁ ରହିଛି । ରାଜ୍ୟ ସରକାରଙ୍କଠୁ ପୁରସ୍କାର ବି ପାଇଛନ୍ତି । ଯୋଉ କାମରେ ହାତ ଦେଇଛନ୍ତି କୃତକାର୍ଯ୍ୟ ହୋଇଛନ୍ତି ।

ନତା ଏକମାତ୍ର ଗେହ୍ଲା ଝିଅ ଗୃଷୀ ପରିବାରର । ନତା ତଳେ ତା ସାନ ଭାଇ ନରଜ । ବହୁତ ସାନ । ବେଳେବେଳେ ତା ବାପାଙ୍କୁ ସହଯୋଗ କରେ ବିଲବାଡ଼ି କାମରେ । ନତା ଯେତେବେଳେ ଗାଁକୁ ଯାଏ ମାଆଙ୍କୁ ସାହାଯ୍ୟ କରେ । ନତା ଝିଅଟେ ହେଲେ ବି ପୁଅ ପରି ସବୁ କାମରେ ଆଗୁଆ । ଘରକୁ ଆସିଲେ ପୁଅ ପିଲା ପରି ଡ୍ରେସ୍ ପିନ୍ଧେ। ବହୁତ ସାହସୀ। କାହାକୁ ଯେମିତି ଡରଭୟ ନାହିଁ । କନ୍ତୁ ଗାଁରେ ପିଲାମାନଙ୍କ ସହ ମିଶିଯାଏ । ଖେଳାଖେଳ ବୁଲାବୁଲି କରେ । କରାଟେ ଶିଖାଏ ନଈବାଲିରେ । ଗୁରୁଜନମାନଙ୍କୁ ଯଥୋଚତ ସମ୍ମାନ ଜଣାଏ । ସେଇଥିପାଇଁ ତ ନତା ଗାଁର ମଉଡମଣି । ନତାର ବାପା ମା

ISSN NO.
2582-208X

ଖୁସିରେ କହିପକାନ୍ତୁ – ନରଜ ପୁଅ ହେଲେ ବି ନତା ପୁଅ ଗୁଣରେ କମ୍ ନୁହେଁ । ସେ ଦୁହେଁ ଆମର ଦୁଇପୁଅ ।

ରିଜୁ ଘରର ଚଳଣୀ କନ୍ତୁ ବହୁତ ଭଲ । ମୟୁରଭଞ୍ଜର ବାଙ୍ଗିରିପୋଷିରେ ତା ଗାଁ । ତା ବାପାର ମାଣ ମାଣ ଜମିବାଡି ଅଛି । ଗୃଷବାସରୁ ବହୁତ ଲାଭ ହୁଏ । ଧାନ ମିଲ ଅଛି । ତା ଭାଇ ଗାଁ ରେ ଗ୍ରୋସେରି ଦୋକାନ କରି ସମସ୍ତଙ୍କର ପ୍ରିୟ ହେଇଛି । ରିଜୁ ଗାଁକୁ ଗଲେ ତା ବାପା ମା' ପାଖରେ ବସେ । ଖୁସିବାସିରେ ଗପସପ କରେ । ଏକାଠି ଖାଇଲାବେଳେ ହଷ୍ଟେଲର ଖାଇବା କଥା ମନେପକାଏ । ବେଶି ମନେ ପକାଏ ନତା କଥା । ନତାର ଆର୍ଥିକ ସମ୍ବଳ ନଥିବାରୁ ହଷ୍ଟେଲରେ ଖାଇବା ଛଡା ବାହାରେ କଣାକଣି କରି ଖାଇପାରେନ। ରିଜୁ ଅନେକ ସମୟରେ ଖାଇବା ଖର୍ଚ୍ଚ ବହନ କରେ । ରିଜୁର ମା' କହିଦିଅନ୍ତୁ – ଏଥିପାଇଁ ତୁ କ'ଣ ମନଦୁଃଖ କରୁଛୁ କି । ନତା ଗରିବ ପିଲା ବୋଲି ବାହାରେ କଛି ଖର୍ଚ୍ଚ କରିପାରୁନ । ତମେ ଦୁଇଜଣ ତ ଏକାଠି ରହୁଛ । ତୋ ପାଇଁ ତୋ ବାପା ଟଙ୍କା ପଠଉଛନ୍ତୁ । ତୁ ତାକୁ ସାହାଯ୍ୟ କରୁଥା...ମିଳମିଶି ରହୁଥାଆ । ଏକାଠି ଖାଉଥା, ଏକାଠି ଶୋଉଥା..ମଜାମଜଲିସ୍ କରୁଥା...ଜୀବନରେ ମଣିଷକୁ ଭଲପାଇବା ହିଁ ଭଗବାନଙ୍କ ଆଶୀର୍ବାଦ ପାଇବା । ମଣିଷ ଜୀବନ ଦି'ଦିନଆ । ଆଜିର ଓଠ ଧାରର ହସ ଆଉ ଆଖିର ଲୁହ ଦି'ଟୋପା କାଲିକ କଏ ବା ଦେଖିପାରିବ ! ଖୁସିରେ ତୁମେ ଦୁହେଁ ରହି ସମୟ ବିତାଇଦିଅ ।'

ଏକାଠି ଶୋଇବା କଥା ମାଆଠୁ ଶୁଣି ଆନମନା ହୋଇଗଲା ରିଜୁ । ସିଏ ତ ଅନେକ ଥର ଶୋଇଛି ନତାକୁ ଜାବୁଡି ଧରି । କଅଁଳିଆ ଓଠକୁ ଗେଲ କରିଛି । ତାକୁ ଜିନ୍ସ ପିନ୍ଧାଇଦେଇଛି । ମଜାରେ ମଜାରେ ବାଥରୁମରେ ଗାଧେଇଦେଇଛି । ହେଲେ ମାଆ ଏସବୁ ଜାଣିଗଲା କି ! ଏଣେତେଣୁ ଗୁଡାଏ ଭାବିଲା ରିଜୁ । କିଛିଦିନ ଗାଁରେ ରହି ରିଜୁ ହଷ୍ଟେଲକୁ ଫେରିଆସିଲା। ସାଥିରେ ଆଣିଥିଲା ନିଜ ପାଇଁ ଆଉ ତା ସାଥି ନିତା ପାଇଁ ଖାଦ୍ୟ ।

ପାଠପଢା ସହ ହଷ୍ଟେଲ ଲାଇଫରେ ନିତା ସହ ଏକ ନିଆରା ଘନିଷ୍ଠ ଭାବ ରିଜୁ ହୃଦୟରେ ଜାଗିଉଠିଲା । ଦୁହେଁ ନାରୀ ହେଇ ବି ସ୍ୱାମୀ ସ୍ତ୍ରୀର ସମ୍ପର୍କରେ ଅବଶିଷ୍ଟ ଆୟୁଷକୁ ନେଇ

ISSN NO.
2582-208X

ବଞ୍ଚିବାକୁ ମନ ବଳେଇଲେ । କାରଣ ଅନେକ ଥର ଲେସବିଆନ ଭାବେ ଶାରୀରିକ ସମ୍ପର୍କ ରଖିଛନ୍ତି ।

ନତା ଆଉ ରିଜୁ ବ୍ୟବହାର / ଗୁଲିଚଳନରେ ନଆଁର ଭାବବୋଧ ଅନୁଭୂତ ହେଲା। କଲେଜ / ହଷ୍ଟେଲ କାନ୍ଥ, କରିଡରେ ଫଟୋ ଛପାହେଲା । ରକ୍ଷଣଶୀଳ ସମାଜରେ ଭ୍ରୂକୁଞ୍ଚନ ହେଲା । କିନ୍ତୁ ଦୁଇ ମେଧାବୀ ଛାତ୍ରୀଙ୍କ ଏଭଳ ଆଚରଣ କାହା ଉପରେ ଗୁପ ପକାଇପାରିଲାନ । ଘରେ ବି ଚହଲିଗଲା ନତା ଆଉ ରିଜୁର କମ୍ଭୁତକାର ବ୍ୟବହାର । ବିବାହ ପୁଣି ଦୁଇଟି ଝିଅ ଭିତରେ- କଥାଟା କେମିତି ଅଡୁଆତଡୁଆ ଲାଗିଲା । କାହାକୁ କ'ଣ ବା କହିହେବ । ନେଡିଗୁଡ କହୁଣୀକୁ ବହିଗଲା ପରେ ଭାବିଲେ କି ଲାଭ ? କବାଟ କିଳି କାନ୍ଦିଲେ ବି କିଏ ଶୁଣିବ ?

ଘରର କଟକଣା ଆଉ ସମାଜର ରକ୍ତମୁଖା ଆଖିକୁ ଏଡାଇଦେଲେ ଦୁଇ ଅନ୍ତରଙ୍ଗ ସାଙ୍ଗ ନତା ଓ ରିଜୁ । ବିବାହ ବନ୍ଧନରେ ଆବଦ୍ଧହେଲେ ପି.ଜି.ପଢା ଶେଷପରେ । ନତାକୁ ସ୍ୱାମୀ ରୂପେ ବାଛିନେଲା ଧନୀଘରର ଝିଅ ରିଜୁ । ସେ କେବେ ଅନୁଭବିନ ଜାତିଆଣ ପ୍ରଥା ଆଉ ଧନୀ ଗରିବୀର ବିଗ୍ରହଧାର । ଥରେ ମନ ଦେଇ ପାରସ୍ପରିକ ଭଲପାଇଛନ୍ତି ବୋଲି ତ ଏ ବିବାହ ବନ୍ଧନକୁ କିଏ ଅଟକାଇ ପାରିନାହାନ୍ତି । ନତା ଜାଣିପାରିଛି ସେ ବାପ ହେଇପାରିବନି ଆଉ ରିଜୁ ବି ଅନୁଭବ କରିପାରିଛି ସେ ମା ହୋଇପାରିବନି । କିନ୍ତୁ ସେକ୍ସର ମଜା ଯିଏ ଯୌବନରେ ଗ୍ରହିଛି ସେ କ'ଣ ଭୁଲିପାରିବ ? ଥରେ ମନ ଦିଆନିଆ ହେଇଛିମାନେ ଭଲପାଇବାରେ ଅନ୍ତରାୟ ସୃଷ୍ଟି ହୋଇପାରିବନି । ସବୁ ବାଧା ବନ୍ଧନ ଆପେ ଆପେ ହାର ମାନଛି ସେମାନଙ୍କ ଭଲପାଇବାରେ । କୁହାଯାଏ ବିବାହ ସ୍ୱର୍ଗରେ ସ୍ଥିର ହୋଇଥାଏ । ମାତ୍ର ମର୍ତ୍ତ୍ୟରେ ଅନୁଷ୍ଠିତ ହୋଇଥାଏ ।

କିଛି ବର୍ଷ ବିତିଗଲା ଆପଣାଛାଏଁ । ହସଖୁସି ମଜାମଜଲିସରେ ବିତିଯାଉଥିବା ସମୟରେ ବିଧାତା ସତେକି ବ୍ରେକ୍ ଲଗାଇଦେଲା । ସମୁଦ୍ର ବେଳାଭୂମିରେ ପଡିଥିବା ପ୍ରେମର ପଦଚିହ୍ନକୁ ସତରେ ଧୋଇନେଇଗଲା ଜୁଆର । ଗରିବଘରର ଝିଅ ନତା ନିଜ ବଂଶ ଆଭିଜାତ୍ୟକୁ ଭୁଲିଗଲା । ନତାର ଗରିବୀପଣିଆକୁ ଉଚ୍ଚରେ ରଖି ରିଜୁ ସବୁ ପ୍ରକାର ସାହାଯ୍ୟ ଅଜାଡି ଦେଉଥିଲା, ଜୀବନସାଥୀ ରୂପେ ଗ୍ରହଣ କରି ନତା ଘରେ ଅମୂଲମୂଲ

ISSN NO.
2582-208X

ଥୋଇ ଦେଇଥିଲା, ଏତେ ଶିଘ୍ର ଭୁଲିଗଲା କେମିତି ନତା । ନତାର ବାପ ମା ଭାଇ ବି କେମିତି ହତାଦାର କଲେ ରିଜୁକୁ !! ନତାର ଏକ ସଙ୍ଗୀନ ଅଭିଯୋଗ- ରିଜୁ ପ୍ରତିଦାନରେ ଦେଇଛି କଅଣ ! ମୋ ଯୌନଲାଲସାକୁ ଚରିତାର୍ଥ କରିପାରିଛି କ ? ଗୋଟେ ପୁରୁଷର ମାଦକତା ଦେଇପାରିଛି କ । ମୁଁ ମା ହେବାକୁ ଗ୍ରହେଁ । ତା ବକ୍ଷୋଜରେ ସିନା ମାଦକତା ଅଛି ହେଲେ .. ହେଲେ ତା ଦେହର ଭୋକକୁ କଏ ମେଣ୍ଟେଇପାରିବ ।' ବିଶେଷ କଛି କହି ନ ପାରିଲେ ବି ବୁଝିହେଉଥିଲା ନତାର ଅସୌଜନ୍ୟ ଅଭିଯୋଗ । ନତା ଭୁଲିଗଲା କଲେଜ ପଢା ସମୟର ଘଟଣାବଳୀ । ଭୁଲିଗଲା ନଜସ୍ୱ ଆତ୍ମୀୟତା । ଭଲପାଇବା । ରିଜୁକୁ ହତାଦାର କଲା । ରିଜୁ ପ୍ରାଣପଣେ ବୁଝାଇଲା ନିତାକୁ । କାହିଁକି ଏତେ ଅବୋଧ ଶିଶୁ ପରି ହେଉଛୁ ନିତା । ତୋ ବାହୁବେଷ୍ଟନୀରେ ମୋତେ ବାନ୍ଧି ଦେ । ମୋ ଦେହଟିକୁ ଖୁଲମଖୋଲା ଭାବରେ ଦେଖି ମଥାରେ ସିନ୍ଦୂର ପିନ୍ଧାଇଲା ପରେ ବି ମୋ ପ୍ରତି ଏକ ଘୃଣ୍ୟ ଭାବ କାହିଁକି । ଏଇଟା କଣ ଏକଚାଟିଆ ଭଲପାଇବା ?

ରିଜୁ ଆଖିରେ ଶ୍ରାବଣର ବାରିଧାରା । ତା ପୋଟଳଚିରା ଆଖିରୁ ଝରିଯାଉଛି ଅବିଶ୍ରାନ୍ତ ଭାବେ । କୂଳ ଲଂଘିଯାଉଛି ଫେନିଳ ନଈବଢି ପରି । ତକିଆରେ ମୁଣ୍ଡ ଥାପି କଇଁ କଇଁ କାନ୍ଦିଲା । ତା ମୁହଁଟା ଅମା ଅନ୍ଧାର ରାତି ପରି କୁହୁଳି ଉଠିଲା । ନିଜ ଅସଜଡ଼ା ଯନ୍ତ୍ରଣାକୁ ପ୍ରକାଶ କରିପାରିଲାନି ବରଂ ଏକାକୀତ୍ୱ ଯନ୍ତ୍ରଣାରେ ଛଟପଟ ହେଲା ।

ନିତା ନିଜ ଅହଂରେ ଜଳୁଥିଲା । ରିଜୁର ମାଉଁସିଆ ଖୋଲାଦେହକୁ ଚାଖୁଲାପରେ କେମିତି ଭୁଲିଗଲା ଆପଣାଛାଏଁ । ରିଜୁର ସାହାଯ୍ୟ ସହାନୁଭୂତି ଅନୁକମ୍ପାକୁ ପାଦରେ ଆଡେଇଦେଲା। ଏକାକିନୀ ହୋଇ ବଞ୍ଚିପାରିବ ତ !! ତେବେ କାହିଁକି ଦୁଇଟି ଝିଅ ପରସ୍ପରକୁ ଭଲ ପାଇ ବିବାହ କଲେ । ଶାରୀରିକ ସୁଖ ପାଇଁ ନା ମାନସିକ ସୁଖ ପାଇଁ। ଏ ଭଲପାଇବାର ମାନେ କ'ଣ ? (ଏକ ସତ ଘଟଣାର ଅବତାରଣାରେ)

ଏଲ୍.ଆଇ.ଜି ୧୫
ନୟାପଲ୍ଲୀ ବ୍ରିଟ୍ କଲୋନୀ, ଭୁବନେଶ୍ୱର
୭୦୦୮୧ ୪୨୦୪୦

ISSN NO.
2582-208X

# ଭକ୍ତ ପ୍ରହଲାଦ



ସୁବ୍ରତ କୁମାର ପ୍ରଧାନ

ମହାବଳୀ ଦୈତ୍ୟ ହିରଣ୍ୟକଶିପୁ
ସତ୍ୟ ଯୁଗରେ ପ୍ରତାପ
ତ୍ରିଭୁବନ ଜୟୀ ବ୍ରହ୍ମା ବରେ ହେଲା
କରିଣ ଅସାଧ୍ୟ ତପ ।
ଆଶ୍ରମ ବାସିନୀ କୟାଦୁ ଗରଭୁ
ଜନ୍ମି ଭକ୍ତ ପ୍ରହଲାଦ
ଦାନବ କୂଳରେ ଜନମି ଥିଲେବି
ହରି ନାମେ ଗଦଗଦ ।
ନିର୍ମମ ଦନୁଜ ଅତି ଅହଂକାରୀ
ସୀମା ଟପେ ଅତ୍ୟାଚାର
ନାରାୟଣ ନାମ ଶୁଣିଲେ କର୍ଣ୍ଣରେ
ପ୍ରାଣ ନିଏ ତତପର ।
ଅହର୍ନିଶି ବିଷ୍ଣୁ ଭକ୍ତି ଦେଖି ପିତା
କଟୁବାଣୀ ନାନା ଭାଷି
ହରି ବିଷ୍ଣୁ ନାମ ନନେବୁ ତୁଣ୍ଡରେ
ପ୍ରାଣ ଦେବି ନିଷ୍ଠେ ନାଶି ।
ଜୀବ ଗଲେ ଯାଉ ନାରାୟଣ ନାମେ
ସେହି ମୋ ପ୍ରାଣ ପସରା

ISSN NO.
2582-208X

ଆଜୀବନ ମୁଖେ ଥାଉ ତବ ନାମ
କୁଟା ଖିଅ ର ଆସରା ।
ଅଗ୍ନି ରେ ଜଳାଇ ପାଣିରେ ବୁଡାଇ
ଫିଙ୍ଗିଲେ ପର୍ବତୁ ନେଇ
ଭକ୍ତ ପ୍ରହଲାଦ ଏକ ଚିତ୍ତ ଧ୍ୟାନେ
ବିଷ୍ଣୁ ନାମ ଭଜୁ ଥାଇ ।
ସର୍ପ ମୁଖେ ଦେଲେ ପ୍ରହଲାଦେ ନେଇ
ନକଲେ କିଞ୍ଚିତେ କ୍ଷତି
ହିରଣ୍ୟକଶିପୁ ସ୍ୱପ୍ନ ଧୂଳି ହେଲା
ଦେଖି ପୁତ୍ର ବିଷ୍ଣୁ ଭକ୍ତି ।
ଲୁହା ଖୁମ୍ବେ ନେଇ ପିଟିଲା ତୁରିତେ
ଉଭା ହେଲେ ନରସିଂହ
ଅର୍ଦ୍ଧ ନର ସିଂହେ ବିକଟାଳ ବେଶେ
ଭାଙ୍ଗିଲେ ଦୈତ୍ୟ ର ଦମ୍ଭ ।
ଜାନୁ ପରେ ରଖି ବିଦାରି ହୃଦକୁ
ବୁହାଇଲେ ରକ୍ତ ନଦୀ
ତ୍ରିପୁର କମ୍ପିଲା ଭକ୍ତ ପାଇଁ ପ୍ରଭୁ
ଯୁଗେ ଯୁଗେ ଛନ୍ତି ରହି ।
ଭକତ ପ୍ରହ୍ଲାଦ ଶିଶୁ ହେଲେ ମଧ୍ୟ
ଭକତି ରେ କଲେ ବଶ
ବିଷ୍ଣୁ ଙ୍କ ଅପାର କୃପାରେ ଜଗତ
କାଳ କାଳୁ ଅଛି ଯଶ ।

ଗୋପୀବଲ୍ଲଭପୁର, କୋଶଳା
ଅନୁଗୋଳ, ୭୫୯୧୩୦
ମୋ - ୯୮୬୧୯୭୦୪୧୮

ଫେବୃୟାରୀ-୨୦୨୩
www.vedantimagazine.com
ISSN NO.
2582-208X

# ବୁଢା କୋଇଲିର କୁହୁ



ଶେଷଦେବ ପଣ୍ଡା

ଗାଉଥିଲି ଗାଉଛି ଗାଉଥିବି
ଫିଙ୍ଗିବି କୋଉଠିକୁ
ବିଧାତାଦତ୍ତ ମୋ' ସ୍ୱର,
ବର୍ଷଚକ୍ର ଘୂରିଲେ
ଘନେଇ ଆସିବ ବସନ୍ତ,
ଗଛବୃକ୍ଷରେ କଅଁଳିବ
ରମ୍ୟ ସବୁଜ କିଶଳୟ,
ମୋତେ କରିବ ଆନମନା,
ଚୂତ ଡାଳେ ହେବି ବକବାସ୍,
ଘୁମେଇ ପଡୁଥିବି,
ଚେଇଁ ଉଠୁଥିବି,
ମୋ' ଯୋଗ୍ୟ-ଅଯୋଗ୍ୟପଣ
ଜାଣିନି ଜମାରୁ,
କେବଳ ଜାଣିଛି ମୋ' ଗୀତ ପାଇଁ
କେହି ଶ୍ରୋତା ଛନ୍ତି ପ୍ରତୀକ୍ଷିତ,
ହେବାକୁ ଗୋଟାପଣେ ହର୍ଷିତ,
ପୁଲକିତ ଆଉ ଉତଫୁଲ୍ଲିତ ।

ସ୍ନାତକ ଶିକ୍ଷକ (କଳା)
ସ୍ୱୟଂଜ ସରକାରୀ ଉଚ୍ଚ ବିଦ୍ୟାଳୟ
ଘସିଏନ୍,ପାଟଣାଗଡ,ବଲାଙ୍ଗିର

ISSN NO.
2582-208X

# ଭଲକାମ କରି ରଖିବି ନାମ



ବିନୋଦିନୀ ଦାଶ

ଜନମ ଦେଇଛ ଚେତନା ଭରିଛ
ସଫଳ କରାଅ ମୋର ଉଦ୍ୟମ
ବିନତି ପୂରଣେ ନିଷ୍ଚୟ ପ୍ରଭୁ ହେ
ଭଲକାମ କରି ରଖିବି ନାମ ।

ମାନି ଚଳୁଥିବି ପିତାମାତା ବାକ୍ୟ
ଉତ୍ତମ ପୁତ୍ରର ଲକ୍ଷଣ ଧରି
ତାଙ୍କ ସେବା ମୋର ପରମ କର୍ତ୍ତବ୍ୟ
ଦେବି ନାହିଁ କେବେ ମନୁ ପାଶୋରି ।

ଗୁରୁ, ଗୁରୁଜନ, ମୋର ପ୍ରିୟଜନ
ଯେଉଁମାନଙ୍କର ମୋ ହିତେ ମତି
ମାଥେ ବୋଳି ତାଙ୍କ ନୀତି ଆଦରଶ
ସୁପଥରେ ଥିବ ମୋହର ଗତି ।

ISSN NO.
2582-208X

ଦୀନ ଅସହାୟ ଦୁଃଖୀରଙ୍କୀଙ୍କର
ସେବାକୁ କରିବି ଜୀବନ-ବ୍ରତ
ସେନେହ ମମତା ମହକ ଛୁଟାଇ
ସକଳର ପରାଣ ମହକିତ ।

ମୋର ପରିବେଶ ମୋହ ପାଇଁ ସ୍ୱର୍ଗ
ମନ-ପ୍ରାଣ ଢାଳି ସଜାଉଥିବି
ବୃକ୍ଷଲତା ଆମ ପରମ ମଇତ୍ର
ଏକଥାକୁ ସଦା ମନେ ରଖିବି ।

ପରିବେଶ ସୁସ୍ଥ ଆମେ ହେବା ସୁସ୍ଥ
ହୃଦୟୁ ହୃଦୟ ବାର୍ତ୍ତା ବପନ
କଳକାରଖାନା ଧୂଆଁର ବଳୟୁ
ମୁକତିରେ ପା'ନ୍ତି ନବଜୀବନ ।

ଦେଶମାତୃକାର ସୁରକ୍ଷା ନିମିତ୍ତ
ମଣିବି ନିଜର ଜୀବନ ତୁଚ୍ଛ
ଅରାତି ଆଗରେ ନଇଁବନି ମଥା
ଫେରିବନି ମନ କେବେ ବି ପଛ ।

ଅସାଧୁ ବ୍ୟକ୍ତିଙ୍କ ମନ ଜୟ କରି
ଢାଳିବି ହୃଦୟେ ପ୍ରୀତି-ଅମୃତ
ଅବାଟକୁ ତ୍ୟାଗୀ ସତପଥେ ଚାଲି
ଜୀବନେ ଖୋଜିବେ ଜଗତ ହିତ ।

ISSN NO.
2582-208X

ଆପଣାପଣର ପରଶେ ସଭିଏଁ
ଗର୍ବ ଅହଂକାର ମନରୁ ଭୁଲି
ମାନବିକ ଗୁଣେ ସମ୍ପର୍କ ବନ୍ଧନେ
ନିତି ହସଖୁସି ଧରିବେ ତୋଳି ।

ଦେଶର ପ୍ରଗତି ମୋ ଜୀବନ ଲକ୍ଷ୍ୟ
ଢାଳିଦେବି ମୋର ମନ-ପରାଣ
ମୋ ଦେଶ ମାଆର ମାଟିମଟାଳରେ
ଧନ୍ୟ ହେଉଥିବ ମୋର ଜୀବନ ।

କୁରୁଆଁ, ମୁଗପାଳ, ଯାଜପୁର

ISSN NO.
2582-208X

# ଜୁଆନ



ପ୍ରଦୀପ କୁମାର ପଣ୍ଡା

ହାତରେ ଚପଳ ହଳକ ଏବଂ ଅନ୍ୟ ହାତରେ  ଛତାଟିଏ ଧରି ବନ୍ଧ ହିଡରେ ଅତି ସନ୍ତର୍ପଣରେ ପାଦ ପକାଇ ଆଗକୁ ଆଗକୁ ବଢୁଥାଏ । ପିନ୍ଧିଥାଏ ଆକାଶୀ ସାର୍ଟ ସହିତ ବାଇଗଣି ସମ୍ବଲପୁରୀ ଲୁଙ୍ଗି । କହିବା ବାହୁଲ୍ୟ ସେ ପରିସ୍ଥିତିରେ ଫୁଲ୍ ପେଣ୍ଟ ପିନ୍ଧି ଯିବା ସମ୍ଭବ ନ ଥିଲା । ଧାରା ଶ୍ରାବଣର ସ୍ପର୍ଶରେ କର୍ଦ୍ଦମାକ୍ତ ହେବା ସହିତ ପଥଟି ପିଚ୍ଛିଳ ହୋଇ ପ୍ରତି ପଦେ ଯେପରି ବିପଦ ଅପେକ୍ଷା କରିଥାଏ । ଗୋଟିଏ ପଟେ ଗଭୀର ଜଳରାଶି  ଅନ୍ୟ ପଟରେ ପ୍ରାୟ ଷାଠିଏ କି ସତୁରୀ ଫୁଟର ଖାଳ । ଆକାଶରେ କଳାହାଣ୍ଡିଆ ମେଘ ରହି ସନ୍ଧ୍ୟାର ଭ୍ରମ ସୃଷ୍ଟି କରୁଥାଏ । ଅସରାକୁ ଅସରା ବର୍ଷା ହେବା ସହିତ ମଝିରେ ମଝିରେ ଦୃଷ୍ଟି ଆକର୍ଷଣକାରୀ ଶବ୍ଦ ସହିତ ବିଜୁଳି ତା'ର ଗୋରା ତକ୍‌ତକ୍ ଚେହେରା ପ୍ରଦର୍ଶନ କରୁଥାଏ । ସୂର୍ଯ୍ୟଙ୍କ ଦେଖା ନ ଥାଏ । ବିକ୍ରମାଦିତ୍ୟଙ୍କ ବେତାଳ ସାଧନା ପରି ଝଡ ବର୍ଷାର ଶୂନଶାନ ପଥ ପରେ ମୁଁ ଏକା ଏକା ଆଗେଇ ଚାଲିଥାଏ । ଏହା ହେଉଛି ୨୦୦୮ ଅଗଷ୍ଟ ମାସର ଘଟଣା । ପାହାଡ଼ର ପାଦଦେଶରେ ଜଙ୍ଗଲ ମଧ୍ୟରେ ଆଦିବାସୀ ଅଧ୍ୟୁଷିତ ଏକ ଛୋଟିଆ ବସ୍ତି । ନାଁ ହାତୀଛାପଲ । ବସ୍ତି କହିଲେ ପନ୍ଦର କି କୋଡିଏ ଚାଳଘର । ସମସ୍ତେ ଗରିବ ଶ୍ରେଣୀର । ଜୀବନ ଜୀବିକା ପାଇଁ କେତେ ବେଳେ ବଣଜଙ୍ଗଲ ଉପରେ ତ କେତେବେଳେ ଅନ୍ୟର ମୂଳଲାଗିବାକୁ ନିର୍ଭର କରିଥାନ୍ତି । ସମସ୍ତେ ସରଳ, ଆଜିର କଳୁଷିତ ସମାଜ ନିକଟରୁ ବହୁ ଦୂରରେ ସେମାନେ । ବସ୍ତିର ସମସ୍ତେ ଖ୍ରୀଷ୍ଟିଆନ । ମୋ ନିଜ ଗାଁରେ ସ୍ୱେଚ୍ଛାସେବୀ ଭାବରେ ପିଲାମାନଙ୍କୁ ପାଠ ପଢାଉଥିଲି । ଓଡ଼ିଶା ସରକାରଙ୍କ

ISSN NO.
2582-208X

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସେଇ ବସ୍ତିରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ପ୍ରଥମ କରି ଯୋଗ ଦେବାକୁ ନିର୍ଦ୍ଦେଶ ଆସିଥାଏ । ସେଥିପାଇଁ ଏପରି ଧାରାଶ୍ରାବଣରେ କିଛିକୁ ଖାତିର ନ କରି ଗନ୍ତବ୍ୟ ସ୍ଥଳକୁ ଅଗ୍ରସର ହେଉଥାଏ । ହିଡ ପାର ହେଲା ପରେ ପରେ କିଛି ଦୂର ବୁଦାଳିଆ ବଣପ୍ରାନ୍ତର। ଗଛଲତାମାନଙ୍କରେ ବର୍ଷା ଜଳ ପଡ଼ିବା ଶବ୍ଦ ପରିବେଶକୁ ଆହୁରି ଭୟଙ୍କର କରୁଥାଏ । ମନରେ ଆଶଙ୍କା ଜାତ ହେଉଥାଏ, ମୁଁ ଘଞ୍ଚ ଅରଣ୍ୟ ଆଚ୍ଛାଦିତ ସୁଉଚ୍ଚ ପାହାଡ଼ ଦିଗକୁ ଅଗ୍ରସର ହେଉ ନାହିଁ ତ ! ମନକୁ ସାହସ ଦେବା ପାଇଁ ମଣିଷ ତ ମଣିଷ କୋକିଶିଆଳିଟିଏ ମଧ୍ୟ ଦେଖାଯାଉ ନ ଥାନ୍ତି । ମନ ମଧ୍ୟରେ ବସ୍ତିର ନାମ ସ୍ମରଣ ମାତ୍ରକେ ଅଜଣା ଆତଙ୍କରେ ଦେହ ଶିତେଇ ଉଠୁଥାଏ । ପେଟପାଟଣାର କଥା । ଜୀବନରେ ସମସ୍ୟା ରହିବ । ତାକୁ ଶତ ଚେଷ୍ଟା କଲେ ସୁଦ୍ଧା ଦୂର କରିହେବ ନାହିଁ । ପଳାୟନପନ୍ଥୀ ହେଲେ ପରାଜୟ ଲଭିବାକୁ ପଡେ । ସମାଜରେ ମୁଣ୍ଡ ଟେକି ଚାଲି ହୁଏ ନାହିଁ । ସମ୍ମାନ ହୀନ ମଣିଷ ଚଳାବୁଲା କରିପାରୁଥିବା ଗୋଟିଏ ଜୀବନ୍ତ ଶବ ମାତ୍ର । ମନକୁ ଦୃଢ଼ କଲି । ବୀରର ଥରେ ମରଣ ହୁଏ । କିନ୍ତୁ ଭୀରୁ କାପୁରୁଷର ବାର ବାର ମୃତ୍ୟୁ ହେଉଥାଏ । ଜୀବନ ଯୁଦ୍ଧରେ ହାରି ପଳାୟନପନ୍ଥୀ ହେବି ନାହିଁ । ସଂଗ୍ରାମ ଅବଶ୍ୟ କରିବି । ମନ ମଧ୍ୟରେ ତୁହାକୁ ତୁହା ପ୍ରଶ୍ନମାନ ଉଙ୍କି ମାରୁଥାଏ । ବସ୍ତିର ଏପରି ନାମକରଣ କିପରି ହେଲା ? କିଏ ଏପରି ନାମକରଣ କଲା ? ଏହାର ପୃଷ୍ଠଭୂମି କ'ଣ ? ଏହି ଅରଣ୍ୟ ମଧ୍ୟରେ ରାସ୍ତା ନଥିବା ସ୍ଥାନରେ କିଏ କାହିଁକି ବସ୍ତି ସ୍ଥାପନ କଲା ? ସତରେ ତାଙ୍କୁ ଭୟ ଲାଗେ ନା ନାହିଁ ? ଏ ସମୟରେ ମନମସ୍ତିକରେ ମୋର ଗୋଟିଏ କାଳ୍ପନିକ ଚିତ୍ର ଝଳସି ଉଠିଲା । ପ୍ରେକ୍ଷାଳୟରେ ଦେଖାଯାଉଥିବା ହରର୍ ଚଳଚ୍ଚିତ୍ର ପରି । ଶୂନଶାନ ପଥ ଅତିକ୍ରମ କରିବାର ସମୟରେ ହଠାତ୍ ଦଳେ ବଣୁଆ ହାତୀ ଜଙ୍ଗଲ ମଧ୍ୟରୁ ବାହାରି ପଥରୋଧ କଲେ । ମତେ ଘେରି ଶୁଣ୍ଢ ଟେକି ପେଁ ପେଁ ଶବ୍ଦ କଲେ । ହୃଦୟରେ ଭୟ ଜାତ ହେବାରୁ ହରର୍ ଚଳଚିତ୍ରର ଯବନିକା ପଡ଼ିଗଲା । ବାସ୍ତବତାକୁ ଫେରି ଦେଖିଲି ସେପରି କିଛି ନାହିଁ । ଅବଶ୍ୟ ପରେ ପରେ ବଣୁଆ ହାତୀପଲ ସୈନ୍ୟବାହିନୀ ମାର୍ଚ୍ଚ କଲା ପରି ରାସ୍ତା ଅତିକ୍ରମ କରୁଥିବା ଦୃଶ୍ୟ ନିକଟରୁ ଦେଖିବାର ସୌଭାଗ୍ୟ ଲାଭ କରିଛି । ସେ ସମୟରେ ମୁଁ ମର୍ମେ ମର୍ମେ ଅନୁଭବ କରିଛି, ବିନା

ISSN NO.
2582-208X

କାରଣରେ ବଣରେ ବାସ କରୁଥିବା ଜୀବଜନ୍ତୁ ମଣିଷକୁ ଲାଗନ୍ତି ନାହିଁ । ଏସମୟରେ ଦୂରରେ ଗଛପତ୍ର ହଲିବା ଶବ୍ଦ ଶୁଣି ଅଜଣା ଆତଙ୍କରେ ମୋର ଦେହ ଶିତେଇ ଉଠିଲା । ଏପରି ବେଶ କିଛି ସମୟ ବିତିଗଲା । ଦେଖିଲି କଳା ରଙ୍ଗର ଲୋକଟେ ଗଛ ଉହାଡରୁ ବାହାରି ଆସୁଛି । ନଦୀରେ ଭାସିଯାଇ ଥିବା ଲୋକର କୁଟାଖିଅ ଆଶ୍ରା ପରି ଅଜ୍ଞାତ ହେଲେ ସୁଦ୍ଧା କିଛିଟା ଭୟ ଦୂର ହେଲା । ପରନ୍ତୁ ପରମୂହୁର୍ତ୍ତରେ ଅତ୍ୟଧିକ ଭୟ ଗ୍ରସ କଲା । ଲୋକମୁଖରେ ପ୍ରଚାରିତ ହୋଇଥିବା ତଥା ବହିରେ ପଢିଥିବା କଥା, ମଣିଷ ମାରି ତା'ର ତାଜା ରକ୍ତରେ ଏମାନେ ଚାଷ ଅନୂକୁଳ କରନ୍ତି । ପ୍ରବାଦ ଅଛି, ବାହାରଲୋକଙ୍କୁ ନ ପାଇଲେ ନିଜ ଜ୍ଞାତି କୁଟୁମ୍ବ ମଧ୍ୟରୁ ଜଣକୁ ହତ୍ୟା କରନ୍ତି । ପରେ ପରେ ତାଙ୍କ ସହିତ ମିଶିଲା ପରେ ଏହାର ସତ୍ୟତା ଉପରେ ମୋର ସନ୍ଦେହ ହେଲା । ଏଲୋକମାନେ ଏତେ ନିଷ୍କପଟ ଆଉ ସରଳ ଯେ ସେପରି ଅମାନବୀୟ କ୍ରୁର କାର୍ଯ୍ୟ କରିବା ଏ ମାନଙ୍କ ପାଇଁ ସ୍ୱପ୍ନ ଅଟେ । "ଏ ବାବୁ, ବାବୁ କେନ ଆଡେ ଯିବୁ ? କାକେ ଖୁଜୁଛୁ ? "ତା'ର କର୍କଶ ଡାକରେ ବନଭୂମି ପ୍ରକମ୍ପିତ ହୋଇ ଉଠିଲା । ପ୍ରଶ୍ନର ପୁନରାବୃତ୍ତି କରନ୍ତେ ଭିତରେ ଭୟ ଥିଲେ ମଧ୍ୟ ସାହସ ବାନ୍ଧି ହାତୀଛାପଲ ସ୍କୁଲରେ ପାଠ ପଢାଇବାକୁ ଆସିଛି ବୋଲି କହିଲି। ଲୋକଟି ଦେଖିବାକୁ କଳା ହେଲେ କ'ଣ ହେବ, ତା'ର ଆତ୍ମିୟତାରେ ମୁଁ ଅଭିଭୂତ ହୋଇଗଲି । ମତେ ଜାଣିବା ପରେ ଆନନ୍ଦରେ ତା'ର ଚକ୍ଷୁ ବିସ୍ଫୋରିତ ହେଲା । ମୁହଁରେ ଫିକ୍ କିନା ହସଟେ ହସି ମତେ ତା ଭାଷାରେ ସ୍ୱାଗତ ଜଣାଇଲା । ମୋର ଗାଇଡ ଭାବରେ ଗାଁ କୁ ବାଟ କଢାଇ ନେଲା । ଯିବା ବାଟରେ କଥାବାର୍ତ୍ତା ଛଳରେ ଅନେକ ଅନେକ କଥା କହିଲା । ତା ନାଁ ଜୁଆନ । ବୟସର ଅପରାହ୍ନରେ ହେଲେ ମଧ୍ୟ ଶରୀରରେ ଭରି ରହିଛି ଅଫୁରନ୍ତ ଶକ୍ତି, ମନରେ ଅମାପ ବଳ । କାହାକୁ ଜୀବନରେ ମିଛ କହି ନାହିଁ କି କପଟ କରିନି । ମଣିଷର ପ୍ରକୃତ ଧର୍ମ କ'ଣ ଜାଣି ନଥିଲେ ବି ମଣିଷ ପଣିଆ ଉଦ୍ଭାଷିତ ହୋଇ ଉଠୁଥାଏ ତା'ଠାରେ । ସେ ବାହା ହୋଇ ପୁଅଝିଅ ଦୁହିଁଙ୍କୁ ବାହା କଲାଣି । ତଥାପି, ଆଜି ବି ସେ ଜୁଆନ (ଯୁବକ, Young) । ପରବର୍ତ୍ତୀ ସମୟରେ ସେ ହୋଇଥିଲେ ମୋର ଅତି ବିଶ୍ୱସ୍ତ ତଥା ଆଦରର ସମ୍ମାନୀୟ ଗୁରୁଜନ । ସଂସାର ସାଗର ପାର ହେବା ପାଇଁ ପ୍ରତିକ୍ଷେତ୍ରରେ ସେ ପରାମର୍ଶ ଦେଇଛନ୍ତି, ସାହାଯ୍ୟ ସହଯୋଗ ଦେଇଛନ୍ତି । ରୋଷେଇ

ISSN NO.
2582-208X

ଠାରୁ ଆରମ୍ଭ କରି ଦେହ ଅସୁସ୍ଥ ହେଲେ ବନୋଷଧିର ବ୍ୟବହାର, ଶିକ୍ଷକତା ଠାରୁ ସମାଜ ମଝିରେ ବସି ବିଭିନ୍ନ ସମସ୍ୟାର ସମାଧାନ ପରି ଅନେକ କଥା ତାଙ୍କ ନିକଟରୁ ଶିକ୍ଷା ଲାଭ କରିଛି । ହଠାତ୍ ଦିନେ ଶୁଣିଲି ଯେ ଦିନେ ସମସ୍ତଙ୍କୁ ବନୋଷଧି ଚିକିତ୍ସାରେ ଭଲ କରୁଥିଲେ, କୌଣସି ଏକ ଅଜଣା ରୋଗରେ ହଠାତ୍ ପୀଡିତ ହୋଇ ସ୍ୱର୍ଗାରୋହଣ କଲେ । ସେ ଦିନ ସ୍କୁଲ ଛୁଟି ଥିବାରୁ ମୁଁ ତାଙ୍କର ପାର୍ଥିବ ଶରୀରର ଅନ୍ତିମ ଦର୍ଶନ କରି ପାରିଲି ନାହିଁ । ପରବର୍ତ୍ତୀ ଦିନ ଶୁଣିଲା ପରେ ଲୋତକ ପୂର୍ଣ୍ଣ ଚକ୍ଷୁରେ ତାଙ୍କ କବର ନିକଟକୁ ଯାଇ ପୁଷ୍ପାଞ୍ଜଳି ପ୍ରଦାନ କରି ସ୍ୱଗାରୋକ୍ତି କରି କହିଲି, "ଜୁଆନ, ତୁମେ ମରି ପାରିବନି, ତୁମେ ଅମର । ତୁମେ ପାର୍ଥିବ ଶରୀରକୁ ତ୍ୟାଗ କରିଥିଲେ ମଧ୍ୟ ମୋ ମନରେ ତୁମେ ସଦାସର୍ବଦା ଜୀବିତ ରହିବ ।" ପୁନଶ୍ଚ ଜୁଆନଙ୍କ ଉଦ୍ଦେଶ୍ୟରେ ତାଙ୍କ କବରକୁ ପ୍ରଣାମ ଜଣାଇ ଧିରେ ଧିରେ ଫେରିଆସିବା ବାଟରେ ଭାବୁଥିଲି ଜୁଆନଙ୍କ ପାର୍ଥିବ ଶରୀର ତ୍ୟାଗ ସହିତ ସେଇ ବସ୍ତି ପାଇଁ ଗୋଟିଏ ଯୁଗର ଅବସାନ ହୋଇଗଲା ।

ନୂଆ ବରଙ୍ଗମଲ, ଯୁଜୋମୁର୍,
ସମ୍ବଲପୁର-୭୬୮୧୧୨
Mob no 9937396778

ISSN NO.
2582-208X

# ଭଙ୍ଗା ହୃଦୟ



ବାଙ୍କାବିହାରୀ ମହାକୁର

ଦରବ ଭାଙ୍ଗିଲେ ଜାଣନ୍ତି ସଭିଏଁ
ରହିଯାଏ ତହିଁ ଚିହ୍ନା
ହୃଦୟ ଭାଙ୍ଗିଲେ ନ ଜାଣନ୍ତି କେହି
ଜାଣେ ଏକା ସିଏ ସିନା ।

ଦେଖି ହୁଏନି କି ଦେଖାଇ ହୁଏନି
ଭାଙ୍ଗିବା ପ୍ରମାଣ ଦେଇ
ଅନ୍ତର ବେଦନା ସହିବାକୁ ହୁଏ
ଲାଭ କିଛି ନାହିଁ କହି ।

ମନରୁ ବିଶ୍ୱାସ ହୋଇଯାଏ ଶେଷ
ହୃଦୟେ ଉଠେ ସଂଶୟ
ବାସ୍ତବତା ଭାବି ମରୀଚିକା ପଛେ
ନଷ୍ଟ କରିଲି ସମୟ ।

ଅନ୍ୟେ ଦୋଷ ଦେଇ କି ଲାଭ ପାଇବି
ଏଇଟା ମୋ ଉପହାର

ISSN NO.
2582-208X

ଭଙ୍ଗା  ହୃଦୟକୁ  ଭଙ୍ଗା ନାବ ପରି
ଲଙ୍ଘିବି ସଂସାର ଧାର ।

ଭଙ୍ଗା ହୃଦୟ କି ଯୋଡି ହେବ ଆଉ
ରହିବ କି ପୂର୍ବ ଭାବ
ନିଃସଙ୍ଗ ବାଟୋଇ ଜୀବନ ବିତାଇ
ମୋତେ ବଞ୍ଚିବାକୁ ହେବ ।

ମୋ ହୃଦୟ ଭାଙ୍ଗି ଚାଲିଗଲ  ଭାବି
କରିବି ନି ଅଭିମାନ
ସଦା ହରସରେ ବିତୁ ତୁମ ଦିନ
ପୂର୍ଣ୍ଣ ହେଉ ସବୁ ସ୍ୱପ୍ନ ।

ବୁରୁବୁଡା
ବୀରମହାରାଜପୁର, ସୁବର୍ଣ୍ଣପୁର

ISSN NO.
2582-208X

# ପରିବାର



ରମେଶ ଚନ୍ଦ୍ର ବେହେରା

ଆମ ପରିଚୟ ଆମ ପରିବାର
ସ୍ନେହ ମମତାରେ ବନ୍ଧା
ବିଶ୍ୱାସ ଭରସା ଅଛି ଆମ ଠାରେ
ଯିଏ ଯେତେ କରୁ ନିନ୍ଦା ।

ଅନ୍ୟର ହୃଦୟ ଭାଙ୍ଗିବା ସହଜ
ଯୋଡି ହେବା ବହୁ କଷ୍ଟ
ମାନ ଅଭିମାନ ରଖିଲେ ମନରେ
ସମ୍ପର୍କ ହୋଇବ ନଷ୍ଟ ।

ମଣିଷ ଜୀବନ ସର୍ବଶ୍ରେଷ୍ଠ ଅଟେ
ପଢି ଲେଖି ବୁଝି ପାରେ
ସବୁ ଜାଣି ପୁଣି କପଟ କରିଲେ
ନିଜକୁ ନିଜେ ସେ ହାରେ ।

ପରିବାର ଏକ ସୁନ୍ଦର ସମଷ୍ଟି
ସ୍ନେହ ଆଶୀର୍ବାଦ ଭରା

ISSN NO.
2582-208X

ନିଜ ନିଜ ମଧ୍ୟେ ସମ୍ପର୍କ ରଖିବା
ରଖି ଭଲ ଚିନ୍ତାଧାରା ।

ଅନେକ ଫୁଲର ମିଳନ ହୋଇଲେ
ଗଢ଼ାଯାଏ ଏକ ହାର
ଗୋଟାଏ ରଜ୍ଜୁରେ ବାନ୍ଧି ହେଲେ ଆମେ
ହୋଇବ ସୁ ପରିବାର ।

ଧନ ସମ୍ପତ୍ତିର କି ମୂଲ୍ ରହିବ
ମନରେ ଥିଲେ କପଟ
ଦୁଃଖ ସୁଖ ବେଳେ ପାଖେ ବସିବେନି
ଇଜ୍ଜତ ହୋଇବ ନଷ୍ଟ ।

ଆସ ମୋର ଭାଇ ଏକତ୍ର ହୋଇବା
ହେବା ନାହିଁ ସ୍ୱାର୍ଥପର
ଅନ୍ୟର ଖୁସିରେ ଖୁସି ହେବା ଆମେ
ଗଢି ଏକ ପରିବାର ।
(ନୀଳାଚଳ ପରିବାର)

ବାଟି, ସିମୁଳିଆ, ବାଲେଶ୍ୱର
ମୋ-୯୯୫୮୩୭୫୫୨୯

ISSN NO.
2582-208X

# ଭାତୃପ୍ରେମ



ବର୍ଷାରାଣୀ ମହାମଲ୍ଲିକ

କେତେ ଭ୍ରାତୃପ୍ରେମ କେତେ ସ୍ନେହ ଶ୍ରଦ୍ଧା
ପ୍ରମୁଖ ଦୃଷ୍ଟାନ୍ତ ରାମାୟଣ ର,
ଧନ୍ୟ ସେ ପୁରୁଷ ଜନ୍ମଦାତାଦାତ୍ରୀ
କଥା ରାମ ଭରତ ର।।

ବର ମାଗିନେଲେ ଦେବୀ କୈକେୟୀ
ରାଜା ଦଶରଥ ଠାରେ,
ମୋ ପୁତ୍ର ଭରତ ନୃପରାଜ ହେଉ
ଚଉଦ ବର୍ଷ ପାଇଁ ରାମ ଯାଉ ବନପୁରେ।।

ରାଜା ଦଶରଥ ଧର୍ମ ର ପାଇଁକି
ବଚନ କୁ ପୂର୍ଣ୍ଣ କଲେ,
କହିଦେଲେ ସିନା ସତ୍ୟ ରକ୍ଷା ପାଇଁ
ଅନ୍ତରେ ବାହୁନ ହେଲେ।।

ଏପଟେ ଶ୍ରୀରାମ ପିତୃସତ୍ୟ ପାଳି
ବନବାସ ଚାଲିଗଲେ,
ଅନୁଜ ଲକ୍ଷ୍ମଣ ସଙ୍ଗେ ସତୀ ସୀତା
ସାଥୀ ରେ ତାଙ୍କ ଗମିଲେ।।

କୈକେୟୀ ଙ୍କ ପୁତ୍ର ଭରତ ଶତ୍ରୁଘ୍ନ

ISSN NO.
2582-208X

ଥିଲେ ମାତୁଳାଳୟ ରେ,
ସେପଟୁ ଫେରନ୍ତେ ଜାଣିଲେ ସେଇଠୁ
ପ୍ରିୟ ଭ୍ରାତା ତାଙ୍କ ନାହାଁନ୍ତି ଅଯୋଧ୍ୟା ପୁରେ।।

ଏକଲୟେ ସେଠୁ ଧାଇଁଲେ ବନ କୁ
ରାମ ଙ୍କୁ ଖୋଜିବା ପାଇଁ,
ଭ୍ରାତା ବିନା ତାଙ୍କ ଚତୁର୍ଦିଗ ଶୂନ୍ୟ
ରାଜପଦ ଲୋଡ଼ା ନାହିଁ

କେତେ କଷ୍ଟ ପରେ ପାଇଲେ ତାହାଙ୍କୁ
ପଞ୍ଚବଟୀ ସ୍ଥାନ ଠାରେ
ଫେରିଯିବା ପାଇଁ ଅନୁନୟ କଲେ
ବସି ରାମ ପାଦ ଠାରେ।।

ରାମ ଆସିଥିଲେ ପିତୃସତ୍ୟ ଆଜ୍ଞା ପାଳି
ଚାଲି କ ଯିବେ ସେ ଠାରୁ,
ଲୋତକ ର ଧାରା ବହି ଯାଉଅଛି
ଦୁହିଁ ଭାଇଙ୍କ ନେତ୍ର ରୁ।।

ରାମ ଙ୍କ ପାଦ ରେ ନମସ୍କାର କରି
ପାଦୁକା କୁ ସେ ଆଣିଲେ
ରାଜଗାଦି ସ୍ଥାନେ ପାଦୁକା କୁ ସ୍ଥାପି
ନିତ୍ୟ ପୂଜା କରୁଥିଲେ।।

ଏମନ୍ତ ପ୍ରକାର ଭାଇଭାଇ ପ୍ରେମ
ନାହିଁ ଏବେ ଏ ସଂସାରେ,
ଜୟ ରାମଚନ୍ଦ୍ର ଜୟ ହେ ଭରତ,
ମୁଁ ଚରଣ କଙ୍କର ତବ ପାଦପଦ୍ମେ ଧାୟେ।।

ବରଗଡ଼
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ମା’ ତାରାତାରିଣୀ



ସୁଷମା ପରିଜା

ହିନ୍ଦୁ ଧର୍ମ ର ବିଭିନ୍ନ ଶାସ୍ତ୍ର ପୁରାଣ ରେ ଶକ୍ତି ଉପାସନା ଏବଂ ଶକ୍ତିପୀଠ ମାନଙ୍କର ବର୍ଣ୍ଣନା ରହିଥିଲେ ମଧ୍ୟ ତନ୍ମଧ୍ୟ ରୁ ଶିବ ପୁରାଣ, କାଳିକା ପୁରାଣ, ଦେବୀ ଭାଗବତ ରେ ଶକ୍ତିପୀଠ ମାନଙ୍କ ର ବିଶେଷ ବର୍ଣ୍ଣନା ରହିଛି। ଶକ୍ତିପୀଠ ମାନଙ୍କୁ ଚାରୋଟି ଆଦିଶକ୍ତିପୀଠ, ଏକାବନ ଟି ଶକ୍ତିପୀଠ ଏବଂ ଛବିଶି ଟି ଉପଶକ୍ତିପୀଠ ଭାବରେ ବର୍ଣ୍ଣନା କରା ଯାଇଛି। ଚାରୋଟି ଆଦି ଶକ୍ତିପୀଠ ଗୁଡିକୁ ମହାନ୍ ତନ୍ତ୍ରପୀଠ ବୋଲି ମଧ୍ୟ ବର୍ଣ୍ଣନା କରାଯାଇଛି । ଏହି ପୁରାଣ ମାନଙ୍କ ଅନୁସାରେ...

ସତ୍ୟଯୁଗରେ ଦକ୍ଷ ପ୍ରଜାପତିଙ୍କ କନ୍ୟା ସତୀ ପିତାଙ୍କ ଅନିଚ୍ଛା ସତ୍ତ୍ୱେ ଶିବଙ୍କୁ ବିବାହ କରିଥିବାରୁ ସେ ଶିବଙ୍କୁ ଅପମାନିତ କରିବା ପାଇଁ ଏକ ବିରାଟ ଯଜ୍ଞର ଆୟୋଜନ କଲେ ଏବଂ ସମସ୍ତ ଦେବଦେବୀ ଙ୍କୁ ଏଥିରେ ଯୋଗଦେବାକୁ ନିମନ୍ତ୍ରଣ କଲେ ମଧ୍ୟ ଶିବ କିମ୍ବା ସତୀ ଙ୍କୁ ସେଠାକୁ ନିମନ୍ତ୍ରଣ କଲେ ନାହିଁ । ମହର୍ଷି ନାରଦଙ୍କଠାରୁ ପିତାଙ୍କ ଯଜ୍ଞର ବିରାଟ ଆୟୋଜନ ଶୁଣି ଶିବଙ୍କ ବାରଣ ସତ୍ତ୍ୱେ ବାପଘରକୁ ଯାଇ ଯଜ୍ଞସ୍ଥଳରେ ଉପସ୍ଥିତ ହେଲାରୁ ପିତା ଦକ୍ଷ, ସତୀଙ୍କୁ ଶିବଙ୍କ ବିଷୟରେ ନାନା କଟୁକଥା କହିଲେ । ଫଳରେ ସତୀ ସ୍ୱାମୀ ଶିବଙ୍କ ଅପମାନକୁ ସହି ନପାରି ଯଜ୍ଞକୁଣ୍ଡରେ ଝାସ ଦେଇ ପ୍ରାଣ ବିସର୍ଜନ କଲେ । ଏହି ଦୁଃସମ୍ବାଦ ପାଇ ଶିବ କ୍ରୋଧାନ୍ୱିତ ହୋଇ ସେହି ଯଜ୍ଞସ୍ଥଳ ରେ ପହଞ୍ଚି ଦକ୍ଷଙ୍କ ଶିର ଛେଦନ କରିବା ସହିତ ଯଜ୍ଞସ୍ଥଳକୁ ଧ୍ୱଂସ ବିଧ୍ୱଂସ କରିଦେଲେ ଏବଂ ସତୀଙ୍କର ସେହି ଦଗ୍ଧୀଭୂତ ଅସାଡ ଶରୀରକୁ କାନ୍ଧରେ ପକାଇ ପ୍ରଚଣ୍ଡ ତାଣ୍ଡବ ନୃତ୍ୟ କରି ପୃଥିବୀ ସାରା

ISSN NO.
2582-208X

ଘୁରି ବୁଲିଲେ। ସୃଷ୍ଟି ଥରହର ହେଲା, ଶିବଙ୍କୁ ଶାନ୍ତ ନକଲେ ସୃଷ୍ଟି ପରିଚାଳନା ଅସମ୍ଭବ ଜାଣି ଭଗବାନ ବିଷ୍ଣୁ ସୁଦର୍ଶନ ଚକ୍ର ଦ୍ୱାରା ଶିବଙ୍କ କାନ୍ଧରେ ଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ଖଣ୍ଡ କରି କାଟି ପକାଇଲେ । ସତୀଙ୍କ ଶରୀର ର ସେଇ ଅଂଶ ମାନ ଯେଉଁ ଯେଉଁ ସ୍ଥାନରେ ପଡିଥିଲା ସେହି ସ୍ଥାନ ମାନଙ୍କ ରେ ପରବର୍ତ୍ତୀ ସମୟରେ ଶକ୍ତିପୀଠ ମାନ ଗଢି ଉଠିଥିଲା । ଦେବୀ ପୁରାଣ ରେ କଥିତ ଅଛି ଯେ ସତୀଦେବୀ ଙ୍କର ଶରୀର ରୁ ଗଢି ଉଠିଥିଲା ଚାରୋଟି ଆଦି ଶକ୍ତିପୀଠ, ଏକାବନ ଟି ଶକ୍ତିପୀଠ ଏବଂ ଛବିଶି ଟି ଉପଶକ୍ତିପୀଠ। ସେହି ଚାରୋଟି ଆଦି ଶକ୍ତିପୀଠ ମଧ୍ୟରୁ ଓଡିଶା ର ବ୍ରହ୍ମପୁର ରେ ଥିବା ତାରାତାରିଣୀ ପୀଠ ଅନ୍ୟତମ। କୁହାଯାଏ ଯେ ସତୀଙ୍କ ଶରୀର ର ବକ୍ଷୋଜ ଦ୍ୱୟ ତାରା ତାରିଣୀ ପୀଠରେ ପଡ଼ିଥିଲା ଏବଂ ସେହି ବକ୍ଷୋଜ ରୁ ତାରା ତାରିଣୀ ଭଉଣୀ ଦ୍ୱୟ ସୃଷ୍ଟିହୋଇ ଥିଲେ । କାଳିକା ପୁରାଣ ରେ ଲେଖାଯାଇଛି....

“ବିମଳା ପାଦଖଣ୍ଡଂ ଚ, ସ୍ତନଖଣ୍ଡଂ ଚ ତାରିଣୀ (ତାରାତାରିଣୀ),
କାମାକ୍ଷା ଯୋନିଖଣ୍ଡଂ ଚ, ମୁଖଖଣ୍ଡଂ ଚ କାଳିକା,
ଅଙ୍ଗ ପ୍ରତ୍ୟଙ୍ଗ ସଙ୍ଗେନ ବିଷ୍ଣୁ ଚକ୍ର କ୍ଷତେନ ଚ.....”

ଅର୍ଥାତ୍ ଶ୍ରୀକ୍ଷେତ୍ର ପୁରୀରେ ଶ୍ରୀମନ୍ଦିରରେ ପୂଜିତ ମା’ ବିମଳା ହେଉଛନ୍ତି ଦେବୀ ସତୀ ଙ୍କ ଶରୀରର ପାଦ ଦ୍ୱୟ, ବ୍ରହ୍ମପୁର ର ତାରାତାରିଣୀ ହେଉଛନ୍ତି ଦେବୀ ସତୀ ଙ୍କ ଶରୀରର ସ୍ତନ ଦ୍ୱୟ, ଆସାମ ର କାମାକ୍ଷାଦେବୀ ହେଉଛନ୍ତି ଦେବୀ ସତୀ ଙ୍କ ଶରୀରର ଯୋନି ଖଣ୍ଡ ଏବଂ ପଶ୍ଚିମବଙ୍ଗ କଲିକତାର ମା’ କାଳିକା ହେଉଛନ୍ତି ଦେବୀ ସତୀ ଙ୍କ ଶରୀରର ମୁଖ ଖଣ୍ଡ । ଏହା ବିଷ୍ଣୁ ଙ୍କର ଚକ୍ର ରେ ଛେଦିତ ..”

ଅନ୍ୟଏକ ପୌରାଣିକ କିମ୍ବଦନ୍ତୀ ଅନୁସାରେ ତ୍ରେତୟା ଯୁଗରେ ମହୀରାବଣ ରାମ ଲକ୍ଷ୍ମଣଙ୍କୁ ଅପହରଣ କରି ମାଆ କାଳୀଙ୍କ ପାଖରେ ବଳି ଦେବାର ସମ୍ବାଦ ଶୁଣି ଅଶୋକ ବନରେ ବନ୍ଦିନୀ ଥିବା ସୀତାମାତା କାନ୍ଦିଲେ । ତାଙ୍କ ଦୁଇ ଆଖିରୁ ଝରିପଡୁଥିବା ଲୁହରୁ ବିଭିନ୍ନ ଆୟୁଧରେ ସଜ୍ଜିତ ଅପୂର୍ବ ସୌନ୍ଦର୍ଯ୍ୟରେ ପୂର୍ଣ୍ଣ ଦୁଇଜଣ ଦେବୀ ଜାତ ହୋଇ ଶାପମୁକ୍ତ ହେଲେ ଏବଂ ସୀତାଙ୍କ ସେବା କରିବା ପାଇଁ ଇଚ୍ଛା ପ୍ରକଟ କଲେ । ସୀତାଙ୍କ ଆଦେଶରେ ହନୁମାନଙ୍କ ସହିତ ମିଶି ଦେବୀଦ୍ୱୟ ନିଜ ଅଙ୍ଗରୁ କାତ୍ୟାୟନୀ ଓ ଯୋଗିନୀଗଣଙ୍କୁ ସୃଷ୍ଟିକରି ମହୀରାବଣକୁ ବଧକଲେ । ସେଠାରୁ ଫେରି ମାତାସୀତାଙ୍କୁ

ISSN NO.
2582-208X

ବିଦାୟ ପାଇଁ ଅନୁମତି ମାଗିବା ସମୟରେ ସୀତା ସେ ଦୁହିଁଙ୍କୁ ଋଷିକୁଲ୍ୟା ତୀରରେ ଅଗସ୍ତି ମୁନିଙ୍କ ଆଶ୍ରମ ନିକଟରେ ପ୍ରଭୁ ଶ୍ରୀରାମ ପ୍ରତିଷ୍ଠା କରିଥିବା ପଞ୍ଚାନନ ଏବଂ ତୁମ୍ବେଶ୍ୱରଙ୍କ ଲିଙ୍ଗ ଥିବା ତାରକାକ୍ଷମହାଗିରି ତଥା ତାରାତାରିଣୀ ପର୍ବତ ଚୂଡା ଦେଶରେ ଗୋପନରେ ରହିବାକୁ ନିର୍ଦ୍ଦେଶ ଦେଲେ ଓ କଳିଯୁଗ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପରାମର୍ଶ ଦେଇଥିଲେ।

ମା' ତାରାତାରିଣୀ ଙ୍କୁ ନେଇ ଆଉ ଏକ କାହାଣୀ ମଧ୍ୟ ରହିଛି...

ମାଆ ତାରା ତାରିଣୀ ବ୍ରହ୍ମର୍ଷି ବଶିଷ୍ଠଙ୍କ ଇଷ୍ଟଦେବୀ । ଥରେ ବଶିଷ୍ଠ ଏକ ଅଭିପ୍ସା ପୂରଣ ପାଇଁ ଦେବୀଦ୍ୱୟଙ୍କୁ ଆବାହନ କଲେ, ହେଲେ ଦେବୀଦ୍ୱୟ ଏଥିପ୍ରତି ଉଦାସୀନତା ଦେଖାଇଲେ । ଫଳରେ ବ୍ରହ୍ମର୍ଷି ରୁଷ୍ଟହୋଇ ଦେବୀଦ୍ୱୟଙ୍କୁ ଅପୂଜା ରହିବାକୁ ଅଭିଶାପ ଦେଲେ । କିନ୍ତୁ ଦେବୀଦ୍ୱୟ ଏଥିପାଇଁ ଅନୁତାପ କରିବାରୁ ବଶିଷ୍ଠ ଶାନ୍ତ ହେଲେ ଏବଂ କହିଲେ, କଳିଯୁଗର ମଧ୍ୟଭାଗରେ ଗଙ୍ଗାଙ୍କର ଜ୍ୟେଷ୍ଠଭଗ୍ନୀ ଋଷିକୁଲ୍ୟା ନଦୀ ତୀରରେ ମୋର ମାନସ ପୁତ୍ର ବସୁ ପ୍ରହରାଜଙ୍କ ଘରେ ତୁମେଦୁହେଁ କିଛିଦିନ ଲାଳିତ ପାଳିତ ହେବାପରେ ତାରାତାରିଣୀ ପର୍ବତର ଶୀର୍ଷଦେଶରେ ପୂଜାପାଇବ ଓ ଶାପମୁକ୍ତ ହେବ । ସେତେଦିନ ପର୍ଯ୍ୟନ୍ତ ମାଆ ଲକ୍ଷ୍ମୀଙ୍କ ଚକ୍ଷୁକୋଣରେ ରହି ଶିବଙ୍କ ନିକଟରେ ନିଜକୁ ତଲୀନ ହେବାକୁ ଉପଦେଶ ଦେଲେ ।

ଗଞ୍ଜାମର ଆଠଗଡ଼ ଅନ୍ତର୍ଗତ ବୀର ଜଗନ୍ନାଥ ଶାସନରେ କୁମାରୀ ନାମକ ଛୋଟ ଗାଁରେ ଏକ ମଧ୍ୟବିତ୍ତ ପରିବାରରେ ବସୁ ପ୍ରହରାଜ ନାମରେ ଏକ ମହାଜ୍ଞାନୀ ଓ ତାନ୍ତ୍ରିକ ଥିଲେ। ସେ ନିଃସନ୍ତାନ ଥିବାରୁ ସେ ଦୁଇଟି କନ୍ୟା ସନ୍ତାନ ଆଣି ଲାଳନ ପାଳନ କରିଥିଲେ । ସେହି ଦୁଇ ରୂପସୀକନ୍ୟାଙ୍କ ଲାଳନ ପାଳନରେ ବସୁ ପ୍ରହରାଜ କୌଣସି ଅବହେଳା କରି ନଥିଲେ । ଦିନେ ସେ ଦୁଇଝିଅ ହଠାତ୍ ସମସ୍ତଙ୍କ ଅଜ୍ଞାତସାରରେ ଗୃହତ୍ୟାଗ କଲେ, ବାଟରେ କୌଣସି କାଚରାଠାରୁ ଚୁଡ଼ି ପିନ୍ଧିଥିଲେ ଏବଂ କାଚରା କୁ ତାଙ୍କ ବାପା ବସୁ ପ୍ରହରାଜଠାରୁ ପ୍ରାପ୍ୟ ନେଇଯିବା ପାଇଁ କହିଥିଲେ । ପ୍ରହରାଜ ବହୁତ ଖୋଜା ଖୋଜି କଲେ ମଧ୍ୟ ନିରାଶ ହେବାକୁ ପଡ଼ିଲା । କିଛିଦିନ ଉତ୍ତାରୁ ତାଙ୍କ ସ୍ୱପ୍ନରେ ଦେବୀଦ୍ୱୟ ଦର୍ଶନ ଦେଇ ସେମାନଙ୍କ ପୁନର୍ଜନ୍ମ ର ବୃତ୍ତାନ୍ତ ବର୍ଣ୍ଣନା କଲେ । ପ୍ରହରାଜଙ୍କୁ ସ୍ୱପ୍ନାଦେଶ ହେଲା ଯେ ସେ ଦୁଇଭଉଣୀଙ୍କର ପୂର୍ଣ୍ଣଗିରି ପର୍ବତ ଉପରେ ଅବସ୍ଥାନ କରୁଛନ୍ତି । ସେଦିନ ରାତି

ISSN NO.
2582-208X

ଶେଷପ୍ରହରରେ ଶଯ୍ୟାତ୍ୟାଗ କରି ସମସ୍ତଙ୍କ ଅଜ୍ଞାତସାରରେ ବସୁ ପ୍ରହରାଜ ଏକୁଟିଆ ତାରାତାରିଣୀ ପର୍ବତ ଉପରେ ପହଞ୍ଚିଲେ । ସେଠାରେ ଦେଖିଲେ ସ୍ତନାକୃତି ଦୁଇଟି ଶିଳା ପୂର୍ଣ୍ଣଗିରି ପର୍ବତ ଉପରେ ଅବସ୍ଥାନ କରୁଛନ୍ତି । ବସୁ ପ୍ରହରାଜ ମାଆଙ୍କ ମହିମା ଜାଣିବା ପରେ ଦୁଇଟି ବିଗ୍ରହ ପ୍ରତିଷ୍ଠା କରି ତନ୍ତ୍ର ସାଧନାଦ୍ୱାରା ସେଥିରେ ପ୍ରାଣ ପ୍ରତିଷ୍ଠା କଲେ । ଏହାପରେ ବିଶିଷ୍ଟ କାରିଗରଙ୍କୁ ଡକାଇ ବିଧି ଅନୁସାରେ ଅକ୍ଷୟତୃତୀୟା ଦିନ ମନ୍ଦିର ନିର୍ମାଣ ପାଇଁ ଶୁଭାରମ୍ଭ କରିଥିଲେ । ସେ ଦୁଇ ମୂର୍ତ୍ତି ଅଧୁନା ତାରା ଓ ତାରିଣୀ ନାମରେ ବିଖ୍ୟାତ ।

ଐତିହାସିକ ତଥ୍ୟ ଅନୁଯାୟୀ ମୌର୍ଯ୍ୟ ସମ୍ରାଟ୍ ଅଶୋକ କଳିଙ୍ଗ ବିଜୟ କରିବା ପରେ ବୌଦ୍ଧ ଧର୍ମ ଗ୍ରହଣ କରି ଚଣ୍ଡାଶୋକ ରୁ ଧର୍ମାଶୋକ ହେଲେ। ବୌଦ୍ଧ ଧର୍ମ ର ପ୍ରଚାର ପ୍ରସାର କରିବା ସମୟରେ ତତ୍କାଳୀନ କଳିଙ୍ଗ ର ଜଉଗଡ ନିକଟସ୍ଥ ଏହି ବଣ ଜଙ୍ଗଲ ପୂର୍ଣ୍ଣ କୁମାରୀ ପର୍ବତ ଉପରେ ବୌଦ୍ଧ ଅବଲୋକିତେଶ୍ୱର ଙ୍କର ପତ୍ନୀ ତନ୍ତ୍ର ଦେବୀ "ତାରା" ଙ୍କର ମୂର୍ତ୍ତି ପ୍ରତିଷ୍ଠା କରିଥିଲେ। ଏହା ବୌଦ୍ଧ ଧର୍ମାବଲମ୍ବୀ ମାନଙ୍କର ଏକ ପ୍ରମୁଖ ଉପାସନା ସ୍ଥଳୀ ପାଲଟିଥିଲା। ବର୍ତ୍ତମାନ ର ମନ୍ଦିର ମଧ୍ୟରେ ବୁଦ୍ଧ ଙ୍କର ଏକ ବିଶାଳ ମୂର୍ତ୍ତି ଏବଂ ଏବଂ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଅନେକ ବୌଦ୍ଧ କୀର୍ତ୍ତିରାଜି ମଧ୍ୟ ରହିଥିବାରୁ ଏହା ଏକ ବୌଦ୍ଧ ଉପାସନା ସ୍ଥଳ ହୋଇଥିବାର ଯୁକ୍ତି ବିଶ୍ୱାସଯୋଗ୍ୟ ମନେହୁଏ ।

ସପ୍ତଦଶ ଶତାବ୍ଦୀରେ ପୀଢରେଖ ଶୈଳୀ ରେ ନିର୍ମିତ ଏହି ମନ୍ଦିର ଟିରେ ପଥର ର ଅନେକ ସୂକ୍ଷ୍ମ କାରୁକାର୍ଯ୍ୟ ଦେଖିବାକୁ ମିଳେ। ସେହି ସବୁ ସୂକ୍ଷ୍ମାତିସୂକ୍ଷ୍ମ କାରୁକାର୍ଯ୍ୟ କୁ ଅକ୍ଷୁର୍ଣ୍ଣ ରଖି ପୁରାତନ ମନ୍ଦିର ଟିର ବିଭିନ୍ନ ସମୟରେ ମରାମତି ସହ ଉନ୍ନତିକରଣ, କରାଯାଇଅଛି । ବର୍ତ୍ତମାନ ର ସରକାରଙ୍କ ଦ୍ୱାରା ଉନ୍ନତିକରଣ ହୋଇ ଏହା ଅତୀବ ସୁନ୍ଦର ମନ୍ଦିର ଟିଏ ଭାବରେ ଉଭା ହୋଇଛି ଯାହା ଓଡିଶା ର ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ ହୋଇ ବିଶ୍ୱ ର ଅନେକ ପର୍ଯ୍ୟଟକ ମାନଙ୍କ ଦୃଷ୍ଟି ଆକର୍ଷଣ କରୁଛି ।

ବର୍ତ୍ତମାନ ମନ୍ଦିର ଦେହରେ ଦେବୀଙ୍କ ଦଶମହାବିଦ୍ୟା ତଥା ଷୋଢ଼ଶୀ, ବଗଳା, ଛିନ୍ନମସ୍ତା, ଧୂମାବତୀ, ମାତଙ୍ଗୀ, କମଳା, ଭୁବନେଶ୍ୱରୀ, ଭୈରବୀ ଓ କାଳୀଙ୍କର ପ୍ରସ୍ତର ମୂର୍ତ୍ତି ରହିଛି। ରାଜା ରାଜୁଡା ଅମଳରୁ ପୂଜକ ମାନଙ୍କୁ ନିଯୁକ୍ତ କରାଯାଇ ସେମାନଙ୍କ ଦ୍ୱାରା ଉପଯୁକ୍ତ ବିଧି ବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ଆସୁଛି । ମାଆଙ୍କର ପୂଜାର୍ଚ୍ଚନା

ISSN NO.
2582-208X

ପ୍ରତ୍ୟୁଷରୁ ଆରମ୍ଭ ହୋଇଥାଏ । ପ୍ରଥମେ କାଳରାତ୍ରିକୁ ବନ୍ଦନା କରି, ଅଗଣାକୁ ଶୋଧ କରାଯାଇ ଦ୍ୱାରପାଳ ଗଙ୍ଗାଯମୁନାଙ୍କୁ ସ୍ନାନ କରାଯାଏ ଓ ସୂର୍ଯ୍ୟପୂଜା ଆରମ୍ଭ ହୁଏ । ତା'ପରେ ଦେଉଳଶୋଧ, ପାର୍ଶ୍ୱଦେବତାଙ୍କୁ ସ୍ନାନ କରାଯାଇ ମାଆଙ୍କର ନିଦ୍ରାଭଙ୍ଗ କରିବା ପାଇଁ ଘଣ୍ଟଶବ୍ଦ କରିବାର ବିଧି ରହିଛି । ପୂଜକ ପହଡ଼ ତ୍ୟାଗ କରିବାର ନିବେଦନ କରିଥାନ୍ତି । ମନ୍ଦିରର ଦ୍ୱାର ଖୋଲାଯାଇ ମାଆଙ୍କ ନିତ୍ୟକର୍ମ ସମାପନ କରାଯାଏ । ମୁଖ ପ୍ରକ୍ଷାଳନ, କାଠଲାଗି ପରେ ଚୁଆ, କର୍ପୂର, ସିନ୍ଦୂର, କସ୍ତୁରୀ, ଗୋରଚନା, ଜାଇଫଳ ପ୍ରଭୃତି ଦ୍ୱାରା ମାଆଙ୍କୁ ସ୍ନାନମାର୍ଜନା କରି ବେଶ କରାଯାଏ । ବାଳଧୂପ ଲାଗି ହୁଏ । ଏହା ସହ ପ୍ରାତ୍ୟହିକ ପଞ୍ଚ ଦେବତାଙ୍କର ପୂଜା ହୁଏ । ମାଆଙ୍କ ନିକଟରେ ବାଳଧୂପ ଲାଗି ସହ ଧୂପ ରୂପେ ଖେଚୁଡ଼ି ଓ ଡାଲମା ଲାଗି କରାଯାଏ । ମଙ୍ଗଳ ଆଳତି ଓ ପୁଷ୍ପାଞ୍ଜଳି ପରେ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ମନ୍ଦିରର ଦ୍ୱାର ଖୋଲାଯାଏ । ପରମ୍ପରା ଅନୁସାରେ ମଧ୍ୟାହ୍ନ ୧୨ଟା ୧୫ ମିନିଟ୍‌ରେ ମାଆଙ୍କୁ ମଧ୍ୟାହ୍ନ ଧୂପର ନୈବେଦ୍ୟ ସମର୍ପଣ କରାଯାଏ । ପୁନର୍ବାର ଦେଉଳ ଶୋଧ କରି ଶଙ୍ଖୁଡ଼ି ଭୋଗ ଯଥା- ଅନ୍ନ, ଡାଲି, ଖଟା, ଭଜା ପ୍ରଭୃତି ଲାଗି କରାଯାଏ । ନୀରାଜନା ପୁଷ୍ପାଞ୍ଜଳି ପରେ ମାଆଙ୍କର ପୁନରାୟ ପହୁଡ଼ ପଡେ । ମଧ୍ୟାହ୍ନ ଧୂପର ପ୍ରସାଦ ସାଧୁ, ସନ୍ଥ, ଅତିଥି ଓ ପୂଜକ ସମସ୍ତେ ଏକତ୍ର ଭୋଜନ କରନ୍ତି । ଏହା ମହାନ୍ ପ୍ରଥା ପ୍ରାୟତଃ ବିରଳ । ଅପରାହ୍ନ ଦୁଇଟା ବେଳକୁ ମାଆ ପହୁଡ଼ ତ୍ୟାଗ କରିବା ପାଇଁ ପୂଜକ ନିବେଦନ କରିବା ସହ ମାଆଙ୍କର ମୁଖ ଧୌତ କରାଯାଇ ବେଶ କରାଯାଏ । ପାଦ ଅର୍ଘ୍ୟ, ଧୂପ, ଦୀପର ନୈବେଦ୍ୟ ଅର୍ପଣ ପରେ ଜନସାଧାରଣଙ୍କୁ ଦର୍ଶନ ପାଇଁ ସୁଯୋଗ ଦିଆଯାଏ । ପାଞ୍ଚଟା ପନ୍ଦର ମିନିଟ୍‌ରେ ସନ୍ଧ୍ୟାଆଳତି ଆରମ୍ଭ ହୁଏ । ମନ୍ଦିର ଶୁଦ୍ଧ କରାଯାଇ ବାଳଭୋଗ ସହିତ ଆଳତି କରାଯାଇଥାଏ । ଭକ୍ତଙ୍କ ଦର୍ଶନ ନିମନ୍ତେ ରାତି ସାଢ଼େ ଆଠଟା ପର୍ଯ୍ୟନ୍ତ ମନ୍ଦିର ଖୋଲା ରହେ । ଏହାପରେ ରାତ୍ରିଧୂପ ଲାଗି ହୁଏ । ରାତି ଧୂପରେ ଶଙ୍ଖୁଡ଼ି ଭୋଗ ଲାଗି କରାଯାଏ । ରାତ୍ରି ଆଳତି ପରେ ମାଆ ପହୁଡ଼ ବିଜେ କରିଥାନ୍ତି । ପହୁଡ଼ ବିଜେ ପାଇଁ ପୂଜକ ମାଆଙ୍କୁ ପଲଙ୍କରେ ବିଜେ ହେବାକୁ ନିବେଦନ କରିଥାନ୍ତି । ସ୍ତୁତିପାଠ କରି ଆଲଟ କରିବାର ପ୍ରଥା ରହିଛି । ପହୁଡ଼ ପରେ ମନ୍ଦିର ବନ୍ଦ କରାଯାଏ ।

ISSN NO.
2582-208X

ଆଶ୍ୱିନ ମାସରେ ଶାରଦୀୟ ଦୁର୍ଗୋତ୍ସବ ସମୟରେ ଏଠାରେ ଷୋଡଶ ଉପଚାରରେ ମାଆଙ୍କର ପୂଜାର୍ଚ୍ଚନା ହୋଇଥାଏ । ପୂର୍ବରୁ ଏଠାରେ ପଶୁବଳି ର ପ୍ରଥା ଥିଲା । ବର୍ତ୍ତମାନ ସେ ସବୁ ବନ୍ଦ ହୋଇ ଯାଇଛି।। ଏହି ପୂଜାବିଧିରେ କେତେକ ସ୍ୱତନ୍ତ୍ର ଦିବସ ତଥା ଉତ୍ସବ ଓ ଯାନିଯାତ୍ରା ଉପଲକ୍ଷେ କିଛି ପରିବର୍ତ୍ତନ ଦେଖାଯାଏ । ପ୍ରତ୍ୟେକ ସଂକ୍ରାନ୍ତି ରେ ମାଆଙ୍କ ନିକଟରେ ଚଣ୍ଡୀପାଠ ଓ ଯାଗଯଜ୍ଞ ମଧ୍ୟ କରାଯାଇଥାଏ । ମାଆଙ୍କର ସମସ୍ତ ପୂଜା ମାଳି କରିବାର ବିଧି ରହିଛି । କିନ୍ତୁ ରୀତିରେ ଘୃତ ଯଜ୍ଞ ମନ୍ଦିର ପୁରୋହିତ କରନ୍ତି । ଚୈତ୍ର ଯାତ୍ରା ମାଆଙ୍କର ଏକ ପ୍ରସିଦ୍ଧ ପର୍ବ ଏବଂ ଏହି ମାସର ପ୍ରତ୍ୟେକ ମଙ୍ଗଳବାର ଦିନ ଏଠାରେ ବିଶେଷ ପୂଜା କରାଯାଏ। ଦେଶର ବିଭିନ୍ନ ସ୍ଥାନରୁ ହଜାର ହଜାର ଶ୍ରଦ୍ଧାଳୁ ମାନସିକ ରଖି ସେମାନଙ୍କ ସନ୍ତାନ ମାନଙ୍କର ମୁଣ୍ଡନ ସଂସ୍କାର କରାଇ ଥାଆନ୍ତି । ସେହି ସମୟରେ ଚାରି ପାଞ୍ଚ ଦିନ ଧରି ଏଠାରେ ବଡ ମେଳା ବସେ। ମା' ତାରାତାରିଣୀ ଖୁବ୍ ପ୍ରତ୍ୟକ୍ଷ ଦେବୀ। ତାଙ୍କ ଚରଣରେ ଦୃଢଭକ୍ତି ରଖି କିଛି ମାନସିକ କଲେ ସେ ଭକ୍ତ ମାନଙ୍କର ମନୋସ୍କାମନା ନିଶ୍ଚୟ ପୂରଣ କରନ୍ତି । ଜୟ ମା' ତାରା ତାରିଣୀ !!

ନୂଆବଜାର, କଟକ
Mob-9337272647

ISSN NO.
2582-208X

# ମା ଙ୍କ ଚରଣେ



ନମିତା ଦାସ

ତୁମେ ପ୍ରଭାତର   ସୂର୍ଯ୍ୟ କିରଣ ମା
ସନ୍ଧ୍ୟାର ଦୀପ ଶିଖା
ମୋ ମନ ମନ୍ଦିର   ସିଂହାସନ ପରେ
ତୁମେ ମୋ ଭାଗ୍ୟର ରେଖା ।
ମା... ତୁମେ ମୋ ଭାଗ୍ୟର ରେଖା
ମୋମନ ଆକାଶେ   ପୁନେଇଁ ଜହ୍ନ ମା
ଶରତେ ଶିଶିର ବିନ୍ଦୁ
ହୃଦୟ ସାଗରେ   ଉତ୍ତାଳ ତରଙ୍ଗ
ତୁମେ ପ୍ରୀତିଝରା ମଧୁ ।
ମା... ତୁମେ ପ୍ରୀତିଝରା ମଧୁ
ଏଇ ମନପ୍ରାଣ   ତୁମରି ଚରଣେ
କରିଛି ମା ସମର୍ପିତ
ଆସୁ ଯେତେ ବାଧା   କରି ଗଳାହାର
ଛଡିବିନି ତୁମ ପଥ ।
ମା... ଛଡିବିନି ତୁମ ପଥ
ହିମ୍ମତ ହାରିନି   ତୁମକୁ ଛାଡ଼ିନି
ତୁମେ ମୋ ଜୀବନ ରାହା
ସୁନ୍ଦର ସଂସାର   ଗଢ଼ି ତ ଦେଇଛ
ଆମ ପାଇଁ ତୁମେ ମାଆ ।
ମା...ଆମପାଇଁ ତୁମେ ମାଆ

ISSN NO.
2582-208X

# ସିନ୍ଦୁର



ଏଲିନା ମହାନ୍ତ

ମୁଁ ସେଇ ସିନ୍ଦୁର....
ଯେଉଁ ସିନ୍ଦୁର ପିନ୍ଧି ନାରୀ ହୁଏ ସୋଭାଗ୍ୟବତୀ,
ମୁଁ ସେଇ ସିନ୍ଦୁର...
ଯେଉଁ ସିନ୍ଦୁର ପାଇଁ ନାରୀ ମନରେ ଆଣିଥାଏ ପ୍ରିୟା, ପ୍ରୀତି ର ଏକ ନିଆରା ଅନୁଭୂତି,
ମୁଁ ସେଇ ସିନ୍ଦୁର...
ଯେଉଁ ସିନ୍ଦୁର ପାଇଁ ବାନ୍ଧି ହୋଇଯାଏ ଦୁଇଟି ହୃଦୟ ଏକ ହୋଇ,
ମୁଁ ସେଇ ସିନ୍ଦୁର...
ଯେଉଁ ସିନ୍ଦୁରକୁ ପିନ୍ଧି ନାରୀ କରିଥାଏ ସମାଜ ରେ ଏକ ଭିନ୍ନ ପରିଚୟ ସୃଷ୍ଟି,
ମୁଁ ସେଇ ସିନ୍ଦୁର...
ମୋ ପାଇଁ ଗଢି ଉଠିଥାଏ ସାତ ଜନ୍ମର ସାଥୀ,
ମୁଁ ସେଇ ସିନ୍ଦୁର...
ଯେଉଁ ସିନ୍ଦୁର କୁ ମଣିଷ ବିକ୍ରି କରୁଥାଏ ସ୍ୱଳ୍ପ ମୂଲ୍ୟରେ ନୀତି,
ମୁଁ ସେଇ ସିନ୍ଦୁର...
ଯେଉଁ ସିନ୍ଦୁର ହୋଇଥାଏ ପ୍ରତ୍ୟେକ ଶୁଭ କାର୍ଯ୍ୟ ରେ ଆଗଧାଡି ର ପାତ୍ରୀ,
ମୁଁ ସେଇ ସିନ୍ଦୁର...
ମୋତେ ପିନ୍ଧି ସୋଭାଗ୍ୟବତୀ ନାରୀ
କରିଥାଏ ନିଜ ଶେଷ ଇଛା ପୂରଣ ।

ଭୁବନେଶ୍ୱର

ISSN NO.
2582-208X

# ସବୁଠାରୁ ବଡ଼



ମାଳତୀ ଦେବୀ

ସବୁଠାରୁ ବଡ଼ ସମ୍ପତ୍ତି ନିଜ ବୁଦ୍ଧି ଅଟଇ।
ଧଇର୍ଯ୍ୟ ସବୁଠାରୁ ବଡ଼ ଅସ୍ତ୍ର ଏ ଭବେ ହୋଇ ।୧ ।

ସବୁଠାରୁ ଭଲ ସୁରକ୍ଷା ଅଟଇ ଟି ବିଶ୍ୱାସ ।
ବଡ଼ ଔଷଧ ଏ ଜଗତେ ଜାଣ ଅଟଇ ହସ ।୨ ।

ସବୁଠୁ ଏ ବଡ଼ ଆଶ୍ଚର୍ଯ୍ୟ ଏ ସବୁ ଚଜ ମାନ ।
ସଂସାରେ ମିଳଇ ମାଗଣା  କିଣି ନୁହଇ ଜାଣ ।୩ ।

ଲୋକାପଡା, ପୁରୁଣା ବଜାର, ଆଳି

ISSN NO.
2582-208X

# ଏକ ବ୍ରହ୍ମ



ଅଧ୍ୟାପିକା ରେ୍ଜାଲିନ୍ ବାରିକ୍

ଏକ ବ୍ରହ୍ମ ଦ୍ୱିତୀୟ ନାସ୍ତି ଏ ଭବେ ନାମ ଯାହାର ଇଶ୍ୱର ।
ଦୁଇ ପକ୍ଷ ଶୁକ୍ଳ କୃଷ୍ଣ ନାମେ ଖ୍ୟାତ ଜାଣଇ ସାରା ସଂସାର ।୧ ।
ତ୍ରିଗୁଣେ ବନ୍ଧନ ଏ ସାରା ଜଗତ ଏହା ତ ଅନାଦି ତତ୍ତ୍ୱ ।
ଚାରି ବେଦ ରୁକ ସାମ ଜଯୁ ଆଉ ଅଥର୍ବ ନାମେ ବିଦିତ ।୨ ।
ପଞ୍ଚ ମହାଭୂତ କ୍ଷିତି ଆପ ତେଜ ମରୁତ ବ୍ୟୋମ ଆବର ।
ଷଡ଼ ଦର୍ଶନ ସାଂଖ୍ୟଯୋଗ ନ୍ୟାୟାଦି ଷଡ଼ ଚକ୍ର ଏ ଶରୀର ।୩ ।
ସପ୍ତ ଧାତୁ ରସ ରକ୍ତ ମାଂସ ମେଦ ଅସ୍ଥି ମଜା ଶୁକ୍ର ସାର।୪ ।
ଅଷ୍ଟାଙ୍ଗ ଯୋଗ ଯମ ନୀୟମା ସନ ପ୍ରାନାୟମ ପ୍ରତ୍ୟାହାର ।
ଧାରଣା ଧ୍ୟାନ ସମାଧି ଘେନି ଆଠ ପ୍ରମାଣିତ ଏ ଯୋଗର ।୫ ।
ନବ ଗୋଟି ସଂଖ୍ୟା ଏ କରୁ ନବମ ନବଧା ଭକ୍ତି ଆବର।
ଦଶ ଦିଶ ମାନ ଏ ହି ସଂସାରରେ ହୋଇ ଅଛଇ ପ୍ରଚାର ।୬।
ଏକାଦଶ ଉପନିଷଦ ହିଁ ଶ୍ରେଷ୍ଠ ଆବର ରୁଦ୍ରାବତାର ।
ଦ୍ୱାଦଶ ଆଦିତ୍ୟ ବ୍ରହ୍ମାଣ୍ଡରେ ଖ୍ୟାତ ଦ୍ୱାଦଶ ରେ କାରବାର ।୭ ।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ପ୍ରବନ୍ଧ

# "ଅସହାୟ ତ୍ରିରଙ୍ଗା"



ରାଧାମୋହନ ପୂଜାହାରୀ

ମୋ ଦେଶର ତ୍ରିରଙ୍ଗା ଆଜି ଅସହାୟ, ଅନେକ ବର୍ଷରୁ ସେ ମୁକ୍ତାକାଶର ବିହଙ୍ଗ ସଦୃଶ ଡେଣା ମେଲି ଫରଫର ହୋଇ ଉଡ଼ିଚାଲିଛି, ଯଦିଓ ବିଦେଶୀ ଶତ୍ରୁଙ୍କ ପ୍ରତି ତା' ମନରେ ତିଳେ ହେଲେ ଡର ନାହିଁ, ତଥାପି ମଧ୍ୟ ସେ ଆଜି ଅସହାୟ ଅତୃପ୍ତ ଓ ନିରୁପାୟ । ଅନେକ ବର୍ଷରୁ ସେ ଦେଶବାସୀଙ୍କୁ ବାଣ୍ଟିଆସୁଛି ସାହସ ଓ ବୀରତ୍ୱର ବାର୍ତ୍ତା, ଧର୍ମଚକ୍ରେ ବାନ୍ଧି ହୋଇ ବଖାଣି ଚାଲିଛି ସତ୍ୟ, ଶାନ୍ତି, ଅହିଂସାର ଗାଥା, କିନ୍ତୁ କ'ଣ ହେବ ! ସାହସ ଆଜି କାପୁରୁଷ ପାଲଟିଯାଇଛି, ବୀରତ୍ୱ ଆଜି ମୁମୂର୍ଷ ଅବସ୍ଥାରେ, ସତ୍ୟ ଆଜି ମିଥ୍ୟାର ପାଚେରୀ ଭିତରେ ସଢୁଛି, ଶାନ୍ତି ଆଜି ଅଶାନ୍ତିର ଭିଡ଼ ଭିତରେ ନିଖୋଜ, ଓ ଅହିଂସା ? ବୋଧହୁଏ ବାପୁ ଗଲା ଦିନଠାରୁ ଅହିଂସା, ମୋ ଦେଶର ଅରାଜକତା ଓ ଦୁର୍ବିସହ ପରିସ୍ଥିତିର ମୁକାବିଲା କରି ନ ପାରି ମୁହଁ ଲୁଚାଇ କୁଆଡ଼େ ଅନ୍ତର୍ଧ୍ୟାନ ହୋଇଯାଇଛି ।

ଆଜି ମୋ ଦେଶର ତ୍ରିରଙ୍ଗା ନିଜେ ପ୍ରେମର ପ୍ରତୀକ ସାଜି ସମସ୍ତ ଭାରତୀୟଙ୍କୁ ଭାତୃତ୍ୱର ବନ୍ଧନରେ ବାନ୍ଧି ରଖିବାର ସ୍ୱପ୍ନ ଦେଖୁଛି । ସ୍ୱପ୍ନ ଦେଖୁଛି, ସମସ୍ତେ ଏକତ୍ରିତ ହୋଇ ବିଶ୍ୱବନ୍ଧୁତ୍ୱର ଭାବନାରେ ଉଦ୍‌ବୁଦ୍ଧ ହୁଅନ୍ତୁ, ହେଲେ ତା' ସ୍ୱପ୍ନ...ଆଜି ସ୍ୱପ୍ନରେ ରହିଯାଇଛି, ସର୍ବଜନ ହିତ ସାଧନ ନିମନ୍ତେ ତା'ର ସମସ୍ତ କଳ୍ପନା କଳ୍ପନାରେ ରହିଯାଇଛି, ତା'ର ସବୁ ଆଶା ନିରାଶା ରୂପକ ବହ୍ନିରେ ଜଳିପୋଡ଼ି ପାଉଁଶ ହୋଇଯାଇଛି, ଆଉ ଏଇ ସ୍ୱାର୍ଥାନ୍ଧ ସମାଜରେ ଅବଶେଷ ହୋଇ ରହିଯାଇଥିବା ସେ ପାଉଁଶଟିକକ ମଧ୍ୟ ଆଜି ସ୍ୱାର୍ଥୀ ପାଲଟିଯାଇଛି ।

ଶାନ୍ତି, ମୈତ୍ରୀ, ସୌହାର୍ଦ୍ଦ୍ୟର ବାର୍ତ୍ତା ବହନ କରୁଥିବା ତ୍ରିରଙ୍ଗା ଆଜି ନିରୁପାୟ, ବିଫଳ ଆଜି ତା' ପ୍ରଚେଷ୍ଟା, ଜନତାଙ୍କ ହୃଦୟରେ ଦେଶଭକ୍ତିର ଭାବନା ଖୋଜିବୁଲୁଥିବା ମୋ ଦେଶର

ISSN NO.
2582-208X

ତ୍ରିରଙ୍ଗା ଆଜି ଉଦାସୀନ, ଦେଶ-ପ୍ରଗତିର ପ୍ରତୀକ ସାଜି ତ୍ରିରଙ୍ଗା ଆଜି ଦେଶଭକ୍ତିର ପ୍ରେରଣା ଦେଇଚାଲିଛି, ସତ କିନ୍ତୁ ଆଜି ଲୋକଙ୍କ ଦେଶଭକ୍ତି ଲୋକ ଦେଖାଣିଆ ମାତ୍ର; ଆଉ ଯିଏ ପ୍ରକୃତ ଦେଶଭକ୍ତ ! ସେ ଆଜି ହୀନ ରାଜନୀତିର ଚକ୍ରବ୍ୟୁହରେ ଫସି ହରାଇ ସାରିଛି ତା' ଅସଲ ପରିଚୟ ।

ଅଖଣ୍ଡ ଭାରତର ସ୍ୱପ୍ନ ଦେଖୁଥିବା ମୋ ଦେଶର ତ୍ରିରଙ୍ଗା କିନ୍ତୁ ଆଜି ନିଷ୍ପେଷିତ, ଉତ୍ସାହୀ ହେବାର କୌଣସି ବିକଳ୍ପ ନାହିଁ ତା' ପାଖରେ, ତଥାପି ମଧ୍ୟ ମୋ ଦେଶର ତ୍ରିରଙ୍ଗା ଉଡ଼ିଚାଲିଛି ଫରଫର ହୋଇ, ଦେଶବାସୀଙ୍କ ହୃଦୟରେ ବିରାଟ ପରିବର୍ତ୍ତନର ଅସମ୍ଭାବ୍ୟ ସମ୍ଭାବନା ପ୍ରତି ଆଶାବାଦୀ ହୋଇ ମୋ ଦେଶର ତ୍ରିରଙ୍ଗା ଉଡ଼ିଚାଲିଛି ଖରା-ବର୍ଷା-ଶୀତକୁ ତିଳେହେଁ ଖାତିର ନ କରି ଠିକ୍ ମୁକ୍ତାକାଶ ତଳେ ନିର୍ଭୟରେ, ଡେଣା ମେଲି ଉଡୁଥିବା ସୁନ୍ଦର ଏକ ବିହଙ୍ଗଟିଏ ପରି ।

ଶିକ୍ଷକ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ତାଳଚେର
ଜିଲ୍ଲା : ଅନୁଗୋଳ

ISSN NO.
2582-208X


# ଅମାନିଆ ହେଲ ଜଗା



ନନ୍ଦିନୀ ରାଉତ

ଜଗାଟା ହୋଇଲା ବଡ଼ ଅମାନିଆ
ଯେ ଦିନୁ ଛାଡିଲା ଗୋପ
ନୀଳାଚଳେ ପୁଣି ଲୁଚି ରହିକରି
ଦେଖାଉଛି କେଡେ ଦର୍ପ...1

ଗରବ ଗଞ୍ଜନ ନାମ ବହି ପୁଣି
ଗରବ କରଇ ତୁନା
ଦୁଃଖୀ ଦୁଃଖହାରି ହୋଇ କରି ପୁଣି
ଉଡାଉଛି ତାର ବାନା...2

ଶ୍ୱଶୁର ଘରରେ ଅଚିନ୍ତା ରେ ରହି
ଭକ୍ତଙ୍କୁ ପାସୋରି ଦେଲା
ଭକତ ଭାବରେ ବନ୍ଧା ଥିଲା ବୋଲି
ମନୁ ତାର ଭୁଲିଗଲା....3

ଲକ୍ଷ୍ମୀସାଆନ୍ତାଣୀ ଅପୂର୍ବ ରାନ୍ଧଣା
ଖାଇ ଭୁଲିଗଲା ରାଧା
ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
ଦେଉନାହିଁ କିଛି ବାଧା....4

ISSN NO.
2582-208X

ନାହାନ୍ତି ଯଶୋଦା କାହାକୁ ଡରିବ
ଭୁଲିଲା ତେନ୍ତୁଳି ଛାଟ
ଅଳସୁଆ ହୋଇ ପଲଙ୍କରେ ଶୋଇ
ମାରିଲା ଖାଲି କୁହାଟ...5

ଶ୍ରୀବତ୍ସ ବ୍ରାହ୍ମଣ ଲାତ ଖାଇଥିଲା
ପାଦ ତାଙ୍କ ଆଉଁସିଲା
ଆଜି ଭକ୍ତ ଡାକେ ଆକୁଳ ଅନ୍ତରେ
ଦୁଃଖ ତାଙ୍କ ନ ଶୁଣିଲା...6

ଭାଙ୍ଗ ତୋର ନିଦ ଆରେ ବନମାଳୀ
କହୁଛି ନନ୍ଦିନୀ ତୋତେ
ରକ୍ଷାକର ଆଜି ଏ ବିଶ୍ୱ ଜଗତ
ମାରିଦେଇ ପଛେ ମୋତେ....7

ବାଲିପଙ୍ଗା, ଅନୁଗୁଳ

ISSN NO.
2582-208X

# ତଅପୋଇ



ବାସନ୍ତୀ ଲତା ଜେନା

ଧନେଶ୍ୱର ଝିଅ ତଅପୋଇ ଥିଲା
ସାତ ଭାଇରେ ଭଉଣୀ
ଗେହ୍ଲ ବସରରେ ବଢି ଥିଲା ସିଏ
ସତେକି ରାଜ ଦୁଲଣୀ ।୧।

ସାଙ୍ଗସାଥି ମେଳେ ଖେଳୁ ଥିଲା ବଳେ
ବୁଢୀ ବ୍ରହ୍ମଣୀ ଆସିଲା
ସୁନା କୁଲେଇରେ ରୂପା ଚାନ୍ଦ ସଙ୍ଗେ
ଖେଳୁନୁ କାହିଁକି ଭଲା ।୨।

ବାପା ଶୁଣି କରି ଚାନ୍ଦ ଗଢାଇଲେ
ଅଧା ଚାନ୍ଦେ ମାଆ ମଲେ
ପୂରା ଚାନ୍ଦ ଯେବେ ଗଢ଼ା ହୋଇ ଗଲା
ପିତା ସ୍ୱର୍ଗ ପୁର ଗଲେ ।୩।

ସାତ ଭାଇ ତାର ବାଣିଜ୍ୟକୁ ଗଲେ
ସାଥିରେ ବୋଇତ ନେଇ
ଭାଉଜ ମାନଙ୍କୁ ଭଗ୍ନୀ ସମର୍ପିଲେ
କେତେ ଆଶ୍ୱାସନା ଦେଇ ।୪।

ISSN NO.
2582-208X

ଛଅ ଭାଉଜ ତ କେତେ ଦୁଃଖ ଦେଲେ
ବୁଢୀ ବ୍ରାହ୍ମଣୀ କଥାରେ
ମାଡ଼ ଗାଳି ଦେଲେ ଛେଳି ଚରାଇଲେ
ସାନ ବହୂ ହୃଦ ଥରେ ।୫।

ଘର ମଣି ଛେଳି ହଜି ଯାଇ ଥିଲା
ବନ ଗହନ ମଧ୍ୟରେ
ବଡ଼ ବହୂ ତାକୁ ଘରୁ ତଡି ଦେଲା
ଘନ ଅନ୍ଧାର ରାତ୍ରିରେ ।୬।

ଘୋର ବନସ୍ତରେ ଛେଳିକୁ ଖୋଜିଲା
ଶୁଣିଲା ଗୀତର ସ୍ୱର
ପାଖକୁ ଯାଇଣ ପଚାରି ବୁଝିଲା
ପୂଜା ମଙ୍ଗଳା ମାତାର ।୭।

ମଙ୍ଗଳା ମାତାଙ୍କୁ ପ୍ରାର୍ଥନା କରିଲା
ଘରମଣୀ ମିଳିଗଲା
ଛଅ ଦିନ ପରେ ରବି ବାର ଆସେ
ମାତାଙ୍କ ଓଷା ପଡିଲା ।୮।

ଖୁଦ କଣିକାରେ ମଣ୍ଡା କରି ସିଏ
ମଙ୍ଗଳାଙ୍କୁ ପୂଜିଥିଲା
ଭାଇ ମାନେ ତାର ସଅଳେ ଫେରିଲେ
ଜଙ୍ଗଲରେ ଦେଖା ହେଲା ।୯।

ISSN NO.
2582-208X

ଗେହ୍ଲି ଭଉଣୀର ଦୁର୍ଦ୍ଦଶା ଦେଖିଣ
କ୍ରୋଧାଗ୍ନିରେ ଜଳି ଗଲେ
ବୋଇତ ମଙ୍ଗରେ ମଙ୍ଗଳା ସାଜିଣ
ତଅପୋଇ ବସାଇଲେ ।୧୦।

ବୋଇତ ବନ୍ଦାଣ ଛ ବହୂ କଲେ
ନାକ ତାଙ୍କ କାଟି ଦେଲା
ସାନ ବହୂ ଯେବେ ବୋଇତ ବନ୍ଦାଏ
କୋଳେଇ ତାଙ୍କୁ ସେ ନେଲା ।୧୧।

ହସ ଖୁସିରେ ତ ଘରକୁ ଫେରିଲେ
ଛଅ ବହୂ ଗଲେ ବନେ
ତଅପୋଇ ଦୁଃଖ ଏବେ ସରିଗଲା
ଖୁସି ହୋଇଲା ସେ ମନେ ।୧୨।

ଗାନ୍ଧୀନଗର,
ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର

ISSN NO.
2582-208X

# ସାଇବର ଠକ, ସେ ପରା ଘାତକ



ଜୟ କୁମାର ମିଶ୍ର

ସାଇବର ଠକ, ଦିଏ ବଡ଼ ଦୁଃଖ
କରେ ବଡ଼ କଲବଲ
ସବୁ ଜାଣି ଶୁଣି, ମନ ବଣା ପୁଣି
ବୁଦ୍ଧିପରା ପୋତାଡେଲ ।
ହନିଟେପ ମୋହ, ସୁନ୍ଦରୀର ଲୁହ
କଅଁଳ ବିକଳ କଥା,
ସାରିଦିଏ ବଳ, ଧନମାନ, କଳ
ଠକରେ କାଟନ୍ତି ଚିତା ।
ଫୁଟିଛି ଲଟେରି, ଆଶାର ଚାତୁରୀ
ଲକ୍ଷ୍ୟ, ଲକ୍ଷ୍ୟ କୋଟି କୋଟି,
ସଞ୍ଚୟ ଖାତାର, ମାଗନ୍ତି ନମ୍ବର,
ମୋବାଇଲ ବାରତା ଭେଟି ।
ମେଳିବଟି କାର, ଦାମୀ ଉପହାର
ଅଳଙ୍କାର ଦାମୀ ମୂଲ ,
ମେଳିବ ଚାକିରୀ, ଦରମାଟି ଭାରି
ଠକ ତରିକାର ଜାଲ ।

ISSN NO.
2582-208X

ମିଛର ବାହାନା, ବିଶ୍ୱାସ ଭାବନା
କେତେ ନଟକୁଟ ହାଟ,
ରାଣ ଓ ପ୍ରମାଣ, ମଧ୍ୟସ୍ଥିତି ଜାଣ
କହି ଥୋଇ ନୁଆଁ ପାଠ ।
ଶିକ୍ଷିତ ମୁରୁଖ, ସବୁ ପରା ଏକ
ଯେତେ ସେ ଚତୁର ହେଉ,
ସୁଖ ଭୋଗରୋଗ, ବଢ଼ାଇ ତା ବେଗ
ମନରେ ଦେଉଛି ଦାଉ ।
ଘେନି ଯାଏ ମାନ, ଘେନେ କା'ର ପ୍ରାଣ
ଧନ ଯଉବନ ଶିରୀ,
ଉଚ୍ଚ ଅଭିଳାଷ, କରେ ସର୍ବନାଶ
ଘରେ କଳାକନା ଘୁରି ।
ଗଣ ମାଧ୍ୟମରେ, ସଚେତନ ବାରେ
ଚେତନା ଦୀପାଳି ଜଳେ,
ତଥାପି ଅନ୍ଧାର, ଅଜ୍ଞାନଟି ଘୋର
ବିବେକ ତାହାର କୋଳେ ।
ଜମି କିଣାବିକା, ଘର, ବାଡ଼ି, ଯୋଖା
କେତେ କାଣ୍ଡ କାରଖାନା,
କାୟାକୁ ମେଲାଏ, ବୋକାଙ୍କୁ ବନାଏ
ଭେଣ୍ଡି ହୁଏ, ଖାଣ୍ଟି ସୁନା ।
ମିଛ ବିଜ୍ଞାପନ, ଦୁର୍ବଳିଆ ମନ
ସପନ ରାଇଜେ ଘୁରେ,
ସପନ ବଣିକ, ଆୟୁଷ କ୍ଷଣିକ
କାଳ ବେଳ କାର ସାରେ ।

ISSN NO.
2582-208X

ଅଖା ଧୋଉଥାଏ, ଗୁଣ ଗାଉଥାଏ
ଗୁଣମଣି ଗୁଣିବନ୍ତ,
ଅତି ଲୋଭଲାଭ, ଦିଏ ପରାଭବ
କରି ଦିଏ ହନ୍ତସନ୍ତ ।
ସାଧୁ ସାବଧାନ, ଏଡି ଆଶା ମନ
କରମରେ ମନ ଦୃଢ଼,
ଖାଅ ଶାଗପେଜ, କୁଡ଼ିଆରେ ଶେଜ
ମରୁ ମରୀଚିକା ଛାଡ ।

ବୁଦୁରା, ଗୋରିବନ୍ଧା
ଗଜପତି, ଓଡିଶା, 761296,
ଯୋଗାଯୋଗ 6372127449

ISSN NO.
2582-208X

# ଜଗନ୍ନାଥ ଦାସ ଙ୍କ ସାହିତ୍ୟ ରେ ଶ୍ରୀ ଜଗନ୍ନାଥ



ସ୍ୱାତୀ ସୁଚରିତା ପ୍ରିୟଦର୍ଶିନୀ

ଜଗନ୍ନାଥ ଦାସ ହେଉଛନ୍ତି ସାରଳା ଙ୍କ ପରବର୍ତ୍ତୀ ଶ୍ରେଷ୍ଠ କବି । ସେ ଓଡ଼ିଆ ସାହିତ୍ୟ ରେ ଜଣେ ବଳିଷ୍ଠ ପ୍ରତିଭା ଏବଂ ଓଡ଼ିଆ ସାହିତ୍ୟ ସରଣୀ ରେ ସେ ହେଉଛନ୍ତି ଦ୍ୱିତୀୟ ବୃହତ୍ତମ ସ୍ତମ୍ଭ । ଓଡ଼ିଆ 'ଭାଗବତ' ର ରଚୟିତା ଭାବେ ସେ ଘରେ ଘରେ ପରିଚିତ । ଭାଗବତ ହେଉଛନ୍ତି ସାକ୍ଷାତ ବିଷ୍ଣୁ ଓ ଜଗନ୍ନାଥ ।

ପୁରୀ ନିକଟସ୍ଥ କପିଳେଶ୍ୱରପୁର ଶାସନ ଜଗନ୍ନାଥ ଦାସ ଙ୍କ ଜନ୍ମ ସ୍ଥାନ। ତାଙ୍କ ପିତା ଭଗବାନ ଦାସ ଓ ମାତା ଙ୍କ ନାମ ପଦ୍ମାବତୀ । ଶୈଶବ ରୁ ତାଙ୍କର ଧର୍ମ ପ୍ରତି ଆସକ୍ତି ଥିଲା ଏବଂ ସେ ଶାସ୍ତ୍ର ଅଧ୍ୟୟନ ରେ ମନୋନିବେଶ କରିଥିଲେ । ଅଠର ବର୍ଷ ବୟସରେ ସେ ସନ୍ନ୍ୟାସ ଗ୍ରହଣ କରିଥିଲେ ।

ଶ୍ରୀ ଚୈତନ୍ୟ ଙ୍କ ୧୫୧୦ ରେ ପୁରୀ ଆଗମନ କାଳରେ ଜଗନ୍ନାଥ ଦାସ ପୁରୀ ରେ ଅବସ୍ଥାନ କରୁଥିଲେ। ଶ୍ରୀ ଚୈତନ୍ୟ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ ଉଦ୍ଦେଶ୍ୟ ରେ ଶ୍ରୀ ମନ୍ଦିର ପ୍ରବେଶ କାଳ ରେ ବଟ ଗଣେଶ ଙ୍କ ନିକଟରେ ଜଗନ୍ନାଥ ଦାସ ଙ୍କୁ ଭାଗବତ ପାଠ କରୁଥିବା ଦେଖିଥିଲେ । ସେ ସଂସ୍କୃତ ଭାଗବତ ର ଦ୍ୱାଦଶ ସ୍କନ୍ଧ ର ଅଂଶ ବିଶେଷ ପାଠ କରି ଶ୍ରୋତା ମାନଙ୍କୁ ଅତି ପ୍ରାଞ୍ଜଳ ଭାବରେ ବୁଝଉଥିଲେ । ଶ୍ରୀ ଚୈତନ୍ୟ ତାଙ୍କର ସରଳ ବ୍ୟାଖ୍ୟା ରେ ମୁଗ୍ଧ ହୋଇ ତାଙ୍କୁ 'ଅତିବଡି' ଉପାଧିରେ ଭୂଷିତ କରିଥିଲେ ।

ISSN NO.
2582-208X

ଜଗନ୍ନାଥ ଦାସ ଙ୍କ କାଳଜୟୀ କୃତି ଗୁଡ଼ିକ ମଧ୍ୟରେ ଭାଗବତ, ଅର୍ଥ କୋଇଲି, ମୃଗୁଣି ସ୍ତୁତି, ନୀଳାଦ୍ରି ବିଳାସ, ତୁଳାଭିଣା, ଷୋଳ ଚଉପଦୀ ଆଦି ଅନେକ ରଚନା ରହିଚି ।

ଜଗନ୍ନାଥ ଦାସ ଙ୍କ ରଚନା ଗୁଡ଼ିକ ମଧ୍ୟରେ ଭାଗବତ ହେଉଚି ଶ୍ରେଷ୍ଠ କୃତି । ଭାଗବତ ରେ ସେ ତାଙ୍କ ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥ ଙ୍କ ନାମ ଅଧିକାଂଶ ସ୍ଥାନରେ ପ୍ରୟୋଗ କରିଛନ୍ତି । ଏହା କବି ଙ୍କ ଗଭୀର ଜାତୀୟତାବୋଧ ର ପରିଚୟ ଦେଇଥାଏ । ଓଡ଼ିଆ ସାହିତ୍ୟରେ ପ୍ରଭୁ ଶ୍ରୀ ଜଗନ୍ନାଥ ବହୁ ପୂର୍ବରୁ ପରଂବ୍ରହ୍ମ ଭାବେ ବିଦିତ । ଶ୍ରୀ କୃଷ୍ଣ ଓ ବିଷ୍ଣୁ ଭଗବାନ ଙ୍କୁ ଏଥିରେ ଜଗନ୍ନାଥ ଭାବେ ଗ୍ରହଣ କରା ଯାଇଚି । କବି ଭାଗବତ ଅନୁବାଦ କରିବା ସମୟ ରେ ମଧ୍ୟ ଅହି ସୂତ୍ର ଟିକୁ ମୂଳ କରି ଧରିଛନ୍ତି । କଳିଯୁଗ ଶେଷ ରେ ମଧ୍ୟ ଭଗବାନ ଙ୍କର ଅବତାର ପ୍ରସଙ୍ଗ ଟେ କବି ଶ୍ରୀ ଜଗନ୍ନାଥ ଙ୍କ ବିଷୟ ଉଲ୍ଲେଖ କରିଛନ୍ତି –

ସେ କୋପେ ବିଶୁ ଯଶା ଘରେ । ଜନ୍ମିବେ କଳ୍କି ଅବତାରେ ।।
ମନ ରୁ ଅତି ବଳବନ୍ତ । ଅଶ୍ୱ ଆରୋହୀ ଜଗନ୍ନାଥ ।।
ସୁନନ୍ଦ ଖଡ୍ଗ କରେ ଧରି । ଦୁଷ୍ଟ ରାଜାଙ୍କୁ ଦେବେ ମାରି ।।
ଅଳପ ପ୍ରଜାଜନ ଶେଷ । ଦୟାରେ ଲଭିବେ ଆଶ୍ୱାସ ।।।
(୧ମ ସ୍କନ୍ଧ, ୩ୟ ଅଧ୍ୟାୟ)

ଜଗନ୍ନାଥ ଦାସ 'ଷୋଳ ଚଉପଦୀ' ରେ ଶ୍ରୀ ଜଗନ୍ନାଥ ଙ୍କୁ ଶ୍ରୀ କୃଷ୍ଣ ଙ୍କ ଠାରୁ ଅଭିନ୍ନଂ ଦେଖି ଅଛନ୍ତି ଓ ଶ୍ରୀ କ୍ଷେତ୍ର କୁ ବୃନ୍ଦାବନ ଠାରୁ ଅଭିନ୍ନଂ ବୋଲି କହିଛନ୍ତି । ଯାହା ଜଗନ୍ନାଥ ଚରିତାମୃତ ତଥା ଜଗନ୍ନାଥ ଦାସ ଙ୍କ ଅନ୍ୟାନ ରଚନା ରେ ପ୍ରତିପାଦିତ ହୋଇଛି । କବି ନିଜ ମାନସ ପଟ ରେ ଜଗନ୍ନାଥ ଙ୍କ ସ୍ୱରୁପରେ ଦେଖିଛନ୍ତି ରାଧା କୃଷ୍ଣ ଙ୍କ ପ୍ରେମ ମୟ ଲୀଳା ।

"କି ଅବକାଶେ ମୁଁ ଦେଖିଲେ ଶୋଭା ନୀଳାଦ୍ରି ପତି'
ରାଧାକୃଷ୍ଣ ଯେକ ହୋଇଣ ସୁଖେ ଲୀଳା କରନ୍ତି ।।"

ISSN NO.
2582-208X

କବି ଙ୍କ ର ଏହି ଚଉପଦୀ ତାଙ୍କ ଛନ୍ଦ ଜ୍ଞାନ ଓ ଚଉପଦୀ ସାହିତ୍ୟ ର ପ୍ରାଚୀନତା ସମ୍ପର୍କରେ ଜଣାଇ ଥାଏ ।

ଶ୍ରୀ ଜଗନ୍ନାଥ ଙ୍କୁ କେନ୍ଦ୍ର କରି 'ଶ୍ରୀ ଖଣ୍ଡ ଚନ୍ଦନ କାହାଣୀ' ରେ ଜଗନ୍ନାଥ ଦାସ ଙ୍କ ଅଲୌକିକ ଶକ୍ତି ର ପରିଚୟ ମିଳିଥାଏ । କାଶୀରାମ ନାମକ ଜଣେ ବୋଇତ ବ୍ୟବସାୟୀ ଗଜପତି ପ୍ରତାପରୁଦ୍ର ଦେବ ଙ୍କୁ ଶ୍ରୀଖଣ୍ଡ ଚନ୍ଦନ ଉପହାର ଦେଇଥିଲେ । ରଜା ସେହି ଚନ୍ଦନ କୁ ଶ୍ରୀ ଜଗନ୍ନାଥଙ୍କ ଅଙ୍ଗରେ ଲେପନ କରିବା ଉଦ୍ଦେଶ୍ୟରେ ଜଗନ୍ନାଥ ଦାସ ଙ୍କୁ ପ୍ରଦାନ କଲେ। ଜଗନ୍ନାଥ ଦାସ ସେ ଚନ୍ଦନ କୁ ନେଇ ସେ ରହୁଥିବା ଘର କାନ୍ଥ ରେ ଲେପନ କଲେ। ରାଜାଙ୍କ ପାଖେ ଏ ଖବର ପହଂଚିବା କ୍ଷଣି ରଜା ଜଗନ୍ନାଥ ଦାସ ଙ୍କୁ ଏକଥା ପଚାରିଲେ । ଉତ୍ତର ରେ ସେ ପ୍ରଭୁ ଙ୍କ ଅଙ୍ଗରେ ଚନ୍ଦନ ଲେପନ କରିଛନ୍ତି ବୋଲି କହିଲବ । ରଜା ଏ କଥା ର ପ୍ରମାଣ ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ବିଗ୍ରହ ନିକଟକୁ ଗଲେ ଓ ଶ୍ରୀ ଜଗନ୍ନାଥଙ୍କ ବିଗ୍ରହ ରୁ ଚନ୍ଦନ ସୁବାସ ଜାଣି ପାରିଲେ। ରଜା ଜଗନ୍ନାଥ ଙ୍କ ଅଲୌକିକ ଶକ୍ତି କୁ ବିଶ୍ୱାସ କଲେ। ଏହା ହିଁ ' ଶ୍ରୀ ଖଣ୍ଡ ଚନ୍ଦନ କାହାଣୀ 'ରେ ବର୍ଣ୍ଣିତ ବିଷୟ ବସ୍ତୁ ।

ଜଗନ୍ନାଥ ଦାସ ଙ୍କ "ନୀଳାଦ୍ରି ବିଳାସ" ଗ୍ରନ୍ଥ ରେ ନିତ୍ୟ ସ୍ଥଳୀ ନୀଳାଦ୍ରି ର ମାହାତ୍ମ୍ୟ ବର୍ଣନା କରା ଯାଇଚି । ବୈଷ୍ଣବ ସାଧକ କି ଉପାୟରେ ଜଗନ୍ନାଥ ରୁପୀ ପରଂବ୍ରହ୍ମ କୁ ଦର୍ଶନ କରିବ, ତାହା ବିସ୍ତୃତ ଭାବେ ବର୍ଣ୍ଣିତ । କବି କହିଛନ୍ତି, ଏହି ନୀଳାଦ୍ରି ର ମାଲିକ ବ୍ରହ୍ମରୂପି ଅଟେ । ଯାହାର ଶରୀର ଅନନ୍ତ ଓ ତାହା ଚତୁଦ୍ଦିଗ ରେ ବ୍ୟାପ୍ତ । ଏହି କ୍ଷେତ୍ର ଶଙ୍ଖ କ୍ଷେତ୍ର ଭାବେ ଖ୍ୟାତ । ଜଗନ୍ନାଥ ସପ୍ତାବରଣ ବେଷ୍ଟିତ । ବୈଷ୍ଣବ ସାଧକ ର ନିତ୍ୟାଚାର ପ୍ରସଙ୍ଗ ରେ ପ୍ରାତଃ ସ୍ନାନ, ତିଳକ ପ୍ରଭୃତି ପରେ ଧ୍ୟାନ ପ୍ରସଙ୍ଗ କୁହା ଯାଇଚି । ପ୍ରଥମେ ବାଇଶି ପାହାଚ ତପ୍ସରେ ଜଗମୋହନ, କଳାରାଏଟ୍, ମଣୋହି କୋଠ ପ୍ରଭୃତି ସପ୍ତାବରଣ ଅତିକ୍ରମ କରିବା ପରେ ରାଧା ଭାବେ ଅନୁପ୍ରାଣିତ ହୋଇ ସାଧକ ଶ୍ରୀ ଜଗନ୍ନାଥ ଙ୍କୁ ଧ୍ୟାନ କରିବ । ସିଂହାସନ ର ଦୁଇ ପାଖରେ ରାଧା ଓ ଚନ୍ଦ୍ରାବଳି ମଧ୍ୟରେ ବିନ୍ଦୁ ବ୍ରହ୍ମ ଦାରୁ କଳେବର ବିଦ୍ୟମାନ ଅଛନ୍ତି । ସେହି ବିନ୍ଦୁ ବ୍ରହ୍ମ ମଧ୍ୟରେ ଅଛନ୍ତି ଅରୁପାନନ୍ଦ ।

ଏହା ପରେ ନିତ୍ୟ ସେବା ବର୍ଣ୍ଣିତ । ଏହି ସେବା ଷୋଡ଼ଶ ସେବା ଭାବରେ କଥିତ । ୧୬ ଦଳ ର ୧୬ ସଖୀ ଯେଉଁ ଭାବରେ ନିତ୍ୟ ସେବା କରନ୍ତି, ସେହିପରି ଭାବରେ ଆସନରେ

ISSN NO.
2582-208X

ଉପବେଶନ କରି ସାଧକ ଙ୍କୁ ଉକ୍ତ ସେବା କରିବାକୁ ପଡ଼ିବ । ଏହି ସେବା ହଉଚି ପ୍ରେମ ସେବା । ଅର୍ଥାତ୍ ରାଧା ଭାବରେ ଶ୍ରୀ ଜଗନ୍ନାଥ ଙ୍କୁ ସେବା କରିବ ।

ଭାଗବତ ଭଜନ ରେ କବି ଦ୍ଵାଦଶ ସ୍କନ୍ଧ ପର୍ଯ୍ୟନ୍ତ ଭାଗବତ ରେ ଥିବା ବିଷୟକୁ ଗୋଟିଏ ଗୋଟିଏ ପାଦ ରେ ବର୍ଣନା କରିଛନ୍ତି । ଏହି ଭଜନ ରେ କବି ଶ୍ରୀ ଜଗନ୍ନାଥ ତଥା ଚତୁର୍ଦ୍ଧା ମୂର୍ତ୍ତି ବିଷୟରେ ଲେଖିଛନ୍ତି -

"ଯେଉଁ ପ୍ରଭୁ ଜଗନ୍ନାଥ ତହୁଁ ସିନା ସବୁ ତତ୍ଵ
ଶୁକଳ ଗଉର ଅଙ୍ଗ କଳା ବୋଲିଟି
ଏମନ୍ତେ ଚାରି ହୋଇଲା ଅପରେ ଚାରି କହିଲା
ଶ୍ରୀ ନୀଳ କନ୍ଦର ବିଜେ ଚତୁର୍ଦ୍ଧ ମୂର୍ତ୍ତି ।"

ଏକାକ୍ଷର ଉତ୍ତର ଭଜନ ରେ କବି ଶ୍ରୀ ଜଗନ୍ନାଥ ଓ ଶ୍ରୀ କ୍ଷେତ୍ର ର ତାତ୍ତ୍ଵିକ ବର୍ଣନା କରିଛନ୍ତି
- "ଓଁ ମତି ଯେ ଏକାକ୍ଷର ପ୍ରକଟ ନୀଳ କନ୍ଦର
ପ୍ରଣବ ସହିତେ କ୍ଷେତ୍ରବର ହୋଇଛି ।
ଅର୍ଦ୍ଧ ମାତ୍ରା ଉର୍ଦ୍ଧ୍ଵେ ବିଜେ ବିନ୍ଦୁ ଦାରୁ ବ୍ରହ୍ମ ସେ ଯେ
ପରଂବ୍ରହ୍ମ ବ୍ୟାପିଣ ଅଖିଳ ମୋହୁଚି ।"

କବି ଜଗନ୍ନାଥ ଦାସ ଶ୍ରୀ ଜଗନ୍ନାଥଙ୍କ ର ପରମ ଭକ୍ତ ଥିଲେ । ଭାଗବତ ଓଡ଼ିଆ ଜନ ଜୀବନ ରେ ନ୍ୟାୟାଳୟ ରୂପେ କାର୍ଯ୍ୟ କରିଚି ଓ ସାକ୍ଷରତା ହାର ବୃଦ୍ଧି ରେ ମଧ୍ୟ ସହାୟକ ହୋଇଛି । କବି ନିଜର ରଚନା ଗୁଡ଼ିକ ଶେଷ ଭାଗ ରେ ଶ୍ରୀ ଜଗନ୍ନାଥଙ୍କ ମହିମା ଓ ଶ୍ରୀ କ୍ଷେତ୍ର ର ମହିମା ଉପରେ ବିଶେଷ ଗୁରୁତ୍ଵ ଆରୋପ କରିଛନ୍ତି । ଶ୍ରୀ କ୍ଷେତ୍ର ରେ ଶ୍ରୀ ଜଗନ୍ନାଥ ଯେପରି ରହସ୍ୟ ମୟ, ସେହି କ୍ଷେତ୍ର ର ରଂଗ ମଞ୍ଚ ରେ ଅଭିନୀତ ହୋଇ ଯାଇଥିବା ବହୁ ଭକ୍ତ ଓ ମହା ପୁରୁଷ ମାନଙ୍କର ଧାର୍ମିକ ମତ ବାଦ ରେ ବହୁ ରହସ୍ୟ ହୋଇ ରହି ଯାଇଚି । ତେଣୁ ଗବେଷଣା ମାଧ୍ୟମରେ ସେ ସବୁ ର ରହସ୍ୟ ଉଦଘାଟିତ ହେବା ଉଚିତ ।

ଓଡିଶା, ପୁରୀ

ISSN NO.
2582-208X

# ଆଜିର ଯୁବପିଢ଼ି ଓ ଭ୍ୟାଲେନଟାଇନ ଡେ



ଅମୃତ ନାର୍ୟଣ ଶତପଥୀ

ଯୁବ ଅବସ୍ଥାରେ ଯୌବନର ଉନ୍ମାଦନା,
ନୂତନ ବିଚାରେ ଚେତନା ଓ ଅବଚେତନା,
ନୂତନ ଭଙ୍ଗୀ ଓ ନୂତନ ଶୈଳୀରେ,
ପାଶ୍ଚାତ୍ୟ ଭ୍ୟାଲେନଟାଇନ ଡେ ପାଳନ ହୁଏରେ।(୧)

ପିତାମାତାଙ୍କ ପ୍ରତି ସ୍ନେହ ଭାବ ହ୍ରାସ,
ପରିବାରରେ ପୁଣି ପ୍ରେମ ଓ ସୌହାର୍ଦ୍ଦ୍ୟ ନାଶ,
ମାଦକତା ଆଉ ଉଦ୍ଦାମତା ଗ୍ରାସ,
ସେଥିରେ ନିଜର ସଂସ୍କୃତି ଆଦି ନାଶ।(୨)

ବିଭିନ୍ନ ଦିବସେ ରଙ୍ଗ ବେରଙ୍ଗର ଶୈଳୀ,
ଉପହାର ଆଉ ଅନ୍ୟ ଚିଜେ ଅଳି,
ପତନ ସଂସ୍କୃତି ଆରମ୍ଭ ଚାଟଶାଳୀ,
ବ୍ୟକ୍ତି ବ୍ୟକ୍ତି ମଧ୍ୟେ ଅସୀମିତ କଳି।(୩)

ISSN NO.
2582-208X

କିପରି ଏ ସଂସ୍କୃତି କିପରି ବ୍ୟବସ୍ଥା,
ଆନନ୍ଦ ଠୁଁ ବେଶୀ ଏଠି ଯେ ହତାଶା,
ଯୁବପିଢି ମଧ୍ୟେ ଉନ୍ମାଦନା ଅବା ନିରାଶା,
ପ୍ରୌଢ଼, ବାର୍ଦ୍ଧକ୍ୟରେ ହୃଦୟ ଶ୍ମଶାନ ନିରବତା।(୪)

ଏହି ସବୁଥିରୁ ବଞ୍ଚିବା ଉପାୟ,
ନିଜେ ହୁଅନାହିଁ ପୁଣି ନିରୁପାୟ,
ସଂଯମେ ସୁରମ୍ୟେ ନିଜ ସଂସ୍କୃତି ବଞ୍ଚାଅ,
ଉନ୍ନତିର ପଥେ ଅଗ୍ରସର ହୁଅ ହେ ନିର୍ଭୟ।(୫)

ନୟାପଲ୍ଲୀ, ଜୟଦେବ ବିହାର,
ଭୁବନେଶ୍ୱର

((()))

ISSN NO.
2582-208X

# ଭକ୍ତକବି ମଧୁସୂଦନ ରାଓଙ୍କ ସ୍ମରଣେ......



କୁଞ୍ଜବିହାରୀ ରାଉତ

ପୁରୀ ର ପଥୁରିଆସାହି ଆଜି
ସ୍ପନ୍ଦିତ ଓ ଗର୍ବିତ
ହେ ଭକ୍ତକବି ମଧୁସୂଦନ
ପୁଣି ଗର୍ବିତ ଆଜି ଭାଗିରଥି ଓ ଅମ୍ବିକା ଦେବୀ
ପିତାମାତା ଙ୍କ ସହ ଗର୍ବିତ ଉତ୍କଳ
ମଧୁମୟ ସୃଷ୍ଟି ତୁମ ଈଶ୍ୱର ବନ୍ଦିତ
ଅମୃତର ସନ୍ଧାନରେ ତୁମେ
ସୃଷ୍ଟିରେ ତୁମର ଶିଶୁକବିତା
ପୁଣି କେତେବେଳେ ଦାର୍ଶନିକ ଚିନ୍ତା
ତୁମ ଲେଖନୀରେ ସୃଷ୍ଟି
କବିତାବଳୀ, ଛନ୍ଦମାଳା, ସଂଗୀତମାଳା
ପୁଣି ରହିଛି ଉତ୍କଳଗାଥା ସହ ବସନ୍ତଗାଥା
ତାସହ କୁସୁମାଞ୍ଜଳି, ବିବିଧ କବିତା
ଋଷିପ୍ରାଣେ ଦେବାବତରଣ
ହିମାଳୟେ ଉଦୟ ଉତ୍ସବ
କାବ୍ୟକବିତାରେ ଭରିଅଛ ଅପୂର୍ବ ଜୀବନଦର୍ଶନ
ସବୁଥିରେ ତୁମର ରହିଛି ଅଲିଭା ସ୍ୱାକ୍ଷର
ତୁମେ ପରା ଗର୍ବ ଆମ ଉତ୍କଳ ମାଟିର....

ISSN NO.
2582-208X

ତେବେ ତୁମ କବିତା ଜନ୍ମଭୂମି, ଉତ୍କଳ ବନ୍ଦନା
ଆକାଶ ପ୍ରତି, ନଦୀପ୍ରତି ଭରିଅଛ ପ୍ରକୃତି ର ଅପୂର୍ବ ସ୍ପନ୍ଦନ .....
ପୁଣି ଜୀବନଚିନ୍ତା କବିତାରେ ପ୍ରତି ମୁହୂର୍ତ୍ତରେ
ଭେଟିଛନ୍ତି କ୍ଷଣଭଙ୍ଗୁର ଏ ମାନବ ଜୀବନ
ସବୁଥିରେ ଥିଲା ତୁମ ବିଭୁପ୍ରେମ ସହ ଦେଶ ପ୍ରେମର ଝରଣା .....
ହେ ଭକ୍ତକବି, କବିତାରେ ତୁମର ଚିନ୍ତା ଓ ଚେତନା
ଭିଜାଉଥିଲା ଆମର ମନ ଓ ପ୍ରାଣକୁ
ସବୁଥିରେ ଥିଲା ତୁମ ଅଦୃଶ୍ୟ ପ୍ରେରଣା ....
ହେ ଦୂରଦ୍ରଷ୍ଟା, ଦେଶପ୍ରେମୀ ଆଶୀର୍ବାଦ ଥାଉ ତୁମରି
ତୁମ କଥା ଭାଳୁଛି ମୁଁ ହୀନ କୁଞ୍ଜବିହାରୀ .....

ପ୍ଲଟ ନଂ: ୧୪୮/୫, ହମିରପୁର, ରାଉରକେଲା:୩
ମୋ :୯୦୯୦୦୯୦୨୨୫

ISSN NO.
2582-208X

# ଚଠି



ନରେନ୍ଦ୍ର ପ୍ରସାଦ ବେହେରା

ଲୁହରେ ଲେଖୁଛି  ଚିଠିଟେ ତୁମକୁ
କରିବନି ମୋତେ ପର
କାଲିଥିଲି ତୋର  ଅତି ଆପଣାର
ହୋଇଗଲୁ ଆଜି ଦୂର ।୧।

ଅନ୍ତର ବେଦନା  ସହି ପାରୁନାହିଁ
ମନେ ପଡୁ ଖାଲି ତୁହି
ମନେମନେ ତୋତେ  ଖୋଜୁଅଛି କେତେ
ବୁଝି ତୁ ପାରିବୁ ନାହିଁ ।୨।

ତୋପରି ଭଉଣୀ  ଜଗତ ମଧ୍ୟରେ
ଖୋଜିଲେ ମିଳିବ ନାହିଁ
ସ୍ନେହଶ୍ରଦ୍ଧା ତୋର  ଝୁରେ ମନ ମୋର
କହୁଛି ପ୍ରଭୁଙ୍କୁ ଚାହିଁ ।୩।

ISSN NO.
2582-208X

ମୋ ପରି ଭାଇକୁ   ଦୂରେ ଠେଲିଦେଇ
କେମିତି ପାଉଛୁ ଶାନ୍ତି
ଜୀବନରେ ନିଶ୍ଚେ   ଭେଟ ହେବ ଆମ
ଦେଉଛି ଏ ପ୍ରତିଶ୍ରୁତି  ।୪।

କେଉଁ ଦୋଷ ଦେଖି   କଲେ ପ୍ରଭୁ ଦୂର
ବୁଝାଇ କର ସନ୍ତୁଷ୍ଟ
ହୃଦୟ କାନ୍ଦୁଛି   ବିଚ୍ଛେଦେ ତୋହର
ତୋ ବିହୁନେ ମନ କଷ୍ଟ ୫।

ଦୂରକୁ ସୁନ୍ଦର      ଉଚ୍ଚ ପରବତ
ପାଖକୁ ଯେସନେ କଇଁ
ଭଉଣୀ ବିହୁନେ   ଭାଇର ମନଟା
ହୁଏ ଖାଲି ଧଇଁସଇଁ  ।୬।

କହ ଜଗନ୍ନାଥ    କି ଦୋଷ ମୋହର
କାହିଁକି ହେଲୁ ପଥର
ସାମାନ୍ୟ କଥାଟେ   ବୁଝି ପାରୁନାହୁଁ
କାହିଁକି ଡାକିବେ ନର  ।୭।

ଏତିକି ପ୍ରାର୍ଥନା     କରୁଛି ପ୍ରଭୁ ହେ
ଦିଅ ତା ଜୀବନେ ଶାନ୍ତି
ଭାଇ ଭଉଣୀର ପବିତ୍ର ସମ୍ପର୍କେ
ନ ଆସୁ କେବେ ବିପତ୍ତି ।୮।

ଆଳଦା, ଖଇରା, ବାଲେଶ୍ୱର

ISSN NO.
2582-208X

# ସଂସ୍କୃତିର ସୁରକ୍ଷା ଦାୟିତ୍ୱ ଆମର



ଡକ୍ଟର ମନୋରଞ୍ଜନ ବିଷୋୟୀ

ମହାଭାରତୀୟ ସଂସ୍କୃତି ବିବିଧତା ମଧ୍ୟରେ ଏକତ୍ୱର ଦୃଷ୍ଟିଭଙ୍ଗୀକୁ ନେଇ ବିଶ୍ୱକୁ ଦେଇଛି ଅଭିନବ ପରିଚିତି । ବହୁ ଚିନ୍ତା, ବହୁ ବିଶ୍ୱାସ ଏବଂ ବହୁ ଆଚରଣର ସମନ୍ୱୟ ଭିତରେ ଭାରତୀୟ ସଂସ୍କୃତିର ମହାନତାକୁ ଅନୁଭବ କରିହୁଏ । ନୈତିକ ସଂହତି ଓ ମୂଲ୍ୟବୋଧ ପ୍ରତି ଆନୁଗତ୍ୟ; ଭାରତୀୟ ବ୍ୟକ୍ତିମାନସରେ ସାମାଜିକ ଆବଶ୍ୟକତା ଏବଂ ବ୍ୟକ୍ତିଗତ ଆକାଂକ୍ଷା ଭିତରେ ସମନ୍ୱୟ ରକ୍ଷା କରିଥାଏ । ଇତିହାସକୁ ଲକ୍ଷ୍ୟକଲେ ଦେଖାଯାଏ ଯେ, ଭାରତୀୟ ଜୀବନଧାରା ପ୍ରାଣସାର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ । ମାନବକୁ ମାଧବରେ ରୂପାନ୍ତରିତ କରିବା ଲକ୍ଷ୍ୟରେ ଅନ୍ଧାରରୁ ଆଲୋକ ଦିଗକୁ ଯାତ୍ରା ଥାଏ ଜୀବନର ଲକ୍ଷ୍ୟ । ତେଣୁ ସଂଭ୍ରାନ୍ତ ବଣିକ କିମ୍ବା ପ୍ରତାପୀ ରାଜା ମହାରାଜା ଅପେକ୍ଷା ଏଇ ସଂସ୍କୃତିର ମୂଳ ଆଧାର ମୁନି ଋଷିଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ଲକ୍ଷ୍ୟ କରିହୁଏ ।

ପ୍ରକୃତପକ୍ଷେ କହିବାକୁ ଗଲେ ଭାରତୀୟ ସଂସ୍କୃତିର ଆଧାର ହେଉଛି ଆଲୋକର ସନ୍ଧାନ । ଏହା କୌଣସି ଧର୍ମର ପ୍ରଚାର କରେନାହିଁ । ଭାରତୀୟତା ହେଉଛି ଏହାର ମୂଳମନ୍ତ୍ର । ଜୀବନକୁ ଶୃଙ୍ଖଳିତ କରି ଏକ ମହତ୍ୱର ପଥରେ ଅବସ୍ଥାପିତ କରିବା ଏଠାରେ ବେଶ ଲକ୍ଷଣୀୟ । କାରଣ ବିଶ୍ୱକଲ୍ୟାଣ ହିଁ ହେଉଛି ଏହାର ମୂଳମନ୍ତ୍ର । 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' ସତ୍ୟରେ ଏ ସଂସ୍କୃତି ବିଶ୍ୱାସ ରଖେ । ଆଜି କିନ୍ତୁ ସମୟର ବିକାଶ ଧାରାରେ ବଦଳି ଯାଇଛି ଦୃଷ୍ଟିଭଙ୍ଗୀ । ଗତାନୁଗତିକ ଧାରାରୁ ନିଜକୁ ମୁକୁଳାଇ ଏକ ନୂଆଧାରାରେ ଆପଣାକୁ ପ୍ରକାଶ କରିବା ନିମନ୍ତେ ଚାଲିଛି ପ୍ରଚେଷ୍ଟା । ଅବଶ୍ୟ ଏହାରି

ISSN NO.
2582-208X

ଅନ୍ତରାଳରେ ମାନବର ବୌଦ୍ଧିକ ସଫଳତାକୁ ସ୍ୱୀକାର କରାଯାଇପାରେ । ଏପରିକି ପ୍ରବୃତ୍ତି ଦୃଷ୍ଟିରୁ ମଧ୍ୟ ରୂପାନ୍ତରଣ ପ୍ରକ୍ରିୟା ହେଉଛି ମାନବର ସହଜାତ । ତେଣୁ ମାନବ ସଦାସର୍ବଦା ରୂପାନ୍ତରିତ ହେବା ନିମନ୍ତେ ଉଦ୍ୟମ କରିଆସିଛି । କିନ୍ତୁ ଏ ରୂପାନ୍ତରଣ ସଂସ୍କୃତି ସହ ନିବିଡ଼ ସଂପୃକ୍ତି ମଧ୍ୟ ଦେଇ ହେବା ଆବଶ୍ୟକ । କାରଣ ମାନବୀୟ ଉତ୍କର୍ଷ କାର୍ଯ୍ୟାବଳୀକୁ ସଂସ୍କୃତି କୁହାଯାଏ । ତେଣୁ ତ ସଂସ୍କୃତିର ପ୍ରତିକୂଳ ନୁହେଁ ବରଂ ସଂସ୍କୃତିର ସମ୍ମୋହନ ଆକର୍ଷଣ ପ୍ରଗତିର ପଥକୁ ପ୍ରସାରିତ କରିଥାଏ । କାରଣ ଆଜିର ମାନବ ହେଉଛି ଆତ୍ମସଚେତନ, ସମୟ ସଚେତନ ତଥା ଐତିହ୍ୟ ସଚେତନ । ତା'ପାଇଁ ପରମ୍ପରା ଓ ସଂସ୍କୃତି; ଅତୀତ ପ୍ରତି ଏକ ବିହ୍ୱଳ ସଂପୃକ୍ତି କେବଳ ନୁହେଁ । ଏହା ହେଉଛି ମାନବ ଜୀବନର ସାରତତ୍ୱ । ତେଣୁ ତ ସମସ୍ତ ପ୍ରକାର ପରିବର୍ତ୍ତନ ଓ ପ୍ରଗତି ସତ୍ୱେ ପରମ୍ପରାର ଅନୁରଣନ ସମସ୍ତ ପ୍ରକାର ପ୍ରଗତି ଅନ୍ତରାଳରେ ସୁସ୍ପଷ୍ଟ । ବାସ୍ତବିକ କହିବାକୁ ଗଲେ ସଂସ୍କୃତି ରୂପକ ଏକ ସାମୂହିକ ଚେତନାକୁ ସ୍ୱୀକାର କରି ଅନାୟାସରେ କାଳାତିପାତ କରୁଥିଲା ମାନବ । ଆଜି କିନ୍ତୁ ସମୟର ଧାରାରେ ମାନବ ଏପରି ଏକ ଉପତ୍ୟକାର ଅଧିବାସୀ ସାଜିଛି; ଯେଉଁଠାରେ ଆପଣାର ଅନିଚ୍ଛା ସତ୍ୱେ ମଧ୍ୟ ସେ ଦୁଃଖ ଓ ଦୁର୍ବିପାକର ଅଂଶୀଦାର ହେବା ପାଇଁ ବାଧ୍ୟ । ଆଜି କେଉଁଠାରେ ପରମାଣୁ ପରୀକ୍ଷଣ ଘଟିଲେ ବଦଳିଯାଏ, ସମଗ୍ର ବିଶ୍ୱର ଜଳବାୟୁ । କେଉଁଠାରେ ଯୁଦ୍ଧର ଆୟୋଜନ ହେଲେ ଛାତିରେ ପଶେ ଛନ୍‌କା । ଆଜି ସମଗ୍ର ବିଶ୍ୱ ଏପରି ଏକ ସୂତ୍ରରେ ବନ୍ଧା ଯାହା କ୍ଷଣିକ ମଧ୍ୟରେ ସର୍ବତ୍ର ଆଣିପାରେ ପରିବର୍ତ୍ତନ । ବିଶ୍ୱକୁ ଧ୍ୱଂସ କରିବାର ସାମର୍ଥ୍ୟ ନେଇ ଆମେ ଭସ୍ମାସୁରରେ ରୂପାନ୍ତରିତ ହୋଇସାରିଲେଣି । ତେଣୁ ତ ଆମ ସ୍ୱପ୍ନରେ- ସମ୍ଭାବନାରେ- ସାମର୍ଥ୍ୟରେ; ବିପର୍ଯ୍ୟୟ ଭଳି ଏକ ସତ୍ୟକୁ ଅଣଦେଖା କରିହେବ ନାହିଁ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
ମୋ:୮୮୯୫୧୪୧୭୨୭

ISSN NO.
2582-208X

# ତବ ସ୍ୱାଗତେ

(ଗ୍ଲେଷ୍ ବୃତ୍ତ)



ତ୍ରିପତି ପ୍ରଧାନ

ଧରିତ୍ରୀ ମା ସବୁଜିମା ରୁପେହୋଇ ନିରୁପମା
ବରଷା ରାଣୀ ସଂଗୀତେ ହୋଇ ବିଭୋର
ଗାଇ ଝୁମି ଝୁମି ସୁରେ ସମୀର ନୃତ୍ୟ ମଧ୍ୟରେ
ଢୋଲ, ମହୁରୀ ବଜାଏ ବାଦଲ ପିର
ଚପଳ ଚପଳା ଚମକେ
ତୁମ ଆଗମନ ବାର୍ତ୍ତା ଦିଏ ଉଚ୍ଛକେ (1)

ପ୍ରାଣୀଙ୍କ ଦୁଃଖ ଦୁରିତ ବିଘ୍ନରାଜ ଉପଗତ
ବିଘ୍ନକଲେ ଦୂରୀଭୂତ ପ୍ରକୃତି ମାର
କୃଷିଜୀବି ଗଣ ନର କୃଷି କର୍ମେ ଯେ ଯାହାର
ମାଜିଲେ ସ୍ୱକର୍ମେ ସେହି ହୋଇ  ସତ୍ୱର
ପୁରି ଉଠିଲା ଜଳାଶୟ
ତବ ସ୍ୱାଗତେ ହେବାକୁ ମଣ୍ଡିତମୟ (2)

ନୂଆଖାଇ ସମଲେଇ ଦକ୍ଷୀଣେଶ୍ୱରୀ ମା ତୁହି
ଯାଜ୍ଞଶେନୀ, ଭଇରବୀ, ଫୁଲକେଶୁଣୀ
ରୂପେ ହୋଇଣ ମଣ୍ଡିତା ଗ୍ରାମକୁ କରି ଏକତା
ଏକ ପରିବାରତ୍ୱକୁ ଗଢି ଦେଲେଣି

ISSN NO.
2582-208X

ବନ କନ୍ୟା ଝରଣା ରାଣୀ
କଳ କଳ ଗାଏ ଗୀତ ତୋ ନାମ ଗୁଣୀ(3)

ସବୁଜଗିରି କାନନ ବନଜା ପାଦପ ମାନ
ବକ୍ଷ କରି ପ୍ରସାରଣ ହେଲେ ଉଦ୍ଭଇତ
ସୁପ୍ତ ତରୁଲତା ଡାଳ ଉଠି ଧରି କରି କୋଳ
ଉଲ୍ଲସି କୁହଇ କାନେ ଆସିବେ ମାତ
ଗିରିଜା ନନ୍ଦନ ନନ୍ଦିନୀ
କୁହନ୍ତି ଜୀବନ କଷ୍ଟ ନେଲେଣି ଟାଣି (4)

ପୁଷ୍କରୀଣୀ କୁମ୍ଭ ବାଡ଼ି କମଳ କୁମୁଦ ଯୋଡି
ପଲ୍ଲବେ ମୁକୁତା ହାର ଧରି ସଜ୍ଜିତ
ଭ୍ରମର ବୀଣାର ସୁରେ ନାଚନ୍ତି ଜଳଜ ଜଳେ
ବିଭୁ ଅବତାର ତାଙ୍କ ନାମ ଭିନ୍ନତ
ବନ୍ଧ ବକ୍ଷ ସୌନ୍ଦର୍ଯ୍ୟ ମୟ
କାଶତଣ୍ଡୀ, ଜହ୍ନିଫୁଲେ କୁସୁମମୟ (5)

ଟଗର ମଲ୍ଲୀ ମାଳତୀ ପୁର୍ଣ୍ୟ କାଳେ ବିକଶନ୍ତି
ମନ୍ଦାର ସୁନା କଳସ ରଙ୍ଗ ସେବତୀ
ଶୂନ୍ୟ ପଥରେ ବିହଙ୍ଗ ଭ୍ରମି ଦିଶନ୍ତି କି ରଙ୍ଗ
କୁସୁମ କରନ୍ତି ବୃଷ୍ଟି ପାଦେ ପାର୍ବତୀ
କାକକୋଳାଲିନି ଶବଦେ
ଆମନ୍ତ୍ରଣ କରି ଆଣନ୍ତି ନୃତ୍ୟ ରତେ(6)

ISSN NO.
2582-208X

ହଟିବ ବିପଦ ଭୟ  ଖଣ୍ଡିତ ହେବ ସଂଶୟ
ଦେବରାଜ ପୁଷ୍ପ ବାରି ଦେବେ ବରଷି
ଜଗତନାଥ ଘରଣୀ ସବୁଜ ଓଢଣୀ ଟାଣି
ଅଭିନିନ୍ଦିତ ବରିବେ କ୍ଷେତରେ ଆସି
ସେବି ମହା କାଳୀ ପୟର
ପୂଜିତ ହେବେ ସଂସାରେ ମାରଗ ଶୀର(7)

କ୍ଷେତ ଉଠିବ ଝଲସି ଶୁକ୍ଳ ପକ୍ଷେ ଯଥା ଶଶୀ
ଦକ୍ଷିଣ ଉତ୍କଳ ତୋର ସନ୍ତାନ ଗଣ
ପୂଜା ମଣ୍ଡପେ ହରସି  ନବାନ୍ନ ଦେବେ ପରଷି
ନବଫୁଲ, ନବଫଳ ନୂତନ ମନ
ଗାଇଣ ତୋର ଜୟ ଗାଥା
ଦୁର୍ଗା, କାତ୍ୟାୟିନୀ ଭଜି ନୋଇବେ ମଥା (୫)

ସଂସ୍କୃତ ଶିକ୍ଷକ, ଚିକିଟି, ଗଞ୍ଜାମ

ISSN NO.
2582-208X

# ବେଦରେ ଗଣିତ



ଅକ୍ଷୟ ମହାନ୍ତ (କର୍ମାଲ୍ୟ)

ଉଣେଇଶି ଶହ
ଷଟଚାଳିଶି ସାଲ
ନଭେମ୍ବର ତିନ ଦିନ
ପୁରୀ କର୍ମକାଣ୍ଡ
ବିଦ୍ୟାଳୟେ ହେଲା
ଉତ୍ସବ ସମାବର୍ତ୍ତନ।

ରାଜ୍ୟପାଳ କାଟଜୁ
ମୁଖ୍ୟ ଅତିଥି ଓ
ରାମ ରଥ ସଭାପତି
ପୁରୀ ଜଗଦଗୁରୁ
ଶଂକରାଚାର୍ଯ୍ୟ ବି
ସମ୍ମାନନୀୟ ଅତିଥି।

ସେ ଜଗଦ୍ ଗୁରୁ
ଭାରତୀକୃଷ୍ଣ ତ
ସାତଟିରେ ଥିଲେ ଏମ୍. ଏ
ସଭିରେ ପ୍ରଥମ
ପ୍ରସିଦ୍ଧି ତାଙ୍କର
ଆକାଶକୁ ସିନା ତୁମେ।

କହିଥିଲେ ସିଏ,
"ଆମ ବେଦେ ଅଛି
ଷୋଳଟି ମନ୍ତ୍ର ଜାଣ
ସେହି ମନ୍ତ୍ର ବଳେ
ସବୁ ଗଣିତର
କରେ ସିଏ ସମାଧାନ।"

ରାଜ୍ୟପାଳ ଥିଲେ
ଗଣିତରେ ଏମ୍. ଏ
ମନ ତାଂକ ବୁଝିଲାନି
କହିଥିଲେ ସିଏ
"ପ୍ରମାଣ ଦେଖାଅ
କଳା ପଟାଟିଏ ଆଣି।

ISSN NO.
2582-208X

ଇଁରେଜୀରେ ସିଏ
ପ୍ରଶ୍ନଟିଏ ଦେଲେ
ଲେଖା ହେଲା ତହିଁ ପରେ
ସମାଧାନ ପାଇଁ
ଭାରତୀ କୃଷ୍ଣ ତ
ଶିଷ୍ୟକୁ ହିଁ କହିଥିଲେ।

ଚକ୍ ଖଡି ଧରି
ପନ୍ଦର ବର୍ଷୀୟ
ଶିଷ୍ୟ ସମାଧାନ କଲା
ବେଦରେ ଏମିତି
ବିଦ୍ୟା ଅଛି ଜାଣି
ଜନତା ଚକିତ ହେଲା।

ଛଅ ମାସ ଯାଏ
ରାଜ୍ୟପାଳ କାଟଜୁ
ଯାଇଥିଲେ ତାଙ୍କ ପାଶେ
ବେଦ ମନ୍ତ୍ର ସବୁ
ଶିଖିଲେ ତାଙ୍କଠୁଁ
କଥାଟା କେମିତି ଦିଶେ।

ମୋ ନଂ 9937462507

ISSN NO.
2582-208X

# ନାରୀ ନୁହେଁ ସିଏ ନାରାୟଣୀ



ଝରଣା ବାରିକ

ନାରୀ ତୁହି ଅଟୁ ଅମୃତର ଝରା
ସଭିଙ୍କର ସାଜି ଦୃଷ୍ଟି
ଯୁଗେ ଯୁଗେ ତୁହି ସ୍ରଷ୍ଟାଟିଏ ସାଜି
କରି ଚାଲି ଅଛୁ ସୃଷ୍ଟି।

କେବେ ଜାୟା ପୁଣି କେବେ ଯେ ଜନନୀ
କେବେ ଯେ ଭଗିନୀ ରୂପ
ସବୁରି ରୂପରେ ଅନ୍ୟ ପାଇଁ ତୁହି
ଜଳି ଜଳି ହଉ ଧୂପ।

ତୋର ପାଇଁ ପୁରା ଘରଟି ସୁନ୍ଦର
ସଂସ୍କାରିତ ମନ ତୋର
କେବେ କନ୍ୟା କେବେ ଦୁହିତା ରୂପରେ
ଧରୁ ଯେ ସଂସାର ଡୋର।

କେବେ ତୁହି ନାରୀ କେବେ ନାରାୟଣୀ
କେବେ ଦୁର୍ଗା ମହାମାୟା

ISSN NO.
2582-208X

ସନ୍ତାନକୁ ତୋର ପାଳୁ ଯତନରେ
ଦେଇ ତୋ ସୁରକ୍ଷା ଛାୟା।

ପୁରୁଷ ଉନ୍ନତି ପ୍ରଗତୀ ପଛରେ
ତୋର ଥାଏ ସଦା ହାତ
ସ୍ନେହ ବାତ୍ସଲ୍ୟର ମମତାମୟୀ ଗୋ
ତୁହି ଯେ ସଭିଙ୍କ ମାତ।

ପରମ ପ୍ଲାବିନି ପ୍ରେମ ମନ୍ଦାକିନୀ
ପୁଣ୍ୟ ସ୍ୱର୍ଣ୍ଣ ଗର୍ଭା ତୁହି
କେତେ ବୀର ନର ଜନମି ତୋ କୋଳୁ
ଶିଖର ପାରିଲେ ଛୁଇଁ।

ଦ୍ୱିତୀୟ ଇଶ୍ୱରୀ ତୁହି ମାତା ଅଟୁ
ପାଦେ ତୋର ଦଣ୍ଡବତ
ତୋହରି ସମ୍ମାନ ଜାତିର ସମ୍ମାନ
ସଭିଙ୍କର ହେଉ ବ୍ରତ ।

ସମଲ, ତାଳଚେର, ଅନୁଗୋଳ
ମୋବାଇଲ :- 9556846932

ISSN NO.
2582-208X

# ନାଟକ
## ରାମ ରାବଣ ରାମାୟଣ



ସୁଧାଂଶୁ ଶେଖର ଦ୍ୱିବେଦୀ

।। ୩୧ ଦୃଶ୍ୟ ।।

(ମଞ୍ଜରୀ ଗୋଟେ ପୋଟଳରେ ସୁନା, ରୂପା, ହୀରା ଆଭୂଷଣ ସହିତ ଅତର୍ଛିଆ ଦୌଡ଼ିଥାଏ।)

ମଞ୍ଜରୀ- ଓ ହୋ ହୋ (ଥକା ମାରେ)ମୋ ପଛରେ କେହି ନଜର ରଖୁନାହିଁ ତ? ଆଉ କଏ ଅଛି ଯେ ନଜର ରଖିବ? ଟୋକା ମାତାଲ ହୋଇ ଗଡୁଛି। ବୁଢ଼ୀକୁ ଦୁଇଦିନ ହେଲା କଛି ଦେଖାଯାଉନ। ଅନ୍ଧୁଣି ଅବସ୍ଥାରେ ବାଉଳ ଗାଉଳ ହେଉଛି। ଆଉ କାଶୀ ବାବୁ! ସେ ତ ମୋର ଗୋଟାପଣେ ନଜର ନୋକ। ମଉକା ପାଇ ଏମିତି ହାତ ସଫେଇ କଲି ଯେ ଜୀବନ ସାରା ଖାଇଲେ ସରିବନ। ହେ ପରଭୁ! ତୋର ମୋ ଉପରେ ଭଆରି ଦୟା। ଇରେ-ଇରେ ସେ ହାବିଲଦାର ପୁଅଟା ସେଠି ଏମିତି ନଟପଟ ହେଉଛି କାହିଁକ? ସେ ଯଦି ଜାଣିବ ମୋ ଭେକାଳ ବୁଡ଼େଇ ଦେବ। ମୁଁ ଯାଏଲେ ମା'-(ପ୍ରସ୍ଥାନ)

ଗୁଣ୍ଡୁଚ- (ପ୍ରବେଶି) କଏବେ.. କଏବେ ଏମିତି ଅତର୍ଛିଆ ଧାଇଁଛି, ଠିଆ ହବେ, ଆବେ ଠିଆ ହ-। ମୋ ଡାକ ତୋତେ ଶୁଭୁନ କ ବେ-। ଆରେ ମୋ ସହିତ ଗାରିଶବିଶ! ତୋ ଠିପି ଟାଇଟ କରୁଛି ରହ-(ଦୌଡ଼ି ପଳାଏ)

ISSN NO.
2582-208X

ମଞ୍ଜରୀ- (ପୁନଃ ଦୌଡ଼ି ଦୌଡ଼ି ଆସେ) ଇଲୋ ମୋ ମାଆଲୋ ଏ ବୁଢ୍ୀ ବୟସରେ କେତେ ଆଉ ଦଉଡିବି? ହେଲେ ସେ ହାବିଲଦାର ଟା ମୋହରି ପାଖକୁ ଅରଣା ଷଣ୍ଢ ଭଳ ଧପାଳଛି। ମୁଁ ଏବେ କଣ କରିବି ଲୋ ମା'? ଯାଉଛି ଏଇ ଗଛ ଉହାଡରେ ଛପିଯିବି। (ତାଏସ ପଛପଟେ ଲୁଚଯାଏ)

ଗୁଣ୍ଡୁଚ- (ପ୍ରବେଶି) କାହିଁ କୁଆଡେ ଗଲ୍? ଏଠି ତ କେହି ନାହାନ୍ତ। ଶଳା କନେଷ୍ଟବଳ ଗୁଣ୍ଡୁଚ ପାନ୍ଦ ସହିତ ଗୁରିଶବିଶ! ପଛପଟୁ ଲେଡିଜ ଜାତି ଭଳ ଜଣା ପଡୁଥିଲ୍। ସାଙ୍ଗେ ସାଙ୍ଗେ ଅପୁର୍ବ ଭଳ ଉଭନ ହେଇଗଲ୍। (ଖସ ଖସ ଶବ୍ଦ ହୁଏ) ଏଁ କଏବେ ସେଠି ଖସ ଖସ କରୁଛି? ଆବେ ଜବାବ ଦେଉନୁ କାହିଁକ? କଏବେ ତୁ? (ଟର୍ଚ୍ଚ ଲାଇଟ ମାରେ) ବାହାର ବାହାର ସେ ଗଛ ଉହାଡ଼ରୁ। ଶଳା କନେଷ୍ଟ ବଳ ଗୁଣ୍ଡୁଚ ପାନ୍ଦ ଆଖିରେ ଗୁରିଶବିଶ! (ମଞ୍ଜରୀ ଗଛ ଉହାଡ଼ରୁ ବାହାରି କାନ୍ଦେ)

ଗୁଣ୍ଡୁଚ- ଆଲୋ ତୁ ଏମିତି ରହା ଧରି କାନ୍ଦୁଛୁ କାହିଁକ? ଆବେ ଚୁପ!

ମଞ୍ଜରୀ- (ଓଢଣୀ ଖୋଲି)କାନ୍ଦିବିନି ତ ଆଉ କଣ କରିବିରେ ପୁଅ!

ଗୁଣ୍ଡୁଚି- ଇରେ ମଞ୍ଜରୀ ମାଉସୀ! ତୁ ଏ ଅଧ ରାତିରେ? କଥା କଣ ଏମିତି ରାହା ମେଲେଇ କାନ୍ଦୁଛୁ କଣପାଇଁ?

ମଞ୍ଜରୀ- ମୋ ଭାଗ୍ୟ ବଡ଼ ଖରାପରେ ପୁଅ, ଛୁଆ ବାବୁ ମୋତେ... (ପୁଣି କାନ୍ଦେ)

ଗୁଣ୍ଡୁଚି- ଓ ହୋ ଏତେ ଭେଳିକି ନ ଦେଖେଇ କଣ ହୋଇଛି ସିଧା ସିଧା କହ?

ମଞ୍ଜରୀ- ତୁ ତ ଜାଣୁରେ ବାପା, ମୁଁ ସିଂହ ଘରେ କେତେ ଦିନରୁ ରହିଛି ହେଲେ ଆଜି... (କାନ୍ଦେ)

ISSN NO.
2582-208X

ଗୁଣ୍ଡୁଚି- ହେଃ ତୁ ତ ସବୁବେଳେ ଛେଳି ଭଳି ଭେଁ ଭେଁ ହେଲୁ-। ଗେଣ୍ଡା କହିବୁ ମୁଁ ଗେଣ୍ଡା ଶୁଣିବି।

ମଞ୍ଜରୀ- କଣ କହିବିରେ ପୁଅ ମୋତେ ଏଇ ଅଧ ରାତିରେ ସେ ମଦୁଆ ଟୋକା ଆଉ ତା' ମା' ଘରୁ ତଡିଦେଲେ।

ଗୁଣ୍ଡୁଚ- ଏଇଁ....ଏମନ୍ତ କଥା!ତୁ ସତ କହୁଛୁ?

ମଞ୍ଜରୀ- ମୁଁ ସେମିତି ଘରର ଝିଅ ନୁହେଁ ମ-ଯାହା କହେ ଗାନ୍ଧୀ ବୁଢା ଭଳ ସତ କହେ।

ଗୁଣ୍ଡୁଚ- ହଁ ତୁ ମହାତ୍ମା ଗାନ୍ଧୀଙ୍କ ପରେ ପରେ ମହିଳା ଗାନ୍ଧୀ ହେବାର ଥିଲ୍ ଦୁର୍ଯୋଗକୁ ସିଂହ ଘରେ ଗୃକର୍ଣୀ ହେଇଗଲୁ! କନ୍ତୁ ତୁ ମୋତେ ଦେଖି ଏମିତି ଅତର୍ଛିଆ ଧାଉଁଥିଲୁ କାହିଁକ?

ମଞ୍ଜରୀ- ନା କଥା କଣ କ ମୁଁ ଭାବିଲି ମୋତେ କଏ ଗୋଡାଉଛି ନା କଣ?

ଗୁଣ୍ଡୁଚ- ବୁଢ୍ଦୀ ବୟସରେ ତୋତେ ପୁଣି କଏ ଗୋଡାଉଛି?

ମଞ୍ଜରୀ- ମୁଁ ସେମିତି ଘରର ଝିଅ ନୁହେଁମ-। ହଉ ମୁଁ ଯାଉଛିରେ ପୁଅ। (ପ୍ରସ୍ଥାନ ଉଦ୍ୟତ)

ଗୁଣ୍ଡୁଚ- ରହ ରହ, ଆଲୋ ଏ ଲୁଗାକାନ ତଳେ ଏତେବଡ଼ ବୁଗୁଗ୍ଲ ଟେ କଣ କଲୋ ମାଉସୀ।

ମଞ୍ଜରୀ- ଏଗୁଡା ମୋ ଲୁଗାପଟାରେ ବାପା।

ISSN NO.
2582-208X

ଗୁଣ୍ଡୁଚ- ଲୁଗାପଟା ନା ସିଂହବାବୁଙ୍କ ଘରେ କଳାକନା ବୁଲେଇଛୁ ?

ମଞ୍ଜରୀ- ହେଃ ମୁଁ ସେମିତି ଘରର ଝିଅ ନୁହେଁମ-!

ଗୁଣ୍ଡୁଚ- ତୁ ଯେମିତି ଘରର ଝିଅ ହୋଇଥା ହେଲେ କନେଷ୍ଟବଳ ଗୁଣ୍ଡୁଚ ପାଖ ପାଖେ ଗୁରିଶବିଶ କରି ଖସିଯାଇ ପାରିବୁନ। ବାବୁ ମୋତେ ଏ ଇଲାକାରେ ପେଟ୍ରୋଲିଂ ଡିୟୁଟିରେ ପଠାଇଛନ୍ତ ପ୍ରଥମେ ମୁଁ ତୋ ବୁଗୁଗ୍ଲ ଦେଖିବି ତାପରେ ଛାଡ଼ିବି।

ମଞ୍ଜରୀ- ତୋର କଣ ମୋ ଉପରେ ଭରଷା ନାହିଁରେ ପୁଅ ?

ମଞ୍ଜରୀ- ପୁଅ ପୁଅ କହି ମୋତେ ଆଉ ଫସାନା। ଭରଷା ଅଛି ବୋଲି ତୋ ବୁଗୁଗ୍ଲ ଦେଖିବି। ଛାଡ଼ ଛାଡ଼ ସେ ବୁଗୁଗ୍ଲରେ କଣ ରଖିଛୁ ଦେଖା (ଟାଣି ଆଣିବାରୁ ସୁନା, ରୂପା, ହୀର୍ ଅଳଙ୍କାର ପୋଟଳରୁ ତଳେ ପଡ଼ିଗଲ୍)

ଗୁଣ୍ଡୁଚ- ଏଗୁଡା ତାହେଲେ ତୋ ଲୁଗାପଟା, ଗ୍ଚୋରଣୀ..! ସିଂହ ବାବୁ ଙ୍କ ଘରେ କଳାକନା ବୁଲେଇ ଦେଇଛୁ ତ ?ଏ ଥର ଥାନାକୁ ଗ୍ଚଲ-ତୋ କଳାକନା ମୁଁ ବୁଲେଇବି।

ମଞ୍ଜରୀ--ମୁଁ ସେମିତି ଘରର ଝିଅ ନୁହେଁ ମ..! ଥାନାକୁ କାହିଁକ ଯିବି ?

ଗୁଣ୍ଡୁଚ- ଗ୍ଚୋରି କରିଛୁ ଥାନାକୁ ଯିବୁନ ଆଉ କଣ କୀର୍ତ୍ତନ କରିବୁ ?

ମଞ୍ଜରୀ- ନା ରେ ବାପା ଭୁଲରେ କେମିତି କଣ ହେଇଗଲା। ଏ ବୁଢ଼ୀ ବୟସରେ ମୁଁ ଆଉ ସେ ଜେଲ ଦଣ୍ଡ ଭୋଗି ପାରିବିନରେ..।

ଗୁଣ୍ଡୁଚ- ମୋ ପାଖେ ଗ୍ଚରିସବିଶ ଦେଖାନା, ଗ୍ଚୋରି କରିଛୁ ମାନେ ଦଣ୍ଡ ଭୋଗିବାକୁ ହେବ।

ମଞ୍ଜରୀ- ମୁଁ ସେମିତି ଘରରର ଝିଅ....

ISSN NO.
2582-208X

ଗୁଣ୍ଡୁଚ- ଚୁପକର! ତୁ କେମିତି ଘରର ଝିଅ କେବଳ ମୁଁ କାହିଁକି ଏ ଖଣ୍ଡ ମଣ୍ଡଳରେ ସମସ୍ତେ ଜାଣିଛନ୍ତି। ଗ୍ଲଲ ମୋ ସହିତ-।

ମଞ୍ଜରୀ- କୁଆଡେ ?

ଗୁଣ୍ଡୁଚ- ଥାନାକୁ!

(ମଞ୍ଜରୀ ଭେଁ ଭେଁ କାନ୍ଦିଉଠେ) (ମଞ୍ଚ ଅନ୍ଧାର)

।। ୩୨ ଦୃଶ୍ୟ ।।

(ଗ୍ଣାର ରଙ୍ଗ ମହଲ। ସ୍ୱୟଂ ମଦ ପିଇବାରେ ବ୍ୟସ୍ତ।)

ଗ୍ଣା- ମୁଁ ଗ୍ଣା....! ଗ୍ଣା ସାମନ୍ତଗ୍ୟ! ଆଉ ଏଇଟା ହେଉଛି ମୋ ରଙ୍ଗ ମହଲ। ଏଠିକୁ ଯେଉଁ ସୁନ୍ଦରୀ ନାରୀକୁ ଧରି ଅଣାଯାଏ ସେମାନଙ୍କ ଲେ୍ଭିଲ୍ ଯୌବନକୁ ମୁଁ ମନଭରି ଉପଭେ୍ଗ କରେ। ମୋ ଚରଶତ୍ରୁ ଦଶରଥ ସିଂହର ପୁତ୍ର ବଧୂ ଆଜି ମୋ ରଙ୍ଗ ମହଲ ରେ ବନ୍ଦୀ। ମୁଁ ତାକୁ ଆଜି ସାପୁଆ କେଳା ଭଳି ଖେଳେଇବି, ବାଜା ବଜେଇ ନଚେଇବି, ଛାତିରେ ଜାକଧରି ଫସେଇବି ଆଉ ତା' ଗାଲ ରେ ସରୁ ଚୁମା ଦେବି। ଆଃ...ସେକଥା ଭ୍ବିବା ବେଳକୁ ମନ ମୋର ଆଉ ଜମ୍ମା ଥୟ ଧରୁନ। ଆରେ ହେ ଗାବରୁ! ସୁନ୍ଦରୀ ସୀମା ଡାର୍ଲିଙ୍ଗ କୁ ମୋ ପାଖକୁ ନେଇଆ...।

ଗାବରୁ- ଜୀ ମାଲିକ! ଅଭି ପେଶ କରତା ହୁଁ । (ସୀମାକୁ ଏକପ୍ରକାର ଧକାମାରି ଆଣୁଥାଏ) ଏଇ ଗ୍ଲଲ-ଗ୍ଲଲ..କୁଛ ନାଚ ଗାନା କରକେ ହମାର୍ ମାଲିକ କା ଦିଲ ଖୁସ କରଦେ...।

ସୀମା- ନା- ମୁଁ ଜମାରୁ ନାଚବିନ।

ISSN NO.
2582-208X

ଗ୍ରଣା- ହେଇରେ...! ସୁନ୍ଦରୀ କହୁଛି ନାଚବନି!ଵ୍ଆରେ ଗାବରୁ! ତାକୁ ବୋଲ ମନେଇ ନଚେଇ ଦେଏରେ--!

ଗାବରୁ- ଏଇ ନାଚ (ଗ୍ବୁକରେ ପ୍ରହାର କରେ)

ସୀମା- ଆଃ- ମୁଁ ଥରେ କହିଛି ନାଚବିନି-ନାଚବିନି।

ଗାବରୁ- ତୁଝେ ନାଚନା ପଡେଗା, ମେରା ମାଲିକ କା ଦିଲ ଖୁସ କରନା ପଡେଗା।ନାଚ! (ପୁଣି ପ୍ରହାର କରେ)

ସୀମା- ଆଃ- (ଯନ୍ତ୍ରଣା)

ଗ୍ରଣା- ଗାବରୁ ଆଦେଶ ମାନଯାଅ ସୀମା ଡାର୍ଲିଙ୍ଗ ତା' ନହେଲେ ତା' ଗ୍ବୁକର ପ୍ରହାରରେ ଦେବତା ବି ବୋଲ ମାନଯାଆନ୍ତୁ।

ଗାବରୁ- ମାଲିକ ଠିକ ବୋଲ ରହେଁ ହେଁ! ନାଚ ଲେ ନେହିଁ ତୋ ମେରା ଗ୍ବୁକ ପାହାର ଖାଆକେ ତୁମ ମର ଜାଓଗି। (ପ୍ରହାର କରି ବାକୁ ଗ୍ବୁକ ଉଠାଏ, ସୀମା ଭୟରେ ସଙ୍କୁଚତ ହୋଇ ଗୀତର ତାଳେ ତାଳେ ନାଚଉଠେ) (ନାଚ ମଧ୍ୟରେ ଗ୍ରଣା ମଦମସ୍ତ ହୋଇ ମ୍ୟୁଜିକ ତାଳରେ କେବେ କେବେ ନାଚୁଥାଏ)

(ନାଚ ଶେଷରେ ଥକଯାଇ ପଡିଯିବା ସମୟରେ ଗ୍ରଣା ଧରିନଏ)

ଗ୍ରଣା- ଇସ.....ତୁମେ ଯେ ଏତେ ସହଜରେ ମୋ ପାଖରେ ଫସିଯିବ ମୁଁ ତ ଜାଣି ନଥିଲିରେ ସୀମା ଡାର୍ଲିଙ୍ଗ...!

ସୀମା- ଦୂରେଇଯା-ଦୂରେଇଯା ମୋ ଠାରୁ। ରମଣଙ୍କ ଦୃଷ୍ଟିରେ ମୋତେ ଘୃଣ୍ୟ କରିବାକୁ ପ୍ରୟାସ କରନା। (ସ୍ୱୟଂ ଦୂରେଇଯାଏ)

ISSN NO.
2582-208X

ରାଣା- ରମଣ (ହସ) ଜେଲରେ ସଢ଼ି ସଢ଼ି ବୁଢା ପାଲଟୁଥିବା ଜଣେ ମଣିଷ! (ହସ) ହଙ୍ଗେରୀ ଲୋକକଥା ଶୁଣିଛ ସୀମା- ସ୍ୱାମୀ ଯଦି ନିଜ ସ୍ତ୍ରୀର ଦାୟିତ୍ୱ ବିଷୟରେ ସଚେତନ ନ ହେଲା, ତେବେ ତା'ର ସ୍ତ୍ରୀ ଶଧବା ହୋଇ ମଧ୍ଯ ବିଧବା।

ସୀମ- ଚୁପକର! ଚୁପକର!- ରମଣଙ୍କ ବିରୁଦ୍ଧରେ ଏଭଳି ଅଶୁଭ କଥା ମୋତେ ଶୁଣାଅନା। ସେ ଯାହା ହେଲେ ବି ମୋର ସ୍ୱାମୀ- ଦେବତା ।

ରାଣା- ପତିବ୍ରତାର ନଜିର ମୋତେ ଆଉ ଦେଖାନା। ମହାଭାରତ ବର୍ଣ୍ଣିତ ପଞ୍ଚପତି ବିଶିଷ୍ଟ ଦ୍ରୌପଦୀ ଯଦି ପାଞ୍ଚ ପାଞ୍ଚଟା ପତିଙ୍କୁ ଭୋଗ କରି ସତୀ ହୋଇପାରିଲା, ତୁ ଏ ଯୁଗରେ ଏତେ ପତିବ୍ରତା ହୋଇ ସତୀ ହେବାକୁ ଚେଷ୍ଟା କରନା। ତୋତେ ଯେତେବେଳେ ମୋ ରଙ୍ଗ ମହଲକୁ ନେଇ ଆସିଛି ତୋ ଯୌବନକୁ ମନଭରି ଉପଭୋଗ ନ କଲା ଯାଏ ମୁଁ କଣ ଛାଡ଼ିଦେବି ?

ସୀମା- ନାରୀର ଆଖିଲୁହ କେବେ ବ୍ୟର୍ଥ ହୁଏନାହିଁ ରାଣା ସାମନ୍ତ ରାୟ। ସୀତାଙ୍କ ଆଖି ଲୁହରେ ଦିନେ ହନୁମାନ ସ୍ୱର୍ଣ୍ଣ ଲଙ୍କା ପୋଡି ଜାଳି ଧ୍ୱଂସ କରି ଦେଇଥିଲେ। ଦ୍ରୌପଦୀଙ୍କ ଆଖି ଲୁହରେ କୁରୁ ବଂଶ ନାଶ ହୋଇଥିଲା। ଆଉ ଆଜି ମୋ ମନ କହୁଛି ତୁମର ଏ ହୀନ କାର୍ଯ୍ୟ ପାଇଁ ମୋତେ ଉଦ୍ଧାର କରିବାକୁ ସେଇ ରାମାୟଣ ବର୍ଣ୍ଣିତ ହନୁମାନ ଆସିବେ।

ହନୁମାନ-(ପ୍ରବେଶ ପଥେ)ଜୟ ଶ୍ରୀରାମ....

ରାଣା- କିଏ ? କିଏ ବେ ତୁ ?

ହନୁ- ପବନ ପୁତ୍ର ହନୁମାନ।

ରାଣା- (ହସି ହସି ବେଦମ ହୁଏ) ତୁ ପବନ ପୁତ୍ର ହନୁମାନ ?

ହନୁ- ହଁ ହଁ ମୁଁ ପବନ ପୁତ୍ର ହନୁମାନ..।

ISSN NO.
2582-208X

ରଣା- ଆରେ ହେ ଗାବରୁ! ପାଗଳ ବାଟବଣା ହୋଇ ଭୁଲରେ ମୋ ରଙ୍ଗ ମହଲକୁ ପଶି ଆସିଛି। ତାକୁ ବାଟ ଦେଖାଇ ଦେଏରେ...।

ଗାବରୁ- ଜୀ ମାଲିକ ଅଭି ଦିଖା ଦେତା ହୁଁ। ଏ ମିଷ୍ଟର! ଭାଗ ଇହାଁସେ। ନେହିଁ ତୋ ଇସ ବନ୍ଧୁକ ସେ ମାର ମାର କେ (ମାରିବା ପାଇଁ ବନ୍ଧୁକ ଉଠାଏ ହେଲେ ତା' ହାତ ଉପରେ ଅଟକ ରହେ। ବନ୍ଧୁକ ମାରିପାରେ ନାହିଁ)

ରଣା- କ୍ୟା ହୁଆ ଗାବରୁ ତୁ ଐସେ ଲଟକ ଗୟା କଉଁ?

ଗାବରୁ- ମାଲିକ ମେରା ହାତ ନଚେ ନାହିଁ ଆ ରହା ହୈ। ଆପ ଖିଚ କେ ନଚେ ଲାଇୟେ। (ରଣା ଗାବରୁ ହାତ ତଳକୁ ଟାଣେ କନ୍ତୁ ନଷ୍ଫଳ ହୁଏ)

ରଣା- ଆଶ୍ଚର୍ଯ୍ୟ!! ଗାବରୁକୁ ଏଭଳ କରି ପାରୁଥିବା ମଣିଷ ଜଣାଯାଏ କୌଣସି ସମାନ୍ୟ ନୁହେଁ। ତୁ ଯିଏବି ହୁଅ ଗୁଣିଗାରେଡି କରି ଗାବରୁ ହାତକୁ ଲଟକେଇଛୁ। ଖୁବଶୀଘ୍ର ଠିକ କର ତା ନହେଲେ.....

ହନୁ- କଣ କରିବ?

ରଣା- ମୁଁ ତୋତେ ମର୍ଡର କରିବି...(ପିସ୍ତଲ ବାହାର କରି ନଶାଣ ଲଗାଏ, ପିସ୍ତଲରୁ ଗୁଳ ଫୁଟେନାହିଁ, ରଣାର ହାତ ମଧ୍ୟ ନଶାଣ ଲଗେଇବା ଅବସ୍ଥାରେ ଲଟକ ରହେ।)

ରଣା- ହାଉ ଷ୍ଟ୍ରେଞ୍ଜ! ଫସିଗଲିରେ ବାବା ପୂରା ଫସିଗଲି। ଗାବରୁ ତୋହରି ଯଶା ମୋତେ ପଡ଼ିଗଲାରେ...! ହେ ଭାଇ!ପ୍ଲି ଜ ମୋ ହାତ ଠିକ କରିଦେ ମୁଁ ତୋତେ ଏ ରଙ୍ଗ ମହଲର ରଜା କରିଦେବି।

ହନୁ- ସେସବୁ ମୋର କଛି ଆବଶ୍ୟକ ନାହିଁ। କନ୍ତୁ ତୁମ ଦୁହିଙ୍କର କୁକର୍ମ ହେତୁ ସାରା ଜୀବନ ଏଭଳ ସ୍ଥିର ନଶ୍ଚଳ ହାତ ଉଠେଇ ରହିବ।

ISSN NO.
2582-208X

ଗ୍ଣା- ଇଉ ଗ୍ସ୍କେଲ...(ଗୋଇଠା ମାରିବାକୁ ଗୋଡ଼ ଉଠାଏ ଗୋଟେ ଗୋଡ଼ ମଧ୍ୟ ଅଚଳ ଅବସ୍ଥାରେ ଉପରକୁ ଉଠି ରହିଯାଏ)

ଗାବରୁ! ମୋତେ ବଞ୍ଚାଇଦେଏରେ....ଏ ଶଳା ବହୁତ ବଡ଼ ଯାଦୁକର ଅଛି। ମୁଁ ତାକୁ ଛାଡିବିନ..ମୁଁ ତାକୁ ଛାଡିବିନ। (ଷ୍ଟାଚ୍ୟୁ ଅବସ୍ଥାରେ ରହିଯାଏ)

ହନୁ- ଏଥର ଗ୍ଲଲନ୍ତୁ ବୋହୂମା' ମୋ କାମ ଶେଷ ହୋଇଛି। ମୁଁ ଆପଣଙ୍କୁ ଆପଣଙ୍କ ଘର ଲୋକଙ୍କ ଜିମାରେ ଦେଇସାରି ପ୍ରଭୁଙ୍କ ନକଟକୁ ଫେରିଯିବି ।

ସୀମା- ଆପଣ କଏ?

ହନୁ- ଜୟ ଶ୍ରୀଗ୍ମ! ମୋ ନାଁ ହନୁମାନ। ପ୍ରଭୁଙ୍କ ଆଦେଶରେ ମୋତେ ଏସବୁ କରିବା ଲାଗି ଆସିବାକୁ ପଡିଲା।

ସୀମା- ଆ-ପ-ଣ ହନୁମାନ!

ହନୁ- ହଁ, ମୁଁ ସେଇ ତ୍ରେତୟାର ହନୁମାନ। କନ୍ତୁ ଯୁଗ ପରିବର୍ତ୍ତନରେ ମୋର ରୂପ, ଭେକ ବି ପରିବର୍ତ୍ତନ ହୋଇ ଯାଇଛି।

(ବିଭୀଷଣ, ରମଣ ଏବଂ ଲଛମାନର ଏକସଙ୍ଗେ ପ୍ରବେଶ)

ବିଭୀ- ସାବଧାନ ଗ୍ଣା ସାମନ୍ତଗ୍ୟ! ପିସ୍ତଲ ମୋତେ ଦେଇଦିଅନ୍ତୁ ।

ହନୁ- ଗ୍ଣା ଓ ଗାବରୁ ସ୍ଥିର ନଶ୍ଚଳ ହୋଇଯାଇଛନ୍ତି। ତାଙ୍କ ହାତରେ ଥିବା ବନ୍ଧୁକରୁ ଗୁଳ ଫୁଟିବନ କ ଗାବରୁ ଗ୍ଧବୁକ ପାହାର ଦେଇ ପାରିବନ ।

ISSN NO.
2582-208X

ରମଣ- ବନ୍ଧୁ! ଆପଣ ଆମପାଇଁ ଯେଉଁ ତ୍ୟାଗ କରିଛନ୍ତୁ ତାହା ଜନ୍ମ ଜନ୍ମରେ ବି ଶୁଝି ହେବନାହିଁ।

ହନୁ-କର୍ତ୍ତବ୍ୟ ନିକଟରେ ତ୍ୟାଗର ମହତ୍ୱକୁ ପରିଶୋଧ କରି ଯାଏନା ବନ୍ଧୁ। ବୋହୂମା' ସୁରକ୍ଷିତ ଅଛନ୍ତି।ଆପଣ ତାଙ୍କୁ ଗ୍ରହଣ କରନ୍ତୁ।

ସୀମା- ତୁମେ ଫେରିଆସିଛ ରମଣ!

ରମଣ- କଣ ବିଶ୍ୱାସ ହେଉନି!

ସୀମା- ର-ମ-ଣ!

ରମଣ- ସୀ-ମା!(ଦୁହେଁ ଆଲିଙ୍ଗନ)

ହନୁ- ଆପଣଙ୍କ ପାଇଁ ଆଉ ଏକ ଶୁଭ ସମ୍ବାଦ ବନ୍ଧୁ! ପିତା ଦଶରଥ ଆପଣଙ୍କ ବାହୁଡା ପଥକୁ ଗୁହିଁ ରହିଛନ୍ତି। ଗ୍ଭଲନ୍ତୁ ମୁଁ ଆପଣମାନଙ୍କ ସେଇଠିକୁ ନେଇଯିବି।(ସମସ୍ତେ ପ୍ରସ୍ଥାନ ଉଦ୍ୟତ)

(ମଞ୍ଚ ଅନ୍ଧାର)

କ୍ରମଶଃ.......

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

ISSN NO.
2582-208X

# ଅମୋଘ ଅସ୍ତ୍ର



ଅଲେଖ ମେହେର

ଶବ୍ଦ ଭିଡ ଭିତରେ        ହୃଦୟ  ଯେବେ ହାରେ
ମଉନ ଅମୋଘ ଅସ୍ତର,
ପ୍ରୟୋଗ କରି ବାରେ        ଦେଖ ଏ ଶୟଳରେ
ଗୋବିନ୍ଦ ପଦେ ରଖି ଶିର ଏ। ମହାବିଦ୍ୟା ।
ଅନ୍ତରେ କରେ ଯାହା ଘର,
ଅକ୍ଳେଶେ ଜିଣଇ ସଂସାର ।
ମନର ମୁକୁରରେ        ଶାନ୍ତ ମଇତ୍ରି ଝରେ
ଆଶିଷ କରନ୍ତୁ  ନର୍ଜର ।
କହୁ  କହିବା ବାଲ୍        ହସିଲେ ମନଖୋଲ୍
ଅପମାନକୁ ଗଲେ  ପିଇ,
ସହ୍ୟ ଜନର ବାସ        ଅସହ୍ୟେ  ବନବାସ
ପ୍ରତ୍ୟକ୍ଷ ପ୍ରମାଣ ଅଟଇ ଏ  ମହାସତ୍ୟ ।
ଘସ୍ର କରିଲେ ମହାତାପ,
କରେ କ ଅର୍ଣ୍ଣବକୁ ଲୋପ  ?
ଶ୍ରବଣେନ୍ଦ୍ରିୟ ବୁଜି        ମାଧବ  ବସ୍ୱେ ହେଜି
ତେଜ  ସକଳ ମନସ୍ତାପ ।

ISSN NO.
2582-208X

ଶ୍ରୀ ରାଧା ମୀରା ବାଇ    ନିନ୍ଦା ଗଞ୍ଜଣା ପାଇ
ଭଜିଲେ ମନ ଉଚ୍ଛାଟରେ,
ଅଭୀଷ୍ଟ ପ୍ରାପ୍ତ ହେତୁ    ଧୈର୍ଯ୍ୟର ଧରିସେତୁ
ପାରି ହେବା ଏ ଦୁନିଆଁରେ ସେ ।ଶ୍ରଦ୍ଧା ଧରି ।
ଅପବାଦ ଗ୍ଳାନି ପିଇ,
ପ୍ରେମର ଗୀତ ଯିବା ଗାଇ ।
ମର ପୁରରେ ଜୀବ    ଅବଶ୍ୟ ଦିନେ ଯିବ
ଅରି କରିବା କାହା ପାଇଁ ।

ସୋହେଲ୍, ବରଗଡ
ମୋ-୬୩୭୦୨୨୦୫୫୯

ISSN NO.
2582-208X

# ଅଚ୍ୟୁତ



ସତ୍ୟନାରାୟଣ ପ୍ରସାଦ ନାୟକ

ଅଚ୍ୟୁତ, ଅନନ୍ତ, ନିରାକାର ହରି
ଦୀନବନ୍ଧୁ, ଦଇତାରୀ,
ହେ କୃଷ୍ଣ କେଶବ ମାଧବ, ମୁରାରୀ
ହୃଷିକେଶ, ଗିରିଧାରୀ ।

କେଉଁ ନାମ ଧରି ଡାକିବି ତୁମକୁ
ତୁମର ଶହସ୍ର ନାମ,
ଯେଉଁ ନାମ ଧରି ଡାକିଲେ ତୁମକୁ
ଶୁଣୁ ଥାଅ ଡେରି କାନ ।

କେତେବେଳେ ତୁମେଥାଅ ନୀଳାଚଳେ
କେତେବେଳେ ବୈକୁଣ୍ଠରେ,
କେତେବେଳେ ପୁଣି କ୍ଷୀର ସାଗରରେ
ପ୍ରଳୟ ପୟୋଧି ଜଳେ ।

ଜଳ ସ୍ଥଳ ବନ ଗିରି ଓ ଆକାଶ
କରନ୍ତି ମହିମାଗାନ,
ପଞ୍ଚ ମହାଭୂତ ତୁମରି ସର୍ଜନା
ଆହେ ପ୍ରଭୁ ନାରାୟଣ ।

ISSN NO.
2582-208X

ସୂର୍ଯ୍ୟ ଚନ୍ଦ୍ର ତାରା ବରଷନ୍ତି ଜ୍ୟୋତି
ଅନନ୍ତ ଆକାଶେ ଥାଇ
ଶୀତଳ ସମୀର ବହି ଯାଏ ଧୀରେ
ନିତି ତୁମ ନାମ ଗାଇ ।

ଗିରି ନିର୍ଝରିଣୀ ଗିରି କନ୍ଦରରୁ
ବୋହି ଆଣେ କେତେ ବାରି,
ଜୀବଜଗତର ହିତ ସାଧନରେ
ନିରନ୍ତର ଯାଏ ଝରି ।

ନୀଳାଚଳ ନାଥ ଆହେ ଜଗନ୍ନାଥ
ତୁମେ ଅଗତିର ଗତି,
ଅନ୍ତର ଭିତରୁ ଘେନ ମୋ ପ୍ରଣତି
ଆହେ ଜଗତର ଜ୍ୟୋତି ।

ରଥ ରୋଡ, ଭୁବନେଶ୍ୱର -2
Mob-9437764014

ISSN NO.
2582-208X

# ଷଡ ଋତୁ ଷଡ଼
# ଏକତା



ଅଧାପକ ଅବିନାଶ ବାରିକ୍

ଆମେ ଏକ ଏକ ଇଟା ମିଶିଗଲେ କୋଠା ।
ଆମେ ଏକ ଏକ ଫୁଲ ମିଶିଗଲେ ମାଳ ।୧ ।
ଆମେ ଏକ ଏକ ସୂତା ମିଶିଗଲେ ପଇତା ।
ଆମେ ଏକ ଏକ ବିନ୍ଦୁ ମିଶିଗଲେ ସିନ୍ଧୁ ।୨ ।
ଆମେ ଏକ ଏକ ଠିକ ମିଶିଗଲେ ଅଧିକ ।
ଆମେ ଏକ ଏକ ଗୀତ ମିଶିଗଲେ ସଙ୍ଗୀତ ।୩ ।
ଆମେ ଏକ ଏକ କଥା ମିଶିଗଲେ କବିତା ।
ଆମେ ଏକ ଏକ ଆଙ୍ଗୁଠି  ମିଶିଗଲେ ମୁଠି ।୪ ।

ଭାରତୀୟ ଡାକ ସେବା ବିଭାଗ
ମହୁ, ଆଳ, କେନ୍ଦ୍ରାପଡ଼ା
ମୋ- ୭୦୦୮୪୩୬୮୩୪

ISSN NO.
2582-208X

# ବିଳାସର ହର୍ଷଧ୍ୱନୀ



ବିଜୟ କୁମାର ସାହୁ

ମୃତ୍ୟୁ ପରେ ମଣିଷର ପରିଜନ
ବିଚ୍ଛେଦରେ ଆକୁଳିତ ନା ବିଳାସରେ
ଆହ୍ଲାଦିତ ହୁଅନ୍ତି କେଜାଣି
କିନ୍ତୁ ଲୋତକର ବର୍ଷା ଝରୁଥାଏ ଆଖିରୁ
ଥୋକେ କୁହନ୍ତି ଆହା ବିଚ୍ଛେଦ ବଡ ବାଧୁଛି
ଥୋକେ କୁହନ୍ତି ମରିଯାଇଛି ଯେ
ତରିଯାଇଛି ଭାଇ
ବିଧବା ନାରୀଟି ବାହୁନି ବାହୁନି କାନ୍ଦେ
ଅସରାଏ ଲୁହର ତର୍ପଣ କରି
ପୁରୁଷ ସ୍ୱାମୀଟି ଲୋତକ ଝରାଏ
ତା ଲୁଗା କାନୀରେ ଲୁହ ପୋଛି ପୋଛି
ଭାଇ ବରାଦୁଳୀ ସ୍ମୃତିଚାରଣ କରନ୍ତି
ଆହା ଚୁ ଚୁ ଶବ୍ଦରେ
କେତେ ସ୍ନେହ କିମ୍ବା ଘୃଣା
ଥାଏ ତାଙ୍କ ମଗଜରେ
ମୃତ୍ୟୁ ପର ଏକାଦଶାହ ତିଥିରେ
ନ ଥାଏ ସେ ବିଚ୍ଛେଦ ଭାବନା
ଥାଏ ବିଳାସର ପ୍ରତିଧ୍ୱନୀ

ISSN NO.
2582-208X

ଜାତିଭାଇ ମାନଙ୍କ ଗହଣରେ
ମଲା ମଣିଷର ଫଟୋଟିଏ ରଖି
କେତେ ବା କିଏ ସ୍ମୃତି ରୋମନ୍ଥନ କରନ୍ତି
ଅଥବା ଭୋଜିଭାତ ଆସରରେ
ନିଜକୁ ହଜାଇ ଦିଅନ୍ତି
ନାହିଁ ଆଉ ପ୍ରଥମ ଦିନର କ୍ରନ୍ଦନର ରୋଳ
ବର୍ତ୍ତମାନ ତା'ରି ଅବର୍ତ୍ତମାନରେ
ନାନା ରକମର ସ୍ୱାଦିଷ୍ଟ ଭୋଜନ
ଖାପଛଡା ନ କରି ଧାଡିରେ କ୍ୟୁ ଲଗାନ୍ତି
ବେଶ ଆନନ୍ଦରେ ଖାଇଯିବା ପାଇଁ
ଖିରୀ ଖେଚଡିର ଆଇଟମ
ତେବେ ମୃତ୍ୟୁ କ'ଣ ନୁହଁ
ବିଳାସର ହର୍ଷଧ୍ୱନୀ ?

ବିଜିଗୋଳ, ଏନ ଟି ପି ସି, ଅନୁଗୋଳ
ମୋ - ୮୭୭୩୧୪୮୭୨୩

ISSN NO.
2582-208X

# "ମୁଁ ବ୍ରାହ୍ମଣ : ଜେଏନୟୁ କାନ୍ଥର ଜବାବ"



ଅରୁଣ କୁମାର ତ୍ରିପାଠୀ

(ପ୍ରଖ୍ୟାତ ହିନ୍ଦି କବି ମନୋଜ ମୁଣ୍ଟାଶିର୍ ଶୁକ୍ଲାଙ୍କ ଉପସ୍ଥାପନାର ଓଡ଼ିଆ ଭାଷାନୁବାଦ)

କାନ୍ଥରେ ଲେଖାଯାଇଅଛି । ଜବାହାର ଲାଲ ନେହେରୁ ବିଶ୍ୱ ବିଦ୍ୟାଳୟର କାନ୍ଥ ମାନେ କହୁଅଛନ୍ତି, ବ୍ରାହ୍ମଣ ଭାରତ ଛାଡ଼ । ଏବେ କେବଳ ଦୁଇଟି ଉପାୟ ରହିଅଛି । ଏହା କିଛି ବିକୃତ ମସ୍ତିଷ୍କଙ୍କ କାର୍ଯ୍ୟଭାବି ଚୁପ୍ ରହିଯିବା, ଯାହା ବହୁତ ସମୟ ଧରି କାଶ୍ମୀର ରେ କରାଯାଇଥିଲା । ନହେଲେ ସ୍ୱର ଉତ୍ତୋଳନ କରିବା, ଦୃଷ୍ଟି ନିକ୍ଷେପ ନକଲେ ଦିଲ୍ଲୀକୁ କାଶ୍ମୀର ରେ ପରିବର୍ତ୍ତନ ହେବକୁ ସମୟ ଅଣ୍ଟିବନି । ଆଉ ଯଦି ସ୍ୱର ଶାଣିତ କରିବା ତଥା କଥିତ ଜ୍ଞାନିଗଣ କହିବେ ଏୟା ଜାତିବାଦକୁ ପ୍ରଶୟ ଦେଉଅଛି । ଯେଉଁମାନେ ମୋ ଚରିତ୍ର ସହ ପରିଚିତ ଅଛନ୍ତି ସେମାନେ ଜାଣିଛନ୍ତି ମୁଁ ଜାତିବାଦି ନୁହଁ, ମୁଁ ରାଷ୍ଟ୍ରବାଦୀ ଅଟେ । ସ୍ୱାଭିମାନୀ ଅଟେ । ବ୍ରାହ୍ମଣ ହେବା, ସନାତନୀ ହିନ୍ଦୁ ହେବା ମୋର ସ୍ୱାଭୀମାନ ଅଟେ, ଯେଉଁଭଳି ଭାରତବାସୀ ହେବା । ଆଜି ପୁଣି ମୋ ସ୍ୱାଭିମାନକୁ ଆହ୍ୱାନ ଦିଆ ଯାଇଅଛି । ବଡ଼ ବିନମ୍ରତାର ସହ ମୋର ପକ୍ଷ ରଖିବାକୁ ଚାହେଁ । ବତେଇବାକୁ ଚାହେଁ ବ୍ରାହ୍ମଣ କିଏ ?

ଏହା ନବ ଜାଗରଣର ଯୁଗ । ଦୁନିଆ ବଦଳୁଛି । ପୁରୁଣ ନିରପିତ ଜିନିଷ ପରିବର୍ତ୍ତନ ହେଉଅଛି । ପାଠ୍ୟପୁସ୍ତକରେ ବାବର ଓ ଶାହାଜାହାନ ମାନଙ୍କ କଥା ସୀମତି ରଖାଯାଇ

ISSN NO.
2582-208X

ଶିବଜୀ ଓ ବାଲ ଗଙ୍ଗାଧର ତିଲକଙ୍କ ଦ୍ୱାରା ଦିଆଯାଇଥିବା ଧମକ ବଢୁଅଛି । ତେବେ ବ୍ରାହ୍ମଣ କୁଳକୁ ନିଜର ଭାଗର ନ୍ୟାୟ ମିଳିବା ଦରକାର । ଆଜି ମୁଁ ଆପଣ ମାନଙ୍କୁ ବ୍ରାହ୍ମଣ ମାନଙ୍କ ତ୍ୟାଗ ଓ ବଳିଦାନର ସତ କାହାଣୀ ମାନ ଉପସ୍ଥାପନ କରିବି ଯାହାକୁ ତଳେ ପକେଇବାକୁ ବିଦେଶି ଶକ୍ତି ତଥା ଦେଶୀ କାର୍ଯ୍ୟସୂଚୀ ଧାରକଗଣ ଆମକୁ ଛୁଆବେଳୁ ଏକ ପ୍ରଚାର କରିଆସୁଛନ୍ତି । ଆମକୁ ଶୁଆକୁ ପଢେଇଲା ଭଳି ଘୋସେଇ ଦେଉଅଛନ୍ତି, "ଏକ ଏକ ସମୟରେ ସେଠାରେ ଏକ ଗର୍ବୀ ତଥା ଦୁଷ୍ଟ ବ୍ରାହ୍ମଣ ବାସ କରୁଥିଲା ।" କିନ୍ତୁ ଆମେତ ଶୁଆ ନାହୁଁ ଆମେ ହେଉଛୁ ମନୁଷ୍ୟ । ତେବେ ଚାଲନ୍ତୁ ଅଭିଯୋଗର ମାନଙ୍କୁ ଶୁଣିବା ତାପରେ ସତ୍ୟକୁ ବିସ୍ତାର କରିବା ।

ପ୍ରଥମ ଅଭିଯୋଗ ବ୍ରାହ୍ମଣ ମାନେ ଲୋଭୀ । ଜିଏ ଚିରା ଫଟା ଲୁଗା ପିନ୍ଧି ଗାଁ ର ସାହି ମାନଙ୍କରେ ଭ୍ରମଣବକରେ ତଥା କର୍ମକାଣ୍ଡ ଦକ୍ଷିଣା ନାମରେ ଲୋକଙ୍କଠାରୁ ପଇସା ଲୁଟେ । ମୁନ୍ସୀ ପ୍ରେମଚାନ୍ଦଙ୍କ ମୋଟାରାମ ଶାସ୍ତ୍ରୀ ହେଉ କିମ୍ବା ବଲିଉଡ଼ ର ପଣ୍ଡିତ ପୂଜାରୀ, ଏମାନେ ସବୁବେଳେ ଦୁଷ୍ଟ, ନିର୍ଦ୍ଦୟ, କପଟୀ ଓ ଲୋଭୀ ହେଇଥା'ନ୍ତି । ଏହାହିଁ ଅନେକଙ୍କ ବିଶ୍ୱାସ ରହିଅଛି । ଏହାଠାରୁ ପାଦେ ଆଗକୁ ଗଲେ ଦେଖିବା ବଲିଉଡ୍ ର ନାମକରା ଗୁଣ୍ଡା ସେଇମାନେ ଯାହାଙ୍କ ଜିଭ ଅଗରେ ଗାଳି ତଥା କଣ୍ଠରେ ରୁଦ୍ରାକ୍ଷ ମାଳା ଥାଏ । ସିନେମାରେ ସେହି ଚରିତ୍ର ହିଁ ଚଳିବ ଯିଏ ନିଜ କଳା କାରନାମା ଲୁଚେଇବାକୁ ମଥାରେ କେଶରୀ ତିଳକ ଧାରଣ କରିଥାଏ । ଏହା ବଜାର ଅଟେ, ଏଠି ଯାହା ବିକ୍ରିହୁଏ ସେୟା ଦେଖାଯାଏ ତଥା ଯାହା ଦୃଶ୍ୟମାନ ହୁଏ ସେୟ ବିକ୍ରି ହୁଏ । ଯେଉଁପର୍ଯ୍ୟନ୍ତ ଦ୍ରବ୍ୟଟି ବିକ୍ରି ହେଉଅଛି ସେୟା ଅସଲ ଅବା ନକଲ ସେଥିରେ କାହାର କିଛି ଯାଏନି କି ଆସେନି । ବ୍ରାହ୍ମଣ ଏହି ତଥା କଥିତ ଉପରେ ବିକ୍ରିହେଲେ ଆଉ ଆମେ ସିଧାସାଧା ମଣିଷ ଏହି ମିଛକୁ ବାରମ୍ବାର ଘୋଷି ଚାଲିଲୁ । ଏହା ବାରମ୍ବାର କୁହାଗଲା ବ୍ରାହ୍ମଣ ମାନଙ୍କ ଇତିହାସ ଲୋଭରେ ଭରିଅଛି । ତେବେ ଚାଲନ୍ତୁ ଇତିହାସର ଅନୁଶୀଳନ କରିବା । ଦ୍ୱାପର ଯୁଗର ପୃଷ୍ଠା ଓଲଟାଇବା । କେଉଁ ବ୍ରାହ୍ମଣ ଚରିତ୍ର ପ୍ରଥମରେ ମନେପଡ଼େ ? ଉତ୍ତର ଆସିବ ସୁଦାମା । ଗତ ପାଞ୍ଚ ହଜାର ବର୍ଷଧରି ସୁଦାମା ଗରିବ ମାନଙ୍କ ପ୍ରତିନିଧି ସାଜିଛନ୍ତି, ଯେତେବେଳେ କି ଭଗବାନ କୃଷ୍ଣଙ୍କ ସହ ତାଙ୍କର ପରମ ମିତ୍ରତା ଥିଲା । ଶ୍ରୀକୃଷ୍ଣ ଦ୍ୱାରକା

ISSN NO.
2582-208X

ଭଳି ବୈଭବଶାଳୀ ରାଜ୍ୟର ରାଜା ଥିଲେ । ସୁଦାମା ପାଟି ଖୋଲିଥିଲେ ଶ୍ରୀକୃଷ୍ଣ ତାଙ୍କ ଉପରେ ମଣି ଓ ମୋତି ମାନଙ୍କର ବର୍ଷା କରିଦେଇଥା'ନ୍ତେ । କିନ୍ତୁ ବ୍ରାହ୍ମଣ ସବୁବେଳେ ସ୍ୱାଭିମାନୀ । ସୁଦାମା କେବେବି କୃଷ୍ଣଙ୍କୁ କିଛି ବି ମାଗି ନାହାନ୍ତି । ତାଙ୍କୁ ମୋତି ଅବା ମାଣିକ ଦରକାର ନଥିଲା, ଅବଶ୍ୟକ ଥିଲା ତ କେବଳ ଭଗବାନଙ୍କ ଚରଣ କମଳ । ଶାସ୍ତ୍ରରେ ବର୍ଣ୍ଣନା ରହିଅଛି:

"ମେରେ ହିୟେ ହରିକେ ପଦପଙ୍କଜ  ବାର ହଜାର ଲୌ ଦେଖି ପରିକ୍ଷା
ଔରୋକୋ ଧନ ଚାହିଐ ବାବରୀ  ବ୍ରାହ୍ମଣ କୋ ଧନ କେବଳ ଭିକ୍ଷା ।"

ବ୍ରାହ୍ମଣ କେବଳ ସେତିକି ଧନ ଏକତ୍ରିତ କରେ ଯାହା ତାକୁ ଭିକ୍ଷାରେ ମିଳେ । ଆଉ ସେହି ଭିକ ଏମିତି ସେମିତି ମାଗେନାହିଁ, ପ୍ରଥମେ ଈଶ୍ୱରଙ୍କ ନିକଟରେ ଜଜମାନଙ୍କ ମଙ୍ଗଳ କାମନା କରେ ତତ୍ ପଶ୍ଚାତ ମୁଠାଏ ଚାଉଳ ନିଏ ।

ଦ୍ୱିତୀୟ ଅଭିଯୋଗ ହେଉଛି, ବ୍ରାହ୍ମଣଙ୍କ ଇତିହାସର ଗଠନ ଦିଗରେ କୌଣସି ଅବଦାନ ନାହିଁ । କିଛି ଲୋକ ଅଛନ୍ତି, ଯେଉଁମାନଙ୍କୁ ଭାରତ ବର୍ଷରେ କିଛି ବି ଭଲ ଦେଖାଯାଏ ନାହିଁ। କିନ୍ତୁ ଆପଣମାନେ ଓ ମୁଁ ଖୋଲାମନରେ ସ୍ୱୀକାର କରୁ ଯେ ଭାରତ ଭଳି ଗୌରବଶାଳୀ ସଂସ୍କୃତି ଦୁନିଆରେ କୌଣସି ସ୍ଥାନରେ ବି ନାହିଁ । ଏହି କାରଣ ପାଇଁ ଯେଉଁମାନେ ଲୁଣ୍ଠନ ଉଦ୍ଦେଶ୍ୟରେ ଭାରତକୁ ଆସିଥିଲେ ସେମାନେ ସୁନା ରୁପା ପୂର୍ବରୁ ଆମ ସଂସ୍କୃତିକୁ ଲୁଟିବାକୁ ଚାହିଁଲେ । ଆମର ଗ୍ରନ୍ଥ ସବୁ ଜଳେଇ ଦେଲେ, ଆମ ସ୍ୱର୍ଣ୍ଣିମ ଅତୀତର ଚିତ୍ରକୁ ଲୁଚେଇଦେଲେ; ତଥାପି ଆମ ଗର୍ବ କରିବା ନିମନ୍ତେ ବହୁତ କିଛି ବାକି ରହିଗଲା । ଭାରତରତ୍ନ ପଣ୍ଡିତ ଅଟଳ ବିହାରୀ ବାଜପେୟୀଙ୍କ ଧାଡିଏ ମନେ ପଡ଼େ, "ଅପନା ସବ୍ କୁଛ୍ ହୁଁ ଲୁଟାଚୁକା ଫିରଭି ଅକ୍ଷୟ ହେ ଧନାଗାର୍ !' ପ୍ରଶ୍ନ ଏୟାଯେ ଯାହା ବଞ୍ଚିଗଲା ସେୟା କିଏ ବଞ୍ଚେଇଲା ? ଉତ୍ତର ହେଉଛି ବ୍ରାହ୍ମଣ ମାନେ । ବେଦ, ପୁରାଣ, ଉପନିଷଦ, ରାମାୟଣ, ମହାଭାରତ, ଭଗବତ ଗୀତା ଏଭଳି ଅନେକ ସନାତନୀ

ISSN NO.
2582-208X


ଗ୍ରନ୍ଥମାନଙ୍କ ପାଣ୍ଡୁଲିପି ମାନଙ୍କୁ ପାରସୀ ତଥା ଇଂରେଜ ଆକ୍ରମଣକାରୀଙ୍କ କବଳରୁ ରକ୍ଷା କରିବା ନିମନ୍ତେ ନିଜ ପ୍ରାଣ ସହ ଖେଳିବାକୁ ମଧ୍ୟ ପଛେଇଲେ ନାହିଁ । କଣ ଶୁଣିବାକୁ ମିଳୁଛି ବ୍ରାହ୍ମଣଙ୍କ ଇତିହାରେ କୌଣସି ଅବଦାନ ନାହିଁ ? ଆଚ୍ଛା ! ଗୋଟିଏ ପ୍ରଶ୍ନର ଉତ୍ତର ଦିଅନ୍ତୁ, ଭାରତର ସ୍ୱାଧୀନତା ସଂଗ୍ରାମ ନିମନ୍ତେ ପ୍ରଥମ ବଳିଦାନ କିଏ ଦେଇଥିଲେ ? ବୀର ମଙ୍ଗଳ ପାଣ୍ଡେ ଯିଏ ଜଣେ ବ୍ରାହ୍ମଣ ଥିଲେ । ଆଉ ମାସିଡ଼ୋନିଆର ସେହି ଡ଼କାୟତ ଆଲେକଜ୍ୟାଣ୍ଡର୍, ତାହା ବିରୁଦ୍ଧରେ ପ୍ରଥମ ବିଦ୍ରୋହ କିଏ କରିଥିଲା? ବ୍ରାହ୍ମଣ ମାନେ । ମଗଧ ସନ୍ନୀକଟ ବ୍ରାହ୍ମଣକ ଜନପଦର ର ଦିବ୍ୟଭୂମି ଉପରେ ବଳିଦାନ ଦେଇଦେଲେ କିନ୍ତୁ ସେ ଅତ୍ୟାଚାରୀର ସତ୍ତାକୁ ସ୍ୱୀକାର କଲେ ନାହିଁ । ପୁନଶ୍ଚ ଆଉ ଏକ ପ୍ରଶ୍ନର ଜବାବ ମାଗିବ ନିତାନ୍ତ ଆବଶ୍ୟକ । ଅଖଣ୍ଡ ଭାରତର ସ୍ୱପ୍ନ ପ୍ରଥମେ କିଏ ଦେଖିଥିଲେ ? ଗୋଟିଏ ବ୍ରାହ୍ମଣ ଯିଏ ହେଉଛନ୍ତି ଚାଣକ୍ୟ, ଯାହାଙ୍କ ପରିଚୟ ମୁଁ ଆପଣ ମାନଙ୍କୁ ପ୍ରଦାନ କରିବାର କୌଣସି ଆବଶ୍ୟକତା ନାହିଁ । ଆପଣ ମାନେ ପାଠପଢିବା ମନୁଷ୍ୟ । ସେ ତକ୍ଷଶୀଳ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଥିଲେ, କିଛି ଦିନ ପରେ ଡିନ୍ ଅଥବା କୁଳପତି ହେଇପାରିଥା'ନ୍ତେ । ତାଙ୍କୁ କଣ ଆବଶ୍ୟକତା ଥିଲା, ହଜାରେ ଭାଗରେ ବିଭକ୍ତ ଖଣ୍ଡିର ଭାରତକୁ ସଂଯୋଗ କରିଥିଲେ ? ଧନନନ୍ଦ ଆଗ୍ରହ ମଧ୍ୟ କରିଥିଲେ, ମୋ ରାଜସଭାରେ କୌଣସି ପଦବୀ ଅଳଙ୍କରଣ କରନ୍ତୁ ଓ ଶାନ୍ତିରେ ବଂଶୀବାଦକ କର । କିନ୍ତୁ ଚାଣକ୍ୟ ବଂଶୀ ନୁହଁ ବିଗୁଲ ବଜେଇ ଦେଲେ ଓ ଭାରତ ବର୍ଷକୁ ଗୋଟିଏ ପତାକା ତଳେ ନେଇଆସିଲେ । ଯେତେବେଳେ ରାଜା ହେବାର ସୁଯୋଗ ମିଳିଲା ସେ ଚାହିଁଲେ ସମ୍ରାଟ ହେଇପାରିଥା'ନ୍ତେ, କିନ୍ତୁ ହେଲେ ନାହିଁ । ହେଲେ ସେହି ସୁଯୋଗ କାହାକୁ ଦେଲେ ? ଏକ ନିର୍ଦ୍ଧନ ବଞ୍ଚିତ ବନରେ ବାସ କରୁଥିବା ମନୁଷ୍ୟକୁ । ଏହି କଥାରୁ ମୋତେ ପରବର୍ତ୍ତୀ ଅଭିଯୋଗ ମନେ ପଡ଼ୁଅଛି । ବ୍ରାହ୍ମଣ ପଦବୀର ଲୋଭୀ ଅଟନ୍ତି ।

ରାଜା ଦଶରଥଙ୍କ ମୃତ୍ୟୁ ସମୟରେ ଶ୍ରୀରାମ ଓ ଲକ୍ଷ୍ମଣ ବନବାସରେ ଥିଲେ ତଥା ଭରତ ଓ ଶତ୍ରୁଘ୍ନ ମାତୁଳାଳୟରେ । ସେହି ସମୟରେ ଶକ୍ତିଉସ୍ବର କେନ୍ଦ୍ରଥିଲେ ମହର୍ଷି ବଶିଷ୍ଠ ଯାହାଙ୍କ ଅଧୀନରେ ରାଜକୋଷ ତଥା ସୈନ୍ୟବାହିନୀ ମଧ୍ୟ ରହିଥିଲା । ଗୋଟିଏ ଟାକରା ରେ ଅଯୋଧ୍ୟାର ସାମ୍ରାଜ୍ୟ ନିଜ ନାମରେ କରିପାରିଥା'ନ୍ତେ । ଦେଶରେ ମିଳୁଥିବା

ISSN NO.
2582-208X

ତିନିଶହରୁ ଅଧିକ ପ୍ରକାର ର ରାମାୟଣ ପଢିନିଅନ୍ତୁ, କେଉଁଠି ଗୋଟିଏ ଜାଗାରେ ବି ଏୟା ଶୁଣିବାକୁ ମିଳେନା ଯେ ମହର୍ଷି ବଶିଷ୍ଠ ତତ୍କାଳୀନ ସମୟରେ ରାଜଗାଦି ନିମନ୍ତେ କୌଣସିବି କୁତ୍ସାରଟନା କରିନଥିଲେ । ସତ ଏୟା ଯେ ବ୍ରାହ୍ମଣ ମନେ ସତ୍ତା ନିମନ୍ତେ କେବେ କି ଲୋଭ କରିନଥିଲେ । ବ୍ରାହ୍ମଣ ପ୍ରାଥମିକତା କେବଳ ମହାନ ସମ୍ରାଟ ସୃଜନ କରିବାର ଥିଲା, ନିଜକୁ ରାଜା ବନେଇବା ନୁହଁ । ଇଂରାଜି ଶବ୍ଦ କିଙ୍ଗମେକର ବୋଧହୁଏ ବ୍ରାହ୍ମଣ ମାନଙ୍କ ପାଇଁ ହିଁ ଉପଯୁକ୍ତ । ତଥାପି ଯେଉଁ ସମୟରେ ମାତୃଭୂମି ଆମକୁ ରାଜତ୍ୱ ପ୍ରଦାନ କରିଅଛି, ବ୍ରାହ୍ମଣଙ୍କୁ ସମ୍ରାଟ କରିଅଛି, ସେହି ସମୟରେ ଆମେ କେବେବି ତାହାର ଗୌରବୋଜ୍ଜ୍ୱଳ କପାଳରେ କଳଙ୍କର ଟୀକା ବୋଳିନାହୁଁ । ଶୁଙ୍ଗ, କଣ୍ୱ, ପଲ୍ଲବ, କଦମ୍ବ ଏବଂ ଆନ୍ଧ୍ରର ସାତବାହାବ ବଂଶର ଇତିହାସ ଥରେ ପଢି ନିଅନ୍ତୁ, ମହାରାଜା ବାହିର୍ ଙ୍କ ଠାରୁ ଆରମ୍ଭକରି ପେଶୱା ବାଜିରାଓ ବଲାଡଙ୍କ ଜୀବନୀ ପଢିନିଅନ୍ତୁ, ସିଂହାସନରେ ବସି ନିଜର ସର୍ବସ୍ୱ ଦେଶ ନିମନ୍ତେ ସମର୍ପଣ କରିଦେଲେ ।

ଆଉ ଗୋଟିଏ କଥା ବଡ଼ ଦାୟିତ୍ୱହୀନତା ସହକାରେ କୁହାଯାଏ, ବ୍ରାହ୍ମଣ ମାନେ ସର୍ବଦା ରାଜପୁତ ଓ କ୍ଷତ୍ରିୟମାନଙ୍କ ଠାରେ ଦ୍ୱେଶ ରଖିଥିଲେ । ମୋତେ ଏହି ସମୟରେ ପୁନଶ୍ଚେ ପେଶୱା ବାଜିରାଓ ମନେ ପଡନ୍ତି । ରାଜପୁତ ରାଜା ଛତ୍ରସାଲଙ୍କ ସନ୍ଦେଶ ତାଙ୍କ ଭୋଜନ ଗ୍ରହଣ ସମୟରେ ପ୍ରାପ୍ତ ହେଲା । ଯେଉଁଠି ଲେଖା ଥିଲା,

"ଯୌ ଗତି ଗ୍ରାହ ଗଜେନ୍ଦ୍ରକି ସୌ ଗତି ଭଇ ହୈ ଆଜ୍
ବାଜି ଜାତ ବୁନ୍ଦେଲ କି ବାଜି ରଖୋ ଲାଜ୍ "

ଅର୍ଥାତ୍ କୁମ୍ଭୀର ପାଟିରେ ପଶିଲେ ବଳଶାଳୀ ହାତିର ଯେଉଁ ଅବସ୍ଥା ହୁଏ, ସେହି ଦଶା ବୁନ୍ଦେଲ ଖଣ୍ଡର, ତୁର୍କୀ ଫଙ୍ଗସ ଖାନ୍ ବୁନ୍ଦେଲ ଖଣ୍ଡ ଘେରିପକେଇଅଛି । ଆଦରଣୀୟ, ବାଜିରାଓ ବୁନ୍ଦେଲଖଣ୍ଡର ଲାଜ ତୁମ ହାତରେ ନିର୍ଭର କରେ । ପତ୍ର ପଢିବା ସହ ବାଜିରାଓ ଖାଦ୍ୟଥାଳି ଛାଡ଼ି ଉଠିଗଲେ । କେହିଜଣେ କହିଲେ, ଅନୁନ୍ୟ ଭୋଜନ କରି ଯା'ନ୍ତୁ ପେଶୱା । ସେ ବୁଲିଯାଇ ଉତ୍ତର ଦେଲେ ଆଜି ଯଦି ମୁଁ ସମୟରେ ପହଁଚିବି ନାହିଁ

ISSN NO.
2582-208X

ତେବେ ଇତିହାସ ଆରୋପ ଲଗେଇବ, ଗୋଟିଏ କ୍ଷତ୍ରିୟ ରାଜା ସହୟତା ମାଗିଲା, କିନ୍ତୁ ଜଣେ ଦାୟିତ୍ୱହୀନ ବ୍ରାହ୍ମଣ ଭୋଜନ କରିଚାଲିଥିଲା । ସେହି ସମୟରେ ମହାରାଷ୍ଟ୍ର ଠାରୁ ବୁନ୍ଦେଲଖଣ୍ଡ ଦଶ ଦିନର ବାଟ ଥିଲା । କିନ୍ତି ପ୍ରାଣ ଚାଲିଯାଉ କିନ୍ତୁ ବଚନ ତଳେ ପନଡ଼ୁ ଏହି ଉକ୍ତି କୁ ସାର୍ଥକ କରିବା ଯାହାର ଧର୍ମ ଥିଲା ସିଏ କିଭଳି ଏଭିଳି ସମୟ ନଷ୍ଟ କରିଥା'ନ୍ତା । ପେଶୱା ୫୦୦ ଅଶ୍ୱଙ୍କ ସହାୟତାରେ ଏହି ଯାତ୍ରା କେବଳ ୪୮ ଘଣ୍ଟାରେ ପୂର୍ଣ୍ଣ କରିଦେଲେ, ବିନା ବିଶ୍ରାମରେ ବିନା କଷ୍ଟରେ । ପରିଣାମ ସ୍ୱରୁପ ରାଜା ବାଜିରାଓ ଫଙ୍ଗସ ଖାନ୍ ଙ୍କ ମୁଣ୍ଡରୁ ଗଣ୍ଡି ଅଲଗା କରିଦେଲେ ଓ ଛତ୍ରସାଲ ସହିତ ସମଗ୍ର ବୁନ୍ଦେଲଖଣ୍ଡକୁ ଅଭୟବାଣୀ ପ୍ରଦାନ କଲେ । ବାଜିରାଓଙ୍କ ପ୍ରଶଂସାରେ ଛତ୍ରସାଲଙ୍କ ମୁଖରୁ ନିସୃତ ହେଲା,

"ଜଗ ଉପଜେ ଦୌ ବ୍ରାହ୍ମଣ ପରଶୁ ଔ ବାଜି ରାଓ
ଏକ ଡାହି ରାଜପୁତିଆ ଏକ ଡାହି ତୁରକାଓ"

ଅର୍ଥାତ୍ ସଂସାର ରେ ଆଜି ପର୍ଯ୍ୟନ୍ତ ଦୁଇ ଜଣ ବଳଶାଳୀ ବ୍ରାହ୍ମଣ ଜନ୍ମ ନେଇଅଛନ୍ତି, ଜଣେ ଭଗବାନ ପର୍ଶୁରାମ ଓ ଆଉ ଜଣେ ପେଶୱା ବାଜିରାଓ । ଏହା ଆମର ଗୌରବ, ସ୍ୱାଭୀମାନ ଓ ମାତୃଭୂମୀ ପ୍ରତି କୃତଜ୍ଞତା ।

କିନ୍ତୁ ଆଜି କାଲି କିଛିଲୋକେ ବ୍ରାହ୍ମଣଙ୍କ ବଳିଦାନ ଓ ତ୍ୟାଗକୁ ସମ୍ମାନର ଦୃଷ୍ଟିରେ ଦେଖୁନାହାନ୍ତି, କାରଣ ସେମାନେ ବର୍ଣ୍ଣ ବିଭଜନର ଦୋଷୀ ବ୍ରାହ୍ମଣଙ୍କୁ ମାନନ୍ତି । ଏହି ଅଭିଯୋଗ ମଧ୍ୟ ଭୁଲ ତଥା ଆଧାର ବିହିନ । କେମିତି ? ଆସନ୍ତୁ ଜାଣିବା । ବର୍ଣ୍ଣ ବ୍ୟବସ୍ଥାର ଦୋଷ ମନୁସ୍ମୃତି ଉପରେ ଲଦାଯାଏ । ଶୁଣିବାକୁ ମିଳେ ମନୁ ହିଁ ସମାଜକୁ ବାଣ୍ଟିଦେଲେ ଓ ବ୍ରାହ୍ମଣ ମାନଙ୍କୁ ଉଚ୍ଚା ସ୍ଥାନ ଦେଇଦେଲେ । ଏହା ଶୁଣି ଆଶ୍ଚର୍ଯ୍ୟ ଲାଗିପାରେ ମନୁସ୍ମୃତିର ରଚନାକାର ନିଜେ ଜଣେ ବ୍ରାହ୍ମଣ ନଥିଲେ । ସେ ଜଣେ କ୍ଷତ୍ରିୟ ଥିଲେ, ଜଣେ ରାଜା ଥିଲେ । ଭଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଅଛନ୍ତି,

ISSN NO.
2582-208X

'ଚାତୁର୍ବର୍ଣ୍ଣ ମୟା ସୃଷ୍ଟଂ ଗୁଣ କର୍ମ ବିଭାଗସଃ ।" ଅର୍ଥାତ ଗୁଣ ଓ କର୍ମକୁ ଆଖି ଆଗରେ ରଖି ମୋର ଏହି ସୃଷ୍ଟି ଚାରି ଭାଗରେ ବିଭକ୍ତ ହୋଇଅଛି । ଭଗବାନ ଶ୍ରୀକୃଷ୍ଣଙ୍କ ଉପରେ କିଛିଲୋକଙ୍କ ଏୟା ଧାରଣା ରହିଅଛି ଯେ, ସେ ଯଦୁବଂଶୀ କ୍ଷତ୍ରିୟ ଥିଲେ । ପ୍ରଚଳିତ ମାନ୍ୟତା ଅନୁସାରେ ସେ ଜଣେ ଗୋ ପାଳକ ଥିଲେ ଅର୍ଥାତ୍ ତୃତୀୟ ବର୍ଣ୍ଣ ସହ ସଂପୃକ୍ତ ଥିଲେ । ଯେବେ ସେ ରାଜପଦ ଅଳଂକରଣ କଲେ, ଦ୍ୱିତୀୟ ବର୍ଣ୍ଣକୁ ଚାଲିଗଲେ । ଆପଣ ତାଙ୍କୁ ଦ୍ୱିତୀୟ ଅବା ତୃତୀୟ ବର୍ଣ୍ଣର ମାନନ୍ତୁ, ସେ କେବେ ବି ବ୍ରାହ୍ମଣ ନଥିଲେ । ନା କୃଷ୍ଣ ବ୍ରାହ୍ମଣ ଥିଲେ ନା ମନୁ ମହାରାଜା; ତେବେ ଏହି କଥା କିଏ କିଭଳି କହିପାରିବେ ଯେ, ବର୍ଣ୍ଣ ବ୍ୟବସ୍ଥା ବ୍ରାହ୍ମଣ ମାନେ କରିଅଛନ୍ତି ? କଥା ଏୟା ସେ ମନୁ ମହାରାଜ ହୁଅନ୍ତୁ ଅବା ମଧୁସୂଦନ ଶ୍ରୀକୃଷ୍ଣ ସେମାନେ ବର୍ଣ୍ଣ ବିଭାଜନ ବଡ଼ ସତର୍କତାର ସହ ଯୁକ୍ତି ଯୁକ୍ତ ଭାବେ ବୈଜ୍ଞାନିକ ସିଦ୍ଧାନ୍ତ ଭଳି ବର୍ଣ୍ଣବିଭାଜନ କରିଥିଲେ, କର୍ମକୁ ଆଧାର କରି । ଟିକିଏ ଭାବନ୍ତୁ ନା, ଯିଏ ନିଜେ ନିୟମ ବନାଉଥିଲେ, ସେମାନେ ନିଜକୁ ଦ୍ୱିତୀୟ ଅବା ତୃତୀୟ ବର୍ଣ୍ଣ ଶ୍ରେଣୀରେ କାହିଁକି ରଖିଲେ ? ସେମାନେ ନିଜକୁ ଉପର ଶ୍ରେଣୀରେ ରଖିପାରିଥା'ନ୍ତେ । ସାଧାରଣଜ୍ଞାନ ପ୍ରୟୋଗ କରନ୍ତୁ । ଯଦି ଆପଣ ମାନଙ୍କୁ ଗୋଟିଏ କମ୍ପାନୀର ପଦବୀ ଚୟନ କରିବାକୁ ହୁଏ, ତେବେ ଆପଣ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପଦ ବାଛିବେ ନା ସଫେଇ କର୍ମଚାରୀ ! ସିଦ୍ଧାନ୍ତ କାଚ ଭଳି ସ୍ୱଚ୍ଛ , ସନାତନରେ କର୍ମକୁ ନେଇ ଜାତି ଗଠିତ ହୁଏ, ଜନ୍ମ ଆଧାର ରେ ହୁଏ ନାହିଁ । ଶ୍ରୀରାମଚରିତମାନସ ରେ ଗୋସ୍ୱାମୀ ତୁଳସୀଦାଶ ବି ଏୟା ହିଁ ଉପସ୍ଥାପନ କରିଅଛନ୍ତି, "କରମ ପ୍ରଧାନ ବିଶ୍ୱ କରି ରାଖା, ଯୋ ଜସ କରହି ସୌ ତସ ଫଲ ଚାଖା ।" କିନ୍ତୁ ଆମଦେଶରେ ମାକୁଆଲିଙ୍କ ମାନସ ପୁତ୍ର ମାନଙ୍କ ଅଭାବ ନାହିଁ । ସେମାନଙ୍କୁ ବିଦେଶୀ ପ୍ରମାଣ ଆବଶ୍ୟକ । କିଛି କଥା ନାହିଁ । ବିଦେଶୀ ପ୍ରମାଣ ବି ରହିଅଛି । ମେଘାସ୍ଥିନିସ୍ ଙ୍କ ପୁସ୍ତକ ଇଣ୍ଡିକାର ବର୍ଣ୍ଣନାନୁସାରେ ଭାରତୀୟ ସମାଜ ମୋଟ ଉପରେ ସାତଟି ବିଭାଜନରେ ବଣ୍ଟାଯାଇଅଛି, ଯଥା : ଦାର୍ଶନିକ, କୃଷକ, ଚରବାହ, କାରିଗର, ସୈନିକ, କାର୍ଯ୍ୟନିର୍ବାହୀ ଓ ପାର୍ଷଦ ବର୍ଗ । ଆପଣ ମାନେ ବିଚାର କରନ୍ତୁ, ଏହି ସାତୋଟି ବର୍ଗ ଜନ୍ମ ଆଧାରିତ ହେଇପାରିବ କି ? ଏହା କିଏ ନିଶ୍ଚିତ କରିବେ ଯେ, ପାରିଷଦର ପୁଅ ପାରିଷଦ ହବ ଅବା ଦାର୍ଶନିକ ର ସନ୍ତାନ ଦାର୍ଶନିକ ହେବ ! ମେଘାସ୍ଥିନିସ୍ ପୁଣି ଲେଖିଛନ୍ତି ଭାରତୀୟ ସମାଜରେ କିଏବି ବ୍ରାହ୍ମଣ ହୋଇପାରିବେ । ଏହା

ISSN NO.
2582-208X

କୌଣସି ବର୍ଣ୍ଣର ଏକାଧିକାର ନାହିଁ । ଯଦି ଆପଣ ବ୍ରାହ୍ମଣ ମାନଙ୍କ ଭଳି ଦିନଚର୍ଯ୍ୟା ରଖନ୍ତି, ସେହିଭଳି ତପଶ୍ଚର୍ଯ୍ୟା ରଖନ୍ତି, ବ୍ରାହ୍ମଣଙ୍କ ଭଳି ଜ୍ଞାନାର୍ଜନ କରିଅଛନ୍ତି, ତେବେ ଆପଣ ବ୍ରାହ୍ମଣ ହୋଇପାରିବେ, ଏଥିପାଇଁ ବ୍ରାହ୍ମଣ କୁଳରେ ଜନ୍ମ ଲାଭ କରିବାର କୌଣସି ଆବଶ୍ୟକତା ନାହିଁ, ଏହା ମେଘାସ୍ଥିନିସ୍ ଲେଖିଅଛନ୍ତି । ତେବେ ଗୋଟିଏ କଥା ଏଠି ସ୍ପଷ୍ଟ ହୋଇଗଲା ଯେ, ବର୍ଣ୍ଣ ଜନ୍ମ ଆଧାରିତ ନୁହଁ କର୍ମ ଆଧାରିତ । ଏଣୁ ବ୍ରାହ୍ମଣଙ୍କୁ ବର୍ଣ୍ଣ ବିଭାଜନର ଦୋଷ ଦେବା କେବଳ ମୁର୍ଖତା ।

ବର୍ତ୍ତମାନ ନିଷ୍କର୍ଷକୁ ଆସିବା । ଏହି ବିଶ୍ୱରେ ବ୍ରାହ୍ମଣ କେବଳ ଏକ ମାତ୍ର ମନୁଷ୍ୟ ଯାହା ପେଟରେ ଅନ୍ନ ନଥାଉ କିନ୍ତୁ ମୁଖରେ ଜଗତର ହିତ ପ୍ରାର୍ଥନା କରୁଥାଏ । ପୃଥିବୀ ଶାନ୍ତିଃ, ରାପଃ ଶାନ୍ତିଃ । ପୃଥିବିରେ ଅଗଣିତ ଧର୍ମ ବର୍ଣ୍ଣାବଲମ୍ବୀ ଦେଖାଯା'ନ୍ତି କିନ୍ତି ସମସ୍ତେ ନିଜସ୍ୱ ଅନୁସରଣ କାରୀଙ୍କ ମଙ୍ଗଳ କାମନା କରନ୍ତି । କିନ୍ତୁ କେବଳ ସନତନୀ, ଯିଏ ସମଗ୍ର ପୃଥିବୀର ମଙ୍ଗଳ କାମନ କରେ । ଏହି ସ୍ୱର କେବଳ ମନ୍ଦିର ରୁ ଆସେ । ଆଉ ସେଠି ଜଣେ ବ୍ରାହ୍ମଣ ଏହା ଉଚ୍ଚାରଣ କରିଥାଏ । ଆଉ କିଏ ଅଛି ଏହି ପୃଥିବୀରେ ଯିଏ, ନିତି ଗାଏ, ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାୟମୟାଃ, ସର୍ବେ ଭଦ୍ରାଣୀ ପଶ୍ୟନ୍ତୁ, ମା କଶ୍ଚିତ୍ ଦୁଃଖ ଭାଗ୍ ଭବେତ୍ । ଅର୍ଥାତ୍ ସମସ୍ତେ ସୁଖରେ ରହନ୍ତୁ, ସମସ୍ତେ ରୋଗମୁକ୍ତ ରହନ୍ତୁ, ସମସ୍ତଙ୍କ ଜୀବନ ମଙ୍ଗଳମୟ ହେଉ, କେହି ଦୁଃଖରେ ରହନ୍ତୁ ନାହିଁ । ଛୋଟ, ବଡ଼, ଉଚ୍ଚା, ନୀଚ, ନିର୍ଦ୍ଧନ, ବ୍ରାହ୍ମଣ, ଅବ୍ରାହ୍ମଣ ସମସ୍ତଙ୍କ ଏଭଳିକି ମନୁଷ୍ୟ ଛଡା ଜୀବଜନ୍ତୁଙ୍କୁ ସାମିଲ କରି ଅଣୁରୁ ବୃହଦ୍ ସୃଜନ ସମସ୍ତଙ୍କୁ ବ୍ରାହ୍ମଣ ଆଦର କରେ, ଜଣେ ଆଉ ଜଣଙ୍କ ହାତ ଧରି ପ୍ରଗତି ପଥରେ ଚାଲିବାର କାମନା କେବଳ ସେ ହିଁ କରିପାରେ । ଏଣୁ ଅଗକୁ ଟିପ୍ପଣୀ ଦେବା ବେଳେ ମନକୁ ଥରେ ପାଚରିବେ । ଯେତେବେଳେ ଦେଶ ଓ ଦଶ ପ୍ରତି ବିପଦର କାଳିମା ଛାୟା ହେଉଛି, ସେହି ସମୟରେ ବ୍ରାହ୍ମଣ ହିଁ ନିଜର ଶିଖା ଖୋଲି ରାଷ୍ଟ୍ର ଓ ତାର ସଂସ୍କୃତିକୁ ଏକତାର ସୂତ୍ରରେ ବାନ୍ଧି ଅଛନ୍ତି । ଏଣୁ ଗର୍ବରେ କହିପାରିବା ଆମେ ବ୍ରାହ୍ମଣ । ମୁଁ ସେହି ଦଧିଚି, ଯିଏ ବିଶ୍ୱ କଲ୍ୟାଣ ନିମନ୍ତେ ନିଜର ଅସ୍ଥି ଦାନ କରିବା ପୂର୍ବରୁ ଦ୍ୱିତୀୟ ଥର ଭାବେନାହିଁ, ମୁଁ ସେହି ପର୍ଶୁରାମ ଯିଏ ଭଗବାନ

ISSN NO.
2582-208X

ଶ୍ରୀରାମଙ୍କୁ ନିଜର ସମସ୍ତ ଶକ୍ତି ଦାନ ଦେଇପାରେ, ମୁଁ ସେହି ଚାଣକ୍ୟ ଜିଏ ଅବହେଳିତ ବନବାସୀକୁ ଉଠେଇ ଭାରତର ବର୍ଷର ରାଜ ସିଂହାସନରେ ବସେଇପାରେ, ମୁଁ ସେହି ଶଙ୍କରାଚାର୍ଯ୍ୟ ଯିଏ ନିଜର ଜ୍ଞାନ ବଳରେ ସମଗ୍ର ଭାରତ ବର୍ଷକୁ ଗୋଟିଏ ପତାକା ତଳେ ଆଣିପାରେ, ମୁଁ ସେହି ରାମକୃଷ୍ଣ ପରମହଂସ ଯାହା ଶରଣରେ ଆସିଥିବା ବ୍ୟକ୍ତି ସ୍ୱାମୀ ବିବେକାନନ୍ଦ ପାଲଟିଯାଏ, ମୁଁ ସେହି ବୀର ସାବରକର ଯିଏ ଆଣ୍ଡାମାନର ସେଲ୍ୟୁଲାର ଜେଲ ରେ ଦୁଇ ପାତ୍ର ପାଣି ପିଇ ସ୍ୱାଧୀନତାର ସ୍ୱପ୍ନକୁ ଜୀବିତ ରଖେ, ମୁଁ ସେହି ଚନ୍ଦ୍ର ଶେଖର ଆଜାଦ ତିୱାରୀ ଯିଏ ଜିନ ରକ୍ତରେ ଏହି ବୀରପ୍ରସୁ ମାଟି ମାଆକୁ ଅଭିଷିକ୍ତ କରିପାରେ, ମୁଁ ସେହି ବାଲ ଗଙ୍ଗାଧର ତିଲକ ଯିଏ ଭାରତ ବର୍ଷକୁ ପୁଣିଥରେ ନିଜ ସଂସ୍କୃତି ଉପରେ ଗର୍ବ କରିବାର ଶିଖାଏ , ମୁଁ ସେହି ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଯିଏ ଇଂରେଜ ମାନଙ୍କ ଦ୍ୱାରା ପଥଭ୍ରଷ୍ଟ ଭାରତୀୟଙ୍କୁ ବେଦକୁ ଫେର ସ୍ଲୋଗାନ ଦେଇପାରେ, ମୁଁ ଏହି ଯଶସ୍ୱୀ ବ୍ରହ୍ମକୂଳର ଦୁହିତା ରାଣୀ ଲକ୍ଷ୍ମୀବାଇ ଯିଏ ମାତୃଭୂମିର ରକ୍ଷା ନିମନ୍ତେ ଇଂରେଜଙ୍କ ଛାତିରେ ନିଜର ମୁନିଆ ଖଣ୍ଡା ଭେଦ କରିଦିଏ । ଆମେ  ବ୍ରାହ୍ମଣ ଜନ୍ମଜାତ ତପସ୍ୱୀ, ଆମେ ସଙ୍ଗୀତ ସଧନା କଲେ ତାନସେନ ଓ ସ୍ୱରସାଧନା କଲେ ଲତାମଙ୍ଗେସକର ବନିଯାଉ, ଶବ୍ଦ ସାଧନା କରି ମହାକବି କାଳିଦାସ ଓ ଗୋସ୍ୱାମୀ ତୁଳସୀଦାସ  ହେଇଯାଉ । ଆର୍ଯ୍ୟଭଟ୍ଟ, ବରାହ ମିହିର, ଶ୍ରୀନିବାସ ରାମାନୁଜନ, ଭେଙ୍କେଟରମଣ ରାମକ୍ରୀଷ୍ଣନ ଅଦି ହଜାର ଲକ୍ଷ ଯଶସ୍ୱୀ ବ୍ରାହ୍ମଣଙ୍କ ନାମ ଆମ ବ୍ରହ୍ମପଟଳରେ ସ୍ୱର୍ଣ୍ଣାକ୍ଷର ରେ ଲିପିବଦ୍ଧ କଲେବି ଏହି କାହାଣୀ ଅଧା ରହିଯିବ । ମୁଁ କାହା କାହା ଉଦାହରଣ ଦେବି? ପ୍ରଶ୍ୱାସ କମ ଅଛି, ଲୋକେ ବହୁତ ଅଛନ୍ତି । ବ୍ରାହ୍ମଣ ଭାରତ ବର୍ଷର ମସ୍ତକ, ଏହି ମସ୍ତକ ନିଚା ହେବାର ଅବଶ୍ୟକତା ନାହିଁ ।

କାର୍ଯ୍ୟକାରୀ ସମ୍ପାଦକ
ଜୟପୁର  ସାହିତ୍ୟ ପରିବାର
ଦୂରଭାଷ : +୯୧-୯୦୭୮୩୮୬୨୭

ISSN NO.
2582-208X

# କବିତା ମାଧୁରୀ

ବେଣୁଧର ସୂତାର

ତୁମେ ନିଃଶବ୍ଦର ଶବ୍ଦମୟ ସୁର
କବି ହୃଦ ଅନ୍ତଃସ୍ୱର
ଭାବ ମୂର୍ଚ୍ଛନାର ମହକ ମଧୁର
ପ୍ରାଣସ୍ପର୍ଶୀ ଇସ୍ତାହାର
କେତେ କଳ୍ପ କଳ୍ପାନ୍ତର
ସାରସ୍ୱତ ଧନ ଦିବ୍ୟ ଜ୍ଞାନାଞ୍ଜନ
ରସମୟ ସୁଧାଧାର । ୦।

ପ୍ରଣବ ସ୍ୱରୂପା ତୁମେ ବିଶ୍ୱରୂପା
ଶବ୍ଦବ୍ରହ୍ମ ସମାହାର
ଭଷା ପୀୟୂଷର ଭାବ ପ୍ରାଚୁର୍ଯ୍ୟର
ପ୍ରଜ୍ଞାମୟ ଉପହାର
ଚିରନ୍ତନୀ ଚାରୁସୁର
ମୁଗ୍ଧ ଆବେଗର ତନ୍ମୟ ଝଙ୍କାର
ଭାବମୟ ପାରାବାର
ରସମୟ ସୁଧାଧାର ।୧।

ତୁମେ ଚେତନାର ଐଶ୍ୱର୍ଯ୍ୟ ସମ୍ଭାର
ଭାବର ଅମୃତ ଝର
କବି ସୃଜନର ମନୋଜ୍ଞ ଅର୍ଘ୍ୟର
ରମଣୀୟ ରୂପସାର
ସାରସ୍ୱତ ରତ୍ନହାର
ଚାରୁ ଅଳଙ୍କାର ବାଣୀ ବିପଣିର
ତୁମେ ଚିର ମନୋହର
ରସମୟ ସୁଧାଧାର ।୨।

ତୁମେତ ଜ୍ଞାନର ବିପୁଳ ସାଗର
ସପ୍ତରଙ୍ଗ ସପ୍ତ ସୁର
କୋଟି ହୃଦୟର ଭାବ ତରଙ୍ଗର
ଅଳକାନନ୍ଦାର ଧାର
ସୁଧାସ୍ନାତ କଳେବର
କବି ତ ତୁମର ରୂପ ସୁଷମାର
ନୈସର୍ଗିକ ରୂପକାର
ରସମୟ ସୁଧାଧାର ।୩।

କେଣଦୁଗ୍‌ପାଳ କେନ୍ଦୁଝର
ଦୂରଭାଷ -୯୧୭୮୫୬୮୨୪୬

ISSN NO.
2582-208X

# ତୁମକୁ ମୁଁ ଖୋଜୁଛି



ପ୍ରକାଶ ଚନ୍ଦ୍ର ପଣ୍ଡା

ପୂର୍ଣ୍ଣମୀର ତୋଫା ଜହ୍ନର ଜ୍ୟୋତ୍ସ୍ନାରେ
ତୁମକୁ ମୁଁ ଖୋଜୁଛି
ମୃଦ୍ୟୁ ମଳୟର ସୁଲୁସୁଲୁ ବାହାରେ
ତୁମର ଉପସ୍ଥିତି ପାଇଛି ।
ଗୋଲାପର ରକ୍ତିମ ପାଖୁଡାରେ
ତୁମକୁ ମୁଁ ଦେଖିଛି
ନିର୍ମଳ ଆକାଶରେ ତାରକା ମେଳରେ
ତୁମକୁ ମୁଁ ଖୋଜୁଛି ।
ଘନ ଅନ୍ଧାରର କାଳିମା ଅନ୍ଧାରରେ
ତୁମକୁ ମୁଁ ଖୋଜୁଛି ।
ଏଠି ସେଠି ସବୁଠି ଖୋଜିଲେ ଯେଉଁଠି
ନାଁ ମୁଁ ତୁମକୁ ପାଉଛି
ନାଁ ମୁଁ ତୁମକୁ ଦେଖୁଛି
ହଠାତ ଦିନେ ରାତିରେ
ତୁମେ ଆସ ସ୍ୱପ୍ନରେ
ତୁମେ କୁହ, ଭୁଲିଯାଅ
ମୁଁ ପା ତୁମଠାରୁ ଦୂରେଇ ଯିଛି
ଆରପାରିରେ ମୁଁ ତୁମକୁ
ଅପେକ୍ଷା କରିଛି
ଆଖିରେ ମୋ  ଅଶ୍ରୁଧାର
ନୀରବରେ ବହୁଛି
ପୂର୍ଣ୍ଣମୀର ତୋଫା ଜହ୍ନ........

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

ISSN NO.
2582-208X

# ତେବେ ଯାଇଁ ବୁଦ୍ଧ



ରାଜକିଶୋର ସ୍ୱାଇଁ

ଏ ସାର୍ ମୁଲକେ ପାଆନ୍ତୁ ପୂଜା
ନିର୍ମଳ୍ ଶରତେ ମା ଦଶଭୂଜା
ବରଷକେ ଥରେ ଦଶହର୍ରେ
ଭାଭ୍ ହୁଅନ୍ତୁ ମା ଏ ମର୍ତ୍ତେ ।୧।

ସମାଜରୁ ଦୂର ପାଇଁ ଅନ୍ୟାୟ
ଅସତ୍ୟ ଉପରେ ସତ୍ୟର ଜୟ
ଜାତ ଲ୍ଗି ହୃଦେ ଧର୍ମ ଭ୍ବନା
ପ୍ରଚଳିତ ଏହି ଶକ୍ତ ବନ୍ଦନା ।୨।

କାମ, କ୍ରୋଧ, ଲୋ୍ଭ ଆଉ ଗରବ
ମୋହ, ଈର୍ଷା ଗୁଣ ପଶୁ ସ୍ୱଭ୍ବ
ତେଜିବାକୁ ଏ ଛ ରିପୁ ମାନବ
ବାର୍ତ୍ତା ଦିଏ ଶାରଦୀୟ ପରବ ।

ଏ ଗୁଢ ଅର୍ଥ ନବୁଝି ମଣିଷ
ଅନ୍ଧ ବିଶ୍ୱାସର ହୋଇ ସେ ବଶ

ISSN NO.
2582-208X

ପଶୁବଳ ଦିଏ ଦେବୀଙ୍କ ଆଗେ
ଅଭିଷ୍ଟ ସାଧନ ପାଇଁ ସରାଗେ ।୪ ।

ଦେବୀ ପୀଠ ହୁଏ ରକ୍ତ ରଞ୍ଜିତ
ନିର୍ଦ୍ଦୟତା ଭାବ ହୁଅଇ ଜାତ
ଦୁର୍ଗତି ନାଶିନୀ ମା ଦୟାମୟୀ
କାହାରି ରକତ ଗ୍ରହାନ୍ତି ନାହିଁ ।୫ ।

ପଶୁ ପକ୍ଷୀ ବୃକ୍ଷ ଆମ ଏ ଭବେ
ମଣିଷ ବିନୁ ବି ବଞ୍ଚିପାରିବେ
ଏମାନଙ୍କ ବିନୁ ଆମେ ମାନବ
ତିଷ୍ଠିବା ଭୂଲୋକେ ନୁହେଁ ସମ୍ଭବ ।୬ ।

ଜୀବେ ଦୟା ହେଉ ସଭିଏ ପଣ
ସରବେ କରିବା ବୃକ୍ଷରୋପଣ
ତେବେ ଯାଇ ଶକ୍ତି ପୂଜା ମହକ
ଭରିଦେବ ସବୁ ମନେ ପୁଲକ ।୭ ।

ପ୍ରିୟ ଦେଶବାସୀ ଆସ ହେ ଆସ
ଶ୍ରଦ୍ଧାରେ ପାଳିବା ଏହି ସନ୍ଦେଶ
ତେବେ ଯାଇଁ ବୁଦ୍ଧ ଗାନ୍ଧୀଙ୍କ ଦେଶ
ସବୁରି ପାଇଁ ଏ ହେବ ଆଦର୍ଶ ।୮ ।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ISSN NO.
2582-208X

# ହଟହଟା ହେଲି ଶଶୁର ଘରେ



ଶିଶିର କୁମାର ପଣ୍ଡା

ପେଟେ ମଦ ପିଇ ପହଞ୍ଚିଲି ଦିନେ
ଶଶୁର ଘରେ ମୁଁ ଯାଇକ
ପୋଡ଼ ନେଇଥିଲି ବଡ଼ ସାଇଜିର
ସାଙ୍ଗରେ ଥିଲା ମୋ ବାଇକ ।
କେଡ଼େ ଆଦରରେ ଗୋଡ଼ ଧୋଇଦେଇ
ଶାଳୀ ବସେଇଲା ଖଟରେ
ମଟନ ଖୋଇଲା ଶଳା ଭୁଉଜ ମୋ
ସବୁଗେ ବସେଇ ଚଟରେ ।
ଖାଇସାରି ଆଉ ଅଧ ବୋତଲକୁ
ପିଇଦେଲି ସିନା ଲୁଚେଇ
ମନଜାଣି ଆଣି ଶଳା ଥୋଇଦେଲା
ପିଆଜ କାକୁଡ଼ି କୁଚେଇ ।
ଧୀରେ ଧୀରେ ମତେ ନଶା ଚଢ଼ିଗଲା
ଚହ୍ନି ପାରିଲିନ କାହାକୁ
ସାନଶାଳୀ ଭବି ଭିଡ଼ି ଆଣିଲି ମୋ
ଭରିଯାର ବୁଢ଼ୀ ମାଆକୁ ।

ବଖାଣି ପାରୁନ ସେଦିନର କଥା
କଷଣ ଯାହା ମୁଁ ପାଇଲି
ଶପଥ କଲି ମୁଁ ମଦ ପିଇବିନ
ଗାଲରେ ଗୁପୁଡ଼ା ଖାଇଲି ।

କୁଆଁସ, ମେରଦା କାଟିଆ , ଯାଜପୁର
ଆଳାପ:-୮୯୮୧୭୩୭୨୨୮

ISSN NO.
2582-208X

# ସବାରୀ ପାଲିଙ୍କି



ଅଧର ବିଶ୍ବାଳ

ଛୋଟା ଆଜି ଉପରବେଳା ଦୋକାନକୁ ଯାଇନାହିଁ, ଦାଣ୍ଡ ପିଣ୍ଡାରେ ସପଟାକୁ ପାରି ଓଗ୍ରେ ଝୁଲଥିବା ସବାରୀ ପାଲିଙ୍କି କୁ ଗୃହିଁ ରହିଛି । ବହୁ ବର୍ଷ ହେଲ୍ଣି ସେ ସବାରୀ ପାଲିଙ୍କି ଦିଟା ଦାଣ୍ଡ ଓଗ୍ରେ ସେହି ଭଳ ଟଙ୍ଗା ହେଇଛି । ଜାଗା ଜାଗା ଉଇ ଲ୍ଗିଗଲ୍ଣି । ପାଲିଙ୍କିଟାରେ ପାର୍ ବସା କରିଛନ୍ତ । ଦିନ ଥିଲ୍ ବାହାଘର ପାଇଁ ସବାରୀ ପାଲିଙ୍କି ର ଗ୍ହିଦା ବହୁତ ଥିଲ୍ । ବାହାଘରର ଦୁଇ ତିନ ମାସ ଆଗରୁ ବଗ୍ଦ ଦେବାକୁ ପଡୁଥିଲ୍ । ଯେଉଁ ମାନେ ସବାରୀ ପାଲିଙ୍କି ଚଢି ବାହା ହୋଇଛନ୍ତ ସେମାନେ ହିଁ ତାର ମର୍ଯାଦା ଓ ମଜା ଜାଣିଛନ୍ତ । ବର କନଆର ସବାରୀ ପାଲିଙ୍କି ଓ ଗଉଡ଼ ମାନଙ୍କର ହାଁକୁ ଦବଲ ବୋଲି ଆଜିକାଲି ଆଉ ଶୁଣିବାକୁ ମିଳୁନାହିଁ । ସେତେବେଳେ ଗାଁ ମାନଙ୍କରେ ଗମନାଗମନର ସୁବିଧା ନଥିଲ୍, ତେଣୁ ଗାଁ ରେ କେହି ଗ୍ରେଗ ବାଧିକାରେ ପଡିଲେ ଏହି ସବାରୀ ପାଲିଙ୍କିରେ ଡାକ୍ତରଖାନାକୁ ବୁହା ହୁଅନ୍ତ । କେତେ ସ୍ତ୍ରୀ ଲ୍ରେକତ ଏଇ ସବାରୀ ଭିତରେ ହିଁ ପ୍ରସୂତି କରିଛନ୍ତ । ଏବେତ ବର କାର ଚଢି ଆସୁଛି ଓ ବର କନଆଁ ଦୁହେଁ ସେଇ କାରରେ ଯାଉଛନ୍ତ । ସବାରୀ ପାଲିଙ୍କି ର ପ୍ରଥା କେଉଁ କାଳରୁ ଉଠି ଗଲ୍ଣି ।

ଛୋଟାକୁ ବହୁତ ଲ୍ରେକ କହିଲେଣି, ଆରେ ସେ ସବାରୀ ପାଲିଙ୍କି ଦିଟାକୁ କାହିଁକ ରଖିଛୁ ? କନ୍ତୁ ଛୋଟା କାହାରି କଥା ଶୁଣେନା, ଶୁଣି ନସୁଣିଲ୍ ପରି ରୁହେ । ଏ ସବାରୀ ପାଲିଙ୍କି ସହିତ ଛୋଟାର ବହୁତ ସ୍ମୃତି ଯୋଡିହୋଇ ରହିଛି । ଏଇ ପାଲିଙ୍କିରେ ସେ ତା ବାପାଙ୍କୁ

ISSN NO.
2582-208X

ବର ହୋଇ ଯିବାର ଦେଖିଛି । ନଜେ ଓ ତା ସାନ ଭାଇ ଏଇ ପାଲିଙ୍କି ଚଢି ବର ହୋଇ ଯାଇଛନ୍ତି । ବାପା କହୁଥିଲେ ତା ମାଆକୁ ଡାକ୍ତରଖାନା ନେଲାବେଳେ ଛୋଟା ଏଇ ସବାରୀ ଭିତରେ ଜନ୍ମ ହେଇଥିଲା । ଛୋଟାର ଜନ୍ମରୁ ହିଁ ଗୋଟିଏ ପାଦ ନାହିଁ । ତେଣୁ ତାକୁ ସମସ୍ତେ ଛୋଟା ଛୋଟା ଡାକନ୍ତି । ଆଜି ପର୍ଯ୍ୟନ୍ତ ତାର ଭଲ ନାଁ କେହି ଜାଣି ନାହାନ୍ତି । ଛୋଟାକୁ ଚାରି ବର୍ଷ ବେଳେ ତା ମା ଚାଲିଗଲା । ବିକଳାଙ୍ଗ ପୁଅକୁ ପାଳିବାକୁ ବାପାଙ୍କୁ ବହୁତ ଅସୁବିଧା ହେଲା । ତେଣୁ ସେ ବାଧ୍ୟ ହୋଇ ଦ୍ୱିତୀୟ ବିବାହ କଲେ । ତେଣୁ ସେ ତା ବାପାଙ୍କୁ ବର ହୋଇ ଯିବାର ଦେଖିଛି । ଛୋଟାକୁ ତା ବାପା ବହୁତ ଭଲ ପାଉଥିଲେ ।

କାଳେ ସାବତ ମା ନପଚାରିବ ବୋଲି ବାହାଘର ଆଗରୁ ତା ନାଁ ରେ ହ୍ଵୀଅ ବାଡିରୁ ଅଧା ଓ କିଛି ଜମି କରିଦେଇଥିଲେ । ବାହାଘର ପରେ ଛୋଟାର ଭାଇଟିଏ ମଧ୍ୟ ହେଲା । ବାପା ଥିଲା ପର୍ଯ୍ୟନ୍ତ ସଂସାର ବହୁତ ଭଲରେ ଚାଲିଲା । ସେତେବେଳେ ବିକଳାଙ୍ଗ ମାନଙ୍କ ପାଇଁ ଆଜିକାଲି ପାରି ଏତେ ବ୍ୟବସ୍ଥା ନଥିଲା । ତେଣୁ ଛୋଟା ବେଶୀ ପଢି ପାରିଲା ନାହିଁ । ଚାଲିବାର ଅକ୍ଷମତା ପଢ଼ାରେ ବାଧକ ସାଜିଲା । ମାଟ୍ରିକରୁ ଛୋଟାର ପାଠ ପଢ଼ାରେ ଡୋରି ବନ୍ଧା ହେଲା । ତେଣୁ ବାପା ଚନ୍ତାରେ ରହିଲେ । ତା ପାଇଁ ଗାଁ ମୁଣ୍ଡ ଜମିରେ ଖଣ୍ଡେ ପାନ ଦୋକାନ କରିଦେଲେ । ଛୋଟା ମଧ୍ୟ ବହୁ ଖୁସିରେ ଦୋକାନଟିକୁ ଚଲାଇଲା । ପାନ ସାଙ୍ଗକୁ ଚା ଓ ଅନ୍ୟାନ ଦରକାରୀ ସାମଗ୍ରୀ ମଧ୍ୟ ବିକ୍ରି କଲା । ଦୋକାନ ଆଜି ପର୍ଯ୍ୟନ୍ତ ଭଲରେ ଚାଲିଛି । ସାନ ଭାଇ ପାଠ ପଢି ତହସିଲ ଅଫିସରେ କରାଣୀ ଚାକରିଟିଏ ପାଇଲା। ଦୁଇ ପୁଅ ରୋଜଗାରକ୍ଷମ ହେବାରୁ ବାପା ଦୁଇ ଜଣଙ୍କର ବାହାଘର କରିଦେଲେ। ଅବଶ୍ୟ ଛୋଟା ପାଇଁ ବହୁ ଖୋଜିବାରେ ବାପା ନାକେଦମ ହେଇଛନ୍ତି । ଯାହାହେଉ ପାଖ ଗାଁ ର ଗୋଟାଏ ଗରିବ ଝିଅକୁ ବହୁକରି ଆଣିଲେ, ନାଁ ତାର ମଞ୍ଜୁ । ପାଠ ଶାଠ ପଢିନାହିଁ, କିନ୍ତୁ ଗୁଣରେ ଯେମିତି, ଦେଖିବାକୁ ବି ସେମିତି । ସାନ ବହୁ କିନ୍ତୁ ବିଏ ପାସ କରିଛି । ଥିଲା ଥୋଇଲା ଘରର ଝିଅ । ପାଠ ପଢିଛି ବୋଲି ଶାଶୁ ଶଶୁରଙ୍କୁ ଖାତିରି କରେନା । ଘର କାମ କିଛି କରେନା । ସବୁ ମଞ୍ଜୁ କରେ, କହିଲେ କୁହେ, ସେ ଗବାରଟା କରିବନ ତ କଣ ମୁଁ କରିବି । ବାହାଘରର ଦୁଇ ବର୍ଷ ପରେ ବାପା ଚାଲିଗଲେ । ବାପା ଯିବା ପରେପରେ

ISSN NO.
2582-208X

ସାନ ବୋହୂର ଜୁଲମ ବଢିଗଲା । ଛୋଟା ଓ ମଞ୍ଜୁକୁ ବହୁତ ହଇରାଣ କଲା । ସାବତ ମା ମଧ୍ୟ ନିଜ ପୁଅ ବହୁ କଥାରେ ଚାଲିଲା । ଶେଷରେ ଏମିତି ହେଲା ଯେ, ଛୋଟାକୁ ଭିନେ କରିଦେଲେ । ଜିନିଷପତ୍ର ବାଣ୍ଟକୁଣ୍ଟା ବେଳେ ଛୋଟା ଜାଣିଶୁଣି ଏ ସବାରୀ ପାଲିଙ୍କି ତା ଭାଗକୁ ଆଣିଥିଲା । ଭିନେ ହେଲା ଦିନ ଛୋଟା ବୋଉ ପାଖକୁ ଯାଇଁ ବହୁତ କାନ୍ଦିଲା, ପଚାରିଲା ବୋଉ ମୁଁ କଣ ତୋ ପୁଅ ନୁହଁ ?

ଆ ଭିତରେ ଦୁଇ ବର୍ଷ ବିତି ଯାଇଛି । ଛୋଟାର ଦୋକାନ ବହୁତ ଭଲରେ ଚାଲିଛି । ସାନ ପୁଅ ଅଫିସିରୁ କଳା ଧନ ବହୁତ କମେଇଲାଣି । ସ୍ୱାମୀ ସ୍ତ୍ରୀ ଆଉ ଇନ୍ଦ୍ର ଚନ୍ଦ୍ର ମାନୁ ନାହାନ୍ତି। ଶାଶୁ ଉପରେ ବହୁର ଅତ୍ୟାଚାର ବଢି ଗଲାଣି । ଖାଇବାକୁ ଠିକରେ ଦଉନାହିଁ । ଛୋଟା ମଞ୍ଜୁକୁ ସବୁବେଳେ ବୁଝାଏ, ବୋଉ ମୋର ସାବତ ହେଲେ କଣ ହେଲା, ସେ ମୋର ବୋଉ ନା । ମୋତେ ପାଳପୋଷି ମଣିଷ କରିଛି । ଦେବକୀ ସିନା ଜନ୍ମ ଦେଇଥିଲା ହେଲେ ମା ର ସ୍ଥାନ ତ ସବୁବେଳେ ଯଶୋଦାଙ୍କୁ । ମଞ୍ଜୁବି ଶାଶୁଙ୍କୁ କିଛି କୁହେନା । ସଂମ୍ମାନ କରେ। ଘରେ କିଛି ଭଲ ତରକାରୀ ହେଲେ ବୁଢୀକୁ ଲୁଚେଇ ଲୁଚେଇ ଖାଇବାକୁ ଦିଏ । ବୁଢ଼ୀ ଖାଇଲା ବେଳେ ବହୁତ କାନ୍ଦେ । ମଞ୍ଜୁ ଲୁହ ପୋଛି ଦେଇ କୁହେ, ବୋଉ କାନ୍ଦୁଛ କାହିଁକି, ତମ ବଡ ପୁଅ ତ ଅଛି । ଏତିକବେଳେ ମଂଜୁର ପାଟି ଶୁଭିଲା । ବୁଢିଟାକୁ ମାରି ପକେଇଲା, ଶୋଇଛ କଣ, ଯାଇ ଟିକେ ଧର । ଛୋଟା ଭାବନା ରାଜ୍ୟରୁ ଫେରି ପ୍ରକୃସ୍ଥିତ ହେଲା । ଦୌଡିଲା ବାଡ଼ି ପଟକୁ । ସାନ ବହୁ ବୁଢୀକୁ ବାହାରକୁ ଠେଲି ଦେଇ କବାଟ କଳ ଦେଇଛି । ତିନ ଦିନ ହେଲା ବୁଢ଼ୀର ପେଟ ବିନ୍ଧୁଛି, ପାଟିକୁ ପାଣି ଟିକେ ବି ନେଇନି । ଛୋଟା ଦୌଡ଼ି ଯାଇଁ ବୋଉକୁ କୁଣ୍ଡେଇ ପକେଇଲା । ଦେହଟା ଜରରେ ଖଇ ଫୁଟୁଛି । ସ୍ୱାମୀ ସ୍ତ୍ରୀ ମିଶି ବୁଢୀକୁ ଘରକୁ ଟେକ ଆଣିଲେ । ମଞ୍ଜୁ ମୁଣ୍ଡରେ ପାଣି ପଟିକରି ପଥ୍ୟ ଖାଇବାକୁ ଦେଲା । କିଛି ସମୟ ପରେ ଜର ଟିକେ କମିଗଲା ହେଲେ ପେଟ ଯନ୍ତ୍ରଣା ଯେମିତିକୁ ସେମିତି । ଛୋଟାକୁ କିଛି ବୁଦ୍ଧି ବାଟ ଦିଶିଲା ନାହିଁ । ରାତି ବି ହେଇଗଲାଣି । ଗାଁ ରେ ଅଟୋ କ ରିକ୍ସା ଟିଏ ବି ମିଳିବ ନାହିଁ । ଡାକ୍ତରଖାନା ଗାଁ ଠାରୁ ସାତ କଲୋମିଟର।

ISSN NO.
2582-208X

ଛୋଟା ଗାଁର ଯୁବକ ମାନଙ୍କ ପାଖକୁ ଦୌଡିଲା ସାହାଯ୍ୟ ପାଇଁ । ଛୋଟାକୁ ଗାଁରେ ସମସ୍ତେ ଭଲ ପାଆନ୍ତ, ତେଣୁ ସମସ୍ତେ ଗୁଲିଆସିଲେ ଛୋଟାକୁ ସାହାଯ୍ୟ କରିବା ପାଇଁ । ବୁଢୀକୁ ସବାରୀରେ ଡାକ୍ତରଖାନାକୁ ନେଇଗଲେ । କନ୍ତୁ କଣ ହେବ ଡାକ୍ତର ମାନଙ୍କର ସବୁ ଚେଷ୍ଟା ବିଫଳ ଗଲା । ପୁଣି ସେଇ ସବାରୀରେ ବୁଢୀକୁ ନେଇକ ଆସିଲେ । ଗାଁ ଲୋକ ଛୋଟାକୁ କହିଲେ ଏ ସବାରୀଟା ବୁଢ଼ୀର କୋକେଇ ପାଇଁ ଦେଇଦେ । କନ୍ତୁ ଛୋଟା ମାନଲା ନାହିଁ । ବୁଢ଼ୀ କାମ ପରେପରେ ସବାରୀକୁ ଧୋଇଧାଇ ପୁଣି ଓସ୍‌ରେ ଟଙ୍ଗାଇଲା ଏବେ ମଞ୍ଜୁ ସବୁଦିନେ ସକାଳେ ସଂଜରେ ସବାରୀ ପାଲିଙ୍କି କୁ ସଞ୍ଜ ଦେଉଛି ।

ଛୋଟା ଘରୁ ବାହାରକୁ ଗଲେ ସବାରୀ ପାଲିଙ୍କି କୁ ଦଣ୍ଡବତ ହୋଇ ବାହାରେ । କେହିବି ଆଜି ପର୍ଯ୍ୟନ୍ତ ବୁଝି ପାରୁନାହାନ୍ତ ସେ ସବାରୀ ପାଲିଙ୍କି ତା ପାଇଁ ସ୍ମୃତି ନା ସମାଧି ।

ଜୟଦେବବିହାର, ଭୁବନେଶ୍ୱର
ଦୂରଭାଷ - ୯୪୩୭୫୭୭୨୯୧

ISSN NO.
2582-208X

# ନୂଆ ବର୍ଷ ତୁମ ପ୍ରତୀକ୍ଷା ରେ



ରୀତା ଅପରାଜିତା ମହାନ୍ତ

ତୁମେ ଆସିବାର ଥିଲ୍
ଏଇ ତୁମେ ଆସୁଛ ନୂଆ ବର୍ଷ
ତୁମ ପ୍ରତୀକ୍ଷା ରେ ।
ଘଣ୍ଟା ର ଟିକ ଟିକ
ସହ ମନର ଉତ୍ତେଜନା ବଢିଯାଉଛି ।
ତୁମ ଆଗମନ ରେ
ସଭିଏଁ ବ୍ୟସ୍ତ ।
ସତେ ଯେମିତି କ୍ୟାଲେଣ୍ଡର
ବଦଳଲେ ବଦଳଯିବ
ମଣିଷ ର ଭଗ୍ୟ ।
ପେଟ ଗୃଖଣ୍ଡ ପାଇଁ
ଘର ଛାଡ଼ି ବାହାରେ ଦାଦନ ଖଟୁଛି ।
ବୋଉ ର ପଖାଳ
ବାପାଙ୍କ ଗାଳ ଏବେ ଭ୍ରି ମନେପଡୁଛି ।
ସବୁଦିନ ସମାନ ବେଦନା ର ଗୀତିଗାଏ
ସବୁ ଗ୍ତି ଜଞ୍ଜାଳ ର ଗ୍ଦର ରେ
ମୋ ଦୁଃଖ ଢାଙ୍କିଦିଏ ।
ଇଂଗ୍ରଜୀ ନୂଆ ବର୍ଷ ସତ ରେ ତୁମେ ଆସିଲେ

ISSN NO.
2582-208X

ଅନେକ ଉଜୁଡା ସ୍ୱପ୍ନ ପୁର୍ଣ୍ଣ ହେବ ।
ଭଙ୍ଗା ଘର କୁ ମିଳଯିବ ଘର ନା
ଯୋଜନା ପାହାଡ ପରି
ଏ ବର୍ଷ ବି ସେମିତି କାଗଜ
କଲମରେ ଯିବ ।
ସବୁ ଶିଶୁ ହୁଅନ୍ତୁ
ମେଧାବୀ ଫୋନ ନୁହେଁ ।
ବହି ର ପାଠ ପଢନ୍ତୁ ବେଶୀ ।
ଶୀତ ସମୟ ରେ ଶୀତ ଭଲ ହେଉ
ବର୍ଷା ସମୟରେ ହେଉ ମେଘ
ହସୁ ଗୃଷୀ କୁଳ ।
ଏ ନୂଆ ବର୍ଷ ରେ ଜଗନ୍ନାଥ
ଦୂର କର ସଭିଙ୍କ ବେଦନା
ଅଗଣିତ ପୀଡା ।
ଅପରାଜିତା କୁ ଦିଅ ତୁମ ଚରଣ ତଳେ ଦିଅ ଜାଗା ।

ପ୍ଲଟ ନ -୮୩(ସି ) ଆମ୍ରପଲ୍ଲୀ
ଭୁବନେଶ୍ୱର -୨୧

ISSN NO.
2582-208X

# ବିଶ୍ୱାସ



ଡ. ଅଭିମନ୍ୟୁ କାନୁନଗୋ

ବିଶ୍ୱାସ ଅଟଇ ସଦା କାଚ ପରି ଭଙ୍ଗ ନାହିଁ କଦାଚନ ।
ଥରେ ଗଲେ ଭାଙ୍ଗି ଯୋଡ଼ି ହୁଏ ନାହିଁ ଏ କଥା ଅଟେ ପ୍ରମାଣ ।୧ ।

ଭଲ ପାଇବା

ଭଲ ପାଇବା ଦୁର୍ଲ୍ଲଭ ଅନୁଭୂତି ସଭିଙ୍କୁତ ମିଳେ ନାହିଁ ।
ବାସ୍ତବ ଭଲ ପାଇବା ତ ବିରଳ ତାହାକୁ ସାଇତ ଥାଇ ।୨ ।

ଆଶା

ଆଶା ଯଦି କେବେ କାହାକୁ ଦେଇଛ  ତାକୁ ପୂର୍ଣ୍ଣ କରି ଦିଅ ।
ପୂରଣ କରିବା ସାମର୍ଥ୍ୟ ନଥିଲେ କାହାକୁ ଆଶା ନ ଦିଅ ।୩ ।

ପ୍ରତିଜ୍ଞା

ପ୍ରତିଜ୍ଞା ନରଖି ପାରିଲେ କଦାପି ତାହାକୁ କେବେ ନକର ।
ଥରେ ଯଦି କେବେ ପ୍ରତିଜ୍ଞା କରିଛ ତହିଁରୁ ଯେ ନାଓହର ।୪ ।

ସମ୍ପର୍କ

ଧରା ରେ ସବୁଠାରୁ ଗୁରୁତ୍ୱ ପୂର୍ଣ୍ଣ ସମ୍ପର୍କ ଜାଣ ଅଟଇ ।
ସମ୍ପର୍କ ବିହିନେ ଜୀବନଟା ଶୂନ୍ୟ ବିଶ୍ୱାସେ ଏହା ମିଳଇ ।୫ ।

ପ୍ରସାର ଭାରତୀ, ଆକାଶ ବାଣୀ

ISSN NO.
2582-208X

# ସୂର୍ଯ୍ୟ ଓ ମେଘ



ଡକ୍ଟର ଯୁଗଳ କିଶୋର ଷଡଙ୍ଗୀ

(ସୂର୍ଯ୍ୟ ଓ ମେଘ ଭିତରେ ଘନିଷ୍ଠ ବନ୍ଧୁତା ଥିଲା । ଦିନେ ସେମାନଙ୍କ ମଧ୍ୟରେ ସାମାନ୍ୟ ଝଗଡା ଲାଗିଲା )

ସୂର୍ଯ୍ୟ: ମେଘଭାଇ! ଆମ ଦୁଇଜଣ ମଧ୍ୟରେ ଭଲ ସଂପର୍କ ଅଛି । ହେଲେ, ତୁଳନା କଲେ ଜଣାପଡୁଛି ଯେ ମୁଁ ତୋ ଠାରୁ ବଡ । ସାରା ପୃଥିବୀର ଜୀବଜନ୍ତୁ, ବୃକ୍ଷଲତା, ମଣିଷ ସମାଜ ସମସ୍ତଙ୍କୁ ମୁଁ କିରଣ ପ୍ରଦାନ କରି ବଞ୍ଚାଇ ରଖିଛି । ଏଣୁ ମୋତେ ସକଳ ଶକ୍ତିର ଆଧାର ବୋଲି କୁହାଯାଏ । ମୋ ପାଇଁ ଦିନରାତି । ମୋର ବିନା ସାରା ପୃଥିବୀ ତ୍ରାହି ତ୍ରାହି ଡାକିବ ।

ମେଘ: ବଡଭାଇ! ମୁଁ ମୋର ପ୍ରଶଂସା ନିଜେ କେଭେ କରେନି । ମୁଁ ଯଦି ନଥାନ୍ତି ସାରା ପୃଥିବୀ ଉତ୍ତପ୍ତ ହୋଇଯାଆନ୍ତା । ଜୀବଜନ୍ତୁ, ବୃକ୍ଷଲତା, ମଣିଷ ଜଳବିନା ହାହାକାର ଶବ୍ଦ କରିବେ । ଜଳ ବିନା କିଏ ବଞ୍ଚି ପାରିବ କି? ମୁଁ ଏହା କହୁଛି ବୋଲି ମୋ ମନରେ ଗର୍ବ ନାହିଁ । ନିଜର ବଡିମା ନିଜେ ଦେଖେଇ ହେବାକୁ ମୋତେ ଭଲ ଲାଗେନି ।

(ମେଘ ବିରକ୍ତ ହୋଇ ଗ୍ଲିଗଲା । କିଛିଦିନ ପରେ ମେଘ ଆଖରେ ବିଞ୍ଚି ହୋଇ ସୂର୍ଯ୍ୟକୁ ଢାଙ୍କିଦେଲା )

ମଣିଷ - ଜୀବଜନ୍ତୁ: ଆରେ, ହଠାତ୍ କି ବିପତ୍ତି ଆସିଲା । ତିନିଦିନ ହେଲା ସୂର୍ଯ୍ୟଙ୍କର କିରଣ ଦେଖିବାକୁ ମିଳୁନି । ମଣିଷ ଜୀବଜନ୍ତୁ ବଞ୍ଚିବୁ କିପରି? ଓଃ! ଅନ୍ଧାର ଭଲ ଲାଗୁନାହିଁ । (ଗୁରିଆଡେ ପ୍ରଭୋ! ରକ୍ଷାକର, ରକ୍ଷାକର ଶବ୍ଦ)

ISSN NO.
2582-208X

ବାୟୁ: ମେଘଭାଇ! ଏହା କଣ ହେଉଛି ?

ମେଘ: ବାୟୁ ଭାଇ ! ମୋର କୌଣସି ଦୋଷ ନାହିଁ, ଦୋଷ ହେଉଛି ସୂର୍ଯ୍ୟର । ସଦାସର୍ବଦା ନଜର ଆତ୍ମବଡିମା ଦେଖାଉଛି । ଯେତେଦିନ ପର୍ଯ୍ୟନ୍ତ ସୂର୍ଯ୍ୟ ନମ୍ର ହୋଇ କଥା କହିବ ନାହିଁ ସେତେଦିନ ପର୍ଯ୍ୟନ୍ତ ମୁଁ ତାକୁ ଢାଙ୍କି ରଖିବି ।

ବାୟୁ: (ସୂର୍ଯ୍ୟ ପାଖକୁ ଯାଇ) – ସୂର୍ଯ୍ୟ ଭାଇ ! ମେଘ ଆଉ ତୁମ ଭିତରେ ମନୋମାଳିନ୍ୟ ହେବା ଠିକ୍ ନୁହେଁ । ଉଭୟଙ୍କର ଜିଦ୍ ରେ ସାରା ପୃଥିବୀ ବିପତ୍ତିରେ ପଡିଥିବ କ? ତୁମେ ହିଁ ବଡ, ଏହି କଥା କଣ ଫେରାଇ ନେଇ ପାରିବନ ?

ସୂର୍ଯ୍ୟ : ବାୟୁ ଭାଇ! ମୁଁ ପ୍ରକୃତରେ ନଜର ଭୁଲ ବୁଝିପାରୁଛି । ମେଘ ସହିତ ମୋର ଝଗଡା କରିବା ଉଚତ ନୁହେଁ। ଆଉ ତୁମ ପାଖରେ ଶପଥ କରୁଛି ଭାଇ ! ଆଉ ମୁଁ କେବେ ଆତ୍ମ ବଡିମା ଦେଖାଇବି ନାହିଁ। ମୁଁ ବଡ ବୋଲି କହି ମେଘଭାଇ ମନରେ ଆଘାତ ଦେବା ଠିକ୍ ହୋଇନ । ମୁଁ ଅନୁତାପ କରୁଛି । ବାୟୁଭାଇ! ତୁମେ ଯାଇ ମେଘଭାଇଙ୍କୁ ଜଣାଇଦିଅ ସେ ବୁଝିଯାଉ ।

(ବାୟୁ ମେଘ ସହ ସାକ୍ଷାତ)

ମେଘ: (ବାୟୁଠାରୁ ସୂର୍ଯ୍ୟକଥା ଶୁଣି) ଯାହାହେଉ ସୂର୍ଯ୍ୟଭାଇ ତାର ଭୁଲ ବୁଝିପାରିଛି । ଆମ ଭିତରେ କୌଣସି ଖରାପ ସଂପର୍କ ରହିବ ନାହିଁ। ପୂର୍ବଭଳ ଆମର ସ୍ନେହଭାବ ବଢି ଚାଲିବ ।

(ତାପରେ ମେଘ ସୂର୍ଯ୍ୟକୁ ଢାଙ୍କିବାର ବନ୍ଦ କଲା)

ଜିଜ୍ଞାସା
ନୀଳଚକ୍ର ନଗର, ଟିଟିଲାଗଡ

ISSN NO.
2582-208X

# ପିତା ମାତା



ଦ୍ରୌପଦୀ ମିଶ୍ର

ନୀଳ ଆକାଶ ଠୁ ବିଶାଳ
ଅଟନ୍ତି ମୋର ପିତା
ଧରଣୀ ଠାରୁ ସହନଶୀଳ
ଆଦରମୟୀ ମୋ ମାତା

ଶିଖାଇଛ କହିବା ପାଇଁ
ତୁମେ ମୋହର ମାତା
କଥା ରେ ବାନ୍ଧି ସାରା ସହର
ହେବି ମୁ ଜଗତ ଜିତା

ହାତ କୁ ଧରି ଶିଖାଇଛନ୍ତି
ଚାଲିବା ପାଇଁ ବାଟ
ଭଲ ବାଟ ରେ ଚାଲିବି ମୁହିଁ
ହେଲେ ବି ଯେତେ କଷ୍ଟ

ପେଟ ରୁ କାଟି ଦେଇଛନ୍ତି ସେ
ମୋ ମୁଖରେ ନିଜେ ଅନ୍ନ
ଭୋକିଲା ତାଙ୍କୁ ରଖିବି ନାହିଁ
ଅଟେ ଏହା ମୋର ସପ୍ନ

ରୋଗ ରେ ପଡି ଯେବେ ରେ ମୁହିଁ
କାତରେ ଅଛି ଡାକି
ଦିନ ଓ ରାତି ମୋ ସେବା କରି
ପଡି ନାହାନ୍ତି ଥକି

ପିତା ଓ ମାତା ମୋର ଠାକୁର
ମାନିବି ତାଙ୍କ କଥା
ସେବା ରେ ତାଙ୍କ ଜୀବନ ଦେଇ
ହେବି ଜଗତ ଜିତା

ସୃଷ୍ଟି ଏକାଡେମୀ ଅଫ
ମ୍ୟାନେଜେମେଣ୍ଟ,
ଭୁବନେଶ୍ୱର

ISSN NO.
2582-208X

# ପ୍ରୀତି ବରଷାର ଛିଟା



ଇଶ୍ୱରୀ ବେହେରା

ଆଷାଢ଼ରେ ଯେବେ ଛୁଇଁଲା ମୋ ଦେହ
ଆଦ୍ୟ ବରଷାର ଛିଟା
ମତୁଆଲି ମନ ଚହଲି ଉଠିଲା
ପ୍ରେମବଶେ ହଟହଟା।।
ଲାଗିଲା ଯେସନେ ମୋ ପ୍ରିୟତମର
ପୀରତି ଭିଜା ଚୁମ୍ବନ
ଗଣ୍ଡଦେଶେ ମୋର ଆଙ୍କି ଦେଉଅଛି
ଗାଢ଼େ କରି ଆଲିଙ୍ଗନ।।
ଭିଜା ଅଙ୍ଗରାଗେ ପବନର ଛୁଆଁ
ସିରିସିରି କଲା ପ୍ରାଣ
ମଧୁଚନ୍ଦ୍ରିକାରେ ଦୁଇ ହୃଦୟରେ
ବହିଲା ଭଳି ଫଗୁଣ।।
ଆଦ୍ୟ ବରଷାକୁ ସ୍ୱାଗତ ପୂର୍ବକ
ମୋ ପ୍ରିୟତମଙ୍କ ପାଇଁ
ପ୍ରୀତିମିଶା ବାରିଧାରେ ମୋ ଚୁମ୍ବନ
ସପ୍ରେମେ ଦେଲି ପଠାଇ।।

ସୋର, ବାଲେଶ୍ୱର

ISSN NO.
2582-208X

# ମର୍ଣ୍ଣିଂୱାକ୍



ପ୍ରଶାନ୍ତ କୁମାର ନାଥ

କିଛିଦିନ ଚାକିରୀ କଲାପରେ କେଜାଣି କାହିଁକି ଦେହଟା ଭାରି ଭାରି ଲାଗିଲା । ଆଗପରି ଦେହଟା ଆଉ ଫୁର୍ତ୍ତି ଲାଗିଲାନି । ଅଳସ ଅଳସ ଲାଗିଲା । ଗାଁରେ ଥିବା ଥିଲାବେଳେ ସକାଳରୁ ସଞ୍ଜ ଯାଏ ଇଏଡେ ସିଆଡେ ଧାଁ ଧପଡ଼ କରି କରି ସବୁ ହଜମ ହେଇ ଯାଉଥିଲା। ଏ କିରାଣୀ ଚାକିରୀରେ ବସି ବସି ଖାଲି ପେଟ ସିନା ବାହାରି ପଡୁଥିଲା ହେଲେ ଠିକରେ ହଜମ ବି ହେଉନଥିଲା । ବସିବାର ମାନେ ନୁହେଁ କିଛି କାମ ନଥିଲା । କାମ ବି ପ୍ରବଳ ସେଇଥିପାଇଁତ ଟିକେ ଉଠି ଏପଟ ସେପଟ ହେବାକୁ ମଧ୍ୟ ସମୟ ମିଳୁନଥିଲା ।

ଧିରେ ଧିରେ ଲୋକମାନେ କହିବା ଆରମ୍ଭ କରି ସାରିଥିଲେ ଆରେ ତୋ ପେଟ ବାହାରିଲାଣି। ମୋତେ ମଧ୍ୟ ସେୟା ଫିଲ ହେଉଥିଲା । ଆଉ ତାକୁ କମେଇବାକୁ ଭାବୁଥିଲି କିନ୍ତୁ ସବୁବେଳେ ତାହା ଭାବନାରେ ହିଁ ରହି ଯାଉଥିଲା ।

ଏମିତିତ ଅଳସୁଆ ହେଇ ଯାଇଥିଲି, ସେଥିରେ ପୁଣି ସକାଳୁ ଉଠିବା କଥା ଆଦୌ ହଜମ ହେଉନଥିଲା । ସବୁଦିନ ରାତିରେ ଶୋଇଲା ବେଳେ ଭାବେ କାଲିଠାରୁ ଉଠି ମର୍ଣ୍ଣିଂୱାକ୍ ଯିବି, ବେଳେ ବେଳେ ଆଲାରାମ ମଧ୍ୟ ଦେଇଥାଏ । କିନ୍ତୁ ସକାଳୁ ପୁଣି ବନ୍ଦ କରି ଶୋଇପଡେ ।

ସେଦିନ ସକାଳ ୬ଟାରେ ମୋର ନିଦ ଭାଙ୍ଗି ଯାଇଥିଲା । ଆଉ ମୁଁ ମର୍ଣ୍ଣିଂୱାକ୍ ଯିବା ପାଇଁ ବାହାରିଲି । ଝିପି ଝିପି ବର୍ଷା ହେଉଥାଏ । ଘର ଠାରୁ ପାର୍କର ଦୂରତା ଟିକେ ଅଧିକ । ବାଇକ ବାହାର କଲି । ଆଉ ୫/୧୦ ମିନଟରେ ଯାଇ ପହଁଚିଲି ପାର୍କ ପାଖରେ । ବାଇକ ଟିକୁ ଷ୍ଟାଣ୍ଡ ରେ ରଖି ପାର୍କ ଭିତରକୁ ପାଦ ପକେଇଲି । ସେତେବେଳକୁ ଅନେକ ଲୋକ

ISSN NO.
2582-208X

ପାର୍କରେ ଯିବା ଆସିବା କରୁଥାନ୍ତି । ସେମାନଙ୍କୁ ଦେଖିଲା ପରେ ମୋର ମଧ୍ୟ ମନ ଦମ୍ଭ ହୋଇଗଲା । କାହିଁକନା ସାମାନ୍ୟ କେତେ ଜଣଙ୍କୁ ଛାଡିଦେଲେ ପ୍ରାୟ ସମସ୍ତେ ଥିଲେ ବିଶାଳକାୟ ପେଟର ଅଧିକାରୀ ।

ସମସ୍ତେ ଭିନ୍ନ ଭିନ୍ନ ଭଙ୍ଗୀରେ ଚାଲୁଥାନ୍ତି । ମୁଁ ମଧ୍ୟ ସେମାନଙ୍କ ସାଥିରେ ଚାଲିଲି । ଝିପି ଝିପି ବର୍ଷାରେ ଚଳବାକୁ ବହୁତ ମଜା ଲାଗୁଥିଲା । ଦେଖିଲି ମୋର ଆଗେ ଆଗେ ଗୋଟେ ଝିଅ ଚାଲିଛି ଆଉ ମଝିରେ ମଝିରେ ସେହି ଝିପି ଝିପି ବର୍ଷ ଯାଉଥିବା ଛୋଟ ଛୋଟ ଟୋପା ଗୁଡିକୁ ନଜ ହାତ ପାପୁଲିରେ ଧରି ଉପଭୋଗ କରୁଛି ।

ଇଛା ହେଲା ଟିକେ ତାର ମୁହଁ ଦେଖିବାକୁ ତେଣୁ ଦୌଡ଼ିବାକୁ ଆରମ୍ଭ କଲି । ଆଉ କଛିବାଟ ଦୌଡ଼ିଲା ପରେ ଏକ ଚୌକ ଉପରେ ବସି ପଡ଼ିଲି । ଆଉ ଝିଅଟିକୁ ଦେଖିଲି ଅନନ୍ୟ ସୁନ୍ଦରୀ । ନୀଳ ନୀଳ ଆଖି ଦୁଇଟି ଯେମିତି ସାଗରର ତରଙ୍ଗ ପରି ଢଳ ଢଳ ହେଉଥାଏ । ଗୋରା ଗୋରା ଗାଲରେ ଟିପି ଟିପି ବରଷାର ଛୁଆଁ ଲାଗୁଥିଲା ସତେ ଯେମିତି ସାରୁ ପତ୍ରରେ ପାଣି ପରି । ଆଉ ଚାଲି, ରାଜହଂସି ପରି ଚାଲି । ତାପରେ ମୋର ଟିକେ ଦୌଡ଼ିବା ଆଉ ପୁଣି ଆଗକୁ ଯାଇ ବସିବାର ଅଭିନୟ ଆରମ୍ଭ ହୋଇ ଯାଇଥିଲା ।

ତାହା ପୁଣି ଖାଲି ସେହି ଗୋଟେ ଦିନ ପାଇଁ ନୁହେଁ ସେହି ଦିନ ଠାରୁ ସେଇ ଝିଅଟିର ଚେହେରା ହିଁ ମୋର ନଦ ଭାଙ୍ଗି ଦେଉଥିଲା । ଆଉ ସବୁଦିନ ପାର୍କକୁ ଟାଣି ନେଉଥିଲା । ଝିଅଟି ମଧ୍ୟ ଏକଥା ଜାଣି ପାରିଥିଲା ଆଉ ମୋତେ ଦେଖି ହସି ଦେଉଥିଲା । ଆଉ ତାଓଠର ହସ ଆଉ ଲାଜୁଆ ଚାହାଣୀ ସିଧା ମୋର ହୃଦୟକୁ ଛୁଇଁ ଯାଉଥିଲା ।

ଧିରେ ଧିରେ ତାହା ମୋର ଅଭ୍ୟାସରେ ପରିଣତ ହେଇଗଲା । କନ୍ତୁ ଆଜକୁ ଆଠ ଦିନ ହେଇ ଗଲାଣି ମୁଁ ସେମିତି ଆସୁଛି ହେଲେ ମୋର ଆଉ ସେହି ଖୁସି ନାହିଁ । ହଁ ଅବଶ୍ୟ ମନକୁ ବୁଝେଇ ବେଳେ ବେଳେ ଦୌଡୁଛି ଆଉ ଚେୟାର ରେ ବସୁଛି କନ୍ତୁ କେବେଳ ଦୁଃଖ ଆଉ ଭଙ୍ଗା ମନ ନେଇ ଘରକୁ ଫେରୁଛି । କାହିଁକନା ସେ ଝିଅ ସହ ମୋର ଆଉ ଦେଖା ହେଉନ ।

ISSN NO.
2582-208X

ଅବଶ୍ୟ ୟା ଭିତରେ ମୋର ଓଜନ ବହୁତ କମି ଗଲାଣି । ଆଉ ପେଟ ମଧ୍ୟ ଝଡି ଗଲାଣି। ଯେତେ ଦୁଃଖ ନେଇ ଘରକୁ ଫେରିଲେ ବି ମୋର ନତିଦିନଆ ରୁଟିନରୁ ମର୍ଣ୍ଣିଙ୍ଗ୍ୱାକଟିକୁ ଆଉ କାଟି ପାରୁନ । ଆଜିବି ମନ ଆନମନା ହୋଇ ତାକୁ ଗୁହୁଁଛି ଅନ୍ୟମନସ୍କ ହୋଇ ଏ ଅମାନଆ ଆଖି ତାକୁ ଖୋଜୁଛି । ହେଲେ ଜାଣିନ ଆଉ ତା ସହ ଦେଖା ହେବକ ନାହିଁ। କନ୍ତୁ ସେହି ବାହାନାରେ ମୋର ମର୍ଣ୍ଣିଙ୍ଗ୍ୱାକ୍ ହେଇ ଯାଉଥିଲା । ବେଳେ ବେଳେ ଆମ ନଜ ଅଜଣାତରେ ଆମକୁ ଅନେକ ଲୋକ ସାହାଯ୍ୟ କରିଥାନ୍ତି । ଠିକ ସେ ଝିଅଟି ପରି ।

ସୁନ୍ଦରପୁର,ଉତ୍ତରକୁଳ ହାଟ,
ପ୍ରୀତିପୁର, ଯାଜପୁର-୭୫୫୦୧୩
ମୋ-୮୩୧୦୩୨୮୩୪୫

ISSN NO.
2582-208X

# ସଙ୍ଗାତ ଦେଖ ଶ୍ୟାମ ଘନଙ୍କୁ



ଅଳକା ବାରିକ୍

ସଂଶୟ ନରଖି ସ୍ମର କଂଜ ଆଖି ନୀଳ କନ୍ଦର ସୁନ୍ଦର ।
ଗାଅ ତାର ନାମ ହୋଇଣ ପ୍ରସନ୍ନ ନ ଦଣ୍ଡିବ ଦଣ୍ଡଧର ।୧ ।
ତର ଭବ ବାରି ଜପି ନରହରି କେଶବ କରୁଣାକର ।
ଦେଇପାରେ ଚତୁର୍ବର୍ଗ ମାନ ସେହି ଏକା ଶ୍ରୀକୃଷ୍ଣ ମୁରଲୀ ଧର ।୨ ।
ଖଣ୍ଡ ଚୁଲିଆ ସେ ଚକ୍କଣ କାଲିଆ କଟି ତଟେ ପିତାମ୍ବର ।
ଶ୍ୟାମଘନ ରୂପ କୋଟି ବିଶ୍ୱ ଭୂପ ସାଧବେ ମ ନ ନ କର ।୩ ।
ମଧୁସୂଦନ ଜନାର୍ଦ୍ଦନ ଶ୍ରିହରି ଶଙ୍ଖ ଚକ୍ର ଗଦା ଧର ।
ଘନ ବରଣିଆ ସେ ଜଗା କାଲିଆ ଅଗ୍ରଜ ଯା ହଳଧର ।୪ ।
ନମ ହରିପଦ ହରିବ ବିଷାଦ ଆପଦ  ହୋଇବ ଦୂର ।
କୁରଙ୍ଗୀ କରୀ ତାରଣ ନାରାୟନ ଶୟନ କ୍ଷୀରସାଗର ।୫ ।

ମହୁ, ଆଉଳ,କେନ୍ଦ୍ରାପଡ଼ା ।ଓଡ଼ିଶା ।

ISSN NO.
2582-208X

# ପ୍ରକୃତ ବନ୍ଧୁ



ଅନନ୍ୟା ଅନଷା ଦେବତା

ଅନ୍ଧାର ରାତିରେ କଳ୍ପତରୁ ମୂଳେ
ଖୋଜେ ସେ ଅଚିହ୍ନା ରାଗ
କିଏ ସେ ଆସିବ ପୀରତି ଢାଳିବ
କୁସୁମିତ କରି ଦିଗ
କଳୁଷିତ ପଙ୍କେ ପଙ୍କଜିନୀ ଜାତ
ପ୍ରେମର ପୀରତି ଭରି
ନୟନ ତୀରେ ଆକର୍ଷିତ କରେ
କିରଣର ମୁକ୍ତା ଧରି
ଦିବାକର ପ୍ରେମେ ନଳିନୀ ବିଧୁର
ଭଅଁର ପ୍ରେମରେ ଫୁଲ
ସଞ୍ଜ ହେଇଗଲେ ଅତର ଭରେ
କଦମ୍ବ ବୃକ୍ଷର ମୂଳ
ବନପ୍ରିୟ ଗାନ ସୁବାସିତ ବନ
କୁହୁକର କୁହୁ ତାନ

ISSN NO.
2582-208X

ଶିଳ୍ପୀ ନୃତ୍ୟେ ଆକର୍ଷିତ ମନ
ଆନନ୍ଦେ ଖେଳେ କାନନ
ଆହାକି ଆହ୍ଲାଦ ବିହଙ୍ଗ ନାଦ
ଚହଲି ଉଠଇ ବନ
ପ୍ରକୃତି ଖେଳେ ନିର୍ଝରିଣୀ କୋଳେ
ହୁଅଇ କେତେ ଯତନ
ତରୁଲତା ମାନ ପ୍ରେମର ସପନ
ଗଗନ ଛୁଇଁବା ପାଇଁ
ବିହଙ୍ଗଦଳ ଦେଖି କଳା ବାଦଲ
ଆକାଶେ ଉଡ଼ନ୍ତି ଯାଇ
ପ୍ରକୃତି ସୁନ୍ଦର ବନ୍ଧୁତ୍ୱ ଅବୀର
ସ୍ମରଣୀୟ ସଦା ଚିର
ପ୍ରେମର ଆଭାସ ଅଟେ ସୁବାଷ
ପ୍ରକୃତ ବନ୍ଧୁସେ ମୋର

ବିଜେପୁର ଡ଼ିଗ୍ରୀ କଲେଜ

ISSN NO.
2582-208X

# ପ୍ରଜ୍ଞା ପୁରୁଷ



ଗୁପ୍ତେଶ୍ୱର ଗ୍ଚନ୍ଦ୍

ହେ ପ୍ରଜ୍ଞା ପୁରୁଷ ତୁମରି ଶ୍ରୀ ପଦେ
ଜଣାଏ ସାଷ୍ଟାଂଗ ପ୍ରଣତି'।
କେଉଁ ଭାଗ୍ୟ ବଳେ  ନୟନ ଦୁଇ ମୋ
ଦେଖିଲେ ତବ ମୂରତି ।।୧
ଏହି କଥା ଗୋଟି ଭାବି ଭାବି ଆଜି
ଆଖିରେ ନାହିଁ ମୋ ନିଦ ।
ଧନ୍ୟ କରିଦେଲ ଏ ନର ଜନମ
ଦର୍ଶନ ଦେଇ ଗୋବିନ୍ଦ ।।୨
ଯାହାଙ୍କୁ ଦେଖିବି ବୋଲି ମୁନି ଋଷି
ସଦା ତପସ୍ୟା ରେ ଲୀନ ।
ବ୍ରହ୍ମା ଶିବ ଧ୍ୟାନେ ସର୍ବଦା ମଗନ
ନ ମିଳଇ ଦରଶନ।।୩
ଅବ୍ୟକ୍ତ ମଣ୍ଡଳ ତେଜି ଦୟାମୟ
ଓହ୍ଲେଇ ଆସି ମରତେ ।
ଭକତ-ପରାଣ ଭକତ ଙ୍କ ତୂଲେ
ଲୀଳା ଖେଳା କରି କେତେ ।।୪

ISSN NO.
2582-208X

ଆମ୍ଭ କୁ ଉଦ୍ଧାର କରିବା ନିମନ୍ତେ
କରି ଯଜ୍ଞ ଅନୁଷ୍ଠାନ ।
ଏ ଜୀବ ଜଗତ ହିତେ ବିତରିଲ
କେତେ ଯେ ନୂତନ ଜ୍ଞାନ।।୫
ଆଣିଥିଲ ସାଥେ ନବୀନ ବିଧାନ
ବିତରିଲ ଏ ଧରାରେ ।
ମୋହିଲ ସବୁରି ମନ ଉକୁଟାଇ
ମୃଦୁଳ ହସ ଅଧରେ ।।୬
ପତିତ ଦଳିତ ଜନେ ସମାଜରେ
ଦେଖାଇଲ ନୂଆ ରାହା ।
ବଞ୍ଚିବା ପାଇଁ କ ଭରସା ଯୋଗାଇ
ହୋଇଲ ତାଙ୍କର ସାହା ।।୭
କେତେ ଦୁଃଖୀ ରଙ୍କୀ ଲଭିଲେ ଆଶ୍ରା
ତୁମ ବାହୁ ଛାୟା ତଳେ ।
କୀରତି ତୁମର କଲମ ମୁନରେ
ସରିବ ନ ଲେଖୁଥିଲେ ।।୮
ମାତା ସରସ୍ୱତୀ ବର୍ଣ୍ଣନା କଲେ ବି
କରି ପାରିବେ ନ ଅନ୍ତ ।
ହେ ପ୍ରଜ୍ଞା ପୁରୁଷ ! ମହିମା ତୁମର
ଯେଣୁ ଅପାର ଅନନ୍ତ ।।୯
ସାଧାରଣ ଜୀବ କାହୁଁ ମୁଁ ପାରିବି
ତୁମରି ରୂପକୁ ଚହ୍ନି ।
ଲବଣ ଖଣ୍ଡ କ ମାପିବ ସିନ୍ଧୁ କୁ
ହସ୍ତେ କେ ଧରିବ ବହ୍ନି ।।୧୦

ଗ୍ରାମ/ପୋଷ୍ଟ-ସମାସିଂହା;
ଜିଲ୍ଲା-ଝାରସୁଗୁଡା; ମୋ .୭୬୮୩୮୪୧୦୬୪

ISSN NO.
2582-208X

# ଆମ ଘରର ଡାକ୍ତର ବାବୁ



କୀର୍ତ୍ତି ଦେବୀ




"ସମାଜସେବୀ ଡା· ଭଗିରଥୀ ମହାନ୍ତଙ୍କ ପରଲୋକ" ଏହି ଖବର ଦୈନକ ଖବରକାଗଜ "ସମାଜ"ରୁ ପଢି ଆମ ଘରର ସମସ୍ତଙ୍କ ମନ ବହୁତ ଦୁଃଖ ହେଲା । କାରଣ ସେ ଥିଲେ ଆମ ଘରର ଘରୋଇ ଡାକ୍ତର । ସେ ନନା ସ୍ୱର୍ଗତ ସୂର୍ଯ୍ୟ ନାରାୟଣ ଶତପଥି (ଜି·ଜି·-୧୨, ସିଭିଲ୍ ଟାଉନ୍ ସିପ୍) ଙ୍କ ସାଙ୍ଗ । ଘରେ କାହାର ଦେହ ଖରାପ ହେଲେ ପ୍ରଥମେ ତାଙ୍କୁ ଖୋଜାପଡେ । ରୋଗର ସଠିକ୍ କାରଣ ଜାଣି ସେ ଔଷଧ ଦିଅନ୍ତୁ । ତାଙ୍କ ଔଷଧ ଦେବାର ଏକ ବିଶେଷତ୍ୱ ହେଲା କମ ପାନ ଔଷଧରେ ଶୀଘ୍ର ରୋଗ ଭଲ ହୋଇଯିବା । ପ୍ରଥମ ପାନଟି ଔଷଧ ସେ ସ୍ୱହସ୍ତରେ ଖୁଆଇ ଦିଅନ୍ତୁ ଏବଂ ଆଉ କଛି ଔଷଧ ଘରକୁ

ISSN NO.
2582-208X

ଦିଅନ୍ତି । ମୁଁ ପ୍ରାୟ ଅଠର-ଉଣେଇଶି ବର୍ଷ ହେଲାଣି ତାଙ୍କର ଔଷଧ ରେ ମୋ ଦେହ ଭଲ ହୋଇଯାଏ । ତାଙ୍କୁ ଦେଖିବା ପରେ ଆପେ ଆପେ ମୋର ହାତ ପାଦ ଛୁଇଁ ପ୍ରଣାମ କରେ । "ଗୋଟିଏ ଗୁଉଳରେ ଗଢା ଯେପରି" – ଉକ୍ତିଟି ତାଙ୍କ ଅକ୍ଷରର ପ୍ରତିଛବି । ଏଇଠି ଗୋଟିଏ କଥା କହିବି । ପ୍ରାୟତଃ ଡାକ୍ତରମାନଙ୍କର ଅକ୍ଷର ଖରାପ ଥାଏ । କାରଣ ସେମାନେ ବହୁତ ତରତରରେ ଲେଖିଥାନ୍ତି । କିନ୍ତୁ ମଉସାଙ୍କ ଲେଖିବା ଶୈଳୀ ନିଆରା । ଧୀରେ ଧୀରେ ସୁନ୍ଦର ଅକ୍ଷରରେ ସେ ଲେଖନ୍ତି । ମୋତେ ଏତେ ଭଲ ଲାଗେ ଯେ ତାଙ୍କ ଲେଖା ମୁଁ ଆଜିଯାଏଁ (ପ୍ରେସ୍କ୍ରିପସନ୍ କୁ) ସାଇତି ରଖିଛି ।

ସବୁଠାରେ ବଡ କଥା ହେଉଛି ଯେ ସେ ଅତ୍ୟନ୍ତ ସରଳ ଓ ଉତ୍ତମ ବ୍ୟବହାର କରି ରୋଗୀଙ୍କୁ ଔଷଧ ଦିଅନ୍ତି । ସେଥିପାଇଁ ତାଙ୍କ ପାଖରେ ସବୁବେଳେ ଭିଡ ରହେ । ଗୋପବନ୍ଧୁଙ୍କ ଭାଷାରେ – "ମାନବ ଜୀବନ ନୁହଇ କେବଳ ବର୍ଷ ମାସ ଦିନ ଦଣ୍ଡ, କର୍ମେ ଜିଏଁ ନର କର୍ମ ଏକା ତାର ଜୀବନର ମାନଦଣ୍ଡ" ।

ଏହି ଉକ୍ତିଟିକୁ ସେ ସାମାଜିକ ସେବା, ରୋଗୀ ସେବା, ଶ୍ରଦ୍ଧା, ଧୈର୍ଯ୍ୟ ତଥା ଉତ୍ତମ ବ୍ୟବହାର ଦ୍ୱାରା ଏହାକୁ ପ୍ରମାଣିତ କରିଛନ୍ତି ।

ସ୍ୱର୍ଗତ ମହାନ୍ତି ଉତ୍କଳମଣି ହୋମିଓପ୍ୟାଥି ମେଡିକାଲ କଲେଜ ଓ ହସପିଟାଲର ପ୍ରତିଷ୍ଠାତା ସଂପାଦକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ସମାଜର ଅବହେଳିତ ମଣିଷଙ୍କ ସେବାରେ ସେ ନିଜକୁ ନିୟୋଜିତ କରିଥିଲେ । ଚଣ୍ଡୀଗଡ, କୋଲକତା, ଶ୍ରୀନଗର ଠାରେ ଅନୁଷ୍ଠିତ ସର୍ବଭାରତୀୟ ଗୃହରକ୍ଷୀ ତଥା ବେସାମରିକ ପ୍ରତିରକ୍ଷା ବାହିନୀର ବୃତ୍ତିଗତ ଓ ଖେଳକୁଦ ଓଡିଶାରୁ ପ୍ରତିନିଧିତ୍ୱ କରି ସଫଳତା ପାଇଥିଲେ ।

୧୯୮୨ ମସିହା ଡିସେମ୍ବର ୨ ରେ ଜରେଇକେଲା ନିକଟରେ ସମଲେଶ୍ୱରୀ ଏକ୍ସପ୍ରେସର ଦୁର୍ଘଟଣା ସମୟରେ ଆହତ ଯାତ୍ରୀଙ୍କୁ ଉଦ୍ଧାର କରିବା ଘଟଣା ବେଶ ଚର୍ଚ୍ଚାର ବିଷୟ ହୋଇଥିଲା । ୧୯୯୧ ରେ ରାଜ୍ୟସ୍ତରୀୟ ଜନରାଜ୍ୟ ଦିବସ ପ୍ୟାରେଡରେ ଶ୍ରେଷ୍ଠ ବିବେଚିତ ହୋଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ । ୧୯୯୫ ରେ ସେବା କାର୍ଯ୍ୟ ପାଇଁ ରାଷ୍ଟ୍ରପତି ପଦକରେ ସମ୍ମାନିତ ହୋଇଥିଲେ । ଶିକ୍ଷାର ବିକାଶ ଓ ସାମାଜିକ ସେବା ପାଇଁ ତାଙ୍କୁ

ISSN NO.
2582-208X

ଏକ ନଆଁର୍ ପରିଚୟ ଦେଇଥିଲା । ଏହି ସବୁ କଥା ଦୈନିକ ଖବରକାଗଜରେ ପ୍ରକାଶିତ ହୋଇଥିଲା । ଏହାକୁ ପଢି ମୁଁ ଭାବିଲି ରାଉରକେଲାରୁ ଏଭଳ ମଣିଷ ଚର ବିଦାୟ ନେଇଗଲେ । ଭଗବାନ ତାଙ୍କ ଆତ୍ମା ସଦଗତି ପ୍ରାପ୍ତ କରନ୍ତୁ । ଏହାହିଁ ଆମର ବିନୟ ପ୍ରାର୍ଥନା ଭଗବାନଙ୍କର ନକଟରେ ।

ମଉସାଙ୍କଠାରୁ ସମସ୍ତେ ଏତିକ ଶିଖିବା ଯେ ସେବା ମନୋବୃତ୍ତି ନେଇ କାର୍ଯ୍ୟ କଲେ ଜୀବନରେ ସଫଳତା ଆପେ ଆପେ ଆସିଥାଏ । ଉପରେ ଥାଇ ତାଙ୍କର ଆଶିଷ ଆମ ସମସ୍ତଙ୍କୁ ସବୁବେଳେ ପ୍ରଦାନ କରୁଥାନ୍ତୁ । ପୁଣିଥରେ ଭଗବାନର ନକଟରେ ଏତିକ ଅନୁରୋଧ ତାଙ୍କ ପରିବାର ଓ ବନ୍ଧୁ ପରିଜନ ଧୈର୍ଯ୍ୟ ଓ ସାହସ ଦେଇଥାନ୍ତୁ ।

ସିଭିଲ୍ ଟାଉନସିପ୍, ରାଉରକେଲା
ମୋ: ୯୫୮୩୮୩୩୮୨୭

ISSN NO.
2582-208X

# ରାମ ରାଘବ ରଘୁନନ୍ଦନ

ସୁହାସିନ ବାରିକ୍

ରାମ ରାଘବ ରଘୁନନ୍ଦନ ଭାବ ଭବ ତାପ ଦୂର ହେବ ।
ରାମ ସୀତା ପତି ରାମ ଦାଶରଥି ଶ୍ରୀରାମ ନୀଳମାଧବ ।୧ ।
ରାମ ନତ୍ୟାନନ୍ଦ ପରମ ଆନନ୍ଦ ଶ୍ରିହାରୀ ଜାନକୀ ଧବ ।
ରାମ କଳ୍ପବଟ କୌଶଲ୍ୟା ସୁତ ମନନେ ହରେ ଅଭାବ ।୨ ।
ରାମ କୋଦଣ୍ଡ ଧାରଣ ନାରାୟଣ ଚନ୍ତାମଣି ରମାଧବ ।
ରାମ  ରଘୁ ପତି ବାଇଦେହି ପତି ସନ୍ତାକାର ଯା ସ୍ୱଭାବ ।୩ ।
ରାମ ଶ୍ରୀ ପରମେଶ୍ୱର ରଘୁ ବୀର ଶ୍ରୀ ପୟରେ କର ଭାବ ।
ରାମ ହରି ଭଜ ଭବ କ୍ଲେଶ ଗଞ୍ଜ ଶମନ ଦଣ୍ଡ ହରିବ ।୪ ।

ମହୁ, ଆଳ, କେନ୍ଦ୍ରାପଡ଼ା
ଓଡ଼ିଶା  ପିନ ୭୫୪୨୩୧

ISSN NO.
2582-208X

# ବଦଳି ଯାଇଛି ଗାଆଁର ଚିତ୍ର

ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ

ବଦଳି ଯାଇଛି ଗାଆଁର ଚିତ୍ର/ ଶତ୍ରୁ ପାଲଟିଛି ପରମ ମିତ୍ର...
ଭାଗବତ ଟୁଙ୍ଗି ଯାଇଛି ଭାଙ୍ଗି/ଗଙ୍ଗା ମାଉସୀଟା ହୋଇଛି ଗାଙ୍ଗି...
ଧାନ ବିଲରେ ତ ବିଲୁଆ ଡିଏଁ/ସ୍ୱାଭିମାନୀ ଏଠି ଦୁଃଖରେ ଜୀଏଁ...
ମହରଗ ଏଠି ହୋଇଛି ହସ/ଦୁର୍ନୀତି ସଭିଙ୍କୁ କରିଛି ବଶ...
ହିଂସାଦ୍ୱେଷ ଏଠି ମେଲିଛି କାୟା/ଅଧିକାଂଶ ମିଛ ମାୟାରେ ବାୟା..

ନଈବଢ଼ି ପରି ବଢ଼ି ସମ୍ପତ୍ତି/ଆଣିଅଛି ଡ଼ାକି ନାନା ବିପତ୍ତି...
ପ୍ରଗତିକୁ ଭୁଲି ଯୁବକ ଦଳ/ନିଶାକୁ ଆଦରି ହୁଅନ୍ତି ଦୁର୍ବଳ...
କୁଜି ନେତାଙ୍କର ବଢ଼ିଛି ଭାଉ/ଗରୀବ କପାଳେ ଉଡ଼ନ୍ତି କାଉ...
ରାଜନୀତି ଗିଳେ ସବୁ ନୀତିକୁ/ଅନୁମତି ମିଳେ ଚୋରା ପ୍ରୀତିକୁ...
ମୂକ ପାଲଟନ୍ତି ଗାଆଁ ମୁରବୀ/କିଛି ନାରୀ ବନିଯାନ୍ତି ଭୈରବୀ...
ଗଢ଼ି ଉଠେ ଏଠି ଅସଂଖ୍ୟ ସଂଘ/ବଦଳିଛି ଝିଅ ବୋହୂଙ୍କ ଢଙ୍ଗ...
ବାରି ହୋଇଯାଏ ସ୍ୱାର୍ଥର ଗନ୍ଧ/କାମନାରେ ସର୍ବେ ହୁଅନ୍ତି ଅନ୍ଧ...

ଦିନରେ ବୁଲନ୍ତି ଶୃଗାଳ ଦଳ/ଭୋକିଲା ପେଟରେ ହଳକୁ ହଳ...
ରଡ଼ି ଛାଡେ ଏଠି ଅଙ୍ଗନୱାଡ଼ି/ଗାଆଁ ମୁଣ୍ଡେ ଲାଗେଏଲ୍.ପି.ଜି ଗାଡ଼ି..
ଆଶା ଦିଦି ବୁଲି ଘରକୁ ଘର/ରଖିଥାନ୍ତି ଲୋକଙ୍କର ଖବର...
ଘର କାନ୍ଥେ ବାଜେ ଦାମିକା ଟି.ଭି./କାହା ଘରେ ଆଉ ନଜଳେ ଡ଼ିବି..
ମୋବାଇଲ୍ ସାଥେ ବିତେତ ରାତି/ଅନୁଭବି ହୁଏ ଦୁଃଖର ତାତି...
ସକଳ ବର୍ଣ୍ଣିବା ନୁହେଁ ସମ୍ଭବ/ରହିଲା ଲେଖାରେ କିଛି ଅଭାବ ।

କଣ୍ଟାବଣିଆ,ଛତ୍ରପଡ଼ା,ପ୍ରୀତିପୁର,ଯାଜପୁର
ପିନ-୭୫୫୦୧୩/ମୋ -୮୫୯୪୮୮୫୮୯୮

ISSN NO.
2582-208X

# ଧନୁତୀର

ଦୀନବନ୍ଧୁ ବେଜ

ମୁଁ ନସ୍ୱର, ମୁଁ ଅଜର, ମୁଁ ଅମର
ଧରାକୁ ଶାନ୍ତ ରଖିବାପାଇଁ
ଆସୁରିକ ଶକ୍ତି ବାନ୍ଧିବା ପାଇଁ
ଶିବଧନୁର ଲକ୍ଷ୍ୟ ପୂରଣ ପାଇଁ
ଗୁଣଦେଇ ଧରି ଚଲାଇଲେ ତୀର
ମୋ ଧନୁରେ ମେଦିନୀ କମ୍ପେ
ନର, ନାରୀ ଯକ୍ଷ, କିନ୍ନର
ପଶୁପକ୍ଷୀ, ବୃକ୍ଷଲତା, ଅସୁର
ଆଉ ଦେବୀ, ଦେବତା ମଧ୍ୟ,
ଭୟରେ ହୁଅନ୍ତି ଥର ହର ।

ମୋ ଧନୁତୀର ପିରତି ବାଣ୍ଟେ
କେତେ ସଜାଡି ଉଜୁଡା ଘର
ସଂଗୀତ ଗାଏ ତୁଠ ପଥର
ଥୁଣ୍ଟା ଗଛରେ ପତ୍ର କଂଅଳେ
ମୂର୍ଚ୍ଛନା ତୋଳେ ସପତ ସ୍ୱର
ବିହଙ୍ଗ କୀଟ ପତଙ୍ଗ ସବୁ
ଆନନ୍ଦ ମନେ ଆକାଶ ଲଙ୍ଘେ

ISSN NO.
2582-208X

ଘରେ ଶୁଭେନି କାନ୍ଦଣା ସ୍ୱର,
ଦୁଃଖ ଆସେନି ଘଣ୍ଟାକୁ ଗୋଟେ ।

ମୋ ଧନୁତୀର ଏବେ ନିସ୍ୱଳ
ଭାଗବଣ୍ଟୁରା କରେ ଅସ୍ଥିର
ଏବେ ଧନୁରୁ ତୀର ହେବ ଦୂର
ଜଣେ କରିବ ଧନୁ ଆଦର
ଆନ ପଢ଼ିବ ତୀର ପ୍ରେମର
ସବୁଭିତରେ ଏବେ ଆପଣା ପର
ଏ ମାଟିରେ ଭାଗ ବଣ୍ଟାକୁ ନେଇ
ବୁଦ୍ଧିଜିବୀଙ୍କ ଚିନ୍ତା ବଢୁଛି,
ଆସନ ନହେଉ କାରଣ ମୂଳ ।।

ସଂପାଦକ
ଜାତୀୟ କବି ଲେଖକ ସଂଗଠନ
ଭଦ୍ରକ, ଓଡ଼ିଶା

ISSN NO.
2582-208X

# 'ବ୍ଲାକ ପର୍ଲ' ପେଲେ ଏକ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ



ଅସିତ ମହାନ୍ତ

ମୃତ୍ୟୁ ଅନିବାର୍ଯ୍ୟ, ଏହା ସମସ୍ତଙ୍କ ଜୀବନରେ ଆସିଥାଏ । କିନ୍ତୁ ଏଭଳି କିଛି ବ୍ୟକ୍ତିତ୍ୱ ଅଛନ୍ତି, ଯେଉଁମାନେ ବିଭିନ୍ନ କ୍ଷେତ୍ରର ଜ୍ଞାନକୋଷରେ ଯଦି କିଛି ନୂତନତ୍ୱ କୁ ଯୋଡି ଦେଇଥାନ୍ତି ଯାହା ମାନବ କଲ୍ୟାଣରେ ଆସିଥାଏ, ସେଭଳି ଲୋକଙ୍କର ମୃତ୍ୟୁରେ ସମାଜ, ଦେଶ ଏବଂ ବିଶ୍ୱ ମର୍ମାହତ ହୁଏ । କାରଣ ଏକ ଉନ୍ନତ ମସ୍ତିଷ୍କର କାର୍ଯ୍ୟ ବନ୍ଦ ହୋଇଯାଏ। ନିଃସନ୍ଦେହ ଏହା ଏକ କ୍ଷତି । ଏହି ଭଳି ଏକ ବ୍ୟକ୍ତିତ୍ୱ - ଦୁନିଆ ର ଫୁଟବଲ ବାଦସାହା ପେଲେଙ୍କୁ ହରାଇଛି, ଏବଂ ତାଙ୍କ ସହିତ ଫୁଟବଲ ଜଗତକୁ ଏକ ବଡ ଧକ୍କା ହୋଇଛି । ଏଡସନ୍ ଆରେଣ୍ଟସ୍ ଡୋ ନାସିମେଣ୍ଟୋ, ପେଲେ ନାମରେ ଅଧିକ ଜଣାଶୁଣା, ଏକ ଆଇକନିକ୍ ବ୍ୟକ୍ତିତ୍ୱଙ୍କର ଦେହାନ୍ତ ହୋଇଛି । ସେ ଥିଲେ ସର୍ବଶ୍ରେଷ୍ଠ କ୍ରୀଡ଼ା ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ । ଗୋଲର ମାରାତ୍ମକ ଇନଫ୍ରଣ୍ଟ ଏବଂ ବଲ୍କୁ ପଡିଆ ଭିତରେ ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ନେଇଯିବାର କୌଶଳ, ତାଙ୍କୁ ଫୁଟବଲ ର କଳାକାର ଭାବେ ବିଶ୍ୱରେ ପରିଚିତ କରାଇଥିଲା । ବିଶ୍ୱ ଫୁଟବଲର ଏକ ପ୍ରକୃତ ଆଇକନ୍, ପେଲେ ସମଗ୍ର ବିଶ୍ୱରେ ପ୍ରଶଂସକଙ୍କ ହୃଦୟକୁ ଜିତିବାରେ ସକ୍ଷମ ହୋଇଥିଲେ । ୧୭ ବର୍ଷ ବୟସରେ ତାଙ୍କର ପ୍ରଥମ ଫିଫା ବିଶ୍ୱକପ୍‌ରେ ଚମତ୍କାର ହେବା ଠାରୁ ଆରମ୍ଭ କରି ୧୯୭୦ ରେ ମେକ୍ସିକୋରେ ଟ୍ରଫି ଉଠାଇବା ପର୍ଯ୍ୟନ୍ତ ଦକ୍ଷତା ଏବଂ ଗୁଣ ଦେଖିବାକୁ ସରଳ ଥିଲା । ଏପରି କିଛି ଦେଶ ଅଛନ୍ତି ଯେଉଁମାନଙ୍କ ନାମରେ ତାଙ୍କ ନାମିତ ଏକ ଫୁଟବଲ୍ କ୍ଲବ୍ ନାହିଁ, କମ୍ବା ଖେଳାଳି ମଧ୍ୟ ନାହାଁନ୍ତି । ସେ ଫୁଟବଲର ପ୍ରଥମ ବିଶ୍ୱସ୍ତରୀୟ ତାରକା ଥିଲେ । ସେ କେବଳ ଫୁଟବଲକୁ ସୌନ୍ଦର୍ଯ୍ୟକରଣ କରିନାହାଁନ୍ତି ବରଂ ଖେଳକୁ ଗ୍ଲାମରାଇଜ୍

ISSN NO.
2582-208X

ମଧ୍ଯ କରିଥିଲେ । ଫୁଟବଲରେ ମହାନ ଶବ୍ଦ ପେଲେରୁ ଆରମ୍ଭ ହୋଇଥିଲା । ପେଲେ ତାଙ୍କ ଖେଳ ସହିତ ଫୁଟବଲର ପରିଭାଷା ବଦଳାଇଦେଇଥିଲେ । ସେ ଥିଲେ ଏକ ଉପଯୁକ୍ତ କାହାଣୀ, ରାସ୍ତାରୁ ଶିଖର ପର୍ଯ୍ୟନ୍ତ ଏକ ବାଳକ ଯିଏ ନିଜର ପରିଶ୍ରମ ଏବଂ ଖେଳ ପ୍ରତି ସମର୍ପଣ ଭାବ କାରଣରୁ ଫୁଟବଲ ଖେଳରେ କିଛି ନୂତନତ୍ୱ କୁ ଯୋଡ଼ିଛନ୍ତି । ଏହାହିଁ ହେଉଛି କାରଣ ସେ ହେଉଛନ୍ତି କିଛି ଭିନ୍ନ । ଏହି ନୂତନତ୍ୱ କାରଣରୁ ବିଶ୍ୱର ଲୋକମାନେ ଫୁଟବଲ ପ୍ରତି ଆକୃଷ୍ଟ ହେବା ସହିତ ଏହି ଖେଳରୁ ଅନେକ କିଛି ଜ୍ଞାନ ଆହରଣ କରିଥାନ୍ତି । ବାସ୍ତବରେ ପେଲେ ଏହି ଖେଳର ଯାଦୁକୁ ସୃଷ୍ଟି କରିଯାଇଛନ୍ତି । ପେଲେଙ୍କର ଏହି ଯାଦୁ ଫୁଟବଲ ର ଜ୍ଞାନ କୋଷରେ ଅନେକ ତଥ୍ୟ ଯୋଡ଼ିଛି । ମାରାଡୋନାଙ୍କ ପରି, ପେଲେ ତାଙ୍କ ଖେଳ ଦିନରେ ମୁଖ୍ୟତଃ ଦୁର୍ନୀତି ମୁକ୍ତ ରହିଥିଲେ । ସେ ମେସି ଭଳି ଖେଳାଳିଙ୍କ ଏକ ନିଖୁଣ, ରୋଲ୍-ମଡେଲ୍ ଫୁଟବଲର୍ ଥିଲେ । ପେଲେ ସବୁକିଛି ବଦଳାଇଦେଇଥିଲେ । ସେ ଫୁଟବଲକୁ କଳା, ମନୋରଞ୍ଜନରେ ପରିଣତ କରିଥିଲେ । ବାସ୍ତବରେ ଫୁଟବଲ ପ୍ରଥମେ ଧିମା ଥିଲା, ଯାହାକୁ ପେଲେ ତାଙ୍କ କୌଶଳ ଏବଂ ଯାଦୁ ମାଧ୍ୟମରେ ଏହି ଖେଳକୁ ଦ୍ରୁତଗତି ପ୍ରଦାନ କରିଥିଲେ । ଏହାଦ୍ୱାରା ସେ ପ୍ରମାଣ କରିଥିଲେ ଯେ ଫୁଟବଲ ଏକ କେବଳ ଖେଳ ନୁହେଁ ବରଂ ଏକ କଳା। ପେଲେଙ୍କୁ ଦେଖି ପୁରା ବିଶ୍ୱରେ ଅନେକ ବିଖ୍ୟାତ ଖେଳାଳି ସୃଷ୍ଟି ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଆର୍ଜେଣ୍ଟିନା ର ଡ଼ିଏଗୋ ମାରାଡୋନା ଜଣେ ଥିଲେ । ସେ ଗରିବ ଲୋକଙ୍କୁ, କଳା ଲୋକଙ୍କୁ ସ୍ୱର ଦେଇଥିଲେ ଏବଂ ସର୍ବୋପରି ସେ ବ୍ରାଜିଲକୁ ଦୃଶ୍ୟମାନ କରିଥିଲେ । ସେ ୟୁନସେଫ ମାଧ୍ୟମରେ ପିଲାମାନଙ୍କ ବିକାଶ ପାଇଁ କାର୍ଯ୍ୟ କରିଛନ୍ତି। ସେ ୨୦୦୨ ପରଠାରୁ ଏବିସି ଟ୍ରଷ୍ଟର ପୃଷ୍ଠପୋଷକ ରହିଆସିଛନ୍ତି ଏବଂ ଅନେକ ଦସ୍ତଖତ ସାମଗ୍ରୀ ଦାନ କରିଛନ୍ତି। ସେ ହେଉଛନ୍ତି ପ୍ରଥମ କଳା ବ୍ୟକ୍ତି ଯିଏକି ଲାଇଫ୍ ମାଗାଜିନର କଭର ପୃଷ୍ଠାରେ ସ୍ଥାନ ପାଇଥିଲେ, ଏବଂ ଆହୁରି ମଧ୍ୟ, ତାଙ୍କ ବୃତ୍ତିଗତ ଫୁଟବଲ୍ କ୍ୟାରିୟରର ଦୁଇ ଦଶନ୍ଧିରୁ ଅଧିକ ସମୟ ପରେ ସେ ନିଶ୍ଚିତ ଭାବରେ ଆଫ୍ରିକୀୟ ବଂଶର ଲୋକମାନଙ୍କ ମଧ୍ୟରେ ଅଛନ୍ତି, ଦୁନିଆର ଅନ୍ୟତମ ମାନ୍ୟତା ପାଇଛନ୍ତି । ପେଲେ, ବିଂଶ ଶତାବ୍ଦୀର ବ୍ରାଜିଲର ଜଣେ କିମ୍ବଦନ୍ତୀ କ୍ରୀଡ଼ା ବ୍ୟକ୍ତିତ୍ୱ ତଥା ଫୁଟବଲ୍ ଖେଳାଳୀ ଥିଲେ । ତାଙ୍କର ସକ୍ରିୟ ବର୍ଷରେ ସେ "ଫୁଟବଲର କିଙ୍ଗ" ଭାବରେ ଜଣାଶୁଣା ଥିଲେ । ତାଙ୍କୁ ଫୁଟବଲ ପ୍ରଶଂସକ, ସମାଲୋଚକ, ବିଶେଷଜ୍ଞ ଏବଂ ଖେଳାଳିମାନେ ସର୍ବକାଳୀନ ଶ୍ରେଷ୍ଠ ଖେଳାଳି ଭାବରେ ସମ୍ମାନିତ କରୁଥିଲେ । ସେ ତାଙ୍କର ଅକ୍ଷୟ ଶୈଳୀ, ବିଦ୍ୟୁତକରଣ ଖେଳ ଏବଂ

ISSN NO.
2582-208X

ପ୍ରଭାବଶାଳୀ ପ୍ରଦର୍ଶନ ସହିତ ୧୩୬୩ଟି ଖେଳରେ ସମୁଦାୟ ୧୨୮୧ ଗୋଲ ସ୍କୋର କରିଥିଲେ । ସେ ଅନେକ ରେକର୍ଡ ମଧ୍ୟ କରିଥିଲେ। ଖେଳ ପ୍ରତି ତାଙ୍କର ଗଭୀର ଉତ୍ସାହ ଏବଂ ସମ୍ମାନଜନକ ଗୋଲ୍ ସ୍କୋରିଂ ର ଅଭ୍ୟାସ ଥିଲା , ଯାହା ତାଙ୍କୁ ସାରା ବିଶ୍ୱରେ ତାରକା କରିପାରିଥିଲା । ତାଙ୍କର ଅତୁଳନୀୟ ହେଡିଙ୍ଗ୍ ଦକ୍ଷତା, ଶକ୍ତିଶାଳୀ ସଟ୍ ଏବଂ କ୍ରମାଗତ ଗୋଲ୍ ସ୍କୋର ପାଇଁ ମଧ୍ୟ ତାଙ୍କୁ ପ୍ରଶଂସା କରାଯାଇଥିଲା । ତାଙ୍କର ସର୍ବୋତ୍ତମ ଖେଳ ସହିତ ସେ ଲୋକଙ୍କ ହୃଦୟରେ ଏକ ସ୍ଥାନ ସୃଷ୍ଟି କରିଥିଲେ । ପେଲେ ୨୩ ଅକ୍ଟୋବର ୧୯୪୦ ରେ ବ୍ରାଜିଲର ଟ୍ରେସ୍ କରକୋଏସରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଡୋଣ୍ଡିନହୋ ଏବଂ ମାତା ଡୋନା ସେଲଷ୍ଟେ ଆରାଣ୍ଟେସ୍ ଥିଲେ। ସେ ତାଙ୍କ ପିତାମାତାଙ୍କର ପ୍ରଥମ ପୁତ୍ର । ତାଙ୍କର ଏକ ସାନ ଭାଇ ମଧ୍ୟ ଅଛି । ତାଙ୍କ ପିତା ଡୋଣ୍ଡିନହୋ ମଧ୍ୟ ଜଣେ ଫୁଟବଲ ଖେଳାଳି ଥିଲେ। ବାସ୍ତବରେ ତାଙ୍କର ଡାକ ନାମ ଡେକୋ ଥିଲା, କିନ୍ତୁ ଯେହେତୁ ତାଙ୍କର ପ୍ରିୟ ଫୁଟବଲ ଖେଳାଳି "ଭାସ୍କୋ ଦା ଗାମା 'ବିଲେ" ହୋଇଥିବାରୁ ତାଙ୍କ ସାଙ୍ଗମାନେ ଏହାକୁ ଭୁଲ ଭାବରେ ଉଚ୍ଚାରଣ କରି ତାଙ୍କୁ "ପେଲେ" ବୋଲି କହିବା ଆରମ୍ଭ କଲେ । ସେବେଠାରୁ ତାଙ୍କୁ ପେଲେ କୁହାଯାଉଥିଲା। ଦାରିଦ୍ରରେ ଜୀବନ ଅତିବାହିତ କରି ସେ ପିଲାବେଳେ ଅତିରିକ୍ତ ଟଙ୍କା ରୋଜଗାର କରିବା ପାଇଁ ବିଭିନ୍ନ ଅଦ୍ଭୁତ କାର୍ଯ୍ୟ କରିଥିଲେ। ସେ ପ୍ରଥମେ ତାଙ୍କ ପିତାଙ୍କ ଦ୍ୱାରା ଫୁଟବଲରେ ଶିକ୍ଷାଦାନ କରିଥିଲେ ଏବଂ ଯୌବନରେ ବିଭିନ୍ନ ଉତ୍ସାହୀ ଦଳ ପାଇଁ ଖେଳିଥିଲେ । ଖେଳ ପାଇଁ ଏକ ପ୍ରତିଭା ଏବଂ ନିଜର ଏକ ଶୈଳୀ ସହିତ ସେ ବାଉରୁ ଆଥଲେଟିକ୍ କ୍ଲବ୍ ଜୁନିଅରରେ ଏକ ସ୍ଥାନ ପାଇଲେ, ଯେଉଁଠାରେ ତାଙ୍କୁ ଡ୍ୱାଲଡେମର୍ ଦି ବ୍ରିଟୋ ପ୍ରଶିକ୍ଷଣ ଦେଇଥିଲେ । ପେଲେ ତାଙ୍କ କ୍ୟାରିୟରରେ ବହୁତ କିଛି ହାସଲ କରିଥିଲେ । ବିଜୟରେ ତାଙ୍କର ଚିତ୍ତାକର୍ଷକ ଲାଇନ୍ ଅପ୍ ଏବଂ ଖେଳକୁ ନୂତନ ଉଚ୍ଚତାକୁ ଆଣିବାରେ ସେ ଏକ ଅସାଧାରଣ ଭୂମିକା ଗ୍ରହଣ କରିଥିଲେ, ବ୍ରାଜିଲର ଗୋଲ୍ଡ ମେଡାଲ୍, ବ୍ରିଟିଶ୍ ସାମ୍ରାଜ୍ୟର ନାଇଟ୍ କମାଣ୍ଡର ଏବଂ ବିସିସି ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ମଧ୍ୟ ଅନ୍ତର୍ଭୁକ୍ତ । ୧୯୯୯ ରେ, IFFHS ତାଙ୍କୁ ଶତାବ୍ଦୀର ଫୁଟବଲର୍ ଭାବରେ ଭୋଟ୍ ଦେଲା । ଏଥିସହ ସେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି ଏବଂ ରଏଟର୍ସ ନ୍ୟୁଜ୍ ଏଜେନ୍ସି ଦ୍ୱାରା "ଶତାବ୍ଦୀର ଆଥଲେଟ୍" ଭାବରେ ନିର୍ବାଚିତ ହୋଇଥିଲେ। ୨୦୧୨ ରେ, ତାଙ୍କର କ୍ରୀଡା ସଫଳତାର ଏକ ଅଂଶ ଭାବରେ, ମାନବିକ ତଥା ପରିବେଶଗତ କାର୍ଯ୍ୟରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏଡିନବର୍ଗ ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡିଗ୍ରୀ ପ୍ରଦାନ କରାଯାଇଥିଲା ।

ISSN NO.
2582-208X

ବ୍ରାଜିଲରେ ତାଙ୍କୁ "ପେରେ୍ଲା ନେଗ୍ରୋ" କୁହାଯାଏ ଯାହାର ଅର୍ଥ କଳା ମୋତି (black pearl) । ୧୯୯୩ ରେ, ପେଲେଙ୍କୁ ଜାତୀୟ ଫୁଟବଲ୍ 'ହଲ୍ ଅଫ୍ ଫେମ୍' ରେ ଅନ୍ତର୍ଭୁକ୍ତ କରାଯାଇଥିଲା । ୩ ଟି ବିଶ୍ୱକପ୍ ଜିତିଥିବା ଦଳର ଏକ ଅଂଶ ହୋଇଥିବା ପେଲେ ହେଉଛନ୍ତି ଏକମାତ୍ର ଖେଳାଳି । ପେଲେ ୧୯୫୮, ୧୯୬୨ ଏବଂ ୧୯୭୦ ରେ ବ୍ରାଜିଲକୁ ତିନଥର ବିଶ୍ୱ ଚମ୍ପିୟନ କରିଥିଲେ । ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କଠାରୁ ଅଧିକ ଥର ବିଶ୍ୱକପ କେହି ଜିତି ନାହାଁନ୍ତି । ସେ କେବଳ ଜଣେ ଫୁଟବଲ ଖେଳାଳି ନଥିଲେ, ୧୯୭୧ ରେ ଅବସର ନେବା ପରେ ସେ କିଛି ନା କିଛି ସାମାଜିକ କାର୍ଯ୍ୟକଳାପରେ ନିଜକୁ ସମ୍ପୃକ୍ତ କରିଥିଲେ । ଯାହା ବହୁତ କମ ଦେଖିବାକୁ ମିଳଥାଏ । ସେ କେବଳ ଷ୍ଟାଡିଅମ ରେ ପ୍ରଶଂଶକ ଘେରରେ ନଥିଲେ ବରଂ ଷ୍ଟାଡିଅମ ବାହାରେ ସାଧାରଣ ଜନତାଙ୍କ ପ୍ରିୟପାତ୍ର ଥିଲେ । ଏଭଳି ଉଚ୍ଚ ବ୍ୟକ୍ତିତ୍ୱର ଧନୀଙ୍କୁ ହରାଇ ପୁରା ବିଶ୍ୱ ସ୍ତବ୍ଧ । ଫୁଟବଲ ଇତିହାସ ତାର ପୃଷ୍ଠାରେ ପେଲେଙ୍କୁ ସର୍ବଦା ସାଇତି ରଖିବ ।

ସୁଜନପୁର , ଯାଜପୁର
୯୩୪୮୭୬୮୮୧୨

ISSN NO.
2582-208X

# ଗାଁର ଡାକ



ଦୀପ୍ତିମୟୀ ସାହୁ

ତମେ ଥରେ ଫେରିଚାହଁ ମୋତେ
ଆଜି ବି ମୁଁ ସଜେଇ ହୋଇଛି
ସବୁଜିମା ଶାଢ଼ୀ ପିନ୍ଧି
ମଥାରେ ମୋର
ଉଦିତ ଆତପର ଲାଲ୍ ବିନ୍ଦି
ଆଖିରେ ରାତିର କଜ୍ଜ୍ୱଳ
ତମ ତୃଷା ନିବାରଣ ପାଇଁ
ମୋ ହୃଦରୁ ଏବେବି ଝରୁଛି
ଅବିଶ୍ରାନ୍ତ ଅମୃତର ଝର...

ଆଜିବି ମୁଁ ସେମିତି ହସୁଛି
ସକଳଙ୍କ ଖୁସିକୁ ସାଇତି
କଂକ୍ରିଟ ଛୁଇଁଲେ ମଧ୍ୟ
ମୋ ଭିତରୁ ଏବେବି ଛୁଟୁଛି
ବନଫୁଲ, ମହୁଲ, ମାଳତୀ, ଗେଣ୍ଡୁ
ଆଦି ଅସରନ୍ତି ଫୁଲଙ୍କ ସୁଗନ୍ଧି...

ISSN NO.
2582-208X

ତମେ ଥରେ ଅନୁରାଗେ ଚାହଁ
ମୋ ହସ୍ତରେ ତମ ପାଇଁ
ସୁଖ-ଶାନ୍ତି-ଶ୍ରୀର ସମ୍ଭାର
ଛାତିରେ ଛାତିଏ ପ୍ରେମ-
ସ୍ନେହ ଶ୍ରଦ୍ଧା ମମତା ମୁଁ
ରଖିଛି ସାଇତି...

ଥରେ ତମେ ମାଗି ଦେଖ
ଛଳନାର ଖୋଳପାକୁ ତେଜି
ତମ ପାପୁଲିରେ ଭରିଦେବି
ଆଞ୍ଜୁଳା ଆଞ୍ଜୁଳା ପ୍ରୀତି...

ତମେ ଥରେ ଫେରି ଆସ ଆଜି
ମଥୁରାର ସବୁ ମୋହ ତେଜି,
ସଜଳନେତ୍ରେ ବ୍ୟାକୁଳତା ଧରି
ମୁଁ ଗୋପ ଆଜି ରହିଛି ଅନାଇଁ
ମୋ ପଲକ ପଡିବା ଆଗରୁ
ମନଭରି ଦେଖିବି ତମକୁ...
ତମ ପାଦ କପାଳରେ
ଦେବି ଚୁମ୍ବନ ଆଙ୍କି
ଜାଣେନା ମୁଁ ମାଆ କି ମାଉସୀ
କେବଳ ଚାହିଁଛି ଧନ
ସରାଗେ ଦେବାକୁ ତମ
ମସ୍ତକ ଆଉଁସି...!!

ଗେଙ୍ଗୁଟିଆ (ତାଳଚେର)
ଅନୁଗୁଳ

ISSN NO.
2582-208X

# ଧୋକା



କାଳପ୍ରସାଦ ମହାପାତ୍ର

କାଳ କଟିଯାଏ ଜଣାଏ ନାହେଁତ
ସମୟ ପଳାଇ ଯାଏ ।
ବିଗ୍ତର କର୍ମଟି କରି ହୁଏ ନାହିଁ
ସମୟଟି ଧୋକାଦିଏ ।

ସଂପତ୍ତିର ଲୋଭ ମନରେ ରଖିଲେ
ଧନ ତ ଅର୍ଜନ ହୁଏ ।
ବିପଦ ବେଳରେ କାମରେ ନ ଲାଗେ
ସଂପତ୍ତିଟି ଧୋକା ଦିଏ ।

ଘରଦ୍ୱାର ସବୁ  ତିଆର କରିଛି
ସୁଖରେ ରହିବା ପାଇଁ ।
ଘରଦ୍ୱାର ଦିନେ ପର ହାତେ ଗଲା
ଧୋକାଦେଲା ସିଏ ଭାଇ ।

ବନ୍ଧୁବାନ୍ଧବଙ୍କୁ  ନଜର କରିଛି
ଆପଦେ ସହାୟ ହେବେ ।

ISSN NO.
2582-208X

ଶେଷ ସମୟେ କେହି ତ ନଥିବେ
ସର୍ବେ ଭାଇ ଧୋକାଦେବେ। ।

ଶରୀରଟି ଆମ ପଂଚ ତତ୍ତ୍ୱେ ଗଢା
ଅତି ନଜର ସିଏଟି ।
ଅବେଳାରେ ଛାଡି ଯିବ ସିଏ ଭାଇ
ବଡ ଧୋକାବାଜ ସିଏଟି। ।

ଜଡ ଶରୀରଟି ମାଟିରେ ମିଶଇ
ଆତ୍ମା ଛାଡିଯାଏ ତାକୁ ।
କେହି କାହାକୁ ଧୋକାଦିଏ ନାହିଁ
ସବୁ ଜଣା ଅଛି ତାକୁ। ।

କର୍ମ କରିଗ୍ଲଲ କର୍ମ ହିଁ ଆମର
ଜଖାତା ଅଟେ ଭାଇ।
କର୍ମ ଊଣାହେଲେ ଜମାଖାତା ଶୁନ
ଧୋକା ପାଇବା ତ ଭାଇ। ।

ଶିକ୍ଷକ, ବନ୍ଧୁଗାଁ,
କୋରାପୁଟ

ISSN NO.
2582-208X

# ଗାଆଁ ଧାନକଟା
# ଛବି



ପ୍ରଶାନ୍ତ କୁମାର ଦାଶ

ନଈ ଆରପାରି ଗହୀରବିଲରେ
ପାଚଲ୍ ଧାନର ଛବି
ଚଷାପୁଅ ଦେଖି ଆନନ୍ଦବିଭୋର
ଉଇଁଯାଏ ସୁଖରବି ।।

ବରଷକ ଫଳ ଖଳାକୁ ଆଣିବ
ଚଷାପୁଅ ମନଖୁସି
ମୁଣ୍ଡେଠେକା ଭିଡି ହାତେଦାଆ ଧରି
ଗୀତ ଗାଇଦିଏ ହସି ।।

ଦୋରସା କ୍ଷେତର ସରସା ଫସଲ
ପୋଛିଦିଏ ଆଖି ଲୁହ
ସକାଳରୁ ସଞ୍ଜ ଧାନକଟା ବୁଢା
ହସ ଭରିଯାଏ ମୁହଁ ।।

ISSN NO.
2582-208X

ଦେଖେ ସେ ସପନ ମନ ଛନଛନ
ଧାନକେଣ୍ଡା ଗଛେ ପାଚେ
ଅତି ମନୋହର ଧାନକଟା ଛବି
ଅଖିଆଗେ ତାର ନାଚେ ।।

ଖଳା ଲିପିପୋଛି ସଫାକରିଅଛି
ଯତନେ ଘରଣୀ ତାର
ଫସଲ ଆସିଲେ ପୁରିବ ଅମାର
ହସିବ ତା ପରିବାର ।।

ଭୁଲେ ଭୋକଶୋଷ ନିରୀହ ମଣିଷ
ଶରୀରର ରୋଗବାଧା
ଧାନକାଟି ବାନ୍ଧି କାନ୍ଧରେ ବୁହାଇ
ଖଳାରେ କରଇ ଗଦା ।।

ନିଗାଡ଼ି ଦେହର ଝାଳ ରକତସେ
ଫସଲ କାଟିଛି ସୁନା
ଦେଇ ସେ ସଭିଙ୍କ ପେଟକୁ ଆହାର
ଦୁଃଖ କରିଦେବ ଚୂନା ।।

କୁଞ୍ଜର ସଙ୍ଗଳାଇ
ପିପିଲି ପୁରୀ
Mobile -9668822190

ISSN NO.
2582-208X

# ଦୁର୍ନୀତିଗ୍ରସ୍ତ ଦେଶଦ୍ରୋହୀ



ଗଜାନନ ମିଶ୍ର

ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ କିରାସିନ ବ୍ୟାରେଲ କିଣା ଦୁର୍ନୀତିରେ ପୂର୍ବତନ ବିଡିଓ ଗଣ୍ଡାଗ୍ରାମ ଖମାରୀଙ୍କୁ ଦୋଷୀ ସାବ୍ୟସ୍ତ କରି ସାଢେ ତିନି ବର୍ଷ ସଶ୍ରମ କାରାଦଣ୍ଡ ଓ ଦୁଇ ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି।

ବଲାଙ୍ଗିର ଜିଲ୍ଲାର ତହସିଲ କାର୍ଯ୍ୟାଳୟ ବେଲପଡାର ସେକ୍ସନ ଅଫିସର ଯୁଗଳ କିଶୋର ରାଉତ ପାଂଚ ହଜାର ଟଙ୍କା ନେଇ ଭିଜିଲାନ୍ସ ଜାଲରେ ।

ଟିକାବାଲି, ଫୁଲବାଣୀର ଲାଇନମେନ କାଲୁଚରଣ ପଲେଇ ବିଦ୍ୟୁତ ସଂଯୋଗ ନିମନ୍ତେ ପାଂଚ ହଜାର ଟଙ୍କା ଲାଂଚ ନେଇ ଧରା ପଡିଲେ ।

ଝାରସୁଗୁଡାର କୃଷି ବିଭାଗର କନିଷ୍ଠ କିରାଣୀ ଅଜୟ ପାଣ୍ଡେ ଚାଷୀଙ୍କ ବୀମା ଅର୍ଥରୁ କୋଡିଏ ହଜାର ଟଙ୍କା ଲାଂଚ ନେଲାବେଳେ ଭିଜିଲେନ୍ସ ହାତରେ ଧରାପଡିଛନ୍ତି ।

ସବୁ ସ୍ତରରେ ଏମିତି ଏମିତି ଆହୁରି ଆହୁରି ଅନେକ ଅନେକ ଦୁର୍ନୀତି ସଂକ୍ରାନ୍ତୀୟ ଘଟଣା ଦେଖିବାକୁ, ଶୁଣିବାକୁ ପାଉଛେ ପ୍ରତ୍ୟହ। ଦେହସୁହା ହୋଇଗଲାଣି ଏସବୁ ଯେମିତି ଆମର। ଯେତେ ଜନ ପ୍ରତିକ୍ରିୟା ହେବା କଥା ହେଉ ନାହିଁ। ବରଂ ଲାଗୁଛି, ଦେଇଦିଅ ପେସ୍କାରକୁ ଦୁଇଶହ ତାରିଖ ପେଶି ଶୀଘ୍ର ହୋଇଯିବ। ଆବାସ ଯୋଜନାରେ ଘରଡିହ

ISSN NO.
2582-208X

ଖଣ୍ଡେ ପାଇଁ ଦେଇଦିଅ ରାଜସ୍ୱ ଅଧିକାରୀଙ୍କୁ ଦଶ ହଜାର ପତିତରୁ ରାରି ଡିସମିଲ ମିଳଯିବ ତୁରନ୍ତ। ରେସନ କାର୍ଡ ପାଇଁ କଛି ଦେବାକୁ ହେବ, ବୁଢାବୁଢୀ ପେନସନ ପାଇଁ ନ ଦେଲେ ନ ଚଳେ। ଜନୈକ ତହସିଲ କର୍ଣୀ କହିଲେ ଖୋଲାଖୋଲି, କଣ କହୁଛନ୍ତ ଆଜ୍ଞା, ତହସିଲରେ ବ୍ଲକ୍ ରେ ଦୁର୍ନୀତି ନ ହେବ ତ ଆଉ ହେବ କୋଉଠି ! ୟାଠୁ ଅଧିକ ପରିମାଣରେ ଦୁର୍ନୀତି ଯାଇ ଦେଖନ୍ତୁ ଶିକ୍ଷା ବିଭାଗରେ, ବିରାର ବିଭାଗରେ, ଡାକ୍ତରଖାନା ରେ! ମିଛ କହିଲେ କହି ହେଉ ନାହିଁ।

ମୋର ପଦବୀ ଅଛି, ମୁଁ ଶକ୍ତିଶାଳୀ, ଯାହା ଯେମିତି ରାହିଁବ କରି ପାରିବି। ଲାଂଚ ନେବି, ଉପରକୁ ଭୋଗ ଚଢେଇବି, ଆମୋଦ ପ୍ରମୋଦ କରିବି, କରାଇବି। କେହି କଛି କରି ପାରିବେ ନାହିଁ। ଆପଣଙ୍କର ଯାହା ଇଚ୍ଛା କରନ୍ତୁ - ଯେ ଥିଲା ଜଣେ ଓଡିଶା ପ୍ରଶାସନକ ଅଧିକାରୀ ଖୁଲୁନଖୁଲା ଘୋଷଣା । ଦେବାନୀ ଅଦାଲତରେ ଜମିର ଆଖ୍ୟା ଅଧିକାର ସ୍ୱାର୍ଥ ଯାହା ନାମରେ ଘୋଷଣା ହୋଇଥାଉ ଜମି ପଂଜିକୃତ ହେଲା ଅର୍ଥ ଖତିୟାନ ହୋଇଯିବ।

ଦୁର୍ନୀତି ବିଭାଗ କେତେ ଲୋକକୁ ଧରିବେ? ଭିଜିଲାନ୍ସ ବିରାରପତି କେତେଜଣଙ୍କୁ ଦଣ୍ଡ ଦେବେ? ଦୁର୍ନୀତି ଏକ ମହାମାରୀ ହୋଇ ଉଭା ହୋଇଛି ଆମ ଆଗରେ ଏବେତେବେଳେ, କୋରି କୋରି ଖାଉଛି ଆମ ଭିତରୁ ଭିତର। କୁଳ କୁଟୁମ୍ବ ଭାସି ଯାଉଛି। ସବୁ ସଦ୍ ଜ୍ଞାନ, ଆଇନ କାନୁନ, ଲୋକପାଳ/ ଲୋକଯୁକ୍ତ, ଭିଜିଲେନ୍ସ କମିସନ, ଅର୍ଥନୈତିକ, କଳାଟଙ୍କା ଆଇନ କାନୁନ, ଅଦାଲତର ରାୟ ଆଦେଶାଦି ସବୁ ନଜ ନଜ ଜାଗାରେ ବେଶ୍ ଶୋଭା ପାଉଛନ୍ତି। ଲାଗୁଛି ଯେମିତି କଛି କାମକୁ ନାହିଁ ।

ଦୁର୍ନୀତିର କାୟା ବଢି ବଢି ରାଲିଛି ଦିନୁଦିନ। ଦୁର୍ନୀତିଗ୍ରସ୍ତ ଅମଲା ଅଫିସରଗଣ ସାଧାରଣ ଲୋକଙ୍କୁ ଡରାଇ ଧମକାଇ ରଖୁଛନ୍ତି ଓ ନଜ ନଜ ସ୍ୱାର୍ଥକୁ ସିଦ୍ଧି କରୁଛନ୍ତି। ସମଗ୍ର ମାନବ ଜାତି ପାଇଁ ଦୁର୍ନୀତି ମାରାତ୍ମକ ହୋଇ ପଡିଛି। ସର୍ବତ୍ର ବିଦେଶୀ ଭାଷାର ବ୍ୟବହାର ଯୋଗୁଁ ସାଧାରଣ ଲୋକେ କଛି ଜାଣି ପାରୁ ନାହାନ୍ତି। ଏମିତି ହେଉ ହେଉ ଦୁର୍ନୀତିରେ ଆମ ଦେଶର ନମ୍ବର ପଂଚାଅଶୀ ହୋଇସାରିଛି। ସୁଇଜରଲାଣ୍ଡର ସାଧୁତା ଆମ ପାଇଁ ମୂଲ୍ୟ ହୀନ। ସିରିଆ, ସୋମାଲିଆ ପରି ପୂରା ବୁଡି ଯିବା ନ ତ ଦୁର୍ନୀତି ଭିତରେ! ଅମୃତ ମହୋତ୍ସବ ପାଳନ କରୁଛେ, ନୂଆ ଭାରତର ସ୍ୱପ୍ନ ଦେଖୁଛେ ଯଦିଓ ! ନରପେକ୍ଷ ଭାବରେ

ISSN NO.
2582-208X

ସତ କଥାଟିଏ କହି ପାରୁ ନେ, ସାହସ ହେଉ ନା । ଯଦିଓ ଆମର ଭାରତୀୟ ସମ୍ବିଧାନ ଆମକୁ ସବୁ ଅଧିକାର ଦେଇଛି । ଆମେ ହନ୍ତସନ୍ତ ନୂଆ ନୂଆ ରୂପର ଚୋରୀ, ଡକାୟତି, ମାରାମାରିରେ । ଏମିତି ସମୟ ଆସିଛି ଯୋଉ ସମୟରେ ପତ୍ନୀ ଖେଳୁଛି ଦୁର୍ନୀତିର ଛପାଛପି ଖେଳ ପତି ସହିତ, ଭାଇ ଖେଳୁଛି ଭାଇ ସହିତ, ବନ୍ଧୁଙ୍କ ଧୋକା ଓ ବିଶ୍ୱାସଘାତରେ ଦିନେ ଜିଇଁଲେ ଦିନେ ମରୁଛୁଁ ଆମେ । କଣ ହେଲାଣି ଆମର ମାଟି, ଆମ ମାଟିର ଶିକ୍ଷା, ସଂସ୍କାର, ପରଂପରା ସବୁ! ବିଦେଶୀ ଶିକ୍ଷାର ପ୍ରଭାବ ନୁହେଁ ତ! ଏ ପରିସ୍ଥିତିରୁ ପାଇବା ନ ମୁକ୍ତି! ଘୋଷଣା କରି ପାରିବା ନ ଦୁର୍ନୀତିଗ୍ରସ୍ତଙ୍କୁ ଦେଶଦ୍ରୋହୀ, ରାଷ୍ଟ୍ରଦ୍ରୋହୀ ? ସମଗ୍ର ଦେଶକୁ ଦେଖିଲାବେଳକୁ ଲାଗୁଛି ମୁଣ୍ଡଟେକ ଗାଳିବାକୁ ହେଲେ କଠୋର ପଦକ୍ଷେପ ନେବାକୁ ହେବ ଯେମିତି ହେଉ ମାନବିକତାର ଦ୍ୱାହୀରେ । ଜୟ ହିନ୍ଦ୍ ।

ତପୋବନ, ଟିଟିଲାଗଡ,
ବଲାଙ୍ଗୀର

ISSN NO.
2582-208X

# ଗୁରୁମହିମା



ମଞ୍ଜୁଲତା ନାୟକ

ଜୟ ଜୟ ଗୁରୁଦେବ
ତୁମ ମହିମା ଅନାଦି ଅନନ୍ତ
ହେ ଗୁରୁ ତୁମେ ପରମତପ
ତୁମବିନା ମୁକ୍ତ ନାହି
ହେ ଗୁରୁ ତୁମେ ପଂରବ୍ରହ୍ମ
ତୁମ ବିନା ଶକ୍ତ ନାହି।।

ଆଜ୍ଞାମାଳ ନେଇ ଆସିଅଛିଧାଇଁ
ଅନାଦି ମଣ୍ଡଳରୁ ମୋ ପ୍ରଭୁ ଦିଅନ୍ତ
ଦେଖା ସକାଳ ଧୂପ ରୁ ସନ୍ଧ୍ୟାଦର୍ଶନ
ଆସିଛି ରେ ମନଧାଇଁ କେତେ ଯେ
ଆସାନେଇ କରିବି ଗୁରୁ ଦର୍ଶନ
ଲଭିଛି ସୁଖ ସମ୍ପଦ। ।

ଅନ୍ଧାର ପଥରୁ ନେଇ ଆଲୋକପାତ
ବୁଣଇ ଜୀବନ ଜୀବିକାର ତୁମରି
ଦାନ ଏ ଜୀବନ ଲାଗିଥାଉ ବିଶ୍ୱ
କଲ୍ୟାଣେ ରହିଥାଉ ସଦା ଭକ୍ତ
ଗୁରୁଜନ-ଚରଣେ
ଜୟ ଗୁରୁଦେବ ଜୟ ଗୁରୁଦେବ
ଗୁରୁ ଚରଣେ ଧାଇ।।

ଯାଜପୁର ରୋଡ
ଜିଲ୍ଲା -ଯାଜପୁର

ISSN NO.
2582-208X

# ଭୋକ



ମହିମା ସାହୁ

ଏ ଭୋକ କେତେ ମାର୍ମକ ସତେ,
ଏହା ଦୈଘ୍ୟ ପ୍ରସ୍ଥ ସୀମା ହୀନ
ସହଜରେ ମେଣ୍ଟନା
କାହାର ପେଟର ଭୋକ ତ ଆଉ କାହାର ଦେହର ଭୋକ
ଗାଁ ଠୁ ସହର, ପିଲାଠୁ ବୁଢ଼ା, ଧନୀ ଠୁ ଗରୀବ
ସବୁରି ପାଖରେ ଭୋକର ଆଶା ।

ଏ ଭୋକ କଷ୍ଟ ଦିଏ, ଯନ୍ତ୍ରଣା ଦିଏ, ଘାଏଲ୍ କରେ
କେତେ କେତେ ମିଛର ବୁଣିଆଦି ଗ୍ଲେଟ ରେ
ଅଟରେ ଭାଙ୍ଗିଯାଏ କେତେ କେତେ ସମ୍ପର୍କ ।
ଏ ଭୋକ ମାଆକୁ ମାଆ, ପିତାକୁ ପିତା,
ଭାଇକୁ ଭାଇ, ଶିକ୍ଷକକୁ ଶିକ୍ଷକ, ପ୍ରେମିକକୁ ପ୍ରେମିକ
କିଛି ବୋଲି କିଛି କହିପାରେନା ।

ଭୋକ ଲାଗିଲେ ମଣିଷର ନିୟନ୍ତ୍ରଣ ବାହାରେ ସବୁକିଛି
ଯେଣୁ ତେଣୁ ଯାହା ନାଇଁ ତାହା ଖାଇଦେବାକୁ ବାଧ ହୁଏ,
ସେଠି ଚଂହେନା ଆଉ କାହାକୁ
ଅନ୍ୟର ଚମଡାକୁ ଗ୍ଲେବାଇଲା ବେଳକୁ,
ସଙ୍କୋଚର ପ୍ରଶ୍ନ ଉଠେନା ।

ଅତିଥି ଅଧ୍ୟାପିକା
ବେଲପାହାଡ଼ କନିଷ୍ଠ ମହାବିଦ୍ୟାଳୟ

ISSN NO.
2582-208X

# କୋଟି ଓଡ଼ିଆଙ୍କ ମଉଡ଼ ମଣି: ଶ୍ରୀଜଗନ୍ନାଥ



ବିକାଶ ନାୟକ

ଶ୍ରୀଜଗନ୍ନାଥ ଓଡ଼ିଶାର ରାଷ୍ଟ୍ରୀୟ ଦେବତା । ଓଡ଼ିଆ ମାନଙ୍କର ଆଧାତ୍ମିକ ଭାବଧାରାର ପ୍ରାଣ କେନ୍ଦ୍ର ।ଏଣୁ ଓଡିଶାର ସଂସ୍କୃତି ହେଉଛି ଜଗନ୍ନାଥ ସଂସ୍କୃତି । ବଳରାମ ଦାସ ମଧ 'ଭାବ ସମୁଦ୍ର 'ରେ ଭାବ ବିହ୍ଵଳତା ପରିପ୍ରକାଶ କରି ଲେଖିଛନ୍ତି :-

''କାହୁଁ ଭିଆଇଲୁ କ୍ଷେତ୍ର ତୋହର
ଚଉଦ ଭୁବନ ମ ବାହାର
ନାଥ ତୋ କ୍ଷେତ୍ରେ ସାନ ବଡ଼ ନାହିଁ
ବ୍ରାହ୍ମଣ ଚଣ୍ଡାଳ ଯେ ସରି ଦୁଇ'' ।

ଓଡ଼ିଶାର ଲୋକ କଥା ଓ ଇତିହାସର ଘଟଣା ପ୍ରବାହର ଐତିହାସିକତା ଅବିଚ୍ଛିନ୍ନ ମନେହୁଏ । କିନ୍ତୁ ସେ ଇତିହାସ ହେଉ କମ୍ବା କମ୍ବଦନ୍ତୀ କିନ୍ତୁ ମନୁଷ୍ୟର ସାମାଜିକ ସାଂସ୍କୃତିକ ମନବୃତ୍ତି ତଥା ଧାର୍ମିକ ଅନୁକରଣରେ ଏକତା ଭାବ ସୃଷ୍ଟି କରିବା ଚନ୍ତନ ସର୍ବଦା ପ୍ରତିଫଳତ । ଭଗବତ ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି "ଯିଏ ଯେଉଁ ରୂପରେ ତାଙ୍କୁ ଖୋଜେ, ସେ ସେହି ରୂପରେ ଲାଭ କରେ" । ସମୁଦ୍ର ଗର୍ଭରେ ହଜାର ହଜାର ନଦୀ ମିଶି ଯାଆନ୍ତି । ଠିକ୍ ସେହିପରି ବିଭିନ୍ନ ଧର୍ମଗତ ମତବାଦ ଏକଭୂତ ହୋଇଯାଇଛି ଶ୍ରୀଜଗନ୍ନାଥ ସଂସ୍କୃତିରେ । ପ୍ରାଚୀନ କାଳରୁ ଜଗନ୍ନାଥଙ୍କୁ କେନ୍ଦ୍ର କରି ଶ୍ରୀ କ୍ଷେତ୍ରରେ ନିର୍ମିତ ହୋଇଛି ବହୁ ସଂଖ୍ୟକ ମଠ । ଅତୀତରେ ଜଗନ୍ନାଥ ମନ୍ଦିରର ପୂଜକ ମାନେ ଗୁରୁ ଶଙ୍କରାଚାର୍ଯ୍ୟ

ISSN NO. 2582-208X


ମଠରେ ଶିକ୍ଷା ଗ୍ରହଣ କରୁଥିଲେ । ବର୍ତ୍ତମାନ ଶ୍ରୀ ମନ୍ଦିରର ପରିସରର ସୌନ୍ଦର୍ଯ୍ୟ କରଣ ପାଇଁ ସରକାର ୭୫ ମିଟର ବ୍ୟାସାର୍ଦ୍ଧରେ ଥିବା ସମସ୍ତ ମଠ କୋଠା ଭାଙ୍ଗି ଦେଇଛନ୍ତି । ଏମାର ମଠ, ଲଙ୍ଗୁଳି ମଠ ଆଦି ୮୦୦-୯୦୦ ବର୍ଷର ପୁରୁଣା । ବହୁ କବି, ଭାବୁକ ଓ ଦାର୍ଶନିକ ଅତୀତରେ ଜଗନ୍ନାଥ ଧାମକୁ ଆସିଛନ୍ତି । ଅନ୍ୟ ଏକ ଉଦାହରଣ ମଧ୍ୟ ନିଆଯାଇପାରେ ଅତିବଡ଼ି ଜଗନ୍ନାଥ ଦାସଙ୍କ 'ସାତ ଲେଉଡି ମଠ 'ଜଗନ୍ନାଥ ଧାମ ନାମରେ ନାମିତ । କାରଣ ସେ ମଠ ଗଢିବା ବେଳେ ସମୁଦ୍ରର ସାତଟି ଲହଡି ପଛକୁ ଫେରିଯାଇଥିଲା । ସେହି ସ୍ଥାନ ହେଉଛି ଜଗନ୍ନାଥ ଧାମ ।

ବୌଦ୍ଧ ତ୍ରିରତ୍ନ ଈଶ୍ୱରଙ୍କୁ ଅନୁଭବ କରିବାର ଏକ ମାଧ୍ୟମ । ଠିକ୍ ସେହିପରି କର୍ମ ମାର୍ଗ, ଭକ୍ତି ମାର୍ଗ ଓ ଜ୍ଞାନ ମାର୍ଗ ପ୍ରଭୁ ଜଗନ୍ନାଥଙ୍କୁ ଅନୁଭବ କରିବାର ଏକ ଏକ ମାଧ୍ୟମ ଅଟେ । ଭାରତ ହେଉଛି ବିଭିନ୍ନତା ମଧ୍ୟରେ ଏକତାର ଦେଶ । ଏ ଦେଶରେ ବିଭିନ୍ନ ଧର୍ମାବଲମ୍ବୀ ଲୋକ ବାସ କରନ୍ତି କିନ୍ତୁ ସମସ୍ତଙ୍କର ଲକ୍ଷ୍ୟ କେବଳ ଏକ ତାହା ହେଉଛି ଈଶ୍ୱର ପ୍ରାପ୍ତି । ଅନ୍ୟ ପକ୍ଷରେ ପ୍ରଭୁ ଜଗନ୍ନାଥ ହେଉଛନ୍ତି ଏକତାର ପ୍ରତୀକ, ସେ ନିରାକାର ବ୍ରହ୍ମ । ଯେଉଁଠି ସର୍ବଧର୍ମ ଏକିଭୂତ ହୋଇଛି ତାହା ହେଉଛି ଜଗନ୍ନାଥ ଧର୍ମ । ଭକ୍ତଗଣ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବିଭିନ୍ନ ରୂପରେ ପୂଜା କରନ୍ତି । ପୂଜା ପଦ୍ଧତି ଓ ବିଧି ବିଧାନରେ ମଧ୍ୟ ବିଭିନ୍ନତା ଦେଖାଯାଏ । ବ୍ରହ୍ମ ପୁରାଣରୁ ଅନୁମିତ ହୁଏ ଯେ, ପ୍ରଭୁ ଶ୍ରୀଜଗନ୍ନାଥ ସର୍ବ ପ୍ରଥମେ ନୀଳ ମାଧବ ରୂପେ ପୂଜା ପାଉଥିଲେ । ପରେ ତ୍ରିମୂର୍ତ୍ତି ଏବଂ ଶେଷରେ ସୁଦର୍ଶନ ଚକ୍ର ଯୁକ୍ତ ହୋଇ ଚତୁର୍ଦ୍ଧା ମୂର୍ତ୍ତି ରୂପେ ପାଉଛନ୍ତି । ଓଡ଼ିଆ ମାଟିରୁ ଜନ୍ମ ଲାଭ କରିଥିବା ରଥଯାତ୍ରା ସାରା ଓଡିଶା ବାସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିଛି । ଓଡିଶାର ପ୍ରତି ପ୍ରାନ୍ତରେ ରଥଯାତ୍ରା ମହାସମାରୋହରେ ପାଳିତ ହୁଏ । ଓଡିଶାର ତଥା ଓଡ଼ିଆ ମାନଙ୍କର ପ୍ରାଣ ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ପର୍ବ କେବଳ ଓଡିଶା ନୁହେଁ ଅନ୍ୟାନ୍ୟ ଦେଶ ବିଦେଶରେ ମଧ୍ୟ ପାଳିତ ହୁଏ । ଜଗନ୍ନାଥ ମହାପ୍ରଭୁ ବିଶ୍ୱ ଦେବତା ଭାବେ ପୂଜିତ । ଅନେକ ତୀର୍ଥଯାତ୍ରୀ ପ୍ରତିବର୍ଷ ବିଦେଶରୁ ରଥଯାତ୍ରା ପରିଦର୍ଶନରେ ଓଡିଶାର ପୁରୀ ଧାମକୁ ଆସିଥାନ୍ତି । ଅନେକ ବିଦେଶୀ ଭକ୍ତ କହିଥାନ୍ତି ଜଗନ୍ନାଥ ମହାପ୍ରଭୁଙ୍କ ଆଶୀର୍ବାଦ ପାଇବା ପାଇଁ ଆସିଛନ୍ତି । ସେମାନେ ଜଗନ୍ନାଥ ସଂସ୍କୃତିକୁ ଅତି ଆଦର ସହକାରେ ଆପଣେଇ ନେଇଥାନ୍ତି । କିଛି ବିଦେଶିନୀ ଜଣେ ଜଣେ ଓଡିଶୀ ନୃତ୍ୟ ଶିଳ୍ପୀ ଏବଂ ଜଗନ୍ନାଥ ସଂକୀର୍ତ୍ତନକୁ ଆପଣେଇ ନିଅନ୍ତି । ସନାତନୀ ନାମକ ଜଣେ ବିଦେଶିନୀ ମହିଳା ଇଟାଲୀର

ISSN NO.
2582-208X

ବାସିନ୍ଦା ହୋଇ ଓଡିଶୀ ନୃତ୍ୟ କଳାକୁ ଆପଣେଇ ନେଇଛନ୍ତି । ତାଙ୍କ ପିତା ମାତା ବୈଷ୍ଣବ ଧର୍ମ ଗ୍ରହଣ କରିଥିବାରୁ ତାଙ୍କ ନାମ ସନାତନୀ ରଖାଯାଇଛି ବୋଲି ସେ ନିଜେ ମତବ୍ୟକ୍ତ କରିଛନ୍ତି ।

ବିଭିନ୍ନତା ମଧ୍ୟରେ ଏକତାର ଭାବନା ସୃଷ୍ଟି କରିବା ହେଉଛି ଜଗନ୍ନାଥ ସଂସ୍କୃତିର ମୁଖ୍ୟ ବୈଶିଷ୍ଟ୍ୟ । ଇଂରାଜୀ ବିଶ୍ୱକୋଷ ବ୍ରିଟାନିକାରେ ଓଡିଶାର ଅର୍ଥ କରାଯାଇଛି ପବିତ୍ର ଭୂଖଣ୍ଡ । ପରଂବ୍ରହ୍ମ ବିଷ୍ଣୁଙ୍କର ଚତୁର୍ଭୁଜରେ ଚାରି ଆୟୁଧ । ଯଥା-ଶଙ୍ଖ, ଚକ୍ର, ଗଦା, ପଦ୍ମ ଇତ୍ୟାଦି । ଏହି ଆୟୁଧ ଗୁଡିକର ନାମ ଅନୁଯାୟୀ ସ୍ଥାନ ଗୁଡିକର ନାମ କରଣ କରାଯାଇଛି । ଯଥା-ଶଙ୍ଖ କ୍ଷେତ୍ର କହିଲେ ପୁରୀ, ଚକ୍ରକ୍ଷେତ୍ର କହିଲେ ଭୁବନେଶ୍ୱର, ଗଦା କ୍ଷେତ୍ର କହିଲେ ଯାଜପୁର ଓ ପଦ୍ମକ୍ଷେତ୍ର କହିଲେ କୋଣାର୍କକୁ ବୁଝାଏ । ଭଗବାନ ବିଷ୍ଣୁ ଜଗନ୍ନାଥଙ୍କ ରୂପରେ ଶଙ୍ଖ କ୍ଷେତ୍ରରେ ବିରାଜମାନ କରିଅଛନ୍ତି । ଶ୍ରୀଜଗନ୍ନାଥ ହେଉଛନ୍ତି ଓଡିଶା ଭୂମିର ଜୀବନ୍ତ ଠାକୁର ତଥା ଜଗତ ପାଇଁ ଏକ ଆଧ୍ୟାତ୍ମିକ ଉପଲବ୍ଧିର ପୃଷ୍ଠଭୂମି । ଭକ୍ତ ଜନର ଭାବରେ ବନ୍ଧା ହୋଇ ରଥଯାତ୍ରା ସମୟରେ ରତ୍ନ ସିଂହାସନ ଶୂନ୍ୟ କରି ବଡଦାଣ୍ଡକୁ ଓହ୍ଲେଇ ଆସନ୍ତି ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମାଆ ସୁଭଦ୍ରା । ତହିଁରେ ଫୁଟି ଉଠେ ଅପୂର୍ବ ଭାଇ ଭଉଣୀ ସ୍ନେହ ମମତାର ବାର୍ତ୍ତା । ପ୍ରଭୁ ମାନେ ବିଜେ ହୋଇଥିବା ରଥ ଆଖି ସାମନାରେ ଗଡିଗଡି ଗଲାବେଳେ ଚତୁଃର୍ଦିଗ ପ୍ରକମ୍ପିତ ହୁଏ ମହା ଆନନ୍ଦରେ । ଭକ୍ତ ମିଶିଯାଏ ଭକ୍ତିର ମହା ସାଗରରେ । ଆଖି ମିଶିଯାଏ ଚକା ଆଖିର ପରିଧି ମଧ୍ୟରେ । ସମସ୍ତେ ରଥ ଭିଡ଼ିବାକୁ ବ୍ୟାକୁଳ ହୋଇଥାନ୍ତି । ରଥ ଦଉଡି ଛୁଇଁଦେଲେ ସବୁ ଇଚ୍ଛା ଓ ଅଭିଳାଷ ପୂର୍ଣ୍ଣ ହୋଇଯିବ । ନିମିଷକେ ଜୀବନ ଧନ୍ୟ ହୋଇଯିବ । ଆଉ ତିନି ରଥର ଚକ ତଳେ ପେଷି ହୋଇଯାଏ ଅଧମ ମଣିଷର ଗର୍ବ, ଅହଂକାର ଓ ଅବିବେକୀ ପଣ । ରଥଯାତ୍ରାରୁ ଦୁଇଟି ବିଷୟ ଉପଲବ୍ଧି କରାଯାଇପାରେ-ରଥଯାତ୍ରା ହେଉଛି ମଣିଷର ଜୀବନ ଯାତ୍ରା ଏବଂ ବାହୁଡ଼ାଯାତ୍ରା ହେଉଛି ମଣିଷର ଶେଷ ବିଦାୟ ବେଳାର ଚେତନା । ମଣିଷ ଏ ପୃଥିବୀରୁ ବିଦାୟ ନେବା ବେଳେ କିଛି ନେଇକି ଆସି ନଥାଏ ଠିକ୍ ଗଲାବେଳେ ମଧ୍ୟ କିଛି ନେଇକି ଯାଇ ନଥାଏ । ଏହା ଟୀକା ଗୋବିନ୍ଦ ଚନ୍ଦ୍ରରେ ମଧ୍ୟ ଉଲ୍ଲେଖ କରାଯାଇଛି । ଯଥା -

ISSN NO.
2582-208X

"ପକାଇ ଆସିବେ ମଶାଣି ଭୂଇଁରେ
ଦୁଆରେ ଦେବେ ଗୋବର
ମଲା ଗଲା ବୋଲି ଦି'ଘଡି କାନ୍ଦିବେ
କେହି ନଯିବେ ସଙ୍ଗର
ଆସିବାର ବେଳେ ଏକାରେ କୁମର
ଗଲାବେଳେ ଯିବୁ ଏକା
ମଲେ ତୋର ସଙ୍ଗେ କେହିତ ନଯିବେ
ଧର୍ମ ଥିଲେ ହବ ସଖା " ।

ଠିକ୍ ଏହି କଥା ହିଁ ଆମେ ମହାବାହୁଙ୍କ ବାହୁଡ଼ାଯାତ୍ରାରୁ ଶିକ୍ଷା ପାଇଥାଉ । ରଥ ଯେପରି ଅଲୋଡ଼ା ହୋଇଯାଏ ଠିକ୍ ସେହିପରି ଦିନେ ଏ ଦେହ ବି ଅଲୋଡ଼ା ହେବ ଏବଂ ଏ ପୁଣ୍ୟ ଧାମରେ ମଣିଷ ଯଦି ପୁଣ୍ୟ ଅର୍ଜନ କରିଥିବ, ତାହେଲେ ବିଲୀନ ହୋଇଯିବ ପରମାତ୍ମାଙ୍କ ଠାରେ-ଏହା ହିଁ ପ୍ରତ୍ୟେକ ପ୍ରତ୍ୟେକ ଓଡିଶା ବାସୀ ତଥା ପ୍ରତ୍ୟେକ ଓଡ଼ିଆଙ୍କ ବିଶ୍ବାସ ବୋଧ । ଜଗନ୍ନାଥଙ୍କ ଠାରୁ ନିଜକୁ ଅଲଗା କରି କେହି ଓଡ଼ିଆ ନିଜର ସମ୍ପୂର୍ଣ୍ଣ ପରିଚୟ ପାଇବା ଅସମ୍ଭବ । ଯଦି କେହି ଓଡିଶାର ଲୋକ ଅନ୍ୟ ରାଜ୍ୟ ତଥା ଅନ୍ୟ ଦେଶକୁ ଯାଏ, ତାହାଲେ ସେ ଜଗନ୍ନାଥ ଧାମରୁ ଆସିଛି ବୋଲି ପରିଚୟ ଦେଇଥାଏ । ଜଗନ୍ନାଥଙ୍କ ବିନା ଆମର ସବୁ କାର୍ଯ୍ୟ ଅସମ୍ପୂର୍ଣ୍ଣ । ସେ କୋଟି ଓଡ଼ିଆଙ୍କ ମଉଡ଼ ମଣି । ଆମର ପ୍ରତ୍ୟେକ ଶୁଭ କାର୍ଯ୍ୟ, ପ୍ରଥା, ପରମ୍ପରା ଓ ପର୍ବ ପର୍ବାଣୀରେ ଶ୍ରୀଜଗନ୍ନାଥଙ୍କ ସମ୍ପର୍କ । ସେ ଦାରୁ ବିଗ୍ରହ ହେଲେ ମଧ୍ୟ ଭକ୍ତର ପାଖେ ପାଖେ ରହି ତାକୁ ସର୍ବ ବିପତ୍ତିରୁ ଘଣ୍ଟ ଘୋଡ଼ାଇ ରଖିଥାନ୍ତି । ସେଥିପାଇଁ ଯଥାର୍ଥରେ କୁହାଯାଇଛି -

"ଦାରୁରୂପୀ ଜଗନ୍ନାଥ ଭକ୍ତାନାଂ ଅଭୟ ପ୍ରଦ"

କଇଁପୁର, ଜାମଦା, ମୟୂରଭଞ୍ଜ
ମୋବାଇଲ ନମ୍ବର- ୭୩୭୭୬୪୭୭୧୦
ଇମେଲ-bikashjmd108@gmail.com

ISSN NO.
2582-208X

# ପ୍ରଳୟର ସମାଧି



ଅଜିତ ପାଢ଼ି

ତୋ ଜୀବନ୍ତ ସମାଧି ଦେଖିପାରୁ ନି ହେ,
ଅଛୁଆଁ ଦେହରେ ସତେ
ପ୍ରେମର ସମାଧି ଲିଭିଯିବ ସତେ
ଜ୍ୱାଳା ର ହୃଦୟରେ ?
କାଷ୍ଠ ଖଣ୍ଡିଏ ତ ଦେଇ ନ ପାରିଲି
ଅଲାଜୁକ ଅଟେ ମୁଁରେ
ନିବିଡ ପ୍ରେମରେ ବାହା ହୋଇଥିଲି
ସମାଧି ଦେବ ତ କିଏ ରେ ?
ମହା ପ୍ରଳୟରେ କେତେ ଝଡ ଝଞ୍ଜା
ବେଦନା ଆସେ ମହୀରେ
ନିଜ ପତ୍ନୀ, ନିଜ ଆତ୍ମୀୟ ପ୍ରେମକୁ
ଅଛୁଆଁ ଭାବିଲି ମୁଁରେ
ସଚ୍ଚାପ୍ରେମ ନୁହେଁ ତ ଇଏ ରେ ?

ISSN NO.
2582-208X

ନିବିଡ ପ୍ରେମ ତ ଅଛୁଆଁ ହୋଇଲା
ପ୍ରେମିକା ପ୍ରେମ ତ ଅପ୍ରେମ ହୋଇଲା
ମୁଖାଗ୍ନି ଦେବ ତ କିଏ ରେ ?
ସଚ୍ଚା ପ୍ରେମ ଯଦି ଶବ ହୋଇଗଲା
ମୁଖାଗ୍ନି ଦେବ ତ କିଏ ରେ ?
କରୋନା ଝଡରେ ପାଗଳ ପ୍ରାୟେ ରେ
ସମାଧି ଦେବ ତ କିଏ ରେ ?

ଘାସିର୍‌ାମ ମାଝୀ ହାଇସ୍କୁଲ, ନୂଆଗାଁ

ISSN NO.
2582-208X

# ଜୀବ ଧର୍ମ



ମନୋରଞ୍ଜନ ସୁରୁଜାଲ

ମନୁଷ୍ୟ ଜୀବନ ନୁହେଁ ମୂଲ୍ୟହୀନ
ଗୁରୁଙ୍କୁ ପୂଜ ହେ ନର,
ପାଦପଦ୍ମ ବିନୁ ଆନ ଗତି ନାହିଁ
ଧର ଶ୍ରୀଗୁରୁ ପୟର ।
ଗୁରୁ ପରମ୍ପରା ଖଞ୍ଜିଛନ୍ତି ଧାତା
ଯେମିତି ଆହୁଲା ତରୀ,
ସେ ପାଦ ପଙ୍କଜେ ରଖ ଚିତ୍ତବୃତ୍ତି
ଭବ ସିନ୍ଧୁ ହେବ ପାରି ।
ମଣିଷ ଜୀବନ ନୁହଇ କେବଳ
ଆପଣା ର ଚିନ୍ତା ପାଇଁ,
ପର ପ୍ରୀତି ଅର୍ଥେ ଭସାଅ ପରାଣ
ସଂସାର ପଡବ ନଇଁ ।
ସକଳ ଘଟରେ ପୁରି ସମାନରେ
ବିଭେଦ ନ ରଖ ତିଳେ,
ଅମୃତ ସିନ୍ଧୁର ଆମେ ବିନ୍ଦୁ ବିନ୍ଦୁ
ସଂସାର ଅଥଳ ଜଳେ ।

ISSN NO.
2582-208X

ଜଳ ହିଁ ଜୀବନ ତହୁଁ ବଳି ତେଜ
ପବନରେ ଆତଯାତ,
ଫଳ ଫୁଲ ଜଳ ଛାୟା ବୃକ୍ଷ ତଳ
ପର ପାଇଁ ଯେହୁ ଜାତ ।
ବାରେ କି ପବନ ଭଲ ଅବା ମନ୍ଦ
ବହଇ ଆନନ୍ଦେ ସଦା
ପୁତିମୟ ନର୍କ ଅବା ଶୁଦ୍ଧ ସ୍ଥାନ
ନାହିଁ ତାକୁ ତହିଁ ବାଧା ।
ଦିବ୍ୟାଲୋକ ଧାରା ଢାଳନ୍ତି ମେଦିନୀ
ଉଜ୍ଜ୍ୱଳ ହୁଅଇ ଧରା
ଅଂଶୁମାଳୀ ପରି ହେଲେ ଗୁଣବନ୍ତ
ହସିବ ଏ ବସୁନ୍ଧରା ।
ପର ହିତ କାମି ସଜାଅ ନିଜକୁ
ଆପଣା ଧର୍ମ ନ ଭୁଲି,
ସତ୍ୟର ସନ୍ଧାନ କର ମୁଢ଼ ମନ
ଜଳୁଛି ମରଣ ଚୂଲି ।
ପର ପାଇଁ ସଦା ବ୍ୟଥିତ ପରାଣ
ଅମରତ୍ୱ ଲଭେ ଦିନେ,
ସେ ସତ୍ୟ ପଥରେ ଚଲାଅ ମତିକି
ଭେଟହେବେ କୁଞ୍ଜବନେ ।

ଆଇଁଲାପାଲି, ଧମା, ସମ୍ବଲପୁର

ISSN NO.
2582-208X

# ମୋବାଇଲ ମୋର ରୁଷିଛି

ଅପର୍ଣ୍ଣି ସେଠୀ

(ରମ୍ୟ କବିତା)

ମୋବାଇଲ କାହିଁ ମୋବାଇଲ୍
ଯେବେ ମୁଁ ଖୋଜିଚାଲିଛି,
ମୋବାଇଲ କିନ୍ତୁ ମୋଘର କୋଣରେ
ମନମାରି ବସିଅଛି ।
କାହିଁକି ରେ ବାବୁ ରୁଷିଛୁ ମୋ ଧନ
କହିଦେବୁ କି ହେ ମତେ,
ଭାବିଛୁ କି ତୁହି ତୋତେ ଛାଡିଦେଇ
ବଞ୍ଚି ପାରିବିକି ସତେ ? ?
ମୋବାଇଲ କହେ ମୋଦ୍ୱାରା ତୁମେ
କବିତା ପଠାଉଅଛ,
କଲମର ଭଲ ପ୍ରଶଂସା କରୁଛ
ମୋତେ କିବା ପଚାରୁଛ ?
କିଏ ଫେସବୁକ କିଏ ହ୍ୱାଟସଫ୍
ଗ୍ରୁପ୍ କରି ତିଆରି,
ବସେଇ ଉଠେଇ ଦେଉନାହଁ ମୋତେ
ଘଷୁଅଛ ମନଭରି ।
ମୋ ମାଧ୍ୟମରେ କଥା ହେବା ଦ୍ୱାରା
ସମୟ ବଞ୍ଚାଉଅଛ,
ଗାଡିର ପେଟ୍ରୋଲ ପୁଣି ବି ସଞ୍ଚୁଛ
ବାବୁ ଆଡ୍ଡା ମାରୁଅଛ ।
ତରକାରୀ ଶାଗ ଗାଆଁ ରେ ଯେମିତି

ISSN NO.
2582-208X

ବଣ୍ଟା ବଣ୍ଟି ହୋଇଥାଏ,
ଧନ୍ୟବାଦ ତୁମ ଭିତରେ ସେଭଳି
ଦିଆନିଆ ହୋଇଥାଏ।
ତୁମହାତେ କିଏ ମିଠାଟିଏ ଦେବ
ଅନ୍ୟକୁ ଖୋଇବା ପାଇଁ,
ନିଜେ ଦେଉଥିବ ଖାଉ ତ ନଥିବ
କେମିତି ଲାଗିବ ଭାଇ ?
ଧନ୍ୟବାଦଗୁଡା ମୋ ଦ୍ୱାରା ଯାଏ
ମୋଭାଗ୍ୟରେ ପଡେନାହିଁ,
ମୋବାଇଲତୋତେ ଧନ୍ୟବାଦ ଦେଲି
ଏକଥା କହେ କି କେହି ?
ସୁନ୍ଦର କବିତା ନିଅ ଧନ୍ୟବାଦ
ରାତି ଭରି ଶୋଉନାହଁ,
ମୋବେଳକୁ କିନ୍ତୁ କାହିଁକି ଏମିତି
ସୁପର୍ କଞ୍ଜୁସ୍ ହୁଅ ?
ହଁ, ରାଗିବି ଯଦି ମୁଁ ତୁମ ଫୋନ୍ କଲ୍
ଅନ୍ୟ ଆଡେ ଲଗୋଇବି,
ବୁଢ଼ୀ, ଦରବୁଢ଼ୀ, ମାଇପିଙ୍କ୍ଠାରୁ
ଗାଳି ପୁଳା ଶୁଣେଇବି ।
ଧନ ମୋବାଇଲ ଆଉ ରାଗ ନାହିଁ
ଅଛି ତୋ ଅପର୍ତ୍ତି ଭାଇ,
ଏତେ ଧନ୍ୟବାଦ ଦେବି ମୁହିଁ ତୋତେ
ରଖି ତୁ ପାରିବୁ ନାହିଁ ।
ଗୀତଟିଏ ଲେଖି ତୋହ ପାଇଁ କାଲି
ଧନ୍ୟବାଦ ଜଣାଇବି,
ହେଲେତୋ ଫାଦର ମାର୍ଟିନ କୁପର୍ଙ୍କୁ
ଆଜି ଧନ୍ୟବାଦ ଦେବି ।

ISSN NO.
2582-208X

ବିଂଶ ଶତାବ୍ଦୀର ଅଦ୍ଭୁତ ଯନ୍ତ୍ରଟି
ମୋବାଇଲ ଜନ୍ମକଲେ,
ସାରା ଦୁନିଆଁକୁ ମଣିଷ ବାନ୍ଧିଲା
ନିଜର ହାତ ମୁଠାରେ ।
ପୁଣି ଧନ୍ୟବାଦ ଦେବାକୁ ମୁଁ ଚାହେଁ
ଇଣ୍ଟରନେଟ କମ୍ପାନୀଙ୍କୁ,
ଅନ୍ଲାଇନ୍ ଇଣ୍ଟରନେଟ୍ ସେବା ଦେଇ
ଋଣୀ କରିଲେ ଆମକୁ ।
ଆହୁରି ମୁଁ ବେଶୀ ଧନ୍ୟବାଦ ଦେବି
ବିଜୁଳି ଉତ୍ପାଦକଙ୍କୁ,
ବିନା କରେଣ୍ଟରେ ଅଖଚକ ବନ୍ଦ
ଜଣା ଏହା ସମସ୍ତଙ୍କୁ।
ଜଣାଇବି କୋଟି କୋଟି ଧନ୍ୟବାଦ
ସେଇ ବିଶ୍ୱ ନିୟନ୍ତାଙ୍କୁ,
ବୈଜ୍ଞାନିକଙ୍କୁ ସେ ଜନ୍ମ କରିଛନ୍ତି
ଯନ୍ତ୍ର ପାତି ଗଢ଼ିବାକୁ ।
ପୁଣି ଧନ୍ୟବାଦ ବଳିଆ ଠାକୁର
ତୁମରି କରୁଣା ଥାଉ,
କବିର କଲମ ସମାଜ ହିତରେ
ଆଗକୁ ଦଉଡୁଥାଉ ।

ପାଳକଣା, କୋରେ୍, କେନ୍ଦ୍ରାପଡ଼ା
ମୋ - ୭୮୯୪୩୯୮୫୦୦

ISSN NO.
2582-208X



# ଗପ ହେଲେ ବି ସତ



ଅମରନାଥ ବାରିକ

ଆମେମାନେ ସମସ୍ତେ ଜାଣିଛନ୍ତି ସୁଖ ଓ ଦୁଃଖକୁ ନେଇ ଜୀବନର ନାଟକ ଆରମ୍ଭ ହୋଇଥାଏ । କଛି ଯନ୍ତ୍ରଣାକୁ ଭୁଲି ଯାଆନ୍ତି ତ କଛି ଯନ୍ତ୍ରଣାକୁ ଛାତି ତଳେ ଗୁପି ରଖନ୍ତି । ଆଉ କଛି ସ୍ମୃତି ଓ ଅନୁଭୂତି ହୋଇଯାଏ କନ୍ତୁ ମୁଁ ଜଣେ ଏମିତି ମହିୟସୀ ମହିଳାଙ୍କ ବିଷୟରେ କହୁଛି ଯାହା କେଉଁ ଗ୍ରନ୍ଥ ଉପନ୍ୟାସରେ ନଥିବ ଏବଂ ତାଙ୍କ ପାଖରେ ସଂସାରର ସବୁ ଦୁଃଖ ହାର ମାନଛି ।

ସାତ ବର୍ଷ ଓ ପାଞ୍ଚ ବର୍ଷ ବୟସର ଦୁଇଟି ଅବୋଧ ଶିଶୁଙ୍କୁ ସମ୍ଭାଳିବା, ତାଙ୍କର ପିନ୍ଧିବା ନାଇବା ଖାଇବା ଏମିତି ଅଳି ଅର୍ଦ୍ଦଳି ସାମନା କରିବା ଓ ତା' ସହିତ ଘରଟା ଯାକର କାମଧନ୍ଦା ସବୁ ନିଜେ କରୁଥାଏ ଅରୁନ୍ଧତୀ ।

ଦୁଃଖ ସହି ନପାରି କେତେବେଳେ କେମିତି ପଡ଼ୋଶୀ ମାନେ ଆସି ସାହାଯ୍ୟ କରିଦିଅନ୍ତି । ନହେଲେ ଅରୁନ୍ଧତୀକୁ ସବୁ କରିବାକୁ ପଡ଼େ । ସୂର୍ଯ୍ୟଙ୍କ ଉଦୟ ହେବା ପୂର୍ବରୁ ଶେଯ ତ୍ୟାଗ କରି ଯାବତୀୟ କାମ ସାରିଥାଏ । ବେଳେବେଳେ ନିଜେ ଭୋକ ଓପାସରେ ରହି ଆଖିର ଲୁହକୁ ପିଇ ରାତି ବିତାଇ ଦିଏ ସିନା, ସେ ପିଲା ଦୁଇଟିଙ୍କୁ କିଛି ଦୁଃଖ ଜାଣିବାକୁ ଦିଏନ। ସେମାନେ ବା କ'ଣ ଜାଣନ୍ତି ଅଭାବ ଅନାଟନର ଅର୍ଥ ! ତାଙ୍କୁ ଯେମିତି ଯାହା ହେଉ ବାରିଘରରୁ ଶାଗ ମାରିଚ ଆଣି ଏଣୁ ତେଣୁ କରି ଖୁଆଇ ଦିଏ । ଗାଁକୁ କେହି ଜଣେ ଫେରିବାଲ୍ ଆସିଲେ, ଗାଁ ପିଲ୍‌ମାନେ ତାଙ୍କ ଘରୁ ପଇସା ଆଣି ଚୁଟୁରୁ ମୁଟୁରୁ ଖାଇଥାନ୍ତି । ସେତେବେଳେ ଏ ଦୁଇଟି ବାଳକ ଅଝଟ କରିଥାନ୍ତି ଅରୁନ୍ଧତୀ ପାଖରେ । ହେଲେ ଟଙ୍କେ

ISSN NO.
2582-208X

ଆଠଣା ସବୁ ପୁରୁଣା ବାକ୍ସ ଆଟାଚ ଟିଣା ପର୍ଯ୍ୟନ୍ତ ଅଣ୍ଡାଳ ଥାଏ ଅରୁନ୍ଧତୀ । କାଳେ ବାପା ବୋଉ କିଛି ରଖି ଯାଇଥିବେ । ହେଲେ କିଛି ମିଳେନାହିଁ । ସେ ପିଲା ଦୁଇଙ୍କର ବିକଳ ମୁହଁକୁ ଚାହିଁ ଆଖିରୁ ଦୁଇ ଟୋପା ଲୁହ ଝରାଇ ଦିଏ ଅରୁନ୍ଧତୀ ।

ବାପାଙ୍କ ଯିବାର ଛଅ ମାସ ଭିତରେ ମା' ବି ଛାଡ଼ି ଚାଲି ଯାଇଥିଲେ ଆରପାରିକୁ । ମାତ୍ର ଏଗାର ବର୍ଷ ବୟସର କୁନ ଝିଅ ଅରୁନ୍ଧତୀ ଦୁଃଖର ବୋଝକୁ ମୁଣ୍ଡେଇ ଚାଲିଥିଲା । ତା'ର ଛୋଟ ଛୋଟ ଦୁଇ ଭାଇଙ୍କୁ ମଣିଷ କରିବା ପାଇଁ ଆପଣେଇ ନେଲା ଦୁଃଖକୁ । ସପ୍ତମ ଶ୍ରେଣୀରେ ପଢିବା ସମୟରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା ତା'ର ପାଠ ପଢ଼ାରେ । ଦୁଇ ଭାଇଙ୍କର ଭବିଷ୍ୟତକୁ ଦୃଷ୍ଟିରେ ରଖି ଆରମ୍ଭ କରିଥିଲା ଛୋଟ ଏକ ବ୍ୟବସାୟ । ଗାଁ ଠାରୁ ଅଳ୍ପ କିଛି ଦୂରରେ ଥିଲା ଏକ ବଜାର । ସେଠାରୁ କିଛି ସଉଦା ବାକରେ ଆଣି ବିକ୍ରି କରେ ଗାଁରେ । ସେଥିରୁ କିଛି ଲାଭ ରଖି ବାକି ପଇସା ସୁଝି ଦିଏ । ଏମିତି କରି ସେ ପରିବାର ସମ୍ଭାଳି ଥିଲା । ତା' ସଙ୍ଗେ ସଙ୍ଗେ ପିଲାମାନଙ୍କୁ ପାଠ ପଢ଼ାଇ ଉଚିତ ମାର୍ଗ ଦେଖାଇ ଥିଲା । ତା'ର ଏମିତିକା ସ୍ୱଭାବ ଦେଖି ଗ୍ରାମବାସୀ ମାନେ ବଡ଼ ଆଦର କରୁଥିଲେ । ବଡ଼ ହେବା ପରେ ପରବର୍ତ୍ତୀ ସମୟରେ, ସେହି ଗାଁର ନିକଟବର୍ତ୍ତୀ ବସ୍ତିରୁ ଆସିଥିଲେ ଜଣେ ଧନୀ ଲୋକ ଅରୁନ୍ଧତୀକୁ ବୋହୂ କରି ନେବା ପାଇଁ । କାରଣ ତାଙ୍କୁ ଜଣା ଥିଲା ଯେ ଅରୁନ୍ଧତୀ ଜଣେ ଝିଅ ନୁହେଁ ସେ ହୀରାଟିଏ । କାହିଁକି ନା ଯାହା ସେ କରି ଦେଖାଇଛି ହୁଏ ତ କେଉଁ ମା' ଏମିତି କରି ପାରିବ ନାହିଁ । ମାଛି କୁ ମ ବୋଲି କେବେ କୁହେ ନାହିଁ । ଚାଳ ଫଟା ଅଛି ନାହିଁରେ ଦିନ ବିତାଇ, ନିଜ ଗୋଡ଼ରେ ନିଜେ ଛିଡ଼ା ହୋଇ ପାରିଛି । ଜୀବନର ପ୍ରକୃତ ଅର୍ଥ କ'ଣ ତାହା ଅରୁନ୍ଧତୀ ଜାଣିଛି । ଦୁଃଖ ଯନ୍ତ୍ରଣା କୋହକୁ ସାମନା କରିପାରିଛି । ଶେଷରେ ଶାଶୂଘରକୁ ଯାଇ ଏହା ପ୍ରମାଣିତ କରି ପାରିଛି କି "ଦୁହିତା ଦୁଇ କୁଳକୁ ହିତା" ।

ସତରେ ଅରୁନ୍ଧତୀର ଏହି ଜୀବନ କାହାଣୀଟି କେଉଁ କାହାଣୀ କି ଗଳ୍ପ ନଥିଲା, ।ଥିଲା ଏକ ସତ୍ୟ ଘଟଣା, ଯାହାକୁ ଲୋକଲୋଚନକୁ ଆଣିବା କର୍ତ୍ତବ୍ୟ ଭାବିଲି ।

କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

ISSN NO.
2582-208X

# ଘର ଜୋଇଁଆର ଦୁଃଖ



ଜୟନ୍ତ କୁମାର ମଲ୍ଲିକ୍

ଆମ ଗାଆଁ ଛାଡ଼ି ଶଶୁର ଘରେ ମୁଁ
ଘରଜ୍ୱାଇଁ ହୋଇ ରହିଲି
ଶାଶୂ ଆଉ ନିଜ ଭାରିଯା ଠାରୁ ତ
ଯାତନା ଯେତେକ ସହିଲି ।
କଥା କଥାକରେ ଛାଞ୍ଚୁଣୀରେ ପିଟା
ମତେ ଗୋରୁଗାଈ ଭଳିଆ
ବାସନ ମାଜଇ ତାଙ୍କରି କଥାରେ
ସଫାକରେ ଘର ଅଳିଆ ।
ଶାଶୂବୁଢ଼ୀ ସିଏ ସ୍ୱାମୀକୁ ଖାଇଛି
ଏବେ ମତେ ନିଶ୍ଚେ ଖାଇବ
କୁକୁର ଭଳିଆ ଏଠି ପଡ଼ିଅଛି
ପଦାକୁ ଦେଖାଏ ସାହିବ ।
ଘରକୁ ଯିବାକୁ ଚାହିଁଲେ ଛାଡ଼େନା
ମାଆକୁ ଦେଖିବା ପାଇଁକି
ରୋଗୀଣା ମାଆର ଲୁହ ଶୁଖିଗଲା
ମତେ ନିତି ଚାହିଁ ଚାହିଁକି ।

କାହିଁକି ହୋଇଲି ଘରଜ୍ୱାଇଁ ଏଠି
ବସିବସି ଆଜି ଭାବୁଛି
ମୁଣ୍ଡ ଉଠେଇଲେ ଉପରକୁ ଟିକେ
ଭାରିଯା ତଳକୁ ଦାବୁଛି ।

ଶୂରଡିହ, ନନ୍ଦିପୁର, ଯାଜପୁର
ଆଳାପ:~୯୪୩୭୮୬୫୭୨୭

ISSN NO.
2582-208X

# ହେ କୃଷ୍ଣ



ଚୈତନ୍ୟ ବାଗ

ଆହେ କୃଷ୍ଣ ତୁମେ ଆହେ ଅନ୍ତର୍ଯ୍ୟମୀ
ସର୍ବଜ୍ଞନୀ ପରା ତୁମେ
ସବୁ ଜାଣି ପ୍ରଭୁ ଏକି କିମ୍ପା କଲ
ଭାଲୁଅଛି ତାହା ମନେ ।

ଦଶ ମାସ ଦଶ ଦିନ ଗର୍ଭେ ଧରି
ମାତା ଦେବକୀ ତୁମର
ପୁତ୍ର ଅଳି ଅଝଟ ଦେଖି ନ ପାରିଲା
କେଉଁ ଦୋଷ ଥିଲା ତାର ।

ଗୋପପୁର ଛାଡି ଚାଲି ଯିବା ଶୁଣି
କାନ୍ଦୁଥାଏ ମା ଯଶୋଦା,
ଅକ୍ରୁର ରଥରେ ବସାଇ କାହ୍ନୁକୁ
କେମିତି କରିବ ବିଦା ।।

ପ୍ରେମ ରେ ପାଗିଲୀ ସଜାଇ ରାଧାକୁ
କିମ୍ପା କରୁଅଛ ପର,

ISSN NO.
2582-208X

ଦିବାନିଶି ତୁମ କଥା ଭାବୁଅଛି
କାନ୍ଦ୍‌ଇ ତାର ଅନ୍ତର ।।

ମଥୁରା ନରେଶ କର୍ଣ୍ଣ ମହାରାଜା
ଥିଲା ପରା ତୁମ ମାମୁ
ନିଜ ମାମୁକୁ କିପରି ବଧିଲ
ନ ଥରିଲା ତୁମ ତନୁ ।

ନିଜ ବଂଶଜ କୁ କୋକୁଆ ଭୟେ
ବଧ କଲ ନାରାୟଣ
ସବୁ ଜାଣି ପ୍ରଭୁ କିମ୍ପା ଏକି କଲ
ଜଗି ଉଠେ ମନେ ପ୍ରଶ୍ନ ।।

ଚଚଆ, କଳାହାଣ୍ଡି

ISSN NO.
2582-208X

# ଅଚହ୍ନା ବନ୍ଧନ

(ଧାରାବାହିକ)



ଜୟଲକ୍ଷ୍ମୀ ସେଠୀ

ସାତଦିନ ସରିଯାଇଛି । ଇନ୍ଦୁମତୀକୁ ପୁଣି କଲିକତା ଯିବାକୁ ହେବ । ବିକାଶବାବୁ ବୀଣାର ବାହାଘର ପାଇଁ ବ୍ୟସ୍ତ ଅଛନ୍ତି । ଆସିପାରିବେ ନାହିଁ ବୋଲି ଖବର ଦେଇଛନ୍ତି । ଜଗନର ମଧ ଅଫିସରୁ ଫୋନ ଆସିବାରୁ ସେ ମଧ ଭୁବନେଶ୍ୱର ଗ୍ଲିଯାଇଛି । କଏ ନେଇ କରି ଯିବ କଲିକତାକୁ ସିଦ୍ଧେଶ୍ୱରବାବୁଙ୍କର ଭାବିଲେଣି ପଡିଗଲା । ଶଶୁରଙ୍କର ବ୍ୟସ୍ତତା ଦେଖି ସୁନନ୍ଦା କହିଲା, ବାବା ଆମେ ଦୁଇଜଣ ମିଶି ମାଆଙ୍କୁ କଲିକତା ନେଇଯିବା । ସେଠାରେ ଅମନ ତ ଅଛି । ସେ ସବୁ ଠିକ୍ ଠାକ୍ କରିଦେବ ।

ସିଦ୍ଧେଶ୍ୱରବାବୁଙ୍କ ମନକୁ ପାଇଲା ଠିକ୍ ଅଛି । କାଲି ସକାଳୁ ସକାଳୁ ଆମେ ଯିବା । ଉପାୟ ବି ଆଉ କଛି ନାହିଁ ।

ବଡସାହିର ମାଧବବାବୁ ଡାକ ପକାଇଲେ । କ ହୋ ମାଷ୍ଟ୍ରେ ମନ ଭଲ ନାହିଁକ? ଏମିତି ଚନ୍ତାରେ ବସିଛନ୍ତି । ପୂଜାର ମାଆ ଦେହ ଭଲ ଅଛିତ? ନା ମାଧବ ବାବୁ । କାଲି କଲିକତା ନବାକୁ ପଡିବ ବ୍ୟାଣ୍ଡେଜ ଖୋଲା ହେବ । ଆଖିର ଅବସ୍ଥା ଦେଖିବାକୁ ପଡିବ । ଆଉ ଔଷଧ ବି ଆଣିବାକୁ ପଡିବ । ଠିକ୍ ଅଛି ଏଥିରେ ବ୍ୟସ୍ତ ହେବାର କଣ ଅଛି? ମାଧବବାବୁ କହିଲେ । ପୁଅଟା ହଠାତ୍ କାମ ପଡିଲା ଭୁବନେଶ୍ୱର ଗ୍ଲିଗଲା । ଆମେ ଦୁଇ ପ୍ରାଣୀଙ୍କୁ ନେଇ ବୋହୂଟା କଲିକତା ଯିବ କହୁଛି । ଶାଶୁ, ବୋହୂ ମୁଁ କେମିତି କଣ ଯିବୁ ଭାବୁଥିଲି, ଏତେଗୁଡାଏ ବାଟ ।

ISSN NO.
2582-208X

ଆପଣଙ୍କ ବୋହୂ ତ ଭୁବନେଶ୍ୱର ଝିଅ । ବେଶୀ ଗ୍ଭଲାକ ଅଛି, କଛି ଅସୁବିଧା ହେବନାହିଁ । ଆପଣ ଅବହେଳା ନକରି କଲିକତା ନେଇଯାଆନ୍ତୁ । ସେଠାରେ ତ ଅମନ ଅଛି । ଆଉ ଡରୁଛ କଆଁ । ହଁ ସେଇୟା କରିବାକୁ ପଡିବ ।

ସୁନନ୍ଦା ଭୋରୁ ଭୋରୁ ବାହାରି ପଡିଲା । ଦୁଇ ଜଣଙ୍କୁ ଗ୍ଭ ବଢେଇ ଦେଇ ସବୁ ବ୍ୟାଗକୁ ନଜେ ନେଇ ଗାଡିରେ ରଖିଦେଲା । ଏଇ କେତେ ଦିନ ହେଲା ସେ ଆମକୁ ଅଧିକ ଆପଣା କରିନେଇଛି । ଦେଖିଲେ ବିକଳ ଲାଗୁଛି ଯେମିତି ଗୋଟେ ଅପରାଧୀ ହୋଇଯାଇଛି । ଏତେ ବଡ ଘରର ଝିଅ । ଯିଏ ଜୋତା ଲଗାଇବା ପରେ ଚଲାବୁଲା କରେ ଗୁରୁବାର ଆମିଷ ଖାଇବାକୁ ପଛାଏ ନାହିଁ, ସେ ପୁଣି ଏମିତି ବଦଳଗଲା କେମିତି ? ସବୁ ସେହି ଦଧିବାମନଙ୍କ ଇଚ୍ଛା, ତାଙ୍କରି ଇଚ୍ଛା ହିଁ ମଙ୍ଗଳ । ଏମିତି ଭାବୁଭାବୁ କଲିକତା ପହଞ୍ଚିଗଲେ । ଦିନ ଦୁଇଟା ହେବ, ଅମନ ଗୋଟେ ଅପରେସନରେ ରହିଯାଇଥାଏ । ସୁନନ୍ଦା ଓହ୍ଲାଇପଡି ଶାଶୁ ଶଶୁରଙ୍କୁ ନେଇ ଅମନଙ୍କ ଚ୍ୟାମ୍ବରରେ ବସାଇଦେଲା ।

ସୁନ୍ଦର ମେଡିକାଲ, ଯାଇ ବୁଲିପାରିବି ବାବା ?

ହଁ...ହଁ ଯାଆ, ସୁନନ୍ଦାକୁ ସିଦ୍ଧେଶ୍ୱରବାବୁ କହିଲେ ।

ସୁନନ୍ଦା ବାହାରକୁ ବାହାରି ଆସି ସବୁ ରୁମ୍ ରେ ଦେଖୁଥାଏ । ରୋଗୀମାନେ କପରି ଡହଳ ବିକଳ ହେଉଛନ୍ତୁ କଏ କଏ ଶାନ୍ତିରେ ଶୋଇ ଯାଇଛନ୍ତୁ । କାହାକୁ ସାଲାଇନ୍ ଲାଇଛି । ଏମିତି ଅନେକ । ଗୋଟେ ରୁମ୍ ରୁ ବିକଳ କ୍ରନ୍ଦନ ଶୁଭିଲା । କଛି କଥା ମଧ୍ୟ ଗ୍ଭଲୁଥାଏ । କାନ ଡେରି ସୁନନ୍ଦା ଅଟକଗଲା ସେହିଠାରେ । କଣ ହୋଇଛି କ ? ମନରେ ବହୁତ ଆଗ୍ରହ ସୃଷ୍ଟି ହେଲା ତାର ।

ସ୍ତ୍ରୀ ଲୋକ ଜଣକ କହି ଗ୍ଭଲିଥିଲେ । ଭୁଲିବାର ଥିଲା ଯଦି ଆପଣାର କାହିଁକ କରୁଥିଲେ କହ୍ନେଇ ଭାଇ ? ମୁଁ ଆଉ ସହିପାରୁନାହିଁ । ସମୟ ସରି ଆସିଲାଣି । ମତେ ତାଙ୍କ କୋଳରେ ଶୋଇବାକୁ ବେଶୀ ଇଚ୍ଛା କୁହ..... ଜୀବନର ଅଧା ବାଟରେ ଛାଡି ଗ୍ଭଲିଗଲେ ଯେ, ଏ ଯାଏ ହୃଦୟର ବିରହ ନଆଁ ଜଳୁଛି । ବଞ୍ଚିଛି ତାଙ୍କରି ପାପକୁ ଉପଯୁକ୍ତ ମଣିଷଟିଏ ଗଢି ତୋଳବାକୁ । ପ୍ରତୀକ୍ଷା ଅସହ୍ୟ ଲାଗିଲାଣି ହହ୍ନେଇ ଭାଇ । ଆଉ ସହିପାରୁନାହିଁ । ମୋ ପାଇଁ ଆଜି ସକାଳ ସନ୍ଧ୍ୟା ସମାନ ହୋଇଯାଇଛି । ଏମିତି ପାପ କରିଛି ଯେ ଭଗବାନ ବି

ISSN NO.
2582-208X

ଛାଡିଲେନ । ବ୍ଲଡ କେନସର ପରି ରୋଗରେ ଘାଣ୍ଟୁଛନ୍ତ । ଟିକଏ ଶୁଣିବ କହ୍ନେଇ ଭାଇ । ଜଗନକୁ ଖବର ଦେବ । ତାଙ୍କ ସନ୍ତକକୁ ଦେଇ ମୁଁ ଆରପାରିକୁ ଚାଲିଯିବି ମୋ ପାଇଁ ଏତିକ କରିପାରିବ । ତୁମର ସବୁ ଖୁସିକୁ ତ ମୋ ପାଇଁ ଚରି ଦେଇଛ । ଏଇ ଛୋଟ କାମ କରିପାରିବ । ତୁମ ଗୀତା ପାଇଁ, ତୁମ ଅଞ୍ଜନା ପାଇଁ । ପ୍ଲିଜ୍ ଭାଇ ପ୍ଲିଜ...... ଚେତାଶୂନ୍ୟ ହୋଇଗଲା ଗୀତା ।

ମୁଁ ପାରିବିନ ଗୀତା । ଜଗନକୁ ଖୋଜି ପାରିବିନ । ସେ ଏବେ ସୁନନ୍ଦାକୁ ବାହାହୋଇ ଭୁବନେଶ୍ୱରରେ ରହୁଛି, ମନ୍ଦିର ନନା କହୁଥିଲେ । କେମିତି ତା ସଂସାର ଭାଙ୍ଗିବାକୁ ଯିବି କୁହ ।

ଏସବୁ ଶୁଣି ସୁନନ୍ଦାର ଦେହ ଶୀତେଇ ଉଠିଲା । ଏ କଣ ଜଗନର ପ୍ରେମିକା । ପୁଣି ତାଙ୍କର ଗୋଟେ ଝିଅ ଅଛି ? ଏ କଥା ତ ମତେ ଜଗନ କେବେ କହି ନାହାନ୍ତ । ନିଜକୁ ବିଶ୍ୱାସ କରିପାରିଲାନାହିଁ । ଛାତି ଫାଟିଗଲା କ୍ରୋଧ ବାହାରକୁ ବାହାରି ଆସୁଥାଏ । ଚୁପି ଚୁପି ଆଖି ଲୁହ ପୋଛି ଦେଇ ଭିତରକୁ ଯିବାପାଇଁ କବାଟ ଠକ୍ ଠକ୍ କଲା ସୁନନ୍ଦା । ଭିତରକୁ ଆସନ୍ତୁ ବୋଲି କହ୍ନେଇ କହିଲା । ଭିତରକୁ ପଶି ଦିଦିଙ୍କର କଣ ହୋଇଛି ଭାଇନା? ସୁନନ୍ଦା ପଚାରିଲା । କହ୍ନେଇ କହିଲା ଗୀତାକୁ ବ୍ଲଡ୍ କେନସର ହୋଇଛି । ସବୁ ରକ୍ତ ବଦଳାଇ ଦେଲେ ଯାଇ ବଞ୍ଚିପାରେ ।

ଠିକ୍ ଅଛି ଭାଇନା କହି ସୁନନ୍ଦା ସେହିଠାରେ ବସିପଡିଲା । ଆପଣଙ୍କର ଝିଅ କୁଆଡେ ଗଲାଗି ? ସୁନନ୍ଦା ପଚାରିଲା । କହ୍ନେଇ କହିଲା ସେ ପରା ଏହି ହସପିଟାଲର ଡାକ୍ତର ହୋଇଛି । ତଥାପି ଚେଷ୍ଟା କରୁଛି । ଗୋଟିଏ ଗ୍ରୁପ୍ ର ରକ୍ତ ଏକକାଳୀନ ମିଳଗଲେ ଭଲ ହୁଅନ୍ତା । ସବୁ ସେହି ଜଗନ୍ନାଥଙ୍କର ଇଚ୍ଛା । ବହୁତ ଦୁଃଖ ଦେଲେଣି । ଏଣିକ ତା ଭାଗ୍ୟ, ମୁଁ ଆଉ କଣ କରିପାରିବି ଭଉଣୀ? ଝିଅଟାର ଦୁଃଖ ଦେଖିପାରୁନ । ଆମର ଆଉ ସମ୍ପର୍କୀୟତ କେହି ନାହାନ୍ତ । ଭବିଷ୍ୟତ ତାର କଣ ହେବ ଭାବିଲେ କଷ୍ଟ ଲାଗୁଛି? ଅମୃତମୟ ସେହି ଦରିଦ୍ରର ବନ୍ଧୁ ଶ୍ରୀଜଗନ୍ନାଥଙ୍କ ଦୟା । ଆପଣ କିଏ ଭଉଣୀ ? ଆପଣଙ୍କୁ ଜାଣିପାରିଲି ନାହିଁ କହ୍ନେଇ କହିଲା ।

ମୁଁ ମୋ ଶାଶୁଙ୍କୁ ନେଇ ଆସିଛି । ଏମିତି କହି ସୁନନ୍ଦା କଥା ଆଡେଇ ଆସୁଛି ବୋଲି କହି ବାହାରକୁ ଚାଲିଆସିଲା । ନିଜକୁ ଏତେ ଦୁଃଖ କଷ୍ଟରେ ସଢେଇ ଅନ୍ୟର ସୁଖର କାରଣ

ISSN NO.
2582-208X

ହୋଇ ମହାନତା ବ୍ୟକ୍ତିତ୍ୱକୁ ଏମିତି କଣ ଲୁଗ୍ଇ ଶେଷ କରିଦେବ ପ୍ରଭୁ । ମୋ ଜୀବନ ବଦଳରେ ଯଦି କଛି ହୋଇପାରିବ ମୁଁ ନଷ୍ଟୟ କରିବି । ବ୍ୟକ୍ତିଗତ ଓ ସ୍ୱାର୍ଥକୁ ବଳଦେଇ ଗୀତା ଓ କହ୍ନେଇଙ୍କ ପରି ମହାନ ଆଉ କଏ ହୋଇପାରେ । ହେଲେ ଜଗନ ନଷ୍ଟ ଚରିତ୍ରକୁ ଭଲପାଇବା କଣ ଦରକାର ଥିଲା ? ସେ ଦିନ କଥା ମନେପଡୁଛି । ମୋ ଭାଇର ସାଙ୍ଗ ହୋଇ ଗୋଟେ ଭେଜିରେ ଆମ ଘରକୁ ଆସିଥିଲେ ତାଙ୍କର ଶାନ୍ତ କୋମଳ ହୃଦୟ ନେଇ । ଗୃହାଣୀ ଦେଖି ମୁଁ ବିମୋହିତ ହୋଇଯାଇଥିଲି । ବାସ୍ ତା ପରେ ପ୍ରେମ କରି ବସିଲି । ଯଦିଓ ଜଗନର ବେଶୀ ଇଚ୍ଛା ନଥିଲା ମୋ ଭାଇ ଡରରେ ରାଜି ହୋଇଗଲେ । ଛୋଟବେଳୁ ମୋର ମା ନଥିବାରୁ ସଂସ୍କାର, ସ୍ୱାମୀ, ସମ୍ପର୍କ କଣ ଜାଣିପାରି ନଥିଲି । ଯାହା ଫଳରେ ଆଜି କଳଙ୍କିନୀ ନିଜକୁ ସଜେଇ ଦେଇଛି, ଆଉ ଏମିତି କଛି କରିବାକୁ ଦିଅନି ପ୍ରଭୁ । ମୋରେ କ୍ଷମା କରିଦିଅ ମୋର ଚପଳତା ପାଇଁ । ମୋତେ କଛି ଭଲ କାମ କରିବାକୁ ଦିଅ ପରମ ପିତା, କହି କଇଁ କଇଁ କାନ୍ଦି ପକାଇଲା ସୁନନ୍ଦା । ହସପିଟାଲ ଚେୟାର ଉପରେ ବସିଥାଏ । ଏହି ସମୟରେ ଅମନ ଅପରେସନ୍ ୱାର୍ଡ୍ ରୁ ବାହାରି ଆସିଲା, ସୁନନ୍ଦା ନିଜର ପରିଚୟ ଦେଲା । ଅମନ ପ୍ରଣାମ କରି ଆଇ କେଉଁଠି ଅଛନ୍ତି ପଚାରିଲା ସୁନନ୍ଦା ଶାଶୁଙ୍କ ରୁମ୍ କୁ ନେଇଗଲେ ଏବଂ ତାଙ୍କର ସଙ୍ଗେ ସଙ୍ଗେ ଆଖିରେ ଡ୍ରେସିଂ କରାଗଲା । ଅଜା-ଆଇଙ୍କୁ ଦେଖି ଅମନ ବହୁତ ଖୁସି ଲାଗୁଥିଲା ହେଲେ ଆଇଙ୍କର ଆଖିର କଣ୍ଡିସନ୍ ସେତେ ଭଲ ନଥିବାରୁ ତାଙ୍କୁ ଚାରି ଛଅ ଦିନ ରହିବାକୁ ପଡିବ ବୋଲି ଅମନ କହିଲା । କାଳେ ବେଶୀ ଖରାପ ହୋଇଯିବ । ତେଣୁ  ମୋ ରୁମ୍ ରେ ରହିଯିବେ ଏବଂ ଦେହ ପୂରା ଭଲ ହୋଇଗଲେ ଯାଇ ଯିବେ । କହି ଅମନ ରୁମ୍ କୁ ଯିବାପାଇଁ ବ୍ୟବସ୍ଥା କଲେ  ।

ହଠାତ୍ ଅଞ୍ଜନା କହିଲା ଅମନ ତୁମ ଫୋନ ଆସିଛି ।

କେଉଁଠୁ ଆସିଛି  ?

ଅଞ୍ଜନା କହିଲା ଘରୁ ମମିଙ୍କର ।

ଆଚ୍ଛା, ଫୋନ ଦିଅ । ଫୋନ ଧରି ହେଲୋ, ମମି । କେମିତି ଅଛନ୍ତି? ଅଜା ଆଇ ଓ ମାଇଁ ଭଲରେ ମୋ ପାଖରେ ପହଞ୍ଚିଛନ୍ତି । ମୁଁ ଆଇଙ୍କର ସବୁ ଡ୍ରେସିଂ କରିଦେଇଛି । ସେ ଚାରି ଛଅ ଦିନ ରହିଲେ ଠିକ୍ ହୋଇଯିବେ । ମୁଁ ସେ ବ୍ୟବସ୍ଥା କରିଦେଇଛି । ଆଖିର ଅବସ୍ଥା କଛି ଜଣାପଡୁନାହିଁ ।

ISSN NO.
2582-208X

ତୁ ଆଜି ଆସିପାରିବୁକ ? ପୂଜା ଫୋନରେ କହିଲା ।

କଣ ହୋଇଚ ମମି ?

ତୋ ଡାଡିଙ୍କର ଦେହ ଭଲ ନାହିଁ ତ ?

ଆଚ୍ଛା ମମି, ମୁଁ ଏବେ ବାହାରୁଛି । ଆପଣ ଜମାରୁ ବ୍ୟସ୍ତ ହୁଅନ୍ତୁ ନାହିଁ ।

ତୋ ସୁବିଧା ଅଛି ଯଦି ଆ ।

ନାଇଁ ନାଇଁ ମମି, ମୁଁ ଆଜି ଯାଉଛି କହି ଫୋନ ରଖିଦେଲା ।

ସମସ୍ତେ ଯାଇ ଗାଡିରେ ବସିବାକୁ ଅମନ କହିବାରୁ ସୁନନ୍ଦା ଶାଶୁ ଶଶୁରଙ୍କୁ ନେଇ ଗାଡିରେ ବସାଇ ଦେଇ ଆସିଲେ । ରୁମ୍ ଭିତରୁ କହ୍ନେଇ ବାହାରି ଆସି ପଚାରିଲେ କଣ ହୋଇଛି ଏତେ ଟେନସନ ଲାଗୁଛ ? କଣ ହୋଇଛି ଅଞ୍ଜନା ?

ହଁ ବାପା ଅମନଙ୍କ ଡାଡି ଗାଁରେ ଅସୁସ୍ଥ ସେ ଏବେ ଗାଁକୁ ଯିବାକୁ ବାହାରିଛନ୍ତି ।

ଭଲ କଥା ତ, ପୁଣି ଟେନସନ କାହିଁକି ? କହ୍ନେଇ କହିଲେ ।

ଅଞ୍ଜନା କହିଲା - ଅମନର ଅଜା ଆଇ ଆସିଛନ୍ତି । ଆଇଙ୍କର ଦେହ ଅସୁସ୍ଥ ପାଇଁ ତିନି ଚାରିଦିନ ଏଠାରେ ରହିବାକୁ ହେବ । ସେଥିପାଇଁ ବ୍ୟସ୍ତ ଲାଗୁଛି ।

ବ୍ୟସ୍ତ ହବାର କଣ ଅଛି ତୁମେ ବାହାରି ପଡ ? ମୁଁ ବି ତୁମ ସାଙ୍ଗରେ ଯିବି । ମୁଁ ଅଞ୍ଜନା ପାଖରୁ ତୁମ ବିଷୟରେ ଶୁଣିଛି । ଅଞ୍ଜନା ତ ଅଛି ସେ ସବୁ ଏକା କରିଦେବ । ମୁଁ ତ ତୁମ ଘର ଦେଖିନାହିଁ, କେମିତି ଯାଇଥାଆନ୍ତୁ । ତୁମ ସାଙ୍ଗରେ ଗଲେ ସବୁ କଥା ହୋଇଯିବା । ଲାଜରେ ଅମନ ମୁହଁ ତଳକୁ କରିଦେଲା । କହ୍ନେଇ ଅଞ୍ଜନା ଓ ଅମନକୁ କହିଲେ - ଆରେ ତୁମେମାନେ ଯାଅ । ମୁଁ ଯାଉଛି ପ୍ରସ୍ତୁତ ହୋଇ ଘରୁ ଆସୁଛି, କହି ଚାଲିଗଲେ ।

ଅଞ୍ଜନାର ହାତ ଟାଣି ନେଇ ଅମନ ଛାତି ଭିତରେ ଭିଡି ଧରିଲେ । କହିଲେ, ତୁମେ ତ ବଡ ଚାଲାକ । ମୁଁ ଭାବୁଥିଲି ଏ ପାଗଳୀଟାକୁ ପ୍ରେମ ଫ୍ରେମ କଛି ଜଣାନାହିଁ ବୋଲି । ମୁଁ ସାହସ କରିପାରୁନଥିଲି କହିବାକୁ, ହେଲେ ତୁମେ ତ ପୂର୍ବ ପ୍ରଘଟ କରିଦେଲଣି ।

ISSN NO.
2582-208X

କେମିତି କହି ନଥାନ୍ତୁ କହିଲ। ମୋର ବାପା ମାମାଙ୍କୁ ଛାଡିଦେଲେ ଆଉ କେହି ନାହାନ୍ତୁ। ମାଆଙ୍କ ଦେହ ତ ଦେଖୁଛ କେମିତି। ତେଣୁ ବାପାଙ୍କୁ ସବୁ କହିଦେଇଥିଲି।

ଠିକ୍ କରିଛ ଅଞ୍ଜନା। ଏଇଟାତ ପବିତ୍ର ମିଳନର ଅମୃତ ପ୍ରେମ। ଲୁଗ୍ଣଇବାରେ କଣ ଅଛି। ଭଲ କରିଛ। ମୋର ଗୋଟେ ବୋଝ ହାଲୁକା ହୋଇଗଲା। ଠିକ୍ ଅଛି, ଡେରି ହଉଛି, ମୁଁ ଆସିବା ଯାଏ ତୁମେ ସମସ୍ତିଙ୍କର ଦାୟିତ୍ୱ ଠିକ୍ ରେ ନେଉଥିବ। ବାହାରୁ ଗାଡି ହର୍ଣ୍ଣ ଦେଲା। ଅମନ ବାହାରକୁ ଗ୍ଣଲିଗଲା।

କ୍ରମଶଃ...

ସଂଯୋଜିକା, ସମ୍ପାଦିକା, ଔପନ୍ୟାସିକା, କବି,
ଜୀବନୀ ଲେଖିକା ଓ ସମାଜସେବୀ
ଡ୍ରିମସ୍ ଷ୍ଟାଫ୍ କ୍ୱାଟର,ଟାଙ୍ଗୀ, କଟକ - ୭୫୪୦୨୨
ଭ୍ରାମ୍ୟଭାଷ -୯୯୩୭୩୪୭୩୧୮

ISSN NO.
2582-208X

# ଅଗତି ଗତି ଦାୟକ କଳା ମୁଖ



ଦେବଜାନୀ ବାରିକ୍

ଅଗତୀ  ଗତି ଦାୟକ କଳାମୁଖ କଳାକର କଳା ଗୃନ୍ଦ ।
ଅମନ ବିହାରୀ ଦେବ ନରହରି ନୀଳମଣି ଆଦିକନ୍ଦ ।୧ ।
ଅରକ୍ଷ ରକ୍ଷନ ଦେବ ନାର୍ୟଣ ଭକତ ହୃଦ ଚନ୍ଦନ ।
ଅରବିନ୍ଦ ନେତ୍ର କମଳା ସଙ୍ଗାତ ସାଧବେ କର ଚନ୍ତନ ।୨ ।
ଅତ୍ରାହୀ ଭଞ୍ଜନ ପ୍ରଭୁ ନନ୍ଦନାନ କେଶବ କୃପା ସାଗର ।
ଅନାଦି ନଧନ ଦେବକୀ ନନ୍ଦନ କରେ ମୁରଲୀ ସୁନ୍ଦର ।୩ ।
ଅନନ୍ତ ଅଙ୍କ ବିହାରୀ ଦଇତାରୀ ପଦ ସେବନ୍ତୁ କମଳା ।
ଅକ୍ଷର ସେ କ୍ଷର ଯଶୋଦା କୁମର ଜପ ନ କରିଣ ହେଳା ।୪ ।
ଅର୍ତି ନାଶନ ମଦନ ମୋହନ କୃଷ୍ଣ ବ୍ରଜ ଯୁବର୍ଜ ।
ଅସୁର ନାଶ ନ ପ୍ରଭୁ ଭଗବାନ ଶ୍ରୀୟାବର ଚତୁର୍ଭୁଜ ।୫ ।

ମଧୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ସୀତାଙ୍କ ରୋଦନ



କୁମରଲାଲ ରଣା

ବିକଳେ ଜାନକୀ          କରନ୍ତି କ୍ରନ୍ଦନ
ଆହା ମୋ ଭାଗ୍ୟ ବିଧାତା
କେଣେ ଛାଡି ମୋତେ        ରହିଲେ ଗୁପତେ
ମୋ ପ୍ରାଣ ପତି ଦେବତା ॥
କି ଲେଖିଲା ଲିହି          ଘଟାଇଣ ବିହି
ନ ଜାଣିଲି ଭେଦ ତତ୍ୱ ॥
ଶୋକରେ ଆକୁଳ          ବିଚଳିତ ହେଲି
ଏ କିବା ବିଧାତା କୃତ୍ୱ ॥
ଭାଗ୍ୟେ ଥିଲାକି ମୋ        ଲେଖା ସଂଦେଶରେ
ହେବି ହୀନିମାନ ବୋଲି ॥
ଟାଣି ନେଲା ଧିରେ          ଗଭୀର ଦୁଃଖରେ
ସପନ ହେଲା ସୁନେଳୀ ॥
ପତି ମୋ ଦେବତା        କରିଥିଲେ ମନା
ନ ମାନିଲି ତାଙ୍କ କଥା
ନ ଯାଅ ନ ଯାଅ           ବୋଲିଣ ବନକୁ
ଗଲେ ହେବ ତୁମେ ବ୍ୟଥା ॥

ISSN NO.
2582-208X

କହିଲା କଥାକୁ ନ ମାନିଲେ ଜାଣ
ପଡେ ବିପଦ ଆପଦ
ଗୁରୁଜନଙ୍କର କଥା ବ୍ରହ୍ମ ସାର
ଏ କଥା ପ୍ରକୃତ ବେଦ ॥
ବଡ ଲୋକଙ୍କର କଥାକୁ ବିଶ୍ୱାସ
କରିବ ଜଗତ ଜନ ॥
ପତି ସେବା ବିନା ନ ହୁଏ ମଙ୍ଗଳ
ସ୍ତ୍ରୀରିଙ୍କ ଭାବନା ଶୁନ୍ୟ ॥
ଯାହା କହିଥିବେ ପତି ଦେବ କଥା
ଘେନିବ ତାଙ୍କର ବାଣୀ
ଅମୁଲ୍ୟ ସଂପଦ ତାଙ୍କର ହୋଇବ
ଥିବଟି ବିଚାରି ଜାଣି ॥

ମହୁଆଭଟା ନୂଆପଡା
ବଲାଙ୍ଗୀର

ISSN NO.
2582-208X

# ପ୍ରେମିକାର ଛାଇ



ପ୍ରଶାନ୍ତ ବ୍ରହ୍ମା

ଜହ୍ନ ଆଲୁଅ ରେ ଛାଇ ଟିଏ ହୋଇ ଯାଉଥାଏ ଯେବେ ସେହି
ନାଁ ଟି ତା'ର ପଚାରିବି ବୋଲି ପଚାରି ପାରେନା କେବେ ମୁହିଁ ।

ଶୟନେ ସପନେ ଯେଉଁଠି ବସିଲେ ଆସୁଥାଏ ସେ ବାରମ୍ବାର
ଜହ୍ନକୁ ଦେଖିଲେ ମନେପଡେ ତାକୁ ସମ୍ଭାଳି ପାରେନା ମନ ମୋର ।

ଅଚିହ୍ନା ହେଲେବି ଲାଗେ ସତେ ସେ ମୋର ଅତି ଆପଣାର
ଯେବେ ପାଇ ଯାଆନ୍ତି ତାକୁ ପଚାରି ଦିଅନ୍ତି ଠିକଣା ଟି ତା'ର ।

ଯେତେ ଭୁଲେଇ ଲେ ଭୁଲେ ନାହିଁ ମନ ମୋର କାହିଁ
ଆଜିବି କରିଛି ଅପେକ୍ଷା ତାକୁ ତା'ର ସେହି ଛାଇ ଟିଏ ପାଇଁ ।

ପଲାଶପୁର, ଖୋର୍ଦ୍ଧା

ISSN NO.
2582-208X

# ମାଟି ମମତା



ଦୁଷ୍ମନ୍ତ ବେହେରା

ଶତାବ୍ଦୀ ପୃଷ୍ଠା ଅପେକ୍ଷା କରିଛି
ଦେଖିବ ମାଟି ତୁମ ମମତା
ବାସ୍ନା ତୁମ ମହକି ଉଠିବ ଭୂମିଭମ
ମଗ୍ନ ଅର୍ଦ୍ଧ ସ୍ୱପ୍ନ ସୁରି !

ବଳିଷ୍ଠ ତୁମ ମମତା କୁ ମୁଠାଇ ଧରି
ଖୋଜେ ମୁଁ ଶତ୍ରୁ ସଂହାର
ରକ୍ତ ଲେପନ ଦେଇ ଲେଖିବି ତୁମ ନାମ
ଇତିହାସ ଦେଖିବ ଗାଥା !

ମାତୃ ଭୂମି ରକ୍ଷା ସାଜିବି ଦେବି
ମୋ ଜୀବନ ରକ୍ତ ଚୁରା
ଜନ୍ମ ନେବି ପୁଣି ତୁମ କୋଳେ ମୁଁ
ତୁମ ଚରଣ ସେବା ପାଇଁ !

ମାଟି ତୁମ ମମତା ଛାତି ରେ ଧରି ଜନ୍ମ
ନେବେ ହଜାର ହଜାର
ସନ୍ତାନ ମା"ଆ ମାଟି ତୋଅ କୋଳେ
ଧରୀ ହସିବୁ ମିଠା ହସ !

ISSN NO.
2582-208X

ଇତିହାସ ଦେଖିବ ଲେଖିବ ପୃଷ୍ଠା
ମହାନତା ତୋର ବୀର
ସୁରଙ୍ଗନା ସ୍ବପ୍ନ ତିଲେଖନି ଅସିଆ
ବିଧ ର ପୁରୁଣା ଗାର !

ଶାନ୍ତି ମୈତ୍ରୀ ଭାବ ଦେଖାଇ
ଶତ୍ରୁ ଠୁ ରକ୍ଷା କରିବି
ଧର୍ମ ଦେଶେ ଥାଇ ଧର୍ମ ବିଚାର କରି
ଦେଶ ର ଟେକ ରଖିବି !

ଜାତି ଧର୍ମ ର ଏକତା ରଖିବି
ମିତ୍ର ମିତ୍ର ଭାବ ରଖି
ଉତ୍କଳଭୂଇଁ ସ୍ୱାଭିମାନ ରକ୍ଷା ସାଜିବି
ଗୌରବ ସମ୍ମାନ ରଖି !

ଦେଶ ମାତୃଭୂମି ମାତୃକାରେ ଥାଇ
କହୁଥିବି ଭାରତ ମାତ
କି ଜୟ ହାତ ଟେକି ମଥା ଟେକି
ମାଟି ମମତା ରେ ମନ ପ୍ରାଣ !

ମହାପୁରୁଷ ମହା ଆତ୍ମା ତୁମେ
ବୌଥା ଯାଏନା ବଳିଦାନ
ମନ ଉଙ୍କି ମାରେ ଛବି ଚିହ୍ନ କହେ
ଶତାବ୍ଦୀ ପୃଷ୍ଠା ଇତିହାସ !

ISSN NO.
2582-208X

ଶରୀର ମିଶିବ ଦେହ ବି ମିଶିବ
ମିଶିଯିବ ରକ୍ତ ମାଂସ
ପାଉଁଶ ତଳୁ ଉଠି ଦେଖିବି ବିଜୟ
ମୁରୁକି ମୁରୁକି ହସି ଦେଇ !

ଲିଭୁ ମୋ ଚିହ୍ନ ଲିଭୁ ମୋ ମନ
ଲିଭିଯାଉ ମୋ ଆତ୍ମା
ମାଟି ମମତା କୋଳେ ଜନ୍ମ ନେବି
ଦେଖିବ ଜଗତ ଜନ !!

ଗ୍ରସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

ISSN NO.
2582-208X

# ମଧ୍ୟବିତ



ସୂର୍ଯ୍ୟ ନାରାୟଣ ସାହୁ

କର୍ମମୟ ଜୀବନରେ ମଣିଷ ନିଜ ନିଜର କର୍ମ କରି ଚାଲିଥାଏ । କଷ୍ଟ ହେଉଛି ବୋଲି ନିଜ କର୍ମ କ୍ଷେତ୍ରରୁ କେବେ ଓହରିନଥାଏ  । ଗୋଟେ ମଧ୍ୟବିତ ପରିବାରର ଯୁବକ ବା ଯୁବତୀ ସବୁବେଳେ ସ୍ୱପ୍ନ ମାଧ୍ୟମରେ ଦେଖେ କେତେ ଆଶାର ପ୍ରତିବିମ୍ବ, ତା'ରି ଆଖି ଆଗରେ ନାଚି ଉଠେ ନିଜ ପରିବାରର ପ୍ରତିଛବି । ସେ ତା' ପରିବାର ପାଇଁ କିଛି ବି କରିବାକୁ ପ୍ରସ୍ତୁତ ଥାଏ । ସର୍ବଦା ତ୍ୟାଗ, ସହାନୁଭୂତି, ଧର୍ଯ୍ୟର ସହ ପ୍ରତ୍ୟେକ ପରିସ୍ଥିତି କୁ ମୁକାବିଲା କରିବାପାଇଁ ନିଜକୁ ସୁଦୃଢ କରି ଗଢି ତୋଳେ । ସେ ସବୁସମୟରେ ନିଜ ପରିବାର ପାଇଁ କିଛି ନା କିଛି କରିବା ପାଇଁ ଗୋଡ଼ ଟେକି ବସିଥାଏ ।

**************

ମଧ୍ୟବିତ ପରିବାରରେ ଜନ୍ମ ହେଇ ଯେମିତି ମୁଁ ଗୋଟେ ଭୁଲ କରି ଦେଇଛି । ନହେଲେ ଏମିତି ଗୋଟେ ପରେ ଗୋଟେ ଦୁର୍ଦଶା କାହିଁକି ପଡିଥାନ୍ତ ? । ଗୋଟିଏ ପଟେ ଘରର ଚାରି ପ୍ରାଣୀ ଆଉ ଗୋଟିଏ ପଟେ ନିଜର ପାଠ ପଢ଼ା ପୁଣି; ଗୋଟିଏ ପଟେ ଚାକିରୀ । ଗାଁ ଶେଷରେ ଗୋଟେ ନଦୀ ସଙ୍ଘଉପରେ ବସି ମୁଣ୍ଡରେ ହାତ ଦେଇ  ଭାବୁଥାଏ ସମ୍ବିତ । କୁଆଡ଼େ ଯିବି ? କଣ କରିବି ? ଏମିତି ବାର ବାର ପ୍ରଶ୍ନ କରୁଥାଏ ନିଜକୁ । ନିଜକୁ ନିଜ ଆୟତ୍ତରେ ରଖିପାରୁନଥାଏ ।   କିଂ କର୍ତ୍ତବ୍ୟ ବିମୁଢ଼ ହୋଇ ସେ ଅସହାୟ ମନେ କରିଛି ନିଜକୁ । ତଥାପି; ବଞ୍ଚିବାର ରାସ୍ତା ଖୋଜି ପାଇନି । ଶେଷରେ ଏତେ ପାଠ ପଢି ସୁଦ୍ଧା ସେ ଏକ ହୋଟେଲ ରେ କାମ କରିଛି । ପରିସ୍ଥିତି ବାଧ୍ୟ କରିଛି ତାକୁ ଏଇ କାମ କରିବା ପାଇଁ।  ତଥାପି ସେ ହାରି ଯାଇନି । କରୋନାର ପ୍ରଭାବରେ ଲକ ଡାଉନ ଯୋଗୁଁ ସମ୍ପୂର୍ଣ ଭାରତ ବନ୍ଦ ହୋଇ ଯାଇଥାଏ । କାହାର ଚାକିରୀ ଯାଇଥାଏ ତ!, କିଏ ଅଧା ଦରମା ରେ ପେଟ ପୋଷୁଥାଏ । କାହାର ଖାଇବାକୁ ଦାନା ନଥାଏ ତ! କାହାର ଅପର୍ଯ୍ୟାପ୍ତ ସମ୍ପତି

ISSN NO.
2582-208X

ଖାଇଲେ ବି ସରୁ ନଥାଏ । ପୁଣି; କିଏ ଭାଇ କୁ ହରେଇ ଥାଏ ତ!, କିଏ ବାପା କୁ । କିଏ ସମ୍ପର୍କୀୟଙ୍କୁ ହରେଇଥାଏ ତ!କିଏ ନିଜ ନିଜ ଆତ୍ମୀୟ ସ୍ୱଜନଙ୍କୁ । କାହାର ମୁହଁରେ ହସ ନଥାଏ। ଓ କାହାର ଖାଇବାକୁ ଦାନା ନଥାଏ। ଆଉ ସେ ଭିତରେ ଗୋଟେ ମଧ୍ୟବିତ୍ତ ଘରର ପିଲା କେମିତି ଖୁସିରେ ରହିଥାନ୍ତା ? ଭାବିକି କାନ୍ଦି ପକାଇଛି ସମ୍ବିତ । ଏମିତି ମୁଣ୍ଡ ତଳକୁ କରି ଭାବୁ ଭାବୁ ହଠାତ ଏକ ପାଗଳ ଆସି ପାଟି କରିବାରୁ ନିଜକୁ ଚେତନାଶୀଳ କରାଇଛି । ପାଗଳ ଟି କଣ ୟାଡ୍ଡୁ ସିଆଡ୍ଡୁ କହି ହେଉଥାଏ; ମରିବ । ସମସ୍ତେ ମରିବ, ଏଇ ରାକ୍ଷସ ସମସ୍ତଙ୍କୁ ଗ୍ରାସ କରିବ, କାହାକୁ ଛାଡିବନି, ହା..ହା..ହା..ଏମିତି କହି କହି ଚାଲିଯାଇଛି । ତା କଥା କିଛି ବୁଝି ହଉନଥିଲା କିନ୍ତୁ; ସେ ଯାହା କହୁଥିଲା ସବୁ ସତ ପରି ପ୍ରତ୍ୟୟମାନ ହେଉଥିଲା ।

ପାଗଳଟି ଗଲା ପରେ ମୁଁ ପୁଣି ଥରେ ସେଇ ଭାବନା ରାଇଜ କୁ ଚାଲିଗଲି । ଏମିତି ଭାବୁ ଭାବୁ ମୋର ଏକ ସାଙ୍ଗର କଲ ଆସି ଯାଇଛି । ଆଉ ସେ ମତେ ବ୍ରହ୍ମପୁରର ଏକ ହୋଟେଲର କାମ ବିଷୟରେ ଜଣାଇଲା । ଆଉ ଜୁଲାଇ ବାର ତାରିଖ ଦିନ ଯାଇ ସେଠି ଦେଖା କରିବାକୁ କହିଲା । ସେତେବେଳ କାମ ପାଇ ସମ୍ବିତ ବହୁତ ଖୁସି ହେଇଯାଇଛି । କରୋନା ପ୍ରଭାବରୁ ଏତେ ଦିନ ଧରି କାମ ଲିପ୍ସା ଥିବା ସମ୍ବିତ ଆଜି କାମ ପାଇ ଖୁସିରେ ଆତ୍ମବିହ୍ୱଳ  ହୋଇଉଠିଛି ।

ପେଟ ଚାଖଣ୍ଡକ ପାଇଁ ସେ ନଖାଇ, ନପିଇ କେତେ ଓଳା ଉପବାସରେ ରହିଛି ସେ କଥା ସେ ନିଜେ ହିଁ ଅନୁଭବ କରିଛି ଏବଂ ଏହା ଜଣେ ଅନୁଭବୀ ମଧ୍ୟବିତ୍ତ ଲୋକ ହିଁ ବୁଝିପାରିବ । ଉପର ସୂର୍ଯ୍ୟଙ୍କ ତାତି, ତଳ ମାଟିର ତାତି  ଆଉ ମଝିରେ ମଝିରେ ପେଟ ଚାଖଣ୍ଡକ ବି ଏତେ ଜୋରରେ ତାତି ଉଠୁଛି ଯେ..ସେ କଥା ଜଣେ ଭୋକିଲା ଲୋକ ଠୁ କିଏ ଅଧିକା ମନ୍ତବ୍ୟ ଦେଇପାରେ ? ? ତଥାପି ମନକୁ ଛୋଟ ନ କରି, ନିଜ ପାଠ ପଢାକୁ ଜଳାଞ୍ଜଳି ଦେଇ, ନିଜ ପରିବାର ମୁହଁରେ ଦାନା ଟିକେ ଦେବା ପାଇଁ, ବ୍ରହ୍ମପୁରର ଏକ ବଡ଼ ହୋଟେଲ ରେ ଜଏନ କଲା । କେବଳ ନିଜ ପରିବାରର ଖୁସି ପାଇଁ ନିଜେ ଦେଖୁଥିବା ସ୍ୱପ୍ନକୁ ନିଜ ପାଦରେ ଦଳି ମକଚି ମାଟିରେ ମିଶେଇ ଦେଲା ।

ସେଦିନ ଥିଲା ଲକ ଡାଉନର ଶେଷ ସପ୍ତାହ, କରୋନା ରାକ୍ଷସର ପ୍ରଭାବରୁ ସାରା ଭାରତ ବର୍ଷ ତଳି-ତିଳନ୍ତ ହେଲା ପରେ କରୋନା ମହାମାରୀରୁ ଟିକେ ଆଶ୍ୱସ୍ତି ନେଇ ନିଶ୍ୱାସ

ISSN NO.
2582-208X

ମାରିଛି ସାରା ସହର । କରୋନା ପ୍ରଭାବରୁ ରାସ୍ତା-ଘାଟ ଦୋକାନ ବଜାର ବନ୍ଦ ଥିବା ସତ୍ତ୍ୱେ ସେଦିନ ଟିକେ ଚଳ-ଚଞ୍ଚଳ ହୋଇ ଉଠିଥିଲା ବ୍ରହ୍ମପୁର ନଗର । ସେଇ ହୋଟେଲରେ ଇଣ୍ଟରଭିଉ ଦେଇ ପାସ ହେଲା ପରେ ଖୁସିରେ ଆତ୍ମବିହ୍ୱଳ ହୋଇ ତା ଆଖିରୁ ଦୁଇ ଟୋପା ଅଶ୍ରୁ ନିମ୍ନଭିମୁଖୀ ହୋଇ ଅତ୍ୟନ୍ତ କ୍ଷିପ୍ର ବେଗରେ ଧାବିତ ହୋଇ ଚାଲିଥିଲା । ହେଲେ ଏହା ତା'ର ଥିଲା ଦୁଃଖ ସାଗର ଭିତରେ ଖୁସିର ଏକ ମାତ୍ର ନୌକା, ସେଥିପାଇଁ ସେ ଯାହା ହଉ ପଛେ ମନକୁ ଟିକେ ଟାଣ କରି ସେଇ କାମରେ ନିଜକୁ ନିୟୋଜିତ କରିଲା ।

ପ୍ରଥେମେ ପ୍ରଥମେ ନୂଆ ନୂଆ ପାଇଁ ସମସ୍ତେ ଗାଉଁଲି ପିଲା ବୋଲି ତାକୁ ମଜାକ କରିଛନ୍ତି । ଗାଉଁଲି, ମୂର୍ଖ, ଏମିତି କେତେ କଣ କହି ସମାଲୋଚନା କରିଛନ୍ତି । ତଥାପି ସେ ବହୁତ କଷ୍ଟ ସହି ନିଜକୁ ଲହୁ ଲୁହାଣ କରିଦେଇଛି । ପ୍ରତ୍ୟେକ  ସିନିଅର କର୍ମଚାରିଙ୍କ ଠାରୁ ଗାଳି ଶୁଣିଛି, ବହୁତ କଟୁ କଥା ଶୁଣି ନିଜକୁ କେବେ ଛୋଟ ମନ କରିନି ସେ । ପଦେ ପଦେ କାମରେ ଭୁଲ କରିଲେ ଗାଳି, ଏକ ଉଚ୍ଚ ଶିକ୍ଷିତ ପିଲା ହୋଇ ନିଜକୁ ଗୋଟେ ହୋଟେଲ କାମରେ ନିୟୋଜିତ କରି ନିଜକୁ ଛୋଟ ବୋଲି ଭାବିଚି ଅନ୍ୟ ଆଗରେ । ଆଉ ନୁହଁତ କଣ? ମୋ ବୟସର ପିଲା ଆସି ବିଦେଶ ଯାଇ କିଏ କୋଉଠି ସ୍ଥାୟୀ ଭାବେ ରହିଲେଣି ହେଲେ ମୁଁ ଉଚ୍ଚ ଶିକ୍ଷିତ ହୋଇ ଗୋଟେ ହୋଟେଲରେ ୱେଇଟର ଭାବେ କାମ କରୁଛି ? ୟାଠୁ ବଡ଼ ଲଜ୍ଜା ଆଉ କ'ଣ ହେଇପାରେ?? ପୁଣି ସବୁ ମ୍ୟାନେଜରଠାରୁ ଗାଳି ଶୁଣି ଏତେ କଷ୍ଟରେ କାମ କରିବା ଅପେକ୍ଷା କାମ ଛାଡିଦେଇ  ବିଲରେ ଚାଷ କାମ କରିବାଟା  ଶ୍ରେୟ ମନେ କରିଛି । ଇଛା ହଉଚି ସେଇ ମ୍ୟାନେଜେରର ଗାଲ କୁ ଦୁଇ ଚଟକଣି ମାରି ସବୁ ହିସାବ କିତାବ କରିଦେବି ।  ହେଲେ; ପରିସ୍ଥିତି ସମୟର ଦାସ ଯୋଗୁଁ ମୁଁ ସବୁ ଚୁପଚାପ ସହିଯାଇଛି । ତଥାପି ସେ ମ୍ୟାନେଜେର ତଥା ଅନ୍ୟ ସମସ୍ତ କର୍ମଚାରୀଙ୍କ କଥାକୁ ଆଡେଇ  ନଦେଇ ସେମାନଙ୍କ କହିବା ମୁତାବକ କାମ କରିଛି । ହେଲେ ତା ମନରେ ଜିଂଜ୍ଞାସା ହୋଇଛି ନିଜକୁ ଗୋଟେ ସାଧାରଣ ୱେଇଟର ଭାବେ କେମିତି ସମାଜ ତଥା ନିଜ ଗାଁ ଲୋକ ତଥା ନିଜ ସାଙ୍ଗ ସାଥି ନିଜ ପ୍ରିୟଜନଙ୍କ ଆଗରେ ପରିଚୟ ଦେବି?? ସେଥିପାଇଁ ସେ ଯୋଉ କାମ କରୁଛି ସମସ୍ତଙ୍କୁ ମିଛ କହିଛି । ଅବଶ୍ୟ ଏହା ଭୁଲ । କାହିଁକି ନା କଥାରେ ଅଛି; କର୍ମ ଛୋଟ ହେଉ କି ବଡ଼ ଆମେ ଯେଉଁଥିରେ ପେଟ ପୋଷୁଛେ ତାକୁ ସମ୍ମାନ ଦେବା ଉଚିତ । ତଥାପି ସବୁ କଥା ମନକୁ ବୁଝେଇ ଦେଇଛି । ଆଜି ସମୟ ଖରାପ ଅଛି କାଲି ନିଶ୍ଚିତ ସୁଧୁରି ଯିବ ।  ସେ ଯେବେ ଗାଁକୁ ଯାଏ ତାକୁ କେହି ପସନ୍ଦ କରନ୍ତି

ISSN NO.
2582-208X

ନାହିଁ। ସେ ଯଦି ଉପରେ ପଡି କାହାରି ସହ ହସିକି ଦୁଇ ପଦ କଥା ହୁଏ, ତାହେଲେ ସେମାନେ ବି ମୁହଁ ବୁଲେଇ ଚାଲି ଯାଉଛନ୍ତି । ନିଜ ଭାଗ୍ୟକୁ ଆଦରି ସେ ଏମିତି ବହୁତ କଷ୍ଟ ସାହିଯାଏ ।

ହୋଟେଲ ରେ ସମସ୍ତଙ୍କ ସହ ଭଲ ବ୍ୟବହାର କରେ, ହେଲେ ଭଲ ବ୍ୟବହାର ବଦଳରେ ସେ କିଛି ବି ପାଇନି । ଘରେ ପଶୁ ପଶୁ ମୁଣ୍ଡରେ ଚାଳ ବାଜିଲା ଭଳି ତାର ଜଏନ ହେବାର କିଛି ଦିନପରେ ହିଁ ତାକୁ ଠକ ଲିଷ୍ଟରେ ଯୋଗ କରାଗଲା । କ୍ୟାପଟେନ ଯେତେବେଳେ କିଛି କାମ ଦିଏ ସେତେବେଳ ସେ ଅତ୍ୟନ୍ତ ଶୀଘ୍ର ଶୀଘ୍ର କରି ଅନ୍ୟ କାମ ପାଇଁ ମନ ବଳାଇଲା ବେଳେ ଅନ୍ୟ ସହ କର୍ମୀମାନେ ତା ନାଁରେ ସବୁକଥା କ୍ୟାପଟେନ କାନରେ ଫୁଙ୍କି ଦିଅନ୍ତି । କ୍ୟାପଟେନ ଆସି ତାରି ଉପରେ ବହେ ଗାଳି ଗୁଲଜ କରେ । ଆଉ ସେ ମଧ୍ୟ ନ ଡରି କ୍ୟାପଟେନ ସହ ଯୁକ୍ତି ତର୍କ କରିଥାଏ । ତଥାପି ହାରିଯାଏ । କାହିଁକି ନାଁ ପ୍ରାଇଭେଟ ଚାକିରୀ ରେ ଏକ ନିୟମ ଅଛି ସିନିଅର ସବୁବେଳେ ସିନିଅର । ଆଉ ଯଦି କ୍ୟାପଟେନ ଯାଇ ମ୍ୟାନେଜେର କୁ କହିଦିଏ ତାହେଲେ ସେଦିନ ତ କଥା ସରିଲା । ଆଉ ମତେ ଡାକି ଟ୍ୟୁସନ ପଢ଼ା । ସବୁ ଠିକ ଠାକ ଚାଲି ଥାଏ, ହେଲେ ୱେଇଟର ଭାବେ ଯେତେବେଳେ ଅଇଁଠା ପ୍ଲେଟ କାଢ଼େ ସେ ସବୁବେଳେ ନିଜକୁ ଛୋଟ ମନେ କରେ । ପୁଣି ଭାବେ ହଁ ଆଜି ମୁଁ ଛୋଟ ଅଛି କାଲି ନିଷ୍ଚିନ୍ତ ରୂପେ ବଡ଼ ହେବି । ଆଉ ଏମିତି ବଡ଼ ହେବାର ସ୍ୱପ୍ନ ସେ ସବୁବେଳେ ଦେଖେ । କେଜାଣି କେତେ ରାତି ସେ ଶୋଇ ନଥିବ । ହୋଟେଲ ରୁ କାମ ସାରି ଫେରିଲା ବେଳୁ ରାତି ବାର ବାଜି ଯାଏ । ଆଉ ବେଳେ ବେଳେ ବଡ଼ ଲୋକିଆଙ୍କ ପାର୍ଟି ଚାଲିଥିଲେ ସେଦିନ ରାତି ଦୁଇ ହୋଇ ଯାଏ ।ବେଳେ ବେଳେ ତାକୁ ଆଉ ବିଶ୍ରାମ ମିଳିନଥାଏ । ସାରା ଦିନର କଷ୍ଟ, ରାତ୍ରିର ଅନିଦ୍ରା ପଣ, ଆଉ ପରିବାରର ବୋଝ, ନିଜ ପାଠ ପଢା ଆଉ ଚାକିରୀ ଦେଖିଲା ବେଳୁ ତା ଆଖିକୁ ନିଦ ଆସି ନଥାଏ ।

ସତରେ!! ସେ କ'ଣ ଗରିବ ରୂପେ ଜନ୍ମ ହୋଇ ଭୁଲ କରିଛି ??ନାଁ ତାର ପରିବାର ପାଇଁ ଏଇସବୁ ତ୍ୟାଗ କରି ନିଜ ସ୍ୱପ୍ନକୁ ଦଳି ମକଚି ଭୁଲ କରିଛି??ମତାମତ ନିଷ୍ଚୟ ଦେବେ ।

ଡି ପଲ୍ ସ୍କୁଲ,
ଆସ୍କା, ଗଂଜାମ

ISSN NO.
2582-208X

# ଶେଲି ବୋଉଦି



ସଙ୍ଗୀତା ମହାନ୍ତ

ବୋଉଦିଙ୍କ ନାମ ଶେଲି
ସେ ଆମର ଭାରି ଗେହ୍ଲି
ସେ ହେଲେ ସ୍ମାର୍ଟ ଶ୍ରୀମତୀ
ସେଥିପାଇଁ ସେ ମୋର ପସନ୍ଦ ଅଟନ୍ତି
ସେ କୋଉଥିରେ କମ ନୁହଁନ୍ତି
ଘରର ସବୁକାମ କରନ୍ତି
ସେ ଭାରି କର୍ତ୍ତବ୍ୟ ପରାୟଣ
ସେଥିପାଇଁ ତାଙ୍କୁ କେହି ଛାଡନ୍ତିନି ଗୋଟେ କ୍ଷଣ
ସେ ଯାଜପୁର ରେ ରୁହନ୍ତି
ଏକ ବିଦ୍ୟାଳୟରେ ଚାକିରୀ କରନ୍ତି
ଯାଜପୁର ହେଉଛି ତାଙ୍କ ବାପ ଘର
ସେଥିପାଇଁ ସେ ଛାଡି ରୁହନ୍ତି ଶୁଶୁଘର
ବୋଉଦି ତାଙ୍କ ମାଙ୍କ କଥା ସବୁ ବୁଝନ୍ତି
ସେଥିପାଇଁ ମା ତାଙ୍କୁ ବେଶୀ ଭଲ ପାଆନ୍ତି
ପ୍ରତି ଶନିବାର ସେ କଟକ ଆସନ୍ତି
ପୁଣି ରବିବାର ଦିନ ଚାଲି ଯାଆନ୍ତି
ଯାହାପାଇଁ ଯାହା କର୍ତ୍ତବ୍ୟ ସେ କରନ୍ତି
ସମସ୍ତଙ୍କ ମନ ସେ ରଖନ୍ତି
ଆଉ ଦୁଇ ଭଉଣୀ ଦୂରରେ ରୁହନ୍ତି
ମଝିରେ ମଝିରେ ଆସି ମାଙ୍କୁ ଦେଖନ୍ତି

ISSN NO.
2582-208X

ବୋଉଦି ଶାଶୁଙ୍କୁ ମା ପରି ଦେଖନ୍ତି
ସବୁବେଳେ ତାଙ୍କର ଯତ୍ନ ନିଅନ୍ତି
ଘରର ପ୍ରତି କଥା ସେ ଚିନ୍ତା କରନ୍ତି
ସେଥିପାଇଁ ଭୁଲ କାମ ଦେଖିଲେ ସେ ରାଗି ଯାଆନ୍ତି
ରାଗିଗଲେ କେତେ କଥା କହିଦିଅନ୍ତି
ପୁଣି ସାଙ୍ଗେ ସାଙ୍ଗେ ରାଗକୁ ଭାଙ୍ଗି ଦିଅନ୍ତି
ସେ ଛୁଟିରେ ଆସିଲେ ମତେ ନିତି ଖାଇବାକୁ ଡାକନ୍ତି
ଯଦି ମୁଁ ମନା କରିଦିଏ ଜିଦ୍ କରି ବସି ରୁହନ୍ତି
ସେ ମତେ ଭାରି ଭଲ ପାଆନ୍ତି
ଟିକେ ନ ଦେଖିଲେ ଭାଳି ହୁଅନ୍ତି ॥

ତୁଳସୀପୁର, ମଠସାହି

ISSN NO.
2582-208X

# ଛଅଟି ଏକପଦୀ କବିତା



ନିରଞ୍ଜନ ସାହୁ

(( କବର ))

ମୁଁ ତୁମର କେହି ନୁହେଁ କହିଦେଲେ
କଥା ଗଲାନାହିଁ ସରି
ଅମର ପ୍ରେମର କବର ଦେଲେ ବି
ପ୍ରେମ ଯାଏ ନାହିଁ ମରି ।

(( ପରଶମଣି ))

ଏବେ ମୁଁ ବୁଝୁଛି ଆଗୋ ସଖି ତୁମେ
କେମିତି ପରଶମଣି
ଅକର୍ମଶିଳା ମୁଁ ତୁମରି ସ୍ପର୍ଶରେ
ମଣିଷରେ ହୁଏ ଗଣି ।

(( ଏତିକି ଜାଣିବ ))

ତୁମେ ମୁହଁ ଖୋଲି ନ କୁହ ପଛକେ
ତୁମ ପାଇଁ ମଲି ବୋଲି
ଏତିକି ଜାଣିବ ଭଲ ପାଉଥିଲି
ହୃଦୟକୁ ମୋର ଖୋଲି ।

ISSN NO.
2582-208X

(( ସ୍ୱପ୍ନମୟୀ ))

ଶୋଇ ରହେ ସିନା ଆଖି ବୁଜି ମୁହିଁ
ସ୍ୱପ୍ନରେ ଆସିବୁ ସତେ
ଚେଇଁକି ଶୋଇଲେ ତୋତେ ନେଇ ମୁହିଁ
ସପନ ଦେଖଇ କେତେ ।

(( ଏକଲାପଣ ))

ହୃଦୟ ଭିତରେ ସାଇତିଛି ଗୋରୀ
ତୁମକୁ ନିଭୃତ କୋଣେ
କେହି ନ ଦେଖିଲେ ଜଣେ ତ ଦେଖୁଛି
ନିଜର ଏକଲାପଣେ ।

(( ରାହା ))

ମୋ ବଞ୍ଚିବାର ମୋହ ପରା ତୁମେ
ମୋ ଜୀବନର ରାହା
ମୁଁ ବଞ୍ଚିଥାଏ ବଞ୍ଚିବା ନାଆଁରେ
ତୁମେ କିନ୍ତୁ ମୋର ସାହା ।

ନିହଲପ୍ରସାଦ,
ଗନ୍ଧିଆପାଟଣା, ଢେଙ୍କାନାଳ
ମୋ :-- ୯୯୩୮୭୪୧୫୮୩

ISSN NO.
2582-208X

# ରାମ ରାଘବ ରଘୁନନ୍ଦନ

ସୁହାସିନୀ ବାରିକ୍

ରାମ ରାଘବ ରଘୁନନ୍ଦନ ଭାବ ଭବ ତାପ ଦୂର ହେବ ।
ରାମ ସୀତା ପତି ରାମ ଦାଶରଥି ଶ୍ରୀରାମ ନୀଳମାଧବ ।୧ ।
ରାମ ନିତ୍ୟାନନ୍ଦ ପରମ ଆନନ୍ଦ ଶ୍ରିହାରୀ ଜାନକୀ ଧବ।
ରାମ କଳ୍ପବଟ କୌଶଲ୍ୟା ଚାଟ ମନନେ ହରେ ଅଭାବ ।୨ ।
ରାମ କୋଦଣ୍ଡ ଧାରଣ ନାରାୟଣ ଚିନ୍ତାମଣି ରମାଧବ ।
ରାମ  ରଘୁ ପତି ବାଇଦେହି ପତି ସନ୍ତାକାର ଯା ସ୍ୱଭାବ ।୩ ।
ରାମ ଶ୍ରୀ ପରମେଶ୍ୱର ରଘୁ ବୀର ଶ୍ରୀ ପୟରେ କର ଭାବ।
ରାମ ହରି ଭଜ ଭବ କ୍ଲେଶ ଗଞ୍ଜ ଶମନ ଦଣ୍ଡ ହରିବ ।୪ ।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଅପ୍ରିୟ ସତ୍ୟ



ଖଗେଶ୍ୱର ବାଗ

ଭାଗ - ୯

ସେହି ଦିନ ଚୈତ୍ର ମାସ ଏକ ଦିବସର ୩:୩୦ଟା ସମୟ ଥିଲା। ମାଳତି ପାଣି ଆଣିବା ପାଇଁ ଆସିଥାଏ ନଳକୂପକୁ। ଅସମ୍ପୂର୍ଣ୍ଣ ଗୃହର ଗବାକ୍ଷ ଡେଇଁ ସତ୍ୟ ସାକ୍ଷାତ କଲା ତା'କୁ। ଦୁହେଁ କଥାବାର୍ତ୍ତା ହେଲେ । ଏହା ଭିତରେ ମାଳତି ସରଳ ପ୍ରଶ୍ନଟି ପଚାରିଦେଲା ସତ୍ୟକୁ। ଦୁହେଁ ଦୁହିଁଙ୍କୁ ଭଲ ଭାବରେ ଜାଣିଥିଲେ ମଧ୍ୟ ବେଳେ ବେଳେ ଏପରି କଥା ପଚାରିଥା'ନ୍ତି। ପ୍ରାୟ ଯୁବତୀମାନେ ନିଜର ପ୍ରିୟତମକୁ ଏହା ହିଁ କହିଥା'ନ୍ତି, "ଆମ ଗାଁରେ କେତେ ସୁନ୍ଦରୀ ଯୁବତୀ ଅଛନ୍ତି। ମୁଁ ସେମାନଙ୍କ ରୂପ ତୁଳନାରେ ସରି ନୁହେଁ। ତେବେ ମୋତେ ଭଲ ପାଇବାର କାରଣ କ'ଣ?" ଏପରି ତତ୍ୱ ଭିତ୍ତିକ ପ୍ରଶ୍ନର ହୁଏତ ସରଳ ଉତ୍ତର ଥାଇପାରେ। ମାତ୍ର ସତ୍ୟ ମାଳତିର ଏଇ ପ୍ରଶ୍ନର ଉତ୍ତରଟା ସେହିପରି ପ୍ରଦାନ କଲା ଯେମିତି ପ୍ରେମିକମାନେ ନିଜ ନିଜର ମାନସୀ ଠାରେ ଉପସ୍ଥାପନ କରିଥା'ନ୍ତି। ସେ କହିଲା, "ମାଳତି, ମୋ ମାନସ ପଟରେ ତୁମର ହିଁ ପ୍ରତିବିମ୍ବ ଝଲସି ଉଠେ। ତୁମ କଥା ହିଁ ମୋର ସବୁବେଳେ ମନେ ପଡେ । ସତରେ ତୁମକୁ ବହୁତ ଭଲ ଲାଗେ। ମନେହୁଏ ସର୍ବଦା ତୁମକୁ ହିଁ ଦେଖୁଥା'ନ୍ତି, ତୁମର ସ୍ପର୍ଶ ପାଉଥା'ନ୍ତି। ତୁମର କୋକିଳ ନିନ୍ଦିତ ସ୍ୱର କେବଳ ଶୁଣୁଥା'ନ୍ତି। ତୁମ ବିନା ଏଇ ଜୀବନଟା ଅସମ୍ପୂର୍ଣ୍ଣ ମନେହୁଏ। ତୁମକୁ ମୂହୁର୍ତ୍ତ ନଦେଖିଲେ ଅମାବାସ୍ୟାର ଗାଢ଼ ଅନ୍ଧକାର ପରି ଲାଗେ। ତୁମ ବିନା ବଞ୍ଚିବା ଅସମ୍ଭବ ମାଳତି। ତୁମେ ପଛେ ମୋତେ ଭୁଲିଯିବ, ମୁଁ କିନ୍ତୁ କଦାପି ଭୁଲି ପାରିବି ନାହିଁ। "

"ତୁମେ ପୁଣି ଗାଁର ଅନ୍ୟ ଯୁବତୀମାନଙ୍କ କଥା କହିଛ। ସେମାନେ ଦେଖିବାକୁ ଭଲ ହୋଇ ଥାଇପାରନ୍ତି। ମାତ୍ର ମୋତେ ତୁମେ ହିଁ ଭଲ ଲାଗିଥାଅ। ତୁମର ମଦମାତାଳ ନେତ୍ର ଯୁଗଳର

ISSN NO.
2582-208X

ଅପୂର୍ବ ଚାହାଣି ମୋତେ ଆକର୍ଷିତ କରିଥାଏ। ତୁମର ସୁଭାଷିତ ବାଣୀ ମୋର କର୍ଣ୍ଣପଟ୍ଟରେ ପ୍ରତିଧ୍ୱନିତ ହୋଇଥାଏ। ତୁମର କୋମଳ ହସ୍ତର ସ୍ପର୍ଶ ମୋ ଶରୀରରେ ସୃଷ୍ଟି କରେ ଶତ ଶିହରଣ। ଯେତେବେଳେ ମରାଳ ଭଳି ଢଳି ଢଳି ଚାଲିଯାଅ ସେତେବେଳେ ମୁଁ କେବଳ ମୁଗ୍ଧମଧୁର ନୟନରେ ତୁମକୁ ହିଁ ଚାହିଁ ରହେ। ସାଥୀ ଗହଣରେ ତୁମକୁ ହିଁ ଖୋଜେ। ସତରେ ତୁମକୁ ଖୁସିରେ ଥିବା ଦେଖିଲେ ମୋତେ ବେଶି ଆନନ୍ଦ ଲାଗେ । ସମ୍ପର୍କୀୟଙ୍କ ସହ ସହାସ୍ୟ ବଦନରେ କଥାବାର୍ତ୍ତା କରୁଥିଲେ ଅଲକ୍ଷ୍ୟରେ ତୁମକୁ ଦେଖୁଥା'ନ୍ତି ବୋଲି ଭାବେ। ତୁମର ଲୋଭନୀୟ ଚେହେରାରେ କାରଣ ବଶତଃ ଦୁଃଖର ବଉଦ ମାଡିଗଲେ ଖେଦ ଲାଗେ ମୋତେ। ତୁମର ହସ ହସ ମୁହଁ ବିବର୍ଣ୍ଣ ଦେଖାଗଲେ ଅନୁତାପ କରେ। ମନେ ମନେ ତୁମର ଦୁଃଖର କାରଣ ଖୋଜିବାକୁ ପ୍ରୟାସ କରେ। କ'ଣ କଲେ ତୁମେ ସେହି ମୂହୁର୍ତ୍ତରେ ଖୁସି ହେବ ତାହା ହିଁ ଭାବିଥାଏ। ସତ କହିବାକୁ ଗଲେ ତୁମ ପ୍ରତି ମୋ ହୃଦୟରେ ଗୋଟିଏ ଦରଜ ରହିଯାଇଛି।"

"ଜୀବନରେ ଅନେକ ଯୁବତୀକୁ ଦେଖିଛି। ବାଟରେ, ଘାଟରେ, ଦୋକାନ-ବଜାରରେ, ମନ୍ଦିର-ମେଳାରେ, ଗାଡିମୋଟରରେ ସର୍ବତ୍ର। ପୁଣି ମୋ ସହିତ ପାଠ ପଢୁଥିବା ଝିଅମାନଙ୍କୁ ମଧ୍ୟ ଦେଖିଛି। ସେମାନଙ୍କ ଚେହେରା ହୋଇପାରେ ପ୍ରଶଂସନୀୟ, ହେଲେ ସେମାନଙ୍କ ସୌନ୍ଦର୍ଯ୍ୟରେ ମୁଁ କେବେ ଢଳି ଯାଇ ନାହିଁ କି ଭାବରେ ବନ୍ଧା ପଡି ନାହିଁ। ସେମାନଙ୍କୁ ନେଇ ସ୍ୱପ୍ନ ଦେଖି ନାହିଁ କି ସୁଖର ସଂସାର ଗଢିବାର ପ୍ରତିଶ୍ରୁତି ଦେଇନାହିଁ। ସେମାନଙ୍କ ପ୍ରତି ମୋ ଅନ୍ତରରେ ଏପରି ଭାବନା ଜାଗ୍ରତ ହୋଇ ନାହିଁ। ମୁଁ ଆଜି ତୁମ ପାଇଁ ଯେମିତି ଅର୍ଦ୍ଧ ପାଗଳ ସେହି ସମୟରେ କୌଣସି ଝିଅ ନିମନ୍ତେ ଏମିତି ହୋଇଥିଲେ ତୁମ ସହ ମୋର ଦେଖା ହୋଇନଥା'ନ୍ତା। ସତରେ ତୁମେ ଏପରି କ'ଣ କଲ କେଜାଣି ତୁମ ବିନା ରହି ହେଉ ନାହିଁ।"

ମାଳତି ଜାଣିଛି ଆଜି ସତ୍ୟ ତା'ପାଇଁ ପାଗଳ। ନିଜ ପ୍ରାଣ ଠାରୁ ମଧ୍ୟ ତା'କୁ ବେଶି ଆପଣାର ଭାବେ। କିନ୍ତୁ ସେ କେବେହେଲେ ଭବିଷ୍ୟତକୁ ନେଇ ଟିକିଏ ଚିନ୍ତା କରି ନାହିଁ। ଭାବି ନାହିଁ ମାଳତି ସହ ତା'ର ଏଇ ସୁସମ୍ପର୍କକୁ ସମାଜ ସ୍ୱୀକୃତି ଦେବ ନା ନାହିଁ । ଜାଣି ନାହିଁ ତା' ସହିତ ଏପରି ଖୋଲାଖୋଲି ମିଳାମିଶାରେ ଲୋକମାନେ ଖୁସି ନା ନୁହେଁ । କହିବାକୁ ଗଲେ ଭିନ୍ନ ଏକ ବର୍ଣ୍ଣର ଯୁବକ ସହିତ ତଥାକଥିତ ଅନ୍ୟ ଜାତିର ଯୁବତୀର ଅବାଧ ମିଳାମିଶାକୁ କେବେହେଲେ ସମ୍ପର୍କୀୟ କି ସମାଜ ସହଜରେ ଗ୍ରହଣ କରିବ ନାହିଁ। ନୀତି ବିରୁଦ୍ଧ କାର୍ଯ୍ୟ ସର୍ବାଗ୍ରେ ଅଗ୍ରାହ୍ୟ, ତାହା କୌଣସି ସରକାରୀ ବା ବେସରକାରୀ ଅନୁଷ୍ଠାନ, ପରିବାର, ବଂଶ, କୁଳ, ସମାଜ,

ISSN NO.
2582-208X

ଜଗତ କି ସମଗ୍ର ବ୍ରହ୍ମାଣ୍ଡ ହୋଇଥାଉ। ବ୍ୟବସ୍ଥିତ ଜୀବନ ଯାପନ ପାଇଁ ବର୍ଣ୍ଣ ବ୍ୟବସ୍ଥା ଯଦିଓ ସମାଜରେ ସମରସତାର ପରିପନ୍ଥୀ ତଥାପି ଏକତ୍ୱ ଭାବ ଜାଗ୍ରତ କରେ। ତେଣୁ ତଥାକଥିତ ନିଜ ନିଜ ଜାତି ଜନଜାତି ମଧ୍ୟରେ ବୈବାହିକ ସମ୍ବନ୍ଧ ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଆଣିଥାଏ। ଅନିଶ୍ଚିତ ଭବିଷ୍ୟତର ନିର୍ଭୁଲ ପ୍ରତିଛବି ଦେଖି ମାଳତି କହିଲା, "ଦେଖ, ଗତକାଲି ପୋଖରୀ ହିଡରେ ଆମେ ଦୁହେଁ କଥା ହେବାର ମୋ ପିଉସୀ ଦେଖିଛି। ତୁମେ ତା'କୁ ଭଲ ଭାବରେ ଜାଣି ନାହଁ । ସେ ଯଦି ତୁମକୁ ନେଇ ମୋତେ କିଛି କହେ ତେବେ ମୁଁ ଆଉ ଜୀବନକୁ ରଖିବି ନାହିଁ। ଏଇ ଦୁନିଆ ଛାଡି ଚାଲିଯିବି। ସବୁ ଦିନ ପାଇଁ ତୁମଠାରୁ ଦୂରେଇ ଯିବି।" ଅସଫଳତାର ଶେଷ ପାହାଚ ମୃତ୍ୟୁ ନୁହେଁ। ଜଣେ ଅକୃତକାର୍ଯ୍ୟ, ନିନ୍ଦିତ, ହତାଶ କି ସର୍ବସ୍ୱାନ୍ତ ହୋଇ ଅନ୍ୟ ଠାରୁ ଦୂରେଇ ଗଲେ ସଫଳତାର ଚାବିକାଠି ପାଏ ନାହିଁ। ସମସ୍ୟା ସହିତ ଜଡିତ ଥିଲେ ହୁଏତ ସମାଧାନର ରାସ୍ତା ମିଳେ। ସ୍ରୋତର ପ୍ରତିକୂଳରେ ଅଗ୍ରସର ହେଲେ ଦକ୍ଷତା ଆସେ। ମାତ୍ର ଅନେକ ସୁବିଧାବାଦୀ ମଣିଷ ସାମାନ୍ୟ କଥାରେ ଦୂରେଇ ଯିବା କି ମୃତ୍ୟୁବରଣ କରିବାର ପଥ ବାଛି ନିଅନ୍ତି। ବିଶେଷ କରି ଦୁର୍ବଳମନା ଲୋକମାନେ ଏମିତି କାମ କରନ୍ତି। ପୁଣି ଆଜିକାଲି ଏଇଟା ଏକ ପ୍ରକାର ଫେସନ ହୋଇଗଲାଣି।

ମାଳତିର ଏ ଭଳି ବେଦନାମଥିତ ବକ୍ତବ୍ୟ ଶୁଣି ସତ୍ୟ ହୃଦୟରେ ଗଭୀର ବ୍ୟଥା ଜାତ ହେଲା। ଛାତିରେ ଭରିଗଲା ଛାତିଏ କୋହ। ଶରୀରର ପ୍ରତିଟି ଅଙ୍ଗ ନିଷ୍କ୍ରିୟ ପ୍ରାୟ ଲାଗିଲା। ସାନ୍ତ୍ୱନା ଦେବାକୁ ଯାଇ କହିଲା, "ମାଳତି, ସେମିତି କିଛି ହେବ ନାହିଁ। ମୋତେ ବିଶ୍ୱାସ କର।" ଜଣେ ଆରଜଣ ଠାରେ ମନପ୍ରାଣ ବିକି ଥିଲେ ବିଶ୍ୱାସ ହିଁ ଏକମାତ୍ର ଭରସା ହୋଇଥାଏ। କିନ୍ତୁ ଯୁବକମାନେ ଯେତେବେଳେ ପ୍ରେମରେ ପଡି ଆଗତ ଭବିଷ୍ୟତକୁ ନେଇ ଟିକିଏ ବି ଚିନ୍ତା କରନ୍ତି ନାହିଁ ସେତେବେଳେ ମାଳତି ଭଳି ନିରକ୍ଷର ଯୁବତୀଙ୍କ ଭବ୍ୟ ଆକଳନ ଯୁଗାନ୍ତକାରୀ ଉଦାହରଣ ପାଲଟେ। ଏହି ପରିପ୍ରେକ୍ଷୀରେ ଯୁବା ମନରେ ପ୍ରାୟତଃ ଦୁଇଟି ଚିନ୍ତାଧାରା ଉଦ୍ରେକ ହୁଏ। ଗୋଟିଏ ହେଲା ଭଲ ପାଇ ଯଦି ନିଜର ନହେଲା ତେବେ ପ୍ରତିଶୋଧ ଏବଂ ଅନ୍ୟଟି ଦୀର୍ଘ ଦିନ ଧରି ଭଲ ପାଇବା ଭିତରେ ଚୁମ୍ବନଟି ନଦେଇ ଅନ୍ୟ କାହାକୁ ବାହା ହୋଇ ଚାଲିଯାଏ ତେବେ ଅଜସ୍ର ଅନୁତାପ କରିବା। ମାତ୍ର ଯେଉଁ ସମ୍ପର୍କଟି ପବିତ୍ର, ଜଣେ ଆରଜଣର ଅତି ଆପଣାର, ସୁଖ ଦୁଃଖରେ ସମଭାଗୀ ସେଠାରେ କାମନା, ବାସନା, ପ୍ରତିଶୋଧ, ଅନୁତାପ ପ୍ରବେଶ କରିପାରେ ନାହିଁ। ଚିରନ୍ତନ ସତ୍ୟ ଆଡକୁ ଗତି କରିଥାଏ ସେହି ସମ୍ପର୍କ। କ୍ରମଶଃ -------

ବୁଢ଼ିକୋମନା, ଜିଲ୍ଲା ନୂଆପଡ଼ା

ISSN NO.
2582-208X

# କାହାଣୀ କହୁଛି ଚଲିକା ରାଣୀ



ଜନ୍ମଜୟ ନାୟକ

ବସି କ୍ଳାନ୍ତ ଅପରାହ୍ଣେ ମୁଁ ଯେ ଗୋଧୂଳି ଲଗନେ
ଦେଖଇ ଚିଲିକାରାଣୀ ସୁଷମାରାଜି
ପ୍ରତୀଚୀ ଆକାଶୁ ରବି କିରଣର ପ୍ରତିଛବି
କି ଉପମା ଦେଇ ତାକୁ ବର୍ଣ୍ଣିବି ଆଜି,
ପର୍ଯ୍ୟଟକଙ୍କ ମନ ଜିଣି,
ସ୍ୱର୍ଗୀୟ ଶୋଭାର ଗନ୍ତାଘରଟେ ପୁଣି ।

ପାରିକୁଦ ଓ ମାଲୁଦ କାଳିଜାଇ ସାନକୁଦ
ଶୋଭାପାଏ କେତେ ଦ୍ୱୀପ ତାହାରି ଦେହେ,
ଜଳକ୍ରୀଡା ପକ୍ଷୀଙ୍କର ଅଟେ ଆହାଃ ମନୋହର
ସେହି ଛବିତକ ସର୍ବ ପରାଣ ମୋହେ,
ନିଆରା ଭାଲେରି ପାହାଡ,
ନଳବଣେ ପରିବ୍ରାଜୀ ପକ୍ଷୀଙ୍କ ଭିଡ ।

ISSN NO.
2582-208X

ଆବିଳ ହୋଇଛି ଆଜି ତା'ର ନୀଳ ଜଳରାଶି
କଳକାରଖାନା ଗଢ଼ା ହୋଇଛି ତୀରେ,
କୁରୂପ ଆଜି ତା ରୂପ ପାଇଛିକି ଅଭିଶାପ
ହରାଇ ଦେଇଛି କାଳର ଗରଭରେ,
ତଥାପି ସେ ଗର୍ବ ଆମର,
ଅନନ୍ୟା ଯେ ଅପରୂପା ସୌନ୍ଦର୍ଯ୍ୟ ତାର ।

ଗୁମୁରି କାନ୍ଦୁଛି ଆଜି କେହି ନପାରନ୍ତି ବୁଝି
ବେନି ନୟନୁ ତାହାର ଝରେ ଲୋତକ,
ସଭିଙ୍କୁ ପରଶି ଖୁସି ନିଜେ ପାରୁନାହିଁ ହସି
କିଏ ବା ପଚାରି ବୁଝେ ତାହାର ଦୁଃଖ,
କେହି ଅବା ପାରେ ବଖାଣି,
ଅପରୂପା ମଞ୍ଜୁଳା ସେ ଚିଲିକା ରାଣୀ ।

ଗୋପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
ଫୋନ-୯୩୩୭୮୦୦୫୬୫

ISSN NO.
2582-208X

# ନୀଳ ଅଭିମାନ



ଦିନେଶ ଅଗ୍ରୱାଲ୍

ମନ ସହିତ ମନର ମିଳନ
କେତେ ଯେ ପବିତ୍ର
ତାର ସୀମା ସରହଦ
କଏ ବା ମାପିବ ।
ବୈଦିକ ରୀତିରେ
ବେଦମନ୍ତ୍ର ପଢି
ଅଗ୍ନୀକୁ ସାକ୍ଷୀରଖି
ବାହା ହେଲି ଜଣକୁ
ଦେହ ମୋର
ଚାରିକାନ୍ଥ ଭିତରେ ବନ୍ଧା
ମନ ମୋର
ଆଉ କାହାପାଖରେ ବନ୍ଧା ।

ବଇଁଶୀର ସୁରେ ସୁରେ
ପାଦର ପାଉଁଜୀ ମୋର
ରୁଣୁଝୁଣୁ କରେ ।
ଏ ସବୁ ଅଜାଣତରେ ହେଉଥାଏ
ତୁମ ପ୍ରେମରେ ପଡ଼ିଗଲ୍ ପରେ ।
ନସ୍ୱାର୍ଥରେ ନର୍ବିବାଦରେ
ପ୍ରେମ ତ ପରସ୍ପରକୁ
ଅଦୃଶ୍ୟ ଆତ୍ମାର ଡୋରରେ
ବାନ୍ଧିହେବାର କଳା ।

ବିଜେପୁର
9668881391

ISSN NO.
2582-208X

# ରାମନାମ ବସି ଭଜୁଥା



ସିଦ୍ଧେଶ୍ୱର ତ୍ରିପାଠୀ

ରେ ମନ ରାମ ନାମ ବସି ଭଜୁଥା
ସବୁ କାମରୁ ଏବେଠୁ ଦୂରେ ଯା
ରେ ମନ ରାମ ନାମ ବସି ଭଜୁଥା

ପାଞ୍ଚ ପାଞ୍ଚ ହୋଇ ତୋର ଦଶ ବଇରୀ
ଏକାଦଶ ଶତ୍ରୁ ତୋତେ ଦେଲାଣି ସାରି
ଛଅଟି ଭାବ ତୋର କଲେଣି ଛାର ଖାର
ଏହାଙ୍କୁ ବଦଳାଇ ପ୍ରଭୁଙ୍କ ସେବାକର

ଏବେଠୁ ଭକ୍ତିରେ ମଜୁଥା
ରେ ମନ ରାମ ନାମ ବସି ଭଜୁଥା

ତିନି ଗୁଣଠାରୁ ତୁ ଯାଅ ଆଗେଇ
ପଚିଶି ପାଞ୍ଚକୁ ଧନ ଯାଅ ତୁ ଡେଇଁ
ବାଆର ସତେଇଶି ନଅବା ଯେତେ ଅଛି
ସେସବୁ ନୁହଁତୋର ରଖନାହିଁ ତୁ ବାଛି

ISSN NO.
2582-208X

ମନ ମନ୍ଦିରେ ପ୍ରଭୂଙ୍କୁ ପୂଜୁଥା
ରେ ମନ ରାମ ନାମ ବସି ଭଜୁଥା

କହଇ ସିଦ୍ଧେଶ୍ୱର  ଏଇ ମାଟି ଶରୀର
ପାଞ୍ଚରୁ ଆରମ୍ଭିଛି ପାଞ୍ଚରେ ଶେଷତାର
ଏବେଠୁ ସତ୍ୟକୁ ଖୋଜୁଥା

ରେ ମନ ରାମନାମ ବସି ଭଜୁଥା ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

ISSN NO.
2582-208X

# ଦୁର୍ଲଭ ମାନବ ଜନ୍ମ

ଅଲେଖ ମେହେର

ତୃତୀୟ ଅଧ୍ୟାୟ
ରାଗ-ରେଖ୍ତ

ମୁକ୍ତି କାରଣ ନିମିତ୍ତ ଭାଗବତରେ ପ୍ରବୃତ୍ତ
ଶ୍ରୀହରିଙ୍କ ଲୀଳାମୃତ କରି ଶ୍ରବଣ
ଶ୍ରବଣ ଉତ୍ପନ୍ନ ରସେ ପରାଣୁ ବୃଜିନ ନାଶେ
ବିଲୋଳ ମନ ବିମଳ ହେବ ବହନ
ଜୀବନର ଅନ୍ତଃ କାଳରେ
ବଇକୁଣ୍ଠ ପ୍ରାପ୍ତି ହେବ ବିନା ଦ୍ୱିଧାରେ ।୧୬।

ପରୀକ୍ଷିତ ନୃପମଣି ଗୁରୁଙ୍କ ସମୀପେ ଭଣି
ଭାଗବତ ରସାମୃତ କରନ୍ତୁ ଦାନ
ଆଚରି ନିଜ ସେବକ କରନ୍ତୁ ଜ୍ଞାନ ଉଦ୍ରେକ
ସନ୍ତାପିତ ପ୍ରାଣ ମୋର ଲଭୁ ପ୍ରସନ୍ନ
କୃପାମୟ ଶ୍ରୀ ଗୁରୁଦେବ
ମୁଖାର ବିନ୍ଦରୁ ଭାଗବତ ଶୁଣିବ ।୧୭।

ଭାଷନ୍ତି ବିନୟେ ମୁନି ଶୁଣ ଆହେ ନୃପମଣି
ପୂର୍ଣ୍ଣଜ୍ଞାତା ମହାମାନ୍ୟ ବ୍ୟାସ ତନୟ
ମହାମୁନି ଶୁକଦେବ ଚରଣେ ଶରଣ ନେବ
ହାଦେ କୃପାବାରି ଢାଳି ହେବେ ସଦୟ

ISSN NO.
2582-208X

ଭାଗବତ କଥା ଅମୃତ
ଶ୍ରବଣେ ସର୍ବକଳୁଷ ହେବ ଦୂରିତ ।୧୮ ।

ପ୍ରଣମି ଗୁରୁ ପୟରେ ମେଲାଣି ଆଇ ସତ୍ୱରେ
ଶକ୍ତିମନ୍ତର ଚଳିଲେ ଜ୍ଞାନ ସନ୍ଧାନେ
ବିଜନ ବିଭାବରୀରେ ଭୀତିନାହିଁ ନିଶାଚରେ
ନିରସ୍ତ୍ର ହସ୍ତେ ଧାବନ୍ତି ମୁକ୍ତି ବିଧାନେ
ବିରାଜିଲେ ଆଶ୍ରମ କୁଞ୍ଜେ
ପ୍ରଣମିଲେ ଶୁକଦେବ ପଦ-କଙ୍କଜେ ।୧୯ ।

-:ଟୀକା:-
ବିଲୋଳ – ଚଞ୍ଚଳ
ଉଦ୍ରେକ – ଜାତ
ହାଦେ – ନିଶ୍ଚୟ
କଳୁଷ – ପାପ
ଧାବନ୍ତି – ଦୌଡିବା
ବିମଳ- ନିର୍ମଳ
ସନ୍ତାପିତ – ଦେହଗଞ୍ଜି
ସଦୟ – ଦୟାକରି
ଶକ୍ତିମନ୍ତର - ଶକ୍ତିଶାଳୀ

କ୍ରମଶଃ.....

ବରପଦର, ଗୋବିନ୍ଦପୁର, ବରଗଡ

ISSN NO.
2582-208X

# ଜୀବିକା ଆଉ ଜୀବନ



ଶିବରାମ ଦଳେଇ

ମ୍ୟାଡ଼ାମ ମ୍ୟାଡାମ ଏଇ ନିଅନ୍ତୁ ଆପଣଙ୍କ ବ୍ୟାଗ ଗାଡି ପାଖରେ ପଡିଥିଲା । ଓହୋ ଏ ବ୍ୟାଗ ପାଇଁ ମୁଁ ଆଜି କିଛି କାମ କରିପାରିଲି ନାହିଁ । ଏ ବ୍ୟାଗ ଭିତରେ ଅନେକ ଦରକାରୀ କାଗଜପତ୍ର ଥିଲା ଯାହାକୁ ପାଇବା ବହୁ କଷ୍ଟକର । ସେ ଯାହା ହେଉ କାମ ଟା ସିନା ଆଜି ଚାଲିଗଲା ହେଲେ କାଲି ତ ହେଇଯିବ । କିନ୍ତୁ ଏ ବ୍ୟାଗ ଚାଲିଯାଇଥିଲେ ମୋ ଜୀବନଟା ରାସ୍ତା ଶୂନ୍ୟ ହେଇ ପଡ଼ିଥାନ୍ତା । ଯାହା ହେଉ ତୁମ ପରି ଲୋକ ଏ ସମାଜରେ ଅଛନ୍ତି ବୋଲି ଆଜି ଏ ସମାଜ ଉଜ୍ଜୀବିତ ଅଛି ।

ଆରେ ଏ ବ୍ୟାଗ ଭିତରେ ସବୁ କାଗଜପତ୍ର ଅଛି ହେଲେ କ୍ରେଡିଟ କାର୍ଡ ଡିପୋଜିଟ ପାଇଁ ରଖିଥିବା ଆଠ ହଜାର ଟଙ୍କା ତ ନାହିଁ । ଏ ଶୁଣ ଏଠାକୁ ଆସ !

ଆଜ୍ଞା ମ୍ୟାଡାମ କୁହନ୍ତୁ

କେବେଠୁ ଏ କାମ କଲୁଣି ?

ମ୍ୟାଡାମ ମୁଁ ଏଠି ସାତ ଆଠ ବର୍ଷ ହେବ ଏହି କାମ କରୁଛି ।

ମୁଁ ସେ କଥା କହୁନି ।

ISSN NO.
2582-208X

ଆଉ କୋଉ କଥା ମ୍ୟାଡାମ ?

ମୁଁ ଚୋରି କରିବା କଥା କହୁଛି ।

ଚୋରି ମାନେ......?

ଟିକିଏ ଆଗରୁ ତ ଭଦ୍ରଲୋକ ଦେଖେଇ ହଉଥିଲୁ ।ଏ ବ୍ୟାଗ ରେ ଆଠ ହଜାର ଟଙ୍କା ଥିଲା କୁଆଡେ ଗଲା ? ଭଲରେ ଦେବୁ ନାଁ ତୋ ମାଲିକ କୁ ଡାକିବି ?

ନାହିଁ ମ୍ୟାଡାମ ମୁଁ ତ ଏପର୍ଯ୍ୟନ୍ତ ଆପଣଙ୍କ ବ୍ୟାଗ ଖୋଲି ନାହିଁ । ସେଥିରେ କଣ ଥିଲା କଣ ନାହିଁ ଜାଣି ନାହିଁ ,ଆପଣଙ୍କ ଟଙ୍କା ନେବି କେମିତି ?

ତୁମେ ଛୋଟଲୋକ ଗରିବ ମାନେ ହିଁ କିଛି ଟଙ୍କା ପାଇଁ ଏମିତି ନାଟକ କର । ଭଲରେ ମୋ ଟଙ୍କା ଦେବୁ ନା ମାଲିକ କୁ ଡାକିବି ? ଆଉ ତୋ ମାଲିକ ଯଦି ନ ଶୁଣେ ତେବେ ପୋଲିସ ଡ଼ାକି ତୋ ଠୁ ଆଦାୟ କରିବି ।

ମ୍ୟାଡାମ ମୁଁ ଗରିବ ହେଇପାରେ କିନ୍ତୁ ଚୋର ନୁହେଁ ! ଆଜିକାଲି କାହାର ଉପକାର କରିବା କଣ ଭୁଲ ? ଭଗବାନ ବି ସତରେ ଏ ଯୁଗରେ ପଥର ପାଲଟି ଯାଇଛନ୍ତି ।

ଏ ଆଡୁସାଡୁ ଗପି  ମୋ ସମୟ ବରବଦ କରନି, ମୋ ଟଙ୍କା ଦେ ନଚେତ..........

ମ୍ୟାଡାମ  ସତ କହୁଛି ମୋ ପାଖରେ ଆପଣଙ୍କ ଟଙ୍କା ନାହିଁ । କାହିଁକି ଏ ଗରିବ ଉପରେ ମିଛ ଦୋଷାରୋପ କରୁଛନ୍ତି । ଏଇ ପେଟ ଚାଖଣ୍ଡକ ପାଇଁ ମୁଁ ଏ ଖରାତରା ରେ ଗେଟ ସମ୍ମୁଖରେ ପଡି ରହୁଛି, ମୁଁ ବା କାହିଁ ଚୋରି କରିବି ।

ତାହେଲେ ତୁ ଭଲରେ ମୋ ଟଙ୍କା ଦେବୁ ନାହିଁ ! "ଏବେ ତୋ ମାଲିକ କୁ ଡାକୁଛି " ।

ISSN NO.
2582-208X

ମ୍ୟାଡାମ ଆପଣଂକୁ ହାତ ଯୋଡୁଛି ,ମାଲିକ କୁ ଡାକି ମୋ ଜୀବିକା ମାରନ୍ତୁ ନାହିଁ । ସତ କହୁଛି ମୁଁ ଆପଣଙ୍କ ଟଙ୍କା ନେଇନାହିଁ ।

ହେଲୋ ......ପ୍ରଧାନ ବାବୁ, ଟିକିଏ ଆପଣଙ୍କ ଗେଟ ପାଖକୁ ଆସିବେ ।

(କିଛି ସମୟ ପରେ)

କଣ ହେଇଛି ସରିତା ମ୍ୟାଡାମ ...କଣ ହେଇଛି ? ପ୍ରଧାନ ବାବୁ ଯଥାଶୀଘ୍ର ଏ ଦରୱାନ କୁ ବାହାର କର ! ଏପରି ଲୋକ ରଖିଲେ ତୁମ କମ୍ପାନୀ ଅତିଶୀଘ୍ର ବୁଡିଯିବ ।

ସରିତା ମ୍ୟାଡାମ ଘଟଣା କଣ ଘଟିଛି କହିଲେ ସିନା ମୁଁ ଜାଣିବି ?

ଆଜି ତରତର ରେ ଗାଡ଼ି ପାର୍କିଂଗ କରି ଆପଣଙ୍କ ଅଫିସ ଗଲାବେଳେ ମୋ ବ୍ୟାଗ ଏଇଠି ଗଳିପଡିଥିଲା । ଆପଣ ତ ଜାଣନ୍ତି ସେଥିରେ ମୋର ସବୁ କାଗଜପତ୍ର ଥିବାରୁ ମୁଁ ଆପଣଙ୍କ କମ୍ପାନୀ ସହିତ କିଛି ଡିଲିଙ୍ଗ କରିପାରିଲି ନାହିଁ । ଫେରିଲା ବେଳେ ସେ ମୋ ବ୍ୟାଗ ତ ଫେରେଇଲା ହେଲେ ବ୍ୟାଗ ରେ ଥିବା ଆଠ ହଜାର ଟଙ୍କା ନାହିଁ । ପଚାରିବାରୁ ସେ ମୋ ସହ ଖରାପ ବ୍ୟବହାର କରୁଛି ।

ଆରେ ମ୍ୟାଡାମ ସେ ମୋର କର୍ତ୍ତବ୍ୟନିଷ୍ଠ ଦରୱାନ ଭାବେ କମ୍ପାନୀ ଆରମ୍ଭ ରୁ ଅଛି । ସେ ଏପରି କାମ କରିଥିବ ମୋର କାହିଁ ବିଶ୍ୱାଆସ ହେଉନି ।

ତା ମାନେ ମୁଁ କଣ ମିଛ କହୁଛି ?

ସେ କଥା ମୁଁ କଣ କହିଲିଣି ? କାଳେ ଆପଣ ଭୁଲ ରେ କେଉଁଠି ଦେଇଥିବେ ଟିକିଏ ମନେ ପକାନ୍ତୁ ।

ISSN NO.
2582-208X

ନା ନା ମୋର ଏପରି ଭୁଲ ହେବନି ପ୍ରଧାନ ବାବୁ । ମୋର ଭଲଭାବେ ମନେ ଅଛି ମୁଁ ସବୁକିଛି ଏହି ବ୍ୟାଗ ରେ ରଖିଥିଲି ।

ଆରେ ଏ......ଶୁଣ, ମ୍ୟାଡାମ ଯାହା କହୁଛନ୍ତି କଣ ସତ ? ତୁ ତାଙ୍କ ବ୍ୟାଗ ପାଇଥିଲୁ ?

ହଁ ବାବୁ ମୁଁ ପାଇଥିଲି ।

ତେବେ ତା ଭିତରୁ ଟଙ୍କା କୁଆଡେ ଗଲା ?

ମୁଁ ଜାଣିନି ବାବୁ, ସେ ବ୍ୟାଗରେ କଣ ଥିଲା କଣ ନାହିଁ ଦେଖନି ବାବୁ ।

ତା ହେଲେ ମୁଁ କଣ ମିଛ କହୁଛି ! ସାଧାରଣ ଆଠ ହଜାର ଟଙ୍କା ପାଇଁ ମିଛ କହିବି । ଦେଖ ଚୋରି କରିଛି ପୁଣି ମାଲିକ ଆଗରେ ଠୁଳେ ମାନୁନି । ସତ କହୁଛି ପ୍ରଧାନ ବାବୁ ଏ ଚୋର କୁ ବାହାର ନ କରିବା ଯାଏ ତୁମ କମ୍ପାନୀ ଆମ କମ୍ପାନୀ ର ସମ୍ପର୍କ ବନ୍ଦ ।

ଆବେ ହେ ....., ସତ ମାନି ମ୍ୟାଡାମ ଙ୍କ ଟଙ୍କା ଫେରେଇ ଦେଇ ଭୁଲ ମାଗିନେ । ନଚେତ ତୋ ଚାକିରୀ ଛାଡିବାକୁ ପଡିବ । ଆଉ ତୋ ପାଇଁ କଣ ମୁଁ ମୋ କମ୍ପାନୀ ର ଏତେ କ୍ଷତି ଘଟେଇବି । ଯାଆ, ଏବେଠୁ ତୋତେ ଛୁଟି ଦେଲି ।

ବାବୁ, ମୋ କଥା ଟିକିଏ ଶୁଣନ୍ତୁ ବାବୁ । ମୁଁ ଚୋର ନୁହେଁ । ସତ କହୁଛି ମୁଁ ଚୋର ନୁହେଁ। ମ୍ୟାଡାମ ମ୍ୟାଡାମ ମୋ କଥା ଟିକେ ଶୁଣନ୍ତୁ । ସତରେ ମୁଁ ଆପଣଙ୍କ ଟଙ୍କା ଚୋରେଇନି । ମୋ ଜୀବିକା ମାରନ୍ତୁ ନାହିଁ । ଯାହା ହେଇଛି ମୋର ଭୁଲ ହେଇଛି ।

ଶୁଣ ...ଯେତେ ସଫେଇ ଦେଲେ କିଛି ହେବନି, ଯା ଏବେଠୁ ମୋ କମ୍ପାନୀ ସାମ୍ନା ରୁ ପଳା। ହଁ ଆହୁରି ଶୁଣ ତୋର ଏ ମାସର ଦରମା ଆଉ ଗତ ବର୍ଷ ର ବୋନସ ମିଶେଇ ମୁଁ ସରିତା ମ୍ୟାଡାମ ଙ୍କୁ ପେମେଣ୍ଟ କରିଦେବି ।

ISSN NO.
2582-208X

ସେଦିନ ରାତ୍ରି ଭୋଜନ ସମୟ ରେ ସରିତା ମ୍ୟାଡାମ ନିଜ ସ୍ୱାମୀ ଆଗରେ ସବୁ ଘଟଣା କହିଲା । ତା ସ୍ୱାମୀ ହଠାତ କହିବାକୁ ଲାଗିଲେ ସରିତା ତୁମେ ଭୁଲ କଲ । ସତରେ ସେ ନୀରିହ ଦରୱାନ ର କିଛି ଦୋଷ ନାହିଁ । ମୁଁ ହିଁ ପ୍ରକୃତ ଦୋଷୀ ।

ମାନେ, ତୁମେ କଣ କହିବାକୁ ଚାଂହୁଛ । ସକାଳେ ATM ରୁ ଟଙ୍କା ନ ଉଠିବା ରୁ ମୁଁ ତୁମ ବ୍ୟାଗ ରୁ ଟଙ୍କା ନେଇ ଅତି ଦରକାରୀ କାମ ରେ ବାହାରି ଗଲି ଯେ କହିବାକୁ ଭୁଲିଗଲି ।

ହେ ଭଗବାନ, ମୋ ଦ୍ୱାରା କେତେ ବଡ଼ ଭୁଲ ହେଇଗଲା । ମୁଁ ଏବେ ପ୍ରଧାନବାବୁ ଙ୍କୁ ଫୋନ କରୁଛି । ହେଲୋ ..... ପ୍ରଧାନବାବୁ ।

ହଁ ମ୍ୟାଡାମ, ଆପଣ ଚିନ୍ତା କରନ୍ତୁ ନାହିଁ "ସେ ଅଭଦ୍ର କୁ ସେହି ସମୟ ରୁ ବିତାଡିତ କରିସାରିଛି "। ଆପଣଙ୍କ ଟଙ୍କା ପାଇଁ ମୁଁ ତା ଦରମା ଏବଂ ବୋନସ ରଖି ଦେଇଛି ।

ନାହିଁ ଯେ ପ୍ରକୃତ ଭୁଲ ଟା ମୋର । ନିର୍ଦୋଷ । ମୋ ସ୍ୱାମୀ ବ୍ୟାଗ ରୁ ମୋତେ ନ କହି ସବୁତକ ଟଙ୍କା ନେଇଥିଲେ । ଏବେ କହିବାରୁ ମୁଁ ଆପଣଙ୍କ ପାଖକୁ ଫୋନ କଲି ।

ଆପଣ ସେ ପିଲାକୁ ପୁଣି କାମରେ ରଖି ଦିଅନ୍ତୁ ନଚେତ ଭଗବାନ ମୋତେ କ୍ଷମା କରିବେ ନାହିଁ । ଯଦି ସେ ପିଲାର ଠିକଣା କି ଫୋନ ନମ୍ବର ଦିଅନ୍ତେ ମୁଁ ହୁଏତ ତା ଠୁ ଭୁଲ ମାଗି ନିଅନ୍ତି ।

ହଉ ମୁଁ ଦେଖୁଛି ।

ତାହାର ତ ଫୋନ ନମ୍ବର ନାହିଁ, କିନ୍ତୁ ଠିକଣା ନିଶ୍ଚୟ ଅଛି । କାଲି ଯାଇ ତାକୁ ନେଇ ଆସିବି । ତାହେଲେ ଠିକ ଅଛି କାଲି ମୁଁ ବି ଆପଣଙ୍କ ସାଥିରେ ଯିବି ।

ISSN NO.
2582-208X

ପରଦିନ ଦୁଂହେ ସେହି ପିଲା ଘରକୁ ଗଲେ । ଦେଖିଲେ ଅନେକ ଲୋକ ତା ଘର ଆଗରେ ରୁଣ୍ଡ ହେଇଥିଲେ । ସେ ପିଲା କୁ ଡାକିଲେ । ସେ ଆସି ଲମ୍ବା ହେଇ ଗୋଡ଼ ତଳେ ପଡ଼ି କହିବା କୁ ଲାଗିଲା ମୁଁ ନିର୍ଦୋଷ ବାବୁ ।ମୁଁ ଚୋରି କରିନି ବାବୁ ।
ଆରେ ପ୍ରକୃତ ଘଟଣା କଣ ମୁଁ ବୁଝି ସାରିଛି, ତୋର କିଛି ଦୋଷ ନାହିଁ । ତେଣୁ ତୋତେ ତୁମ ଚାକିରୀ ରେ ଯୋଗ ଦେବା ପାଇଁ ଆମେ ଫେରାଇ ନେବାକୁ ଆସିଛୁ ।

ଆଉ ଲାଭ କଣ ବାବୁ । ଦରମା ଆଠ ଦିନ ବିଳମ୍ବ ସହିତ ମୋ ମାଆ ର ମେଡ଼ିସିନ ସରିଗଲା । ଯାହା ପାଇଁ ଚାକିରୀ କରୁଥିଲି ସେ ତ ଟିକିଏ ଆଗରୁ ମୋତେ ଛାଡି ଚାଲିଗଲା। ଆଉ ଚାକିରୀ କରିବି କାହା ପାଇଁ ? ଆପଣ ଫେରି ଯାଆନ୍ତୁ ବାବୁ ।

ମୋତେ କ୍ଷମା କର ବାବୁ, ସବୁ ମୋହରି ପାଇଁ ଘଟିଗଲା ।

ମ୍ୟାଡାମ ଆପଣଂକୁ କ୍ଷମା କଲେ କଣ ମୋ ମାଆ ଜୀବନ ଫେରି ଆସିବ । ଆଉ ଗୋଟିଏ କଥା କହି ରଖୁଛି ମ୍ୟାଡାମ ସବୁ ଗରିବ ମାନେ ଚୋର ନୁହଁନ୍ତି ।

ଶେଷରେ ମୋର ଗୋଟାଏ ଅନୁରୋଧ ରଖିବେ ମ୍ୟାଡାମ ଭବିଷ୍ୟତ ରେ ମୋ ପରି ଆଉ କାହାକୁ ମାଆ ଛେଉଣ୍ଡ କରିବେ ନାହିଁ କି କାହାର ଜୀବିକା ମାରିବେ ନାହିଁ । ମାଆ ଚାଲିଗଲେ ନା ଭାରି କଷ୍ଟ ହୁଏ ।

ଲେଖନପୁର ସାଲେପୁର
ଦୂରଭାଷ :- ୯୪୩୯୯୩୭୦୭୧

ISSN NO.
2582-208X

# ଶୁଭ ସକାଳ



ସ୍ମୃତି ରେଖା ନାୟକ

ନୂତନ ଦିନର
ଆଜି ନୂତନ ସକାଳ
ଚାଷୀ ହସେ ଦେଖି ତାର
ସୁନାର ଫସଲ ।
ନୂଆ ଲାଗେ ଆଜି ପୁଣି
ସୂର୍ଯ୍ୟ ଙ୍କ  କିରଣ
କୋକିଳ ର କୁହୁ ତାନ
କିଣି ନିଏ ମନ।
ବୃକ୍ଷର ପତ୍ର ରେ ପୁଣି
ପଡିଛି ଶିଶିର
ମୁକ୍ତା ପରି ଝଲସୁଛି
ନାହିଁ  ପଟ୍ଟାନ୍ତର।
ଶିଶିର ବିନ୍ଦୁ ରେ ଯେବେ
ସୂର୍ଯ୍ୟ ରଶ୍ମି  ପଡେ

ISSN NO.
2582-208X

ତାହା ଦେଖି ସଭିଙ୍କ ର

ଆକର୍ଷଣ ବଢେ ।

ପକ୍ଷୀ ମାନେ ଉଡି ବୁଲନ୍ତି

ଖାଦ୍ୟ ଅନ୍ୱେଷଣେ

ପ୍ରଜାପତି ଉଡିବୁଲେ

କୋଣେ ଅନୁକୋଣେ ।

ଚାଷୀ ଯାଏ ଚାଷ କରି

ଧରି କୋଦାଳ କୋଡି

ଛାତ୍ର ଛାତ୍ରୀ ଯାଆନ୍ତି

ବିଦ୍ୟାଳୟ ପାଠପଢ଼ି ।

ଏହି ନୂତନ ସକାଳ

ପ୍ରତିଦିନ ଆସେ

ଶୁଭ ସକାଳ ଦେଖି

ସଭିଙ୍କ ମନ ହସେ

ଡୋର୍ବ ବରଗଡ଼

ISSN NO.
2582-208X

# ଚିଠି



ସୁହଂସ ଭୋଇ

ପ୍ରୀତି ର କାଳିରେ ପ୍ରଣୟର ଲିପି
ଲେଖଇ ବିରସେ ଭାବି
ନିରେଖି ପଢିଲେ ଆଗୋ ପ୍ରାଣସହି
ଦିଶିବ ମୋ ପ୍ରତିଛବି.....

ସାଦା କାଗଜର ପରିସୀମା ଛୋଟ
ଭାବନା ଯେ ପରିବ୍ୟାପ୍ତ
କାଗଜ କାହିଁକି ବୁଝିବ କି ସତେ
ପ୍ରେମ ଅନୁରାଗ ତତ୍ୱ......

ଶବ୍ଦର ଶିଳାରେ ଗଢିଛି କୋଣାର୍କ
ଆଙ୍କିଛି ସ୍ମୃତିର ଚିତ୍ର
ସେ ସ୍ମୃତି ଭିତରେ ତୁମ ଚିତ୍ର ରୂପ
ପ୍ରୟାସ ନିମିତ୍ତ ମାତ୍ର.....

ପାଶେ ଥିଲେ ତୁମେ ଅତି ଆପଣାର
ଲାଗ  ନିଜର ନିଜର
ଦୂରେ ଥିଲେ କାନ୍ତା ବାନ୍ଧି ଦେଇଥାଅ
ହୃଦୟ ଭିତରେ ଘର....

ମୋ ମନ କାନନେ ସୁଶୀଳ ସରିତ
ବହୁଅଛି ଝର ଝର
ଶୁଷ୍କ ବୃକ୍ଷ ରାଜି କଉଁଳୁଛି ପତ୍ର
ନାହିଁ କଳକଣ୍ଠ ସ୍ୱର...

ବିଜେପୁର, ବରଗଡ

ISSN NO.
2582-208X

# ହାରାକିରି ଦିଅ, ନେବୁ ବିଦାୟ



ଡୁଇଟ ଡେଭିଡ ଫୀଲପ

ଯୀଶୁଙ୍କୁ କୃଷ, କୃଷକୁ ଯିଶୁ,
ଶୁଣିବାକୁ ଲାଗୁନି ତିକ୍ତ କାହାକୁ,
ପିଲାତ ହାତରେ ସନ୍ଦିଗ୍ଧ ମୃତ୍ୟୁ ହେଲାନି ଯୀଶୁଙ୍କୁ,
ଆଜିର ଶାସକ ତାଠୁ ହିନ ଆମେ କାହିଁକି ନକହିବୁ।

ଭଲ ଶୟତାନ, ଭଲ ପିଶାଚ,
ଭଲ ବର୍ବର ମାନଙ୍କ ଏ ଆକଳନର ସମୟ,
ପିଶାଚ ଗିଳୁଛି ପିଶାଚ, ଏ ଅଟେ ନୂଆ ସାମାଜିକ ଦୁର୍ବିପାକ,
ସମୟ ଗିଳନ୍ତା ଯଦି ଆମେ ଡାକନ୍ତେ ତ୍ରାହି ନିଶ୍ଚୟ,
ଶାସକ-ବିଚାରକ, ଦିଅ ବିଦ୍ରୋହୀ ଜନ ଗଣଙ୍କୁ ଜାପାନର ହରିକିରି,
ତତ୍ପର ଆମେ, ନେବୁ ବିଦାୟ ।

ଚାଇବାସା, ଝାଡ଼ଖଣ୍ଡ,
୨୯/୧୨/୨୦୨୨
klddavid@rediffmail.com
9437104303

ISSN NO.
2582-208X

# ରାଜନୀତି ଗାଁ ର ସମ୍ପର୍କ ଭାଙ୍ଗୁଛି



ଅନନ୍ତ କୁମାର

ରାଜନିତୀ ବର୍ତ୍ତମାନ ଧୀରେ ଧୀରେ ଏମିତି ଗାଁ ଗହଳିରେ ଘରେ ଘରେ ପ୍ରବେଶ କଲାଣି ଯାହା କଳ୍ପନା କରି ହେଉ ନାହିଁ। କିଛି ବର୍ଷ ପୂର୍ବରୁ ନିର୍ବାଚନ ଆସେ ଯାଏ ନେତାଙ୍କ ପ୍ରଚାର ପ୍ରସାର ଏତେ ନ ଥିଲା ଆଉ ଗାଁ ଗହଳିରେ ଏତେ ପ୍ରଭାବ ପଡୁ ନ ଥିଲା । କିନ୍ତୁ ବର୍ତ୍ତମାନ ଏମିତି ରାଜନୈତିକ ମୋଡ ନେଉଛି ଧୀରେ ଧୀରେ ତାହା ଭାରି ଭୟାନକ। ନେତାମାନେ ଏମିତି କଳି ମଞ୍ଜି ବୁଣି ଯାଉଛନ୍ତି ଗାଁ ଗାଉଁଲି ମଣିଷଙ୍କ ପାଖେ ତାହା ହତ୍ୟା ଆତ୍ମହତ୍ୟା ପର୍ଯ୍ୟନ୍ତ ଚାଲି ଯାଉଛି। କାହିଁ ଆଗରୁ ନିର୍ବାଚନ ଆସୁଥିଲା ନେତା ନିର୍ବାଚନ ଲଢୁଥିଲେ ଶାନ୍ତି ଶୃଙ୍ଖଳାରେ ଲୋକ ମାନେ ମଧ୍ୟ ଭୋଟ ଖଣ୍ଡିଏ ଦେଇ ନିରବ ରହୁଥିଲେ କେବଳ ଗୋଟିଏ କଥା କହୁଥିଲେ ଗାଉଁଲି ଶବ୍ଦରେ ରଜା ହେବା ଲୋକ ହେବା ଯିଏ ଲଙ୍କାକୁ ଯିବ ସିଏ ରାବଣ ହବ ଆମେ ଦେ ଖଣ୍ଡିଏ ଭୋଟ ଦେବା। କିନ୍ତୁ ବର୍ତ୍ତମାନ ଚିତ୍ର ପୁରା ଓଲଟା ହେଇ ଗଲାଣି ନିର୍ବାଚନ ଆସିଲେ ସବୁ ଦଳର ନେତା ମାନେ ଆମରି ଟିକସର ଲକ୍ଷ୍ୟ ଲକ୍ଷ୍ୟ କୋଟି ଟଙ୍କା ଧରି ଆସିବେ ଆଉ ବିଭିନ୍ନ ନିଶା ଦ୍ରବ୍ୟ ଯଥା ମଦ ସିଗାରେଟ ଦେଇ ଗାଁର ଲୋକଙ୍କୁ ପ୍ରଲୋଭିତ କରି ନିଜ ଭାଇ ସାହି ପଡିଶା ଲୋକମାନଙ୍କ ସହ କଳି ଲଗାଇବା ଆରମ୍ଭ କରିବେ।

ଲୋକମାନେ କେଇଟା ଟଙ୍କାରେ ପ୍ରଲୋଭିତ ହେଇ ଆଉ ନିଶା ସେବନ କରି ଏଇ ନେତାମାନଙ୍କ କଥାରେ ନିଜ ସାହି ପଡିଶା ଗାଁ ଭାଇ ଭିତରେ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରୁଛନ୍ତି ଆଉ ଭୁଲି ଯାଉଛନ୍ତି ରାତି ପାହିଲେ ଗାଁ ରେ ମୁହଁକୁ ମୁହଁ ଦେଖା ଦେଖି ହେବେ। ଏମିତି ପରିସ୍ଥିତି ବେଳେ ବେଳେ ଉପୁଜୁଛି ହତ୍ୟା ପର୍ଯ୍ୟନ୍ତ କଥାବାର୍ତ୍ତା ଯାଉଛି ଗାଁ ଗହଳିରେ

ISSN NO.
2582-208X

ଲୋକମାନଙ୍କ ଭିତରେ। ନେତାମାନେ କେବଳ ମଜା ଦେଖନ୍ତି ଆଉ ନିର୍ବାଚନ ବୈତରଣୀ ପାରି ହେଇ ଗଲେ ମାଡ ଖାଇଥିବା ଲୋକକୁ ପଚାରିବା ତ ଦୂରର କଥା ଆସନ୍ତି ନାହିଁ। ନେତାମାନେ ନିଜର ସ୍ୱାର୍ଥ ପାଇଁ କୋଟି କୋଟି ଟଙ୍କା ମାତ୍ର ୧୫ ଦିନ ନିର୍ବାଚନ ସମୟରେ ଖର୍ଚ୍ଚ କରନ୍ତି ଏହି ଗାଁ ରେ ବୁଲି ବୁଲି ଆଉ ନିର୍ବାଚନ ସରିଲେ ଗାଁ କୁ ଭୁଲି ଯାଆନ୍ତି। କିନ୍ତୁ ଲୋକମାନେ ଏହି କଥାକୁ କେବେ ନିଜ ବୁଦ୍ଧି ବିବେକ ଲଗାଇ ନ ବୁଝି ପରସ୍ପର ଭିତରେ ଝଗଡା କରି ଗଣ୍ଡଗୋଳ କରନ୍ତି। ଗାଁର ଲୋକ ବୁଝିବା ଦରକାର ଯଦି ରାତି ଅଧରେ କାହାର କିଛି ଅସୁବିଧା ହୁଏ ଆଗ ନେତା ଆସିବନି ପାଖ ସାହି ପଡିଶା ଲୋକ ପାଖରେ ପହଞ୍ଚିବ ଆଉ ଯଦି କେହି ରାତି ଅଧରେ ମରିଯାଏ ତାହା ହେଲେ ଏଇ ଗାଁର ଲୋକ କାନ୍ଧେଇ ମଶାଣିକୁ ନେବେ କୌଣସି ନେତା ଆସି କାନ୍ଧ ଦେବେ ନାହିଁ। କିନ୍ତୁ ଏହାକୁ ନ ବୁଝି ସାମାନ୍ୟ ୫୦୦, ୧୦୦୦ ଟଙ୍କା ପାଇଁ କିଛି ମଦ ପାଇଁ ୩୬୫ ଦିନର ଭୁଲ ନିଷ୍ପତ୍ତି ନିଅନ୍ତି, ଆଉ ନିଜ ଗାଁର ସାହି ପଡିଶାକୁ ଭୁଲି ଯାଆନ୍ତି। ବର୍ତ୍ତମାନ ସମସ୍ତ ଗାଁ ରେ ଏମିତି କଳି ଲାଗି ରହିଛି ବର୍ଷ ବର୍ଷ ପର୍ଯ୍ୟନ୍ତ ଲୋକ ମାନେ ପରସ୍ପର କଥାବାର୍ତ୍ତା ହେଉ ନାହାଁନ୍ତି କି କେହି କାହା ଘରକୁ ଯାଉ ନାହାଁନ୍ତି । ଏମିତି କି ମୁହଁକୁ ମୁହଁକୁ ଚାହିଁଲେ ଲାଗୁଛି ପରସ୍ପର କେହି ପରିଚିତ ନୁହଁ । ଏହି ରାଜନୀତି ଏବଂ ନେତାମାନଙ୍କ ପାଇଁ ଗାଁ ଦୁଇ ତିନି ଭାଗ ହେଇ ଯାଉଛି ଶେଷରେ ଭାଗ ହେବା ଦ୍ୱାରା ରାଗ, ହିଂସା ଅଭିମାନରେ ନିଜ ଗାଁ ପରମ୍ପରା ଦେବା ଦେବୀ ମଧ୍ୟ ଅଲଗା ଅଲଗା ପୂଜା ପାଉଛନ୍ତି । କେଉଁଠି କେଉଁଠି ମଧ୍ୟ ଦେବା ଦେବୀ ଅପୂଜା ରହୁଛନ୍ତି କେବଳ ଏଇ ରାଜନୀତି ପାଇଁ । ବର୍ତ୍ତମାନ ରାଜନୀତି ଗାଁ ଗହଳିରେ ସମ୍ପର୍କ ଖରାପ କରିବା ସହ ନିଜର ପରିବେଶ ଖରାପ କରୁଛି। ଯଦି ଏମିତି ଆଗାମୀ ଦିନରେ ବଢି ଚାଲେ କିମ୍ବା ଗାଁ ର ଲୋକମାନେ ସଚେତନ ନ ହୁଅନ୍ତି ଗାଁ ପରିବେଶ ସହ ଆଗାମୀ ପିଢି ପାଇଁ ମଙ୍ଗଳ ଦାୟକ ନୁହଁ।

ତିହିଡି, ଭଦ୍ରକ,
ଯୋଗାଯୋଗ-୮୩୩୯୯୩୯୯୨୯

ISSN NO.
2582-208X

# ସୁରେଇରୁ ସୁରା ସରିଯାଉ ପଛେ ସଞ୍ଜ ବୁଡ଼ି ହେଉ ରାତି



ତାରାପ୍ରସାଦ ଜେନା

ସୁରେଇରୁ ସୁରା ସରିଯାଉ ପଛେ ସଞ୍ଜ ବୁଡ଼ି ହେଉ ରାତି
ଓଠ ସୁରେଇରେ ସୁରା ଅଛି ବାକି ପିଇବାକୁ ଇଛା ପ୍ରୀତି
..........ସୁରେଇରୁ ସୁରା ସରିଯାଉ ପଛେ
ସଞ୍ଜ ବୁଡ଼ି ହେଉ ରାତି ! ୦ !

ଜହ୍ନ ଖେଳୁଥିବ ବଉଦ ଫାଙ୍କରେ ବାତାୟନେ ଦେବ ଧରା
ଓଢ଼ଣା ଭିତରୁ ସାକୀ ମୋର ସାଥୀ ସରମର ତୋଫା ଗୋରା
ହାତ ଭିଡ଼ିଦେଲେ ଖସିବନି ଆଉ ଆଉଜିବ ଟିକେ ଛାତି
..........ସୁରେଇରୁ ସୁରା ସରିଯାଉ ପଛେ
ସଞ୍ଜ ବୁଡ଼ି ହେଉ ରାତି ! ୧ !

ISSN NO.
2582-208X


ଆଖି ଲେଖିଥିବ ତନ୍ଦ୍ରା ଅଳସର ସପନର ମିଠା କଥା
ପଢ଼ିନେବି ପ୍ରିୟା ମନ ମତାଣିଆ ନୁଆଁଇବ ଆଗୋ ମଥା
କାମିନୀର ଫୁଲ ମତୁଆଲା ଗେଲ ଅଭିସାର ଧୂପବତୀ
..........ସୁରେଇରୁ ସୁରା ସରିଯାଉ ପଛେ

ସଞ୍ଜ ବୁଡ଼ି ହେଉ ରାତି ! ୨ !

ଯଉବନ ବନ ନିଆଁ ଚରିଯାଏ ଲିଭିବାର ନାଆଁ ଧରି
ଶୂନ୍ୟ ସୁରେଇର ମୋହ ଛାଡ଼ିଗଲା ଓଠ ସୁରେଇକୁ ବରି
ଅମୃତର ଧାରା ଅଜାଡ଼ି ଦିଅ ଗୋ କରନାହିଁ ଭାବ ଇତି
..........ସୁରେଇରୁ ସୁରା ସରିଯାଉ ପଛେ

ସଞ୍ଜ ବୁଡ଼ି ହେଉ ରାତି ! ୩ !

ରାଜ ରଣପୁର, ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬
ଦୂରଭାଷ-୯୩୪୮୦୫୪୩୦୦

ISSN NO.
2582-208X

# ସୋରିଷ ଫୁଲ



ରୋହିତ ସେଠୀ

ଶୀତ ସକାଳର ପହିଲି ପ୍ରହର
ସତେଜ ସୁଷମାମୟ
ପ୍ରାଚୀ ଗଗନରେ କୁହୁଡ଼ି ଭିତରୁ
ଦିନମଣିଙ୍କ ଉଦୟ,
ସ୍ୱର୍ଣ୍ଣିମ କିରଣ ରାଶି...
ଶୀତଳ ସମୀରେ ଦୋଳ ଖେଳୁଛନ୍ତି
ସୋରିଷ କୁସୁମ ହସି ।

ଅସଂଖ୍ୟ ଶିଶିର ବିନ୍ଦୁର ପ୍ରଭାବେ
କ୍ଷେତରେ ସୋରିଷ ଫୁଲ
ହଳଦିଆ ପାଟ ଓଢଣା ଭିତରେ
ଦିଶୁଛନ୍ତି ଝଲମଲ,
ମଧୁକର ଚତୁଃପାର୍ଶ୍ୱେ...
ଦଳଦଳ ହୋଇ ମଧୁ ସଞ୍ଚିବାକୁ
ବିଚରନ୍ତି ମଧୁଆଶେ ।

ISSN NO.
2582-208X

ପ୍ରକୃତି ନମନ୍ତେ ଅପରୂପ ବେଶେ
ସୋରିଷ ଫୁଲର ହସ
ସୁରଭି ତାହାର ସତରେ ନଆର୍
ଘ୍ରାଣେନ୍ଦ୍ରିୟ ହୁଏ ବଶ,
ବିଶ୍ୱନୟନ୍ତାଙ୍କ ସୃଷ୍ଟି...
ଧନ୍ୟବାଦ ଅର୍ପେ ବିଭୋର ହୋଇଣ
ଆନନ୍ଦରେ ବେନ ଦୃଷ୍ଟି ।

ଖଜୁରୀପଡ଼ା,କନ୍ଧମାଳ
୭୭୩୫୨୧୪୩୭୯

ISSN NO.
2582-208X

# ବାପା



ଦୀପକ ନାୟକ

ସ୍ୱପ୍ନ ଆକାଶ ର ତାର୍ ମୁଁ ତାଙ୍କର
ସ୍ୱପ୍ନ ରାଇଜର ରାଜା ମୁଁ ତାଙ୍କର ।

ମୁଣ୍ଡ ଝାଳ ତୁଣ୍ଡ ରେ ମାରି
ଦେଇଛନ୍ତ ମତେ ଆହାର ।

ଦୁଖ ସବୁ ଛାତିରେ ରୁପି
ଦିଅନ୍ତ ମୋ ମୁହେଁ ହସ ।

ଦୁନଆି ରେ ସବୁଠୁ ସୁନ୍ଦର ସେ
ସରଳ କୋମଳ ମନ ତାଙ୍କର ।

ମୋ ଚଲ୍ ପଥେ ହାତ ଧରି ଚାଲିଛ
ଦୁଃଖୀ ମନେ ମୋର ହସ ଭରିଛ ।

ଜୀବନ ନାଟକେ ବାପା ତୁମେ
ବାସ୍ତବ ନାୟକ ହୋଇ ରହିଛ ।

ISSN NO.
2582-208X

ଆଜି ଏ ଦିନରେ ମିନତି କରେ
ରଖ ପାଖେ ସଦା ବାପାଙ୍କୁ ମୋର ।

ତାଙ୍କ ଚଲ୍ ପଥ କାଳଆ ତୁମେ
ସଦା କର ଫୁଲ ଭର୍ତ୍ତି ସୁନ୍ଦର ।

ମୋ ସ୍ୱପ୍ନ ରାଇଜର ରାଜା ତମେ ବାପା
କେବେ ବି ପାରିବି ନାହିଁ ଭୁଲି ସେ ଅତୀତର କଥା ।

ଆଜି ଏ ପବିତ୍ର ଦିବସ ରେ
ତୁମ ପଦେ କରେ କୋଟି ଦଣ୍ଡବତ ।

ଧର୍ମଶାଳା, ଯାଜପୁର

ISSN NO.
2582-208X

# ମଣ୍ଡେଇ ଆସିଲେ ମନେ ପଡନ୍ତି – ଡଃ ଅରବିନ୍ଦ ପାଢୀ



ପ୍ରତାପ ଚନ୍ଦ୍ର ସାହୁ

ନବରଙ୍ଗପୁର ଜିଲ୍ଲା ର ସାଂସ୍କୃତିକ, ଐତିହ୍ୟ କୁ ପ୍ରଦର୍ଶନ କରିବା ସହ ସଂସ୍କୃତି ର ଏକ ମହାମିଳନ ପାଇଁ କ୍ଷେତ୍ର ପ୍ରସ୍ତୁତ କରିବାର ଲକ୍ଷ୍ୟ ନେଇ ଏଠାକାର ଅଧିବାସୀ ମାନଙ୍କ ର ମାନସୀ କନ୍ୟା "ମଣ୍ଡେଇ" ଜନ୍ମ ନେଇଥିଲା ଜିଲ୍ଲା ଗଠନ ର ୧୦ ବର୍ଷ ପରେ ଅର୍ଥାତ୍ ୨୦୦୨ ମସିହାରେ। ତତ୍କାଳୀନ ଜିଲ୍ଲାପାଳ ଡଃ ଅରବିନ୍ଦ ପାଢୀ ଙ୍କ ଆପ୍ରାଣ ଉଦ୍ୟମରେ ସହର ର ବରିଷ୍ଠ ନାଗରିକ, ବୁଦ୍ଧିଜୀବି, ଓକିଲ ଓ ସାମ୍ବାଦିକ ମାନଙ୍କୁ ନେଇ ଆଲୋଚନା କରି ଏଇ ପ୍ରସ୍ତାବ ଗୃହିତ କରାଇନେଇଥିଲେ ଯେ ଏକ ସାଂସ୍କୃତିକ ପର୍ବ "ମଣ୍ଡେଇ" ପାଳନ କରିବା। ଆରମ୍ଭ ହୋଇଥିଲା "ମଣ୍ଡେଇ" ଡାଃ ଅରବିନ୍ଦ ପାଢୀ ଙ୍କ ନେତୃତ୍ୱ ରେ। ବହୁଆଡମ୍ବର ସହକାରେ ପାଳନ କରାଯାଇଥିବା ଏଇ ପ୍ରଶାସନିକ ଉତ୍ସବ ର ନାମ ଥିଲା "ମଣ୍ଡେଇ"। ସରକାରୀ ସ୍ତରରେ ମଧ୍ଯ ଏହାକୁ ସ୍ୱିକୃତି ମିଳିଥିଲା ରାଜ୍ୟ ସରକାର ଙ୍କ ପକ୍ଷରୁ। ସେଇ ଦିନ ଠାରୁ ଅଦ୍ୟାବଧି ଏଇ ଉତ୍ସବ ପାଳନ ହୋଇ ଆସୁଛି । କେବଳ କରୋନା ମହାମାରି ପାଇଁ ଦୁଇ ବର୍ଷ ହେଲା ବନ୍ଦ ଥିଲା ପୁଣି ଚଳିତ ବର୍ଷ ହେବ ବୋଲି ପ୍ରଶାସନିକ ସ୍ତରେ ନିଷ୍ପତି ନିଆଯାଇଥିବା କଥା ଶୁଣି ସମସ୍ତ ଜନସାଧାରଣ ଖୁସି ବ୍ୟକ୍ତ କରିଛନ୍ତି ।

ମଣ୍ଡେଇ ଋତୁ ଆସିଲେ ମନେ ପଡନ୍ତୁ ଡଃ ଅରବିନ୍ଦ ପାଢୀ, ତତ୍କାଳୀନ ଜିଲ୍ଲାପାଳ। ଯାହାଙ୍କର ପ୍ରଚେଷ୍ଟାରେ ଏହି ଭଳିଆ ଭାଇଚାରା ର ପର୍ବ ସାଂସ୍କୃତିକ ଉତ୍ସବ ର ଶୁଭାରମ୍ଭ ହୋଇଥିଲା। ସେ ସେହିଦିନ ଆଦିମ ଅଧିବାସୀ ମହିଳା ମାନଙ୍କ ସହ କାନ୍ଧ ରେ କାନ୍ଧ ମିଶାଇ ତାଳ ରେ ତାଳ ମିଶାଇ ଢେମସା ନାଚିଥିଲେ। ସତରେ କି ମନୋରମ ଦୃଶ୍ୟ ଥିଲା ସେଦିନର। କିଛି ବି ବାଛ ବିଚାର କାହାର ମନରେ ବି। ସମସ୍ତେ ଏକାକାର

ISSN NO.
2582-208X

ହୋଇଯାଇଥିଲେ ସମସ୍ତ ଭେଦ ଭାବ ଭୂଲି। ଏଠାକାର ଅଧିବାସୀ ଙ୍କ ର ଲୁକ୍କାୟୀତ ପ୍ରତିଭା କୁ ଲୋକ ଲୋଚନ କୁ ମଣ୍ଡେଇ ଏକ ମାଧ୍ୟମ ବୋଲି ଧରିନିଆଯାଇପାରେ। ଜିଲ୍ଲା ସ୍ତରିୟ ମଣ୍ଡେଇ ପାଳନ ପୂର୍ବରୁ ବ୍ଲକ ସ୍ତରରେ ଏହା ପାଳନ ହୋଇଥିଲା। ଜିଲ୍ଲା ସ୍ତରିୟ ନାଟକ ମହୋତ୍ସବ, କବିତା ପାଠୋତ୍ସବ, ମୁକ୍ତ ପ୍ରଶ୍ନ ମଚଂ ଆଦି ଅନୁଷ୍ଠିତ ହୋଇଥିଲା। ଏ ସବୁର ବିଜେତା ମାନଙ୍କୁ ମଣ୍ଡେଇ ପଡିଆ ରେ ମଣ୍ଡେଇ ଉତ୍ସବ ରେ ମୂଖ୍ୟ ଅତିଥି ଙ୍କ ଦ୍ୱାରା ଦିଆଯିବାର ବ୍ୟବସ୍ଥା କରାଯାଇଥିଲା। ଜଣେ ଦୁଇ ଜଣ ଉଚ୍ଚ କୋଟୀର କଳାକାର ଙ୍କୁ ମଣ୍ଡେଇ ସମ୍ମାନ ରେ ସମ୍ମାନିତ ବି କରାଯାଇ ଥିଲା । ଇତି ମଧ୍ୟରେ ମଣ୍ଡେଇ ର ବୟସ ୨୧ ବର୍ଷ ହୋଇ ଗଲାଣି ହେଇଟି କାଲି ଭଳି ଲାଗୁଛି । ସମୟ ସତରେ କେତେ ଶିଘ୍ର ଗ୍ଭଲି ଯାଉଛି। ମଣ୍ଡେଇ ୨୧ ବର୍ଷ ରେ ପଦାର୍ପଣ କରିବା ସହ ନିଜର ଉପସ୍ଥିତି ଜାହିର କରି ପାରିଛି ସମଗ୍ର ନବରଙ୍ଗପୁର ବାସୀ ଙ୍କ ସହ ଓଡିଶା ବାସୀ ଏବଂଅନ୍ୟ ପ୍ରଦେଶ ର ସଂସ୍କୃତି ପ୍ରେମୀ ଙ୍କ ହୃଦୟରେ। ୨୦୦୨ ମସିହାର ଉଦଘାଟନ ଉତ୍ସବରେ ବିଭିନ୍ନ ଲୋକ ନୃତ୍ୟର ତାଳେ ତାଳେ ତତ୍କାଳୀନ ଜିଲ୍ଲାପାଳ ଡ: ଅରବିନ୍ଦ ପାଢୀ ଅନ୍ୟାନ୍ୟ ନିମନ୍ତ୍ରୀତ ଅତିଥି, ବକ୍ତା, ସ୍ଥାନୀୟ ଲୋକ ପ୍ରତିନିଧି, ସାମ୍ବାଦିକ, କଳାକାର ମାନଙ୍କ ସହ ଜଣେ ସାଧାରଣ ବ୍ୟକ୍ତି ଙ୍କ ପରି ସେମାନଙ୍କ ସହ ନାଚିଥିଲେ ନା ଥିଲା ଭେଦ ଭାବ ନା ଥିଲା ସେଥିରେ ବାଛ ବିଚ୍ଭର। ମନୋରମ ପରିବେଶରେ ଝୁମିଉଠିଥିଲା। ଜୀବନ ର ସବୁ ସୁଖ ଦୁଃଖ, ଅବ ସାଦ,ନୈରାଶ୍ୟ କୁ ପଛରେ ପକାଇ ଏକ ସୁନ୍ଦର ଭବିଷ୍ୟତ ର ସ୍ୱପ୍ନ ଦେଖି ନାଚିଥିଲେ, ଝୁମି ଥିଲେ। ସେଇ ସମୟର ସେଇ ମନୋରମ ଦୃଶ୍ୟ ଆଜି ବି ଆଖି ଆଗରେ ନାଚ ଉଠୁଛି। ସେଇ ସମୟର ଦୃଶ୍ୟ ବର୍ଣନା କରିବାକୁ ତୁଣ୍ଡ ରେ ଭାଷା ନାହିଁ। ପୂର୍ବ ରୁ ବ୍ଲକ୍ ସ୍ତରରେ ଅଜସ୍ର ଉତ୍ସାହ, ଉଦ୍ଦିପନା, ଆଗ୍ରହ ର ସହ ମଣ୍ଡେଇ ଉତ୍ସବ ସମ୍ପନ୍ନ ହୋଇଥିଲା। ମା ଭଣ୍ଡାର ଘରଣୀ ମନ୍ଦିର ରେ ପୂଜାର୍ଚ୍ଚନା କରି ମଣ୍ଡେଇ ମଶାଲ୍ ପ୍ରଜ୍ଜ୍ୱଳନ କରାଇ, ମନ୍ଦିର ରୁ ଏକ ବିରାଟ ଶୋଭାଯାତ୍ରାରେ ମଣ୍ଡେଇ ପଡିଆ ପର୍ଯ୍ୟନ୍ତ ନିମନ୍ତ୍ରିତ ଅତିଥି ଙ୍କ ଗହଣରେ ସ୍ଥାନୀୟ ଜନସାଧାରଣ ଙ୍କ ସହ ଯାଇଥିଲେ ତତ୍କାଳୀନ ଜିଲ୍ଲାପାଳ ଡା:ଅରବିନ୍ଦ ପାଢୀ। ବାଜା ବାଜଣା, ରୋଶଣୀ ସହ ହାତୀ ପିଠିରେ ନିମନ୍ତ୍ରିତ ଅତିଥି ବସିଯିଇବାର ସେଇ ଯୋ ଦୃଶ୍ୟ ତା ସାଙ୍ଗ କୁ ବାଣ ଆଦି ପରିବେଶ କୁ ପ୍ରକମ୍ପିତ କରୁଥିଲା। ଜିଲ୍ଲା ର ବିକାଶ କାମନା କରି ଆରମ୍ଭ ହୋଇଥିଲା ଶୋଭାଯାତ୍ରା। ମିଡିଆ ର ଭୂମିକା ବି କିଛି କମ୍ ନ ଥିଲା! ଅଫିସିଆଲି ମୁଖ୍ୟ ପ୍ରୋଗ୍ରାମ୍ ତିନି ଦିନ ଚାଲି ଥିଲା ବେଳେ ପର ଦୁଇ ଦିନ ପଲ୍ଲୀ ଶ୍ରୀ ମେଳା ଅନୁଷ୍ଠିତ ହୋଇଥିଲା। ମଣ୍ଡେଇ ଉତ୍ସବ ରେ ବିଭିନ୍ନ ଅତିଥି, ଲୋକ ପ୍ରତିନିଧି ଓ

ISSN NO.
2582-208X

ସ୍ଥାନୀୟ ଲୋକ ଉପସ୍ଥିତ ରହି ଜିଲ୍ଲାର ବିକାଶ ରେ ସଂପ୍ରିତି, ସଦ୍ଭାବନା ପ୍ରତିଷ୍ଠାରେ ମଣ୍ଡେଇ ର ଗୁରୁତ୍ୱ ପୂର୍ଣ ଭୂମିକା ସମ୍ପର୍କ ରେ ଆଲୋକପାତ କରିଥିଲେ। ଏହି ଅବସର ରେ ମଣ୍ଡେଇ ସ୍ମରଣୀକା ମୁଖ୍ୟ ଅତିଥି ଙ୍କ କର କମଳ ରେ ଉନ୍ମୋଚିତ ହୋଇଥିଲା। ପ୍ରତ୍ୟେକ ଦିନ ସଂନ୍ଧ୍ୟାରେ ଅର୍ଥାତ ଅଫିସିଆଲ୍ କାର୍ଯ୍ୟକ୍ରମ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଦର୍ଶକ ଙ୍କର ମନ ମୋହିଥିଲା। ଜିଲ୍ଲାର, ଜିଲ୍ଲା ବାହାରର ଓ ରାଜ୍ୟ ବାହାରୁ ମଧ୍ୟ ଅତି ଉଚ୍ଚ କୋଟୀର କଳାକାର ଙ୍କୁ ନିମନ୍ତ୍ରିତ କରି ଅଣାଯାଇଥିଲା।  ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ଷ୍ଟଲ୍, ମିନା ବଜାର, ରାମ ଦୋଳି ଆଦି ମନୋରଂଜନ ନିମନ୍ତେ ସ୍ଥାନ ପାଇଥିଲା ମଣ୍ଡେଇ ରେ। ଓର୍ ମାସ୍ ତରଫରୁ ଆୟୋଜିତ ପଲ୍ଲୀ ଶ୍ରୀ ମେଳା ବେଶ୍ ଆକର୍ଷଣୀୟ ଥିଲା। ଉକ୍ତ ମଣ୍ଡେଇ ରେ ଜିଲ୍ଲା ଶିଳ୍ପ କେନ୍ଦ୍ର, ଉଦ୍ୟାନ ବିଭାଗ, ଓଡିଶା ପର୍ଯ୍ୟଟନ, କେନ୍ଦ୍ର ସମବାୟ ବ୍ୟାଙ୍କ, କୃଷି ବିଭାଗ, ମୃତ୍ତିକା  ସଂରକ୍ଷଣ ବିଭାଗ, ବନ ବିଭାଗ, ଶିକ୍ଷା ବିଭାଗ, ଓପେପା, ଆଦିବାସୀ କଲ୍ୟାଣ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଗ୍ରାମ୍ୟ ଉନୟନ୍ନ  ସଂସ୍ଥା ଭାଗ ନେଇଥିଲେ।

ପଲ୍ଲୀ ଶ୍ରୀ ମେଳାରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଆସିଥିବା ବିଭିନ୍ନ ସ୍ୱୟଂ ସହାୟିକା ଦଳ ର କୁଟୀର ଶିଳ୍ପ, ଟେରାକୋଟା ଶିଳ୍ପ ଆଦି ପ୍ରଦର୍ଶିତ ହୋଇ ଦର୍ଶକ ଙ୍କ ର ମନ ମୋହିଥିଲା। ବିଶେଷ ଆକର୍ଷଣୀୟ ଷ୍ଟଲ୍ ଥିଲା ଖାଦ୍ୟ ଷ୍ଟଲ୍ ଗୁଡିକ। ମଣ୍ଡେଇ ଦିବସ ମାନଙ୍କରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମ ମାନଙ୍କ ମଧ୍ୟରେ ଦାଣ୍ଡିଆ ନାଚ, ପଶୁ ନାଚ, ଦାମ କଡା ନାଚ, ଗୋଟି ପୁଅ ନାଚ, ଲାଞ୍ଜିଆ ସ-ଉରା ନାଚ, ଭାରତ ନାଟ୍ୟମ୍, ଲାବଣୀ ନୃତ୍ୟ, ଘୁମୁରା ନୃତ୍ୟ, କରମା ନାଚ, ଛ-ଉ ନୃତ୍ୟ, ସମର କଳା, ଦୁରୁଆ ନାଚ, ଏହି ଭଳି ଅନେକ ନୃତ୍ୟ ପରିବେଷଣ କରାଯାଇ ଦର୍ଶକଙ୍କର ଆକର୍ଷଣ ର କେନ୍ଦ୍ର ବିନ୍ଦୁ ପାଲଟିଥିଲା। ସହସ୍ରାଧିକ ଦର୍ଶକ ଙ୍କର ମନ କିଣିନେଇ ଏକ ଅଭିନବ ସାଂସ୍କୃ ତ୍ତିକ ଚେତନା ଉଦ୍ରେକ କରିପାରିଥିଲା ସେ ଦିନର ମଣ୍ଡେଇ। ଶିଳ୍ପ କଳାର ନବରଙ୍ଗ ରୂପ ରସ ସମନ୍ୱୟ ପାଇଁ ନବରଙ୍ଗପୁର ର ନାମକରଣର ଯଥାର୍ଥତା ପ୍ରତାପାଦନ କରିପାରିଥିଲା। ନବରଙ୍ଗପୁର ର ସାଂସ୍କୃତିକ ପୁନହ ଜାଗରଣ ତଥା ଉତ୍ତରଣ ପାଇଂ ଏକ ସମୃ ଦ୍ଧଶ୍ରୀ ସମ୍ପନ୍ନ ପ୍ରଗତୀଶୀଳ ଜିଲ୍ଲା ଭାବରେ ଗଢି ତୋଳିବା ପାଇଁ ମଣ୍ଡେଇ ର ଜନ୍ମ। ଆଧୁନିକ ଯୁଗରେ ମନୁଷ୍ୟ ସହିତ ମନୁଷ୍ୟ ର ମିଳନ, ଭାବର ଆଦାନ ପ୍ରଦାନ, ଲୋକଙ୍କର ଅନ୍ତର୍ନିହିତ ପ୍ରତିଭାର ଅନ୍ୱେଷଣ ତଥା ବିକାଶ ସାଧନ ପାଇଁ ମଣ୍ଡେଇ ଭଳି ଏକ ସାଂସ୍କୃତିକ ଉତ୍ତରଣ ର ବିଶିଷ୍ଟ ମାଧ୍ୟମ

ISSN NO.
2582-208X

ବୋଲି ଧରିନିଆଯାଏ। ଜାତି ଧର୍ମ ବର୍ଣ ନିର୍ବିଶେଷରେ କି ଧନି କି ଗରିବ କି ଚାକିରିଆ କି ବେକାରୀ ସମସ୍ତେ ଏକାକାର ହୋଇଥିଲେ ସେଇ ଶୋଭାଯାତ୍ରା ରେ। ସମସ୍ତେ ନାଚିଥିଲେ ତାଳ ରେ ତାଳ ଦେଇ। ଏହା ଓ-ଉପଚାରିକତା ନ ଥିଲା, ଆନ୍ତରିକତା ଭରିରହି ଥିଲା ଏଥିରେ। ତତ୍କାଳୀନ ଜିଲ୍ଲାପାଳ ସମସ୍ତ ଙ୍କ ଭଳି ସେ ମଧ୍ୟ ଢେମ୍ସା ନାଚି ଥିଲେ ସେଇ ମାନଙ୍କ ସହ ବିନା ଦ୍ୱିଧାରେ। ସେଦିନ ର ସ୍ମୃତି ଆଜି ବି ଅପାଶୋରା ହୋଇ ରହିଯାଇଛି।

ନବରଙ୍ଗପୁର
୯୪୩୭୭୮୮୮୭୦

ISSN NO.
2582-208X

# ନୂଆ ବରଷ ଆଇଲା



ପ୍ରକାଶ କୁମାର ଗୁନ୍ଦ

ପୁରୁଣା ବରଷ ସଇଲ୍
ନୂଆ ବରଷ ଆଇଲ୍
ଛାଡିଯିବ ବୋଲି ସବୁଦିନ ପାଇଁ
ବାଇଶି ଦୁଃଖରେ କହିଲ୍ ।।

ତେଇଶି ଧସେଇ ପଶିବ
ସପନର ରଙ୍ଗ ମାଖିବ
ନୂଆ ବରଷରେ ମନ ହରଷରେ
କେତେ ଖୁସି ଆଣି ଆସିବ ।।

ଖୁସିର ଲହରୀ ଛୁଟିବ
ମିଠାର ପରଶ ବାଣ୍ଟିବ
ନାଚ ଗୀତ ସାଥେ ବାଜା ବାଣ ପୁଣି
ମଉଜ ଆସର ଜମିବ ।।

ପୁରୁଣାକୁ ମନୁ ପାଶୋରି
ନୂଆକୁ ନେବାରେ ଆବୋରି
ମିଳମିଶି ଆମେ ଚଳବା ଏକାଠି
ହବାନ କାହାର ବଇରି ।।

ନୂଆ ସୁରୁଯରେ ଉଇଁବ
ମାଟିର ମୂଲକ ଛୁଇଁବ
ଭଲ ପିଲ୍ ହୋଇ ଭଲ କାମ କଲେ
ଦୁନଆକୁ ତୁମେ ମୋହିବ ।।

ଜୟପୁରଶାସନ ପିପିଲି ପୁରୀ
ମୋ-୯୮୫୩୩୫୪୯୩୮

ISSN NO.
2582-208X

# ତୁମେ ଏତେ ଆପଣା



ନୀଳମଣି ଗୁନ୍ଦ

ନଶି ଅନ୍ଧକାରେ କଏ ତୁମେ ଆସ
ଖେଳିବାକୁ ଲୁଚକାଳି
ସମ୍ପର୍କରେ ତୁମେ କଛି ନୁହଁ ମୋ'ର
ତଥାପି ମୁଁ ହୁଏ ଭୁଲି ।

ପବନରେ ଶୁଭୁଥାଏ ଟୁପ୍ ଟାପ୍
ତୁମ ମିଠାମିଠା କଥା
କୁରେଇ ଫୁଲରେ ଶୋଭୁପାଉଥିଲା
ଦେଖିଲି ତୁମରି ମଥା ।

ଆସିଥିଲ ତୁମେ ତୁଠ ପଥରରେ
ଯତନେ ପାଦକୁ ଘଷି
ଚକ୍ରବାଳ ପାଶେ କଏ ଆଙ୍କୁଥିଲା
ତୁମ ଛବି ବସିବସି ।

ISSN NO.
2582-208X


ଶେଫାଳର ପରି ତୁମ ମହକରେ
ବାସୁଥିଲା ଚଉଦିଗ
ମନ କହୁଥିଲା ତୁମେ କାଳେ ଥିଲ
କଛି ରାଗ ଅନୁରାଗ ।

ନତି ନତି ଆସି ତୁମେ ଫେରିଯାଅ
ସପନ ନା ଇଏ ସତ
ତୁମେ ତୁମ ପରି ଅବୁଝା ଛବିଟେ
ଭାବିନଅ ଏ ମୋ ମତ ।

ଏମିତି ଭାବନା କଳପନା ନେଇ
ତୋଳୁଥିଲ ବାଲିଘର
ଏତେ ପର ହୋଇ ଲାଗୁଥିଲ ଆହା
ତୁମେ ଏତେ ଆପଣାର ।

ଭୁବନେଶ୍ୱର, ମୋ:୯୫୮୩୨୦୨୩୫୬

ISSN NO.
2582-208X

# ମୁଁ ନବବର୍ଷରେ ବଦଳିଛି



ନବକିଶୋର ଦୀପ

ମୁଁ ତ କେବଳ ତାରିଖ ଟିଏ
ମୋର ପରିବର୍ତ୍ତନରେ ଏତେ ଖୁସି ??
ହୋ ହାଲ୍ଲା, ବାଣ ଆଉ ଭୋଜି ଭାତ
କେଉଁଠି ଜିରୋ ନାଇଟ୍ ପାଳନ
ତ କେଉଁଠି ଡିଜେ ଓ ଅଜାର
ଛାତିଥରା ଗର୍ଜନ ସହ ନାଲିପାଣିର ପ୍ଲାବନ ...
ମୁଁ ଏବେବି ମୃତକ ପରି ଚାହିଁ ରହିଛି
ସେ ନବ ବର୍ଷକୁ
ରାତିର ନିର୍ଜନତାରେ
କେଉଁ ବନ୍ଦ ଦୋକାନ ପିଣ୍ଡା
ଗଛତଳ, ପାଳଗଦା
ନିଷ୍ଠୁର ଜାଡ଼ର ମାଡ଼ରେ
ଥରଥର ହୋଇ
ବଞ୍ଚିବାକୁ ସଂଗ୍ରାମ କରୁଥିବା
ଦରିଦ୍ର, ଭିକାରିର ପରିବର୍ତ୍ତନରେ

ISSN NO.
2582-208X

ଉଲ୍ଲସିତ ହୋଇ
ଅଭିନନ୍ଦନ ପତ୍ର ପଠେଇବାକୁ...
ମୁଁ ଭାବୁନ
କାଗଜ କଲମରେ
ଅଙ୍କ ଓ ସଂଖ୍ୟାର ପରିବର୍ତ୍ତନ
ହେଲେ ଏକ ନୂଆ ସକାଳ ଆସିବ !!
ଦେଶ ହସିବ
ସେଦିନ ମୁଁ ବି ହସିବି
ଠୋ ଠୋ ହୋଇ
କେଉଁ ପିକନକ୍ ସ୍ପଟ୍ କୁ ଯାଇ
ଗୃଷୀଭାଇ ର ହାତ ଧରି କହିବି
ତୋତେ ଆଉ
ଆତ୍ମ ହତ୍ୟା କରିବାକୁ ପଡ଼ିବନ !!
ନୂଆବୋହୂ ପାଖକୁ ଯାଇ କହିବି
ତୋ ରଙ୍ଗୀନ ଲୁଗା ଆଉ ପାଉଁଶିଆ ହେବନ...
ଭିକାରିକୁ ଡାକ କହିବି
ଭିକ୍ଷାଥାଳ ଫିଙ୍ଗିଦେଇ
ଆସ ନାଚବା ଥେଇ ଥେଇ.....
ଆଉ ଦଳିତ ଆଦିବାସୀକୁ କହିବି
ଜମି ଜଙ୍ଗଲ ଜୀବନଟା  ଗୁଟା ତୁମର
ଜାତିପ୍ରଥା ଏବେ ଏକ ଇତିହାସ....
କୁନ୍ତଳି, ପିପିଲି
ଇତିଶ୍ରୀ, ନର୍ଭୟାର
ହାତ ଧରି ଫରଫର ହୋଇ

ISSN NO.
2582-208X

ଗଲ କହି ବୁଲି କହିବି
ଦିନ ହେଉ ଅବା ରାତି
ତୁମ ଇଚ୍ଛା ଯହିଁ ଯିବା ଫିଟି....
ପୁତ୍ରକନ୍ୟା ମୋହରେ ବିଭୋର
ଜରାଶ୍ରମର ପିତାମାତା ଙ୍କୁ କହିବି
ଫେରିଆସ ତମେ
ତମ ପୁଅ ବଦଳ ଯାଇଚ....
ମୁଁ ଅଙ୍କରେ ନୁହେଁ
କ ସଂଖ୍ୟାରେ ନୁହେଁ
କ ତାରିଖରେ ନୁହେଁ
ବାସ୍ତବରେ
ପରିବର୍ତ୍ତନ ହେଇଚ...
ମୁଁ ନବବର୍ଷରେ ବଦଳଛି
ମୁଁ ନବବର୍ଷରେ ବଦଳଛି....

ବୌଦ୍ଧ
ମୋ:9937884449

ISSN NO.
2582-208X

# ହକି ତାରକା : ଅମିତ୍ ରୋହିଦାସ୍



ରାମ ଚନ୍ଦ୍ର ପ୍ରଧାନ

ଭାରତୀୟ ହକି ଜଗତରେ ଅମିତ୍ ରୋହିଦାସ ଜଣେ ପରିଚିତ ନାମ । ସେ ହକିର ଏନ୍ତୁଡ଼ିଶାଳ ସୁନ୍ଦରଗଡ଼ ଜିଲ୍ଲାସ୍ଥିତ ଏକ ଆଦିବାସୀ ଅଧ୍ୟୁଷିତ ଗାଁ 'ସଉନାମରା'ରେ 1993 ମେ 10 ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଗୋପାଲ୍ ରୋହିଦାସ ଓ ମାତାଙ୍କ ନାମ ଗୋଲାପୀ ରୋହିଦାସ । ଅମିତଙ୍କ ଜଣେ ବଡ଼ ଭାଇ ଆଉ ତିନି ଜଣ ଭଉଣୀ ଅଛନ୍ତି । ଅଭାବ ଅନାଟନ ଓ ଦାରିଦ୍ର୍ୟ ଭିତରେ ସେ ଦେଖିଥିଲେ ତାଙ୍କ ସଫଳତାର ସୁନେଲି ସ୍ୱପ୍ନ । ଖଣ୍ଡେ ହକି ଷ୍ଟିକ୍ କିଣିବାକୁ ତାଙ୍କ ପାଖେ ପଇସା ନ ଥିଲା । ଆଉ ସେତେବେଳେ ସେ ବାଉଁଶର ବଙ୍କୁଲି ବାଡ଼ିରେ ହକି ଖେଳିବା ଆରମ୍ଭ କରିଥିଲେ । ହକିଖେଳର ନିଶା ତାଙ୍କୁ ଏମିତି ଘାରିଥିଲା ଯେ ସ୍କୁଲକୁ ନ ଯାଇ ସେ ଘରୁ ଲୁଚି ପଳାଉଥିଲେ ହକିଖେଳିବାକୁ । ବାଲି ସଂକରା ବ୍ଲକ ଅନ୍ତର୍ଗତ ସଉନାମରା ଭଳି ଅଖ୍ୟାତ ପଲ୍ଲୀରୁ ଟୋକିଓ ଅଲମ୍ପିକ ଯାତ୍ରା ସତରେ ବହୁ ସଂଘର୍ଷମୟ ଥିଲା । ଦିନକୁ ଦୁଇ ଓଳା ଖାଇବାକୁ ସଂଘର୍ଷ କରୁଥିଲା ଅମିତଙ୍କ ପରିବାର । ପରିବାରର ଅବସ୍ଥା ଏମିତି ଥିଲା ଯେ ଅମିତଙ୍କ ବାପା ଗୋଆରେ ଦାଦନ ଖଟୁଥିଲେ । ସେ ଗାଁ ପ୍ରାଥମିକ ବିଦ୍ୟାଳୟ ଖେଳ ପଡ଼ିଆରୁ ବାଉଁଶ ବାଡ଼ିରେ ହକି ଖେଳିବା ଆରମ୍ଭ କରିଥିଲେ । ସେ ଗୋଡ଼ରେ ପଟା ବାନ୍ଧି ଗୋଲ କିପର ଦାୟିତ୍ୱ ତୁଲାଉ ଥିଲେ । ତାପରେ ଗାଁ'ର କିଛି ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ 2004 ମସିହାରେ ରାଉରକେଲା ସ୍ଥିତ ପାନପୋଷ ହଷ୍ଟେଲରେ ତାଲିମ ନେଇଥିଲେ । ମାତ୍ର 4ବର୍ଷ ବୟସରୁ ସେ ହକି ଖେଳକୁ ନିଜ ଜୀବନର ସବୁଠୁ ବଡ଼ ସ୍ୱପ୍ନ ବୋଲି ଧରି ନେଇଥିଲେ । ଆଉ ଅମିତଙ୍କ ସେଇ ବହୁ ପ୍ରତିକ୍ଷୀତ ସ୍ୱପ୍ନ ସାକାର ହେଲା 2009 ମସିହାରେ କନିଷ୍ଠ ଜାତୀୟ ଦଳକୁ ଓ 2013 ମସିହାରେ ବରିଷ୍ଠ ଜାତୀୟ ଦଳକୁ

ISSN NO.
2582-208X

ମନୋନୀତ ହୋଇ । ସେବେଠାରୁ ସେ ଆଉ ପଛକୁ ଫେରି ନାହାନ୍ତି । ସେ ଏଯାବତ୍ 100ଟି ଅନ୍ତର୍ଜାତୀୟ ମ୍ୟାଚ୍ ଓ ଦୁଇଟି ଅଲମ୍ପିକ୍ ଖେଳି ଢେର ସାରା ପ୍ରଶଂସା ସାଉଁଟିବା ସହ ଦେଶ ପାଇଁ ଗୌରବ ଆଣିଛନ୍ତି ।

ଭାରତୀୟ ପୁରୁଷ ହକିରେ ଅମିତ୍ ରୋହିଦାସ ଜଣେ ଡ଼ିଫେଣ୍ଡର ଭାବେ ଖେଳୁଥିଲେ । ତାଙ୍କ ଭାଗିଦାରୀରେ ଭାରତୀୟ ପୁରୁଷ ହକି ଦଳ 2013 ଏସିଆ କପରେ ରୌପ୍ୟ, 2016 ବିଶ୍ୱ ହକି ଲିଗରେ ବ୍ରୋଞ୍ଜ, 2017 ଏସିଆନ ଚମ୍ପିୟାନସିପରେ ସ୍ୱର୍ଣ ଏବଂ 2018 ଏସିଆ କପରେ ବ୍ରୋଞ୍ଜ ପଦକ ହାସଲ କରିଥିଲା । ଲଣ୍ଡନରେ ଅନୁଷ୍ଠିତ 2020 ଟୋକିଓ ଅଲମ୍ପିକରେ ଜର୍ମାନୀକୁ ହରାଇ ଐତିହାସିକ ବ୍ରୋଞ୍ଜ ପଦକ ହାସଲ କରି ବିଶ୍ୱ ଦରବାରରେ ଭାରତ ମାତାର ଟେକ ରଖିଥିଲେ ଏଇ ଓଡ଼ିଆ ଖେଳାଳୀ । ଟୋକିଓ ଅଲମ୍ପିକରେ ସେ ଭାରତ ପାଇଁ ସୁରକ୍ଷା କବଚ ସାଜିଥିଲେ ଗୋଲ କିପର ଭାବେ ଖେଳି । ଜଣେ ବଳିଷ୍ଠ ତଥା ନିର୍ଭରଯୋଗ୍ୟ ଡ଼ିଫେଣ୍ଡର ଭାବେ କ୍ରୀଡ଼ାପ୍ରେମୀଙ୍କ ହୃଦୟ ଜିତିଥିଲେ । ତାଙ୍କ ଭାଗିଦାରୀରେ ଦୀର୍ଘ 41 ବର୍ଷ ପରେ ଭାରତ ଅଲମ୍ପିକରେ କୌଣସି ପଦକ ହାସଲ କରିଥିଲା । ଅପୂର୍ବ ହକି ଖେଳ ପଦର୍ଶନ ପାଇଁ ଅମିତଙ୍କୁ 2021ମସିହାରେ ଅର୍ଜୁନ ପୁରସ୍କାର ମିଳିଥିଲା । ଏହାଛଡା ଅମିତଙ୍କୁ ଜୟ ଭାରତ ଫାଉଣ୍ଡେସନ ତରଫରୁ ଭାରତ ଗୌରବ ସମ୍ମାନ ଏବଂ ରାଜ୍ୟ ସରକାର ପକ୍ଷରୁ ଶ୍ରେଷ୍ଠ କ୍ରୀଡ଼ାବିତ୍ ଭାବେ ବିଜୁ ପଟ୍ଟନାୟକ କ୍ରୀଡା ସମ୍ମାନରେ ସମ୍ମାନିତ କରାଯାଇଥିଲା । ପଦ୍ମଶ୍ରୀ ଦିଲୀପ ତର୍କି ତାଙ୍କ ପ୍ରେରଣାର ଉତ୍ସ । ଟୋକିଓ ଅଲମ୍ପିକରେ ଭାରତ ବ୍ରୋଞ୍ଜ ପଦକ ହାସଲ କରିବା ପରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଅମିତ୍ ରୋହିଦାସଙ୍କୁ ଅଢେଇ କୋଟି ଟଙ୍କା ସହ DSP ପଦବୀରେ ନିଯୁକ୍ତି ଦେଇଥିଲେ । ଏହି ସଫଳତା ପାଇବାରେ ସେ ବୀରେନ୍ଦ୍ର ଲାକ୍ରାଙ୍କ ପରେ ଦ୍ୱିତୀୟ ଓଡ଼ିଆ । ଅଲମ୍ପିକରେ ଅମିତ୍ ଜଣେ ସାଇଲେଣ୍ଟ ହିରୋ ଥିଲେ । ତାଙ୍କ ଜର୍ସି ନଂ ଥିଲା 30 । ସେ ନିଜ ବଳିଷ୍ଠ ପ୍ରତିଭାର ଚମକରେ ସମସ୍ତଙ୍କୁ ଚମକାଇ ଦେଇଛନ୍ତି । ବାସ୍ତବରେ ହକି ଖେଳ ପ୍ରତି ତାଙ୍କ ଉତ୍ସର୍ଗୀକୃତ ଅବଦାନ ପ୍ରଶଂସନୀୟ ।

ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:9861638736

ISSN NO.
2582-208X

# ଜନନୀ, ତୁ ମୋର, ମୁଁ ହତଭାଗିନୀ

ମନୋରମା ମହାନ୍ତ

ଜନନୀ ଜନ୍ମ ଦାତ୍ରୀ ତୋର ରକ୍ତ ର ବିନ୍ଦୁ ର ସମଷ୍ଟି ରେ ଗଢ଼ା ମୋର ଏଇ ଶରୀର,
ତୋର  ଅନ୍ତ ନାଡୀ କୁ ଚିରି ମୁଁ ଜନ୍ମ ''''
ଏନ୍ତୁଡ଼ି ଶାଳରୁ ଯୌବନ ପ୍ରଯ୍ୟନ୍ତ ତୋର ଅକ୍ଲାନ୍ତ ପରିଶ୍ରମ,
ମୋର ସାମାଜିକ ସ୍ତରରେ  ଆଗମନ, ଏ ଶିକ୍ଷା ଦୀକ୍ଷା ସବୁ ତୋର ଅମୃତ ର ଦାନ,
ତୁ ମୋ ପାଇଁ ସ୍ୱର୍ଗ ଠାରୁ ମହାନ,, ଏଇ ଜୀବନ ପର୍ ତୋରି ଦାନ,,,, """

ହେଲେ :-----

ସମୟ ର ଚକ୍ର ରେ ସଂସାର ର ବନ୍ଧନରେ, ମାୟା ଓ ମୋହ ରେ,
ସାଂପ୍ରତୀକ ସୀମା ରେଖା ମଧ୍ୟରେ  ଛନ୍ଦା ମୋର ସେଇ ଜୀବନ,
ଶରୀର, ମୋ ପାଇଁ ତୁ ଆଜି ବନ୍ଧୁ ପରିଜନ,,          !!!!!!!!
ମନ ଆତ୍ମା, ହୃଦୟ, ଅକୁହା ବିଳାପ, କିଏ ବା ଶୁଣିବ,
କରିବ ପାରିବ କ ଏହାର ପ୍ରତିକାର,, ଭାଙ୍ଗି ପାରିବ କ ସେ ସୁଦୃଢ ପାଚେରୀ,,
ନିତି ଆଉ ନିୟମ,    ++++++
ଦେଲେ ନାରୀ ହେଲେ ପାରି,,,,,  ଜିଇଁ ଥାଉଁ ଥାଉଁ ଦେଲ ମାରି,,
ତୋ ପାଇଁ ମୁଁ ସାତ ପର ,,  ଆଉ ନାହିଁ ମୋର ତୋ ଉପରେ ଅଧିକାର,,
କହି ପାରିବିନି ତୁ ମୋର ଆତ୍ମୀୟ ସୋଜନ,  ତୋ କ୍ରୟା କ୍ରତି ରେ ମୁଁ ବନ୍ଧୁ ପରିଜନ,,
ମୋର ସେଠାରେ ନାହିଁ ପ୍ରୟୋଜନ,,,,
ଅଦେଖା ସ୍ପନ୍ଦନ, ଝୁରେ· ନିଶି ଦିନ, ନୟନ ରୁ ଅଶ୍ରୁ ଝରି ଯାଏ ଘନ ଘନ,,
ଧିକ ମୋର ଏଇ କନ୍ୟା ଜନମ,  ସାତ ପର ଆଜି ମୋର ଆତ୍ମୀୟ ସୋଜନ,,,,,
ମାଆଆଆଆ  ମୁଁ ବି ଆଜି ଗୋଟିଏ ତୋ ପରି ମା,,,,,,,

ଲେଖିକା, ପ୍ରବଚକା, ପାଲା ଗାୟିକା, ଗୀତିଗାୟନ୍ତ୍ରୀ
ପାରାଦ୍ୱୀପ, ଜଗତସିଂହପୁର

ISSN NO.
2582-208X

# ଆମ ଗାଁ



ମନୋଜ କୁମାର ଅଦା

ଆମେରେ କୋମନା ବାସୀ (୨)

ଗୋଟିଏ ମାଆର ସନ୍ତାନ ଆମେରେ
ନାହିଁ ଭେଦାଭେଦ କଛି
ଆମେରେ କୋମନା ବାସୀ ।।

ପୁରୁବେ ଶୋଭଇ ତାଣ୍ଡେଳ ଅଟବୀ
ସୁନ୍ଦରୀ ପଶ୍ଚିମେ ହସୁଥାଏ ନିତି
ସବୁଜ ଶ୍ୟାମଳା ତଟିନୀ ମେଖଳା
ଆମରି ମାଆଟି ସେହି ।

ଆମେରେ କୋମନା ବାସୀ ।। (୨)

ପୁରୁବ ଗୌରବ  ପୁରୁବମହିମା
ଚଉଦିଗେ ଖ୍ୟାତ ଏହାରି ମହିମା
ଏହା ସମ କେହି ନାହିଁ ଟି ଧରାରେ
ବୀର ପ୍ରସବିନୀ ମାଆ କୋମନା  ।

ଆମେରେ କୋମନା ବାସୀ ।। (୨)

ଇତିହାସ କହେ ଆମରି ଗାଥା
ଗଡ଼ଜାତ ପୁଣି ରଜାଙ୍କ କଥା
କାହିଁ କେତେ କାଳୁ ମାଁ ସମଲାଇ
ଆଶିଷ ଢାଳନ୍ତୁ ପ୍ରାଚୀ ଦ୍ୱାରେ ଥାଇ ।

ଆମେରେ କୋମନା ବାସୀ
ଆମେରେ କୋମନା ବାସୀ ।।

ନ/ପୋ-   କୋମନା
ଜିଲ୍ଲା- ନୂଆପଡ଼ା

ISSN NO.
2582-208X

# ତୁମେ କେଡ଼େ ମହାନ୍



ବିଶ୍ୱଜିତ୍ ନାଥ

ତୁମ ଗର୍ବ କୁ ତୁମ ପାଖରେ ରଖ
ମଣିଷପଣିଆ ଆସିଥରେ ଶିଖ
ଗାଇ ପ୍ରଭୁନାମ ଯଦି କରିବ ବେପାର
ଅସହାୟ ଙ୍କୁ ଲୁଣ୍ଠୁଛ ଇଏ କି ସଂସ୍କାର
କାମିନୀ କାଞ୍ଚନେ ପୀରତି ରଖି
ଧର୍ମ ର ଜ୍ଞାନ କୁ ଯାଉଛ ଶିଖି
ଅନ୍ଧ ରାଇଜ ରେ ଦେଖାଇ ଲଣ୍ଠନ
ପାନ ରୁ ଖସାଅ ଚୂନ
ନିଜ କୁ ସୁନ୍ଦର ନିଜେ ବୋଲଅ
ତୁମେ ଅବା ବିଶ୍ୱ ସୁନ୍ଦରୀ ହୁଅ
ଗର୍ବ ରେ ତୁମେ ଯେ ପଡୁଛ ଫାଟି
ହାତୀ କୁ ଦେଖାଇ ହୋମିଓପାଥି
ଇଏ କି ତୁମର ନେଚର
କାମ ଥିଲା ବେଳେ ଅତି ଆପଣାର
କାମ ସରିଗଲେ

ISSN NO.
2582-208X

"ତୁ କିଏ ବେ ମୋର
ଇଏ ତୁମର ମହାନ୍ ସଂସ୍କାର
ମନେ ମେଞ୍ଚାଏ ଅଳିଆ
ହେଲେ ମୁହଁ ଭାରି ସୁନ୍ଦର
ତୁମେ ସିନା ଦୁନିଆଁ କୁ ଭାବ ବୋକା
ଧୋବଲା ବଗ ହୋଇ ଦିଅ ଧୋକା
କଙ୍କଡ଼ା ଅଛନ୍ତି ବଡ ପୋଖରୀ ରେ
ବେକ କାଟିଦେବେ ମଝି ଗୋଡ ରେ
ରୁହ ରୁହ ସାବଧାନ ମୋର ଧନ
ଉଡୁ ଉଡୁ ଚାଲିଯିବ ତୁମ ସମ୍ମାନ
ଲେଖୁ ଲେଖୁ ଲେଖିଦେଲି
ମୋ ପ୍ରିୟା ର ପ୍ରକୃତି
ସୁନ୍ଦର ମନ  କିନ୍ତୁ
ନାହିଁ  ମଣିଷ ର ନୀତି
କହିବି କାହାକୁ ଶୁଣିବ କିଏ
ଯିଏ ନ ଶୁଣିବ ବୁଦ୍ଧି ଶିଖିବ ସିଏ

ଜିଲ୍ଲା ଶିକ୍ଷା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ କେନ୍ଦୁଝର
ଉଲ୍ଲୋଲ, ଘଷିପୁର୍, କେନ୍ଦୁଝର

ISSN NO.
2582-208X

# ଅନୁତାପ



କଷାନ ମହାକୁର

ଗାଁ ରୁ ବୋଉ ଫୋନ କରିଛି । ରାତି ଆଠ ଟା ହେଲେ ବୋଉର ଫୋନ ଆସେ । ମୁଁ ଭୁବନେଶ୍ୱର ଆସିବା ପର ଠାରୁ ବୋଉର ଏଇଟା ନିତିଦିନିଆ ଜୀବନର ଗୋଟାଏ ସାଧାରଣ କଥା ହେଇଯାଇଛି । କହେ ସୌନ୍ଦର୍ଯ୍ୟା

- କଣ କରୁଛୁ... ଦେହ ଭଲ ଅଛି କି ନାହିଁ ..... ପାଠ ପଢା କେମିତି ଚାଲିଛି.... କିଛି ଅସୁବିଧା ନାହିଁ ତ... ଏମିତି ହଜାରେ କଥା ଅନର୍ଗଳ ପଚାରି ଚାଲିଥିବ ଯେ ଟିକିଏ ବି ବ୍ରେକ ଲଗାଉ ନ ଥିବ । ସେଇ ସମାନ କଥା ଶୁଣି ଶୁଣି ମୁଁ ବୋଉ କୁ କହେ ସବୁଦିନ ମୋ ସହ କଥା ହେଉଛୁ, ଆଉ ଅସୁବିଧା କଣ ହେବ ଯେ ? ସେପଟୁ ବୋଉ ଉତ୍ତର ଦେଲା

- ତୁ ଭୁବନେଶ୍ୱର ଯିବା ପର ଠାରୁ ଆମ ବାପ ମାଆ ଆଖିକୁ କଣ ନିଦ ଅଛି । ପୁଣି ଆଜି କାଲି ବେଳ କାଳ ଯାହା ଝିଅଟେ ଆଦୌ ସୁରକ୍ଷିତ ନୁହେଁ । ଝିଅ ବଡ ହେବା ପରେ ବାହାରେ ରହିଲେ ବାପା ମାଆ ଙ୍କ ଆଖିକୁ କଣ ନିଦ ଆସେ ? ଛାଡ ସେ କଥା ତୁ କେବେ ଗାଁ କୁ ଆସୁଛୁ କହିଲୁ ? ଆଉ ଗୋଟିଏ ଦିନ ପରେ ଇଂରାଜୀ ନୂଆ ବର୍ଷ । ତୋର କ୍ଲାସ୍ ବି ବନ୍ଦ ଅଛି । ଦୁଇ ଦିନ ପାଇଁ ଆସିଲେ ହୁଅନ୍ତାନି ?

ISSN NO.
2582-208X

- ବୋଉ ଯିବା ପାଇଁ ଇଚ୍ଛା ଯେ ହେଲେ, ଗାଁ କୁ ଗଲେ ପାଠ ପଢା ବନ୍ଦ ହେଇଯିବ । ପୁଣି ଯିବା ଆସିବା ରେ ଅନେକ ସମୟ ନଷ୍ଟ ହେବ । ସେଇଥି ପାଇଁ ତ ଗାଁ କୁ ନ ଯାଇ ମୁଁ ହଷ୍ଟେଲ ରେ ରହି ପାଠ ପଢୁଛି। ଆଉ ଦୁଇ ମାସ ପରେ ପରୀକ୍ଷା । ମୁଁ ଭାବୁଛି ପରୀକ୍ଷା ଶେଷ ହେବା ପରେ ଯାଇ ଗାଁ କୁ ଯିବି ।

ଏତିକି ବେଳକୁ ମୋବାଇଲ ରେ ମେସେଜ ଆସିଲା। ଖୋଲି ଦେଖିଲା ବେଳକୁ ସୁରେନ୍ଦ୍ର ଙ୍କ ମେସେଜ ଆସିଛି, "ୱାଟସଅପ୍ କୁ ଆସ" । ବୋଉ କୁ କହିଲି ବୋଉ ମୁଁ ଏବେ ରଖୁଛି, ଆମେ କାଲି କଥା ହେବା।

ବୋଉ ସହ କଥା ହେଉଥିଲି ସତ ହେଲେ ମନ ଥିଲା ସୁରେନ୍ଦ୍ର ଙ୍କ ପାଖରେ । ସୁରେନ୍ଦ୍ର ଏଇ ଭୁବନେଶ୍ୱର ସ୍ଥିତ କେଉଁ ଏକ ବେସରକାରୀ ସଂସ୍ଥା ରେ ଚାକିରି କରନ୍ତି । ହଷ୍ଟେଲ ରୁ କଲେଜ ଯିବା ଆସିବା ଭିତରେ ସୁରେନ୍ଦ୍ର ଙ୍କ ସହ ଦେଖା ଚାହାଁ ଆଉ କଥା ବାର୍ତ୍ତା । ଏଇ କଥା ବାର୍ତ୍ତା ଭିତରେ କେମିତି କେଜାଣି ମୁଁ ସୁରେନ୍ଦ୍ର ଙ୍କ ପ୍ରତି ଟିକେ ଢଳି ହେଲା ପରି ଅନୁଭବ ହେଉଛି । ସୁରେନ୍ଦ୍ର ଙ୍କ ପାଖରେ କି ଶକ୍ତି ଥିଲା କେଜାଣି ଟିକିଏ କଥା ବାର୍ତ୍ତା ରୁ ଏବେ ସବୁଦିନ ଘଣ୍ଟା ଘଣ୍ଟା ଧରି ଫୋନ ରେ କଥା ହେବା ପାଇଁ ଇଚ୍ଛା ହେଉଛି । କେବେକେବେ ରେଷ୍ଟୁରାଣ୍ଟ ନ ହେଲେ କଫିସପ୍ ରେ ଦେଖା ହେଉ ।

ସ୍କୁଲ କି କଲେଜ ରେ ପୁଅ ପିଲା ଙ୍କ ସହ ଆଦୌ କଥା ହେଉ ନ ଥିବା ଝିଅ ସୁରେନ୍ଦ୍ର ଙ୍କ ସହ ଏତେ ମାତ୍ରା ରେ ମିଶିଯିବ ଏକଥା ଭାବିଲେ ନିଜକୁ ଆଶ୍ଚର୍ଯ୍ୟ ଲାଗେ । ପୁଣି ଭାବେ ସୁରେନ୍ଦ୍ର ବହୁତ୍ ଭଲ ପିଲା , ଏଇ ଅଳ୍ପ କେତେ ମାସ ଭିତରେ ମୁଁ ସୁରେନ୍ଦ୍ର ଙ୍କୁ ଖୁବ୍ ଭଲ ଭାବରେ ଚିହ୍ନି ପାରିଛି । ତାଙ୍କର ପ୍ରତିଟି କଥା, ଚାଲି ଚଳନ ସବୁଥିରେ ମୁଁ ଅନେକ କିଛି ଶିଖି ପାରିଛି।

ୱାଟସ୍ଅପ୍ କୁ ଆସି ସୁରେନ୍ଦ୍ର ପଠେଇ ଥିବା ମେସେଜ ଦେଖିଲି । ମେସେଜ ସହ କିଛି ଫଟୋ ଆସିଥିଲା । ଫଟୋ ସବୁ ଦେଖି ଏଇଟା ଯେ ସୁରେନ୍ଦ୍ର ପଠେଇଛନ୍ତି ସେକଥା ମୋତେ ଅବିଶ୍ୱାସ ଲାଗୁଥିଲା । ଦୁଇ ତିନି ଥର ମୋବାଇଲ୍ ନମ୍ବର୍ ଦେଖିଲି । ଆଉ ନମ୍ବର୍ ବି ସୁରେନ୍ଦ୍ର ଙ୍କ ର ଥିଲା । ମୁଣ୍ଡ ଟା କେମିତି ଗୋଟେ ଗୋଳିଆ ଘାଣ୍ଟିଆ

ISSN NO.
2582-208X

ହେଇଗଲା। ଫଟୋଟା ଯେ ମୋର ମୋତେ ସେକଥା ବିଶ୍ୱାସ ହେଉ ନ ଥିଲା। ପାର୍କ ରେ ବସି କଥା ହେଉ ଥିବା ବେଳର ଫଟୋ କୁ ଏମିତି କଦର୍ଯ୍ୟ କରି ପଠେଇ ଥିବେ ସେ କଥା ମୋତେ ଅନେକ ମାତ୍ରା ରେ ଆଶ୍ଚର୍ଯ୍ୟ ଲାଗୁଥିଲା। ଛାତି ଭିତର ଟା କେମିତି ଗୋଟେ ହେଇଯାଉଛି। ସୁରେନ୍ଦ୍ର ଏମିତି କେମିତି କରି ପାରିବେ ଭାବି ଭାରି ଅସ୍ତବ୍ୟସ୍ତ ଲାଗୁଥିଲା ।

ହଷ୍ଟେଲ ର ସବୁ ପିଲା ମାନେ ରାତି ଖାଇବା ଶେଷ କରି ସାରିଲେଣି । ମୁଁ କିନ୍ତୁ ସେମିତି ବସି ରହିଥିଲି ।

ଏଇ କିଛି ଘଣ୍ଟା ହେଲା ବିବ୍ରତ ହେଇ ପଡ଼ିଛି ସୌନ୍ଦର୍ଯ୍ୟା । ଘରକୁ ଖବର ଦେବ ନା ପୋଲିସକୁ; ନା କାହାକୁ କିଛି ନ କହି ନିଜକୁ ଶେଷ କରିଦେବ ।

ସୁରେନ୍ଦ୍ର ଯେ ଏଭଳି କାଣ୍ଡ କରିବ କେବେ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲା ସେ । ପାର୍କ ରେ ବସି କଥା ହେଉଥିବାବେଳର ଫଟୋ କୁ ସେ କିଭଳି କଦର୍ଯ୍ୟ କରି ପଠେଇଛି, ଆଉ କହୁଛି, ମୋ ପାଖକୁ ସବୁଦିନ ରାତିରେ ଆସ..... ନ ହେଲେ ଫଟୋ ଯାକ ସବୁ ଫେସବୁକ୍, ୱାଟ୍ସଅପ୍ ସବୁଥିରେ ଛାଡି ଦେବି।

ସୌନ୍ଦର୍ଯ୍ୟା କୁ ୱାଟ୍ସଅପ୍ ରେ ବାରମ୍ବାର କହୁଛି ତା ପାଖକୁ ଯିବାକୁ। ଗଲେ କି କି କାଣ୍ଡ କରିବ ତାହା ଠିକ୍ ଅନୁମାନ କରିପାରୁଛି । ନ ଗଲେ ବଦନାମ ହେବାଟା ସାର ।

ଆଉ ଦି ଘଣ୍ଟା ଭିତରେ ନିଷ୍ପତ୍ତି ନେବାକୁ କହି ତାହା ଶେଷ ମେସେଜ ବୋଲି ଜଣାଇଛି ସୁରେନ୍ଦ୍ର । ଏତିକିବେଳେ ସୌନ୍ଦର୍ଯ୍ୟା ର ବୁନ୍ଦା ବୁନ୍ଦା ଆଖି ଲୁହ ବଳ ଗୋଟାଉଥିଲେ ଲଢେଇ କରିବାକୁ ।

ବାପା ଯେମିତି ଲୋକ ଏକଥା ଶୁଣିଲେ ବେକ ଚିପି ଦେବା ନିଶ୍ଚିତ । ତା ପରେ ବାପା ବୋଉ ଦୁହେଁ ଆତ୍ମହତ୍ୟା କରିଦେବେ ଏକଥା ରେ ସନ୍ଦେହ ନାହିଁ। ପୁଣି ସେପଟେ ଲୋକ ଲଜ୍ୟାର ଭୟ । ଯାଉଛି ନିଜେ ନିଜକୁ ଶେଷ କରିଦେବି, ବାସ୍ ସବୁ ସମସ୍ୟା ର ସମାଧାନ ହେଇଯିବ ।

ISSN NO.
2582-208X

ରାତି ଧିରେ ଧିରେ ବଢୁଥିଲା । ସୁରେନ୍ଦ୍ର ଦେଇଥିବା ଦି ଘଣ୍ଟା ର ସମୟ ବି ପାଖେଇ ଆସୁଥିଲା । ମନକୁ ବୁଝେଇ କହିଲି ଭୁଲ କେବଳ ଏତିକି କରିଛି ସୁରେନ୍ଦ୍ର କୁ ଚିହ୍ନି ପାରିଲି ନାହିଁ। ଘଣ୍ଟା ଘଣ୍ଟା କଥା ହେବା ପୁଣି ସବୁଠାରୁ ବଡ ଭୁଲ ପାର୍କ ରେ ଯାଇ ବସିବା । ନା ନା ମୁଁ ଆତ୍ମହତ୍ୟା କରି ପାରିବିନି । ଯାଉଛି ବାପାଙ୍କୁ ସବୁ ସତ କଥା ବୁଝେଇ କହିବି । ଯେଉଁ ଭୁଲ ମୁଁ କରିନାହିଁ ତା ପାଇଁ ଜୀବନ ହାରିବା ଠିକ୍ ନୁହେଁ।

ମୋ କଥା ଶୁଣି ମାତ୍ର ଦୁଇ ଘଣ୍ଟା ଭିତରେ ବାପା ବୋଉ କେମିତି ଆସି ହଷ୍ଟେଲ ରେ ପହଞ୍ଚିଲେ ମୁଁ ନିଜେ ବି ବୁଝି ପାରିଲିନି । ସକାଳ ହେଇ ନ ଥିଲା। ପୋଲିସ ଷ୍ଟେସନ ରେ ଯାଇ ସୁରେନ୍ଦ୍ର ବିରୋଧ ରେ ଅଭିଯୋଗ କରିବାର କିଛି ଘଣ୍ଟା ଭିତରେ ସୁରେନ୍ଦ୍ର ଗିରଫ ହେଇ ହାଜତ୍ ଭିତରେ ଥିଲା ।

ନୂଆ ବର୍ଷ ପାଇଁ ଆଉ ମାତ୍ର କେଇ ଘଣ୍ଟା ବାକି ଥିଲା। ଗୋଟିଏ ଦିନ ଭିତରେ ଏତେ ସବୁ ଘଟିଯିବ ସେ କଥା କେବେ ସ୍ୱପ୍ନ ରେ ସୁଦ୍ଧା ଭାବି ନ ଥିଲା। ବାପା ବୋଉ ଙ୍କ ରାଗ ଅଭିମାନ ଦେଖିଥିଲି ହେଲେ ଆଜିର ଏଇ ଘଟଣା ପରେ ଆଉ କିଛି ବୁଝିବା ପାଇଁ ବାକି ନାହିଁ । ବାପା ସେପଟ ରୁମ୍ ରେ ଶୋଇଥିଲା ବେଳେ ବୋଉ ମୋ ପାଖରେ ଶୋଇଥିଲା । ବୋଧେ ବାପା ବୋଉ କୁ କହିଥିବେ ମୋ ପାଖରେ ଶୋଇବା ପାଇଁ । ମୁଁ ଭୁଲ କରି ଅନୁତାପ କରୁଥିଲି ସତ ହେଲେ ନିଜକୁ କ୍ଷମା କରି ପାରୁ ନ ଥିଲି । କେମିତି ଗୋଟେ ଦୋଷୀ ଦୋଷୀ ଲାଗୁଥିଲା । ଅନୁତାପ ର ଗରମ୍ ଗରମ୍ ଲୁହ ସବୁ ଗାଲ ଉପର ଦେଇ ବୋହି ଯାଉଥିଲା । ବୋଉ ଶୋଇ ଯାଇଥିଲା ହେଲେ ମୋ ଆଖିକୁ ଏବେ ବି ନିଦ ନ ଥିଲା।

ନୂଆଁପାଲି, ବୀରମହାରାଜପୁର, ସୋନପୁର

ISSN NO.
2582-208X

# ଷ୍ଟାଟସ୍



ରମେଶ ମେହେର

ତୁମ ବାଆଁ ପଟ ବେଗ ଧରି ଗ୍ଲି କରି କଲେଜ ଯାଉଥିବା ଝିଅ ...

ଆଉ ମୁଁ ଏକ ନଂ ମାର୍କେଟରୁ
ଶସ୍ତାକୁ ସହେଥର ଭାବି କଣୁଥିବା ପୁଅ। ।

ଜହ୍ନଟା ଯେଉଁଠି ଆଗ୍ରମ କରେ
ତୁମେ ସେହି ଉଚ୍ଚକୋଠାଘର ଝିଅ...
ଆଉ ମୁଁ ନତି ଗ୍ଳଉପରର ମାଟି ବାରଣ୍ଡା ରେ  ରହୁଥିବା ପୁଅ ॥

ତୁମେ ଥାକ ଥାକ ପଇସାଦେଇ ସମୟକୁ
କଣିନେଇ ପାର କାଳେ (!)

ଆଉ ମୁଁ ଭାବୁଥାଏ ନତି ଆମ
ବର୍ଷାବତୁର୍ ଉଇଖିଆ କାନ୍ଥରେ
ଘଣ୍ଟା ଖଣ୍ଡେ ଝୁଲନ୍ତା କ (?)

ତୁମେ ଘର ର ଅନ୍ଧାର କୋଣେ
ଗୋଟେ ଗ୍ଲାସ ଓ୍ୱାଇନ ରେ...

ISSN NO.
2582-208X

ନିଜ ଚନ୍ତା ଭୁଲୁଥିବା

ଆଉ ମୁଁ ଦୁଇ ଦିନର ବାସିପଖାଳରେ
ନିଜ ଲୁହ ମିଶେଇ ପିଉଥିବା ପୁଅ।।

ତୁମେ କୁହ ଏ ପ୍ରେମ ଫ୍ରେମ ବାଜେ କଥା
ଦେହର ଭୂଗୋଳରେ ହିଁ ପ୍ରାପ୍ତି...

ଆଉ ମୁଁ ଆଜି ବି କବିତାରେ
ଜୀବନ ଖୋଜୁଥିବା ପୁଅ। ।

ତୁମ ଷ୍ଟାଟସ୍ ଠାରୁ
ମୋ ଷ୍ଟାଟସ ଅନେକ ଦୂର ।

ତୁମେ ଆଧୁନିକ ଆଭିଜାତ୍ୟରେ
ଓଠର ଲିପିଷ୍ଟିକ ଲଗେଇ ବାହାରେ ବୁଲୁଥିବା ଝିଅ...

ଜୀବନର ଖୁସି ସାଉଁଟିଥିବା ପୁଅ
ଆଉ ମୁଁ ପେଟର ଭୋକ ପାଇଁ ନିତି
ନିଜ ଶରୀର କୁ କଷ୍ଟ କରି ପଇସା ଆଣୁଥିବା ପୁଅ ॥

ଗ୍ରାମ:-ବେଲପାହାଡ଼
ସ୍ନାତ୍ତକୋତର ଛାତ୍ର

ISSN NO.
2582-208X

# ତୁମେ ଗଲା ପରେ ପରେ



ରଞ୍ଜନ କୁମାର ପ୍ରଧାନ

ତୁମେ ଗଲ୍ ପରେ ବଦଳ ଯାଇଛି
ଜୀବନର ସମୀକରଣ,
ପ୍ରହେଳକା ଏତେ କାହିଁ ରଚଥିଲ
ଅଜିବି ଖୋଜୁଛି କାରଣ ।୧
ନଦୀର ପ୍ରବୃତ୍ତି ପାଶୋରି କେମିତି
ଭାବିଲି ରଖିବି ଧରିକ,
ଘାଟ ପରେ ଘାଟ ଚୁମି ଚାଲିଗଲ
ସାଗରେ ମିଶିବା ପାଇଁକ ।୨
ନର୍ବୋଧ ପତଙ୍ଗ ବୁଢିଆଣୀ ଜାଲେ
ଯେହ୍ନେ ଅନାୟସେ ଫସନ୍ତ,
ମିଛ ସତ ପ୍ରୀତି ମାୟାଜାଲେ ତୁମ
ପଡ଼ି ହରାଇଲି ମୋ ଶାନ୍ତ ।୩

ଚାଲିଯାଇ ତୁମେ ପ୍ରମାଣିତ କଲ
ଅର୍ଥ ଅନର୍ଥର କାରଣ,
ଅର୍ଥ ପାଇଁ ସିନା ଦୀର୍ଘ ଦିନ ପ୍ରୀତି
କ୍ଷଣିକରେ କଲ ବର୍ଜନ ।୪
କେବେ କେବେ ମନ ହୁଏ ଆନ୍ଦୋଳତ
ଭାଳ ମଧୁର ସ୍ମୃତିମାନ,
ଯିବା ପରେ ଭାରି ଖୁସି ଅଛ ଶୁଣି
ବିରହ ଦୁଃଖ ବି ଉଭାନ ।୫

ପାଇକଆଁସ୍,
ପୁରୁଣାତିଗିରିଆ, ତିଗିରିଆ
କଟକ, ଓଡ଼ିଶା ୭୫୪୦୩୦

ISSN NO.
2582-208X

# ସେଦିନ ଜାଣିବ



ଆର୍ତ୍ତତ୍ରାଣ ଖୁର୍ଡିଆ

ଜାଣେ ନାହିଁ ମୁହିଁ ସାବିତ୍ରୀ ବିଧାନ
ଜାଣେ ନାହିଁ କ୍ରୟା କର୍ମ,
ଜାଣିଛି କେବଳ ସ୍ୱାମୀ ସେବା ଅଟେ
ପତ୍ନୀର ପରମ ଧର୍ମ ॥
ସେଦିନ ଜାଣିବ ସତେ ତୁମ ପତ୍ନୀ
ସାବିତ୍ରୀ ଥିଲ୍ କ ନାହିଁ,
ସିନ୍ଥରେ ସିନ୍ଦୁର ନାଇ ଯେଉଁ ଦିନ
ମଶାଣିକୁ ଯିବି ମୁହିଁ ॥
ନାରୀତ୍ୱକୁ ମୋର ପୂର୍ଣ୍ଣ କରିଥିଲ
ମାତୃତ୍ୱର ଖୁସି ଦେଇ,
ଏ ଜନମରୁ ମୋର ମୁକତି ମିଳବ
ତୁମ ହାତୁ ପାଇ ଜୁଇ ॥

ବଙ୍କିଆ,ବୀରମହାରାଜପୁର
ସୋନପୁର,୯୪୩୯୧୪୦୮୧୪

ISSN NO.
2582-208X

# କ୍ଷୁଦ୍ର ଆଲୋକର ଶିଖା



ବାଲ୍ମୀକି ନାୟକ

## ୬୪. ଗୋଟିଏ ଲୋକକଥା:

ଗୋଟିଏ ଗ୍ରାମରେ ଜଣେ ଶିକ୍ଷିତ ଓ ଧନୀ ଜମିଦାର ବ୍ୟକ୍ତି ତାଙ୍କର ମୃତ୍ୟୁ ପୂର୍ବରୁ ଗୋଟିଏ ବସୀୟତ ଲେଖି ଦେଇଥିଲେ । ତାଙ୍କର ଗୋଟିଏ ପୁତ୍ର, ଜଣେ ବିଶ୍ୱସ୍ଥ ସେବକ ଓ ଜଣେ କ୍ଷେତ ବାଡି ସମ୍ଭାଳୁଥିବା ବିଶ୍ୱସ୍ଥ କୃଷକ ଥିଲେ । ତାଙ୍କର ଧନ, ସମ୍ପତ୍ତି, କ୍ଷେତ ଆଦି କାହାକୁ କେତେ ମିଳିବ ଲେଖି ଦେବାପରେ, ତାଙ୍କ ପାଖରେ ଥିବା ୧୯ଗୋଟି ବଳିଷ୍ଠ ଘୋଡା ମଧ୍ୟରୁ ଅର୍ଦ୍ଧ ସଂଖ୍ୟକ ଘୋଡା ନିଜର ପୁତ୍ରକୁ, ଏକ ଚତୁର୍ଥାଂଶ ସେବକକୁ ଏବଂ ଏକ ପଞ୍ଚମାଂଶ ଘୋଡା କୃଷକକୁ ଦେବାପାଇଁ ଲେଖିଥିଲେ । ଜମିଦାରଙ୍କ ମୃତ୍ୟୁପରେ ବସୀୟତ ଅନୁସାରେ ୧୯ଗୋଟି ଘୋଡାକୁ କିପରି ଭାଗ କରାଯିବ ସେହି ଗ୍ରାମର ବହୁ ପଣ୍ଡିତ, ଧର୍ମଗୁରୁ, ବୟୋଜ୍ୟେଷ୍ଠ ବ୍ୟକ୍ତି କେହି ମଧ୍ୟ ବୁଝି ପାରିଲେ ନାହିଁ ।

ପୁତ୍ର କହିଲା - ବାପାଙ୍କର ଜଣେ ଅଶିକ୍ଷିତ କିନ୍ତୁ ଚତୁର ସାଙ୍ଗ ନିକଟସ୍ଥ ଗ୍ରାମରେ ଅଛନ୍ତି । ସେ ସବୁବେଳେ ବାପାଙ୍କର ଅନେକ ସମସ୍ୟାର ସହଜ ବାଟ ବତାଇ ଦିଅନ୍ତି । ତାଙ୍କୁ କହିଲେ ସେ ହୁଏତ ସମସ୍ୟାର ସମାଧାନ କରିଦେବେ ।

ସମସ୍ୟାଟି ଶୁଣି ବାପାଙ୍କର ସାଙ୍ଗ ନିଜର ଘୋଡାରେ ଚଢି ଆସିଲେ । ପୁଅକୁ କହିଲେ - ତୁମେ ମୋର ପ୍ରିୟ ସାଙ୍ଗର ପୁତ୍ର, ତେଣୁ ମୁଁ ଏହି ଘୋଡାଟି ଉପହାର ଦେବାକୁ ଆଣିଛି । ବର୍ତ୍ତମାନ ତୁମେ ୨୦ ଗୋଟି ଘୋଡାକୁ ସର୍ତ୍ତ ଅନୁସାରେ ଭାଗ ବାଣ୍ଟି ନିଅ । ସର୍ତ୍ତ ଅନୁସାରେ ପୁତ୍ର ଅର୍ଦ୍ଧ ସଂଖ୍ୟକ ୧୦ଗୋଟି ଘୋଡା ପାଇଲେ । ସେବକ ଏକ ଚତୁର୍ଥାଂଶ ଅର୍ଥାତ ୫ଟି ଘୋଡା ପାଇଲା । କୃଷକ ଏକ ପଞ୍ଚମାଂଶ ଅର୍ଥାତ ୪ଗୋଟି ଘୋଡା ପାଇଲା । ଶେଷରେ ଗୋଟିଏ ଘୋଡା ବଳି ପଡିଲା । ବାପାଙ୍କ ସାଙ୍ଗ କହିଲେ - ବର୍ତ୍ତମାନ ମୁଁ ମୋ ଘୋଡା ନେଇ

ISSN NO.
2582-208X

ଯାଉଛି । ଏହି ଲୋକ କଥାରୁ ଶିକ୍ଷା ମିଳୁଛି – "ତର୍କଶୀଳ ବୁଦ୍ଧି ପାଇଁ ଶିକ୍ଷା ଜରୁରୀ ନାହିଁ ।"

୬୫. ଗୋଟିଏ ସୁନ୍ଦର ସନ୍ଦେଶ – ଆମେ ବୁଦ୍ଧବାଦୀ ହେଉ କି ଆମ୍ବେଦକରବାଦୀ ହେଉ କିମ୍ବା ହେତୁବାଦୀ ହେଉ କୌଣସି ଦେବୀ ଦେବତାଙ୍କ ଅସ୍ତିତ୍ୱ ନାହିଁ ବୋଲି କହିବା ଆବଶ୍ୟକ ନାହିଁ । (ଗୌତମ ବୁଦ୍ଧ ମଧ୍ୟ ଏହି ପ୍ରଶ୍ନର କୌଣସି ଉତ୍ତର ନଦେଇ ଚୁପ୍ ରହିଥିଲେ) ଆମେ ସେମାନଙ୍କୁ ଅନୁଭବ କରି ନଥିବାରୁ ତାକୁ ଉପେକ୍ଷା କରି ପୂଜା ଅର୍ଚ୍ଚନା ନକରିବା ହିଁ ଯଥେଷ୍ଟ ।

ଏହା ଦ୍ୱାରା ଦୁଇଟି ଭଲ କାମ ହେବ । ପ୍ରଥମ – ଆମ ସହିତ ଆସ୍ତିକ ବନ୍ଧୁ ମାନଙ୍କର ତର୍କ-ବିତର୍କ କରି କେବେ ମନାନ୍ତର ହେବନାହିଁ । ଦ୍ୱିତୀୟ – ଆମେ ପୂଜା ପାଠ ନକରି ମଧ୍ୟ ଯଦି ସୁଖ ଓ ଶାନ୍ତିରେ ବଞ୍ଚି ପାରୁଥିବା, ଦେଖିବେ ଆସ୍ତିକମାନେ ମଧ୍ୟ ନିଜର ବିଚାରବୋଧକୁ ପରିବର୍ତ୍ତନ କରିପାରିବେ । ସେମାନଙ୍କ ମନରେ ଯଦି ଆମଭଳି ତର୍କବୁଦ୍ଧି ଓ ବୈଜ୍ଞାନିକ ଦୃଷ୍ଟିକୋଣ ଜାଗ୍ରତ ହୋଇଯିବ ତେବେ ଦୁନିଆରୁ ଆପେ ଆପେ ଦେବୀ ଦେବତାଙ୍କ ଅସ୍ତିତ୍ୱ ଲୋପ ପାଇଯିବ ।

୬୬. ଚମତ୍କାର – ବୈଦିକ ଯୁଗରେ ମଧ୍ୟ ଦୈବୀ ଚମତ୍କାର ଅପେକ୍ଷା ରୋଗ ଭଲ କରିବା ପାଇଁ ବୈଦ୍ୟ ବା ଡାକ୍ତରଙ୍କ ଔଷଧ ଦରକାର ପଡୁଥିଲା । ଭଗବାନ ରାମଙ୍କର ଭାଇ ଲକ୍ଷ୍ମଣ ମୂର୍ଚ୍ଛା ପଡିଥିବା ବେଳେ ରାମ ନିଜର ଦୈବୀଶକ୍ତି ଭୁଲି ନିରୁପାୟ ହୋଇ ବୈଦ୍ୟଙ୍କ ନିର୍ଦ୍ଦେଶରେ ସଞ୍ଜିବନୀଲତା ଆଣିବାକୁ ହନୁମାନଙ୍କୁ ପଠାଇଥିଲେ ।

Mob:9482016260

ISSN NO.
2582-208X

# ମୁଁ ତୁମର ସାଥି



ଟୋନସ ରୋହିଦାସ

ଗୁଲାପ ଫୁଲ ରେ ବହୁତ କଣ୍ଟା...
ଆଜି କାହିଁ ଏତେ ମନେ ପଡେ ସାଥି ତୁମ କଥା ଘଣ୍ଟା କୁ ଘଣ୍ଟା...!!
ଅଜଣା ରାଇଜ ର ତୁମେ ମୋର ରାଜ କୁମାରୀ...
ତୁମ କୁ ଭାବି ଦେଇଛି ମୋର ସବୁ କଛି ହେ ସୁନ୍ଦରୀ...!!
ତୁମେ ମୋର ପ୍ରତିଟି ଭାବନା ତୁମେ ମୋର କଳ୍ପନା..
ଅଳ୍ପ ଅଳ୍ପ ହୋଇଛି ଦେଖା ମୁ କଛି ତୁମର ସତେ ହେବି ତୁମକୁ ଜଣା...
ଆସିଲ ଯଦି ଜୀବନରେ ମୋହର ଯିବ ନ କେବେ ମୋଠୁ ଦୂର...
ବଞ୍ଚି ଥିବା ଯାଏ ମୁ କେବଳ ହୋଇ ଥିବି ସାଥି ତୁମର...!!
ଆଇନ ଆଗରେ ଗଲେ ମୁ ଦିଶେ ତୁମ ଛବି...
କେମିତି କେଜାଣି ଭାବି ଭାବି ଲେଖିଗଲେ କବିତା ହୋଇ ତୁମ କବି....!!
ଏକା ଏକା ଥିଲି ନ ଥିଲେ କେହି ମୋର ଆସିଲ ଏମିତି ଜୀବନରେ ମୋର...
ସବୁ ଆଜି ଲାଗୁଛି କାହିଁ ଫଗୁଣ ପରି ସତେ କ ତୁମେ ହୃଦୟରେ କରିଛ ଘର...!!

ପାମରା, ଜିଲ୍ଲା-ସୁନ୍ଦରଗଡ଼

ISSN NO.
2582-208X

# କବିତାର ଶେଷଧାଡି



ଏମ୍ ବିଜୟ କୁମାର

ବାଘର ଗରଜନ ଜଗଁଲେ ଛାଡୁଛେ ରଡି
ବଢି ପାଏନ ଲେଖେଁ ଯାଉଛେ ବଢି ବଢି
କଳାବାଦଲ ଘୁରଦିଗେ ଏକକରି
ବରଷା ସାଗେ ବିଜଲୀ ଘଡଘଡି
ଘରକେ ଘର ପାଦ ଆଗକେ ମାଡି
ସଭକର ହିତେ ଯାଉଛେ ଦଉଡି
ସାବଧାନ, ହୁସିଆର ହେଇଯା  ତିଆର
ଏଇଟା ମୋର କବିତାର ଶେଷଧାଡି

ବହୁତ ସୁନ୍ଦର ସତେ ଅତି ଚମ୍‌କାର
ଆଶ୍ଚ୍ୟର୍ୟ ଆଏ ଶେଷଧାଡି କବିତାର
ଦେଖୁ ଦେଖୁ ଆଖି୍ ଲଖି୍ ଯାଏ ନଜର.
ମନ କେ ଛିଇଯାଏ ମନଛୁଆ ବାରବାର

କବିତା ଆଏ ସତେ ସତର୍କର ଘଡି
ସାବଧାନ ହୁସିଆର  ସବୁବେଲେ ଥ ରେଡି
ଏଇଟା ମୋର କବିତାର ଶେଷଧାଡି

ରେମଣ୍ଡା ସଇନ୍ତଲା ବଲାଗିଂର -୩୨
ମୋ-୭୯୭୮୭୮୪୧୩୦

ISSN NO.
2582-208X

# ମାଆ ମୋର କେତେ ସୁନ୍ଦର



ଲ୍କପତି ମଲ୍ଲିକ

ସକାଳ ସନ୍ଧ୍ୟାରେ
କରେ ସିଏ କାମ
ଅତି କଷ୍ଟକର
ତାର ପରିଶ୍ରମ।।
କହେ ନୀରବରେ
ଯାହା ଇଛା କର
ହେଲେ ମୋର ଧନ
ଅନୀତିକୁ ଡର।।
କରେ ସେ ଖ୍ରେଷେଇ
ନ ମାଗେ କମାଇ
ଚୂଲରେ ଅଧିକ
ତା ହାତ ଜଲ୍ଇ।।
ଦୁଃଖ ସମୟରେ
ଦେଇଥାଏ ସୁଖ
ସର୍ବଂସହା ପରି
ତା ଉଜ୍ଜ୍ଳ ମୁଖ।।

ISSN NO.
2582-208X

ଯେତେ କଲି କଲେ
କହେ ନାହିଁ କଛି
ତାର ଅନ୍ତଃ ମନେ
ଦେଇଥାଏ ସହି।।
ପୁତ୍ର ଦୁଃଖ ଦେଖି
ପାରେ ନାହିଁ ରହି
ପ୍ରାଣ ବିକଳରେ
ଦେଇଥାଏ କାନ୍ଦି।।
ହୃଦୟ ତା କେତେ
ପ୍ରେମର ଗଭୀର
ଜନନୀ ମୋହର
ସବୁଠୁ ସୁନ୍ଦର।।
ମାଆ ମୋର କେତେ ସୁନ୍ଦର
ମାଆ ମୋର କେତେ ସୁନ୍ଦର।।

ଗ୍ରାମ - ଫୁଲକାନ
ଭରୁଆପାଲି, ବେଲପଡ଼ା,ବଲାଙ୍ଗୀର
ଦୁରଭାସ - ୭୩୨୭୦୯୧୮୧୨

ISSN NO.
2582-208X

# ଆସନ୍ତୁ ଜାଣିବା ଦୁଃଖ କାହିଁକ ଆସେ ବିଷୟରେ ?



ନରେନ୍ଦ୍ର ପ୍ରସାଦ ବେହେରା

ଭଗବାନ ବୁଦ୍ଧ ଗୁରୁତ୍ୱପୂର୍ଣ୍ଣ ସମୟରେ ସଦୁପଯୋଗ ପ୍ରତି ବିଶେଷ ଗୁରୁତ୍ୱ ଦେଉଥିଲେ । ଅଯଥା କଥାରେ ସମୟ ଅତିବାହିତ କରିବାକୁ ସେ ସର୍ବଦା ବିରୋଧ କରୁଥିଲେ । ଜଣେ ବ୍ୟକ୍ତି ତାଙ୍କ ନିକଟକୁ ଆସିଲା ଏବଂ କହିଲା, ଭଗବାନ ଆପଣ ସର୍ବଦା ଦୁଃଖ ଏବଂ ବିମୁକ୍ତିର କଥା କହୁଛନ୍ତି । ଦୟାକରି କୁହନ୍ତୁ କିଏ ଦୁଃଖ କରିଥାଏ ? ଏବଂ କିଏ ଦୁଃଖରୁ ମୁକ୍ତି ପାଇଥାଏ ? ପ୍ରଶ୍ନ କରିବା ଲୋକର ପ୍ରଶ୍ନ ନିରର୍ଥକ ଥିଲା । ବୁଦ୍ଧ ଏଭଳି ନିରର୍ଥକ ଚର୍ଚ୍ଚାରେ ଫସିବାକୁ ଚାହୁଁ ନଥିଲେ । ସେ ସ୍ନେହ ପୂର୍ବକ କହିଲେ, ତୁମେ ପ୍ରଶ୍ନ କରିବା ଜାଣ ନାହିଁ । ଦୁଃଖ କାହିଁକି ଆସିଥାଏ ଏବଂ ଏଥରୁ ମୁକ୍ତି ପାଇବାର କାରଣ କ'ଣ ? ଏହି ପ୍ରଶ୍ନ ତୁମର ପଚାରିବାର ଆବଶ୍ୟକତା ଥିଲା ।

ଦୁଃଖରୁ କିପରି ମୁକ୍ତି ମିଳିବ ଏବଂ ଦୁଃଖର କାରଣ କ'ଣ ତାହା ଜାଣିବା ମଣିଷ ପକ୍ଷେ ଗୁରୁତ୍ୱପୂର୍ଣ୍ଣ । ଏହାଦ୍ୱାରା ମଣିଷ ଦୁଃଖ ନିବାରଣ କରିବାର ଉପାୟ ଖୋଜିପାଇପାରିବ । ଏହାବ୍ୟତୀତ ଦୁଃଖକୁ ନେଇ ଅଯଥା ଚର୍ଚ୍ଚା କରିବା ନିରର୍ଥକ । ଆଉଥରେ ଜଣେ ବୁଦ୍ଧଙ୍କୁ ପଚାରିଲା, ଭଗବାନ ଏ ସଂସାରକୁ କିଏ ନିର୍ମାଣ କରିଛି ? ଏହାର ଉତ୍ତର ଦେଇ ବୁଦ୍ଧ କହିଲେ, ଯେତେବେଳେ ଜଣେ ଲୋକର ଶରୀରରେ ତୀର ମାଡ଼ ହୋଇଥାଏ, ସେ ସେହି ତୀର ବାହାର କରିବା ଲାଗି ଚେଷ୍ଟା କରିଥାଏ । କିଏ ସେହି ତୀର ନିର୍ମାଣ କରିଛି, ତାହା

ISSN NO.
2582-208X

ଜାଣିବାକୁ ଚେଷ୍ଟା କରିନଥାଏ । ଏଣୁ ତୀର ବାହାର କରିବାରେ ହିଁ ଆନନ୍ଦ ରହିଛି । ତା'ର ନିର୍ମାତା କିଏ ଜାଣିବାର କୌଣସି ଆବଶ୍ୟକତା ନାହିଁ । ଦୁଃଖର କାରଣ କ'ଣ ବୁଝି ପାରିଲେ, ମୁକୁଳିବା ସହଜ ହୋଇଥାଏ । ଏହି କଥାର ସାର ଅର୍ଥ ହେଉଛି ଜୀବନରେ ମଣିଷକୁ ଖୁବ୍ କମ ସମୟ ମିଳିଥାଏ । ଏହି ମୂଲ୍ୟବାନ ସମୟ ଅପଚୟ କରିବା ଉଚିତ୍ ନୁହେଁ । ଏଣୁ ନିରର୍ଥକ କଥାରେ ମୁଣ୍ଡ ଖେଳାଇ ସମୟ ଅପଚୟ କରିବା ଅନୁଚିତ୍ ।

ଆଳଦା, ଖଇର୍, ବାଲେଶ୍ୱର

ISSN NO.
2582-208X

# ବିଚାର



ଆୟୁଷ ବଢ଼ାଇ

ଧନ୍ୟ ଧନ୍ୟ ଶାସକ ବିଚାର ତୁମର
ଆଇନ କାନୁନ୍ ନୀୟମ ନୀତି,
ଦୋଷୀ ଚାଲେ ମୁଣ୍ଡ ଟେକି ଏଠି
ନିର୍ଦ୍ଦୋଷ ଭୋଗେ ନାହିଁ ନ ଥିବା ଶାସ୍ତି।।

ନ୍ୟାୟଦେବୀ ମୁଖେ କଳାପଟି ବାନ୍ଧି
ଆଲୁଅରେ ହେଉଛି ଅନ୍ୟାୟ
ସବୁଦେଖି ଜାଣିଶୁଣି ଭଦ୍ର
ସଭ୍ୟ ସମାଜେ ସାଜିଛନ୍ତି ପିତାମହ ।।

ଆଜିକାଲି ବଜାରରେ ସବୁ କିଣାବିକା
କିଛି ନା କିଛି ମୂଲ୍ୟ ସବୁ ଜିନିଷର
ନିୟମ ନିଷ୍ଠା ସବୁ କାଗଜରେ ଥାଉ
ହାତେ ଯାହାର ପଇସା ଯାହାର ।।

ISSN NO.
2582-208X

ଯାର ଅବଦାନ ମନୁଷ୍ୟ ହିତରେ
ଚିତ୍ତରେ ବିଚାର ଶୂନ୍ୟ ତା ପାଇଁ
ଖେଳୁଛି ଜନତା ପଞ୍ଚଭୂତ ସଙ୍ଗେ
ଯାର ବିଘଟନେ ଜୀବନ କାହିଁ।।

ନିଶା ନିବାରଣ ନାରୀ ନିର୍ଯାତନା
ଶିଶୁ ସୁରକ୍ଷା ଓ ଶିଶୁ ବିକାଶ
ଏହାର ସ୍ଲୋଗାନ ଦେବାରେ ଭଦ୍ର ସମାଜ
ନିଜକୁ ରଖିଛି ସବୁବେଳେ ବ୍ୟସ୍ତ ।।

ସ୍ନାତକ ୨ୟ ବର୍ଷ ( ବାଣିଜ୍ୟ )
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ଅମୃତ ବିହାର
ମେଲ୍- ayushbadhai191@gmail.com

ISSN NO.
2582-208X

# ବିରହ ପ୍ରେମ



ଭବାନି ଶଙ୍କର ଦାଶ

ବିରହର ମଜା ନିଆରା ଅଟଇ,
ଦୁଇ ପ୍ରେମୀ ଏକ ହେଲେ
ମନ ମରୁଭୁମେ ପ୍ରିତିର ସମୁଦ୍ରେ,
ପ୍ରଣୟ ଜୁଆର ଖେଳେ ।
ପ୍ରତୀକ୍ଷାର କୋଳେ ଶ୍ରଦ୍ଧାର ଭାଷା,
ମନରେ ଆଣଇ ଅସୁମାର ଖୁସି
ପୁରୁଣା ଦିନର ସ୍ମୃତି ସିନ୍ଧୁକରେ,
ଭାବରଙ୍ଗ  ରଙ୍ଗେଇ ଦିଏ ଆସି ।
ଭୋକିଲା ପେଟର ନିଦ ହଜିଯାଏ,
ଅପେକ୍ଷାରେ ହେଲେ ବାଧା
ବିକ୍ଷିପ୍ତ ମନ୍ଦିରେ ସଜଡା ସପନ,
ମନେ ରହିଯାଏ ଅଧା ।
ଏ ଜୀବନ ଜନ୍ମ ଆମରି ପରା,
ନୁହେଁ ବରଷ କି ମାସ
ସାତଜନ୍ମକୁ ବାନ୍ଧିଛି ମୁଁ ତୁମ ଭାବନା,
ଏ ଜନ୍ମେ ନହୋଇବ ଶେଷ ।

ଗୌରୀଦେଇପୁର,କୋଦଳା,
ଗଞ୍ଜାମ,ଓଡିଶା,761032
9019896796

ISSN NO.
2582-208X

# ବିଦାୟ ବରଷ (୨୦୨୨)

ବିଜୟ କୁମାର ନାଏକ

ବରଷଟା ଏକ ବେଦରଦି ଅଟେ
ଛାଡି ଗ୍ଚଲି ଯିବ ଆଜି,
ନୂତନ ବରଷ ଆସିଯିବା ପରେ
ପାଇବା ନ ଆଉ ଖୋଜି ।

ଗୋଟେ ପଟେ ଏଇ ଆଖିର ଲୁହକୁ
ଆଣି ଦେଉଅଛି ଖାଲି,
ଆଉ ଗୋଟେ ପଟେ ଅନାଇ ବସିଛି
ଆସିବା ପାଇଁ କ କାଲି ।

କରିବା ବିନତି ବିଧାତାଙ୍କୁ ଆମେ
ଗଲ୍ ଯଥା ଏ ବରଷ,
ତଥା ମିଳବ ଆଗାମୀ ବରଷରେ
ଆନନ୍ଦ ଆଉ ହରଷ ।

ମଣିଷ ଜୀବନ ଏମିତି ରେ ଭାଇ
ଆଜି ଅଛି କାଲି ନାହିଁ,
ଭଲ କର୍ମ ମାନ କରି ଯାଇଥିଲେ
ଝୁରି ହେବେ ଆମ ପାଇଁ ।

ସୁଖ ଦୁଃଖ ଭର୍ ଜୀବନ ଏଇତ
ସବୁ ଦିନ ପାଇଁ ଅଟେ,
ପୁରୁଣା ବର୍ଷକୁ ବିଦାୟ ଦେବାରେ
ହସି ହସି ତାର ବାଟେ ।।

ଶରଧାପାଲି

ISSN NO.
2582-208X

# ଅଳସୀ ମୋ ପ୍ରିୟା



ବିଶ୍ୱନାଥ ନାଏକ

ଅଳସୀ ମୋ ପ୍ରିୟା ଅଳସ ଭାଙ୍ଗୁଛି
ଶୀତୁଆ ଖରାକୁ ଦେଖି ।
ଅତରଗି ତାର ନର୍ଝରଣୀ ଦେହ
ଆଖି ଯାଉଥାଏ ଲାଖି।

ଶୀତୁଆ ସକାଳର ସେକମଳ କୀରଣ
ଛୁଇଁ ଯାଏ ତା ଦେହକୁ ।
ମନେ ଉତ୍କଣ୍ଠା ମୋର ଭରିଯାଏ
ଛୁଇଁ ବାକୁ ତା ରୂପ କୁ ।।

କଳା କୋଇଲି ଟି ବସି ଦେଖୁଥାଇ
ଘର ଉପରୁ ବସି ।
ମନେ ମନେ ସେ ନଜକୁ ଦେଖେଇ
ଦେଉଥାଏ ଟିକେ ହସି।।

କାଉଁରୀ ଦେହ ରେ ତରୁଣୀ ଯଉବନ
ତା ସାଙ୍ଗକୁ ଶୀତୁଆ ପବନ।
କଳା ଘନକେଶ କୁ ଗୋଲ୍‌ପି ଓଠ
ସହେ ନାହିଁ ଏ ମୋ ମନ ।।

ଗ୍ରାମ/ ପୋଷ୍ଟ - ଅର୍କିଳ,
ଜିଲ୍ଲା- ଅନୁଗୋଳ, ଓଡ଼ିଶା
ମୋ-୭୮୪୬୯୪୯୮୫୦

ISSN NO.
2582-208X

# ସ୍ୱାସ୍ଥ୍ୟ ବିଭାଗ

ISSN NO.
2582-208X

# ଶୀତଋତୁରେ ଚର୍ମ ରୋଗ ଓ ତାର ପ୍ରତିକାର



ଡାକ୍ତର ବସନ୍ତ କୁମାର ଷଡଙ୍ଗୀ

ସାରା ବିଶ୍ୱରେ ରହିଥିବା ୧୨୦ ରୁ ଊର୍ଦ୍ଧ ଦେଶ ମାନଙ୍କରେ ଗ୍ରୀଷ୍ମ, ବର୍ଷା, ଶୀତ, ଋତୁ ଅନୁଭୂତ ହେଉଥିବା ବେଳେ ଶୀତ ଋତୁ ଆସିଲେ, କେତେକ ନିର୍ଦ୍ଦିଷ୍ଟ ରୋଗ, ଛୋଟ ଛୁଆ, ଗର୍ଭବତୀ ମହିଳା, ବୃଦ୍ଧ, ବୃଦ୍ଧା ଙ୍କ ସମେତ ମଧ୍ୟ ବୟସ୍କ, ଯୁବ ବର୍ଗ ର ବ୍ୟକ୍ତି ମଧ୍ୟ ଏହି ଶୀତ ଦିନିଆ ରୋଗର ଶିକାର ହୋଇଥାନ୍ତି । ସେହିଭଳି ଆମ ଭାରତରେ ଶୀତ ଋତୁ ର ଆଗମନ ହେଲେ ସାଧାରଣତଃ ପ୍ରାୟ ସମସ୍ତଙ୍କୁ ଥଣ୍ଡା, ଜ୍ୱର, କାଶ, ସମେତ ବିଭିର୍ନ ଚର୍ମ ଜନିତ ରୋଗ ଯାଦୁ, କାଛୁ, କୁଣ୍ଡିଆ, ଶୁଷ୍କ ଚର୍ମ, ପାଦ ଫାଟିବା (Dry skin), ଜିଭ ଧରିବା, ଓଠ ଫାଟିବା, ମୁହଁରେ ଦାଗ ସୃଷ୍ଟି ହେବା ଆଦି ବିଭିନ୍ନ ଶୀତଋତୁ ଜନିତ ଚର୍ମ ରୋଗ ଦେଖାଦେଇଥାଏ । ଏହାର ମୁଖ୍ୟ କାରଣ ହେଲା ଶରୀରରେ "ରୋଗପ୍ରତିରୋଧକ ଶକ୍ତି" ହ୍ରାସ ପାଇବା । ଶୀତରୁତ ରେ ହେଉଥିବା ଚର୍ମ ରୋଗ ଜନିତ ସ୍ୱାସ୍ଥ୍ୟ ସମସ୍ୟା ର ପ୍ରତିକାର ଓ ପ୍ରତିରୋଧ ନିମନ୍ତେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଘଟାଇବା ପାଇଁ ଭିଟାମିନ -- C, ଭିଟାମିନ--D, ବୃଦ୍ଧି କରାଇବା ସହିତ ରୋଗର ପ୍ରତିକାର ଓ ପ୍ରତିରୋଧ ପାଇଁ ସଜାଗ ନିହାତି ଜରୁରୀ ଅଟେ ।

ISSN NO.
2582-208X

*ଶୀତ ଦିନଆରୋଗ*

କାର୍ତିକ ମାସ ରୁ ଧୀରେ ଧୀରେ ଶୀତ ଅନୁଭୂତ ହେଉଥିଲେ ସୁଦ୍ଧା, ସେପ୍ଟେମ୍ବର 23 ତାରିଖ ପରେ ପୃଥିବୀର ଉତ୍ତର ଗୋଲାର୍ଦ୍ଧ ସୂର୍ଯ୍ୟଙ୍କ ଠାରୁ କ୍ରମଶଃ ଦୂରତା ବଢିବା ଆରମ୍ଭ ହୋଇଥାଏ, ତାର ଫଳ ସ୍ୱରୂପ ଉତ୍ତର ଗୋଲାର୍ଦ୍ଧ ରେ କ୍ରମଶଃ ଉତ୍ତାପହ୍ରାସ ପାଇ ଥଣ୍ଡାର ପ୍ରକୋପ କ୍ରମଶଃ ବୃଦ୍ଧି ପାଇଥାଏ I

ସାଧାରଣତଃ ପୌଷ ଓ ମାଘ ମାସ ଏବଂ ଇଂରାଜୀ ମାସ ଅନୁସାରେ ନଭେମ୍ବର ମାସ ଶେଷ ସପ୍ତାହରୁ ଜାନୁଆରୀ ମାସ ଶେଷ ସପ୍ତାହ ପର୍ଯ୍ୟନ୍ତକୁ ଶୀତ ଋତୁ ଭାବେ ଗ୍ରହଣ କରାଯାଇଥାଏ I ଶୀତ ଦିନେ ସାଧାରଣତଃ ଥଣ୍ଡା ର ପ୍ରକୋପ ହେତୁ ଆମ ଦେହର ବାହ୍ୟଭାଗ ଚର୍ମରେ ରହିଥିବା ଆଦ୍ରତାର (moisture) ପରିମାଣ ହ୍ରାସ ପାଇବା ହେତୁ ଚର୍ମ ଶୁଷ୍କତା ହୋଇ ବିଭିନ୍ନ ରୋଗ ଦେଖାଦେଇଥାଏ, ଯଥା – ବିଇଞ୍ଚି ଘା, କୁଣ୍ଡିଆ, ଶିଶୁଙ୍କ ଚର୍ମରେ ବିସ୍ଫୋଟ (ବ୍ରଣ ପରି ଛୋଟ ଛୋଟ), ଲାଲ କାତି ପରି ଦାଗ ହୋଇଥିବା ଚର୍ମ ରୋଗ(Psoriasis), ହାତ ଓ ଗୋଡ଼ର ଚର୍ମ ଫାଟିବା ଓ ଓଠ ଫାଟିବା ସହ ଥଣ୍ଡା ଜନିତ ଜଳବାୟୁ ଚର୍ମ ର ସଂସ୍ପର୍ଶ ରେ ଆସି ବିଭିନ୍ନ ଚର୍ମ ରୋଗ ଦେଖା ଦେଇଥାଏ ।

ଶୀତଦିନେ ସାଧାରଣତଃ ବହୁତ ବ୍ୟକ୍ତଙ୍କ ପାଦର ଲେଡି ଓ ଆଙ୍ଗୁଠି ଫାଟିଥାଏ, ଏହାର ପ୍ରତିକାର ପାଇଁ ପାଦରେ "ମୋଜା" ବ୍ୟବହାର କରିବା ଦ୍ୱାରା ପାଦରୁ ଝାଳ ନିର୍ଗତ ହୋଇ, ଆଦ୍ରତା ସୃଷ୍ଟି ହୋଇ ପାଦ ଫାଟିବାର ସମ୍ଭାବନା କମ ଥାଏ। ପାଦ ଫାଟିଲେ ରାତିରେ ଶୋଇବା ପୂର୍ବରୁ ଉଷୁମ ପାଣିରେ କିଛି ଲୁଣ ମିଶାଇ, ପାଦକୁ କିଛି ସମୟ ବୁଡାଇ ରଖି, ପାଦକୁ ଭଲ ଭାବେ ଶୁଖିଲା କପଡା ରେ ପୋଛି ସହ ପାଦରେ ନଡ଼ିଆ ତେଲ କିମ୍ବା ଭେସଲିନ ପତଳାରେ ଲଗାଇବା ଉଚିତ, ଯାଦ୍ୱାରା ପାଦ ଫଟାରୁ ଉପଶମ ମିଳପାରିବ ।

ISSN NO.
2582-208X

*ଚର୍ମ ରୋଗର ପ୍ରତିକାର*

ଶୀତ ଦିନେ ଅଳ୍ପ ଉଷୁମ ଥିବା ଜଳ ଗାଧୋଇବା ସହ, କମ କ୍ଷାରୀୟ ଯୁକ୍ତ ସାବୁନ, ଗ୍ଲୀସେରିନ, ଭେସଲିନ, ତୈଳ ଯୁକ୍ତ ପଦାର୍ଥ ଚର୍ମରେ ଲଗାଇବା ଉଚତ। ଶୀତଦିନେ ପ୍ରାକୃତିକ ଉପାୟ ଦ୍ୱାରା ଓଠ କୁ ସତେଜ ଓ ନରମ ରଖିବାପାଇଁ, 1-ମହୁ ସହ ଚନ୍ଦ ଓ ଆଲମଣ୍ଡ ତେଲ କୁ ମିଶାଇ ଓଠ ରେ ମାଲିସ କଲେ ଓଠ ନରମ ହୋଇଥାଏ, 2. "ବିଟ" କୁ ବାଟି ରସ ବାହାର କରି ଓଠ ମାଲିସ କଲେ ଓଠ ନରମ ଓ ସତେଜ ରହି ଥଏ, 3. ଘିକୁଂଆରୀ (ଆଲୋଭେରା)ରସ ରେ ମହୁ ମିଶାଇ ଓଠ ରେ ମାଲିସ କରିବା ଦ୍ୱାରା ଓଠ ନରମ, ସତେଜ ରହିଥାଏ, 4. ନଡ଼ିଆ ରୁ ତେଲ ବାହାର କରି ଓଠ ରେ ମାଲିସ କଲେ ଓଠ ନରମ ଓ ସତେଜ ରହିବା ସହ ଆରାମ ଲାଗିଥାଏ। ଶୀତ ଋତୁ ରେ ଅଧିକ ପାଣି ପିଇବା ଉଚତ ଯଦ୍ଵାରା ଶରୀର ରେ ଜଳୀୟ ଅଂଶ ସନ୍ତୁଳତ ହୋଇପାରିବ। ବିଭିନ୍ନ ପ୍ରକାର ର ସବୁଜ ପନପରିବା ଅଧିକ ଖାଇବା ଆବଶ୍ୟକ। "କାଲିଫର୍ନିଆ" ବିଶ୍ୱ ବିଦ୍ୟାଳୟ ଦ୍ୱାରା ତଥ୍ୟ ଅନୁ ଯାଇ, ସ୍ୱାସ୍ଥ୍ୟ ପାଇଁ ଗ୍ରୀନ ମଟର ଅତି ଉପକାରୀ। ଏହା କୁ ପ୍ରତିଦିନ ଖାଦ୍ୟ ରେ ଖାଇବା ଉଚତ। ଏଥିରେ "ଆଣ୍ଟି ଅକ୍ସିଡ଼ାଣ୍ଟ" ଗୁଣ ଓ ତନ୍ତୁ ଜାତୀୟ ପଦାର୍ଥ ପର୍ଯ୍ୟାପ୍ତ ପରିମାଣ ରେ ରହିବା ସହ ଭିଟାମିନ--K, ପ୍ରଚୁର ପରିମାଣ ରେ ରହିଛି। ତେଣୁ ଗ୍ରୀନ ମଟର ଅଧିକ ଖାଇବା ଦ୍ୱାରା ଶରୀରରେ "କଲେଷ୍ଟ୍ରୋରଲ" ମାତ୍ରା ହ୍ରାସ କରାଇ ଉଚ୍ଚ ରକ୍ତ ଚାପ କୁ ସନ୍ତୁଳତ ରଖିବା ସହ ଶୀତଦିନେ ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକୀୟ ଭିଟାମିନ କୁ ପୂରଣ ରଖିବାରେ ସାହାର୍ଯ୍ୟ କରିଥାଏ। ଶୀତ ଦିନେ "ଗ୍ରୀନ ମଟର" ସହଜ ଓ ଅତି କମ ଦାମ ରେ ମିଳଥାଏ ତେଣୁ ଏହା ଯଥେଷ୍ଟ ଖାଇବା ଉଚତ। ଯଦ୍ଵାରା, ପ୍ରାକୃତିକ ଉପାୟରେ, ଶରୀରରେ ଭିଟାମିନ A, B, C, D, K, ର ଆବଶ୍ୟକତା ପୂରଣ ହେବା ସହ, ଶରୀର ରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ପାଇ, ଚର୍ମ ରୋଗ କୁ ପ୍ରତିରୋଧ କରାଇବା ରେ ସାହାର୍ଯ୍ୟ କରିଥାଏ। ଏତଦ ସହ ଅତ୍ୟଧିକ ଲୁଣ, ମିଠା, ଖାଇବା ଠାରୁ ଦୁରେଇ ରହିବା ଉଚତ I ଶରୀରରେ ହଜମ ପ୍ରକ୍ରିୟା ସୁଦୃଢ ନମନ୍ତେ ଏବଂ ମଳାବରୋଧ ଦୂରୀକରଣ ପାଇଁ ଉଷୁମ ଜଳ ସକାଳେ ଓ ରାତ୍ରରେ ଶୋଇବା ସମୟରେ ଅନ୍ତତଃ ଏକ ଗ୍ଲାସ ଲେଖାଏ ସେବନ

ISSN NO.
2582-208X

କରିବା ଉଚତ I ଅନ୍ୟ ଋତୁ ଅପକ୍ଷା ଶୀତଋତୁ ରେ ଦୈନନ୍ଦିନ ଜୀବନ ଶୈଳୀ, ନିଜର ସ୍ୱାସ୍ଥ୍ୟ ଓ ରୋଗପ୍ରତିରୋଧକ ଶକ୍ତି କୁ ବୃଦ୍ଧି ନିମନ୍ତେ ସ୍ୱତନ୍ତ୍ର ଧ୍ୟାନ ଦେବା ଜରୁରୀ ଅଟେ I ଯଦ୍ୱାରା ଶୀତଦିନିଆ ଚର୍ମ ରୋଗକୁ ଆମେ ପ୍ରତିରୋଧ କରିପାରିବା I

ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ନିମନ୍ତେ ଶରୀରରେ ଭିଟାମିନ-ଡି ର ଆବଶ୍ୟକତା କୁ ପୂରଣ କରିବାପାଇଁ ସକାଳର ସୂର୍ଯ୍ୟ କିରଣ ରେ, ଏବଂ ସନ୍ଧ୍ୟାରେ 3 ରୁ 4 କି.ମି. ପାଦରେ ଚାଲିବା ସହ ପ୍ରାତଃ ଓ ସାନ୍ଧ୍ୟକାଳୀନ ବ୍ୟାୟାମ କରିବା ଆବଶ୍ୟକ I ଯଦ୍ୱାରା ଶରୀରରୁ ଝାଳ ନିର୍ଗତ ହେବା ଦ୍ୱାରା ଚର୍ମରେ ଶୁଷ୍କତା ଦୂର ହୋଇ ଆଦ୍ରତା ସୃଷ୍ଟି ହୋଇଥାଏ । ଯଦ୍ୱାରା ଶୀତଦିନେ ଶରୀର ରେ ଚର୍ମ ରୋଗ ହେବାର ସମ୍ଭାବନା କମ ଥାଏ ।

*ଚର୍ମ ରୋଗ ପ୍ରତିରୋଧ ନିମନ୍ତେ ଔଷଧ*

ଆମ ଭାରତୀୟ ପାରମ୍ପରିକ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ଚର୍ମ ରୋଗ ଓ ତାର ପ୍ରତିକାର ନିମନ୍ତେ ବିଭିନ୍ନ ଆୟୁର୍ବେଦୀୟ ଔଷଧ ବ୍ୟବହାର ବିଷୟରେ ଉଲ୍ଲେଖ ରହିଛି । ସେ ଆୟୁର୍ବେଦ ଔଷଧ କୁ ଡାକ୍ତର ଙ୍କ ପରାମର୍ଶ ନେଇ ବ୍ୟବହାର କରିବା ଉଚିତ ।

1.ଶରୀର ରେ ରକ୍ତ ପରିଷ୍କାର ନିମନ୍ତେ, ସାରିବାଦ୍ୟା ରିଷ୍ଟ, କିମ୍ବା ସାରିବାଦ୍ୟା ସବ, କିମ୍ବା ଖଦିରା ରିଷ୍ଟ 10 ଏମ.ଲ., ଲେଖାଏଁ ଗରମ ପାଣି ଥଣ୍ଡା କରି ମିଶାଇ, ଖାଲି ପେଟରେ ସେବନ 2 ବେଳା ସେବନ କଲେ,ବିଭିନ୍ନ ଚର୍ମ ରୋଗ ରୁ ଉପଶମ ମିଳିଥାଏ,

2."ଗୋପ ଚନ୍ଦନ ରସାୟନ" ଦୁଇ ଗ୍ରାମଚ, ଖାଲିପେଟରେ ସକାଳ ଓ ସନ୍ଧ୍ୟା ରେ ଉଷୁମ କ୍ଷୀର କିମ୍ବା ଉଷୁମ ଜଳ ସହ ସେବନ କଲେ ବହୁ ପୁରାତନ ବିଭିର୍ନ ପ୍ରକାର ଚର୍ମ ରୋଗ ରୁ ଉପଶମ ମିଳିଥାଏ ।

ISSN NO.
2582-208X

3. "ଶାଫି ସିରଫ " କୁ 2 ବେଳା ଖାଲି ପେଟରେ  10 ଏମ.ଲ. ଲେଖାଏଁ ଗରମ ପାଣି ଥଣ୍ଡକରି ମିଶାଇ ସେବନ କଲେ, ସମସ୍ତ ପ୍ରକାର ଚର୍ମ ରୋଗ ଭଲ ହୋଇଥାଏ ।

4. ଚର୍ମ ରୋଗରେ ଅଧିକ ଲୁଣ ଓ ମିଠା ଖାଇବା ଅନୁଚତ ।

ଉପରୋକ୍ତ ସମସ୍ତ ବିଷୟକୁ ଅନୁମେୟ କଲେ ଜଣାଯାଏ ଯେ ଶୀତଦିନେ ଆମେ ସତର୍କତା ଅବଲମ୍ବନ କଲେ, ଶୀତଦିନେ ହେଉଥିବା ସମସ୍ତ ପ୍ରକାର ଚର୍ମ ରୋଗରୁ ଆମେ ସୁରକ୍ଷା ପାଇପାରିବା ।

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚନ୍ଦାହାଣ୍ଡି, ନବରଙ୍ଗପୁର,
ଫୋନ-୭୮୯୪୧୧୨୪୮୭

ISSN NO.
2582-208X

# କଲରାର ଉପକାରିତା



ଡାକ୍ତର ଅଭିମନ୍ୟୁ କାନୁନଗୋ

କଲରା ଏକ ଉପାଦେୟ ପରିବା । କେବଳ କଲରା ନୁହେଁ, ତାର ପତ୍ରକୁ ମଧ୍ୟ ଅଧିକାଂଶ ଲୋକ ଶାଗ ରୂପେ ବ୍ୟବହାର କରନ୍ତି । କଲରା ଅପେକ୍ଷା ଠୁସି କଲରା ଅଧିକ ଉପାଦେୟ । କଲରା ଶୀତବୀର୍ଯ୍ୟ, ଲଘୁ, ତିକ୍ତରସ, ଜ୍ୱରନାଶକ, କୃମି ନାଶକ, ବାତ, ପିତ୍ତ ଓ କଫ ନାଶକ । ଏହା ମଧ୍ୟ କୋଷ୍ଠକାଠିନ୍ୟ ଦୂରକରେ । ଶହେ ଗ୍ରାମ କଲରାରୁ ଭିଟାମିନ୍-ସି ୮୮ ମିଲିଗ୍ରାମ୍, ଭିଟାମିନ୍ ଏ-୧୨୬ ମିଲିଗ୍ରାମ, ରିବୋପ୍ଲୋବିନ୍-୦.୦୯ ମିଲିଗ୍ରାମ୍, ଫସଫରସ-୭୦ ମିଲିଗ୍ରାମ୍, କ୍ୟାଲସିୟମ - ୨୦ ମିଲିଗ୍ରାମ୍, ତନ୍ତୁ-୦.୮ ମିଲିଗ୍ରାମ, ଶକ୍ତି-୨୫ କ୍ୟାଲୋରୀ ମିଳଥାଏ । ଏହା ବ୍ୟତିତ କଲରାରୁ ଆବଶ୍ୟକୀୟ ପରିମାଣର ପୁଷ୍ଟିସାର, ଶ୍ୱେତସାର, ସ୍ନେହସାର, ଲୌହ, ଜିଆସିନ୍, ଓ ଖଣିଜ ଲବଣ ଆଦି ମିଳଥାଏ ।

ଔଷଧୀୟ ଗୁଣ - ନିୟମିତ କଲରା ଖାଇଲେ କ୍ଷୁଧା ବୃଦ୍ଧି ହେବା ସହିତ ମଳ କବଜ ଦୂର ହୁଏ । ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢେ । ପିତ୍ତ କାଶ ଓ କଫ କାଶକୁ ଦୂର କରେ । ଯାବତୀୟ ଚର୍ମ ରୋଗ ଓ କୃମିଦୋଷ ନାହ ହୁଏ । ସଦ୍ୟତୋଳା କଲରା ପତ୍ର ରସକୁ ନିୟମିତ ପାନକଲେ ଉଚ୍ଚ ରକ୍ତ ଗ୍ଲୁପ ରୋଗ ଆରୋଗ୍ୟ ହୋଇଯାଏ । କଲରା ପତ୍ରକୁ ବାଟି ବରା କରି ନିୟମିତ ଦୁଇ ତିନ ମାସ ଯାଏ ଖାଇଲେ ଡାଇବେଟିସ୍ ରୋଗ ଭଲ ହୁଏ । କଲରା ପତ୍ର ରସ ପାନ କଲେ  ଓ ଲଗାଇଲେ ବିରାଡି ବିଷ ନଷ୍ଟ ହୁଏ । କଲରା ପତ୍ର ରସରେ

ISSN NO.
2582-208X

ଜିର୍‌ଗୁଣ୍ଡ ମିଶାଇ ପାନ କଲେ  କମ୍ପଜ୍ୱର ଭଲ ହୋଇଯାଏ । ସ୍ତ୍ରୀ ଲୋକଙ୍କର ମାସିକ ଋତୁସ୍ରାବ ଠିକ୍ ସମୟରେ ନହେଲେ କଲର୍ା ପତ୍ର ରସରେ ଶୁଣ୍ଠି ପିପଳ ଓ ଗୋଲମରିଚ ଗୁଣ୍ଡ ମିଶାଇ ଖାଇଲେ ଋତୁ ଗୋଳମାଳ ଦୂର ହୁଏ ।

କଲର୍ା ପତ୍ର ରସରେ ଚନ କମ୍ବା ମହୁ ମିଶାଇ ପିଲାଙ୍କୁ ପିଆଇଲେ ଦଶିପୋକ କୃମି ଆଦି ନଷ୍ଟ ହୁଅନ୍ତୁ । କଲର୍ା ପତ୍ରରେ ହଳଦୀ ବାଟି ଲଗାଇଲେ ବିଭିନ ପ୍ରକାର ଚର୍ମରୋଗ ଭଲ ହୋଇଯାଏ । ଶିଶୁ ହେଉ କ ବୟସ୍କ ହେଉ କଛି ଦିନ ଧରି କଲର୍ା ରସ ପାନ କଲେ ଅପସ୍ମାର ରୋଗ ଭଲ ହୋଇଯାଏ । କଲର୍ାକୁ ଶୁଖାଇ ଗୁଣ୍ଡ କରି ସେହି ଗୁଣ୍ଡକୁ ଗୋଳ ଗରମକରି ଗଳାରେ ଲେପ ଦେଲେ ଗଳାଫୁଲା କମିଯାଏ ।

ବି.ଏ.ଏମ୍.ଏସ୍, ପୁରୀ–୨

ISSN NO.
2582-208X

# ଆମ ହାଣ୍ଡିଶାଳ

ISSN NO.
2582-208X

# ପାଳଙ୍ଗ ପକୁଡି



ଜୟନ୍ତୀ ଦେବୀ

**ସାମଗ୍ରୀ:**

ପାଳଙ୍ଗ - ଅଧକିଲୋ

ବେସନ - ୧୨୫ ଗ୍ରାମ, ସୁଜି - ୧୦୦ ଗ୍ରାମ

କଞ୍ଚା ଲଙ୍କା - ୭ଟି, ଅଦା-ଛୋଟ ଖଣ୍ଡେ,

ଜୁଆଣି - ଅଳ୍ପ, ସ୍ୱାଦ ଅନୁସାରେ ଲୁଣ ଓ ଛାଣିବା ପାଇଁ ତେଲ

**ପ୍ରସ୍ତୁତି ପ୍ରଣାଳୀ:**

ପାଳଙ୍ଗକୁ ଭଲ କରି ଧୋଇ ଚୂନା କରି କାଟି ରଖନ୍ତୁ । ଠିକ୍ ସେମିତି କଞ୍ଚା ଲଙ୍କା ଓ ଅଦାକୁ ମଧ୍ୟ ଚୂନା ଚୂନା କରି କାଟି କଟା ହୋଇଥିବା ପାଳଙ୍ଗରେ ମିଶାଇ ଭଲଭାବେ ଚକଟନ୍ତୁ । ଏହାପରେ ସେଥିରେ ଯୁଆଣୀ, ଜୀରା ଓ ଲୁଣ ମିଶାନ୍ତୁ । ଏଥରକ ସେଥିରେ ବେସନ ଓ ସୁଜି ପକାଇ ଗୋଳାନ୍ତୁ । ଘୋଳ ଯେମିତି ପତଳା ନହୁଏ । ବହଳିଆ ଘୋଳ ପ୍ରସ୍ତୁତ କରିବେ । ଏହି ମିଶ୍ରଣରେ ପାଣି ମିଶିବା ଦରକାର ହେବନାହିଁ । କାରଣ ପାଳଙ୍ଗରେ ଲୁଣ ମିଶିବା ପରେ ସେଥିରୁ ଆପେ ଆପେ ପାଣି ବାହାରିବ । କଡେଇରେ ତେଲ ଗରମ କରି ଏହି ମିଶ୍ରଣକୁ ନେଇ ଛୋଟ ଛୋଟ ପକୁଡି ଭଳି ଛାଣନ୍ତୁ । ଆଞ୍ଚ କମ କରି ଛାଣିବେ । ପକୁଡି ଗୁଡିକର ରଙ୍ଗ ବାଦାମି ହୋଇ ଆସିଲେ ତେଲରୁ ଛାଣି ନିଅନ୍ତୁ । ଚିଲି କିମ୍ବା ଟମାଟୋ ସସ୍ ସହିତ ଏହା ଖାଇବାକୁ ବେଶ ସୁଆଦିଆ ।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଅମୃତଭଣ୍ଡା ଆଗ୍ଚର



ଅଧ୍ୟାପିକା ରୋଜାଲିନ୍ ବାରିକ୍

### ଆବଶ୍ୟକ ସାମଗ୍ରୀ:

ଅମୃତଭଣ୍ଡା - ୫୦୦ ଗ୍ରାମ, ସୋରିଷ ବଟା - ୨୦ ଗ୍ରାମ୍
ଲଙ୍କା ଗୁଣ୍ଡ - ୨୦ ଗ୍ରାମ, ହଳଦୀ ଗୁଣ୍ଡ - ୧୦ ଗ୍ରାମ
ସୋରିଷ ତେଲ - ୫୦ ଗ୍ରାମ, କଟା ଅଦା - ୨୦ ଗ୍ରାମ
ଭିନେଗାର ଅଧ କପ୍ ଏବଂ ଆବଶ୍ୟକ ପରିମାଣର ଲୁଣ

### ପ୍ରସ୍ତୁତି ପ୍ରଣାଳୀ:

ପ୍ରଥମେ ଅମୃତ ଭଣ୍ଡାକୁ ଧୋଇ ଚୋପା ଛଡାଇ କୋରନ୍ତୁ । ଏଥିରେ ଲୁଣ ନେଇ ଅଳ୍ପ ସିଝାନ୍ତୁ । ଏକ ପାତ୍ରରେ ସୋରିଷ ତେଲ ଗରମ କରି ସେଥିରେ ସମସ୍ତ ମସଲା ଓ କଟା ଅଦାକୁ ମିଶାନ୍ତୁ । କଛି ସମୟ ପରେ ତାକୁ ଚୁଲିରୁ ଓହ୍ଲାଇ ସେଥିରେ ଅମୃତ ଭଣ୍ଡାକୁ ମିଶାନ୍ତୁ । ସେଥିରେ ଭିନେଗାର୍ ଢାଳ କାଚ ବୋତଲରେ ରଖାଯାଏ । ପ୍ରସ୍ତୁତ ହୋଇଗଲା ଅମୃତଭଣ୍ଡା ଆଗ୍ଚର ।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ମସରୁମ୍ ପନୀର ପଲାଉ



ଅଳକା ବାରିକ୍

**ଆବଶ୍ୟକ ସାମଗ୍ରୀ:**

ବାସୁମତି ଚାଉଳ – ୨ କପ୍, ବଟନ୍ ମସରୁମ୍ – ୧ କପ୍
ଛୋଟ ଛୋଟ ଖଣ୍ଡରେ କଟା ଯାଇଥିବା ପନୀର – ୧ କପ୍
ପିଆଜ – ୨ଟା (ଚୁନା ଚୁନା ହୋଇଥିବା)
ଟମାଟୋ ପ୍ୟୁରି – ୧ ଟେବଲ୍ ଚାମଚ
ଗରମ ମସଲା ପାଉଡର – ୧ ଟେବଲ ଚାମଚ
ଅଦା ରସୁଣ ବଟା – ୧ ଟେବଲ୍ ଚାମଚ
ଘିଅ – ୫ ଟେବଲ୍ ଚାମଚ
ଧନିଆ ପତ୍ର – ୧ ଟେବଲ ଚାମଚ,
ପୁଦିନା – ୧ ଟେବଲ୍ ଚାମଚ,
ଅଳ୍ପ ଡଲଚିନି, ଲବଙ୍ଗ ଓ ଗୁଜୁରାତି,
କାଜୁ ବଟା – ୨ ଟେବଲ୍ ଚାମଚ
ସ୍ୱାଦ ଅନୁସାରେ ଲୁଣ

**ପ୍ରସ୍ତୁତି ପ୍ରଣାଳୀ:**

ଚାଉଳକୁ ଧୋଇ ଅଧଘଣ୍ଟା ବତୁରାଇ ରଖନ୍ତୁ । କଡେଇରେ ୨ ଟେବଲ୍ ଚାମଚ ଘିଅ ଗରମ କରି ସେଥିରେ ଗୋଟା ମସଲାକୁ ସାମାନ୍ୟ ଭାଜନ୍ତୁ । ଏହାପରେ ସେଥିରେ କଟା ହୋଇଥିବା

ISSN NO. 2582-208X


ପିଆଜକୁ କଛି ନେଇ ଭଜନ୍ତୁ । ଏଥର ସେଥିରେ ଅଦା ରସୁଣ ବଟା ଓ ଟମାଟୋ ପ୍ୟୁରି ପକାଇ କଷନ୍ତୁ । ମସଲାରୁ ବାସ୍ନା ଆସିଲେ ସେଥିରେ ମସରୁମ୍, ପନୀର କ୍ୟୁବ୍ ଏବଂ ଗରମ ମସଲା ପାଉଡର ପକାନ୍ତୁ । କାଜୁ ବଟା, ୧ କପ୍ ପାଣି ଓ ଲୁଣ ମିଶାନ୍ତୁ । ହାଲୁକା ଆଞ୍ଚରେ ଅଳ୍ପ ସମୟ ରାନ୍ଧନ୍ତୁ । ମସଲାକୁ ଟିକେ ବହଳଆ ରଖନ୍ତୁ । ପଲାଉ କରିବା ପାଇଁ ବଳକା ଥିବା ଘିଅ ଆଉ ଏକ ହାଣ୍ଡିରେ ଗରମ କରି ସେଥିରେ ବଳକା ଥିବା ପିଆଜ ଭଜନ୍ତୁ । ପିଆଜର ରଙ୍ଗ ବଦଳ ଆସିଲେ ସେଥିରେ ଗୁଆଳ ପକାଇ କଛି ସମୟ ଭଜନ୍ତୁ । ଏଥର ଗୁରିକପ୍ ପାଣି ଓ ଅଳ୍ପ ଟିକେ ଲୁଣ ପକାଇ ରାନ୍ଧନ୍ତୁ । ଭାତ ହୋଇଯିବା ପର୍ଯ୍ୟନ୍ତ ରାନ୍ଧନ୍ତୁ । ଆଉ ଏକ ବଡ ହାଣ୍ଡି ନେଇ ଭାତ ଏବଂ ଆଗରୁ ପ୍ରସ୍ତୁତ ପନୀର ମସରୁମ୍ ମସଲା ହାଲକା ଆଞ୍ଚରେ ଅଳ୍ପ ସମୟ ବସାନ୍ତୁ । ବାସ୍ନା ଆସିଲେ ଆଞ୍ଚରୁ କାଢି ଆଣି ପରଷନ୍ତୁ ।

ମଧୁ, ଆଳ, କେନ୍ଦ୍ରପଡା

www.vedantimagazine.com

ISSN NO.
2582-208X

# ସିମେଇ ପକୁଡି



ଲକ୍ଷ୍ମୀପ୍ରିୟା ବିଶ୍ୱାଳ (ପୂଜା)

**ସାମଗ୍ରୀ:**

ସିମେଇ-ଅଧା କପ୍, ମଧ୍ୟମ ଆକାରର ସିଝା ଆଳୁ - ଗୋଟିଏ
କଞ୍ଚା ଲଙ୍କା-୨ ଟା, ପିଆଜ - ଗୋଟିଏ, ଅଦା ରସୁଣ ବଟା - ଅଧା ଗ୍ଲମଚ୍
ବେସନ- ଅଧା ଟେବଲ୍ ଗ୍ଲମଚ, ଗ୍ଲଉଳ ଚୁନା - ଅଧ ଗ୍ଲମଚ
କଟା ଧନିଆ ପତ୍ର - ଅଧା ଟେବଲ ଗ୍ଲମଚ, ସାମାନ୍ୟ ଲଙ୍କା ଗୁଣ୍ଡ,
ଘିଅ - ୧ ଟେବଲ୍ ଗ୍ଲମଚ, ଅଳ୍ପ କାଜୁ, ସ୍ୱାଦ ଅନୁଆରେ ଲୁଣ ଓ ଛାଣିବା ପାଇଁ ତେଲ

**ପ୍ରସ୍ତୁତି ପ୍ରଣାଳୀ:**କଡେଇରେ ଘିଅ ଗରମ କରି ସିମେଇ ଗୁଡିକୁ ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ଭଜନ୍ତୁ । ଏଥର ଗ୍ୟାସ ବନ୍ଦ କରି ସେଥିରେ ଗରମ ପାଣି ପକାଇ କଛି ସମୟ ପରେ ସିମେଇ ଗୁଡିକୁ ଛାଣି ରଖନ୍ତୁ । ଏହାପରେ ସିମେଇକୁ ପୁଣି ଥରେ ଥଣ୍ଡା ପାଣିରେ ପକାଇ ଛାଣି ଅଲଗା ରଖନ୍ତୁ । ଏଥର ପିଆଜ ଓ କଞ୍ଚା ଲଙ୍କାକୁ ଚୁନା ଚୁନା କରି କାଟନ୍ତୁ । ଆଳୁ ଚକଟି ସେଥିରେ ସିମେଇ ସହିତ ବାକି ସବୁ ଜିନଷ ମିଶାଇ ଭଲକରି ଚକଟି ଦିଅନ୍ତୁ । ଏଥିରେ ସାମାନ୍ୟ ଖାଇବା ସୋଡା ମଧ୍ୟ ମିଶାଇ ପାରନ୍ତୁ । ଏଥରକ ସେହି ମିଶ୍ରଣକୁ ଅଧ ଗ୍ଲମଚ ଗରମ ତେଲ ମିଶାଇ ଗୋଳେଇ ଦିଅନ୍ତୁ । କଡେଇରେ ବଳକା ତେଲ ଗରମ କରି ଏହି ମିଶ୍ରଣକୁ ନେଇ ଛୋଟ ଛୋଟ ପକୁଡି ଛାଣନ୍ତୁ । ସସ୍ ସହିତ ଖାଇବାକୁ ଦିଅନ୍ତୁ ।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଚଲି ପନର



ଦେବଯାନୀ ବାରିକ୍

**ସାମଗ୍ରୀ:** ପନର – ୨୦୦ ଗ୍ରାମ, ପିଆଜ – ୨ଟା
କାପସିକମ୍-୧ଟା, ଛେଚା ଅଦା-୧୦ ଗ୍ରାମ, ରସୁଣ ଛେଚା-୧୦ ଗ୍ରାମ,
ଅଜିନୋମୋଟୋ- ଅଧା ଚାମଚ, ଲଙ୍କା ଗୁଣ୍ଡ –ଅଧା ଚାମଚ,
ଆରାରୁଟ୍-୨୦ ଗ୍ରାମ, ମଇଦା-୨୦ ଗ୍ରାମ୍,
ସୋୟା ସସ୍- ଅଧା ଚାମଚ, ସ୍ୱାଦ ଅନୁସାରେ ଲୁଣ ଓ ତେଲ – ୧୦୦ ଗ୍ରାମ

**ପ୍ରଣାଳୀ:**
ପ୍ରଥମେ ଛେନାକୁ ଲମ୍ବା ୮ ପିସ୍ କରି କାଟି ନିଅନ୍ତୁ । କାପସିକମ୍, ପିଆଜ ଚଉଡା ଭାବେ କାଟନ୍ତୁ । ଆରାରୁଟ୍ ଓ ମଇଦା ମିଶାଇ ପାଣି କରି ଗୋଳାଇ ଦିଅନ୍ତୁ । ପନର୍ କୁ ଏହି ଆଣରେ ଗୋଳାଇ ପକାଇ କଷି ଦିଅନ୍ତୁ । କାପସିକମ୍ ଏଥିରେ ପକାଇ କିଛି ସମୟ କଷନ୍ତୁ । ମସଲା ପ୍ରସ୍ତୁତ ହୋଇଯିବା ପରେ ପନର, ଲୁଣ, ସୋୟାସସ୍, ଚଲି ସସ୍, ଅଜିନୋମୋଟୋ ଓ ଲଙ୍କା ଗୁଣ୍ଡ, କିଛି ଆରାରୁଟ୍ ଗୋଳାଇ ଏଥିରେ ଢାଳ ଦିଅନ୍ତୁ । ଏହାକୁ କିଛି ସମୟ ପାଇଁ ଆଞ୍ଚରେ ବସାଇ ସମ୍ପୂର୍ଣ୍ଣ ଶୁଖିଲା କରିଦିଅନ୍ତୁ । ପରେ ଆଞ୍ଚରୁ ଓହ୍ଲାଇ ଗରମ ଗରମ ପରଷନ୍ତୁ ।

ମଧୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X

# ନୂଆଁ ବରଷ୍



ଶଶିକାନ୍ତ ମେହେର

ହଁ ସେ ସିନେ ନିନ ହେଲେ ତାର୍ ଜଗାଲା ଗଛ୍ ଆଏଜ୍ ବି ଅଛେ । ହେ କିଛି ଦିନ୍ ଆଗେ ଜେନ୍ ପିଲା ମାନେ ଉଷତ୍ ନ ମାଜା ଖାଉଥିଲେ ସେ ମାଜା ଗଛ୍ ବୁଢା ଦଦା ଜଗେଇଥିଲା । କାହାକେ ମନା ନି, ଯେ ଆସେ ମେନ୍ ମେନ୍ଛା ଖାଏ । ଏସୁର୍ ବି ବହୁତ୍ ଛୁଆ ଆସି ଆସି ଖାଇଛନ୍ । ସୂର୍ବାଲି ନାନୀ ବି ଆସେ ଆଉ ଖାଏ କେଡେ ସୌକେ ସେ ପାଚ୍ଲା ମାଜା ।

ସେ ଦିନେ ସୂର୍ବାଲି ନାନୀ କହେଲା କଥା ଆଏଜ୍ ମୋର୍ ଠିକ୍ ସୋର୍ ପଡୁଛେ । ସେ କହିଥାଏ, ଇ ମାଜା ଗଛ୍ ତୋର୍ ଦାଦା ଜଗେଇଥିଲେ ବାବୁ, ଦେଖ୍ ସେ ନିନ ଯେ କେଁ ହେଲା ତାଙ୍କର୍ ଲାଗି ବଲି କେତେ ଲୋକ୍ ଆଏଜ୍ ଇ ମାଜା ଖାଇ ପାରୁଛନ୍, କେତେ ଛୁଆ ମାନେ କେତେ ଉଷତ୍ ହେଉଛନ୍, କେତେ ଖୁସି ନ ସକାଲ୍ ପାଉନ୍ ସେର୍ ତମର୍ ଘରେ ହାଜିର୍ ହେଇ କେତେ ହସି ମଜା, ଗହଲ୍ ଚହଲ୍ ଲାଗୁଛେ ଦେଖ୍ ତ । ଜାଣିଛୁ ଇ ଗଛ୍ କେ ଆଏଜ୍ କେ ସତୁର୍ ବଛର୍ ହେଲାନ । ଯେତେବେଳେ ଇ ନୂଆଁ ଘର୍ ବନାଲେ ତୋର୍ ଦାଦା, ହେ ନୂଆଁ ବରଷ୍ ର ଦିନେ ଇ ଗଛ୍ ଜଗେଇଥିଲେ । ଦେଖ୍ ଆଏଜ୍ ତକ୍ ଅଛେ ତେଲ୍ କେବେ ମାଜା ଶୁଇନ୍ ନି ।

ISSN NO.
2582-208X

ନାନୀର୍ ଇ କଥା ମୋର୍ ମନ୍‌କେ ପାଏଲା ଆର୍ ହେ ବେଲୁ ମୁଇଁ ବି ଭାବିଥିଲି,' ଏସୁର୍ ନୂଆ ବରଷ୍ ଦିନେ ମୁଇଁ ବି ଆମ୍ ଗଛ ଟେ ଜଗାମି । ସେଟା ସୂର୍‌ତା ହେଇ ରହେବା, ପରିବେଶ୍ ଠିକ୍ ରହେବା, ତାର୍ ସାଙ୍ଗେ ଖାଇବି ପାର୍‌ବେ ସଭେ ।

ଜମଲା, ପଦମପୁର,ବରଗଡ଼-୭୬୮୦୪୯
ମୋବାଇଲ୍ - ୮୦୧୮୧୭୮୯୭୮

ISSN NO.
2582-208X

# ଉପ୍'ରର୍ ଲୋକ୍



ସୁନୀଲ କୁମାର ଅଗସ୍ତି

ଉପ୍'ରେ ଥିବାର୍ ଲୋକ୍
ତଲ୍'କେ କାଁ'ଯେ
ଠିଁଆଁକେଇ ଯିବା ?
ତମେ ଇହାଛିନ୍ ପଚରେଇ ପା'ର
ଇ' ଉପରେ ଥିବାର୍ ଲୋକ୍ କେନ୍ ଆଏ ?
ତମର୍ କହେତି କେ
ଟଁକା ପଏସା ବାଲା,ଗର୍ବୀ, ଲୋଭୀ
ପାଏଲେ ସକାଲ୍ ଟେବୁଲ୍ ତଲୁ
ହୁର୍'ସୁଲା ଛିନୁ,ଦରବାରୀ କବାରର୍
ଲେଞ୍ଜ୍ ମୁଣ୍ଡୁ,ପରହର୍ ନିନ୍ଦା କରୁ
ଆର୍ ଇ' କିସମର୍ କେତନି କେତେ ଭାଏଲ୍ ?
ଆର୍ ଫାଲେକେ ସିଧା ହିସାବ୍
କରିଦେଲେ ବନେ ହେତା ଗୋ
ତମର୍ କହେତି କେ,
ଉପରେ ଥିବାର୍ ଲୋକ୍ ତଲ୍ କେ
କାଁ'ଯେ ଠିଁଆଁକେଇ ଯିବା ?
ତମର୍ ମୋର୍ କି' ଆର୍ କାହାରିର୍
କାଁଏଟା ହେବା କି' କେଁ ଯାଉଛେ ଯେ,,

ଟିଟିଲାଗଡ଼, ବଲାଙ୍ଗୀର/ମୋ/୯୪୩୭୨ ୧୦୮୮୭

ISSN NO.
2582-208X

# କୋଶଲି/ସମଲପୁରୀ
# - ଲକ୍ଷ୍ମୀ ପୁରାନ୍



ସତ୍ୟନାରାୟଣ ମିଶ୍ର

( ୫ )

ଆଠ ବେତାଲ୍ ପହଁଚିଲେ ଡାକଲେ ବୋଲି ଶିରି
ଆଜ୍ଞା ଦେଲେ ସୁନାପଲଙ୍କ୍ ଯ ଆସ ଧରି ।
ଖାଇ ପିଇ ନାସ୍ କର୍ବ ବଡ଼ ଦେଉଲେ ସବୁ
ବାବନ୍ କୁଟି ଭଣାର୍ ଯାକ ବୁହି ଆନ  ବାବୁ ।
ନିଦ୍ରାଦେବୀ କେ ପଠେଇ ଦେମି ଝୁମୁରା ଝାକି ଦେବା
ଦୁହି ଭାଇ ସୁଇ ପଡଲେ ତମକେ ସୁବିଧା ହେବା ।
ଆଜ୍ଞା ପାଇ ବେତାଲ୍ ମାନେ ଦେଉଲ୍ ନିକେ ଗଲେ
ଜଗା ବଲିଆ ସୁଇ ଥିବାର୍ ଦେଖି ଉସତ୍ ହେଲେ ।
ରନ୍ଧା ଘରେ ସମି କରି ସବୁ ଦେଲେ ଖାଇ
କେଚି ଦେଲେ ହାଣି ମାଠିଆ ପାନୀ ଟିକେ ନାଇଁ ।
ବାବନ୍ କୁଟି ଭଣାର୍ ଯାକ ସବୁ ଆନଲେ ବୁହି
କୁଲା ଭୁଗା ଥୁଟି ବାହୁନ୍  କିଛି ଛାଡି ନାଇଁ ।
ଗଂଧୁଆ ଖଟେ ଦୁଇ ଭାଇକେ ସୁଏଇ ଦେଲେ ଧରି
ସୁନା ଖଟ କେ ବୁହି ନେଲେ ଘର ଦେଲେ  ଝାରି ।
ଦରବ୍ ଯାକ ଦେଖି କରି ଉସତ୍ ହେଲେ ମାତା
କହେଲେ ତମେ ବନେ କାମ୍ ଟେ କରିଦେଲ ପୁତା ।

ISSN NO.
2582-208X

ସରସତି କେ ସୁମୁରି କରି କଲେ ବିଚାର୍ ବସି
କହେଲେ ଆଲୋ ବହନି ଆମେ ସବୁ ନାରୀ ଜାତି।
ଜାତି ର୍ ଟେକ ରଖମା ଆମେ, ଗୁସିଆଁ ଯିବେ ହାରି
ଦେଖମା ମତେ ନରହରି ଆଏବେ କି ନି ନୁରି ।
ଏଭେ ଯଦି ନାଇଁ ନୁରନ୍ ମତେ ଭାବଗ୍ରାହୀ
କଲି ଯୁଗେ ମାହେଜି କେ ଆରୁ ମୁନୁସ୍ ନୁର୍ବା କାହିଁ।
ସମକର୍ କଣ୍ଠେ ବିଜେ ହେବୁ, କରୁନ୍ ମନାସଭେ
ଦୁଇ ଭାଇକେ ନାଇଁ ଦଉନ୍ ଖାଏବା ଦରବ୍ କେଭେ।
ମହଲେ ରହି ମହାଲୀଲା ଲଗେଇ ଦେଲା ମାଇ
ବେଲ୍ ଉଦୁଲା ସଖାଲ୍ ହେଲା ଉଠୁଲେ ଦୁଇ ଭାଇ।
କହେ ବଲିଆ ଆରେ କାଲିଆ ସବୁ କେନ୍ତା ସୁଇନ୍
ଦାସୀ ପରିଛା ପଣ୍ଡା ଯେତେ ଆଜି ଗଲେ କାହିଁ ।
ମୁହୁଁ ଧୁଇବାକେ ପାନି ନାଇଁ କର୍ମା କହ କେନ୍ତା
ହରି ବଇଲେ ଲକ୍ଷ୍ମୀ ଛଡ଼ା ଆମେ ହେମା ଏନ୍ତା ।
ବଲିଆ ଗଲେ ରିଷେ ରିଷେ ଭନାର୍ ଦେଖଲେ ଖାଲି
କାହିଁ ଗଲା ସବୁ ବୋଲି ହେଲେ ପିଟି ମାରି ।
ଗଠଉ ଥିଲେ ସୁନା ମୁଦି ଟେ ପାଇ ବଳରାମ
ପିତଲ୍ ମୁଦି ବୋଲି ଦେଲେ ଫିଙ୍କି ଘନଶ୍ୟାମ ।
ପଶିଗଲେ ରନ୍ଧା ଘରେ ଭୁଡେଇ ହେଲେ ହରି
କେନେ ଅଛେ ଖାଏବା ଦରବ୍ ମିଲିଯିବା ବୋଲି ।
ଦିହେଁ ଲଗଲା କଲା ଆରୁ ମୁହେଁ ଲଗଲା କଲା
କଲା ଦେହେ କଲା ଲାଗି ଆଉର୍ ଝଲସିଲା ।
ବାହାରେ ଥାଇ ଡାକେ ରାମ ହଇରେ ବଡ଼ ଖିଆ
ଏକେଲା ଏକେଲା ଖାଉଛୁ କେଁ ଅଛେ ହେନ ଯାହା ।

ISSN NO.
2582-208X

( ୬ )

କହେଲେ ହରି ନାଇଁ ଦାଦା ନାଇଁ ନ କିଛି ଦରବ୍
କାଁଏ କର୍ମା କାଣା ଖାଏମା ମୁଡ଼େ ପଡଲା ଚଡକ୍ ।
ଯଉଁ ବୋଲି ଗଲେ ଦୁହେଁ ଇନ୍ଦ୍ରଦ୍ୟୁମ୍ନ ବନ୍ଧ କେ
ଦେଖଲେ ସେନେ ମୁହୁଁଧୁଆକେ ପାନିନାଇଁରଚେ ,
ଫିରିଗଲେ ବଡ୍ ଦେଉଲେ ଦିନେ ରହେଲେ ଭୁକେ
ଆର ଦିନେ ଭିକାରୀ ବେଶେ ବାହାରିଲେ ଦୁଃଖେ ।
ଖନ୍ଦେ ପକାଲେ ଚିରା ଅମଛି ହାତେ ଭଙ୍ଗା ଛତା
ପାନି ମାଗି ବାହାରିଲେ ମାଖବେ ବୋଲି ଟୀକା।
ଯାକେ ମାଗଲେ ପାନି ଟିକେ ସେ ବଲୁଚେ ନାଇଁ
ଚୋର୍ ବୋଲି ଖେଦି ଆଏଲେ ଠେଙ୍ଗା ବାଡ଼ି ନେଇ ।
ଜୀବନ୍ ଡରେ ଦୁଇଭାଇ ସେନୁ ଅସଲେ ନର୍ ଦି
ହରି କହେଲେ ଦାଦା ଆମେ କର୍ମା କାଁଏ ବୁଦ୍ଧି ।
ଯଉଁ ବଡ଼ପଁଡା ଘର୍କେ ଖାଏମା ମୁଠେ ଅରନ୍
ଯଉଁ କହେଲେ ବଲରାମ ଭୁକେ ଛଟକେ ଜୀବନ୍ ।
ଦେଖି କରି ପଁଡା ବୁଢ଼ୀ ପାରୁଛେ ଚିହ୍ନି ନାଇଁ
ବହ କେ ତାର୍ ଡାକିଦେଲା ଆ ଗୋ ବହ ଧାଇଁ।
ଆନ୍ ତ ମୋର୍ ଠେଙ୍ଗା ବଏଲା ଦୁହେଁ ଡରିଗଲେ
ସାମ ବେଦ ଜଜୁବେଦ୍ ରଡି ଗାଇଦେଲେ ।
ଭିକାରୀ ବାମହନ୍ ବୋଲି ଇଟା ବୁଢ଼ୀ ଜାନି ଗଲା
ଆସ ବୋଲି ପଟି ପାରି ଘରେ ବସେଇଲା ।
ରନ୍ଧା ଘର୍କେ ଆନି ଗଲା ଖୁରି ଧରି ଅରନ୍
ଦେଖଲା ସେନ ଅରନ୍ ସଂଗେ ହାଣି ଗଲା ଉଭାନ୍ ।
ଲଖି ଛଡା ଲୋକେ ଇଟା ଜାନି କରି ରିସେ
ପହଁଚିଲା ନିଲାମର ପିତାମର ପାଶେ ।

ISSN NO.
2582-208X

ଗାଲି ଦେଇ ଡେନା ଧରି ଖିଡି ଖିଡେଇ ନେଲା
ବାଟ୍ ଦୁଆରେ ଠିଆ କରି ତାଟି କିଲିଦେଲା ।
ଗୁଲ୍ ଗୁଲା ହେଇ ଦୁଇଭାଇ ଗଲେ କବିର ଘର୍କେ
ଭୁକା ବାମନ୍ ବୋଲି କବିର ଦେଲା ଲିଆ ଭୁର୍କେ ।
ଜାନି କରି କମଳିନୀ ପବନ୍ ଦେବ୍ କେ ପଠେଇ
ସେ ଲିଆ କେ କାହିଁ କାହିଁ ଧୁରିଆନେଲେ ଉଡେଇ ।
ଭୁକେ ହେଇ ଦୁର୍ବଲିଆ ପାହା ପକେଇ ଧୀରେ
ଯଉଁ ଯଉଁ ବାଟେ ଜନେ ଯୁଗୀ କେ ଭେଟିଲେ ।
ତାକେ ମାଗଲେ ଭାତ୍ ମୁଠେ ଥାଲି ଦେଖିକରି
ଯୁଗୀ କହେଲା ତମେ ଦୁହେଁ ଲଖି ଛଡା ବୋଲି ।
ଘି ଗୁରସ୍ ଭାତେ ଯେ ମୋର୍ ଥାଲି ଭରିଥିଲା
ତମେ ମାଗୁନ୍ ମାଗୁନ୍ ଦେଖ କାହିଁ ଉଭିଗଲା ।
ନାଇଁ ମିଲେ ଅରନ୍ ପାନି ତମ୍ କେ ଆରୁ କାହିଁ
ଯ ଯ ସାଗର୍ କୁଲେ ଦେଖବ ଦୁଇ ଭାଇ ।
ହେନେ ମିଲିଯିବା କେତେନିକେତେ ପେଟ୍ ପୁରାଭାତ୍
ଉସତ୍ ହେଲେ ଦୁହେଁ ଯାକ ଚାଲ୍ ଲେ ଭଟ୍ ଭାଟ୍ ।

(୭)

କପଟ୍ କଲେ ସିନ୍ଧୁସୁତା କହେଲେ ସୁରଜ୍ ଦେବ
ତପତ୍ କରି ଡହ ଡହ ବାଏଲ୍ ତତେଇ ଦେବ ।
ଚାଲି ଯେନ୍ତା ନାଇଁ ପାରନ୍ ରାମ ଦଇତାରି
ବାର ବଛର୍ ସାଏପ୍ ଟା ମୋର୍ ଆସୁଛେ ନ ପୁରି ।
କହତେ କହତେ ଠାଏ ଠାଏ ଠୁକି ଦେଲା ଖରା
ତପତ୍ ବାଟେଚାଲିନାଇଁପାରନ୍  କ୍ଷୀର ଚୋରା ।
ରହ ରହ ଦାଦା ବୋଲି ପଛେ ଡାକୁଥିଲେ
ନାଇଁ ସୁନି ବଲ୍ ରାମ  ଧାଇଁ ଚାଲୁଥିଲେ ।

ISSN NO.
2582-208X

ପହଁଚିଲେ ମହାମୟୀ ର୍ ସିଂ ଦୁଆରେ ଯାଇ
ଡାକିଦେଲେ ସୁନି କରି ଦାସୀଆଏଲେ ଧାଇଁ ।
କିଏ କହୁଛେ ଆଗୋ ସହି କଂଗାଲ୍ ଗୁଟେଇଟା
ଫେର୍ ବି ଦେଖ ଦେହେ ତାର ହେଇଛେମୁଟା ସୁଟା,
ଏନ୍ତା ଗୁଟେ ଥିଲା ଯେ ସେ ଘରୁ ଖେଦଲା ଲଖି କେ
କୁହାକୁହି ହେଲେ ସଭେ ଆସି ବଲିଆ ର୍ ପାଖେ ।
ବେକେ ତାଙ୍କର୍ ହାତ ରଖି ଖେଦି ଦେଲେ ଭଟେ
ଡରେ ଫିରିଲେ ବଳରାମ ହରି ଭେଟଲେ ବାଟେ ।
ଯଉଁ ରେ ଭାଇ ଫିରି ଯଉଁ କହେଲେ ନିଲାମର
ଦାସୀ ମାନେ ଖେଦି ଦେଉଛନ୍ ନାଇଁ ଯଉଁ ଇ ଘର ।
ହରି କହେଲେ କେନ୍ତା କରି ରଖମା ଆମର୍ ଜୀବନ୍
ନାଇଁ ଖାଇବାର୍ ହେତେ ଦିନୁ ମୁଠେ ହେଲେ ଅରନ୍।
ଫେର୍ ଥରେ ଯଉଁ ସେନେ ମାଗ୍ ମା ବିନ୍ତି ହେଇ
ବଲିଆ ବୋଲେ ଆଗେ ଥିବୁ ପଛେ ଥିମି ମୁଁଇ ।
ଏନ୍ତା କହି ସିଂ ଦୁଆରେ ପହଁଚିଲେ ଫେର୍ ଥରେ
ସାମ ଯଜୁର୍ବେଦ ପାଠ କଲେ ଉଁଚା ସୁରେ ।
ସଂସାର୍ ସାରା ଚପଲି ଗଲା ଶବଦ୍ ଗହ ଗହ
ନିସ୍ତରିଲି ନିସ୍ତରିଲି ଆହେ ଦୟା ମୟ !
ପଲଙ୍କ୍ ଠାନୁ ଲଖି ଦେଲେ ଜୁରି ଦୁଇ ହାତ
ସରି ଗଲା ପ୍ରଭୁ ହେ ମୋର୍ କୁଟି କୁଟି ପାପ ।
ଯା ଲୋ ଦାସୀ ଯା ପଚରା  କାଁ ବଲୁଛନ୍ ବାମହନ୍
କହେବୁ ନାଇଁ କଡା କଥା ଯେନ୍ତା ନାଇଁ ଫିରନ୍ ।
ଦାସୀ କହେଲା ହେମାନେ ତ ଖାନା ମାଗୁଛନ୍ ମା
ଲଖି କହେଲେ ପଚରା ତୁଇ ଯା ଲୋ ଦାସୀ ଯା ।
ବାମହନ୍ ହେଇ ଚଣ୍ଡାଲ୍ ଘରେ କେନ୍ତା ଖାଏବ ଭାତ୍
ଆମର୍ ଛିଆଁଖାଏଲେ ପରେ ଯିବା ତାକର୍ ଜାଏ ତ୍।

ISSN NO.
2582-208X

ଦାସୀ ର୍ ଥାନୁ ସୁନି ଇ କଥା କହେଲେ ହଲଧର
ଚଉଲ୍ ଦେଲ୍ ନୂଆଁହାଁଡ଼ି ର୍ ବେବସ୍ଥା ଟେ କର ।
ରାନ୍ଧି କରି ଖାଇ ନେମୁ ଆମେ ଦୁଇ ଭାଇ
ଇ କଥା କେ ମାତା ଆଗେ କହେଲା ଦାସୀ ଯାଇ ।
ଉସତ୍ ମନେ ଲଖିମି ଦେଲେ ରନ୍ଧା ଦରବ୍ ଖଞ୍ଜି
ବଡି ସାରୁ କଦଲି ଛେନା ଦାଏଲ୍  ଶାଗ ଭାଜି।

( ୮ )

ଭାବଲେ ମନେ ରାନ୍ଧିଯଦି ଖାଏବେ ଦୁଇ ଭାଇ
ମାଇକିନାକେ ମୁନୁସ୍ ଆରୁ ନୁର୍ବେ କେନେ କାହିଁ!
କାଠ ଗୁଟେ ଧରି ମାଏ କଲେ ମନ୍ତର୍ ଅଗ୍ନି
ନାଇଁ ଜଲବ ତମେ ହେନେ ନାଇଁ ତାତେ ପାନି ।
କଥା ମାନି ନାଇଁ ଜଲ୍ଲା ଜୁଏ ମଲା କୁହୁଲି
ନାଇଁ ତତଲା ହାଁଡି ପାନି ଫୁକି ଅଥା ହରି ।
ଅଧୁଆ ମୁହାଁ ବୋଲି ଦେଲେ ଗାଲି ବଲରାମ
ନିଜେ ଫୁକୁଲେ ନଲା ଧରି ରିଷେ ତମ ତମ ।
ନାଇଁ ଜଲୁଚେ ଜୁଏ ଦେଖି ହାଁଡି ଦେଲେ ପିଟି
ଭୁକେ ଛଟ ପଟ ହେଲେ ପ୍ରଭୁ ଖିତି ପତି ।
ଦେଖି ରାମ କହୁ ଅଛନ୍ ସୁନ ଜଗନାଥ
ଜାତି ପଛେ ଯାଉ ଖାଉଁ ଇତାର୍ ଘରେ ଭାତ ।
ଆଜି ଯଦି ନାଇଁ ମିଲେ ଆମ୍ କେ ମୁଠେ ଅରନ୍
ଜାନି ଥା ରେ ଛନେ ଗଲେ ହେବା ଆମର୍ ମରନ୍ ।
ଆହା ବୋଲି ଦାସୀ ଯାଇ ଲଖି କେ କହେଲା ଇଟା
ସୁନି କରି ବିସ୍ମଦି ହେଲେ ଜଗତ ର ମାତା ।
କେତେ ଦୁଃଖ ମୋର୍ ଲାଗି ପାଏଲେ ଦୁଇ ଭାଇ
ସୁନା ଚଟୁ ଧରି ଗଲେ ରନ୍ଧା ଘର୍କେ ଧାଇଁ ।

ISSN NO.
2582-208X


ରାନ୍ଧିଦେଲେ ଭାତ୍ ଦାଏଲ୍ ଆମ୍ବିଲ୍ କଦଲି ଭଜା
ଖିରି ଖିଚିଡି ପୁଡ଼ାପିଠା ତୁନ୍ ତରକାରୀ ଖଞ୍ଜା ।
କହେଲେ ଯ ରେ ଦାସୀ ମାନେ ଜଲଦି ଟିକେ ଯ
ଦୁଇ ଭାଇକେ ରଗଡି କରି ତେଲ୍ ମଖେଇ ଦିଅ ।
ଗାଧି ଫିର୍ଲେ ପୁଛି ହେବେ ଗାମୁଛା ରଖି ଥିବ
ପିନ୍ଧ ବୋଲି ପାଟ ନିଲି ହଳଦିଆ  ଦେବ ।
ବାମହନ୍ ବୋଲି ନାଇଁ ଡର୍ବ କଥା ଯିବ ମାନି
ସେମାନକ ର୍ ଦାସୀ ତମର୍ ଲକ୍ଷ୍ମୀ ଠାକୁରାନି ।
ହଉ ବୋଲି ଦାସୀ ମାନେ ସେବା ସବୁ କଲେ
ସୁନ୍ଦର୍ ବେଶେ ସଜେଇ କରି ଖଟେବସେଇ ଦେଲେ
କହେଲେ ରାମ କହ୍ନେଇରେ ମତେ ଲାଗୁଛେ ଡର୍
କାହିଁ ନାଇଁ ମରଦ୍ ସବୁ ମଇକିନାଙ୍କ ର୍ ଘର୍ ।
ଯେତେ କଲେନ ସେବା ଆମର୍ ତେଲ୍ ହଳଦୀ ବୁଲି
ବୁକା ବାଗିର୍ ପୁଜି ଦେବେ କି ଚଢାବେ କାଁ ସୁଲି ।
ହସି କରି କହେଲେ ହରି କାହିଁ ଡରୁଚ ଇନେ
ଇ ଘର୍ ଥି କର୍ତା ଆଜି ହେଇଛ ପରେ ତମେ ।
ସୁନା ଗଡୁ ଧରି ଦାସୀ ଧରେଇ ଦେଲା ପାନି
ହାତ ଧୁଇ ଖାଇ ବସବ  କହେଲା କରି ଠାନି ।
ରାମ କହେଲେ ଆରେ ହରି ଭିତରକେ ନି ଯଉଁ
ମୁନୁସ୍ ଗୁଟେ ନାଇଁ ନ ବାହାରେ ବସିଥାଉଁ ।
ଇନେ ଆନି ଦେଲେ ଭାତ୍ ଖାଏମା ଅଚିନ୍ତା ଥି
ଭିତର୍ ଗଲେ ଅଛେ ବାବୁ ବିଷମ ବିପତି ।

( ୯ )

ଜଗା କହେଲେ  ଦାତା ଦଉଛେ ଯଦି ନିଜେ ଯାଚି
କାହିଁ ଡରୁଛ  ଭିତିରେବସ ନାଇଁ ହୁଏ କିଛି।
ଡରି କରି ହଲ ଧର ନାଇଁ ଉଠୁଥାଇ

ISSN NO.
2582-208X

ହାତ ଧରି ଘିଚି ନେଲେ ଜଗତ ଗୁସେଇଁ ।
ପଟି ଉପୁରେ ବଲ ରାମ ନାଇଁ ବସୁ ଥାଇ
ହାତ ଧରି ବସେଇ ଦେଲେ ମାଧବ କହ୍ନାଇ ।
ଭିତିରେ ଥାଇ ମାତା ବଏଲେ ଆଲୋ ତୁଳସୀ ରାନ୍ଧିନି
ଦେଢ଼ସୁର ମୋର୍ ହଳଧର, ପାସ୍ କେ କେଂନ୍ତି ଯିମି ।
ଇନୁ ବଢ଼ିଦେମି ଭାତ୍ ନେଇ ଥୁଇବୁ ତୁଇ
ବଡ଼ କିଏ ସାନ କିଏ ଦେବୁ ପଚରେଇ ।
ବଡ଼ ର୍ ଆଗେ ପହେଲା ଦେବୁ ପର୍ସି କରି ତୁଇ
ତୁଲ୍ ସି ଯାଇ ପଚରାଉଛେ କିଏ ବଡ଼ ଭାଇ ?
ରାଗି କରି ରାମ୍ କହେଲେ ହେଲୁ କାଁ କାଁଣି
ମୁଇ ବଡ଼ ଦେ ଭାତ୍ ଆରୁ ଯା ଆନି ।
ରିସ୍ ନାଇଁ ହୁଅ ବୋଲି ଭାତ୍ ରଖଲା ତୁଲସି
ଜଗାର୍ ଭାତ୍ ଆନି ଗଲା ରନ୍ଧା ଘରେ ପଶି।
ଦେଖଲା ଫିରି ବଳରାମ ର୍ ଥାଲି ଅଛେ ଖାଲି
ରଡି ଦେଲା ଗୁସେଇଁ ର୍ ଭାତ୍ କିଏ ନେଲ ବୋଲି।
ବଲିଆ ବୋଲେ ବଡା ଦିନୁ ଭୁକେ ରହିଥିଲି
ଥାଲେ ଯାକର୍ ଭାତ କେ ମୁଇ ଗର୍ସେ କରିଦେଲି ।
ହସି କହେ ତୁ ଲ୍ ସୀ ତମେ ଦୁହେଁ ଯାକ ଭାଇ
କୁଟୁମ୍ ନାଇଁ ପୁସୁଥିବ ଜାନି ଗଲି ମୁଇ ।
ପୁଅ ମେହେଜି ଅଛନ୍ କି ନି ବୁଲୁଛ ମାଗି ଭିକ୍
ଗାଗର୍ ଅଛେ ମୁଟା ସୁଟା କରୁଛ ଚିକ୍ ଚିକ୍ ।
ନାଇଁ ସୁନବାର୍ କିଛି କଥା ଖାଏବାର୍ ଥି ମନ୍
ଭଲ୍ ଲାଗୁଛେ ରନ୍ଧା ବୋଲି ଉସତ୍ ହେଉଥନ୍ ।
ବଲିଆ ବୋଲେ ଲଖିର୍ ହାତର୍ ରନ୍ଧା ଇନ୍ତି ଲାଗୁଛେ
ଖାଇ କରି ରନ୍ଧା ତାକେ ବଡା ମନେ ପଡୁଛେ।

ISSN NO.
2582-208X


ହରି କହେଲେ ଲଖିକେ ଆରୁ କାହିଁ ପାଏମି ଦାଦା
ଗାଲି ଦେଲି ଖେଦି ଦେଲି ଭାଗି ଗଲା ସିଧା ।
କାହିଁ ଗଲା କେନେ ରହେଲା ନାଇଁ ତାହାର୍ ପତା
କହୁଁ କହୁଁ କମଳିନୀ ପଠାଲେ ପୁଡା ପିଠା ।
ଖାଇ ସାରି ଉଠି ଗଲେ ଦୁଇ ଭାଇ ଅଂଚି
କଥା ହେଲେ ପୁଡ଼ାପିଠା ଲକ୍ଷ୍ମୀ ଏକା ଦେସି ।
ଇନେ କେନ୍ତା ମନ ଜାନି ମିଲୁଛେ ଦରବ୍ ଏତେ
ଲଖି ବାଗିର୍ ସେବା ମିଲୁଛେ  କାବା ଲାଗୁଛେ ସତେ,
ଦାସୀ ମାନେ ଆସି କରି ଧରେଇ ଦେଲେ ପାନ୍
ବିହାତୁରା ହେଇଛ କିନି କେନେ ତମ ର୍ ଧାମ୍ ?
କେନେ କରୁଛ ଧନ୍ଦା ବାଡ଼ି ବୁଲୁଛ କେନ୍ତା ମାଗି
ହରି କହେଲେ ହେଲି ଗୋ ମା କଲା କର୍ମ ଭୁଗୀ ।

( ୧୦)

ଘରମନୀ ମୋର୍ କମଳିନୀ ଘରୁ ଦେଲି ଖେଦି
ଏତେ ଦୁଃଖେ ବଂଚିଛୁ ଲୋ ଲକ୍ଷ୍ମୀ ଗଲା ଭାଗି ।
ଦାସୀ କହେଲା କେନ୍ତା କଥା କହୁଛ ଗୁସେଇଁ
ମାହେଜି ବିନେ ମୁନୁସ କେଁ ଗରିବ୍ ହେସି କାହିଁ।
ହରି କହେଲେ କହୁଁଛେ ସୁନ ନାରୀ ଗୁନ୍ ଯେତେ
କିଏ ବଢାସି ଧନ୍ ସମ୍ପତ୍ତି  ଲଖି ତାର୍ ହାତେ ।
କିଏ କର୍ସି ବଉଁଶ ବୁଡ଼ା ଅଲଖିମି ହେଇ
କିଏ  କର୍ସି ଗରିବ୍ ଦୁଖୀ  ସୁଖ ମିଲେ ନାଇଁ ।
ନାଇଁ ଯଦି ଜାନି ତମେ ବୁଝେଇ ଦେବେ ମାଲିକେନ୍
ଦାସୀକହେଲାଭୁକେଥିଲଠୁକ୍ ଲ ଥାଲେ ଇଛେନ୍ ।
ମୋର୍ ମାଲିକେନ୍ ନାଁ ତମେ କେନ୍ତା ପକେଇ ଦେଲ
ଡରି କରି କହୁଅଛନ୍ ଦେବ ହଲ ଧର ।

ISSN NO.
2582-208X

ଛୁଆ ବାଗିର୍ ଭାଇ ଟା ମୋର୍ କଥା ନାଇଁ ଜାନେ
ନାଇଁ କହେବ ମାଲିକେନ୍ କେ ହଏ ଗୋ ମା ତମେ।
ନାଇଁ ଡର ଦାଦା ବୋଲି ହସି ଦେଲେ କାହ୍ନା
ପଦ୍ମଲୟା ର୍ ଘର ଇଟା ମତେ ଗଲା ଜନା ।
ସତେ ଯଦି ତାଙ୍କର୍ ଘର୍ ଯା ଯା ରେ ଭାଇ
ଖେମା ମା ଗ୍ ବୁ ଚଂଚଲା କେ କହେଲେହଲସାଇଁ ।
ଯହିଁ ଇଚ୍ଛା ତହିଁ ଯିବ ନାଇଁ କରୁଁ ମନା
ବୁଝେଇ କରି କହ ତାକେ ଯା ରେ କଲା ସୁନା ।
ଆଜ୍ଞା ପାଇ ଦୀନବନ୍ଧୁ ଧୀରେ ଧୀରେ ଗଲେ
ଭିତର ବଖରା ଠାନେ ଲକ୍ଷ୍ମୀ କେ ଭେଟିଲେ ।
ପାନି ଆନି କମଳିନୀ ଧୁଇଲେ ହରି ର୍ ପାହା
ପାଦ୍ କା ପାଇ ପୂଜା କଲେ ମାଏଲେ ମୁଡ଼ିଆ ।
କହେଲେ ମତେ ଖେଦି ଥିଲ ଚଣ୍ଡାଲେନ୍ ବୋଲି
ଚଣ୍ଡାଲ୍ ଘରେ ଅରନ୍ ଆସି ଖାଏଲ କେନ୍ତା କରି ?
ଚଣ୍ଡାଲ୍ ବିଟାଲ୍ ହେଲ ତମେ ଦୁହି ଭାଇ ଯାକ
ଧିକ୍ ତମର୍ ବଡ଼ ପନ୍ କେ ଶହେ ଥର ଧିକ ।
ଏନ୍ତା ଭାବେ କେତେ କଥା ଲକ୍ଷ୍ମୀ ଧିକାର୍ କଲେ
କଲା କାନୁ ସହି କରି କିଛି ନି କହେଲେ ।
ପଚାରି ଦେଲେ ଲକ୍ଷ୍ମୀ ଆହେ ଜାମୁଲା ଭଞ୍ଜନ
ମୋର୍ ନେ ତମର୍ କାଏଁ କାମ୍ ଭେଟୁଛ ମତେ ଇନ।
କହୁଅଛନ୍ ଜଗନାଥ ସୁନ ଗୋ କମଲା
ଅଭିମାନ ନାଇଁ କର ଯାହା ହେଲା ହେଲା ।
ନାଇଁ କହ ଆରୁ କିଛି ଯଉଁ ଜିମା ଘର
ବଡ଼ ହେଲେ କାଁ କର୍ମି  ଗରବ ଭାଙ୍ଗିଲ ।
ସଂସାର ନେ ସବୁଦିନେ ରଖିଗଲ ଯଶ
ଆମେ ଭିକ୍ ମାଗବା ର୍ ଟା ଜାନିଲା ଜଗତ ।

ISSN NO.
2582-208X

ଗୁରୁବାରେ ଯେ ବି ଇ କଥା କେ ସୁନିବା
ଜନମ ଜନମ ପାପ ସବୁ ସରି ଯିବା ।

(୧୧)

ଲକ୍ଷ୍ମୀ ପୂଜା ଦିନେ ଯଦି ଗାଏବା ଯେନ୍ ନାରୀ
ଇ ଜନ୍ମେ ସୁଖେ ରହେବା  ମରନ୍ ଅନ୍ତେ ତରି ।
ବୈକୁଣ୍ଠ ନେ ବାସ ତାର ହେବା ସବୁଦିନେ
ତମର୍ କୀର୍ତି ପ୍ରଚାର୍ ହେବା ଭୁବନେ ଭୁବନେ ।
କହି କରି ଲଖି ର୍ ହାତ୍ ଧଇଲେ ଅଚ୍ୟୁତ
କହେଲେ କମଲା ତମେ କର ଆଗେ ସତ ।
ଚଣ୍ଡାଲ୍ ଠାନୁ ବାମହନ୍ ଯାକେ ଖୁଆ ଖୁଇହେବେ
ଖାଇ ସାରି ମୁଢ଼େ ନିଜର୍ ହାତ ପୁଛି ଦେବେ ।
ମାନୁଛ ତ ଦେଉଲ କେ ଯିମି ଜଗବନ୍ଧୁ
ହଉ ହଉ ବୋଲି ଆଜ୍ଞା ଦେଲେ କୃପାସିନ୍ଧୁ ।
ହାତ୍ ଧରି ଲକ୍ଷ୍ମୀ କେ ଯେ ଗିରିଧାରୀ ନେଲେ
ବଡ୍ ଦେଉଲେ ବିଜେ କରି  ଉସତେ ରହେଲେ ।
ଲାଖେ ଚନ୍ଦର୍ ଜିତି କରି ଜଲୁଚେ ଦୀପାଲି
ଫିରି ଆସଲା ଦେଉଲ୍ ଠାନୁ ତୁଟି ଥିବା ର୍ ଶିରି ।
ଇନ୍ଦ୍ର ଡାକୁଥିଲେ ଦେବ ମଣିମା ଠାକୁର
ବିହି କହୁଅଛନ୍ ଯେ ଗୁହାରି ଘେନା କର ।
ବରୁନ୍ କୁବେର୍ ଦୁହେଁ ଯାକ ହାତେ ବେତ୍ ଧରି
ନାଚୁ ଅଛନ୍ କେତେ ଢଙ୍ଗେ ସରଗ୍ ଅପସରି ।
ରମ୍ଭା ଯେ ମେନକା ଆରୁ ସଖି ଚିତ୍ରରେଖା
ତୁଲସି ମାଳତୀ ସଂଗେ କେତେ ଯେ ରସି କା ।
ବଲରାମ କହୁଅଛନ୍ ସୁନ ରେ କଂହେଇ
ଘର୍କେ  ସିନା ଘରବାଲି ସୁନ୍ଦର ଦିଶଇ ।

ISSN NO.
2582-208X

ଲକ୍ଷ୍ମୀ ଏତେ ବଡ଼ ବୋଲିମୁଇ ନାଇଁ ଜାନି
ଯୁଗେ ଯୁଗେ ଗାଉଥିବେ ଲୁକେ ଇ କଥାନି ।
କମଳିନୀ ବିଜେ ହେଲେ ନିଜର ମନ୍ଦିରେ
ଦୁଇ ଭାଇ ବିଜେ  ବଡ଼ ଦେଉଲ ଭିତିରେ ।
ଦାସୀ ପରିବରୀ ଯେତେ ଥିଲେ ମାତା ସଂଗେ
ସଭେ ଆସି ସେବା କଲେ  ଦେଉଲେ ସରାଗେ ।
ଲଖିମି କେ ପାଇ କରି ଉସତ୍ ହେଲେ ହରି
କେତେ ଯେ ଭକତେ ଗଲେ ଭବ ଜଲେ ତରି ।
ସୁନ୍ ଲ  ତ ନାରଦ ହୋ ପୁରାନ୍ କଥା ଇଟା
ଯାହାର୍ ଲାଗି ରାମ ହରି ମାଗିଥିଲେ ଭିକ୍ଷା ।
ଇ ପୁରାନ୍ କେ ସୁନୁ ଥିଲେ ପାପ ହେସି ନାଶ
ହଟେଇ କରି ଅନ୍ଧାର୍ ଯେନ୍ତା ରବି ପର କାଶ ।
ଇ ପୁରାନ୍ କେ ଯେ ମାନେ ପଢ଼ନ୍ ଆରୁ ସୁନନ୍
ଲାଖେ ଗାଏ ଦାନ ଦେବାର୍ ଧରମ୍ ଅରଜନ୍ ।
ମୁକ୍ତି ର୍ ବାଟ୍ ଇ ପୁରାନ୍ କହଲେ ନାଇଁ ସରେ
ସରେଇ ଦେଲି ଲେଖା ମୁଇ କୋଶଲି ଭାଷାରେ ।
ସୁଜ୍ଞ ଜନେ ନାଇଁ ଧରବ ମୋର୍ ଥିଲେ ଦୋଷ
ଭାଷାଆରୁ ଭକ୍ତି ର୍ ଲାଗି କଲି ପ ର କା ଶ ।

( ଜଏ  ମା ପଦ୍ମଲୟା )

ସମାପ୍ତ

ସିନ୍ଧେକେଲ୍ ବଲ୍ଙ୍ଗୀର
9583605915

ISSN NO.
2582-208X

# ଶୀତ



ମାନସ ରଂଜନ ସାହୁ

ପ୍ରକୃତିର ବଂଧୁ ବରଷ କେ ଥରେକ୍ ଆଏ ସ ତମେ
ପ୍ରକୃତିର ରୂପ କେ ନେଇ ।
ନାଆଁ ଟି ତ ତମର ଶୀତ ରହିଅଛେ
ତମର ଗୁନ୍ କେ ପାଶ୍ରି ହୁଏ ନେଇ ।।
ତମର ଶକତି ବଲେ ଇ ଧାର୍ ଜଗତ କେ
ସୁନ୍ଦର୍ କରି ପା ରସ କେତେ ।
ଶସ୍ୟ ସିଆମଲତା ଫୁଲ ଫଳ ଗଛ ଦେବ୍ ତା
ଖୁସୀ ରଖି ପାର୍ସ ସତେ ।।
ପ୍ରେମ୍ ମର  ଲହରି ଖେଲ୍ସ ଦୁନଆଁ ଥି
ନେଇ ଭ୍ବ କାକେ ପର ।
କେଚ୍ କେଛା କଲ୍ ବଲି ହୂର୍ ସନ୍ ତମ୍ କେ କେତେ
ସେଟା ବି ନେଇ କର ସୋର୍ ।।
ନନ୍ଦା, ଗାଲୀ, ଗରବ୍, ମନ୍ କେ ନାଇଁ ନଅ
ଭଲ ପାଇଥିଶ   ସବକେ   ।
ତମର, କରମ୍ କେ ତମେ କରି ଗ୍ଲି ଥିଷ
ହୁର୍ଦ୍ଦେ ନେଇ ରଖ ପାପକେ  ।।

କବି ଝୁପଡି ଟିଟିଲ୍ଗଡ ବଲ୍ଙ୍ଗୀର/8456873053

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# ଭୂଇଁ ତଳର ଫଳ



ଡ଼ଃ ରଞ୍ଜିତ କୁମାର ସାହୁ

ଶ୍ରେଣୀରେ ପିଲାଙ୍କ ମନ ପାଠ ପଢ଼ାରେ ନାହିଁ । ବିଜ୍ଞାନ କ୍ଲାସ କେତେ ନିରସ ସତେ ! ନା ସେଥିରେ ରାଜା ରାଣୀଙ୍କ କାହାଣୀ ଅଛି ନା ଯୁଦ୍ଧ ଆଉ ବୀରତ୍ୱର ରୋମାଞ୍ଚ ! କିନ୍ତୁ ପଢିବାକୁ ତ ପଡ଼ିବ ! ଆଜି ପୁଣି କେତେ ସବୁ ତଥ୍ୟ ପଢ଼ା ହେବ, ସେସବୁ ମନେ ରଖିକି ପରୀକ୍ଷାରେ ଲେଖିବାକୁ ପଡ଼ିବ ।

ଶ୍ରେଣୀରେ ପିଲାଙ୍କ ଉଦାସୀନ ମୁହଁ ଦେଖି ବିଜ୍ଞାନ ସାର ହସିଦେଲେ ଆଉ କହିଲେ, "ସମସ୍ତଙ୍କ ମୁହଁ କାହିଁକି ଏମିତି ପାଚିଲା ଲଙ୍କା ଆମ୍ବ ଭଳି ଓହଳି ପଡ଼ିଛି ? ଲାଗୁଛି ଟିକିଏ ପବନ ହେଲେ ଝଡି ପଡ଼ିବ । "

ସମସ୍ତେ ହସିଲେ । ଟୁକୁନା ତାହାର ବଦମାସୀ ଆରମ୍ଭ କରିଦେଲା ଆଉ ପଚାରିଲା, "ସାର ସବୁ ଫଳ କଣ ଗଛ ଉପରେ ଫଳେ ?"

ସାର ଉତ୍ତର ଦେଲେ,"ନା ।"

"ଆଉ କଣ ପାଣିରେ ଫଳେ କି ସାର ?" ଟୁକୁନା ପଚାରିଲା ।

"କିଏ କହିବ ପାଣିରେ କେଉଁ ଫଳ ହୁଏ ?" ସାର ପଚାରିଲେ ।

"ସାର ଚଗୁଡି କଣ୍ଟା ବା ପାଣି ସିଙ୍ଗଡ଼ା," ବିକାଶ ଉତ୍ତର ଦେଲା ।

ISSN NO.
2582-208X

"ସାବାସ," କହିଲେ ସାର ଏବଂ ପୁଣି ପଚାରିଲେ, "ଆଚ୍ଛା କହିଲ ପିଲେ କେଉଁ ଫଳ ମାଟି ଭିତରେ ଫଳେ ?

ସଙ୍ଗେ ସଙ୍ଗେ ଟୁକୁନା ଉତ୍ତର ଦେଲା, "ସାର ପଣସ I ଆମ ବାଡ଼ିରେ ଗୋଟିଏ ଗଛ ଅଛି, ଏତେ ତଳେ ଫଳ ହୁଏ ଯେ ବାପା ଖାଲ ଟିଏ ଖୋଳ ଦିଅନ୍ତି I"

"ନା ସେଇଟା ହବନି I ଯଦି ବାପା ଖାଲଟିଏ ନ ଖୋଳବେ ତାହା ହେଲେ ପଣସ ଭୂଇଁ ଉପରେ ହିଁ ରହିବ I ଆଉ କିଏ କହିବ ?" ସାର ପୁଣି ଚାହିଁଲେ ସମସ୍ତଙ୍କ ଆଡକୁ I

ସମସ୍ତେ ପରସ୍ପରର ମୁହଁକୁ ଦେଖିଲେ I ଭୂଇଁ ଭିତରେ ତ ବିଭିନ୍ନ କନ୍ଦା ହୁଏ, ପିଆଜ ରସୁଣ ହୁଏ I ଭୂଇଁ ଭିତରେ କଣ ଫଳଟିଏ ହେଇ ପାରିବ ?

କୁନି ବହୁତ ଲାଜକୁଳି ଝିଅଟିଏ ଆଉ ବହୁତ ସଙ୍କୋଚ କରେ କିଛି କହିବାକୁ I ସବୁ ବେଳେ ମୁଣ୍ଡ ପୋତି ବସିଥାଏ ଶ୍ରେଣୀରେ I ଟିକିଏ ଲାଜେଇ ଲାଜେଇ ହାତ ଉପରକୁ ଉଠେଇଲା I ସାରଙ୍କ ଅନୁମତିରେ କହିଲା, "ସାର ଚିନା ବାଦାମ ହେବ କି?"

ସାର କହିଲା, "ପୁରା ଠିକ ଉତ୍ତର I" ସମସ୍ତେ ତାଳି ମାରିଲେ I ଏଥର ତ ଉତ୍ତର ମିଳିଗଲା ଆଉ କିଏ କଣ କହିବ ଚିନାବାଦାମ ବିଷୟରେ?"

"ସାର ମୁଁ ଜାଣିଛି ଏହା ଭାରତରେ ଏବଂ ପୃଥିବୀରେ ଏତେ ଲୋକ ପ୍ରିୟ ହେଲେ ମଧ୍ୟ ଏହା ପ୍ରଥମେ ଦକ୍ଷିଣ ଆମେରିକାରେ ଫସଲ ଭାବରେ ଚିହ୍ନଟ ହୋଇଥିଲା ଏବଂ ଚାଷ କରାଯାଇଥିଲା, "କୁନି ପୁଣି କହିଲା I

"ଠିକ," ସାର କହିଲେ I "ଚିନା ବାଦାମ କଣ ପାଇଁ ବ୍ୟବହାର ହୁଏ?" ସାର ପୁଣି ପଚାରିଲେ I

"ସାର ଏଥିରୁ ତେଲ ବାହାରେ ଯାହା ରୋଷେଇରେ ଲାଗେ I ଏହା ଦେହ ପାଇଁ ହିତକାରୀ I ଏହାର ପିଡ଼ିଆକୁ କିଛି ଲୋକ ବିଭିନ୍ନ ଖାଦ୍ୟ ସାମଗ୍ରୀରେ ବ୍ୟବହାର କରନ୍ତି ଏବଂ ଗୋ ଖାଦ୍ୟରେ ମଧ୍ୟ ବ୍ୟବହାର ହୁଏ," ପ୍ରକାଶ କହିଲା I

ISSN NO.
2582-208X

"ସାର ମୋ ବାପା କହୁଥିଲେ ଏଥିରୁ "ପିନଟ ବଟର" ତିଆରି ହୁଏ ଯାହାକୁ ଲହୁଣୀ ଭଳି ପାଉଁରୁଟିରେ ଲଗେଇ ଖିଆ ଯାଇ ପାରେ ଏବଂ ଚକୋଲେଟ ଇତ୍ୟାଦି ତିଆରି ହୁଏ । ଗ୍ଡଷ ପରେ ଏହାର ପତ୍ର ଆଉ କାଣ୍ଡକୁ ଗୋଖାଦ୍ୟ ରୂପରେ ବ୍ୟବହାର କର ଯାଇ ପାରେ, "ସମୀର କହିଲ୍ ।

"ଠିକ କିନ୍ତୁ କିଛି ଲୋକଙ୍କର ଚନା ବାଦାମ କୁ ଏଲେର୍ଜି ଥାଏ ଏବଂ ସେମାନେ ଏହାକୁ ଖାଇବା ଅନୁଚିତ । ଆମେ ଯେତେ ପ୍ରକାର ଫସଲ କରୁ, ଚନା ବାଦାମ ତନ୍ମଧ୍ୟରୁ ଏକ ବହୁମୁଖୀ, ବ୍ୟବହୃତ ଫସଲ । ଏହାର ତେଲକୁ ବିଭିନ୍ନ ଶିଳ୍ପରେ ବ୍ୟବହାର କରା ଯାଏ । ସାବୁନ ଆଉ ସୌନ୍ଦର୍ଯ୍ୟ ପାଇଁ ବ୍ୟବହୃତ ସାମଗ୍ରୀରେ ଏହାର ବ୍ୟବହାର ହୁଏ ଏବଂ ମର୍ଦନ ପାଇଁ ମଧ୍ୟ ବ୍ୟବହାର ହୁଏ । ଏହାର ବିଭିନ ଔଷଧରେ ମଧ୍ୟ ପ୍ରଯୋଗ ରହିଛି । ଆଜି ମଣିଷ ଏହାକୁ ପ୍ରାୟଃ ତିନ ଶହରୁ ଊର୍ଦ୍ଧ୍ୱ ପ୍ରକାରରେ ବ୍ୟବହାର କରାଯିବାର ଦୃଷ୍ଟାନ୍ତ ଅଛି। ଯୁକ୍ତ ରାଷ୍ଟ୍ର ଆମେରିକାର ଦୁଇ ଜଣ ରାଷ୍ଟ୍ରପତି ଚନା ବାଦାମ ଗ୍ଡଷୀ ଥିଲେ ।



"ଏଇଟା ତା ବହୁତ ରୋଚକ କଥା ସାର," ମିଲି କହିଲ୍ ।

"ହଁ, କିନ୍ତୁ ଆଜି ଆମେ ଏହାର ବିଜ୍ଞାନ ବିଷୟରେ କିଛି ଜାଣିବା । ଗ୍ଡଷୀମାନଙ୍କ ମଧ୍ୟରେ ତୈଳବୀଜ ଭାବରେ ପରିଚିତ ହୋଇଥିଲେ ମଧ୍ୟ, ଉଦ୍ଭିଦ ବିଜ୍ଞାନୀଙ୍କ ଅନୁସାରେ ଏହା ମୁଗ ଆଉ ବିରି ପରିବାର ସଦସ୍ୟ । ଏହାର ଫୁଲର ଆକାର ଠିକ ମୁଗ ଅଥବା ବିରି ଫୁଲ ଭଳି ଦେଖିବାକୁ ।"

"ଓଃ ମୁଁ ଭାଭୁଥିଲି ଏହା ସୋରିଷ କ ତିଳ ପରିବାରର ହୋଇଥିବ, "ସନ୍ତୋଷ ଟିପ୍ପଣୀ କଲ୍ I

"ନା ତୁମେ ଦେଖିଥବ ଏହାର ଫଳ ମଧ୍ୟ ଏକ ପ୍ରକାର ଛୁଇଁ ଯେଉଁଥିରେ ମଞ୍ଜି ଗୁଡିକ ରହିଥାଏ ଠିକ ଯେମିତି ମଟରରେ କନ୍ତୁ ଏହାର ଚ୍ଛୋପା ଅଧିକ ଟାଣ ଅଟେ I ଏହା ବ୍ୟତୀତ ଏହା ମଧ୍ୟ ମୁଗ ଆଉ ବିରି ଭଳ ନଜର ଚେରରେ ଏକ ପ୍ରକାର ବ୍ୟାକଟିରିଆକୁ ବହନ କରେ ଯାହା ବାୟୁ ମଣ୍ଡଳରୁ ଯବକ୍ଷାରଜାନକୁ ଆଣି କୋଷ ଭିତରେ ବ୍ୟବହୃତ ହେବ ନମନ୍ତେ ତାହାର ରସାୟନକ ରୂପାନ୍ତରଣ କରେ I ଏହା ମାଟିର ଭୌତିକ ଆଉ ରସାୟନକ ପ୍ରକୃତିକୁ ଉନ୍ନତି କରିବାରେ ସାହାଯ୍ୟ କରେ I ତେଣୁ ଏହା ଚ୍ଛଷ ଜମିର ଉର୍ବରତାକୁ ବଜାୟ ରଖିବାରେ ସାହାଯ୍ୟ କରେ ଏବଂ ଅନେକ ଚ୍ଛଷୀ ଏହାକୁ ଚ୍ଛଷ କରନ୍ତୁ l

ପ୍ରବୀଣ ପାଖରେ ବସିଥିବା ମନଷ ତାହାର ପାଟିରେ ହାତ ଦେଇ ତାହାକୁ କହିବାକୁ ମନା କରୁ କରୁ ପଛ ବେଞ୍ଚରୁ ପ୍ରବୀଣ ଟିପ୍ପଣୀ କଲ୍, "ମୋତେ ସାର ସିନେମା ହଲରେ ମିଳୁଥିବା ଭଜା ଚନାବାଦାମ ଭ୍ରି ପସନ୍ଦ I" ସମସ୍ତେ ହସି ଉଠିଲେ I

"ପ୍ରବୀଣ ଆଉ ମନୀଷ ଦୁହେଁ ଏବେଠୁଁ ସବୁ ସମୟରେ ସାମ୍ନାରେ ହିଁ ବସିବେ, "ସାର କହିଲେ I

"ସମସ୍ତେ ପ୍ରଶ୍ନଭର୍ ଦୃଷ୍ଟିରେ ସାରଙ୍କୁ ଦେଖିଲେ I


"ପାଠ ପଢା ସମୟରେ ଚନା ବାଦାମ ଖାଇବା ଉଚତ ନୁହେଁ, ମୁଁ ସେତେବେଳୁ ଦେଖୁଛି ତୁମେ ଦୁହେଁ ବସି ଚନାବାଦାମ ଖାଇବାରେ ଲ୍ଗିଛ," ସାର କହିଲେ I

ପ୍ରବୀଣ ଆଉ ମନୀଷ ଦୁହେଁ ମୁଣ୍ଡ ତଳକୁ କରି ସାମାନ କୁ ଆସି ବସିଗଲେ I ସାର ତାଙ୍କର ବଳକା ପାଠ ପଢ଼େଇବାକୁ ଲ୍ଗିଲେ I

ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ଗଛ ଲଗାଇବା ଆସ



ପ୍ରଜ୍ଞା ପରମିତା ଦାଶ

ଆସରେ ପିଲେ ଆସ... (2)
ଗଛ ଲଗାଇବା ଆସ ଆଜି.... (2)
(ପିଲ୍ମାନେ) ମନ ଦେଇକ ଶୁଣ ସବୁ
ଗଛ ଆମର ପ୍ରକୃତ ବନ୍ଧୁ
ତାପାଇଁ ଆମେ ବଞ୍ଚିଛେ ସବୁ
(ଗଛ) ନଜେ ନେଇ ଅଙ୍ଗାରକାମ୍ଳ
ଆମକୁ ଦେଇ ଥାଏ ଅମ୍ଳଜାନ
ଗଛ ବିନା ଭଲ ବରଷା ହୁଏନା
ଶୁଖି ଫାଟେ ଧାନ କ୍ଷେତ୍ର
ମୁଣ୍ଡ ଫଟା ଖର୍ ଜାଳଦିଏ ସବୁ
କରେ ଭ୍ରି ହନ୍ତ ସନ୍ତ
ନଜେ ଟାଣ ଖର୍ ସହି ଗଛ ଦେଇ ଥାଏ
ଆମ ସଭିଙ୍କୁ ସେ ଛାଇ
ବାଟ ଗଲ୍ ବାଟୋଇବି
ପଢେ ବସି ତା ଗଛ ଛାଇ ରେ
ଗଛ ନୁହେଁ ସେତ ଜୀବନ ଆମର
ବାୟୁ ଜଳ ଆଉ ଶବ୍ଦ ପ୍ରଦୂଷଣ
ଗଛ ଏକା ରୋକ ପାରେ
ଗଛ ଠାରୁ ବଳ ଉପକାରୀ ବନ୍ଧୁ

ISSN NO.
2582-208X



ଅଛି କଏ ଏ ସଂସାରେ
ଆସ ପିଲ୍ମାନେ ଆଜି ଶପଥ ନେବା
ଗଛ ଆମେ ସବୁ ଲଗାଇବା
ଗ୍ଟୃାଏ ଟିଏ ଆଜି ବାଜାରୁ ଆଣି
ଘର ବାଡ଼ିରେ ଆମେ ପୋତି ଦେବା ଢାଳ ଦେବା ମୂଳେ ପାଣି
ସେଇ ଗଛ ଦିନେ  ବଢ଼ିଲେ ଆମକୁ
ଅଜାଡି ଦେବତା ସେବା..... (2)



ବନ୍ଧମୁଣ୍ଡା
ଯାଜପୁର

ISSN NO.
2582-208X

# କହିଲ ଦେଖି ?



ଦୀନବନ୍ଧୁ ପୋଇ

୧)
ପକ୍ଷୀଟିଏ ହୋଇ ଉଡେ ଉଡେନି
ମାଆ ସାରଦାଙ୍କ ପାଖ ଛାଡେନି
କ୍ଷୀରରୁ ସେ ପାଣି ଅଲଗା କରେ
ଯାହା ପାରନ୍ତିନି ସୁଜ୍ଞାନୀ ନରେ
କରି ସେ ଦେଖାଇ ଦିଏ
ସେ ପକ୍ଷୀର ନାମ କୁହ ହେ କିଏ ?
ଉତ୍ତର_ହଂସ

୨)
ବାଜା ମଧ୍ୟରେ ସେ ସରସ ବାଜା
ବାଜୁଥିଲେ ସିଏ ଲାଗଇ ମଜା
ସାରଦା ମାଆଙ୍କ ହସ୍ତେ ରହିବାରୁ
ତା ନାମେ ନାମିତ ସିଏ
କି ଶୋଭା ବର୍ଦ୍ଧନ ଦିଏ
ବାଜୁଥିଲେ ସିଏ ସ୍ୱର ସହ ମିଶି
ଆହା କି ଆନନ୍ଦ ଦିଏ

ISSN NO.
2582-208X

ଯିଏ କହି ଦେବ ତାହାର ନାମଟି
ଭଲ ବଜାଇବ ସିଏ ।
ଉତ୍ତର- ବୀଣା

୩)
ମାଘର ବସନ୍ତ ପଞ୍ଚମୀ ତିଥି
ପୂଜନ୍ତି ବାଳକେ ହୋଇ କି ସାଥି
ବିଦ୍ୟାର ସେ ଅଧିକାରୀ
ଆସନେ ବସାଇ ଏ ଦିନେ ପୂଜିଲେ
ମିଳେ ଜ୍ଞାନ ଅସୁମାରି
ବିଶ୍ୱାସ ଅଛି ଆମରି
କେଉଁ ପୂଜା ନାମେ କରିଥାଅ ତୁମେ
କୁହ ଯେ ନାମ ସୁମରି ?
ଉତ୍ତର- ସରସ୍ୱତୀ ପୂଜା ।

ଗୋରଡ଼ା ପାଳ ,କରମୂଳ
ଢେଙ୍କାନାଳ, ଦୂରଭାଷ_୯୯୩୮୦୨୪୧୨

ISSN NO.
2582-208X

# ଗଛ ନୁହେଁ ପଛ



ଅମରନାଥ ବାରିକ

ରାଧୁଆ ଅଜା ଆଉ ବିମଳା ଆଇ ଦୁଇ ଜଣ ଭାରି ଭଲ ଲୋକ । ତାଙ୍କର କୌଣସି କଥାରେ ଅଭାବ ନଥିଲା । ପିଲାମାନେ ସମସ୍ତେ ପଢ଼ା ସାରି ବିଦେଶରେ ରହୁଥିଲେ ସତ କିନ୍ତୁ ରାଧୁଆ ଅଜା ବିମଳା ଆଇ ଗାଆଁରେ ରହିବାକୁ ବହୁତ ଭଲ ପାଉଥିଲେ । କାରଣ ସହରର କୋଳାହଳ ଚାକଚକ୍ୟ ବାତାବରଣ ତାଙ୍କୁ ଜମାରୁ ଭଲଲାଗେ ନାହିଁ । ସବୁଆଡେ କଂକ୍ରିଟ୍ ଭୂଜଙ୍ଗଲ, ସବୁଜ ପରିବେଶ ତ ଛାଡ଼ ! ସେଠାରେ ଖାଲି ବାୟୁ ପ୍ରଦୂଷଣ । ଯାନବାହାନରେ ରାସ୍ତା ଘାଟ କମ୍ପି ଉଠେ । ତଟକା ପନିପରିବା ମିଳିବା ବହୁ କଷ୍ଟ । କେବଳ ଦେଖା ସୁନ୍ଦର ସ୍ୱାଦୁଯୁକ୍ତ ନୁହେଁ । ଭାଇଚାରା ବୋଲି ସେଠି କିଛି ଦେଖିବାକୁ ମିଳେ ନାହିଁ । ନଦୀ ହ୍ରଦ ତ ସବୁ ସପନ ହୋଇଥାଏ । ତା ଛଡ଼ା ଆମ ରାଇଜ, ସୁନ୍ଦର ସବୁଜ ପରିବେଶ, ମନ୍ଦିର, ନଦୀ, ନାଳ, ଗାଡ଼ିଆ, ପୋଖରୀ, ପାହାଡ଼, ପର୍ବତ, ବନଲତା, ଫୁଲ, ଫଳ, ପାଣି, ପବନ, ଝରଣା, ବାର ମାସରେ ତେର ପର୍ବ ପର୍ବାଣୀ ଓ ମଧୁର ଆମ ଭାଷା ଠାରୁ କିଏ ବା ସରି ହୋଇପାରେ !!

ରାଧୁଆ ଅଜା ଓ ବିମଳା ଆଇଙ୍କୁ ସବୁଠାରୁ ଭଲ ଲାଗେ ବାଡ଼ି ବଗିଚାରେ ବୃକ୍ଷ ରୋପଣ କରି ତା' ର ଯତ୍ନ ନେବା ପାଇଁ । ନଡ଼ିଆ, ପିଜୁଳି, କମଳା, ଆମ୍ବ ପଣସ, ଡାଳିମ୍ବ, ଶାଳ, ସାଗୁଆନ, ଗେଣ୍ଡୁ, ମନ୍ଦାର, ଟଗର ଆଦି ଗଛ ଲଗାଇ ସଞ୍ଜ ସକାଳେ ପାଣି ଦେବା, ମାଟି କୋଡ଼ିବା, ଏମିତି ବିଭିନ୍ନ କାମ କରନ୍ତି । ଖାଇ ସାରିବା ପରେ ଟିକେ ବଗିଚା ଆଡୁ ବୁଲା ବୁଲି କରି ଆସନ୍ତି ।

ISSN NO.
2582-208X

ଦିନେ ପଡିଶା ଘରୁ ନଟିଆ ତା'ର ସାଙ୍ଗମାନଙ୍କୁ ଧରି ରାଧୁଆ ଅଜାଙ୍କ ବଗିଚାକୁ ପିଜୁଳି ଖାଇବା ପାଇଁ ବାହାରିଲା । ନଟିଆ ଆଉ ତା'ର କିଛି ସାଥୀ ଠିକ୍ ଉଦୁଉଦିଆ ଖରାବେଳେ ଯାଇ ତାଙ୍କ ବଗିଚାରେ ପହଞ୍ଚି ଗଲେ । ବାଡ଼ ଭାଙ୍ଗି ବଗିଚା ଭିତରକୁ ପଶିଲେ । କିଛି ପିଲା ତଳେ ରହିଲେ ତ କିଛି ପିଲା ପିଜୁଳି ଗଛ ଡାଳକୁ ଚଢ଼ିଲେ । ଯାହା ପିଜୁଳି ନ ତୋଳିଲେ ତା ଠାରୁ ଅଧିକ ଗଛଡାଳ ଭଙ୍ଗାଭଙ୍ଗି କରି ଦଳି ଚକଟି ପକାଇଲେ । ମାଙ୍କଡ଼ ପରି ଡିଆଁ ଡେଇଁ ହୋଇ ଖେଳ କୁଦ କରି ପୁରା ବଗିଚାଟାକୁ ସର୍ବନାଶ କରିପକାଇଲେ ।

ଡାଳ ଭାଙ୍ଗିବାର ଶବ୍ଦ ଶୁଣି ଭିତରୁ ରାଧୁଆ ଅଜା ଧାଇଁ ଆସିଲେ । କହିଲେ "ଆରେ ଦୃଷ୍ଟ ପିଲା, ଏତେ ସୁନ୍ଦର ଗଛ ଗୁଡିକ ଭାଙ୍ଗି ପକାଇଲ ? ତୁମେମାନେ ଇଏ କ'ଣ କଲ ? ଏବେ ମୋ ପାଖକୁ ଆସ, ମୁଁ ତୁମକୁ ପର୍ଯ୍ୟାବରଣ ବିଷୟରେ କିଛି କହିବି । ଗଛ ହେଉଛି ଆମର ଜୀବନ । ଗଛ ନଥିଲେ ଆମେମାନେ ବଞ୍ଚି ପାରିବା ନାହିଁ । କାରଣ ଗଛ ଆମକୁ ଖାଦ୍ୟ, ଫୁଲ, ଫଳ, ଝୁଣା, ଲାଖ, ଜାଳେଣି କାଠ, ଘରୋଇ ଉପକରଣ ଏମିତିକି ବହୁତ କିଛି ଯୋଗାଇ ଥାଏ । ଖରାରୁ ରକ୍ଷା ପାଇବା ପାଇଁ ଛାଇ ଦେଇଥାଏ । ଆଉ ସବୁଠାରୁ ମୁଖ୍ୟ କଥା ହେଲା ଆମକୁ ବଞ୍ଚିବା ପାଇଁ ଅମ୍ଳଜାନ ଦେଇଥାଏ । ଗଛ ନଥିଲେ ବାୟୁ ମଣ୍ଡଳ ଦୂଷିତ ହୋଇଯାଏ , ବର୍ଷା ହୁଏ ନାହିଁ । ଯଦି ଆମେ ଗଛର ଯତ୍ନ ନେବା ତାହାଲେ ସେ ଆମକୁ ସୁସ୍ଥ ଭାବରେ ରହିବା ପାଇଁ ସାହାଯ୍ୟ କରିବ ଏବଂ ଆମେମାନେ ଖୁସିରେ ଜୀବନ ଯାପନ କରିବା ।" ରାଧୁଆ ଅଜା ବୁଝାଇ ଦେଲେ କି ଯତ୍ନ କଲେ ରତ୍ନ ମିଳେ। ପିଲା ମାନେ କ୍ଷମା ମାଗିଲେ । ଅଜା କହିଲେ, ତୁମ ମାନଙ୍କୁ ଗୋଟିଏ ସର୍ତ୍ତରେ କ୍ଷମା ଦେବି। ଆଜି ଠାରୁ:

(କ) ଗଛ ଆଉ କାଟିବ ନାହିଁ ।
(ଖ) ଗଛର ଯତ୍ନ ନେବ ।
(ଗ) ନିୟମିତ ଭାବରେ ବୃକ୍ଷ ରୋପଣ କରିବ ।
(ଘ) ଗଛ କାଟିବା ପାଇଁ ବାରଣ କରିବ ।

ISSN NO.
2582-208X


ଏହା ଦ୍ଵାରା ସୁନ୍ଦର ସବୁଜ ପରିବେଶ ସୃଷ୍ଟି କରିବା । ପିଲାମାନେ ସବୁଥିରେ ରାଜି ହେଲେ। ତା ପରଠାରୁ ପିଲାମାନେ ଯେତେବେଳେ ବଗିଚାକୁ ଆସନ୍ତି ଅତି ସାବଧାନ ସହକାରେ ଫଳ ଖାଇ ଯାଆନ୍ତି । ଗଛ ଡାଳ ଭାଙ୍ଗନ୍ତି ନାହିଁ କି ଦୃଷ୍ଟାମି କରନ୍ତି ନାହିଁ । ଅଜା ଆଇ ଉଭୟେ ଏଣିକି ପିଲାମାନଙ୍କୁ ଦେଖିଲେ ଭାରି ଖୁସି ହୁଅନ୍ତି ।

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

ISSN NO.
2582-208X

# ମାମୁଁ



ସତ୍ୟନାରାୟଣ ମିଶ୍ର

ମୋ ବୋଉ ର ଭାଇ ମୋ ମାମୁଁ
ବାପାଙ୍କ ର ଶଳା
ଥଟ୍ଟା କରନ୍ତି ବାପା ମାମୁଁ ଙ୍କୁ
ଯା ରେ ଶଳା ଯା ପଳା ।

ଭାଇକୁ ମୋର୍ ଡଡୁଛ କାଇଁ
ବୋଉ କରଇ ପାଟି
ବାପା ହସନ୍ତି ଭିତରେ ଭିତରେ
ପାଟି ରେ ଲୁଗା ଚାପି ।

ମାମୁଁ ଆସିଲେ ଘରକୁ ଆମ
ଲାଗଇ ବଡ଼ ମଜା
ଆଣି ଦିଅନ୍ତି ବାଡ଼ି ରୁ ତାଙ୍କ
ଫଳମୂଳ ପରିବା ।

ବୋଉ ପାଇଁ କି ଶାଢ଼ୀ ଚୁଡି
ପଠେଇ ଥାନ୍ତି ମାଇଁ

ISSN NO.
2582-208X

ମୋ ପାଇଁ ମାମୁ କିଣି ଦିଅନ୍ତି
କଲମ ଖାତା ବହି ।

ଦିଅନ୍ତି ମତେ ହିତୋପଦେଶ
କହନ୍ତି ନୀତି ଗପ
ମଜା କଥା ରେ ହସାଉଥାନ୍ତି
ଖେଳାନ୍ତି କିରିକେଟ ।

ଆଦର କରି ହାତକୁ ଧରି
କହନ୍ତି ଭଣଜା ମୋର
ଭଲ ପଢ଼ିବ ବଡ଼ ହୋଇବ
ବନିବ ଅଫିସର ।

ସିଂଧେକେଲା ବଲାଙ୍ଗିର

ISSN NO.
2582-208X

# ଚିତ୍ର



ଆଦବିକା ପଟ୍ଟନାୟକ




ଦିଲ୍ଲୀ ପବ୍ଲିକ ସ୍କୁଲ,
ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ମତାମତ/ସମୀକ୍ଷା

## ବେଦାନ୍ତୀ –
## ଜାନୁୟାରୀ ସମୀକ୍ଷା



ଦେବଯାନୀ ସ୍ୱାଇଁ

ଶୀତୁଆ ଅନ୍ଧାର ରାତିରେ ପୁରୁଣା ବର୍ଷ ବିଦାୟ ନେବାକୁ ବସିଚି। ବିଦାୟ ବେଳାର ଦୁଃଖରେ ମ୍ରିୟମାଣ ଧରଣୀରାଣୀ । ଲୋତକରୂପି ହିମ କାକର ବିନ୍ଦୁ ଗଛ, ଡାଳ, ପତ୍ର ଉପରେ ଜମାଟ ବାନ୍ଧି ରୂପା କଣିକା ପରି ଚିକ୍ ମିକ୍ କରୁଚି ଶୁଭ୍ର ଶ୍ୱେତ ପୁଷ୍ପ ଗୁଚ୍ଛ ଭଳି। ସେଇ ବୁନ୍ଦା ବୁନ୍ଦା ଶ୍ୱେତ ବରଫ ପୁଷ୍ପ ଗୁଚ୍ଛ ଧରି ଏଥର ଆସିଛି ଆମ ପ୍ରିୟ "ବେଦାନ୍ତୀ" ନୂତନ ବର୍ଷର ସ୍ୱାଗତ ଜଣାଇ!!

ସମ୍ପାଦକୀୟ ପୃଷ୍ଠାରେ ପ୍ରତିଷ୍ଠାତା "ଶ୍ରୀଯୁକ୍ତ ଅରବିନ୍ଦ ମିଶ୍ର", ନବ ବର୍ଷର ଶୁଭେଚ୍ଛା ବାର୍ତ୍ତା ଜଣାଇବା ସହିତ ନୂଆ ବର୍ଷ ପାଳନ ବିଷୟରେ ନିଜର ମତାମତ ବ୍ୟକ୍ତ କରିବାକୁ ଯାଇ କହିଛନ୍ତି, ନୂଆ ବର୍ଷକୁ ଆମେ ଯେତିକି ଉତ୍ସାହ ପୂର୍ବକ ପାଳନ କରୁଛେ ଠିକ୍ ସେହିପରି ଆମ ସଂସ୍କୃତି ରହିତ ସମସ୍ତ ପର୍ବ ପର୍ବାଣୀକୁ ମଧ୍ୟ ସେତିକି ଉତ୍ସାହରେ ପାଳନ କରିବା ଉଚିତ୍।

ଭିତର ପୃଷ୍ଠାରେ ସବୁଥର ଭଳି "ସ୍ୱାସ୍ଥ୍ୟ ବିଭାଗ", "ଆମ ହାଣ୍ଡିଶାଳ", "ଆଞ୍ଚଳିକ" ଆଉ "ଶିଶୁ ବିଭାଗ" ସହିତ ରହିଛି ଶତାଧିକ ଗଳ୍ପ ଓ କବିତାର ଆଲେଖ୍ୟ।

ISSN NO.
2582-208X

ପ୍ରଥମ ଗଳ୍ପ "ଡି. ଏଫ୍. ଓ. କ୍ୟାମ୍ପବେଲ୍ ବେ" ରେ ଡି.ଏଫ୍.ଓ. ଅସୀମ, ସହଧର୍ମିଣୀ ଶୋଭନାଙ୍କ ସହିତ ସେମାନଙ୍କ ପ୍ରଥମ ଛୋଟ ମନୋହର କାଠ ଘରଟିକୁ ଚିତ୍ରିତ କରି ଚାଲିଛନ୍ତି ଅନେକ ଜାତିର ଫୁଲଗଛକୁ ନେଇ। ଆହୁରି ପୁଣି ଘରକୁ ଜୀବନ୍ତ କରିବାକୁ ଯାଇ ବିଭିନ୍ନ ପ୍ରକାର ପକ୍ଷୀ ଓ ଠେକୁଆ ଭଳି ପ୍ରାଣୀ ମାନଙ୍କୁ ପୋଷା ମନେଇ ଚାଲିଛନ୍ତି। "ଉଠ୍ ପୁଟୁର୍" ରେ, ଅଭି ଜିଲ୍ଲା ସ୍କୁଲରେ ପ୍ରବେଶ ପାଇ ଯାଇଥିବା ଯୋଗୁଁ ଗାଁ ଟା ଯାକ ଚର୍ଚ୍ଚା ଚାଲିଚି। ନିଜକୁ ମହାପ୍ରଭୁ ଙ୍କ ପାଖରେ "ସମର୍ପଣ" କରି ଲେଖିକା ନିଜର କୃତଜ୍ଞତା ବ୍ୟକ୍ତ କରିଛନ୍ତି। ଲୋକତନ୍ତ୍ର, ଗଣତନ୍ତ୍ର ତଥା ଆଇନ ପ୍ରଣୟନ ଉପରେ ରହିଚି କିଛିଟା ଆଲେଖ୍ୟ - "କଲେଜିୟମ ବିବାଦ: ଏକ ବିଶ୍ଳେଷଣ", "ରାଷ୍ଟ୍ରପତି ନିର୍ବାଚନ: ଏକ ବିହଙ୍ଗାବଲୋକନ" ଏବଂ "ସାଧାରଣ ନାଗରିକ ଓ ବିଚାର ବିଭାଗ"। ତଥ୍ୟ ସମ୍ବଳିତ ଆଲେଖ୍ୟ ଗୁଡିକ ରହିଛି- "ପାର୍ସି ଙ୍କ ବିଶ୍ୱାସ ଓ ଜୀବନ ଦର୍ଶନ", "ଅନାବିଳ ମାତୃତ୍ୱର ପ୍ରତୀକ: ପୁଅ ଜିଉଁତିଆ", "ଦନ୍ତେଶ୍ୱରୀ ଶକ୍ତିପୀଠ" ଏବଂ "ଦସ୍ୟୁ ଅଙ୍ଗୁଳିମାଳ"।

କବିତା ସଂକଳନରେ "ମହାନିଦ୍ରା"- ଏକ ଅନନ୍ୟ ଅଦ୍ୱିତୀୟ କବିତା। ନୂଆ ବର୍ଷକୁ ସ୍ୱାଗତ ଜଣାଇ ରହିଚି ଅନେକ ଗୁଡିଏ କବିତା। ହେ "କୁଂଜରାଜ", "କୁଂଜବନର ନୀକୁଂଜ ବିହାରୀ"। "କେଶବ କରୁଣାକର, ଜଗବନ୍ଧୁ ତୁମେ "ଜଗତ ସାଇଁ", "ଆସିଗଲା ବିଦାୟର ବେଳା", "ଲୋଡା ନାହିଁ ମୋର ମାନ ସନମାନ" କେବଳ ତୁମ "ଅନୁକଂପା ପ୍ରାର୍ଥୀ"- ଭଳି କେତେ ଗୁଡିଏ ଭକ୍ତି ଭାବରେ ରଚିତ କବିତା।

"ମୁଁ ନାରୀଟିଏ" କେତେବେଳେ "ଭୂଲୁଣ୍ଠିତ ପଦ୍ମାବତୀ" ତ କେତେବେଳେ "ପ୍ରେୟସୀ"।

ସବୁରି ମୂଳରେ "ମନ"- ତହିଁରୁ ସୃଷ୍ଟି ଏ ସାରା ଜଗତ। ଶୀତ ଉପରେ ଏକ ସୁନ୍ଦର କବିତା- "ଅତୀତର ଶୀତ, ଯେତେ ଭିତ ସେତେ ମିତ"। "ପଥସମ" ମୁଁ ସମୟ ବାଟରେ, ଭାବନାରେ ବୁଡେ ସପନ ତୁଠରେ। "ମୃତ୍ୟୁ ହିଁ ସତ୍ୟ" - ଏମିତି ଏମିତି ରହିଚି ଅନେକ ଗୁଡିଏ ସୁନ୍ଦର କବିତା।

ISSN NO.
2582-208X

ସ୍ୱାସ୍ଥ୍ୟ ବିଭାଗରେ "ଶୀତ ଦିନିଆ ରୋଗ ଓ ତାର ପ୍ରତିକାର" ସମ୍ବନ୍ଧରେ ଖୁବ୍ ସୁନ୍ଦର ତଥ୍ୟ ଉପସ୍ଥାପନା କରାଯାଇଛି।

"ଆମ ହାଣ୍ଡିଶାଳ" ରେ "ମଟର୍ ରାଇତା" ସହ ଚଟ୍ ପଟା "ଚଣା ଗାର୍ଲିକ୍ ଫ୍ରାଏ", "ମକା-ପନିର ପକୋଡା" ସାଙ୍ଗକୁ ଶୀତ ଦିନରେ ଜରୁରୀ "ସ୍ୱାଦିଷ୍ଟ ଓ ସରଳ ସୁପ୍"।

"ଶିଶୁବିଭାଗ" ସବୁଥର ପରି ଶିକ୍ଷଣୀୟ ଓ ମଜାଦାର୍। "ମିଠାଘାସ", "ପ୍ରଜାପତି ଙ୍କ ସଭା ଓ ଟୁକୁନା" ଭଳି ଶିକ୍ଷଣୀୟ ଗଳ୍ପ ସହିତ ରହିଚି "ଗଧିଆ ଆଣିଛି ଦୁତିୟାଭାର" ଭଳି ଅନେକ ମଜାଦାର କବିତା।

କୁନି ଆଦବିକା ଏଥର ତା କୁନି ହାତରେ ଗୋଟେ ବଡ ସୂର୍ଯ୍ୟଙ୍କୁ ଆଙ୍କି ଦେଇଛି ଯେମିତି ଶୀତରେ ଶୀକୁଡି ଯାଇଥିବା ଏ ଧରା, ସୂର୍ଯ୍ୟଙ୍କ ତେଜରେ ପୁଣି ଶୀଘ୍ର ସବୁ ସଚେତ୍ ହୋଇ ଉଠିବେ।

ସତରେ, ଏ ବର୍ଷ ଟିକେ ଅଧିକା ଥଣ୍ଡା ପଡିଲା ପରି ଲାଗୁଚି। ତେଣୁ ସମସ୍ତ ଙ୍କୁ ଅନୁରୋଧ, ଥଣ୍ଡାର ଉପଯୁକ୍ତ ପ୍ରତିକାର ସହିତ ନିଜକୁ ସୁସ୍ଥ ଓ ସୁରକ୍ଷାରେ ରଖନ୍ତୁ।

ଜୟ 'ବେଦାନ୍ତୀ', ଜୟ ପାଠକ ବୃନ୍ଦ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ଫେବୃୟାରୀ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୨/୨୦୨୩ | ଭୈମୀ ଏକାଦଶୀ (ବଡ), ବ୍ୟାସ ସରୋବର ମେଳା ଓ ବରାହ ଦ୍ୱାଦଶୀ |
| ୦୩/୦୨/୨୦୨୩ | ନିତ୍ୟାନନ୍ଦ ମହାପ୍ରଭୁଙ୍କ ଜନ୍ମୋତ୍ସବ |
| ୦୪/୦୨/୨୦୨୩ | ଶିବ ଚତୁର୍ଦ୍ଦଶୀ ଉପବାସ |
| ୦୫/୦୨/୨୦୨୩ | ମାଘ ପୂର୍ଣ୍ଣିମା, ମାଘ ବ୍ରତ ସମାପନ, ଗଜ ଉଦ୍ଧାରଣ ବେଶ, ଅଗ୍ନ୍ୟୁତ୍ସବ, ଚନ୍ଦ୍ରପୂଜା, ଜୋରନ୍ଦା ମେଳା |
| ୧୩/୦୨/୨୦୨୩ | କୁମ୍ଭ ସଂକ୍ରାନ୍ତି |
| ୧୬/୦୨/୨୦୨୩ | ପଙ୍କୋଦ୍ଧାର ଏକାଦଶୀ |
| ୧୭/୦୨/୨୦୨୩ | ଶରଣ ଆରମ୍ଭ |
| ୧୮/୦୨/୨୦୨୩ | ମହାଶିବ ରତ୍ରି (ଜାଗ୍ର) |
| ୧୯/୦୨/୨୦୨୩ | ସବେ-ମେରାଜ |
| ୨୦/୦୨/୨୦୨୩ | ଅମାବାସ୍ୟା |
| ୨୧/୦୨/୨୦୨୩ | ଚନ୍ଦ୍ରଦର୍ଶନ ଓ ଶରଣ ଶେଷ |

ISSN NO.
2582-208X

# ଚନ୍ଦ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା -vedantimagazine@gmail.com/ editor.vedantimagazine@gmail.com

## ଜାନୁୟାରୀ ମାସର ବିଜେତାଙ୍କ ନାମ



ISSN NO.
2582-208X

ମାଟି ହାଣ୍ଡି ରନ୍ଧା ଖାଦ୍ୟ ସଭିଙ୍କ ପସନ୍ଦ
ତାର ସ୍ୱାଦର ଉପମା ନାହିଁ
ଏହି ଖାଦ୍ୟ ପାଇଁ ଝୁରୁଛୁ ଆମେ ତ
କାହିଁ କେତେ ଦିନୁ ନାହିଁ

ଚନ୍ଦନ ମିଶ୍ର, ଲକ୍ଷ୍ମୀସାଗର, ଭୁବନେଶ୍ୱର

ମନେପଡେ ଆଜି ଜେଜେମାଆ କଥା
କେତେ ସିଏ ରାନ୍ଧୁଥିଲା
ମାଟିହାଣ୍ଡି ଖାଦ୍ୟ ପରସୁଥିଲା ସେ
ତାହାର ଉପମା ନଥିଲା

ନିର୍ମଳ ବେହେରା, କେନ୍ଦ୍ରାପଡା

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚିତ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚିତ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା - vedantimagazine@gmail.com

ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**
vedantimagazine@gmail.com /editor.vedantimagazine@gmail.com

ISSN NO.
2582-208X

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପାଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ ।ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତୁ ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.comକୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚ୍ଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com । ପ୍ରତ୍ୟେକ ମାସ ୫ ତାରିଖ ଭିତରେ ପ୍ରାପ୍ତ କରାଯାଇଥିବା ଲେଖାଗୁଡିକୁ ସେହି ମାସରେ ହିଁ ପ୍ରକାଶ କରାଯାଇଥାଏ । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ (ସମସ୍ତ ସଂଖ୍ୟା) ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**